

# ଉତ୍କଳ ପ୍ରସଙ୍ଗ

ରଥଯାତ୍ରା ବିଶେଷାଙ୍କ

VOL. XLIX No. 10 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment




କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ ଲାଞ୍ଜିଗଡ଼ରୋଡ୍–ଜୁନାଗଡ଼ ରେଳ ଲାଇନ୍ ନିର୍ମାଣର ଶୁଭାରମ୍ଭ କରୁଛନ୍ତି । ଉକ୍ତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉପସ୍ଥିତ ଅଛନ୍ତି ।



କଳାହାଣ୍ଡି ଜିଲ୍ଲା ମୁନିଗୁଡ଼ାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମରୁଡ଼ି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ତଥା ସ୍ଥାନୀୟ ନେତାମାନଙ୍କୁ ଭେଟୁଛନ୍ତି ।



ସଚିବାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଯୋଗଦାନ କରିଛନ୍ତି (୨୦/୮) ।




ସୂଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ପ୍ରଶାସନିକ ସେବା ସଂଘର ପଦାଧିକାରୀମାନଙ୍କ ସାଧାରଣ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି । ଅର୍ଥ ମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲ୍ ଉକ୍ତ ଅଧିବେଶନରେ ଯୋଗଦାନ କରିଛନ୍ତି (୨୪/୮) ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୧୧ଶ ସଂଖ୍ୟା ଜ୍ୟେଷ୍ଠ ୧୯୧୫ ଶକାବ୍ଦ ଜୁନ୍ ୧୯୯୩

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
**ଶ୍ରୀ ସତୀଶ ପାଣ୍ଡ**

ପ୍ରଚ୍ଛଦପଟ
ଆଠଗଡ଼ ଦେବୋତ୍ତର ବିଭାଗ ସୌଜନ୍ୟରୁ

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ଖବର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।
"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ହରିରାଜପୁର ଦୋଳ ଉତ୍ସବ | ୧ | ଶ୍ରୀ ବୈରାଗୀ ଜେନା |
| ସମାଜ କଲ୍ୟାଣରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ | ୩ | ଶ୍ରୀ ପଦ୍ମନାଭ ବେହେରା |
| ସମନ୍ୱୟର ଦେବତା ଶ୍ରୀଜଗନ୍ନାଥ | ୬ | ଡ଼ଃ ଶରତ ଚନ୍ଦ୍ର ରଥ |
| ଶ୍ରୀମନ୍ଦିରରେ କଙ୍କଣ ସ୍ମୃତି | ୧୦ | ଶ୍ରୀ କ୍ଷେତ୍ରମୋହନ ପ୍ରଧାନ |
| ଶ୍ରୀମନ୍ଦିରରେ ସକାଳ ଧୂପ | ୧୩ | ଶ୍ରୀ ମହୀମୋହନ ତ୍ରିପାଠୀ |
| ଅଣସର ପଟ୍ଟୀରେ ପୂଜିତ ତିନି ଠାକୁର | ୧୫ | ଶ୍ରୀ ଶରତ ଚନ୍ଦ୍ର |
| ଶାକ୍ତ କ୍ଷେତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜା | ୧୭ | ଶ୍ରୀ ଦାମୋଦର ସାହୁ |
| ଆମ ଠାକୁର ଜଗା କାଳିଆ | ୨୧ | ଶ୍ରୀ ନୀଳଗିରି ରବି ସାହୁ |
| ପ୍ରାକୃତିକ ସମ୍ପଦର ଶୋଷଣ ହିଁ ଆମର ବନ୍ଧନ | ୨୫ | ଶ୍ରୀ ଶରତ କୁମାର ବିଶ୍ୱାଳ |
| ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ | ୨୮ | ଶ୍ରୀ ଗନ୍ଧର୍ବସେନ ରଣା |
| ଶ୍ରୀଜଗନ୍ନାଥ ଓ ରଥଯାତ୍ରା | ୩୧ | ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ |
| ଯୁଗେ ଯୁଗେ ତୁଳସୀ କ୍ଷେତ୍ର | ୩୩ | ଡ଼ଃ ବାସୁଦେବ ଦାସ |
| କୃଷକ ପାଇଁ ବହୁ ବୃତ୍ତି କାର୍ଯ୍ୟକ୍ରମ | ୩୬ | ଡ଼ଃ ବିଶ୍ୱନାଥ ଷଡ଼ଙ୍ଗୀ<br>ସରୋଜକାନ୍ତ ଦାସ |
| ଦ୍ୱିତୀୟ ଈଶ୍ୱର | ୩୯ | ଧ୍ରୁବ୍ ଖୁଣ୍ଟିଆ |
| କୁହ ମହାବାହୁ | ୪୦ | ବିଜୟ କୁମାର ଦାଶ |
| ମୁଖପଦ୍ମ ବିମୁଗ୍ଧ ଭ୍ରମର | ୪୧ | ପ୍ରହରାଜ ସତ୍ୟନାରାୟଣ ନନ୍ଦ |
| ପ୍ରାର୍ଥନା ପ୍ରଭୁଙ୍କୁ | ୪୨ | ପ୍ରଫୁଲ୍ଲ ପଟ୍ଟନାୟକ |
| ଲକ୍ଷେ ଯୋଜନରେ | ୪୩ | କୃଷ୍ଣ ମିଶ୍ର |
| ଅନ୍ୱେଷଣ | ୪୪ | ସତ୍ୟନାରାୟଣ ମିଶ୍ର |
| କାଳିଆଠୁ କିଏ କାହିଁ | ୪୫ | ଭାସ୍କର ଚନ୍ଦ୍ର ଦାଶ |
| ସମର୍ପଣ | ୪୬ | ଶ୍ରୀ ହୃଷିକେଶ ତ୍ରିପାଠୀ |
| କେନ୍ଦୁଝରର ବଡ଼ ଦେଉଳ ଓ ବଡ଼ ଠାକୁର | ୪୭ | ଦେବାଶିଷ ଚକ୍ରବର୍ତ୍ତୀ |
| ଶ୍ରୀଜଗନ୍ନାଥ ଓ ରଥଯାତ୍ରା | ୫୦ | ଶ୍ରୀ ଯୋଗାଚାର୍ଯ୍ୟ ପଣ୍ଡିତ ରମାକାନ୍ତ କର |
| କାଳିଆରେ କାଳିଆ | ୫୨ | ବନବିହାରୀ ପଟ୍ଟନାୟକ |
| ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ଯାତ୍ରା | ୫୩ | ଶ୍ରୀ ଚିତ୍ତରଞ୍ଜନ ଦାଶ |
| ଶ୍ରୀସୁଦର୍ଶନ | ୫୬ | ପଣ୍ଡିତ ସ୍ମରଣ ରାମ ଦାସ |
| ଶ୍ରୀମଦ୍ ଭାଗବତରେ ଅବତାର ପ୍ରସଙ୍ଗ | ୬୨ | ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର |
| ପଥର ଖସାନ୍ତି ବଡ଼ ଠାକୁର | ୬୬ | ଶ୍ରୀ ରାଧାନାଥ ଦାସ |
| ଶ୍ୱେତଗଙ୍ଗ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା<br>ଏବଂ ନବ କଳେବର | ୬୯ | ଡ଼ଃ ସତ୍ୟନାରାୟଣ ରାଜଗୁରୁ |
| ବିଶ୍ୱାସେ ମିଳଇ ହରି | ୭୪ | ସାନ୍ତ୍ୱନା ମିଶ୍ର |
| ଶ୍ରୀକ୍ଷେତ୍ର, ରତ୍ନ ସିଂହାସନ ଓ ଚୈତନ୍ୟ | ୭୬ | ବୈକୁଣ୍ଠ ମହାପାତ୍ର |
| ବାରମାସେ ତେର ଯାତ | ୭୮ | ଶ୍ରୀ ଘନଶ୍ୟାମ ଦାଶ |
| ଦାର୍ଦ୍ଦ୍ୟତା ଭକ୍ତି | ୮୧ | ବସନ୍ତ କୁମାର ଦାସ |
| ଜଗନ୍ନାଥ | ୮୪ | ପ୍ରସନ୍ନ ପାଢଶାଣୀ |
| ଜଗନ୍ନାଥ ସ୍ତୁତି ସନ୍ତକ | ୮୫ | ଶ୍ରୀ ସତୀଶ ପାତ୍ର |
| ଯାହାର ଯାହା ଜଗନ୍ନାଥ | ୮୬ | ଶ୍ରୀ ଗଣେଶ ପ୍ରସାଦ ପରିଜା |
| ଜଗନ୍ନାଥ ଉପାସନାର ପ୍ରାଚୀନତା | ୯୧ | ପଙ୍କଜ ସାହୁ |

# ସମ୍ପାଦକୀୟ

## ସୌଭାଗ୍ୟର ଦିନ ରଥଯାତ୍ରା

ଜଗତର ନାଥ – ଜଗନ୍ନାଥ । ବିଚିତ୍ର ମୂର୍ତ୍ତି, ବିଚିତ୍ର ପ୍ରକୃତିଆରେ ଜଗତର ନାଥ ଜଗନ୍ନାଥଙ୍କ ଲୀଳା ମଧ୍ୟ ଅତ୍ୟନ୍ତ ବିଚିତ୍ରମୟ । ଏ' ଜଗତରେ ଥିଲେ ଜଗନ୍ନାଥ ନିଜେ ନିଜର ମୂର୍ତ୍ତି ନିର୍ମାଣ କରି ନଥାନ୍ତେ । ନିଜର ମୂର୍ତ୍ତି ନିଜେ ନିର୍ମାଣ କରି ନିଜେ ରୂପ ଦେଇଥିଲେ ହେଁ ସେହି ମୂର୍ତ୍ତିରେ କାନ ନାହିଁ, ବାହୁ ନାହିଁ, ପାଦ ନାହିଁ । କାନ ନଥାଇ ମଧ୍ୟ ଶ୍ରୀଜଗନ୍ନାଥ ଭକ୍ତ ସୁଦାମାଙ୍କ ଡାକକୁ ଶ୍ରବଣ କରିଛନ୍ତି । ବାହୁ ନଥାଇ ମଧ୍ୟ ବାହୁ ପ୍ରସାରୀ ଦାସିଆ ବାଉରିର ନଡ଼ିଆ ଭୋଗ ଗ୍ରହଣ କରିଛନ୍ତି । ପାଦ ନଥାଇ ମଧ୍ୟ ଭକ୍ତ ସାଲବେଗଙ୍କ ବିପଦରେ ପହଞ୍ଚିବା ଭକ୍ତକୁ ଉଦ୍ଧାର କରିଛନ୍ତି । ଏଭଳି ଅନେକ ଦୃଷ୍ଟାନ୍ତ ରହିଛି । ସେଥିପାଇଁ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମହାପ୍ରଭୁ । କାନ ନଥାଇ ସେ ମହାକର୍ଣ୍ଣ । ବାହୁ ନଥାଇ ମଧ୍ୟ ସେ ମହାବାହୁ । ପାଦ ନଥାଇ ମଧ୍ୟ ସେ ପଦ୍ମପାଦ । ବିଚିତ୍ର ପ୍ରକୃତିର ବିଚିତ୍ର ଠାକୁର ।

ବିଚିତ୍ର ଠାକୁରଙ୍କ କାହାଣୀ ମଧ୍ୟ ଅତି ବିଚିତ୍ର । ଭାଇ ଏବଂ ଭଉଣୀଙ୍କ ସହିତ ନିଜେ ଜଗନ୍ନାଥ ଏକାଠି ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି, ଯାହାକି ଅନ୍ୟ କୌଣସି କ୍ଷେତ୍ରରେ ଦେଖିବାକୁ ମିଳେ ନାହିଁ । ଜାତିକୁ ଜାତି ଭେଦକୁ ଉଚ୍ଛେଦ କରି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପବିତ୍ର ମନରେ ଭକ୍ତ ଅନ୍ୟ ଜଣଙ୍କ ହାତରୁ ମହାପ୍ରସାଦ ଗ୍ରହଣ କରୁଛନ୍ତି । ଏହା ସାରା ବିଶ୍ୱବାସୀଙ୍କ ପାଇଁ ଏକ ବାର୍ତ୍ତା । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ଜଗନ୍ନାଥଙ୍କ ଏହି ବାର୍ତ୍ତାର ଆବଶ୍ୟକତା ଆଜି ପ୍ରତ୍ୟେକ ଦେଶ ଅନୁଭବ କରୁଛି । ବିଚିତ୍ର ଠାକୁରଙ୍କ ଏଭଳି ଅନେକ ବିଚିତ୍ର କାହାଣୀ ରହିଛି ।

ଜଗନ୍ନାଥଙ୍କ ବାର ମାସରେ ତେର ଯାତ୍ରା ମଧ୍ୟରେ ରଥଯାତ୍ରା ଉତ୍ସବ ସର୍ବ ଶ୍ରେଷ୍ଠ । ଏହି ଉତ୍ସବ ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ, ଏପରିକି ବିଦେଶରୁ ମଧ୍ୟ ଭକ୍ତମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଜମା ହୋଇଥାନ୍ତି । ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ଜଗନ୍ନାଥଙ୍କ ପ୍ରଧାନ ସେବକ ଭାବେ ପୁରୀ ଗଜପତି ନିଜେ ଆସି ଛେରା ପହଁରା କରନ୍ତି । ଛେରା ପହଁରା କରିବା କାର୍ଯ୍ୟଟି ନୀଚ କାର୍ଯ୍ୟ ବୋଲି ମନେ ନକରି ପରମ୍ପରାଗତ ଏହି ସୌଭାଗ୍ୟ ପାଇଁ ଗଜପତି ନିଜକୁ ଭାଗ୍ୟବାନ ମନେ କରନ୍ତି ।

ଏହି ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଅତୀତରେ ଅନେକ ଅଲୌକିକ ଘଟଣା ଘଟିଛି, ଯାହାକି ସମବେତ ହୋଇଥିବା ଲକ୍ଷ ଲକ୍ଷ ଭକ୍ତ ଜନଙ୍କ ମନ ଓ ଭାବକୁ ଅଧିକ ପ୍ରଭାବିତ କରିଛି । ଗତ ବର୍ଷର ରଥଯାତ୍ରା ଉତ୍ସବ ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ ।

୨୦୧୯ ଜୁଲାଇ ଦୁଇ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ଉତ୍ସବରେ ରଥ ଉପରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କୁ ସହଜ ପ୍ରଣାମ ରଥଯାତ୍ରା ବିଶେଷଜ୍ଞଙ୍କ ସମର୍ପଣ କରିବା ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ବିଜୁବାବୁ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ଆଖିରୁ ଧାର ଧାର ଲୁହ ଝରାଇ ଜଗନ୍ନାଥଙ୍କୁ ଅନେକ କଥା କହି ପକାଇଥିଲେ । ବିଜୁ ବାବୁଙ୍କ ଆଖିର ଲୁହ ଧାର ଦେଖି ଉପସ୍ଥିତ ଜନତା ମଧ୍ୟ ନିଜ ଆଖିର ଲୁହକୁ ରୋକି ରଖିପାରି ନଥିଲେ । ବିଜୁବାବୁଙ୍କ ଆଖିର ଲୁହ ଏବଂ ଆବେଗପୂର୍ଣ୍ଣ ଭାଷାରୁ ଅନୁମାନ କରାଯାଉଥିଲା ଯେ ଯେପରିକି କାଳିଆ ଠାକୁର ଆଗାମୀ ଦିନର କିଛି ଅଘଟଣ ସମ୍ପର୍କରେ ବିଜୁବାବୁଙ୍କୁ ସୂଚନା ଦେଇଛନ୍ତି, ଯେଉଁଥି ପାଇଁ ବିଜୁବାବୁ ଅଧୀର ହୋଇ ପଡ଼ିଛନ୍ତି । ଯାହା ସମର୍ପଣ କଲେ ମଧ୍ୟ ସବୁ ଜଗନ୍ନାଥଙ୍କ ସୃଷ୍ଟି ଏବଂ ଜଗନ୍ନାଥଙ୍କ ଜିନିଷ ଜଗନ୍ନାଥଙ୍କୁ ସମର୍ପଣ କରିବାକୁ ପଛାଇ ନକରି ବିଜୁବାବୁ ନିଜ ଆଖିର ଲୁହକୁ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂର୍ଣ୍ଣ ଭାବରେ ଅଜାଡ଼ି ଦେଇଛନ୍ତି । ପ୍ରକୃତ ଅର୍ଥ କରିବାକୁ ଗଲେ ଏହା ଜଗନ୍ନାଥଙ୍କ ଚରଣରେ ବିଜୁବାବୁଙ୍କ ଭକ୍ତିର ଅଶ୍ରୁ, ଓଡ଼ିଶାର ମଙ୍ଗଳ କାମନା କରି, ଓଡ଼ିଶାବାସୀଙ୍କ ପ୍ରତି ବିଜୁବାବୁଙ୍କ ମମତାର ଅଶ୍ରୁ ।

ଏହି ଘଟଣାକୁ ଯିଏ ନିଜେ ଦେଖିଛି ଏବଂ ଗଭୀର ଭାବେ ଅନୁଧ୍ୟାନ କରିଛି, ସେ ନିଶ୍ଚିତ ଭାବେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଓଡ଼ିଶା ପ୍ରତି କିଛି ପ୍ରାକୃତିକ ବିପତ୍ତି ଆସିବାର ଜଗନ୍ନାଥଙ୍କ ପାଖରୁ ସୂଚନା ପାଇ ସେଥିରୁ ରକ୍ଷାର ନିମନ୍ତେ ବିଜୁବାବୁ ଏହି ଲୁହର ନିବେଦନ କରୁଛନ୍ତି ।

ଅନ୍ୟ କେହି ହୋଇଥିଲେ ଅଧୀର ନହେବ ବୋଲି ବିଜୁବାବୁ ଅନ୍ତରର କୋହକୁ ମନ ଭିତରେ ଚାପି ରଖିଛନ୍ତି । ଲୋକଙ୍କ ଅନୁମାନ ନିର୍ଭୁଲ ବୋଲି ପରବର୍ତ୍ତୀ ସମୟ ପ୍ରମାଣିତ କରିଛି । ବଡ଼ ଦେଉଳରୁ ବଡ଼ ପଥର ଖସି ପଡ଼ିଲା । ଭକ୍ତି ଅଶ୍ରୁରେ ଭଗବାନ ବାନ୍ଧି ହୋଇ ରହିଥିବାରୁ ବିଜୁବାବୁଙ୍କ ନିବେଦନର ଉପଯୁକ୍ତ ଫଳ ମିଳିଲା । ବଡ଼ ଦେଉଳରେ ପ୍ରତ୍ୟେକ ସମୟରେ ହଜାର ହଜାର ଭକ୍ତଙ୍କ ସମାବେଶ ହେଉଥିଲେ ହେଁ ଏହି ପଥର ଖସି ପଡ଼ିବା ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା ବଡ଼ ଦେଉଳ କ୍ଷତି ପହଞ୍ଚିନାହିଁ । ଏହା ହିଁ ଜଗନ୍ନାଥଙ୍କ ଉଦାରତା ଏବଂ ବିଚିତ୍ର ଲୀଳା ମଧ୍ୟରେ ଏହା ଆଉ ଏକ ବୈଚିତ୍ର୍ୟ । ଭକ୍ତ ପାଇଁ ଭଗବାନଙ୍କ କରୁଣାର ଜ୍ୱଳନ୍ତ ନିଦର୍ଶନ ।

ଜଗନ୍ନାଥଙ୍କ ଆଶୀର୍ବାଦରେ ବିଜୁବାବୁ ବାରମ୍ବାର ନିଜେ ଦୋହରାଇ କହିବା ପଛରେ ବଡ଼ ଦେଉଳର ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ଭିତରେ ସମ୍ପୂର୍ଣ୍ଣ ହୋଇଛି, ଯାହାକି ସମଗ୍ର ଦେଶବାସୀଙ୍କ ପାଇଁ ଏକ ବିରାଟ ବିସ୍ମୟର ବିଷୟ ହୋଇ ପଡ଼ିଥିଲା । କେବଳ ସେତିକି ନୁହେଁ, ଜଗନ୍ନାଥଙ୍କ କରୁଣା ଲାଭ କରି ବିଜୁବାବୁ ଅନେକ ଅସାଧ୍ୟ କାର୍ଯ୍ୟକୁ ମଧ୍ୟ ସାଧନ କରିବାକୁ ସକ୍ଷମ ହୋଇ ସମଗ୍ର ଭାରତବର୍ଷରେ ଗୌରବର ଅଧିକାରୀ ହୋଇ ପାରିଛନ୍ତି ।

ଆଜି ପୁଣି ସେହି ସୌଭାଗ୍ୟର ଦିନ ରଥଯାତ୍ରା ଆସି ପହଞ୍ଚିଛି । ସେହି ଶ୍ରେଷ୍ଠ ଭକ୍ତ ବିଜୁବାବୁଙ୍କ ସହିତ ଆମେ ସମସ୍ତେ ଏକାଠି ହୋଇ ନିଜକୁ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିବା ସୁଯୋଗ ଆସିଛି, ଏହା ଆମ ପାଇଁ ପରମ ସୌଭାଗ୍ୟ ।

ଉତ୍ସବରେ ଏତେ ସଂଖ୍ୟାରେ ବାଣ ଫୁଟାଯାଏ ଯେ ଏହି ଉତ୍ସବକୁ କେହି କେହି ମହାଦେବଙ୍କ ବାଣ ଉତ୍ସବ ଆଖ୍ୟା ଦିଅନ୍ତି । ମେଳନ ପଡ଼ିଆରେ ଠାକୁରମାନଙ୍କର ବସିବାପାଇଁ ସ୍ଥାନ ସୁସଜ୍ଜିତ ହୋଇଥାଏ । ବ୍ରାହ୍ମ ମୁହୂର୍ତ୍ତରେ ପ୍ରଭୁ ସୋମନାଥ ତାଙ୍କର ଦୁଇ ସହଯୋଗୀ ଓ ଶୁରୀ ସହୋଦରଙ୍କ ସହିତ ଆସନ ଗ୍ରହଣ କରନ୍ତି । ସେହି ସମୟରେ ଅନ୍ୟାନ୍ୟ ଠାକୁରଙ୍କୁ ସେବକମାନେ ବାଟ ବରଣକରି ଉଦ୍ଦିଷ୍ଟ ଆସନରେ ବସାନ୍ତି । ତିନିଦିନ ଧରି ପୂଜା ଭୋଗ ଆଦି ଯାବତୀୟ ନୀତି କରାଯାଏ । ମେଳନ ଦିନ ରଥବେଦୀ ଲଙ୍କେଳଦ୍ୱାରା ଦଳ କରାଯାଏ । ପ୍ରତ୍ୟେକ ଠାକୁରଙ୍କୁ ଯଥା ବିଧି ସମ୍ମାନ ପଇସା ବାଟ ଖର୍ଚ୍ଚ ଦିଆଯାଏ । ମେଳନ ଦିନ ଗୋଧୂଳି ପୂର୍ବରୁ ପ୍ରଥମେ ସୋମନାଥ ଦେବ ଆସନ ଛାଡ଼ି ରଥବେଦୀ ଚାରିପାଖେ ବୁଲନ୍ତି । ପ୍ରତ୍ୟେକ ବିମାନରେ ବିରାଜିତ ଠାକୁର ତାଙ୍କ ନିକଟରେ ଫଗୁଖେଳରେ ଆଚ୍ଛାଦିତ ହୋଇ ନାଚି ନିଜ ଗ୍ରାମ ଅଭିମୁଖେ ଯାତ୍ରା କରନ୍ତି । ଶେଷରେ ବାଣ ମୁକୁନ୍ଦଙ୍କ ସହିତ ରଥବେଦୀରେ ବସି ଦହିପଖାଳ ଭୋଗ, ଅଧରପଣା ସେବନକରି ଅନେକ ରାତିରେ ସ୍ୱଗୃହକୁ ବାହୁଡ଼ନ୍ତି ।

---

ମନ୍ତ୍ରୀ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଓଡ଼ିଶା ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କମାକ୍ଷା ପ୍ରସାଦ ସିଂହଦେଓ ଓ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟ୍ଟଶାଣୀ ।

# ହରିରାଜପୁର ଦୋଳ ଉତ୍ସବ

* ଶ୍ରୀ ବୈରାଗୀ ଜେନା

ହରିରାଜପୁର ଏକ ମହାନ ପୀଠ । ଏଠି ପ୍ରଭୁ ସୋମନାଥଙ୍କର ପବିତ୍ର ମନ୍ଦିର ନିକଟରେ ଦୋଳ ଉତ୍ସବ ଅନୁଷ୍ଠିତ ହୁଏ । ପୁରୀ ଜିଲ୍ଲାର ଏହି ହରିରାଜପୁର ମେଳନ ବହୁ ପୁରାତନ ଓ ଜନସମାଗମ ଅନୁପମ । ପ୍ରତ୍ୟେକ ବର୍ଷ ଚୈତ୍ର ମାସ କୃଷ୍ଣ ପକ୍ଷ ପଞ୍ଚମୀ ତିଥିରେ ପଞ୍ଚୁଦୋଳ ଉତ୍ସବ ଅନୁଷ୍ଠିତ ହୁଏ । ଏହି ମେଳନ ପ୍ରାୟ ୬/୭ ଦିନ ଧରି ଚାଲେ ।

କିମ୍ବଦନ୍ତୀରୁ ଜଣାଯାଏ; ଦିନେ ଏକ ଗୋପାଳ ବାଳକ ହରିରାଜପୁର ଗ୍ରାମଠାରୁ ୨୦୦ ହାତ ଦୂରରେ ଏକ ଜଙ୍ଗଲିଆ ଜାଗାରେ ଗାଈ ଚରାଉଥିଲାବେଳେ ଦେଖିଲା ଯେ ପ୍ରତିଦିନ ନିର୍ଦ୍ଦିଷ୍ଟ ଏକ ଜାଗାରେ ତା'ର କାଳି ଗାଈ ବାଛୁରୀର ବିନା ସାହାଯ୍ୟରେ କ୍ଷୀର ମନକୁ ମନ ଦେଉଛି । ଏହି ଘଟଣା ଗାଁରେ ପ୍ରଘଟ ହୋଇଯିବା ଫଳରେ ବହୁ ଲୋକ ସ୍ୱଚକ୍ଷୁରେ ଏହି ଅଲୌକିକ ଘଟଣା ଦେଖିଲେ । ଏହାପରେ ଗଞ୍ଜାମ ଜିଲ୍ଲାର କେତେକ ବ୍ରାହ୍ମଣ ଏଠାରେ କୁଡ଼ିଆ ସ୍ଥାପନ କରି ଏହି ପୀଠକୁ ତାନ୍ତ୍ରିକ ବିଧିରେ ପ୍ରତିଷ୍ଠା କଲେ । ତାଙ୍କଦ୍ୱାରା ସେତେବେଳର ଯେଉଁ ଯଜ୍ଞ ମଣ୍ଡପ ନିର୍ମିତ ହୋଇଥିଲା ତାହା ବର୍ତ୍ତମାନର ଭୋଗମଣ୍ଡପ ନାମରେ ନାମିତ ହୋଇଛି ।

ଏଠାରେ ମହାପ୍ରଭୁ ସୋମନାଥ ମନ୍ଦିର ବହୁ ପୁରାତନ ହେଲେ ମଧ୍ୟ ଏହାର ପରିବେଶ ଅତ୍ୟନ୍ତ ମନ ମୁଗ୍ଧକର । ମାଙ୍କଡ଼ା ପଥର ନିର୍ମିତ ଏହି ମନ୍ଦିର ସହିତ ଠାକୁରାଣୀ ପାର୍ବତୀଙ୍କ ମନ୍ଦିର ସଂଯୁକ୍ତ । ପାର୍ଶ୍ୱରେ କାର୍ତ୍ତିକେଶ୍ୱର, ଗଣେଶଙ୍କର ଆସ୍ଥାନ ରହିଥିବା ବେଳେ ହନୁମାନ, ସାବିତ୍ରୀ, ବୃନ୍ଦାବତୀ, ଅର୍ଦ୍ଧନାରୀଶ୍ୱର ଓ କ୍ଷେତ୍ରପାଳ ବେଢ଼ା ମଧ୍ୟରେ ପୂଜିତ ହେଉଛନ୍ତି । ଏହାର ବେଢ଼ାର ଆୟତନ ପ୍ରାୟ ହାରା ହାରି ୭ ହଜାର ବର୍ଗ ଫୁଟ । ବେଢ଼ାର ଦକ୍ଷିଣ ଦ୍ୱାର ନିକଟରେ ୨୧ ଟି ପାହାଚ ବିଶିଷ୍ଟ ମାଙ୍କଡ଼ା ପ୍ରସ୍ତରରେ ନିର୍ମିତ ନୀଳ ପୋଖରୀ ଅଛି । କଥିତ ଅଛି ଯେ ସାପ କାମୁଡ଼ା ରୋଗୀ ନୀଳ ପୋଖରୀରେ ସ୍ନାନ କରି ପାଦୁକ ସେବନ କଲେ ଏବଂ ୨୧ ଦିନ ହବିଷ୍ୟାନ୍ନରେ ରହିଲେ ଆରୋଗ୍ୟ ଲାଭ କରନ୍ତି । ଏଠାରେ ୨୧ ଦିନ କାଳ ଚନ୍ଦନଯାତ୍ରା, ବିଶ୍ୱଶାନ୍ତି ଯଜ୍ଞ ହେଲେ ମଧ୍ୟ "ପଞ୍ଚୁଦୋଳ ମେଳନ"ପାଇଁ ଏହି ପୀଠ ପ୍ରସିଦ୍ଧ ।

ଏହି ପଞ୍ଚୁ ଦୋଳ ଉତ୍ସବ ବହୁ ପୁରାତନ ଉତ୍ସବ ଏବଂ ଏହା ୧୬୬୮ ମସିହାରେ ବାବାଜୀ ଗୋବର୍ଦ୍ଧନ ଦାସ ଓ ହରି ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ହରିରାଜପୁରର ହରିସାହୁ ଓ ବାବାଜୀ ଗୋବର୍ଦ୍ଧନ ଦାସ ପୁରୀ ରଥଯାତ୍ରାରୁ ଫେରିବା ସମୟରେ ବାଟରେ ଏକ ମେଳନ ଉତ୍ସବ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ନିଜ ପାଖରେ ଥିବା ୧ ଟଙ୍କା ୪ ଅଣାକୁ ପାଥେୟ କରି [illegible] । ଘରକୁ ଘରେ ବୁଲି ସେମାନେ ଚାନ୍ଦା ଆଦାୟ କଲେ । ହରିରାଜପୁରରେ ସେମାନେ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି ।

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ, ୧୮ଶ ଶତାବ୍ଦୀର ମଧ୍ୟଭାଗରେ ବିଷ୍ଣୁ ପାତ୍ର ନାମକ ଜଣେକ କ୍ଷତ୍ରୀୟ ଠାକୁରଙ୍କର ଆକର୍ଷଣରେ ନିଜର ଭାଗ ସ୍ୱତ୍ୱ ୧୮ ହଳ ଯଣ୍ଡା, ୨୦ ହଳ ଗୋଧନ ଓ ସ୍ୱର୍ଣ୍ଣ ଅଳଙ୍କାର ଆଣି ସାକ୍ଷୀ ଗୋପାଳ ସନ୍ନିକଟ ଦେଉଳପୁର ଗ୍ରାମରୁ ଆସିଥିଲା । ଏଠାରେ ସପରିବାର ବସତି ସ୍ଥାପନ କରି ଠାକୁରଙ୍କ ପାଖରେ ଅଥୟା ପଡ଼ିଥିଲେ । ଏଥିରେ ପ୍ରଭୁ ସୋମନାଥ ପ୍ରସନ୍ନ ହୋଇ ପଞ୍ଚତା ଦାନ କରିଥିଲେ । ବିଷ୍ଣୁ ପାତ୍ର ଦେହରେ ଅସ୍ୱାଭାବିକ ରୋଗ ମଧ୍ୟ ଲକ୍ଷି ନପାରି ପୀଠ ସଂଲଗ୍ନ ପୋଖରୀରେ ୯୯ ଦିନ ବୁଡ଼ି ରହିଥିଲା । ତା'ପରେ ଅଲୌକିକ ଶକ୍ତି ଲାଭକରି ହୁକୁମ ଦେବା ଆରମ୍ଭ କରିଦେଲେ । ତାଙ୍କ ସମୟରେ ନୀଳ ପୋଖରୀ ଖୋଦିତ ହୋଇଥିଲା । ଖନନ ସମୟରେ ବହୁ ମାଙ୍କଡ଼ା ପଥର ବାହାରିବାରୁ ସେଥିରେ ପାଣ ମନ୍ଦିର, ବେଢ଼ା ପ୍ରାଚୀର, ରୋଷଶାଳା, ବାବାଜୀ ମନ୍ଦିର ପ୍ରଭୃତି ତିଆରି କରାଯାଇଥିଲା ।

ପ୍ରଥମେ ନିକଟସ୍ଥ ପାଞ୍ଚଟି ଦୋଳକୁ ନେଇ ମେଳନ ଆରମ୍ଭ ହେଲା । ଏହାକୁ ପଞ୍ଚୁଦୋଳ ମେଳନ କୁହାଗଲା । ହରିରାଜପୁରର ସୋମନାଥ, କଣ୍ଠିଆ ଗ୍ରାମର ବାଲୁକେଶ୍ୱର, ଭିଁସର ଗ୍ରାମର ନୀଳକଣ୍ଠେଶ୍ୱର, କୁଢ଼ାପଡ଼ା ଗ୍ରାମର ସୋମନାଥ ଦେବ ଓ କୁସୁମାଟି–ଛତାଘର ଗ୍ରାମର ଗଡୀଶ୍ୱରଙ୍କର ମେଳନରେ ଭେଟ ହେଲା । କିନ୍ତୁ ବର୍ତ୍ତମାନ ଏହି ପୀଠରେ ୧୦୦ ରୁ ଅଧିକ ଠାକୁରଙ୍କର ସମାଗମ ହେଉଛି । ଦୋଳ ପୂର୍ଣ୍ଣିମା ଦିନଠାରୁ ସୋମନାଥ ଦେବଙ୍କ ଆଜ୍ଞାପୁଷ୍ପ ପଠାଯାଏ । ୧୦୦ ରୁ ଅଧିକ ଠାକୁରଙ୍କୁ ମହାପାତ୍ର ନିମନ୍ତ୍ରଣ କରିଥାନ୍ତି । କୃଷ୍ଣପକ୍ଷ ପଞ୍ଚମୀ ତିଥି ମଧ୍ୟରାତ୍ରିରେ ସୋମନାଥ ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ନାମକ ଦୋଳରେ ବିରାଜମାନ ହୋଇ ଗୋପାଳଜୀ ମଠ, ଗୋସେଇଁ ମଠ ଠାକୁର ଏବଂ ବାଳ ମୁକୁନ୍ଦ ପୋଦ୍ଦ ପରିବାର ମଠ ଠାକୁରଙ୍କୁ ସାଙ୍ଗରେ ନେଇ ବିଭିନ୍ନ ପ୍ରକାର ଉତ୍କଳୀୟ ବାଦ୍ୟର ତାଳେ ତାଳେ ଏବଂ ଘଣ୍ଟେଇନାଚ, ପାଇକ ଆଖଡ଼ା, ଶଙ୍ଖ ନାଚ ଏବଂ ବିଭିନ୍ନ ରଙ୍ଗମର ଆତସବାଜି ସହିତ ହୋଇ ମହା ସମାରୋହରେ ମନ୍ଦିର ନିକଟରୁ ୫୦୦ ମିଟର ଦୂର ମେଳନ ପଡ଼ିଆ ଅଭିମୁଖେ ଯାତ୍ରା କରନ୍ତି । ଏହି ଉତ୍ସବରେ ପ୍ରାୟ ଲକ୍ଷାଧିକ ଲୋକଙ୍କର ସମାଗମ ହୁଏ । ଭକ୍ତଜନମାନଙ୍କର ଆନନ୍ଦମୁଖର ଅବିରତଶୋକ ନିଜେ ନଦେଖିଲେ ବିଶ୍ୱାସ କରି ହେବନାହିଁ । ଏହି

ବିଦ୍ୟାଳୟ ସ୍ଥାପନ, ବିକଳାଙ୍ଗ ଲୋକଙ୍କ ତାଲିମ ଓ ଥଇଥାନ, ପରିତ୍ୟକ୍ତ ଶିଶୁମାନଙ୍କ ଯତ୍ନ, ଅବହେଳିତ ଶିଶୁମାନଙ୍କ ଶିକ୍ଷାବ୍ୟବସ୍ଥା, ଅନାଥ ଶିଶୁମାନଙ୍କ ଲାଳନ ପାଳନ, ଅସହାୟ ମହିଳାମାନଙ୍କ ଆତ୍ମ ନିଯୁକ୍ତି, କର୍ମଜୀବୀ ମହିଳାଙ୍କ ପାଇଁ ନିବାସ ବ୍ୟବସ୍ଥା, ବୃଦ୍ଧ ବୃଦ୍ଧାମାନଙ୍କ ପାଇଁ ରହିବାର ପ୍ରତିଷ୍ଠାପନ, ନିଶାନିବାରଣ, ନିରକ୍ଷରତା ଦୂରୀକରଣ, ନାରୀ ନିର୍ଯାତନା ନିରାକରଣ, ଯୌତୁକ ପ୍ରଥାର ବିଲୋପ ଆଦି ଅନେକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଉପରେ ଦାୟିତ୍ୱ ଦିଆଯାଇଥାଏ । ସରକାରଙ୍କ ଅନ୍ୟାନ୍ୟ ବିଭାଗର ବହୁ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଜଡ଼ିତ କରାଯାଇଥାଏ । ଏହିସବୁ କାର୍ଯ୍ୟ 'ପାଇଁ ହୃଦୟରେ ସମର୍ପଣର ଭାବ ଓ ମନରେ ଆନ୍ତରିକତା ରହିବା ଏକାନ୍ତ ଆବଶ୍ୟକ ହୋଇଥିବାରୁ ସରକାରୀକଳ ଅପେକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପ୍ରାଧାନ୍ୟ ଦିଆଯାଇଥାଏ । ସରକାରୀ କର୍ମଚାରୀଙ୍କ ତୁଳନାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଅଧିକ ତ୍ୟାଗ ଓ ନିଷ୍ଠାର ସହ ସେବା ପ୍ରଦର୍ଶନ କରିବା ଆଶାକରାଯାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୁର୍ନୀତି ଓ ପ୍ରତାରଣାମୂଳକ କାର୍ଯ୍ୟ କଳାପ ଦେଖିଲାପରେ ଲୋକଙ୍କ ମନରୁ ଭଲ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଉପରୁ ମଧ୍ୟ ଆସ୍ଥା ତୁଟିଯାଉଛି । ନିକଟରେ ଜଣେ ବିଭାଗୀୟ କର୍ମକର୍ତ୍ତା ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମଦେବା ପାଇଁ ନିୟୋଜିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଦର୍ଶନ କରି ଜାଣିପାରିଛନ୍ତି ଯେ ସେଠାରେ ନିଯୁକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପୂରା ଦରମା ନଦେଇ, ପ୍ରଶିକ୍ଷାର୍ଥୀନୀମାନଙ୍କ ପ୍ରାପ୍ୟ ଷ୍ଟାଇପେଣ୍ଡ ବଣ୍ଟନ ନକରି ଏବଂ ଆବଶ୍ୟକୀୟ ଉପକରଣମାନ ନକିଣି କାଗଜପତ୍ର ଜାଲିଆତି କରି ସରକାରୀ ଅନୁଦାନର ଅସଦ୍‌ବ୍ୟବହାର କରାଯାଉଛି । ସେହିପରି ଆଉ ଏକ ଅନୁଷ୍ଠାନର କର୍ମକର୍ତ୍ତା ନିଜ ଘରକାନ୍ଥରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏକ ନାମଫଳକ ଝୁଲାଇ କୌଣସି କର୍ମଚାରୀ ନିଯୁକ୍ତ ନକରି ନିଜ ଗାଁର କେତେକ ମହିଳାଙ୍କୁ ତାଲିମ ଦେଉଥିବା କଥା ଖାତାପତ୍ରରେ ମିଛରେ ଦର୍ଶାଇ ସରକାରୀ ଅର୍ଥକୁ ବାଟମାରଣା କରିଥିବା କଥା ଅନୁସନ୍ଧାନରୁ ଜଣାଯାଇଛି । ଶିକ୍ଷାଦାନ, ରକ୍ଷଣାବେକ୍ଷଣ, ଥଇଥାନ ଆଦି କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମଧ୍ୟରୁ କେତେକ ଅନୁଷ୍ଠାନ ଅଧିକ ଆର୍ଥିକ ଅନୁଦାନ ପାଇବା ଉଦ୍ଦେଶ୍ୟରେ ଅଳ୍ପ ହିତାଧିକାରୀ ଥିବା ସ୍ଥଳେ ବହୁତ ହିତାଧିକାରୀ ଥିବା ଦର୍ଶାଇ ସରକାରଙ୍କଠାରୁ ପାଉଥିବା ଅର୍ଥର ସଦୁପଯୋଗ କରୁନଥିବା ମଧ୍ୟ ଦେଖାଯାଉଛି । ନାରୀ ନିର୍ଯାତନା, ନିଶାସେବନ, ଯୌତୁକ ପ୍ରଦାନ ଆଦି ସାମାଜିକ ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା କେତେକ ଅନୁଷ୍ଠାନର କର୍ମକର୍ତ୍ତା ନିଜେ ତାହା କାର୍ଯ୍ୟରେ ପାଳନ କରୁନଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି । କେତେକ ଅନୁଷ୍ଠାନ ଗୋଟିଏ କାର୍ଯ୍ୟ ପାଇଁ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ପୁଣି ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟ ଓ ସେହି ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କ ପାଇଁ ସମାଜ କଲ୍ୟାଣ ବୋର୍ଡ ତଥା ଅନ୍ୟାନ୍ୟ ସାହାଯ୍ୟକାରୀ ସଂସ୍ଥାଠାରୁ ଅନୁଦାନ ପାଇଁ ଆବେଦନ କରୁଥିବା ଦେଖାଯାଉଛି । ବିଦେଶରୁ ଆର୍ଥିକ ସାହାଯ୍ୟ ପାଉଥିବା ଅନୁଷ୍ଠାନମାନଙ୍କ ମଧ୍ୟରୁ କେତେକ ଅନୁଷ୍ଠାନ ଉଚିତ୍ କଲ୍ୟାଣମୂଳକ କାର୍ଯ୍ୟରେ ସେହି ଅର୍ଥ ବିନିଯୋଗ ନକରି ହେରଫେର କରୁଥିବାର ନାନା ଅଭିଯୋଗ ହେଉଛି । ସେହିପରି ହିଂସାକାଣ୍ଡ, ଧର୍ଷଣ, ଧର୍ମାନ୍ତରକରଣ ଆଦି ଅପରାଧମୂଳକ ଘଟଣାରେ ମଧ୍ୟ କେତେକ ଅନୁଷ୍ଠାନର କର୍ମକର୍ତ୍ତା ସମ୍ପୃକ୍ତ ରହୁଥିବା କଥା ଆମ ବିଧାନସଭାରେ ବହୁବାର ଆଲୋଚିତ ହୋଇଛି । ଏଭଳି ବହୁ ଅସଙ୍ଗତ, ଆପତ୍ତିଜନକ ଓ ଅନ୍ୟାୟ କାର୍ଯ୍ୟରେ ଜଡ଼ିତ ରହି ତଥାକଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସମାଲୋଚନାର ଶିକାର ହେବାସାଙ୍ଗକୁ ସମାଜକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ ବହୁ ବାଧାବିଘ୍ନ ସୃଷ୍ଟି କରୁଛନ୍ତି ।

ପ୍ରଶ୍ନ ଉଠିପାରେ ଯେ, କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଦି ସରକାରୀ ଅର୍ଥର ଅସଦ୍ ବ୍ୟବହାର କରୁଛି ବା ନିୟମ ବହିର୍ଭୂତ କାର୍ଯ୍ୟ କରୁଛି, ତେବେ ତା'ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ନିୟନ୍ତ୍ରିତ କରାଯାଉ ନାହିଁ କାହିଁକି ? ଏହାର ଉତ୍ତର ଦେବାବେଳେ ମନରେ ସ୍ୱତଃ ଆଉ ଏକ ପ୍ରଶ୍ନ ଉଠେ—ନିଃସ୍ୱାର୍ଥପରଭାବେ ସେବାକରିବା ପାଇଁ ଉଦ୍ଦିଷ୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ କଡ଼ା ନଜରଦେଇ ତଦାରଖ କରିବା ଯଦି ଆବଶ୍ୟକ ପଡ଼ିବ, ତେବେ ସ୍ୱେଚ୍ଛାସେବୀ ସଙ୍ଗଠନର ମୌଳିକତ୍ୱ ଓ ସ୍ୱତନ୍ତ୍ରତା ବଜାୟ ରହିବ କିପରି ? ଦୁର୍ନୀତିଗ୍ରସ୍ତ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଗ୍ରହଣ କରାଯାଉଛି ଏବଂ କରାଯିବା ଏକାନ୍ତ ଆବଶ୍ୟକ ମଧ୍ୟ; କିନ୍ତୁ ମୂଳକଥା ହେଲା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଦି ଦୋଷାବହ କାର୍ଯ୍ୟରେ ଲିପ୍ତରହେ ତେବେ ସରକାରଙ୍କ ବିଭିନ୍ନ ସମାଜକଲ୍ୟାଣ କାର୍ଯ୍ୟକ୍ରମପ୍ରତି ଲୋକମାନେ ଆକୃଷ୍ଟ ହେବେ କିପରି? ନିର୍ଲିପ୍ତଭାବେ ଲୋକଙ୍କ ସେବା କରିବା ଅପେକ୍ଷା ଅର୍ଥ ସଂଗ୍ରହ ଉପରେ ଅଧିକ ସମୟ ବିତାଉଥିବା ଏବଂ ସଂଗୃହୀତ ପାଣ୍ଠି ଆତ୍ମସାତ୍ କରୁଥିବା ଛୋଟବଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ନାଟ୍ୟସଂସଦରୁ ଆରମ୍ଭ କରି କ୍ରୀଡ଼ା ସମିତି ପର୍ଯ୍ୟନ୍ତ, ଚିତ୍ତବିନୋଦନ କେନ୍ଦ୍ରଠାରୁ ଆରମ୍ଭକରି ଭଜନ ପରିଷଦ ପର୍ଯ୍ୟନ୍ତ ବିଭିନ୍ନ ସଙ୍ଗଠନ 'ସେବା' ଶବ୍ଦକୁ ଯୋଡ଼ି ସୁନ୍ଦର ସୁନ୍ଦର ନାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ରାତାରାତି ଉଭାହେଉଥିବା ଦେଖାଯାଉଛି । ସରକାରୀ ସାହାଯ୍ୟ ପାଉଥିବା ଯାଏଁ ସେମାନେ ସମାଜକଲ୍ୟାଣ ବାହାନାରେ ଲୋକ ଦେଖାଣିଆ ଭାବେ ଧାଁଧପଡ଼ କରୁଥାନ୍ତି ; କିନ୍ତୁ କୌଣସି ସମୟରେ କୌଣସି କାରଣରୁ ସରକାରୀ ସାହାଯ୍ୟ ବନ୍ଦ ହୋଇଗଲେ ସେମାନଙ୍କର ଆଉ ଦେଖାଦର୍ଶନ ମିଳୁନାହିଁ । କେତେକ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ବିଭିନ୍ନ ରାଜନୈତିକ ଦଳ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖି ଦଳୀୟ ଦୃଷ୍ଟିକୋଣକୁ ଆଖିଆଗରେ ରଖି ସେବାକାର୍ଯ୍ୟ କରୁଥିବା ଦେଖାଯାଉଛି । ଆଉ ମଧ୍ୟ ଦେଖାଯାଉଛି ଯେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଜେ କାର୍ଯ୍ୟକରୁଥିବା ସ୍ଥାନ ବା ଅଞ୍ଚଳରେ ଅନ୍ୟ ଉତ୍ସାହୀ ସ୍ୱେଚ୍ଛାନୁଷ୍ଠାନକୁ କାର୍ଯ୍ୟକରିବାର ସୁଯୋଗ ନଦେଇ ଆରମ୍ଭରୁ ତା'ବିରୁଦ୍ଧରେ ଲାଗିପଡ଼ନ୍ତି । ସେମାନେ ପାଉଥିବା ସରକାରୀ ସାହାଯ୍ୟ କାଳେ ଭାଗ ହୋଇ କମିଯିବ ବା ସେମାନଙ୍କ ଦୋଷଦୁର୍ବଳତା କାଳେ ନବାଗତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରକାଶ କରିଦେବ, ସେହି ଆଶଙ୍କାରେ ହେଉ ବା ଅନ୍ୟ କାରଣରୁ ହେଉ ସେମାନେ ଆଉ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେପରି ସେଠାରେ କାମକରି ନପାରେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି । କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ କର୍ମକର୍ତ୍ତାମାନେ କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଗଭୀର ଆନ୍ତରିକତାର ସହ ଉଲ୍ଲେଖନୀୟ ସେବାକାର୍ଯ୍ୟକରି ସରକାରୀ ଅନୁଦାନ ତଥା ସଂଗୃହୀତ ଅର୍ଥର ଉଚିତ ବିନିଯୋଗ କରିପାରୁଥିବାବେଳେ ଉପରଠାଉରିଆ ଓ ଉଦ୍ଦେଶ୍ୟମୂଳକଭାବେ କାର୍ଯ୍ୟକରୁଥିବା ଆଉକେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗୁଁ ଲୋକମାନେ ପ୍ରତାରଣା ଓ

# ସମାଜ କଲ୍ୟାଣରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

* ଶ୍ରୀ ପଦ୍ମନାଭ ବେହେରା

ସମାଜ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରୂପେ ଚଳିତବର୍ଷ ପ୍ରାରମ୍ଭରୁ ମୁଁ ଦାୟିତ୍ୱ ବହନ କରିବାପରେ ଅନେକ ତଥାକଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ସେମାନଙ୍କର ବିଭିନ୍ନ ଉତ୍ସବରେ ଯୋଗଦାନ ପାଇଁ ବ୍ୟାକୁଳତାର ସହ ମୋତେ ନିବେଦନ କରୁଥିବା ମୁଁ ଲକ୍ଷ୍ୟକରୁଛି । ମୁଁ ଯେପରି ନିଶ୍ଚିତଭାବେ ସେମାନଙ୍କ ଉତ୍ସବରେ ଯୋଗଦେଇପାରିବି, ସେଥିପାଇଁ ଆବଶ୍ୟକ ସ୍ଥଳେ ଉତ୍ସବ ଆୟୋଜନ କାର୍ଯ୍ୟକ୍ରମରେ ପରିବର୍ତ୍ତନ ମଧ୍ୟ କରୁଛନ୍ତି । ଉତ୍ସବରେ ଯୋଗଦେଇ ଅନୁଷ୍ଠାନର ପ୍ରଶଂସାଗାନ ଶୁଣି ସଦର ମହକୁମାକୁ ଫେରିବାପରେ ଉଦ୍ୟୋକ୍ତାମାନଙ୍କ ବ୍ୟାକୁଳତାର କାରଣ ତଥା ଅଭିପ୍ରାୟ ଆଉ ଅଛପା ରହୁନାହିଁ । ପୂର୍ବରୁ ଆବେଦନ କରିଥିବା ନିଜର ସମାଜ କଲ୍ୟାଣ କାର୍ଯ୍ୟପାଇଁ ସେହି ଅନୁଷ୍ଠାନକୁ କିପରି ଅବିଳମ୍ବେ ଆର୍ଥିକ ସାହାଯ୍ୟ ମିଳିପାରିବ ବା ନୂତନ ପ୍ରକଳ୍ପ ଆରମ୍ଭ ପାଇଁ କିପରି ସରକାରୀ ସ୍ୱୀକୃତି ଶୀଘ୍ର ଦିଆଯିବ ବା ଅଧିକ ଅନୁଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ସେହି ଅନୁଷ୍ଠାନର ନାମ କିପରି ଅଗ୍ରାଧିକାର ଭିତ୍ତିରେ ସୁପାରିଶ କରାଯିବ, ସେଥିପାଇଁ ସେମାନେ ଉଦ୍ୟମ ଅବ୍ୟାହତ ରଖନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନସହ ସମ୍ପୃକ୍ତ ଆଉକେତେକ ଜଣାଶୁଣା ବ୍ୟକ୍ତି ମୋତେ ତଥା ବିଭାଗୀୟ କର୍ମକର୍ତ୍ତାଙ୍କୁ ସାକ୍ଷାତକରି ସମାଜ କଲ୍ୟାଣ ପାଇଁ କେଉଁ ପ୍ରକଳ୍ପ ହାତକୁ ନେଲେ ଅଧିକ ସରକାରୀ ସାହାଯ୍ୟ ମିଳିପାରିବ ଏବଂ ସେମାନଙ୍କ ଅନୁଷ୍ଠାନ ସମୃଦ୍ଧ ଓ ସ୍ୱଚ୍ଛଳ ହୋଇପାରିବ, ତାହା ବୁଝାଇ କହିବା ପାଇଁ ବହୁ ଅନୁରୋଧ କରିଥିବା ଦେଖାଯାଉଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାମରେ ସରକାର ତଥା ବିଭିନ୍ନ ସାହାଯ୍ୟକାରୀ ସଂସ୍ଥାରୁ ଅଧିକରୁ ଅଧିକ ସମ୍ବଳ ସଂଗ୍ରହ କରିବା ଉଦ୍ଦେଶ୍ୟରେ କିଛି ଲୋକ ସମାଜ କଲ୍ୟାଣ ନାମାବଳୀ ପିନ୍ଧି ଦାଣ୍ଡକୁ ବାହାରୁଥିବା ଲକ୍ଷ୍ୟ କରାଯାଉଛି । ଅବଶ୍ୟ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସରକାରୀ ସାହାଯ୍ୟ ଉପରେ ଗୁରୁତ୍ୱ ନଦେଇ ନିଷ୍ଠା ଓ ନିସ୍ୱାର୍ଥପରତାର ସହ ସମାଜ ସେବାରେ ସତତ ବ୍ରତୀ ରହୁଛନ୍ତି ଏବଂ ଅଧିକ କଲ୍ୟାଣ ମୂଳକ ସେବା ପ୍ରଦର୍ଶନପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛନ୍ତି ।ସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ, କେତେକଙ୍କ ମନ୍ଦ ଉଦ୍ଦେଶ୍ୟ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ଜନ ସାଧାରଣ ଉପଲବ୍ଧି କରୁଛନ୍ତି ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକ ସରକାରୀ ସଂସ୍ଥା ବା ବ୍ୟବସାୟିକ ସଙ୍ଗଠନ ନୁହେଁ । ସ୍ୱଇଚ୍ଛାରେ ଜନସେବାକୁ ଯିଏ ନିଜ ଜୀବନର ବ୍ରତରୂପେ ଗ୍ରହଣକରେ ତାଙ୍କୁ ହିଁ ସ୍ୱେଚ୍ଛାସେବୀ କୁହାଯାଏ । ସେବାକାର୍ଯ୍ୟ ସଙ୍ଗଠିତଭାବେ ସମ୍ପାଦନକଲେ ଅଧିକ ବ୍ୟାପକ ଓ ଫଳପ୍ରଦ ହୋଇଥାଏ । ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୃଷ୍ଟି । କିନ୍ତୁ ଆଜିକାଲି ଦେଖାଯାଉଛି ଯେ ସେବାର ମହତ୍ତ୍ୱ ନବୁଝି ସ୍ୱାର୍ଥସାଧନର ଅଭିଳାଷ ନେଇ ଗାଁ ଗାଁରେ ଅନେକ ସଂଘ, ସମିତି, ପରିଷଦ ଆଦି ଅନୁଷ୍ଠାନ ଗଢିଉଠୁଛି । ଏପରିକି ଗୋଟିଏ ଗୋଟିଏ ସ୍ଥାନରେ ଏକାଧିକ ସଙ୍ଗଠନ ଗଢାଯାଇ ରାଜନୀତିସହ ଜଡିତ ରହିବା ସାଙ୍ଗକୁ ଆର୍ଥିକ ସାହାଯ୍ୟ ପାଇବାପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । କେତେକ ସରକାରୀ କର୍ମଚାରୀ ମଧ୍ୟ ନିଜ ପରିବାର ଲୋକ ବା ଆତ୍ମୀୟସ୍ୱଜନଙ୍କୁନେଇ ସ୍ୱେଚ୍ଛାସେବୀ ସଙ୍ଗଠନ ଗଢୁଥିବାବେଳେ ଆଉକେତେକ ବେକାର ଯୁବକ ତଥା ଅବସର ପ୍ରାପ୍ତ କର୍ମଚାରୀ ନିଜେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରୋଧା ହେଉଥିବା ଦେଖାଯାଉଛି । ସେମାନଙ୍କ ମଧ୍ୟରୁ କେତେକ ଉତ୍ତମ ସେବା ପ୍ରଦର୍ଶନ କରୁଥିବାବେଳେ ଅନ୍ୟକେତେକ ବ୍ୟକ୍ତି ରୋଜଗାରର ଏକ ମାଧ୍ୟମ ରୂପେ ଅନୁଷ୍ଠାନକୁ ବ୍ୟବହାର କରୁଛନ୍ତି । ଚାକିରୀ ଜୀବନରେ ଦେଶର ବା ଲୋକଙ୍କର ସେବା କରିବା ପାଇଁ ସରକାରଙ୍କଠାରୁ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇବାସତ୍ତ୍ୱେ କର୍ତ୍ତବ୍ୟରେ ଅବହେଳାକରି ବିଭିନ୍ନ ଦୁର୍ନୀତିରେ ଲିପ୍ତରହି ବଦନାମ ଅର୍ଜନ କରିଥିବା କେତେକ କର୍ମଚାରୀ ଅବସରପରେ ରାତାରାତି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଖୋଳପିନ୍ଧି ପଦାକୁ ବାହାରୁଥିବାରୁ ସେମାନଙ୍କ ଉଦ୍ଦେଶ୍ୟ ମହତ୍ ବୋଲି ଲୋକେ ବିଶ୍ୱସୁନାହାନ୍ତି । କିନ୍ତୁ ଜଣାଯାଇଛି ଯେ ସେମାନେ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଅପେକ୍ଷା ନିଜର ବୃତ୍ତିଗତ ଅଭିଜ୍ଞତା, ଧାରଣା ବା ସମ୍ପର୍କଯୋଗୁଁ ସରକାରୀ କଳକୁ ବିଭିନ୍ନ ଉପାୟରେ ପ୍ରଭାବିତକରି ସହଜରେ ବିଭିନ୍ନ ସାହାଯ୍ୟ ସୁବିଧା ହାସଲ କରିପାରୁଛନ୍ତି । ଫଳତଃ ନିଷ୍ଠାରସହ ସେବା କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ନ୍ୟାଯୋଚିତ ସାହାଯ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି ।

ସମାଜରେ ଥିବା ଦୀନଦୁଃଖୀ, ପଙ୍ଗୁପୀଡିତ, ଅସହାୟ–ଅବହେଳିତ ଲୋକଙ୍କ ଉନ୍ନତି ତଥା ସମାଜକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ବିଭିନ୍ନ ବିଷୟରେ ଜନ ସଚେତନତା ସୃଷ୍ଟି ଆଦି ସେବାମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକୁ ବିଶେଷତଃ ସଂଶ୍ଳିଷ୍ଟ କରାଯାଇଥାଏ ।ସରକାରଙ୍କ ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ବହୁ କାର୍ଯ୍ୟକ୍ରମ ଯଥା–ଅକ୍ଷମ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର

# ସମନ୍ୱୟର ଦେବତା ଶ୍ରୀଜଗନ୍ନାଥ

* ଡକ୍ଟର ଶରତଚନ୍ଦ୍ର ରଥ

ଶ୍ରୀଜଗନ୍ନାଥ ନୀଳାଚଳ ଧାମରେ ପୂଜିତ ହେଲେ ମଧ୍ୟ ସେ କେବଳ ଉତ୍କଳ ନାଥ ନହୋଇ ସମଗ୍ର ଜଗତର ନାଥ ଭାବରେ ରତ୍ନ ସିଂହାସନରେ ବିରାଜମାନ । ତାଙ୍କ ଆବିର୍ଭାବର ପ୍ରକୃତ ସମସ୍ତ ଇତିହାସ କହିପାରି ନାହିଁ । ମହିମା ତାଙ୍କର ଯେପରି ରହସ୍ୟମୟ, ତାଙ୍କର ନୀତିର ଇତିହାସ ସେପରି ରହସ୍ୟାଛନ୍ନ । ଜଗନ୍ନାଥ ଧର୍ମ ଓ ଦର୍ଶନ ପ୍ରତ୍ୟେକ ଭକ୍ତ, ଭାବୁକ, ଦର୍ଶକ, ଗବେଷକ ତଥା ସାଧକଙ୍କୁ ଯେତିକି ମୁଗ୍ଧ କରେ ସେତିକି ସ୍ତବ୍ଧ କରେ । ଯେତେ ବୁଝିବାକୁ ଚେଷ୍ଟା କଲେ ଦାରୁ ମୂର୍ତ୍ତିଙ୍କୁ ତାହା ସେତେ ଅବୁଝା ରହେ । ବିଶ୍ୱାସ ଦ୍ୱାରା ଯତ୍‌କିଞ୍ଚିତ ତାଙ୍କୁ ବୁଝି ହୁଏ ଓ ତାଙ୍କ ମହିମା ଅନୁଭବ କରି ହୁଏ । ତର୍କ ବଳରେ ତାଙ୍କୁ ଜାଣିବା ଅସମ୍ଭବ । ତାଙ୍କର ଦାରୁ ମୂର୍ତ୍ତି ବିଷୟରେ ବିସ୍ମୃତ କରିବା ଅନୁଚିତ ଏବଂ ବିଶ୍ୱାସରେ ତାଙ୍କୁ ଯିଏ ଯେଉଁ ଭାବରେ ଦେଖୁଥାଏ, ସେ ତାଙ୍କୁ ସେହି ରୂପରେ ଦେଖାଦେଇ ଚତୁର୍ବର୍ଗ ଫଳ ପ୍ରଦାନ କରିଥାନ୍ତି ବୋଲି "ସ୍କନ୍ଦ ପୁରାଣ" ଉତ୍କଳ ଖଣ୍ଡରେ ଉଲ୍ଲେଖ କରାଯାଇଛି ।

"ପ୍ରଚ୍ଛନ୍ନ ବପୁରେ ତସ୍ୟ ତତ୍ତ୍ୱାନ୍ନାସ୍ୟ ବିଶ୍ୱରଯତେ
ଧର୍ମ ଗ୍ରାହ ପ୍ରମାଣେନ ଯାଦୃଗ୍‌ବଦ୍ରୁଷ୍ୟ ସ ଏବ ସଃ
ଚତୁର୍ବର୍ଗ ପ୍ରଦୋ ଦେବୋ ଯୋ ଯଥା ତଦ୍ ବିଭାବୟେତ୍ ।"

ସମଗ୍ର ଭାରତବର୍ଷରେ ଜଗନ୍ନାଥ ହେଉଛନ୍ତି ଏପରି ଏକ ଦେବତା ଯିଏ ସବୁ ଧର୍ମ ଓ ସବୁ ଦର୍ଶନକୁ ଆପଣାର କରି ନିଅନ୍ତି । ସବୁ ଧର୍ମର ବ୍ୟକ୍ତିବିଶେଷ ତାଙ୍କଠାରେ ନିଜ ଧର୍ମର ଶ୍ରେଷ୍ଠ ଓ ମହତ୍ତ୍ୱକୁ ଅନୁଭବ୍ କରି ଭାବ ବିହ୍ୱଳ ହୋଇଥାନ୍ତି । ନିଜର ସବୁ ଆସକ୍ତି, ଅଭିମାନ କ୍ଷଣକରେ ଲୁପ୍ତ ହୋଇଯାଏ । ମନେହୁଏ ଜଗନ୍ନାଥ ଯେପରି ସବୁ ଦେବତାଙ୍କର ଦେବତା, ଜଗନ୍ନାଥ ଦର୍ଶନ ଯେପରି ସବୁ ଦର୍ଶନର ଦର୍ଶନ ସ୍ୱରୂପ । ସବୁ ଧର୍ମ ଓ ଦର୍ଶନରେ ନିଜକୁ ଏବଂ ନିଜ ଭିତରେ ସବୁ ଧର୍ମ ଓ ଦର୍ଶନକୁ ପ୍ରକଟ କରିବାର ଗୌରବରେ ଜଗନ୍ନାଥ ଧର୍ମ ଓ ଦର୍ଶନ ଗୌରବାନ୍ୱିତ ହୋଇ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇ ଆସିଛି । ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯାହାଙ୍କଠାରେ ସବୁ ସମ୍ପ୍ରଦାୟର ଦେବତା ନିଜକୁ ପ୍ରକାଶ କରିପାରନ୍ତି । ନୀଳାଚଳ କ୍ଷେତ୍ର ସମଗ୍ର ଭାରତବର୍ଷରେ ଏକମାତ୍ର କ୍ଷେତ୍ର ଯାହାକୁ ମହା ମିଳନ ପୀଠ ଭାବରେ ଅଭିହିତ କରାଯାଇପାରେ । ଯେଉଁ ଚେତନା ଯୋଗୁ ଏତେ ପ୍ରଶସ୍ତ ଓ ପରିବ୍ୟାପ୍ତ ହୋଇଛି ଜଗନ୍ନାଥ ଚେତନା, ତାହା ହେଉଛି ସମନ୍ୱୟ ଚେତନା । ନିଜକୁ ଅନ୍ୟଠାରେ ଓ ଅନ୍ୟକୁ ନିଜଠାରେ ଅନୁଭବ କରିବାର ପ୍ରଶାନ୍ତ ବିଶାଳତା ଏଥିରେ ରହିଛି ବୋଲି ଏହାର ଖ୍ୟାତି ହୋଇଛି ସୁଦୂର ପ୍ରସାରୀ । ଜଗନ୍ନାଥ ଧର୍ମ ଓ ଦର୍ଶନ କହିଲେ ରତ୍ନ ସିଂହାସନାସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କର ଧର୍ମ ଓ ଦର୍ଶନକୁ ବୁଝାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକତ୍ର ଅବସ୍ଥିତି, ଆଙ୍ଗିକ ରଙ୍ଗ ଶୋଭା, ସେବା ପୂଜା ଇତ୍ୟାଦିରେ ଏହି ସମନ୍ୱୟ ଚେତନା ମୂର୍ତ୍ତିମନ୍ତ ହେଲା ପରି ମନେହୁଏ । ଏଣୁ ଜଗନ୍ନାଥଙ୍କୁ ରାଜା ଭାବରେ ଓ ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ରରାଜ ଭାବରେ ପରିକଳ୍ପନା କରାଯାଇଛି ।

"ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।"

କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବ୍ୟାବହାରିକ ଦିଗରୁ ସମନ୍ୱୟବାଦୀ ଚିନ୍ତା ଓ ଚେତନା ଆଜି ପାଇଁ ଅପରିହାର୍ଯ୍ୟ । ସମନ୍ୱୟ ଆଜିର ବିଶ୍ୱ ସମସ୍ୟାର ସମାଧାନର ସୁବିଧାଠି ବୋଲି କହିବା ଯଥାର୍ଥ । ଏହି ଚେତନାକୁ ଜଗନ୍ନାଥ ଧର୍ମ ଓ ଦର୍ଶନ ନିରବଚ୍ଛିନ୍ନ ଭାବେ ସମୟରୁ ସମୟକୁ ସଞ୍ଚାରିତ କରି ଚାଲିଛି । ଆଜି ବିଶ୍ୱ ଜୀବନ ଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିଂସା ଓ ଘୃଣା ବିଶ୍ୱ ଜୀବନକୁ ଶାସନ କରୁଛି । ଦେଶ ଦେଶ ଭିତରେ, ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ଅସହିଷ୍ଣୁତା ମାନବ ଜାତିକୁ ବେଳକୁ ବେଳ ଧ୍ୱଂସମୁଖୀ କରାଉଛି । ମଣିଷର ଗଣତି ସଂଖ୍ୟା ବଢ଼ିଛି ମାତ୍ର ମାନବିକ ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି । ପାରସ୍ପରିକ ଏକତା, ଆନ୍ତରିକତା, ସହାନୁଭୂତି ଇତ୍ୟାଦି ମୂଲ୍ୟ ପରାହତ ଓ ବିପର୍ଯ୍ୟସ୍ତ ହୋଇ ବିଶ୍ୱ ଜୀବନରେ ଗ୍ଲାନି ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ନହୋଇଛି ତାହା ନୁହେଁ, ମାତ୍ର ସେ ପ୍ରଚେଷ୍ଟା ଦ୍ୱାରା ସମସ୍ୟାର ସମାଧାନ ହୋଇ ନାହିଁ । ଏ ପ୍ରଚେଷ୍ଟା ରାଜନୀତିର ପରିବର୍ତ୍ତନ, ନୂତନ ଅର୍ଥନୀତିର ଅନୁବର୍ତ୍ତନ, ସମାଜ ନୀତିର ପ୍ରବର୍ତ୍ତନକୁ ଭିତ୍ତିକରି ସଙ୍ଗଠିତ ହୋଇଛି ସତ କିନ୍ତୁ ବିଶେଷ ଫଳପ୍ରସୂ ହୋଇ ନାହିଁ । ସାମାଜିକ ଚଳଣିରେ ଆବଶ୍ୟକୀୟ ପରିବର୍ତ୍ତନ ଆସିଗଲେ ବିଶ୍ୱ ଶାନ୍ତି ଯେ ଆସିଯିବ ଏପରି ମଧ୍ୟ ନୁହେଁ । ସବୁ ଧର୍ମକୁ ମିଶାଇବା ସବୁ ଧର୍ମରୁ ସାର ସଂଗ୍ରହ କରି ଗୋଟିଏ ଧର୍ମ ପ୍ରବର୍ତ୍ତନ କଲେ ଶାନ୍ତି ଆସିଯିବ ତାହା ଆଶା କରିବା ବୃଥା । ସବୁ ଭାଷାରୁ କିଛି କିଛି ଶବ୍ଦ ନେଇ ଗୋଟିଏ ଭାଷା ଗଠନ କଲେ ଏବଂ ସେହି ଭାଷାକୁ ପ୍ରଚଳନ କଲେ ବିଶ୍ୱ ଜୀବନରେ ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହେବ ନାହିଁ । ସବୁ ଧର୍ମ ରହିଲେ କିଛି କ୍ଷତି ନାହିଁ, କେବଳ ଧର୍ମ ଧର୍ମ ଭିତରେ ମର୍ଯ୍ୟାଦାବୋଧ ଓ ସହନଶୀଳତା ରହିବା ଆବଶ୍ୟକ । ସବୁ ଭାଷା, ଚଳଣି, ଦର୍ଶନ ରହିଲେ କିଛି କ୍ଷତି ନାହିଁ, କେବଳ ଭାଷା

ପ୍ରବଞ୍ଚନାର ଶିକାର ହେଉଛନ୍ତି ଏବଂ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ପୂରଣ ହେଉନାହିଁ ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଥଗାମୀ ହେବା ପଛରେ ଉଦ୍ୟୋକ୍ତା ବା କର୍ମକର୍ତ୍ତାମାନଙ୍କ ମନ୍ଦ ଉଦ୍ଦେଶ୍ୟ ସାଙ୍ଗକୁ ସେଠାରେ ନିଯୁକ୍ତ କର୍ମୀମାନଙ୍କ କର୍ତ୍ତବ୍ୟ ସମ୍ପାଦନରେ ଉଦାସୀନତା ତଥା କେତେକ ପଦାଧିକାରୀଙ୍କ ସହାୟତା ଆଦି କାରଣମାନ ରହିଛି । ଅନୁଷ୍ଠାନ ଗଢ଼ିବା ପୂର୍ବରୁ ନିୟମାନୁଯାୟୀ ଆବଶ୍ୟକ ହେଉଥିବା ପଞ୍ଜୀକରଣ ବେଳେ ଯଦି ପୁଙ୍ଖାନୁପୁଙ୍ଖ ଭାବେ ଉଦ୍ୟୋକ୍ତାମାନଙ୍କ ସ୍ୱଭାବ, ସମ୍ବଳ ଓ ସାମର୍ଥ୍ୟ ଆଦି ବିଷୟରେ ଅନୁସନ୍ଧାନ କରାଯାଉଥାନ୍ତା କିମ୍ବା ଆର୍ଥିକ ଅନୁଦାନ ପାଇଁ ସୁପାରିଶ କରିବାବେଳେ ବାସ୍ତବତାକୁ ଭିତ୍ତିକରି ଯଦି ନିଷ୍ପତ୍ତି ନିଆଯାଉଥାନ୍ତା, କିମ୍ବା ନିୟମିତ ପରିଦର୍ଶନ ଓ ନିରୀକ୍ଷଣ ମାଧ୍ୟମରେ ସରକାରୀ ପଦାଧିକାରୀଙ୍କଦ୍ୱାରା ଉପଯୁକ୍ତ ଦିଗ୍‌ଦର୍ଶନ ଦିଆଯାଇଥାନ୍ତା, ତେବେ ଉପରୋକ୍ତ ଶଙ୍କିତ କାର୍ଯ୍ୟକରିବାର ସମ୍ଭାବନା ଅନେକାଂଶରେ ସୀମିତ ହୋଇପାରନ୍ତା । କେତେକ ଅନୁଷ୍ଠାନ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବସହ କାର୍ଯ୍ୟକରିବା ପାଇଁ ଆଗ୍ରହୀ ଥିବାବେଳେ କେତେକ ସରକାରୀ କର୍ମଚାରୀଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ଅସହଯୋଗ ଓ ତାଡ଼ନା ଯୋଗୁଁ ଅନନ୍ୟ ଉପାୟ ହୋଇ ଆଦର୍ଶ ପଥରୁ ଦୂରେଇ ଯିବାକୁ ବାଧ୍ୟ ହେଉଥିବା ଦେଖାଯାଉଛି । ଶୀତଳତା ଜଳର ସ୍ୱାଭାବିକ ଗୁଣ ହେଲେବି ଅଗ୍ନିର ସଂସ୍ପର୍ଶରେ ଆସିଲେ ତାହା ଯେପରି ଉଷ୍ଣତା ବହନକରେ, ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉଦ୍ଦେଶ୍ୟ ମହତ୍ ଥିଲେ ବି ଅବାଞ୍ଛନୀୟ ପରିସ୍ଥିତି ବା ପ୍ରଚଳିତ ପଦ୍ଧତି ଭିତରେ ସେମାନେ ନିଷ୍କ୍ରିୟ ଓ ପଥଭ୍ରଷ୍ଟ ହୋଇଯାଉଥିବା ଦେଖାଯାଉଛି । ତେବେ ଉଦ୍ୟୋକ୍ତା ଓ କର୍ମକର୍ତ୍ତାମାନେ ନିର୍ମଳ ମନ ଓ ପବିତ୍ର ହୃଦୟରେ ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟକରିଚାଲିଲେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ସେମାନଙ୍କ ଅନୁଷ୍ଠାନ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ – ଏଥିରେ ସନ୍ଦେହ ନାହିଁ ।

ସମାଜର ବୃହତ୍ତର କଲ୍ୟାଣ ସାଧନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନୁଷ୍ଠାନର ସଦସ୍ୟ ଓ କର୍ମକର୍ତ୍ତାମାନେ କାର୍ଯ୍ୟରେ ନିଷ୍ଠା, ପ୍ରାଣରେ ଆକୁଳତା ଓ ମନରେ ନିର୍ମଳଭାବ ପ୍ରଦର୍ଶନକରି ସେବାକଲେ ଆମ ସମାଜ ସମୃଦ୍ଧ ଓ ସର୍ବାଙ୍ଗସୁନ୍ଦର ହୋଇପାରିବ । ସେବାକରିବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ଶକ୍ତି, ସାହାସ, ଆତ୍ମବିଶ୍ୱାସ, ସଙ୍କଳ୍ପ ଓ ଆତ୍ମିକ ବଳ ରହିବା ଏକାନ୍ତ ଆବଶ୍ୟକ । ନିଷ୍ଠା, ତ୍ୟାଗ, ନିଃସ୍ୱାର୍ଥପରତା, ଅନୁରକ୍ତି ଓ ନିର୍ମଳ ସିଦ୍ଧାନ୍ତ ବିନା ସେବା କରିବା ସମ୍ଭବ ନୁହେଁ । ଜନସଂଖ୍ୟା ବୃଦ୍ଧିସାଙ୍ଗକୁ ଲୋକଙ୍କ ଦୁଃଖଦୁର୍ଦ୍ଦଶା, ସାମାଜିକ ବ୍ୟାଧି ଓ ବୈଷମ୍ୟ ବଢ଼ୁଥିବା ହେତୁ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିବାର ଆବଶ୍ୟକତା ରହିଛି ; କିନ୍ତୁ ନ୍ୟାୟ ଓ ନୀତି ମାର୍ଗରେ ଚାଲୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ତାହା ପରିଚାଳିତ ନହେଲେ ଅନୁଷ୍ଠାନ ଦୁର୍ବଳ ହୋଇଯିବ ଏବଂ ଲୋକଙ୍କୁ କୌଣସି ସୁଫଳ ମିଳିବ ନାହିଁ । ପ୍ରକୃତ ସେବାନକରି ସେବାର ନାମମାଳା ପିନ୍ଧି ଛଳନା ଓ ସ୍ୱାର୍ଥସାଧନରେ ଜଡ଼ିତ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ସମାଜର ବହୁ କ୍ଷତି ଘଟିବା ଅନିବାର୍ଯ୍ୟ । ଜନସାଧାରଣ ଏଥିପ୍ରତି ସଜାଗ ଓ ସତର୍କ ରହିବା ବାଞ୍ଛନୀୟ ।

---

ରାଷ୍ଟ୍ରମନ୍ତ୍ରୀ,
ସମାଜ କଲ୍ୟାଣ ବିଭାଗ, ଓଡ଼ିଶା ।



ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟ ସାକ୍ଷର ମିଶନର ଏକ ବୈଠକକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

ଜଗନ୍ନାଥଙ୍କୁ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଭାବରେ ଗ୍ରହଣ କରିଛନ୍ତି । ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଦାସ ଦଶାକ୍ଷରୀ ମନ୍ତ୍ର "ଗୋପୀଜନ ବଲ୍ଲଭାୟ ନମଃ " ପ୍ରୟୋଗ ପୂର୍ବକ ଘୋଷଣା କରେ ଯେ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ଏବେ ମଧ୍ୟ ଗୋପୀଜନ ବଲ୍ଲଭାୟ ଶବ୍ଦ ତାଙ୍କ ପୂଜା ମନ୍ତ୍ରରେ ବ୍ୟବହୃତ ହେଉଛି । ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ରାୟରାମାନନ୍ଦ କହିଲେ ଯେ ଜଗନ୍ନାଥ ହେଉଛନ୍ତି କୃଷ୍ଣ । ତଥା ରାମକୃଷ୍ଣ ମନ୍ତ୍ରସ୍ଥ ରାମ ଶବ୍ଦ ରାଧା ଭାବ ଓ କୃଷ୍ଣ ଭାବର ସମନ୍ୱିତ ଭାବର ଦ୍ୟୋତକ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଜଗନ୍ନାଥଙ୍କୁ ରାମ ଉପାସକ ଭକ୍ତମାନେ ରାମ ଭାବରେ ଗ୍ରହଣ କରିଥାନ୍ତି । ରାମ, ଲକ୍ଷ୍ମଣ, ସୀତାଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କଠାରେ ସେମାନେ ଦର୍ଶନ କରିଥାନ୍ତି । ସନ୍ଥ ତୁଳସୀ ଦାସ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଦେଖି ରାମ, ଲକ୍ଷ୍ମଣ, ସୀତା ଭାବରେ ଗ୍ରହଣ କରି ଅଭିଭୂତ ହୋଇପଡ଼ିଥିଲେ । ପୌଷ ପୂର୍ଣ୍ଣିମା ତିଥିରେ ପୁଷ୍ୟାଭିଷେକ ଯାତ୍ରା ଅବକାଶରେ ତିମୂର୍ତ୍ତି ଏବେ ମଧ୍ୟ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରୁଛନ୍ତି । ବଳରାମ ଦାସ, ଶ୍ରୀଜଗନ୍ନାଥଙ୍କୁ ରାମଚନ୍ଦ୍ର ଭାବରେ ପରିକଳ୍ପନା କରିଛନ୍ତି । ଏବେ ମଧ୍ୟ ମିଥିଳା ଓ ଅଯୋଧ୍ୟାରୁ ଆସୁଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଅଯୋଧ୍ୟାପୁରୀ ଓ ଗୁଣ୍ଡିଚାବାଡ଼ିକୁ ଜନକପୁରୀ ରୂପରେ ବିଶ୍ୱାସ କରିଥାନ୍ତି ।

ବୌଦ୍ଧ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଦେଖି ତାଙ୍କଠାରେ ବୁଦ୍ଧତ୍ୱ ଆରୋପ କରିଥାନ୍ତି । ଜଗନ୍ନାଥଙ୍କ ନାଭି କମଳରେ ବୁଦ୍ଧଦେବଙ୍କ ଦାନ୍ତ ରହିଛି ବୋଲି ଜନଶ୍ରୁତି ରହିଛି । ବୌଦ୍ଧମାନେ ତିମୂର୍ତ୍ତିଙ୍କୁ ବୁଦ୍ଧ, ସଙ୍ଘ ଓ ଧର୍ମର ପ୍ରତୀକ ରୂପରେ ଗ୍ରହଣ କରନ୍ତି । ବର୍ଷାରମ୍ଭ ପରେ ବୁଦ୍ଧ ମୂର୍ତ୍ତି ରଥରେ ବସି ପରିକ୍ରମା କରିବାର ପ୍ରଥାରୁ ବର୍ଷା କାଳରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି । ପୁରୀ ଶବ୍ଦ ଦନ୍ତପୁରୀ ଶବ୍ଦରୁ ଆସିଛି ବୋଲି ମଧ୍ୟ କୁହାଯାଏ । ଓଡ଼ିଆ ସାହିତ୍ୟର ଆଦି କବି ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ପରିକଳ୍ପନା କରି ସ୍ୱରଚିତ "ମହାଭାରତ" ଗ୍ରନ୍ଥର ବିରାଟ ପର୍ବରେ କହିଛନ୍ତି :

"ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଖଅଛ ଧ୍ୱଂସି ।
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀ ଜନଙ୍କୁ କରୁଛ ଉଦ୍ଧାର ।"

ଜୈନମାନେ ଜଗନ୍ନାଥଙ୍କୁ ନିଜର ଦେବତା ଜ୍ଞାନ କରନ୍ତି । ସେମାନଙ୍କ ବିଶ୍ୱାସରେ ଜୀନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି । ଜୈନ ସାଧକମାନଙ୍କୁ କେବଳୀ କୁହାଯାଏ । କେବଳୀ ଶବ୍ଦରୁ ଜଗନ୍ନାଥଙ୍କର କୈବଲ୍ୟ ଶବ୍ଦ ସୃଷ୍ଟି ହୋଇଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି ।

ଶ୍ରୀଜଗନ୍ନାଥଙ୍କ ସେବକ ସମ୍ପ୍ରଦାୟକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଜଗନ୍ନାଥଙ୍କ ସେବା ପୂଜା ବହୁ ସମ୍ପ୍ରଦାୟର ସମନ୍ୱୟରେ ହିଁ ସମାହିତ ହୁଏ । ଜନଶ୍ରୁତି ଅଛି ଯେ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସେବାରେ ଛତିଶ ପ୍ରକାର ସେବକ ଅଛନ୍ତି । କିନ୍ତୁ ପ୍ରକୃତରେ ସେବକ ସମ୍ପ୍ରଦାୟର ସଂଖ୍ୟା ଛତିଶରୁ ଅଧିକ । ୧୮୦୭ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ୍ ସାହେବ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ସେବକ ସମ୍ପ୍ରଦାୟର ସଂଖ୍ୟା ୩୭୦ ଥିବାର ଜଣାଯାଏ । ଗଜପତି ମହାରାଜା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ । ମନ୍ଦିରରେ ତାଙ୍କ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରଥଯାତ୍ରା ବେଳେ ରଥରେ ଛେରାପହଁରା କାର୍ଯ୍ୟ ସମ୍ପାଦନରେ ତାଙ୍କର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ । ତାଙ୍କ ବ୍ୟତୀତ ଅନ୍ୟାନ୍ୟ ସେବକମାନଙ୍କ ମଧ୍ୟରେ ମୁଦିରଥ ରାଜାଙ୍କ ଅନିବାର୍ଯ୍ୟ କାରଣ ଜନିତ ଅନୁପସ୍ଥିତିରେ ରଥରେ ଛେରାପହଁରା କାର୍ଯ୍ୟ କରିଥାନ୍ତି । ଏହା ବ୍ୟତୀତ ପ୍ରତି ଦିନର ନୀତିଗତି ଭିତରେ ଭିତର ଛୋ ମହାପାତ୍ର ଦ୍ୱାର ଫିଟା ନୀତି କରନ୍ତି, ସର୍ବ ପ୍ରଥମେ ମନ୍ଦିର ପ୍ରବେଶ କରି ଶାଢ଼ୀ ବନ୍ଧା ନୀତି କରିବା ସହିତ ଅମୁଣିଆ 'ପରୀକ୍ଷା କରି ଦେଖନ୍ତି । ତଳିଛୋ ମହାପାତ୍ରଙ୍କର କୋଷ ଉପରେ କର୍ତ୍ତୃତ୍ୱ ଅଧିକ ଥାଏ । ଭଣ୍ଡାର ମେକାପ ସମ୍ପ୍ରଦାୟ ସିଂହାସନାସୀନ ଦେବତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅଳଙ୍କାରାଦି ବସ୍ତୁ ଭଣ୍ଡାର ଘରୁ ବାହାର କରିଥାନ୍ତି । ପୂଜକ, ପୂଜା ପଣ୍ଡା ଓ ବଡ଼ ପଣ୍ଡା ପୂଜା କରିବାର ଦାୟିତ୍ୱ ନେଇଥାନ୍ତି । ସିଂହାରୀ ଓ ପଶୁପାଳକ ଠାକୁରମାନଙ୍କ ବେଶ କରି ଦିଅନ୍ତି ଓ ଫୁଲ କାର୍ଯ୍ୟ କରନ୍ତି । ଗରାବଡୁ ଯୋଗାନ୍ତି ପୂଜା ଅବସରରେ ଜଳ । ପତ୍ରି ବଡୁ ଦିଅନ୍ତି ପୂଜାର ଅନ୍ୟାନ୍ୟ ଉପକରଣ । ଶଙ୍ଖୁଆ ବଜାନ୍ତି ଶଙ୍ଖ, ମାଦେଳୀ ବଜାନ୍ତି ମାଦଳ । କାହାଳିଆ ବିଜେ କାହାଳୀ ବଜାଇ ବଜାନ୍ତି ମାଦଳ । କାହାଳିଆ ବିଜେ କାହାଳୀ ବଜାଇ ପରିବେଶରେ ଆନନ୍ଦ ଓ ତଲ୍ଲୀନ ଭାବ ଭରି ଦିଅନ୍ତି । ବୀଣାକାର ଠାକୁରଙ୍କ ପହଡ଼ ପୂର୍ବରୁ ବୀଣା ବଜାନ୍ତି । ଦଇତାମାନେ ନବ କଳେବର, ରଥଯାତ୍ରା ଓ ଅଣସର ବେଳେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଜଗନ୍ନାଥଙ୍କ ସେବା କାର୍ଯ୍ୟରେ । ପାଣିଆ ପଟ ଦିନ ସାରା ମନ୍ଦିରରେ ଆବଶ୍ୟକୀୟ ପାଣି ଯୋଗାନ୍ତି । ବଳିତା ସେବକ ଦିଅନ୍ତି ବଳିତା, ମାଳିଆ ସୁଆସିଆଁ ଯୋଗାନ୍ତି କାଠର ପିଢ଼ା । ଘଟୁଆରୀ ଦୈନିକ ନୀତି ନିମନ୍ତେ ଝାଁଳା, ଚନ୍ଦନ ଓ ମହାଦୀପ ଯୋଗାଇଥାନ୍ତି । ରଥ ଭୋଇ ରଥ କାର୍ଯ୍ୟ କରିଥାନ୍ତି । ଚିତ୍ରକାର ଓ ରୂପକାରମାନେ ରଥ ପାଇଁ ନିର୍ମାଣ କରିଥାନ୍ତି ପ୍ରତିମା ଓ ପ୍ରତିମାର କେତେକ ଚିହ୍ନ । ଅଣସର ବେଳେ ଠାକୁରଙ୍କୁ ପାଚନ ଦେଇଥାନ୍ତି ବୈଦ୍ୟ । ଏହାଛଡ଼ା ଆହୁରି ଅନେକ ସେବକ ସମ୍ପ୍ରଦାୟ ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ନିଯୁକ୍ତ ହୋଇଥାନ୍ତି । ସମସ୍ତଙ୍କର ସହଯୋଗରେ ଠାକୁରଙ୍କ ସେବା କାର୍ଯ୍ୟ ସମାହିତ ହୁଏ । ବିଭିନ୍ନ ସମ୍ପ୍ରଦାୟର କାର୍ଯ୍ୟ ଦକ୍ଷତାର ସମନ୍ୱୟରେ ପ୍ରଭୁଙ୍କ କାର୍ଯ୍ୟ ସୁଷ୍ଠୁ ରୂପେ ସମ୍ପାଦିତ ହୁଏ ।

ଶ୍ରୀଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅନାର୍ଯ୍ୟ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ସମ୍ୟକ୍ ସମନ୍ୱୟ ଦେଖାଯାଏ । ଏହି ସମନ୍ୱୟ ଚେତନା ଯୋଗୁ ଯୁଗେ ଯୁଗେ ବହୁ ଗବେଷକ, ସାଧକ, ଭକ୍ତ, ଦାର୍ଶନିକ ଓ ପରିବ୍ରାଜକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବ ଧର୍ମ ମତକୁ ଆଶ୍ରୟ କରିଥିବା ବିରାଟ ଦେବତା । ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦୟନାଥ ଆଚାର୍ଯ୍ୟଙ୍କ ଉକ୍ତି ସ୍ମରଣକୁ ଆସେ :

'ଯଂ ଶୈବାଃ ସମୁପାସତେ ଶିବମିତି ବ୍ରହ୍ମେତି ବେଦାନ୍ତିନଃ
ବୌଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନ ଶାସନରତାଃ କର୍ମେତି ମୀମାଂସକାଃ
ସୋଽୟଂବଃ ବିଦ୍ଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥ ହରିଃ ।'

ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଶିଖ ପ୍ରଭୃତି ବହୁ ଦର୍ଶନରେ ପରିପୁଷ୍ଟ ହୋଇଛି ଜଗନ୍ନାଥ ଦର୍ଶନ । ସମନ୍ୱୟ ଚେତନା ବଳରେ ଏହା

ଭାଷା ଭିତରେ, ଚଳଣି ଚଳଣି ଭିତରେ, ଦର୍ଶନ ଦର୍ଶନ ଭିତରେ ସମ୍ପୃକ୍ତ ରହିବା ଏକାନ୍ତ ଆବଶ୍ୟକ । ଏ ସବୁ ସମ୍ଭବ ହେବ ଜାତୀୟ ଚେତନା ଦ୍ୱାରା । ତାହା ହେଉଛି ସମନ୍ୱୟ ଚେତନା ଯାହାର ମୂଳ ଉତ୍ସ ଭାବରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚେତନା ସ୍ତରରେ ସମନ୍ୱୟ ଭାବ ପ୍ରତିଷ୍ଠିତ ହେଲେ ସମଗ୍ର ମାନବ ଜାତିର ସମସ୍ୟାସୁବିଧାରେ ଓ ସହଜରେ ସମାହିତ ହୋଇଯିବ । ସୁଦୂର ଅତୀତରୁ ଜଗନ୍ନାଥଙ୍କଠାରେ ସମନ୍ୱୟ ଭାବନା ପ୍ରକଟିତ ହୋଇ ଆସୁଛି ଯାହା ଯୁଗର ଏକାନ୍ତ ଧ୍ୟେୟ ବୋଲି ଗୃହୀତ ହେଉଛି ।

ସମନ୍ୱୟ ନୀତି ବଳରେ ଜଗନ୍ନାଥ ଭାରତରେ ପ୍ରଚଳିତ ବହୁ ସମ୍ପ୍ରଦାୟର ଦେବତାଙ୍କର ସୂକ୍ଷ୍ମ ଚେତନାକୁ ନିଜଠାରେ ମୂର୍ତ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟର ଆଦିକବି, ଆତ୍ମଜ୍ଞାନୀ ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି କଳ୍ପନା କରିଛନ୍ତି । ତାଙ୍କ ଭାଷାରେ :

"ପୀତ କୁସୁମ ବରନ ସେହି ବ୍ରହ୍ମ ମୂର୍ତ୍ତି
ଡାହାଣେ ଶୁକ୍ଳ ବର୍ଣ୍ଣ ମହାଦେବ ଜ୍ୟୋତି
ମଧ୍ୟରେ ତ ଜଗନ୍ନାଥ ବର୍ଣ୍ଣ ଅଟେ କଳା
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଦେବ ମେଳା ।"

କବି ବଳରାମ ଦାସ ତାଙ୍କ "ବେଦାନ୍ତ ସାର ଗୁପ୍ତ ଗୀତା" ଗ୍ରନ୍ଥରେ ଜଗନ୍ନାଥଙ୍କୁ ସମସ୍ତ ଅବତାରର ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ :

"ସର୍ବଦା ନୀଳାଦ୍ରିରେ ସ୍ଥିତି, ଏଥୁ ସକଳ ଜାତ ହୋନ୍ତି
ସମସ୍ତ ଅବତାର ମାନ, ଜାତ ହୋଇଣ ପଶେ ପୁଣ ।"

ଶ୍ରୀକ୍ଷେତ୍ର ଯେ ସର୍ବଶ୍ରେଷ୍ଠ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଯେ ସର୍ବଶ୍ରେଷ୍ଠ ଦେବତା ଏ କଥା ବହୁ କବି ଉଦ୍‌ଘୋଷଣା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ନାଭି କମଳରୁ ବ୍ରହ୍ମାଜାତ ହେଲେ ବୋଲି ମହାଦେବ ଦାସ ସ୍ୱରଚିତ "ନୀଳାଦ୍ରି ମହୋଦୟ" ପୁରାଣରେ ଉଲ୍ଲେଖ କରିଛନ୍ତି । ଭକ୍ତ କବି ଦୀନକୃଷ୍ଣ ଦାସ ତାଙ୍କର "ରସ କଲ୍ଲୋଳ" ଗ୍ରନ୍ଥରେ ଜଗନ୍ନାଥଙ୍କୁ ଅବତାରୀ ଭାବରେ ପରିକଳ୍ପନା କରିଛନ୍ତି :

"କଚ୍ଛପ ମତ୍ସ୍ୟାଦି ଅବତାର ଯେତକ
ଧରିବାକୁ ଜାତ ଜଗନ୍ନାଥ ଜନକ ।"

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ବିଷ୍ଣୁଙ୍କର ଚାରିଗୋଟି ରୂପ ଏ କଥା ବହୁ ପୁରାଣରେ ଉଲ୍ଲେଖ କରାଯାଇଛି । ବହୁ ପୂର୍ବେ ଭାରତରେ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମତାନ୍ତର ଥିଲା । "ବ୍ରହ୍ମ ପୁରାଣ" ଅନୁସାରେ ପୁରୁଷୋତ୍ତମ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ଭାବରେ ପ୍ରତିଷ୍ଠା ଅର୍ଜନ କରିବାରୁ ଶୈବମାନେ ମର୍ମାହତ ହେବା ଭୟରେ ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ଉଭୟ ସ୍ୱରୂପ ଭଗବାନ ମାର୍କଣ୍ଡେୟଙ୍କୁ କହିଥିଲେ — ନୀଳାଚଳ ଧାମରେ ହରିହର ପୂଜାର ଏକତ୍ର ସମାବେଶ ଘଟିବ । ଫଳରେ ଶ୍ରୀମନ୍ଦିରରେ ଜଗନ୍ନାଥ କୃଷ୍ଣ ରୂପରେ ଓ ବଳଭଦ୍ରଙ୍କୁ ଶିବ ରୂପରେ ପ୍ରତିଷ୍ଠା କରାଯାଇଛି । ପୁନଶ୍ଚ, ଏ କଥା ମଧ୍ୟ ଜଣାଯାଏ ଯେ ଅତୀତରେ ଶୈବ, ଶାକ୍ତ ଓ ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରେ ମତାନ୍ତର ଥିଲା । ଶ୍ରୀକ୍ଷେତ୍ରରେ ଅର୍ଥାତ୍ ଶ୍ରୀମନ୍ଦିରର ରତ୍ନ ସିଂହାସନରେ ତିନି ସମ୍ପ୍ରଦାୟର ସମନ୍ୱୟ ହେବା ଫଳରେ ସ୍ଥାୟୀ ଭାବରେ ସେଠାରେ ବଳଭଦ୍ର ଶିବ, ସୁଭଦ୍ରା ବ୍ରହ୍ମା ଓ ଜଗନ୍ନାଥ ବିଷ୍ଣୁ ରୂପରେ ପୂଜା ପାଉଛନ୍ତି । ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ଭାବରେ ପରିକଳ୍ପିତ ହୋଇଥିବାରୁ ସୌରମାନଙ୍କ ମତବାଦର ସମନ୍ୱୟ ମଧ୍ୟ ଘଟିଛି ।

କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ପ୍ରଥମେ ଶବର ଦେବତା ନୀଳମାଧବ ଭାବରେ ପୂଜିତ ହେଉଥିଲେ । ବିଦ୍ୟାପତିଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ସନ୍ଧାନ କରାଇଥିଲେ । ବିଦ୍ୟାପତି ଓ ଲଳିତାଙ୍କ ବିବାହରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଲା । ଏହି ସମନ୍ୱୟକୁ ଯଥାମାନ୍ୟ ଦେବା ପାଇଁ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବିଦ୍ୟାପତି ଓ ଲଳିତାଙ୍କର ବଂଶଧରଙ୍କୁ ଠାକୁରଙ୍କ ସେବା ପୂଜାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଉଛି । ସେହି ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଦାରୁ ରୂପରେ ବାଙ୍କି ମୁହାଣରେ ଆବିର୍ଭୂତ ହେଲେ ଏବଂ ତହିଁରୁ ମୂର୍ତ୍ତିମାନ ଗଠିତ ହେଲା ବୋଲି ଜନଶ୍ରୁତି ରହିଛି । ଅତଏବ୍ ଏ କଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱିତ ଭିତ୍ତି ଉପରେ ପ୍ରତିଷ୍ଠିତ ଓ ପରିବ୍ୟାପ୍ତ । ଦଇତାପତିମାନେ ନବକଳେବର, ରଥଯାତ୍ରା ଏବଂ ଅଣସର ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସେବା ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।

ବଳରାମ ଦାସ ତାଙ୍କର "ବଟ ଅବକାଶ" ଗ୍ରନ୍ଥରେ ଜଗନ୍ନାଥ ଯେ ସମନ୍ୱୟର ଦେବତା ଏ କଥା ଉଲ୍ଲେଖ କରିଛନ୍ତି । ସେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ପରିକଳ୍ପନା କରିଛନ୍ତି । ମରହଟ୍ଟା ଯୁଗର ଓଡ଼ିଆ କବି ପୀତାମ୍ବର ଦାସ ସ୍ୱରଚିତ ନୃସିଂହ ପୁରାଣ ଗ୍ରନ୍ଥରେ ଚାରି ବୈଷ୍ଣବ ସମ୍ପ୍ରଦାୟର ସମନ୍ୱୟ ଚିତ୍ର ଜଗନ୍ନାଥ ମନ୍ଦିରରେ ଦେଖିପାରିଛନ୍ତି । ଏକ ଜଗନ୍ନାଥଙ୍କ ନିକଟକୁ ଯିବାକୁ ଯେପରି ଚାରି ଗୋଟି ଦ୍ୱାର, ଏକ ଭଗବତ ସତ୍ତା ନିକଟକୁ ଚାରି ବୈଷ୍ଣବ ସମ୍ପ୍ରଦାୟ ସେପରି ଚାରି ଗୋଟି ମାର୍ଗରେ ଅଗ୍ରସର ହୋଇପାରନ୍ତି :

"ଚାରି ସମ୍ପ୍ରଦାୟଙ୍କ ନଥାଇ ହୃଦେ ଛନ୍ଦ
ନଜାଣିଣ ପାପୀଜନେ କରୁଥାନ୍ତି ଦ୍ୱନ୍ଦ ।
ଶ୍ରୀବୈକୁଣ୍ଠ ମୋହର ଚାରି ଦ୍ୱାର ସରି
ସେ ଯେଉଁ ଦ୍ୱାରେ ସେବି ସେ ଏକା ନରହରି ।"

ଜଗନ୍ନାଥଙ୍କ ଚକାଡୋଳାରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଅବତାରଣା କରିଛନ୍ତି ପଞ୍ଚସଖା ଯୁଗର ସାହିତ୍ୟ ସାଧକମାନେ । ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଯେ ଅନିର୍ବଚନୀୟ ଏ କଥା କେତେକ ପୁରାଣ ପ୍ରସଙ୍ଗରେ ଉପସ୍ଥାପିତ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି :

"ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତଦପି ସୁଦୁର୍ଲଭମ୍"

ଅର୍ଥାତ୍ ଏ କ୍ଷେତ୍ରର ମହାତ୍ମ୍ୟ ସହଜରେ ଜଣାଯାଏ ନାହିଁ ।

ତନ୍ତ୍ର ମତବାଦର ପ୍ରସ୍ତର ଓ ପ୍ରସାର ଭାରତରେ ବହୁଳ ଭାବରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କଠାରେ ତନ୍ତ୍ର ବାଦର ଆରୋପ ମଧ୍ୟ କରାଯାଇଛି । ତନ୍ତ୍ର ମତରେ ଜଗନ୍ନାଥଙ୍କୁ ମହାକାଳ ଭୈରବ ରୂପେ ପୂଜା କରାଯାଏ । 'ହେ ବଦ୍ ତନ୍ତ୍ର' ଗ୍ରନ୍ଥରୁ ଜଣାଯାଏ ଯେ ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ ।"

କୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବାର ଧାରା ଓ ପରମ୍ପରା ଓଡ଼ିଶାରେ ତଥା ଭାରତବର୍ଷରେ ବହୁ ପ୍ରାଚୀନ ଓ ପ୍ରତିଷ୍ଠିତ । ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତ ଗୋବିନ୍ଦ ଗ୍ରନ୍ଥରେ କବି ଜୟଦେବ

# ଶ୍ରୀମନ୍ଦିରରେ କଙ୍କଣ ସ୍ମୃତି

* ଶ୍ରୀ କ୍ଷେତ୍ରମୋହନ ପ୍ରଧାନ

ତୃତୀୟ ପ୍ରହର ରାତି । ଶ୍ରୀମନ୍ଦିର ସର୍ବାଙ୍ଗରେ ବୋଳି ହୋଇ ରହିଛି ନିର୍ଜନ ଅନ୍ଧକାରର ଘନ ଆସ୍ତରଣ । ପଦ୍ମ ଦିପାଳୀ ଲିଭି ଯାଇଥିଲେବି କଳ୍ପବଟ ଡାଳରେ ଲୁରୁବାଳୀ ଖେଳୁଚି ଜ୍ୟୋତିରିଙ୍ଗିଣମାନଙ୍କର ବିନ୍ଦୁ ବିନ୍ଦୁ ଅସ୍ପଷ୍ଟ ଆଲୋକ ରଶ୍ମି । ରତ୍ନ ପଲଙ୍କରେ ଅର୍ଦ୍ଧଚେତନ ଅବସ୍ଥାରେ ଶୟନ କରିଛନ୍ତି ଜଗତର ନାଥ ଜଗନ୍ନାଥ । ଅଖିକି ତାଙ୍କର ନିଦ ଆସିନାହିଁ । କିପରି ଆସିବ ? ସେ ପରା ଭକ୍ତ ଚିତ ଚିନ୍ତାମଣି । ସମସ୍ତ ଭକ୍ତମାନଙ୍କ ଚିନ୍ତା ଚେତନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲେତ ସିଏ ଶୋଇବେ । ଦିନ ବେଳା ମର୍ତ୍ତ୍ୟବାସୀ ଭକ୍ତମାନଙ୍କର ଅଳି ଅର୍ଦ୍ଦୌଳୀ ସହିତ ରାତିବେଳା ସ୍ୱର୍ଗ ଆଉ ପାତାଳୀ ଭକ୍ତମାନଙ୍କର ଦାନ ଦର୍ଶନରେ ବୁଡ଼ି ରହିଛନ୍ତି ସିଏ । ତଥାପି ମାନସ ପଟରେ ଉଦ୍ରେକ ହୋଇ ଉଠିଛି ଅନ୍ତରଙ୍ଗ ପ୍ରାଣସଖା ବିଭିଷଣର ସ୍ମୃତି । ପ୍ରକୃତରେ ଏ ପର୍ଯ୍ୟନ୍ତ ଲଙ୍କାଧିପତୀ ବିଭିଷଣଙ୍କର ଦର୍ଶନ ହୋଇନାହିଁ । ସେଇଥି ପାଇଁ ସ୍ମୃତି ଜାଗ୍ରତ ଦୋଳାରେ ଦୋଳାୟିତ ହେଉଛି ମହାପ୍ରଭୁଙ୍କ ତନୁମନ । । ସେପରା ନିଜେ କହିଛନ୍ତି ;

ମୁହିଁ ବିପ୍ରର ଅଛି ଋଣି,
ଭକତ ପାରେ ମୋତେ ବାନ୍ଧି ।
ଭକ୍ତ ମୋ ଜୀବର ଜୀବନ,
ତା ବିନୁ ନଯାଏ ମୁଁ ଆନ ।

ଠିକ ଏତିକି ବେଳେ ଶ୍ରୀମନ୍ଦିର ଚୂଡା ଦେଶରେ ବିରାଜିତ ପତିତପାବନ ବାନା ଶୋଭିତ ନୀଳଚକ୍ରକୁ ପ୍ରଦକ୍ଷିଣ କରି ମେଘନାଦ ପାଚେରୀଡେଇଁ ପୁଷ୍ପକ ଯାନକୁ ରଖି ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ଭକ୍ତି ଗଦ୍‌ଗଦ୍ ଚିତରେ ଆଗେଇ ଆସୁଛନ୍ତି ବିଭିଷଣ । ବିଶାଳ କାୟ । ନଗ୍ନ ପଦ । ଯୁକ୍ତ ଅଞ୍ଜୁଳାରେ ଭରି ରହିଛି ସଦ୍ୟ ପ୍ରସ୍ଫୁଟିତ କୁଷ୍ମମଲ୍ଲିକା । ଅଙ୍ଗରଃ ଖଚିତ ବିଭୀଷଣ ବିଭୂଷିତ ଅଙ୍ଗକାନ୍ତିରେ ଝଲସି ଉଠୁଛି ଆଭ୍ୟନ୍ତରୀଣ ପରିବେଶ । ମୃଦୁମନ୍ଦ ପଦ ସ୍ପର୍ଶରେ ଖୋଲି ଯାଉଛି ଶ୍ରୀମନ୍ଦିରର ରୁଦ୍ଧ ଦ୍ୱାର । ନୟନ ଯୁଗଳ ସ୍ୱତଃ ଆକର୍ଷିତ ହୋଇଯାଉଛି ରତ୍ନବେଦୀ ଆଡ଼କୁ । କିନ୍ତୁ ପଶ୍ଚାତରେ ଏକ ସନ୍ଧାନୀ ଚକ୍ଷୁ ଯେ ତାଙ୍କର ଅନୁଗମନ କରୁଛି ଦେଖି ପାରିବାକୁ ତାଙ୍କର ଅବସର ନାହିଁ ।

ସେ ଚକ୍ଷୁ ଆଉ କାହାରି ନୁହେଁ, ତାହା ହେଉଛି ବହୁରାତୀ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥଙ୍କର ପ୍ରଧାନ ସେବକ ବଡ଼ପଣ୍ଡାଙ୍କର । ବିଭୀଷଣ ଆଗମନ ଭିତ୍ତିକ ଜନପ୍ରବାଦ ଶୁଣି ଆଉ ରତ୍ନବେଦୀରେ ଅର୍ପିତ କୁଷ୍ମ ମଲ୍ଲିକାକୁ ଦେଖି ଅନେକ ଆଶା ଆଶଙ୍କାରେ ସଙ୍କୁଳ ହୋଇ ରହିଛି ତାଙ୍କର ମନ । ଆଜି ସେ ବଦ୍ଧ ପରିକର । କୁଷ୍ମ ମଲ୍ଲିକା ବାହକକୁ ନିଶ୍ଚୟ ଚିହ୍ନଟ କରିବେ । ଭକ୍ତ ଭଗବାନଙ୍କର ରହସ୍ୟ ଭେଦକରି ଜଗତ ସମ୍ମୁଖରେ ଲୁକାୟିତ ମହାସତ୍ୟକୁ ଉଦ୍‌ଘାଟନ କରିବେ । ସତରେ ଏହା କଣ ସମ୍ଭବ ! ଲୀଳାମୟଙ୍କ କୃପା ବିନା କିଏ ସେ ସତ୍ୟକୁ ପ୍ରକଟିତ କରିବ ! ଗତି ଶିଥିଳ ହୋଇ ଯାଇଛି ବଡ଼ପଣ୍ଡାଙ୍କର ବିସ୍ଫାରିତ ନୟନରେ ସ୍ଥାଣୁ ପରି ସେ ଦ୍ୱାରଦେଶରେ ଅଟକି ଯାଇ ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ଉପଭୋଗ କରିଛନ୍ତି । ସତେ ଯେପରି ପ୍ରଭୁ ତାଙ୍କୁ ଆକଟ କରି କହୁଛନ୍ତି, ତୁମେ ଅଟକି ଯାଅ ବଡ଼ପଣ୍ଡା ! ସେ ଦୁଃସାହାସ କରନାହିଁ ! ଯାଣ ?

ମୋହର ନୋହିଲେ କରୁଣା,
ବ୍ରହ୍ମାଣଙ୍କର ହୋନ୍ତି ବଣା ।
ମୁଁ ଯାକୁ ହୁଅଇ ସଦୟ,
ଜ୍ଞାନ ତା ହୃଦରୁ ଉଦୟ ।

ସନ୍ନିକଟରେ ରତ୍ନବେଦୀ ତଳେ ଯୋଡ଼ି ହସ୍ତରେ ଦଣ୍ଡାୟମାନ ହୋଇ ଜଗନ୍ନାଥଙ୍କୁ ଅପଲକ ନୟନରେ ଚାହିଁ ରହିଛନ୍ତି ବିଭୀଷଣ । ଠାକୁରଙ୍କ କରୁଣାରେ ଆଜି ଏ କି ବ୍ୟତିକ୍ରମ ଦେଖା ଦେଇଛି । ଶ୍ରୀଜଗନ୍ନାଥ କାହିଁକି ଆଜି ତାଙ୍କର ପରମାରାଧ୍ୟ କାଣ୍ଡ କୋଦଣ୍ଡ ଧାରଣ ଶରଣାଗତ ବତ୍ସଳ ଶ୍ରୀରାମଚନ୍ଦ୍ରଭାବେ ଦର୍ଶନ ଦେଉନାହାନ୍ତି । କି ତ୍ରୁଟି ଘଟିଛି ପୂଜା ଅର୍ଚ୍ଚନାରେ । ଅନ୍ତରାତ୍ମା ତାଙ୍କର ବିକଳ ହୋଇ ଉଠିଛି । ଛଳଛଳ ହୋଇ ଯାଉଛି ଆଖି । ଭାବ ବିହ୍ୱଳିତ ହୋଇ ଠାକୁରଙ୍କୁ ମନେ ପକାଇ ଦେଉଛନ୍ତି ଅତୀତର ସେହି ଅବିସ୍ମରଣୀୟ ଦିନର ଘଟଣାବଳୀ ।

ମହାବାହୁ ! ତ୍ରେତୟାଯୁଗ ଶେଷଭାଗ । ମାନବ ଲୀଳା ସମ୍ପାଦନ କରି ଆପଣ ବୈକୁଣ୍ଠ ଯିବା ପାଇଁ ଉତ୍‌କଣ୍ଠିତ । ଆସନ୍ନ ବିଚ୍ଛେଦରେ ଶୁଖି ଯାଉଥାଏ ମୋର ମୁହଁ । ଆପଣ ହସି ହସି ଜୀବନବ୍ୟାପି ମୋର ସେବା ଓ ସହଯୋଗକୁ ମନେପକାଇ ଅଯାଚିତ ଭାବେ ମୋତେ ଅମରତ୍ୱ ପ୍ରଦାନ କଲେ । ମୋର କିନ୍ତୁ ସେଥିରେ ସନ୍ଦେହ ହୋଇଥିଲା । ଅନୁନୟ କରି ମୁଁ ଆପଣଙ୍କୁ ପ୍ରାର୍ଥନା କରି କହିଲି, ମହାବାହୁ ! ଅନିଚ୍ଛା ସତ୍ତ୍ୱେ ଯଦି ମୋତେ ଅମର ବର ପ୍ରଦାନ କଲେ ତେବେ କାହାକୁ ଆଧାର କରି ମୁଁ ଅମର ହେବି ? ମୁଁ ତ ଆପଣଙ୍କ ଦର୍ଶନ ବିନା କ୍ଷଣେ ମାତ୍ର ବଞ୍ଚି ପାରିବି ନାହିଁ ! ଉତ୍ତରରେ ଆପଣ କହିଥିଲେ ।

"ଆରାଧ୍ୟସ୍ତ୍ୱ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍,
ଆରାଧନୀୟ ମନିଶଂ ଦୈବୈରପି ସବାସବୈଃ ।"

ଉପର ତୋଳଟି । ଶବର ବିଶ୍ୱାବସୁ, ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ ବୌଦ୍ଧ ଧର୍ମ, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ଜନ ସମ୍ପ୍ରଦାୟର ନିମ୍ବାର୍କାଚାର୍ଯ୍ୟ, ଶୁଦ୍ଧ ଭକ୍ତିବାଦୀ ଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଶିଖ ଗୁରୁ ନାନକ, ଯବନ ହରିଦାସ, ମହାପୁରୁଷ କବୀର, ଗାଣପତୀ ଗଣପତି ଭଟ୍ଟ, ରାମ ପ୍ରେମୀ ସନ୍ଥ ତୁଳସୀ ଦାସ ଇତ୍ୟାଦି ବିଶିଷ୍ଟ ଆଚାର୍ଯ୍ୟଗଣ ଜଗନ୍ନାଥଙ୍କୁ ନିଜ ନିଜ ଦର୍ଶନର କଷଟି ପଥରରେ କଷି ଶେଷରେ ଆପଣାର କରି ନେଇଛନ୍ତି । ବୌଦ୍ଧମାନଙ୍କ ପାଇଁ ସେ ବୁଦ୍ଧ, ଜୈନମାନଙ୍କ ଜିନଦେବ, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଶୈବମାନଙ୍କ ପାଇଁ ପରମ ଶିବ, ଶାକ୍ତମାନଙ୍କ ପାଇଁ ଦକ୍ଷିଣ କାଳିକା, ସୌରମାନଙ୍କ ପାଇଁ ସୂର୍ଯ୍ୟ, ଗାଣପତ୍ୟମାନଙ୍କ ପାଇଁ ଗଣପତି ରୂପରେ ଆତ୍ମପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି କୌଣସି ସୀମାରେ ଆବଦ୍ଧ ନୁହେଁ ବରଂ ଆକାଶ ପରି ତାହା ପରିବ୍ୟାପ୍ତ ଓ ସାଗର ପରି ଗଭୀର । ନଦୀଗୁଡିକ ଆସି ସମୁଦ୍ରରେ ମିଶିଲା ପରି ଜଗନ୍ନାଥ ସଂସ୍କୃତିରେ ବହୁ ସଂସ୍କୃତି ଆସି ସମନ୍ୱିତ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଗଠନରେ ଶବର ପ୍ରଭାବ, ଉପାସନା ପଦ୍ଧତିରେ ଦ୍ରାବିଡ଼ ପ୍ରଭାବ, ପର୍ବପର୍ବାଣୀ ତଥା ଯାତ୍ରାନୁଷ୍ଠାନମାନଙ୍କରେ ପୁରାଣର ପ୍ରଭାବ ପରିଲକ୍ଷିତ ହୁଏ । ପୂଜା ମନ୍ତ୍ରରେ ପ୍ରୟୋଗ "ଓଁ"କୁ ବୈଦିକ ସଂସ୍କୃତିର ଚିହ୍ନ ଭାବରେ ଓ କ୍ଲୀଂ, ହ୍ଲୀଂ, ଶ୍ରୀଂକୁ ତାନ୍ତ୍ରିକ ସଂସ୍କୃତିର ଚିହ୍ନ ଭାବରେ ଗ୍ରହଣ କରାଯାଏ । ଜଗନ୍ନାଥ ଦର୍ଶନରେ ସର୍ବତ୍ର ସମନ୍ୱୟ ହିଁ ଲକ୍ଷ୍ୟଣୀୟ । ମନେହୁଏ ଜଗନ୍ନାଥ ଚେତନା ଯେପରି ବିଶ୍ୱବ୍ୟାପ୍ତ ସମନ୍ୱୟ ଚେତନାର ସାର୍ଥକ ପ୍ରତିନିଧି ଓ ସୁରମ୍ୟ ପ୍ରତୀକ ।

ଶବରର ମେଣ୍ଢା ମୁଣ୍ଡିଆ ଖେଚେଡ଼ି ଅର୍ପଣ, ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ଶାକ୍ତର ପଞ୍ଚମକାର ବ୍ରାହ୍ମଣର ମୁଦ୍ରାମଣ୍ଡଳ ମନ୍ତ୍ର ପାଠ ସବୁ ମିଶି ଏକ ମର୍ଯ୍ୟାଦା ଆଣି ଦେଇଛି ଜଗନ୍ନାଥଙ୍କର ଉପାସନା ଧାରାକୁ । ଶ୍ରୀଜଗନ୍ନାଥଙ୍କ ବେଶଭୂଷା, ଅଳଙ୍କାର ପରିଧାନ, ଖାଦ୍ୟ ବ୍ୟବସ୍ଥା, ପର୍ବପର୍ବାଣୀ ଇତ୍ୟାଦିକୁ ଅନୁଧ୍ୟାନ କଲେ ସେ ଯେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି ଏହା ସହଜରେ ଜଣାପଡ଼େ । ସେ ସବୁ ସମ୍ପ୍ରଦାୟର ସମନ୍ୱିତ ଚେତନାର ପ୍ରତୀକ ହୋଇ ରହିଛନ୍ତି ନୀଳାଚଳ ଧାମର ସମସ୍ତ ଜନତାର କଲ୍ୟାଣ ନିମନ୍ତେ ଏଥିରେ ସନ୍ଦେହ ନାହିଁ । ବିଶ୍ୱ ପରିବାର ଗଠନ ନିମନ୍ତେ ସମନ୍ୱୟର ଯେଉଁ ଉପାଦାନ ଜଗନ୍ନାଥ ଚେତନାରେ ରହିଛି ତାହାର ପଟାନ୍ତର ନାହିଁ । ସମଗ୍ର ମାନବ ଜାତିର ଦେହର ରଙ୍ଗକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧା ମୂର୍ତ୍ତିଙ୍କର ବର୍ଣ୍ଣ ଯୋଜନା ହେଲାପରି ମନେ ହୁଏ । ଭାରତ, ଆଫ୍ରିକା, ଗ୍ରୀସ୍ ଓ ଚୀନ୍ ଆଦି ସ୍ଥାନମାନଙ୍କର ଅଧିବାସୀମାନଙ୍କ ପରି ଶ୍ରୀଜଗନ୍ନାଥ ହୋଇଛନ୍ତି କୃଷ୍ଣ ବର୍ଣ୍ଣ । ୟୁରୋପ୍, ଆମେରିକାର ଅଧିବାସୀଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ବଳରାମଙ୍କର ବର୍ଣ୍ଣ । ଚୀନାର ମଙ୍ଗୋଲିୟମାନଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ସୁଭଦ୍ରାଙ୍କ ବର୍ଣ୍ଣ । ଲୋହିତ ଭାରତୀୟଙ୍କ ପରି ସୁଦର୍ଶନ ଲୋହିତରଙ୍ଗରେ ରଞ୍ଜିତ ହୋଇ ଶୋଭା ପାଉଛନ୍ତି । ସମନ୍ୱୟର ଅନ୍ୟ ଏକ ପ୍ରମାଣ ଭାବରେ ବର୍ଣ୍ଣ ଯୋଜନାକୁ ଗ୍ରହଣ କରାଯାଇପାରେ ।

ଅସ୍ପୃଶ୍ୟତାକୁ ସାମାଜିକ କଳଙ୍କ କହି ତା'ର ଦୂରୀକରଣ ନିମନ୍ତେ ବହୁ ପ୍ରଚେଷ୍ଟା ଏବେ କରାଯାଉଥିବା ବେଳେ ବହୁ ପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ଏଥି ନିମନ୍ତେ ନିଆଯାଇଥିବା ପଦକ୍ଷେପ ବାସ୍ତବିକ୍ ମନରେ ବିସ୍ମୟ ସୃଷ୍ଟି କରେ । ଶ୍ରୀୟା ଚଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପ୍ରବେଶ କରିବା ଦ୍ୱାରା ଅସ୍ପୃଶ୍ୟତା ନିବାରଣ ନିମିତ୍ତ ଦୃଢ଼ ପଦକ୍ଷେପ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି । ଜଗନ୍ନାଥ ତ ଭାବଗ୍ରାହୀ; ଭାବରେ ସେ ବନ୍ଧା । ଭକ୍ତର ଆଡ଼ମ୍ବର, ବଂଶ ମର୍ଯ୍ୟାଦା ଉପରେ ସେ ଗୁରୁତ୍ୱ ନଦେଇ ହୃଦୟର ଭାବ ଉପରେ ଗୁରୁତ୍ୱ ଦେଇଥାନ୍ତି । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଭେଦ ତାଙ୍କ ପାଖରେ ନାହିଁ । ସାତଶହ ପଚାଶ କୋଶ ଦୂରରୁ ଭକ୍ତ ହୃଦୟର ଡାକ ସେ ଶୁଣିପାରି ରଥକୁ ଟିକିଏ ଅଟକାଇ ଦେଇଥିଲେ ବଡ଼ ଦାଣ୍ଡରେ । ସାଲବେଗଙ୍କ ସଙ୍ଗୀତ ପ୍ରଭୁଙ୍କ ପାଇଁ ଯେତିକି ଆକର୍ଷଣୀୟ, ଦାସିଆ ବାଉରୀର ନଡ଼ିଆ ତାଙ୍କ ପାଇଁ ସେତିକି ଲୋଭନୀୟ, ଏଥିରେ ସନ୍ଦେହର ଅବକାଶ ନାହିଁ । "ମାଦଳା ପାଞ୍ଜି"ର ରାଜଭୋଗ ବର୍ଣ୍ଣନା ଅନୁସାରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ତାଙ୍କ ନାଏବ ନାଜିମ୍ ସୁଜା ଖାଁଙ୍କ କନ୍ୟାକୁ ବିବାହ କରି ମୁସଲମାନ ଧର୍ମୀ ହେବାରୁ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ସିଂହ ଦ୍ୱାର ଗୁମୁଟ ଭିତରେ ପତିତପାବନ ରୂପରେ ଆବିର୍ଭୂତ ହୋଇଥିଲେ । ଯବନ ହରିଦାସଙ୍କ ହୃଦୟରେ ଥିଲା ଶ୍ରୀଜଗନ୍ନାଥଙ୍କ ନିମନ୍ତେ ସୀମାହୀନ ଭକ୍ତି ଭାବ ।

ବିଭିନ୍ନ ଦିଗରୁ ବିଚାର କଲେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଜଗନ୍ନାଥ ଚେତନା ହିଁ ସମନ୍ୱିତ ଚେତନା ଯାହାର ତୁଳନା ନାହିଁ । ଏହି ଚେତନାର ଧାର୍ମିକ ମୂଲ୍ୟବୋଧ ଯେପରି ରହିଛି, ସାମାଜିକ କ୍ଷେତ୍ରରେ ବ୍ୟାବହାରିକ ମୂଲ୍ୟବୋଧ ମଧ୍ୟ ସେପରି ରହିଛି । ବହୁ ସମସ୍ୟା ସମାଧାନ ନିମନ୍ତେ ଜଗନ୍ନାଥ ଚେତନା ଓ ଧର୍ମ ଦର୍ଶନ ଯେ ଦିଗ୍‌ଦର୍ଶନ ଦେଇପାରିବ ଏଥିରେ ସନ୍ଦେହ ନାହିଁ ।

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ
ଜଗଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତି ହରାୟଚ
ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।"

ଇ: ବି: ୨୫୭ (ମାତୃ କୃପା),
ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୧୮ ।



ମୋର ପରୀକ୍ଷା ବଡ଼ କଠିନ । ତୁମେମାନେ ସେହି କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଯୁଗ ଯୁଗଧରି ମୁଁ ଏହି ନୀଳ କନ୍ଦରରେ ବସି ତୁମମାନଙ୍କର ସ୍ତୁତି ଘୋଷଣା କରିବି ।

ଭକ୍ତ ଭକ୍ତର 'ମିଳନ' ଘଟିଚି ଭଗବାନଙ୍କ ଭକ୍ତି ଦରବାରରେ । ଏହି ମିଳନର ସ୍ମାରକ ସ୍ୱରୂପ ବଡ଼ପଣ୍ଡାଙ୍କ ହସ୍ତରେ ନିଜର ଅଙ୍ଗରତ୍ନ ଖଚିତ କଙ୍କଣ ଉପହାର ଦେଇ ଲଙ୍କାପୁରକୁ ଫେରିଆସିଛନ୍ତି ବିଭୀଷଣ। ନିର୍ବାକ ହୋଇ ଉଠିଛନ୍ତି ବଡ଼ପଣ୍ଡା । ବିଭୀଷଣ ପ୍ରଦତ୍ତ କଙ୍କଣକୁ ସକାଳ ହେଲେ ମହାପ୍ରଭୁଙ୍କ ଭଣ୍ଡାର ଗୃହରେ ସବୁଦିନ ନିଜର ସ୍ମୃତି ସାଇତା କରି ରଖିବା ପାଇଁ ମନସ୍ଥ କରି ରତ୍ନବେଦୀ ଉପରେ ରାତ୍ରି ରାହୀ ପାଇବା ପୂର୍ବରୁ ସ୍ୱଗୃହକୁ ଫେରି ଆସିଛନ୍ତି ଆଉ ଉଜାଗର ଜନିତ ଅବସନ୍ନ ଶରୀରକୁ ସଯ୍ୟା ଉପରେ ଲୋଟାଇ ଦେଇ ଘୁମାଇ ପଡ଼ିଛନ୍ତି ।


ପାହାନ୍ତି ପ୍ରହର । ରାତୀ ପାହିବି ପାହିନି । ଏବେବି ସବୁଠି ଛାପ୍‌ସା ଅନ୍ଧାର ଲାଗି ରହିଛି । ସ୍ୱପ୍ନରେ ବଡ଼ ପଣ୍ଡା ନିର୍ଦ୍ଦେଶ ଦେଇ ଜଗନ୍ନାଥ କହୁଚନ୍ତି–'ସେବକଶ୍ରେଷ୍ଠ' ଏହି କଙ୍କଣ ସ୍ମୃତି ଏକାନ୍ତଭାବେ ତୁମର ନୁହେଁ, ତାହା ସମସ୍ତ ଭକ୍ତ ମଣ୍ଡଳୀର । ତାକୁ ତୁମେ ଭଣ୍ଡାର ଗୃହରେ ଗୁପ୍ତରେ ନରଖି ମନ୍ଦିର ବେଢ଼ାରେ ସର୍ବ ସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ ସ୍ଥାପନ କର । ଖାଲି ସେତିକି ନୁହେଁ, ବିଭୀଷଣଙ୍କର ନିତ୍ୟ ଦର୍ଶନ ନିମନ୍ତେ ଦକ୍ଷିଣ ଦ୍ୱାରର ଉର୍ଦ୍ଧ୍ୱଦେଶରେ ଭାଇଭଉଣୀଙ୍କ ସହିତ ମୋର ପ୍ରତିମୂର୍ତ୍ତି ନିର୍ମାଣ କର । ଆଉ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ମୋ ରଥକୁ କିଛିକ୍ଷଣ ଦକ୍ଷିଣ ମୋଡ଼କରି ଗୁଣ୍ଡିଚା ମନ୍ଦିରକୁ ବିଜେ କରାଅ । ତେବେ ଯାଇ ସଖା ବିଭୀଷଣର ସ୍ମୃତି ଜଗତରେ ଖ୍ୟାତ ହେବ, ତୁମର ସ୍ୱପ୍ନ ସାର୍ଥକ ହେବ ଓ ମୋର ଭକ୍ତ ବାତ୍ସଲ୍ୟତା ପ୍ରକାଶ ପାଇବ ।

ସକାଳ ହୋଇ ଯାଇଛି । ପ୍ରଭାତ ଆଳତୀ ଆଉ ବାଲଧୂପ ଦୀପରେ ଶ୍ରୀମନ୍ଦିର ଉଜ୍ଜ୍ୱଳି ପଡୁଚି । ପଣ୍ଡା, ପଡ଼ିହା ଓ ସେବାୟତମାନଙ୍କର ହା, ହୋଲାରେ ମୁଖରିତ ହେଉଛି ପ୍ରକାମଣ୍ଡପ । ସମସ୍ତଙ୍କ ମୁଖରେ ରତ୍ନବେଦୀରେ ଥିବା ପ୍ରସ୍ତର କଙ୍କଣ ଓ କୁଞ୍ଜମାଳୀକାର ମୃଦୁ ଗୁଞ୍ଜରଣ ଖେଳିଯାଉଛି । ଶଯ୍ୟା ତ୍ୟାଗକରି ଅର୍ଦ୍ଧ ନିମୀଳିତ ନୟନରେ ଚଞ୍ଚଳ ମନରେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି ବଡ଼ପଣ୍ଡା । ସର୍ବ ସମ୍ମୁଖରେ ଗତ ରାତୀର ଘଟଣା ଓ ମହାବାହୁଙ୍କର ସ୍ୱପ୍ନାଦେଶକୁ ଏକ ନିଶ୍ୱାସରେ ଅଖଣ୍ଡିତଭାବେ ବ୍ୟକ୍ତ କରିଛନ୍ତି । ସମସ୍ତେ ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଓ ଭକ୍ତମଣ୍ଡଳୀ ଗହଣରେ ନାମ ସଂକୀର୍ତ୍ତନ କରି ପ୍ରସ୍ତର କଙ୍କଣକୁ ପୁଷ୍ପଗୁଚ୍ଛରେ ସଜ୍ଜିତ କରି ମନ୍ଦିର ପରିକ୍ରମା କରାଇ ଯଥା ସ୍ଥାନରେ ସ୍ଥାପନ କରିଛନ୍ତି ଏବଂ ଦକ୍ଷିଣ ପ୍ରାଚୀର ଉପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ମନୋରମ ବିଗ୍ରହ ନିର୍ମାଣ କରିଛନ୍ତି । ଜୟ ଜଗନ୍ନାଥ, ଜୟ ଭକ୍ତ ବିଭିଷଣ ଓ ଜୟ ବଡ଼ପଣ୍ଡା ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଯାଇଛି ।

ଆଜି ରଥଯାତ୍ରା । ପହଣ୍ଡି ସରିଯାଇଛି । ବଡ଼ଦାଣ୍ଡରେ ଅଗଣିତ ଭକ୍ତମଣ୍ଡଳୀ ଊର୍ଦ୍ଧ୍ୱବାହୁ ଟେକି ଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରୁଛନ୍ତି । ଆକାଶ ମାର୍ଗରେ ଦେବ ଦେବୀମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୁଷ୍ପବର୍ଷଣ କରି ନୃତ୍ୟ କରୁଛନ୍ତି। ହରିବୋଲ ହୁଳାହୁଳି ନାଦରେ ଗଗନ ପବନ ମୁଖରିତ ହେଉଛି। ପରମ ଉଲ୍ଲାସରେ ଭକ୍ତମାନେ ବଡ଼ଦାଣ୍ଡରେ ତିନି ରଥକୁ ଟାଣି ନେଉଛନ୍ତି । ହଠାତ ଦକ୍ଷିଣମୋଡ଼ ହୋଇ ଅଟକି ଯାଇଛି ନନ୍ଦିଘୋଷ ରଥ । ମହାପ୍ରଭୁଙ୍କ ମୁଖମଣ୍ଡଳ ରହିଯାଇଛି ଲଙ୍କାପୁରୀ ଆଡ଼କୁ । ଯେତେ ଟାଣିଲେବି ଚଳୁନାହିଁ । ଧନ୍ୟ ପ୍ରଭୁ । ସତେ ଯେମିତି ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ଅନ୍ତରୀକ୍ଷ ପଥରେ ଉଭାହୋଇ ଲଙ୍କାପତି ବିଭିଷଣ ଆପଣଙ୍କପ୍ରତି କୁଞ୍ଜମାଳୀ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି ଆଉ ଆପଣ କାଣ୍ଡ କୋଦଣ୍ଡ ଧାରଣ ଶ୍ରୀରାମଚନ୍ଦ୍ର ଭାବେ ରୂପାନ୍ତରିତ ହେଉଛନ୍ତି । ବିଳମ୍ବ ଦେଖି ବଡ଼ଦାଣ୍ଡର ବାଲିରୁ ମୁଣ୍ଡରେ ବୋଳି ଭକ୍ତ ଡାକୁଚି 'କାଳିଆ ଆଉ ବିଳମ୍ବ କର କାହିଁକି! ଘନଘନ ଘଣ୍ଟା କାହାଳୀ ବାଜିଉଠିଛି । ରଥ ଗଡ଼ିଛି । ଅଙ୍ଗ ଦୋହଲାଇ, ବେତ ହଲାଇ ଡାହୁକ ଡାକ ଛାଡୁଚି ହୋ ଭଗତେ :

ନନ୍ଦିଘୋଷ ଗଲା ମାଡ଼ି
ହାତେ ଧରି ଟାଣ ରଥଦଉଡ଼ି,
ସବୁ ପାପ ଜିବ ଛାଡ଼ିରେ

ଅଧ୍ୟାପକ,
ସମବାୟ ପ୍ରଶିକ୍ଷଣ ଅନୁଷ୍ଠାନ,
କୋରାପୁଟ ।



ସଖା ବିଭିଷଣ । ତୁମେ ରକ୍ଷାକୁ କୁଳରେ ଜାତ ଜଗନ୍ନାଥଙ୍କୁ ନିତ୍ୟ ଆରାଧନା କରି ଅମରତ୍ୱ ପ୍ରାପ୍ତି ହେବ । ସେ ଅବତାରୀ ମୁଁ ଅବତାର, ସେ ଅନାଦୀ ମୁଁ ଆଦୀ, ସେ ଅବୀମୂଳ ଆଉ ମୁଁ ମୂଳା ମୋର ଏହି ରୂପଶ୍ରୀକୁ ତୁମେ ତାଙ୍କରି ବିଗ୍ରହରେ ଦର୍ଶନ କରିବ ! ଖାଲି ସେତିକି ନୁହେଁ; ବଡ଼ ଠାକୁର ବଳଭଦ୍ର ଓ ମାତା ସୁଭଦ୍ରା ତୁମରି ଦର୍ଶନ ମାତ୍ରେ ଅନୁଜ ଲକ୍ଷ୍ମଣ ଓ ଭଗବତୀ ବୈଦେହୀରେ ପ୍ରତିଭାତ ହେବେ । ସେ ଦିନର ସ୍ମୃତିକୁ ବହନ କରି ମୁଁ ନିତ୍ୟ ନୀଳ କନ୍ଦରକୁ ପରମ ବ୍ୟଗ୍ରତାରେ ଦଉଡ଼ି ଆସେ । କେବେତ ଆପଣଙ୍କ ଦର୍ଶନରେ ଅବହେଳା କରିନି କି ଆପଣ ମଧ ମୋତେ କେବେ ସେହି ଚିର ବାଞ୍ଛିତ ଆରାଧ୍ୟ ରୂପ ଶୋଭାକୁ ଦର୍ଶନ ଦେବାରେ କୁଣ୍ଠିତ ହୋଇ ନାହାନ୍ତି । କିନ୍ତୁ ଆଜି କାହିଁକି ଆପଣ ମୋ ପ୍ରତି ବିମୁଖ ହୋଇଛନ୍ତି । କାହିଁକି ସେହି ଦିବ୍ୟ ରୂପ ଲାବଣ୍ୟ ଦର୍ଶନରୁ ମୋତେ ବଞ୍ଚିତ କରୁଛନ୍ତି । ଏ କପଟ ତ୍ୟାଗ କର ପ୍ରଭୁ । ଶ୍ରୀରାମ ଲକ୍ଷ୍ମଣ ଜାନକୀ ସମେତ ସେହି ନୟନାଭିରାମ ଶ୍ରୀ ମୂର୍ତ୍ତିକୁ ଦର୍ଶନ ନକଲେ ସବୁଦିନ ପାଇଁ ମୋର ଆଖି ବନ୍ଦ ହୋଇଯିବ । ମୋତେ ଦର୍ଶନ ଦିଅ କୃପାମୟ । ସଂଜ୍ଞାହୀନ ଅବସ୍ଥାରେ ରତ୍ନବେଦୀ ତଳେ ପଡ଼ି ଯାଇଛନ୍ତି ଲଙ୍କାଧିପତି ବିଭିଷଣ । ସହିପାରି ନାହାନ୍ତି ପ୍ରଭୁ ଜଗନ୍ନାଥ । କରୁଣା କଟାକ୍ଷରେ ଶ୍ରୀମନ୍ଦିରକୁ ଶ୍ରୀରାମମୟ କରି ଦେଇଛନ୍ତି ।

"ଅମିତ ରୂପ ପ୍ରଗଟେ ତେହି କାଲା
ଯଥାଯୋଗ ମିଳେ ସବହି କୃପାଲା ।

କତର ଉତ୍କର୍ଣ୍ଣିତ ସଂଜ୍ଞାହୀନ ଶରୀର ଦେଖି ଶ୍ରୀରାମ ଜାନକୀ ଲକ୍ଷ୍ମଣ ରୂପରେ ପ୍ରକଟିତ ହୋଇଛନ୍ତି ମହାବାହୁ ଜଗନ୍ନାଥ, ଜଗନ୍ମାତା ସୁଭଦ୍ରା ଓ ବଡ଼ ଠାକୁର ବଳଭଦ୍ର । ରତ୍ନବେଦୀରୁ ଓହ୍ଲାଇ ଆସି କରୁଣା କରପଲ୍ଲବରେ ସ୍ପର୍ଶ କରିଛନ୍ତି ସଖା ଶିରୋମଣୀ ବିଭିଷଣର ଚେତନା ହୀନ ଶରୀରକୁ । ଜାଗ୍ରତ ହୋଇ ବ୍ୟଗ୍ର ଚଞ୍ଚଳ ଚିତରେ ରତ୍ନବେଦୀକୁ ଚାହିଁ ଦେଇଛନ୍ତି ବିଭିଷଣ । ଏ କ'ଣ ! ରାଜସିଂହାସନରେ ଶ୍ରୀରାମ ଲକ୍ଷ୍ମଣ ଜାନକୀ ଉଭା ହୋଇଛନ୍ତି । ହସ୍ତରେ ଆଜାନୁଲମ୍ବିତ ଧନୁର୍ବାଣ । ରାଜୀବ ଲୋଚନରୁ ଝରି ଆସୁଛି ବିନ୍ଦୁ ବିନ୍ଦୁ ମକରନ୍ଦ ରେଣୁ । ଅଧର ଅରୁଣିମାରେ ଉକୁଟି ଉଠିଛି ବାଳସୂର୍ଯ୍ୟର ଆଭା । ସ୍ମିତ ଉନ୍ନତ କପାଳରେ ଶୋଭା ପାଉଛି ଭକ୍ତ ମନଲୋଭା ରାମାନନ୍ଦୀ ଚିତାବଳୀ । କରକଞ୍ଜ ଆଶିଷ ମୁଦ୍ରାରେ ସ୍ଥିର ହୋଇ ରହିଛି । ରଙ୍ଗା ଚରଣ ଭକ୍ତର ଭକ୍ତି ସଲୀଳରେ ଅବଗାହିତ ହେଉଛି । ମନପ୍ରାଣ ଏକ ଧ୍ୟାନରେ ବିଭିଷଣଙ୍କ ଠାରେ ଲାଗି ରହିଛି ।ଭଗବାନଙ୍କର ଏତାଦୃଶ ଭାବମୟ ବିଗ୍ରହକୁ ଦର୍ଶନ କରି ନିର୍ବାକ ହୋଇ ପଡ଼ିଛନ୍ତି ବିଭିଷଣ । ଆଖି ତାଙ୍କର ଅଶ୍ରୁସିକ୍ତ ହୋଇ ଭଗବାନଙ୍କ ଆଖିରେ ମିଶିଯାଇଛି । ସତେ ଯେମିତି ଭକ୍ତ ଓ ଭଗବାନଙ୍କର ପରସ୍ପର ପ୍ରତି ଆକର୍ଷଣ ଓ ପ୍ରତି ଆକର୍ଷଣ ଖୁଲିଛି । ଭଗବାନଙ୍କର ଭଗବତ୍ତା ଓ ଭକ୍ତର ଭକ୍ତିମତ୍ତା ସବୁ ଲୋପ ପାଇ ଯାଉଛି । ଉଭୟେ ନିଜର ସ୍ଥିତି ଆଉ ଉପସ୍ଥିତିକୁ ଭୁଲି ଏକ ପାଶରେ ଆବଦ୍ଧ ହୋଇ ଯୁଗାତିତ ଭାବେ ତ୍ରେତୟା ଯୁଗକୁ ଚାଲି ଯାଇଛନ୍ତି । ବର୍ତ୍ତମାନକୁ ଫେରି ଆସିବାର ସବୁ ପଥ ଯେପରି ବନ୍ଦ ହୋଇ ଯାଉଛି ।

ଭକ୍ତ ବିଭିଷଣ ଓ ମହାପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ଏଭଳି ଅଭେଦ ଭାବ ପ୍ରୀତି ଦର୍ଶନ କରି ଅପୂର୍ବ ଭାବାବେଗରେ ଶିହରି ଉଠିଛନ୍ତି ଦ୍ୱାରବନ୍ଧ ନିକଟରେ ଲୁଚି ରହିଥିବା ପ୍ରଧାନ ସେବକ ବଡ଼ପଣ୍ଡା । ଶରୀରରେ ତାଙ୍କର ଅଷ୍ଟ ସାତ୍ତ୍ୱିକ ବିକାରର ଆକସ୍ମିକ ଉନ୍ମେଷ ହୋଇଛି । ସର୍ବାଙ୍ଗ ଘନ ଘନ ରୋମାଞ୍ଚରେ ଦୋଳାୟିତ ହେଉଛି । କଣ୍ଠ ଶୁଷ୍କ ଓ ଅସ୍ପଷ୍ଟ ହୋଇ ଯାଉଛି । ସନ୍ଧାନୀ ଚକ୍ଷୁରେ ସନ୍ଦେହର ପରଳ ଲିଭିଯାଇ ସତ୍ୟାଲୋକର ପ୍ରଭା ପ୍ରତିଫଳିତ ହେଉଛି । ଜନପ୍ରବାଦ ଆଜି ମହାସତ୍ୟରେ ପ୍ରମାଣିତ ହୋଇ ଉଠିଛି । ନିଜକୁ ଧିକ୍କାର କରି ଚାଲିଛନ୍ତି ବଡ଼ପଣ୍ଡା । ଜୀବନ ସାରା ମହାବାହୁଙ୍କର ସେବାକରି ଆସିଥିଲେ ମଧ୍ୟ ଏପରି ସୌଭାଗ୍ୟର ଅଧିକାରୀ ହୋଇ ପାରି ନାହାନ୍ତି । ବିଭୀଷଣ ନିକଟରେ ନିଜକୁ ଅତି ହୀନ ମନେ କରୁଛନ୍ତି । ଠାକୁରଙ୍କ ସମ୍ମୁଖରେ ତାଙ୍କର ପାଦତଳେ ଗଡ଼ିଯିବାକୁ ମନ ବ୍ୟାକୁଳ ହୋଇଉଠିଛି । କିନ୍ତୁ ପ୍ରଭୁଙ୍କର ରୂପାନ୍ତର ଦେଖି ଭାବୁଛନ୍ତି ସତରେ କ'ଣ ପ୍ରଭୁ ଆଉ ସ୍ୱରୂପରେ ଦର୍ଶନ ଦେବେନି । ତ୍ରେତୟା ଯୁଗରୁ କଳି ଯୁଗକୁ ଫେରି ଆସିବେନି । ଅଯୋଧ୍ୟାପୁରୀ ତ୍ୟାଗକରି ମର୍ତ୍ତ୍ୟ ବୈକୁଣ୍ଠ ନୀଳକନ୍ଦରରେ ବିଜେ ହେବେନି । ଫେରି ଆସ ପ୍ରଭୁ ! ନଚେତ ଆପଣ ସାରା ସଂସାରର ସବୁ ସମ୍ପ୍ରଦାୟର ଭକ୍ତମାନଙ୍କର ପ୍ରାଣ ପ୍ରତିମ ଜଗନ୍ନାଥ ନ ହୋଇ ନିର୍ଦ୍ଦିଷ୍ଟ ଭକ୍ତମଣ୍ଡଳୀର ଆପଣାର ହୋଇ ବାନ୍ଧି ହୋଇ ରହିଯିବେ । ଆପଣଙ୍କର ବିଶ୍ୱବିଦିତ ମହିମା ସଙ୍କୁଚିତ ହୋଇଯିବ । ଠିକ ଏତିକି ବେଳେ ଗୁରୁଗମ୍ଭିର ନାଦରେ ମନ୍ଦିର ଅଭ୍ୟନ୍ତରରେ ପ୍ରତିଧ୍ୱନୀତ ହେଲା : କ୍ଷାନ୍ତହୁଅ ବଡ଼ପଣ୍ଡା, ଏ ଦୁଃଶ୍ଚିନ୍ତାରୁ ନିବୃତ୍ତ ହୁଅ । ତୁମେ ଜାଣ, ମୁଁ ସମସ୍ତଙ୍କର । ସମସ୍ତେ ମୋର ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ,
ତାଂ ସ୍ତଥୈବ ଭଜା ମ୍ୟହମ୍ ।

ମୋତେ ଯିଏ ଯେଉଁ ରୂପରେ ଭଜନ କରେ ମୁଁ ତାକୁ ସେହି ଭାବରେ ପ୍ରାପ୍ତିହୁଏ । ଦେଖ, ତୁମରି ଇଚ୍ଛାମାତ୍ରେ ମୁଁ ପୁଣି ମୋର ଆଦି ରୂପକୁ ଧାରଣା କରୁଛି ।

ପ୍ରକୃତିସ୍ଥ ହୋଇ ଉଠିଛନ୍ତି ସେବକ ବଡ଼ପଣ୍ଡା ଓ ଲଙ୍କାଧିପ ବିଭିଷଣ । ମାନସିକ ଅସ୍ଥିରତା ଧୀରେ ଧୀରେ ଅପସରି ଯାଉଛି । ଶ୍ରୀମନ୍ଦିରର ରତ୍ନବେଦୀ ଉପରେ ପୂର୍ବପରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରା ବସି ରହିଛନ୍ତି । ଚନ୍ଦନ ଚର୍ଚ୍ଚିତ ଲଲାଟ ପଟରେ ଲାଗି ରହିଛି ଠିକ୍ ଆଗଭଳି ନିଖୁଣ ରାମାନନ୍ଦୀ ଚିତା । ରଙ୍ଗାଧରରେ ଶୋଭା ପାଉଛି ଦ୍ୱୀତିୟା ଚନ୍ଦ୍ରର କ୍ଷୀଣ ମଧୁହାସ । ଉଭୟେ ବଡ଼ପଣ୍ଡା ଓ ବିଭିଷଣ ପରସ୍ପର ଅଜାଣତରେ ପୁଲକିତ ହୋଇ ଉଠିଛନ୍ତି କୃତାଞ୍ଜଳୀ ପୁଟରେ ମହାପ୍ରଭୁଙ୍କୁ କୁର୍ଣ୍ଣିମାଳୀ ଅର୍ପଣକରି ଲଙ୍କାଗଡ଼କୁ ଫେରିଯିବା ପାଇଁ ଉଦ୍ୟତ ହୋଇଛନ୍ତି ବିଭିଷଣ । ଦ୍ୱାରଦେଶରେ ତାଙ୍କରି ପ୍ରତିକ୍ଷାରେ ଥିବା ବଡ଼ ପଣ୍ଡା ତାଙ୍କୁ ଦେଖି ଚଞ୍ଚଳ ହୋଇ ଉଠିଛନ୍ତି । ଏ ସୁଯୋଗ ପାଇ ଯଦି ସେ ବିଭିଷଣଙ୍କ ପରି ଭକ୍ତର ଅଙ୍ଗସ୍ପର୍ଶ ନକରନ୍ତି ତେବେ ଜୀବନରେ ଏକ ଅବଶୋଷ ରହିଯିବ ବୋଲି ମନସ୍ଥ କରିଛନ୍ତି । ଅପର ପକ୍ଷରେ ବଡ଼ପଣ୍ଡାଙ୍କର ଆବେଗମୟ ଅବସ୍ଥାକୁ ଲକ୍ଷ୍ୟକରି ବିଭୀଷଣ ମଧ୍ୟ ଆତ୍ମବିସ୍ମୃତ ହୋଇଯାଇ ବଡ଼ପଣ୍ଡାଙ୍କପରି ଜଗନ୍ନାଥଙ୍କର ପରମ ଭକ୍ତ ଓ ପ୍ରଧାନ ସେବକକୁ ଉପେକ୍ଷାକରି ଚାଲିଗଲେ ମହା ଅପରାଧ ହେବ ବୋଲି ସ୍ଥିର କରିଛନ୍ତି । ଏହିଭଳି ଦିବ୍ୟ ଭାବରେ ବିଭାବିତ ହୋଇ ଜଗନ୍ନାଥଙ୍କ ଅଦେଖା ଇଙ୍ଗିତରେ ପରସ୍ପରକୁ ବାହୁ ପାଶରେ ଆବଦ୍ଧକରି ଠାକୁରଙ୍କ ପ୍ରତି ଗଭୀର ଶ୍ରଦ୍ଧାରେ ମୁଣ୍ଡ ନୁଆଁଇ ଦେଇଛନ୍ତି । ହସିହସି ମାୟାଧୀଶ ଭଗବାନ କହୁଛନ୍ତି :

"ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା,
ମାମେବଯେ ପ୍ରପ ଦ୍ୟନ୍ତେ ମାୟାମେତାଂ ତରନ୍ତିତେ ।"

ଏଣ୍ଡୁରୀ—୬ ଗୋଟା
ମାଠପୁଳି—୬ ଗୋଟା
କାକରୁଆଛିଲି—୪ ଗୋଟା
ଥାଳୁ କଦଳୀଭଜା—୧ ସରା
ପଦାପାଚେଡ଼ି—୪ ସରା
ବୁନ୍ଦିଆ—୧ ସରା
ଥାଳି ଖେଚୁଡ଼ି—୬ କୁଡୁଆ (ବଡ଼ ଠାକୁରଙ୍କର)
ଥାଳି ଖେଚୁଡ଼ି—୨ କୁଡୁଆ (ସୁଭଦ୍ରାଙ୍କର)
ଥାଳି ଖେଚୁଡ଼ି—୨ କୁଡୁଆ (ସୁଦର୍ଶନଙ୍କର)
ଥାଳି ଖେଚୁଡ଼ି—୪ କୁଡୁଆ (ଜଗନ୍ନାଥଙ୍କର)
ଟାଟ ଖେଚୁଡ଼ି—୬ କୁଡୁଆ
ମେଣ୍ଢାମୁଣ୍ଡିଆ ଖେଚୁଡ଼ି—୧ କୁଡୁଆ
ବଡ଼ କାନିକା—୩ କୁଡୁଆ
ସାନ କାନିକା—୨ କୁଡୁଆ
ଓଳି ଖେଚୁଡ଼ି—୯ କୁଡୁଆ
ନୁଖୁରା ଖେଚୁଡ଼ି—୪ କୁଡୁଆ
ବଡ଼ ଓଳି ଖେଚୁଡ଼ି—୩ ଓଳି
ସାନ ଓଳି ଖେଚୁଡ଼ି—୩ ଓଳି
ଶାଗ—୫ ଓଳି
ବଣ୍ଟାମାଠପୁଳି—୯ ଓଳି
(ପୂଜାପଣ୍ଡାଙ୍କର)

ଭୋଗ ସମାପ୍ତିପରେ କୋଠଭୋଗମାନ ସମ୍ପୃକ୍ତ ସେବାୟତ, କେତେକ ମଠ ଓ ମନ୍ଦିରମାନଙ୍କୁ ସେମାନଙ୍କ ପ୍ରାପ୍ୟ ଭେଟ ଆକାରରେ ବଣ୍ଟନ କରାଯାଏ ।

ଉପଶାସନ ସଚିବ,
ଆଇନ ବିଭାଗ, ସଚିବାଳୟ,
ଭୁବନେଶ୍ୱର ।




ଭୁବନେଶ୍ୱର ବୁଦ୍ଧ ବିହାରଠାରେ ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଭିଭାଷଣ (୫/୫) ।

# ଶ୍ରୀମନ୍ଦିରରେ ସକାଳ ଧୂପ

* ଶ୍ରୀ ମହୀମୋହନ ତ୍ରିପାଠୀ

ଶ୍ରୀମନ୍ଦିର ବା ଶ୍ରୀଜଗନ୍ନାଥ ମନ୍ଦିର, ପୁରୀରେ ହେଉଥିବା ପ୍ରାତ୍ୟହିକ ନୀତି ମଧ୍ୟରେ ସକାଳଧୂପ ବା ଭୋଗ ଅନ୍ୟତମ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ରତ୍ନବେଦୀରେ ବିରାଜିତ ଅନ୍ୟାନ୍ୟ ଠାକୁରମାନଙ୍କର ସକାଳ ଧୂପ ପୂଜା।

ପ୍ରତିଦିନ ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ଅବକାଶ, ଅବକାଶ ପରେ ମଇଲମ, ସାହାଣମେଳା ବା ସର୍ବସାଧାରଣ ଦର୍ଶନ, ବେଶଲାଗି, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଭୋଗ ନୀତି ପରେ ସକାଳ ଧୂପ ପୂଜାହୁଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି (ରେକର୍ଡ ଅଫ୍ ରାଇଟସ୍)ରେ ଉଲ୍ଲେଖ ଅନୁସାରେ ସକାଳଧୂପ ପ୍ରତିଦିନ ସକାଳ ଦଶଟାରେ ହେବା ନିୟମ। କିନ୍ତୁ କେତେକ କାରଣରୁ ଏହା ଅଧିକାଂଶ ଦିନ ନିର୍ଦ୍ଧାରିତ ସମୟରେ ହୋଇପାରେ ନାହିଁ; ବିଳମ୍ବରେ ହୁଏ।

ଏହି ଭୋଗ ସିଂହାସନ ତଳେ ଅର୍ଥାତ୍ 'ପୋଖରିଆ'ରେ ବଢ଼ାଯାଏ। ପୋଖରିଆରେ ପୂଜାପଣ୍ଡା ପଶିପାଇଁ ମୁରୁଜରେ ଘର କାଟିଥାନ୍ତି। ମୁରୁଜଗାର ଭିତରେ ଭୋଗ ବଢ଼ାଯାଏ। ମୁରୁଜ ସୀମା ଭିତରେ ଭୋଗ ବଢ଼ାଗଲେ ତାହା ମହାପ୍ରସାଦ ପଦବାଚ୍ୟ ହୁଏ ବୋଲି କଥିତ। ଏହି ପନ୍ତିରେ ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରସ୍ତୁତ କରାଯାଉଥିବା କୋଠଭୋଗ ବା ରାଜଭୋଗ ବ୍ୟତୀତ ସନନ୍ଦ ପାଉଥିବା କେତେକ ମଠବାଡ଼ିଙ୍କ ତରଫରୁ ଭୋଗ ବଢ଼ାଯାଇଥାଏ। ଏହି ଭୋଗ ପୂଜାପାଇଁ ନିମ୍ନଲିଖିତ ସାମଗ୍ରୀ ଆବଶ୍ୟକ ପଡ଼ିଥାଏ।

ପାଣି, ଘଣ୍ଟାଜଳ, ଥାଳି ଓ ପରଖ, ମୁରୁଜଗୁଣ୍ଡ, ପାଣିଝରୀ, ଆସନପିଢ଼ା, ଷୋଡ଼ଶ ଉପଚାରର ପୂଜା ସାମଗ୍ରୀ (ଅଳାଇଚ, ଚନ୍ଦନ, ଲବଙ୍ଗ, ଗୁଡ଼, ପଇତା, ପାଟସୂତା ଇତ୍ୟାଦି) ମାଳ ଚୁଲି, ପୂଜାବାକ୍ସ, ତିନୋଟି ସୁନା ପଦକ, ତିନୋଟି ପିତଳ ଦର୍ପଣ, କୋଠଭୋଗ ଦ୍ରବ୍ୟ, ବିଡ଼ିଆପାନ ଇତ୍ୟାଦି।

ସକାଳଧୂପ ନୀତି ସମ୍ପନ୍ନ ପାଇଁ ନିମ୍ନଲିଖିତ ସେବାୟତମାନଙ୍କର ଦରକାର ହେବା ଆବଶ୍ୟକ।

ଭିତରଛ ମହାପାତ୍ର, ଖୁଣ୍ଟିଆ, ଘଣ୍ଟୁଆ, ଦ୍ୱାରପାଳ, ପାଣିଆପଟ, ପ୍ରଧାନୀ, ପୂଜାପଣ୍ଡା (୩ ଜଣ), ପ୍ରତିହାରୀ, ପାଳିଆ ମହାସୁଆର, ପଶୁପାଳକ, ଗୋବିନ୍ଦ, ଗୋଚ୍ଛିକାର, ଗରାବଡୁ, ମୁଦୁଲି, ସୁଣ୍ଡାମେକାପ, ଚନ୍ଦନ ପଟୁଆରୀ, ପାଳିଆମେକାପ, ପାଳିଆଖୁଣ୍ଟିଆ, ହଡ଼ପନାୟକ, ବଡ଼ିବା ଯୋଗାଣିଆ, ସୁଦୁସୁଆର, ଗୋଚ୍ଛିକାର, ଦକ୍ଷିଣଦ୍ୱାର ପ୍ରତିହାରୀ, ଘଣ୍ଟୁଆ, ବୈଜଣ୍ଟି, ପୁରାଣପଣ୍ଡା, ଝାଞ୍ଜପିଟା ଲୋକ ଇତ୍ୟାଦି।

ପୂର୍ବେ ସକାଳ ଧୂପ ବେଳେ ପଡ଼ିବାପରେ ଜଗମୋହନରେ ଗରୁଡ଼ ସ୍ତମ୍ଭ ଆଗରେ ଶ୍ରୀମନ୍ଦିର ରାଜଗୁରୁ ସୁନା ବେତଧରି ପଟୁଆର କରୁଥିଲେ ଓ ମାହାରୀ (ଦେବଦାସୀ) ନୃତ୍ୟ କରୁଥିଲେ। ମାଦଳି ମାଦଳ ବଜାଉ ଥିଲେ। ଏବେ ଏହା ହେଉନାହିଁ। ବହୁବର୍ଷ ହେଲା ବନ୍ଦ ଅଛି।

ସକାଳଧୂପକୁ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କରନ୍ତି। ଦ୍ୱିପ୍ରହରଧୂପ ଓ ସନ୍ଧ୍ୟାଧୂପ ମଧ୍ୟ ଷୋଡ଼ଶ ଉପଚାରରେ ପୂଜା ହୁଏ। କିନ୍ତୁ ଗୋପାଳବଲ୍ଲଭ ଭୋଗମଣ୍ଡପ ଓ ବଡ଼ସିଂହାର ଧୂପମାନ ପଞ୍ଚଉପଚାରରେ ପୂଜାହୁଏ। ସକାଳଧୂପ, ପୂଜାପଣ୍ଡାମାନେ ସିଂହାସନଉପରେ ବସି ପୂଜା କରନ୍ତି। ଓଡ଼ଣଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ଯାଏଁ, ଅର୍ଥାତ୍ ଠାକୁରମାନଙ୍କର ଘୋଡ଼ବସ୍ତଲାଗି ସମୟରେ ପୂଜାପଣ୍ଡାମାନେ ସିଂହାସନ ତଳେ ବସି ପୂଜା କରନ୍ତି। ଭୋଗ ଶେଷପରେ ଠାକୁରମାନଙ୍କର ବିଡ଼ିଆମଣୋହି ହୁଏ ଓ ତାପରେ ଆଳତି ହୁଏ। ତିନିଜଣ ପୂଜାପଣ୍ଡାଙ୍କ ମଧ୍ୟରୁ ଜଣେ ବଡ଼ଠାକୁରଙ୍କର, ଜଣେ ସୁଭଦ୍ରାଙ୍କର ଓ ଜଣେ ଶ୍ରୀଜଗନ୍ନାଥଙ୍କର ପୂଜା କରନ୍ତି। ଶ୍ରୀଜଗନ୍ନାଥଙ୍କର ପୂଜାପଣ୍ଡା, ଶ୍ରୀଦେବୀ, ଭୂଦେବୀ ଓ ସୁଦର୍ଶନଙ୍କର ପୂଜା କରିଥାନ୍ତି। ନୀଳମାଧବ ଠାକୁରଙ୍କର ଏ ସମୟରେ ଭୋଗପୂଜା ହୁଏନାହିଁ। ରତ୍ନସିଂହାସନରେ ଏହି ସପ୍ତ ବିଗ୍ରହ ବିରାଜିତ।

ଭୋଗମଣ୍ଡପ ଭୋଗ ବ୍ୟତୀତ ଅନ୍ୟାନ୍ୟ ଭୋଗ (କୋଠଭୋଗ) ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା ଦ୍ରବ୍ୟ ବା କଞ୍ଚାମାଲ, ଯଥା—ଚାଉଳ, ଗହମଅଟା, ଡାଲି, ଘିଅ, ଗୁଡ଼, ଚିନି, ସୁଜି, ମରିଚ, ବିରି, ମୁଗ, ଦୁଧ, ଦହି, ଅଳାଇଚ, ହଳଦୀ, ଜିରା, ଲୁଣ, ହେଙ୍ଗୁ, ବେସନ, ରାଶିତେଲ, ନଡ଼ିଆ, ପରିବା ଓ ଜାଳେଣିକାଠ ଇତ୍ୟାଦି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯୋଗାଇ ଦିଆଯାଏ। ଭୋଗମଣ୍ଡପରେ କୋଠଭୋଗ ପୂଜା ହୁଏନାହିଁ।

ବର୍ତ୍ତମାନ ସକାଳଧୂପରେ ଲାଗୁଥିବା କୋଠଭୋଗର ତାଲିକା ଓ ପରିମାଣ ନିମ୍ନରେ ପ୍ରଦତ୍ତ ହେଲା।

ପିଠପୁଲି—୪ ସରା
ହଂସକେଳି—୨ ସରା
ବଡ଼କାନ୍ତି—୫ ସରା
ସାନକାନ୍ତି—୩ ସରା

ସ୍ନାନ ପୂର୍ଣ୍ଣିମା ବେଳକୁ ତିନୋଟି ଯାକ ଚିତ୍ର ସମ୍ପୂର୍ଣ୍ଣ ହୋଇଯାଏ । ଏଣୁ ସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ର ବେଳକୁ ପାରମ୍ପାରିକ ଉପଚାର ଅନୁସରଣ କରି ଚିତ୍ରକାରମାନେ ଚିତ୍ର ତିନୋଟିକୁ ମନ୍ଦିରରେ ଦେଇ ଆସନ୍ତି । ପରବର୍ତ୍ତୀ ଦିନ ଅର୍ଥାତ୍ ଆଷାଢ଼ କୃଷ୍ଣ ପ୍ରଥମା ପ୍ରଭାତରେ, ଅଣସର ପଟ୍ଟୀ ତିନୋଟି ଶ୍ରୀମନ୍ଦିରର ଜଗମୋହନରେ ତିନୋଟି ତାଟି ଉପରେ ଝୁଲୁଥାଏ । ଏହି ପଟ୍ଟୀଗୁଡ଼ିକୁ ପୂଜା କରିବାର କାରଣ ସ୍ୱରୂପ କୁହାଯାଏ ଯେ, ସ୍ନାନ ପୂର୍ଣ୍ଣିମାର ସ୍ନାନାତିରିକ୍ତ ବିଗ୍ରହମାନଙ୍କୁ ଜ୍ୱର ଗ୍ରସ୍ତ କରି ଦେଇଛି, ସେମାନେ ଏଣୁ ଚିକିତ୍ସାଧୀନ; ଏଣୁ ସେମାନଙ୍କୁ ଦର୍ଶନ କରିବା ମନା । ଆଷାଢ଼ ଅମାବାସ୍ୟା ଯାଏଁ ସମ୍ପୂର୍ଣ୍ଣ ୧୫ ଦିନପାଇଁ ଅଣସର ପଟ୍ଟୀଗୁଡ଼ିକ ପୂଜା ପାଏ ।

ଆମ ପଟ୍ଟଚିତ୍ରର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଚିତ୍ରଗୁଡ଼ିକର ବିଷୟବସ୍ତୁ ଧର୍ମ ପରମ୍ପରା, ପୁରାଣ ବା ଓଡ଼ିଶାର କିମ୍ବଦନ୍ତୀ ଉପରେ ଆଧାରିତ । ତିନି ଅଣସର ପଟ୍ଟୀର ଠାକୁର ଙ୍କ ପ୍ରତ୍ୟେକ ଚତୁର୍ଭୁଜ; ପଦ୍ମାସନରେ କାଷ୍ଠ ନିର୍ମିତ ଆସନରେ ଉପବିଷ୍ଟ । ଚିତ୍ରର ଜଗନ୍ନାଥ ଚାରି ହସ୍ତରେ ଧରିଛନ୍ତି ଶଙ୍ଖ, ଚକ୍ର, ଗଦା, ପଦ୍ମ । ବଳଭଦ୍ର ମଧ୍ୟ ଶଙ୍ଖ, ଚକ୍ର, ଗଦା ଧରିଛନ୍ତି, ତେବେ ଚତୁର୍ଥ ହସ୍ତରେ ତାଙ୍କର କ୍ଷୁଦ୍ରାକୃତିର ଲଙ୍ଗଳଟିଏ । ସୁଭଦ୍ରା ଦୁଇ ଊର୍ଦ୍ଧ୍ୱ ହସ୍ତରେ ଧରିଛନ୍ତି ଦୁଇଟି ପଦ୍ମ ଓ ତାଙ୍କର ନିମ୍ନ ଦୁଇ ହସ୍ତ ବରଦା ଭଙ୍ଗୀରେ ରହିଛି । ପ୍ରତି ଚିତ୍ରର ପୃଷ୍ଠପଟ୍ଟ ବର୍ଣ୍ଣରେ ରଞ୍ଜିତ ଯାହା ଉପରେ ସାନ ସାନ ଫୁଲର ଚିତ୍ର ରହିଛି । ଜଗନ୍ନାଥଙ୍କ ଦେହର ରଙ୍ଗ କଳା; ତେବେ ତାଙ୍କର ଶ୍ମଶ୍ରୁ ଓ ଭ୍ରୂ ଧଳା ବର୍ଣ୍ଣର, ବଳଭଦ୍ରଙ୍କ ଦେହର ବର୍ଣ୍ଣ ଧଳା ଓ କେଶାଦି କୃଷ୍ଣ ବର୍ଣ୍ଣର, ସୁଭଦ୍ରାଙ୍କ ବର୍ଣ୍ଣ ହଳଦିଆ । ପ୍ରତ୍ୟେକେ ଛୋଟ ଛୋଟ କାରୁକାର୍ଯ୍ୟମୟ ଅଧ ଉପରେ ବସିଥିବା ଚିତ୍ରାୟିତ ହୋଇଛି । ଚିତ୍ରଗୁଡ଼ିକରୁ ସ୍ପଷ୍ଟ ହୃଦ୍‌ବୋଧ ହେଉଛି ଯେ, ବାସ୍ତବତା ଅପେକ୍ଷା ରଙ୍ଗ ବୈଚିତ୍ର୍ୟକୁ ହିଁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ।

ଜଗନ୍ନାଥ ଉପାସନାରେ ପଟ୍ଟଚିତ୍ରର ଏକ ନିର୍ଦ୍ଦିଷ୍ଟ ଭୂମିକା ଥିବାରୁ ଓଡ଼ିଶାର ଏହି ଚିତ୍ର ପରମ୍ପରା ଶହ ଶହ ବର୍ଷ ଧରି ଜୀବିତ ରହି ପାରିଛି ।

ଫ୍ରି ଲାନ୍ସ ସାମ୍ବାଦିକ,
ବିଡିପୁର, ବଡ଼ସାହି,
ବ୍ରହ୍ମପୁର-୭୬୦୦୦୧ ।



୧୨୦ ପଦାତିକ ବାହିନୀର କମାଣ୍ଡିଂ ପଦାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ଡିଲକ୍ସ ବସ୍‌ର ଚାବି ପ୍ରଦାନ କରୁଛନ୍ତି (୨୪/୭) ।

# ଅଣସର ପଟୀରେ ପୂଜିତ ତିନି ଠାକୁର

* ଶରତ ଚନ୍ଦ୍ର

ଓଡ଼ିଆ ସଂସ୍କୃତିର ଅନ୍ୟତମ ପ୍ରତୀକ ରୂପେ ଗୃହୀତ ହୁଏ ପଟଚିତ୍ର ଯା'ର ଅଙ୍କନ ସୌନ୍ଦର୍ଯ୍ୟ ଓ ରଙ୍ଗ ବିଭବ ଦର୍ଶକମାନଙ୍କୁ ମୁଗ୍ଧ କରେ । ପଟଚିତ୍ର ଏବେ ମଧ୍ୟ ଓଡ଼ିଶାରେ ବହୁ ସଂଖ୍ୟାରେ ପ୍ରସ୍ତୁତ ହୁଏ; ଏଣୁ ଶହ ଶହ ଚିତ୍ରଶିଳ୍ପୀ କେତେକ ଗାଆଁରେ ଓ ସହରରେ ରହିଛନ୍ତି । କିନ୍ତୁ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାରେ ଏହି ଚିତ୍ର ପରମ୍ପରା ବଞ୍ଚି ରହିଥିବାର ପ୍ରଧାନ କାରଣ—ଜଗନ୍ନାଥ ଉପାସନାରେ ପଟଚିତ୍ରର ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି । ଉପାସନା ପାଇଁ ବ୍ୟବହୃତ ଚିତ୍ରଗୁଡ଼ିକ ଶ୍ରୀମନ୍ଦିର ପରିଭାଷାରେ ଅଣସରପଟୀ ନାମରେ ପରିଚିତ । ପୁରୀ ମନ୍ଦିରରେ କେବଳ ନୁହେଁ, ଓଡ଼ିଶାର ପ୍ରାୟାଂଶରେ ଥିବା ବହୁତ ଜଗନ୍ନାଥ ଦେଉଳରେ ଅଣସର ପଟୀ, ପୂଜା ପରମ୍ପରା ରହିଛି । ତେବେ ଅଣସର ପଟୀ ପୂଜା ପୂର୍ବରୁ କେତେକ ବିଚିତ୍ର ରୀତି ଅନୁସୃତ ହୁଏ ।

ଶ୍ରୀଜଗନ୍ନାଥ ଉପାସନାର ଗୋଟିଏ ଅଦ୍ଭୁତ ରୀତି ହେଲା ସ୍ନାନ ପୂର୍ଣ୍ଣିମା ଉତ୍ସବ । ପୁରୀ ମନ୍ଦିରର ପର୍ବମାନଙ୍କ ମଧ୍ୟରେ ସ୍ନାନ ପୂର୍ଣ୍ଣିମା ଅନ୍ୟତମ ପ୍ରଧାନ ପର୍ବ ରୂପେ ପରିଗଣିତ । ଏଇ ପର୍ବପାଇଁ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ଆନନ୍ଦ ବଜାର ପରିସରରେ ଥିବା ସ୍ନାନ ବେଦୀକୁ ନିଆଯାଏ । ଦିଅଁମାନଙ୍କୁ ଗରମରୁ ରକ୍ଷା କରିବାପାଇଁ ସେଠାରେ ସେମାନଙ୍କୁ ୧୦୮ ଗରା ପାଣିରେ ସ୍ନାନ କରାଯାଏ । ସେଇ ୧୦୮ ଗରା ପାଣି ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ସୁନା କୁଅରୁ ଆସେ; ତେବେ ଚନ୍ଦନ କର୍ପୂର ପ୍ରଭୃତି ପଡ଼ି ତାହା ସୁବାସିତ ହୋଇଥାଏ । ତିନି ଦେବତା ପ୍ରତ୍ୟେକେ ୩୬ ଗରା ଲେଖାଏ ସୁବାସିତ ଜଳ ସ୍ନାନ କଲାପରେ ସେ ଦିନ ସେମାନଙ୍କୁ ସୁବେଶ କରାଯାଏ । ଯଦିଓ ସେ ଦିନ ରାତିର ତୃତୀୟ ପ୍ରହର ଯାଏ ଗଣେଶ ବେଶରେ ସଜ୍ଜିତ ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରନ୍ତି, ତା'ପର ଦିନ ସେମାନଙ୍କୁ ସ୍ନାନ ମଣ୍ଡପରେ ଦେଖିବାକୁ ମିଳେନି କି ଦର୍ଶନ ମିଳେନି ମଧ୍ୟ ରତ୍ନସିଂହାସନ ଉପରେ । ରତ୍ନ ସିଂହାସନ ଥିବା ଗର୍ଭଗୃହ ଏବଂ ତା' ସମ୍ମୁଖରେ ଥିବା ଅଣସର ଘର ମଧ୍ୟ ଯାତ୍ରୀମାନଙ୍କ ପାଇଁ ବନ୍ଦ ହୋଇ ଯାଇଥାଏ । ତେବେ ସେମାନେ ପୂଜା କରିବା ପାଇଁ ଜଗମୋହନରେ ଶୋଭା ପାଉଥାଏ ତିନୋଟି ପଟଚିତ୍ର, ଯେଉଁଗୁଡ଼ିକୁ ତିନି ଠାକୁରଙ୍କର ଚିତ୍ରରୂପ ରୂପେ ଗ୍ରହଣ କରାଯାଏ । ସେହି ତିନୋଟି ଚିତ୍ର,ହିଁ ଅଣସର ପଟୀ ରୂପେ ପରିଚିତ ଏବଂ ଚିତ୍ର ସବୁ ପଟଚିତ୍ର ଶୈଳୀରେ ଅଙ୍କିତ ହୋଇଥାଏ ।

ରତ୍ନ ସିଂହାସନ ଉପରେ ପୂଜା ପାଉଥିବା ଦାରୁ ମୂର୍ତ୍ତିଗୁଡ଼ିକର ରୂପ ଏବଂ ଚିତ୍ରମାନଙ୍କରେ ରୂପାୟିତ ଦେବତା ତ୍ରୟଙ୍କର ଆକୃତିରେ ଯଥେଷ୍ଟ ପାର୍ଥକ୍ୟ ବିଦ୍ୟମାନ । ଦାରୁ ବିଗ୍ରହଗୁଡ଼ିକୁ ପାଦ ବିହୀନ, ଅସମ୍ପୂର୍ଣ୍ଣ ହସ୍ତ ବିଶିଷ୍ଟ ଏବଂ ପ୍ରତ୍ୟେକଙ୍କର ଅନୁପାତ ଅତିରିକ୍ତ ବଡ଼ ବଡ଼ ଚକ୍ଷୁ । ସୂକ୍ଷ୍ମ କଳା ନୈପୁଣ୍ୟତା ମୂର୍ତ୍ତିଗୁଡ଼ିକରେ ପରିଦୃଷ୍ଟ ନୁହେଁ । କିନ୍ତୁ ଅଣସର ପଟୀର ଦେବତା ତ୍ରୟ ପୂର୍ଣ୍ଣାବୟବ, କଳା ନୈପୁଣ୍ୟତାରେ ପରିପୂର୍ଣ୍ଣ । ପଟଚିତ୍ରର ସମସ୍ତ ବୈଶିଷ୍ଟ୍ୟ ତିନି ଚିତ୍ରରେ ପରିଦୃଷ୍ଟ । ସେହି ବିଶେଷତ୍ୱଗୁଡ଼ିକ ଉଲ୍ଲେଖ କରିବା ପୂର୍ବରୁ ଅଣସର ପଟୀର ପ୍ରସ୍ତୁତି ସମ୍ପର୍କରେ କିଛିଟା ବିବରଣୀ ଦେବା ପ୍ରାସଙ୍ଗିକ ହେବ ।

ଖାସ୍ ଅଣସର ପଟୀ ପ୍ରସ୍ତୁତ କରିବା ପାଇଁ ମନ୍ଦିରରେ ଚିତ୍ରକାର ନାମକ ସେବାୟତମାନେ ରହିଛନ୍ତି । ଚିତ୍ରକାର ସେବାୟତମାନେ ବଂଶାନୁକ୍ରମେ ଅଣସର ପଟୀ ଚିତ୍ର ଅଙ୍କନ କରି ଆସୁଛନ୍ତି । ସାରା ବର୍ଷଟାରେ ସେମାନଙ୍କର ଏକ ମାତ୍ର ସେବା ହେଲା, ଅଣସର ପଟୀଚିତ୍ର ଅଙ୍କନ । ତିନି ଠାକୁରଙ୍କପାଇଁ ତିନି ଗୋଟି ପଟ୍ଟ ଚିତ୍ର ହୁଏ ଏବଂ ତିନି ଜଣ ସେବାୟତ ସେହି ତିନୋଟି ଚିତ୍ର ତିଆରି କରନ୍ତି । ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା—ତିନି ଦିଅଁଙ୍କ ଚିତ୍ରର ଦାୟିତ୍ୱ ତିନୋଟି ଚିତ୍ରକାର ପରିବାର ଉପରେ ନ୍ୟସ୍ତ ରହିଛି । ଜ୍ୟେଷ୍ଠ ମାସ ଦ୍ୱିତୀୟାର୍ଦ୍ଧରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚିତ୍ରଗୁଡ଼ିକ ପ୍ରସ୍ତୁତ ହୁଏ । ଚିତ୍ର କାମ ଆରମ୍ଭରୁ ଶେଷ ହେବାଯାଏଁ, ଚିତ୍ର ଶିଳ୍ପୀମାନେ ଆମିଷ ଭକ୍ଷଣ କରନ୍ତି ନାହିଁ । ଗୋଟାଏ ସ୍ୱତନ୍ତ୍ର ବଖରାରେ ଚିତ୍ର କାମ ହୁଏ, ଏହି ବଖରାଟିକୁ ସ୍ତ୍ରୀ ଲୋକମାନେ ଯିବା ମନା ଥାଏ ।

ଚିତ୍ର ଅଙ୍କନ ପୂର୍ବରୁ ପ୍ରଥମେ ପ୍ରସ୍ତୁତ ହୁଏ ନୂଆ କନା ଓ ଅଠାରେ ନିର୍ମିତ ପଟ୍ଟ । ପ୍ରତି ପଟ୍ଟ ଆକାରରେ ବେଶ୍ ବଡ଼, ଲମ୍ବାରେ ଏହା ୪୦ ଇଞ୍ଚ ଏବଂ ଓସାରରେ ୩୦ ଇଞ୍ଚ । ଚିତ୍ର ଅଙ୍କିତ ହେଉଥିବା ଏହି ପଟ୍ଟଗୁଡ଼ିକ ପ୍ରସ୍ତୁତ କରିବା ଏକ ଆୟାସ ସାଧ୍ୟ କାମ ।

ଆଙ୍କିବାପାଇଁ ବ୍ୟବହୃତ ହେଉଥିବା ରଙ୍ଗ ମଧ୍ୟ ଖୁବ୍ ଶ୍ରମ ସାପେକ୍ଷ । ଛବିଗୁଡ଼ିକରେ ମାତ୍ର ପାଞ୍ଚ ଗୋଟି ରଙ୍ଗ ହିଁ ବ୍ୟବହୃତ ହୁଏ । ଏଗୁଡ଼ିକ ହେଲା ନାଲି, ହଳଦିଆ, ନୀଳ, କୃଷ୍ଣ ବର୍ଣ୍ଣ ଓ ଧଳା । ଶଙ୍ଖ ଚୂର୍ଣ୍ଣରୁ ପ୍ରସ୍ତୁତ ହୁଏ ଧଳା ରଙ୍ଗ; ହରିତାଳ ପଥରରୁ ପ୍ରସ୍ତୁତ ହୁଏ ହଳଦିଆ; ହିଙ୍ଗୁଳରୁ ପ୍ରସ୍ତୁତ ହୁଏ ନାଲି; ଖଞ୍ଜନୀଳରୁ ପ୍ରସ୍ତୁତ ହୁଏ ନୀଳ ଏବଂ ଦୀପ କଳାରୁ ପ୍ରସ୍ତୁତ ହୁଏ କୃଷ୍ଣ ବର୍ଣ୍ଣ । ସମସ୍ତ ଚିତ୍ରରେ କଇଁଥ ଅଠା ମିଶାଯାଏ । ପୂର୍ବରୁ ପ୍ରସ୍ତୁତ ପଟ୍ଟ ଉପରେ ଖୁବ୍ ଯତ୍ନରେ ଚିତ୍ରକାରମାନେ ଚିତ୍ରଗୁଡ଼ିକ ଅଙ୍କନ କରନ୍ତି ।

ଦେଶେଚ, ବିରଜା କ୍ଷେତ୍ର ମୁଚ୍ୟତେ ।" ମହାଭାରତର ବନ ପର୍ବରେ ବ୍ୟାସଦେବ ଲୋମଶ ମୁନିଙ୍କ ମୁଖରେ ପାଣ୍ଡବମାନଙ୍କୁ ବିରଜା କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରି ଲେଖିଛନ୍ତି :

"ତତୋ ବୈତରଣୀଂ ଗଚ୍ଛେତ୍ ସର୍ବପାପଂ ପ୍ରମୋଚନୀ
ବିରଜା ତୀର୍ଥମାସାଦ୍ୟ ବିରାଜତି ଯଥା ଶଶୀ(୧୦) ।"

ବ୍ୟାସଦେବଙ୍କ କୃତ ମହାଭାରତରେ ଉତ୍କଳର ଅନ୍ୟ କୌଣସି ତୀର୍ଥ କ୍ଷେତ୍ରର ବର୍ଣ୍ଣନା ନଥିବା ସ୍ଥଳେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ ବର୍ଣ୍ଣନା ଥିବାରୁ ବିରଜାଙ୍କ କାଳ ନିଶ୍ଚିତ ଭାବରେ ମହାଭାରତ ରଚନାର ସମସାମୟିକ ବା ଏହାର ବହୁ ପୂର୍ବରୁ ବୋଲି ଅନୁମାନ କରିବା ଅମୂଳକ ନୁହେଁ । ମହାଭାରତର ରଚନା କାଳ ନିରୂପଣ କରିବା ଏକ ବିବାଦୀୟ ତର୍କଣା କାରଣ ଐତିହାସିକ ଏନ୍. ଏନ୍. ଘୋଷ(୧୧) ମତବ୍ୟକ୍ତ କରନ୍ତି ଯେ ମହାଭାରତର ସମସ୍ତ ଖଣ୍ଡ ଏକ ସମୟରେ ରଚିତ ହୋଇନଥିଲା, ଏପରି କି ପ୍ରଥମ ଖଣ୍ଡ ଓ ଶେଷ ଖଣ୍ଡର ରଚନା କାଳ ମଧ୍ୟରେ ଏକ ହଜାର ବର୍ଷର ବ୍ୟବଧାନ ରହିଥିବାର ଅନୁମାନ କରାଯାଏ । ତେଣୁ ମହାଭାରତର ରଚୟିତା ଯେ ଗୋଟିଏ ବ୍ୟକ୍ତି ଏ କଥା ସ୍ୱୀକାର କରାଯାଇ ନପାରେ । ବ୍ୟାସଦେବ ହୁଏତ ମହାଭାରତର ସମସ୍ତ ଖଣ୍ଡ ରଚନା କରିପାରି ନଥିବେ, ପୁନଶ୍ଚ "ବ୍ୟାସ" କୌଣସି ବ୍ୟକ୍ତିବିଶେଷଙ୍କ ନାମ ନହୋଇପାରେ, ଏହା ସମ୍ଭବତଃ ଏକ ପଦବୀ । ତତ୍କାଳୀନ ସମୟରେ ଗଢ଼ି ଉଠିଥିବା ସମସ୍ତ ପ୍ରଖ୍ୟାତ୍ ବିଶ୍ୱବିଦ୍ୟାଳୟମାନଙ୍କ କୁଳପତିମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ଭବତଃ "ବ୍ୟାସ" ଉପାଧି ପ୍ରଦାନ କରାଯାଉଥିଲା । ତେଣୁ ବୋଧହୁଏ ମହାଭାରତର ରଚୟିତା କୃଷ୍ଣ ଦ୍ୱୈପାୟନଙ୍କୁ "ବ୍ୟାସ" ଉପାଧିରେ ଭୂଷିତ କରାଯାଇଥିଲା । ସେ ଯାହା ହେଉ ଐତିହାସିକମାନେ ମହାଭାରତର ରଚନା କାଳକୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ବା ତୃତୀୟ ଶତାବ୍ଦୀ ବୋଲି ମତ ପ୍ରଦାନ କରନ୍ତି ଓ ଏହାର ଶେଷ ଭାଗଗୁଡ଼ିକର କାଳ ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ବୋଲି ମତ ବ୍ୟକ୍ତ କରନ୍ତି(୧୨) । ତେଣୁ ଯାଜପୁରରେ ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ କାଳ ନିଶ୍ଚିତ ଭାବେ ମହାଭାରତ ରଚନା କାଳର ସମସାମୟିକ ବା ତା'ର ପୂର୍ବରୁ ବୋଲି ଅନୁମାନ କରିବାରେ କୌଣସି ତ୍ରୁଟି ଥିଲା ଭଳି ମନେ ହୁଏ ନାହିଁ ।

ବିରଜା ମାହାତ୍ମ୍ୟରେ ବର୍ଣ୍ଣିତ ଥିବା ଦେବୀଙ୍କ ଧ୍ୟାନ ପ୍ରସଙ୍ଗରେ ଦେବୀଙ୍କୁ ଦ୍ୱିଭୁଜା ଭାବେ ବର୍ଣ୍ଣନା କରାଯାଇ କୁହାଯାଇଛି ଯେ ଦେବୀଙ୍କ ଦକ୍ଷିଣ ହସ୍ତ ବର୍ଚ୍ଛା ଧାରଣ କରି ମହିଷ ରାକ୍ଷସକୁ ବିଦ୍ଧ କରୁଅଛି ଓ ବାମ ହସ୍ତରେ ଦେବୀ ମହିଷର ଲାଙ୍ଗୁଡ଼କୁ ଟାଣୁଛନ୍ତି....। ଏଠାରେ ମହିଷ ରାକ୍ଷସକୁ ଏକ ପଶୁ କଳେବର ବୋଲି ଅବଧାରଣା କରାଯାଇଅଛି । ଐତିହାସିକ ଆର୍. ଏଲ୍. ମିତ୍ର ଦ୍ୱିଭୁଜା ଦୁର୍ଗାଙ୍କୁ ସର୍ବ ପ୍ରାଚୀନ ବୋଲି ମତ ପ୍ରଦାନ କରିଅଛନ୍ତି(୧୩) । ଅବଶ୍ୟ ଏହା ସତ୍ୟ ଭାରତରେ କୁଆଡ଼ି ପ୍ରାୟ ଦ୍ୱିଭୁଜା ଦୁର୍ଗା ଦେଖିବାକୁ ମିଳେ ନାହିଁ, କାରଣ ଦ୍ୱିଭୁଜା ଦୁର୍ଗା ସର୍ବ ପ୍ରାଚୀନ । ପରବର୍ତ୍ତୀ କାଳରେ ଦେବୀଙ୍କୁ ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଅଷ୍ଟାଦଶଭୁଜା.....ଭାବେ ପ୍ରଦର୍ଶନ କରାଯାଉଥିଲା । ଅବଶ୍ୟ ଏହା ଉପରେ ବୌଦ୍ଧ ଧର୍ମର ପ୍ରଭାବ ନିଶ୍ଚିତ ଭାବରେ ଥିବାର ଅନୁମାନ କରାଯାଏ – ଏ ପ୍ରବନ୍ଧରେ ଏହା ଅପ୍ରାସଙ୍ଗିକ ଥିବାରୁ ଏଠାରେ ବର୍ଣ୍ଣନା କରିବା ସମ୍ଭବ ହେଉନାହିଁ । ଦ୍ୱିଭୁଜା ଦୁର୍ଗାଙ୍କ କାଳ ନିରୂପଣ କରିବାକୁ ଯାଇ ମୁଁ ଏଠାରେ ଯାଜପୁରରେ ନିକଟବର୍ତ୍ତୀ ଥିବା ଭଦ୍ରକସ୍ଥ ଚତୁର୍ଭୁଜା ଭଦ୍ରାକାଳୀଙ୍କ ଉଦାହରଣ ଦେଇ ପ୍ରକାଶ କରିବି ଯେ ଭଦ୍ରାକାଳୀ ପୀଠରୁ ମିଳିଥିବା ତାମ୍ର ଫଳକ ଯାହା ବର୍ତ୍ତମାନ ଓଡ଼ିଶା ସଂଗ୍ରହାଳୟ, ଭୁବନେଶ୍ୱରରେ ରହିଅଛି । ତତ୍କାଳୀନ ସୁର ଶର୍ମା ନାମକ ରାଜା ତାଙ୍କର ଅଷ୍ଟମ ବର୍ଷ ଶାସନ କାଳରେ ଏହାକୁ ପ୍ରଦାନ କରିଥିଲେ ବୋଲି ଲେଖାଯାଇଅଛି । ଏହି ଫଳକରେ ଥିବା ଲିପିର ଶୈଳୀକୁ ବିଚାର କରି ଏହାକୁ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ଫଳକ ବୋଲି ଲିପି ଗବେଷକମାନେ ମତ ବ୍ୟକ୍ତ କରିଅଛନ୍ତି(୧୪) । ଯଦି ଚତୁର୍ଭୁଜା ଦେବୀଙ୍କ କାଳ ନିରୂପଣକୁ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ସମସାମୟିକ ବୋଲି ଧରାଯାଏ, ତେବେ ଦ୍ୱିଭୁଜା ଦେବୀଙ୍କ ମୂର୍ତ୍ତି ଆହୁରି ପ୍ରାଚୀନ – ଏଥିରେ ସନ୍ଦେହ ନାହିଁ ।

ପୁନଶ୍ଚ, ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ କାଳ ନିରୂପଣ କରିବାକୁ ଯାଇ ଆମ୍ଭେ ଏଠାରେ ଓଡ଼ିଶାର ଅନ୍ୟାନ୍ୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିମାନଙ୍କ ସହ ଏହାକୁ ତୁଳନା ନକଲେ ତାଙ୍କର କାଳ ନିରୂପଣ କରିବାରେ କିଛିଟା ତ୍ରୁଟି ରହିଯିବ । ତେଣୁ ଏଠାରେ ବିରଜାଙ୍କ ମୂର୍ତ୍ତିର ଗଠନ ଶୈଳୀ ସହ ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିମାନଙ୍କ ତୁଳନା କରାଯାଇପାରେ ।

ଓଡ଼ିଶାର ବିଭିନ୍ନ ମନ୍ଦିରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିର ଅଭାବ ନାହିଁ । ଏହି ମହିଷା ମର୍ଦ୍ଦିନୀ ମୂର୍ତ୍ତିରେ ଆମ୍ଭେ ମହିଷ ରାକ୍ଷସର ଆକୃତି ଓ ଦେବୀଙ୍କ ଗଠନ ଶୈଳୀକୁ ଭିତ୍ତି କରି କାଳ ନିରୂପଣ କରିଥାଉଁ । ଓଡ଼ିଶାର ମହିଷା ମର୍ଦ୍ଦିନୀ ମୂର୍ତ୍ତିକୁ ମହିଷ ରାକ୍ଷସର ଗଠନ ଶୈଳୀକୁ ଆଖି ଆଗରେ ରଖି ଦୁଇ ଭାଗରେ ବିଭକ୍ତ କରାଯାଏ । ପ୍ରଥମ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିରେ ମହିଷ ମସ୍ତକ ଧାରଣ କରିଥିବା ରାକ୍ଷସର (a buffalo headed human figure) ମସ୍ତକକୁ ଦେବୀଙ୍କ ବାମ ହସ୍ତରେ ଶକ୍ତି ପ୍ରୟୋଗ କରୁଥିବାର ଅନୁମାନ କରାଯାଏ ଓ ଦେବୀଙ୍କ ଦକ୍ଷିଣ ହସ୍ତରେ ଧାରଣ କରିଥିବା ଶୂଳ ରାକ୍ଷସର ବକ୍ଷ ଭେଦ କରୁଥାଏ । ଦେବୀଙ୍କ ବାହନ ସିଂହ ରାକ୍ଷସର ହସ୍ତକୁ ପାଟିରେ ଆଘାତ କରୁଥିବାର ଦେଖାଯାଏ ଓ ଦେବୀଙ୍କ ଅନ୍ୟାନ୍ୟ ହସ୍ତଗୁଡ଼ିକ ବିଭିନ୍ନ ରଣାଙ୍ଗନ ଆୟୁଧମାନ ଯଥା–ଖଡ୍ଗ, ଖର୍ପର, ଢାଲ, ଧନୁ, ଶର, ସର୍ପ ଓ ବଜ୍ର ଇତ୍ୟାଦି ଧାରଣ କରିଥାଏ । ଏ ପ୍ରକାର ମୂର୍ତ୍ତି ଭୁବନେଶ୍ୱରସ୍ଥ ପର୍ଶୁରାମେଶ୍ୱର ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତି, ବେତାଳ ମନ୍ଦିରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତି ଓ ଶିଶିରେଶ୍ୱର ମନ୍ଦିର ଗାତ୍ରରେ ଥିବା ଦୁର୍ଗା ମୂର୍ତ୍ତି ସହ ସାମଞ୍ଜସ୍ୟ ରହିଅଛି ।

ଦ୍ୱିତୀୟ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିର ବିଶେଷତ୍ୱ ଏହି ଯେ ଏଥିରେ ଥିବା ମହିଷ ରାକ୍ଷସ ଗୋଟିଏ ପଶୁ ଭାବରେ ନିର୍ମିତ କରାଯାଇଅଛି (The demon is shown as issuing out of the decapitated body of the duffalo) ଏହି ଶ୍ରେଣୀୟ ଦେବୀ ସାଧାରଣତଃ ଅଷ୍ଟଭୁଜା ।

ଆଲୋଚ୍ୟ ଦୁଇ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିମାନଙ୍କୁ ନେଇ ବିଚାର କଲେ ଯାଜପୁରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତି ଏକ ଭିନ୍ନ ପ୍ରକାର ରୂପ ନେଇଥାଏ । ଯାଜପୁରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତି ସହ ସାମଞ୍ଜସ୍ୟ ମାର୍କଣ୍ଡେଶ୍ୱର ମନ୍ଦିରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତି ଅବଧାରଣ କରିଅଛି । ଯାଜପୁରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତି ଦ୍ୱିଭୁଜା ଥିବା ସ୍ଥଳେ ମାର୍କଣ୍ଡେଶ୍ୱର ମହିଷା ମର୍ଦ୍ଦିନୀ ମୂର୍ତ୍ତି ଚତୁର୍ଭୁଜା ଏବଂ ଆକୃତି ଦୃଷ୍ଟିରୁ ବିଚାର କଲେ ଯାଜପୁରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତିରେ

# ଶାକ୍ତ କ୍ଷେତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜା

* ଶ୍ରୀ ଦାମୋଦର ସାହୁ

ପ୍ରାଚୀନ ଉତ୍କଳର ସାଂସ୍କୃତିକ ଓ ରାଜନୈତିକ ରାଜଧାନୀ ଭାବେ ଯାଜପୁର ଯେ ପ୍ରାଗୈତିହାସିକ ଯୁଗରୁ ଖ୍ୟାତି ଅର୍ଜନ କରିଛି – ଏଥିରେ ଦ୍ୱିଧା ବା ଅବକାଶ କିଛି ନାହିଁ । ଏକଦା ଯାଜପୁର ପ୍ରାଚୀନ ଉତ୍କଳର ପ୍ରତିନିଧିତ୍ୱ କରୁଥିଲା ଓ ଭୌମକର ଓ ସୋମବଂଶୀ ରାଜାମାନଙ୍କର ରାଜଧାନୀ ଭାବେ ତାହା ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ତିନିଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ପ୍ରାଚୀନ ଉତ୍କଳକୁ ଦିଗ୍‌ଦର୍ଶନ ଦେଇଆସିଥିଲା । ତେଣୁ ପ୍ରାଚୀନ ଉତ୍କଳର ଗୌରବାବହ ଅଧ୍ୟାୟ ହିଁ କେବଳ ଯାଜପୁର ବହନ କରିଥିଲା — ଏ କଥା ଅସ୍ୱୀକାର କରିହେବ ନାହିଁ । ଓଡ଼ିଶାର ସର୍ବ ପ୍ରାଚୀନ ରାଜା ଗୁହ ଦେବଙ୍କ ରାଜଧାନୀ ଭାବେ ଏହା ଗୁହ ଦେବ ପାଟକ ବା ଗୁହେଶ୍ୱର ପାଟକ(୧) ନାମାଙ୍କନ କରିଥିବା ବେଳେ ସୋରରୁ ମିଳିଥିବା ତାମ୍ର ଫଳକରୁ ଏହା 'ବିରଜା'(୨) ବା ବିରଜା କ୍ଷେତ୍ର ଭାବେ ଓ ମୁସଲ୍‌ମାନ ରାଜତ୍ୱ କାଳରେ 'ଯାଜନଗର' ଭାବରେ(୩) ପରିଚିତ ଥିଲା ।

ଭାରତୀୟ ଧର୍ମ ଦର୍ଶନ–ସାହିତ୍ୟକୁ ମାତୃ ଶକ୍ତିର ଅବଦାନ ଓ ମାତୃ ପୂଜାର ପରାକାଷ୍ଠା ଦେଖାଇବାକୁ ଯାଇ ଜଗଦ୍‌ଜନନୀ ମହାମାୟୀ ବିରଜାଙ୍କ ପୂଜା ଯାଜପୁର ଧାମରେ ପୁରାଣ ଦର୍ଶନକୁ ଯେପରି ଖୋରାକ ଯୋଗାଇ ଆସିଛି, ଐତିହାସିକମାନଙ୍କୁ ସେହିରୂପ ତଥ୍ୟାବଳୀ ପ୍ରଦର୍ଶନ କରିବାରେ କିଛି କମ୍ ପଦକ୍ଷେପ ନେଇନାହିଁ । ଏକ ପକ୍ଷରେ ପ୍ରାଚୀନ ଉତ୍କଳର ରାଜଧାନୀ ଓ ଅପର ପକ୍ଷରେ ମନ୍ଦିର ମାଳିନୀ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ ଧାମ ହିସାବରେ ଏହା ଇତିହାସର ଶିରୋମଣ୍ଡନ କରୁଅଛି ।

ଧାର୍ମିକ ଚେତନାର କେନ୍ଦ୍ର ଭୂମି ଭାବେ ପଞ୍ଚ ଦେବତାଙ୍କ ଉପାସନା ଅତି ପ୍ରାଚୀନ କାଳରୁ ପ୍ରଚଳିତ । ସେଥିପାଇଁ ଭାରତୀୟ ପରମ୍ପରାରେ ପ୍ରଚଳିତ ଅଛି :

"ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା
ଭିନ୍ନା ଭିନ୍ନ ନ କର୍ତ୍ତବ୍ୟ ପଞ୍ଚଦେବ ନମସ୍ତୁତେ ।"

ଗଣେଶ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କୁ ଭାରତୀୟ ପୁରାଣ ଶାସ୍ତ୍ରରେ ଅଭିନ୍ନ ଭାବେ ବର୍ଣ୍ଣନା କରାଯାଇଥିବାର ଆଲେଖ୍ୟ ଉତ୍କଳର ସାଂସ୍କୃତିକ ସ୍ଥିତି ଉପରେ ଏଭଳି ଆଲୋଡ଼ନ ପକାଇଥିଲା ଯେ ପରବର୍ତ୍ତୀ କାଳରେ ପଞ୍ଚ ଦେବତାଙ୍କ ଉପାସ୍ୟ ଧାମ ହିସାବରେ ଉତ୍କଳକୁ ପଞ୍ଚ କ୍ଷେତ୍ରରେ ବିଭକ୍ତିକରଣ କରାଯାଇଥିଲା । ସେହି ପ୍ରକ୍ରିୟାରେ ଭାଗୀ ହୋଇ ଶ୍ରୀକ୍ଷେତ୍ରକୁ ଶ୍ରୀଜଗନ୍ନାଥ ବିଷ୍ଣୁଙ୍କ ଧାମ ହିସାବରେ, ଅର୍କ କ୍ଷେତ୍ର କୋଣାର୍କକୁ ସୂର୍ଯ୍ୟଙ୍କ ପୀଠସ୍ଥଳୀ ହିସାବରେ, ଶୈବକ୍ଷେତ୍ର ଭୁବନେଶ୍ୱରକୁ ଶିବଙ୍କ ଉପାସ୍ୟ ସ୍ଥଳୀ ଭାବରେ, ଚଣ୍ଡିଖୋଲ ନିକଟବର୍ତ୍ତୀ ଶ୍ରୀମହାବିନାୟକ ସ୍ଥଳକୁ ଗଣେଶ କ୍ଷେତ୍ର ଭାବରେ ଓ ଶକ୍ତି କ୍ଷେତ୍ର ଯାଜପୁରକୁ ଦୁର୍ଗା ବା ବିରଜା କ୍ଷେତ୍ର ନାମରେ ଗ୍ରହଣ କରାଯାଇଥାଏ ।

ଶାକ୍ତ କ୍ଷେତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜା ପ୍ରାଚୀନ ଆର୍ଯ୍ୟ ସଂସ୍କୃତିରେ ମାତୃ ପୂଜାର ଏକ ଜ୍ୱଳନ୍ତ ନିଦର୍ଶନ — ଏହା ସର୍ବ ମୁଖରେ ଏକ ଅବିବାଦୀୟ ମୀମାଂସା । ଐତିହାସିକ ସୁଧାକର ଚଟ୍ଟୋପାଧ୍ୟାୟ(୪) ପ୍ରାଚୀନ ସଂସ୍କୃତିର ପ୍ରାରମ୍ଭରୁ ମାତୃଶକ୍ତିର ଉପାସନା ପ୍ରଚଳିତ ଥିବାର ଉଦାହରଣ ଦେଇ ମତବ୍ୟକ୍ତ କରନ୍ତି ଯେ ମହେଞ୍ଜୋଦାରୋ ଓ ହରପ୍ପା ଖନନରୁ ଆବିଷ୍କୃତ ହୋଇଥିବା ପଶୁପତି ଓ ତାଙ୍କ ଆଦ୍ୟାଶକ୍ତି ସମ୍ଭବତଃ ପାର୍ବତୀଙ୍କ ପ୍ରତିମୂର୍ତ୍ତିରୁ ପ୍ରାଚୀନ ସମାଜରେ ମାତୃ ପୂଜାର ପ୍ରଚଳନ ଅନୁମାନ କରାଯାଏ ।

ଏହି ମାତୃ ପୂଜାର ଜ୍ୱଳନ୍ତ ନିଦର୍ଶନ ଆଦ୍ୟାଶକ୍ତି ଜଗଦ୍‌ଜନନୀ ବିରଜାଙ୍କ ପାଇଁ ବର୍ଣ୍ଣନା ବ୍ୟାସଦେବଙ୍କ କୃତ ମହାଭାରତ, ବିରଜା ମାହାତ୍ମ୍ୟ, ବାୟୁ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ହରିବଂଶ, ଶ୍ରୀଜାମଳ ତନ୍ତ୍ର, କପିଳ ସଂହିତା, ବିଷ୍ଣୁ ପୁରାଣ ଓ କୁବ୍‌ଜିକା ତନ୍ତ୍ର ଇତ୍ୟାଦି ପୁରାଣମାନଙ୍କରେ ଦେଖିବାକୁ ମିଳେ । କୁବ୍‌ଜିକା ତନ୍ତ୍ରରେ ବିରଜାଙ୍କ ଧାମକୁ ବୟାଳିଶ ସିଦ୍ଧପୀଠମାନଙ୍କ ମଧ୍ୟରୁ ଅନ୍ୟତମ ଭାବେ ବର୍ଣ୍ଣନା କରାଯାଇଅଛି(୫) । କପିଳ ସଂହିତାରେ ବିରଜା କ୍ଷେତ୍ରକୁ ଗଦା କ୍ଷେତ୍ର ବୋଲି ବର୍ଣ୍ଣନା କରାଯାଇଅଛି କାରଣ ଭଗବାନ ବିଷ୍ଣୁ ଶେଷରେ ଏହି କ୍ଷେତ୍ରରେ ନିଜର ଗଦାକୁ ପରିତ୍ୟାଗ କରିଥିଲେ(୬) । ବିଷ୍ଣୁ ପୁରାଣ ଓ ହରିବଂଶରେ ବିରଜାଙ୍କୁ ଆଜ୍ୟପାଙ୍କ କନ୍ୟା ରୂପେ ଗ୍ରହଣ କରାମାଇ ବର୍ଣ୍ଣନା କରାଯାଇଅଛି ଯେ ଯେହେତୁ ବିରଜା ଆଜ୍ୟପାଙ୍କ କନ୍ୟା ତେଣୁ ଏହିଠାରେ ପିଣ୍ଡଦାନ କଲେ ପୂର୍ବ ପୁରୁଷମାନେ ଆନନ୍ଦରେ ଗ୍ରହଣ କରିବେ କାରଣ ଆଜ୍ୟପା ହେଉଛନ୍ତି ଆମ ପୂର୍ବ ପୁରୁଷମାନଙ୍କ ପ୍ରତୀକ(୭) । ବ୍ରହ୍ମ ପୁରାଣରେ ଯାଜପୁରକୁ ତାହାର ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ ନାମାନୁସାରେ ବିରଜା ମଣ୍ଡଳ ବୋଲି ବର୍ଣ୍ଣନା କରାଯାଇଅଛି(୮) । ସାରଳା ଦାସ ତାଙ୍କ ମହାଭାରତରେ "ବିରଜା ଉତ୍କଳଦେଶେଟୁ କାମାକ୍ଷା ନୀଳ ପର୍ବତେ" ବୋଲି ବର୍ଣ୍ଣନା କରିଅଛନ୍ତି(୯) । ପ୍ରସିଦ୍ଧ ଐତିହାସିକ ଦିନେଶ ସରକାର ତାଙ୍କ "ଶକ୍ତିପୀଠ" ନିବନ୍ଧରେ ବିରଜା କ୍ଷେତ୍ରକୁ "ନାଭି କ୍ଷେତ୍ର" ବୋଲି ବର୍ଣ୍ଣନା କରି ନିମ୍ନୋକ୍ତ ପଂକ୍ତି ଉଦ୍ଧାର କରିଛନ୍ତି । "ଉତ୍କଳେ ନାଭି

(୩) ସାରଳା ଦାସ–

ଜମ୍ବୁ ଦ୍ୱୀପ ଭରତଖଣ୍ଡ ଓଡ୍ରରାଷ୍ଟ୍ର ମଣ୍ଡଳରେ
ଭୁବନେଶ୍ୱର ନିଜ ବିରୋଜନା ଦକ୍ଷିଣ କୂଳରେ
ଏକାମ୍ରର ନିଜ ଭୂମି ସାଗରଙ୍କୁ ନିକଟେ ଦକ୍ଷିଣ ବାରାଣସୀ
କୁଞ୍ଜବନୀ ଭୂମି ଦ୍ୱାରିକା ସେ କ୍ଷେତ୍ର ପୁରୁଷବାସୀ ।
ମହାଭାରତ–ଆଦିପର୍ବ–ସଂସ୍କୃତି ବିଭାଗ, ପୃ: ୪ ।

(୪) Sudhakar Chattopadhya—Evolution of Hindu Sect. Page 151

(୫) JRASB-Letter-Vol. XIV, No. 1, Page 19

(୬) R. L. Mitra—The Antiquities of Orissa-Vol. II, Page 257

(୭) Quoated in H. H. Wilson—Vishnu Puran (translation) London 1865, edited by Fitzedward H911—Vol. III, Page 164 fn.

(୮) R. C. Hazra—Puranic Records on Hindu Rites and Customs—PP 114, 132, 156, 165.

ତାଙ୍କ ମତରେ ବ୍ରହ୍ମାଣ୍ଡ ପୁରାଣ, କୂର୍ମ ପୁରାଣ, ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ଓ ପଦ୍ମ ପୁରାଣର ଭୂମି ଖଣ୍ଡ ଖ୍ରୀଷ୍ଟାବ୍ଦ ୬୦୦ରୁ ୭୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହେଲା ।

(୯) ସାରଳା ଦାସ–ଆଦି ପର୍ବ–ସଂସ୍କୃତି ବିଭାଗ, ପୃ: ୪ ।

(୧୦) The Mahabharat, Book III, Vanaparba Ch. 35

(୧୧) N. N. Ghosh—Early History of India, P. 6

(୧୨) N. N. Ghosh—Early History of India, P. 6

(୧୩) R. L. Mitra—The Antiquities of Orissa, Vol. II

(୧୪) I. H. Q.—Vol. XXXV, Page 240—246

(୧୫) R. P. Chand—MASI, No. 16, Plate-XIV

(୧୬) Dr. K. C. Panigrahi—The Architectural Remains at Bhubaneswar

(୧୭) Dr. K. C. Panigrahi—ARAB

(୧୮) R. D. Banerji—History of Orissa

(୧୯) Percy Brown—The Age Imperial Guptas, P. 136.

---

ରେଣ୍ଟାଲ୍ କଲୋନୀ, ଇ–୧୭/୫,
ଭୁବନେଶ୍ୱର ।



ଭୁବନେଶ୍ୱରଠାରେ ମୋହନ୍ ପିକ୍‌ଚର୍ସ ବୈଷୟିକ ଗପର ପ୍ରଥମ ବାର୍ଷିକ ଅଧିବେଶନକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଉଦ୍‌ଘାଟନ କରୁଛନ୍ତି ।

ଦେବୀ ଯେପରି ବାମ ହସ୍ତରେ ମହିଷ ଆକୃତି ରାକ୍ଷସର ଲାଙ୍ଗୁଡକୁ ଟେକି ଧରି ଅନ୍ୟ ହସ୍ତରେ ଶୂଳ ସାହାଯ୍ୟରେ ରାକ୍ଷସର ଶରୀରକୁ ବିଦ୍ଧ କରୁଥିଛନ୍ତି, ତଦନୁରୂପ ମୂର୍ତ୍ତି ମାର୍କଣ୍ଡେଶ୍ୱର ମନ୍ଦିର ଗାତ୍ରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିରେ ଦେଖାଯାଏ । ଏ ପ୍ରକାର ମୂର୍ତ୍ତିର ଅନେକ୍ୟ ଭୁମରାସ୍ଥିତ ଶିବ ମନ୍ଦିରସ୍ଥ ମହିଷା ମର୍ଦ୍ଦିନୀ ଦୁର୍ଗାଙ୍କ ସହ ସାମଞ୍ଜସ୍ୟ ଅଛି(୧୭) ।

ପ୍ରତ୍ନତତ୍ତ୍ୱ ବିଶାରଦ ରାମ ପ୍ରସାଦ ଚନ୍ଦ ଭୁମରାସ୍ଥିତ ଚତୁର୍ଭୁଜା ମହିଷା ମର୍ଦ୍ଦିନୀ ମୂର୍ତ୍ତିର କାଳ ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀ ବୋଲି ମତ ବ୍ୟକ୍ତ କରିଥିଛନ୍ତି । ସେ ଦୃଷ୍ଟିରୁ ବିଚାର କଲେ ମାର୍କଣ୍ଡେଶ୍ୱର ମନ୍ଦିରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତିକୁ ମଧ୍ୟ ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀର ବୋଲି ଗଣନା କରାଯାଇପାରେ । ମାତ୍ର ପର୍ଶୁରାମେଶ୍ୱର, ବେତାଳ ମନ୍ଦିର ଓ ଶିଶିରେଶ୍ୱର ମନ୍ଦିର ଗାତ୍ରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିର କାଳ ନିଶ୍ଚିତ ଭାବରେ ଏହାର ପରବର୍ତ୍ତୀ କାଳ ହୋଇଥିବ କାରଣ ସେଥିରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିର ଆକୃତି ଓ ହସ୍ତ ସଂଖ୍ୟା ଭୁମରାସ୍ଥିତ ଦେବୀଙ୍କ ଆକୃତିଠାରୁ ଭିନ୍ନ । ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପର୍ଶୁରାମେଶ୍ୱର ମନ୍ଦିରରେ ଥିବା ମହିଷା ମର୍ଦ୍ଦିନୀ ମୂର୍ତ୍ତିଗୁଡ଼ିକ ଓ ପ୍ରଥମ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିମାନଙ୍କ କାଳ ଖ୍ରୀଷ୍ଟାବ୍ଦ ସପ୍ତମ ବା ଅଷ୍ଟମ ଶତାବ୍ଦୀର ବୋଲି ମତ ବ୍ୟକ୍ତ କରିଅଛନ୍ତି(୧୭) । ତେଣୁ ଦ୍ୱିତୀୟ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିର କାଳ ନିଶ୍ଚିତ ଭାବରେ ତା'ର ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ଦଶମ ଶତାବ୍ଦୀର ବୋଲି ଐତିହାସିକ ପାଣିଗ୍ରାହୀ ମତ ବ୍ୟକ୍ତ କରିଅଛନ୍ତି(୧୭) । ଏ ଦୃଷ୍ଟିରୁ ବିଚାର କଲେ ଯାଜପୁରସ୍ଥିତ ବିରଜା ମୂର୍ତ୍ତିର କାଳ ନିଶ୍ଚିତ ଭାବରେ ଭୁମରାସ୍ଥିତ ମହିଷା ମର୍ଦ୍ଦିନୀ ଓ ମାର୍କଣ୍ଡେଶ୍ୱରସ୍ଥିତ ମହିଷା ମର୍ଦ୍ଦିନୀ ମୂର୍ତ୍ତିର କାଳଠାରୁ ପ୍ରାଚୀନ । ପ୍ରତ୍ନତତ୍ତ୍ୱ ବିଶାରଦ ଶ୍ରୀଯୁକ୍ତ ରାମ ପ୍ରସାଦ ଚନ୍ଦ ବିରଜାଙ୍କ କାଳ ନିରୂପଣ କରିବାକୁ ଯାଇ ଏହାକୁ ଭୁମରାସ୍ଥିତ ଦେବୀ ମୂର୍ତ୍ତିଙ୍କଠାରୁ ବହୁ ପ୍ରାଚୀନ ବୋଲି ମତ ବ୍ୟକ୍ତ କରିଅଛନ୍ତି ।

ପୁନଶ୍ଚ ଏହା ସତ୍ୟ ଯେ ମାନବ ରୂପରେ ପରିକଳ୍ପନା କରାଯାଇଥିବା ମହିଷ ରାକ୍ଷସର ମୂର୍ତ୍ତି ପଶୁ ରୂପରେ ପରିକଳ୍ପନା କରାଯାଇଥିବା ମହିଷ ରାକ୍ଷସ ମୂର୍ତ୍ତିର ପରବର୍ତ୍ତୀ ପର୍ଯ୍ୟାୟ । ପରବର୍ତ୍ତୀ କାଳରେ ହିନ୍ଦୁ ଦେବାଦେବୀ ଉପରେ ବୌଦ୍ଧ ଧର୍ମର ପ୍ରଭାବକୁ ବ୍ୟକ୍ତି ବିଶେଷଙ୍କ ଚରିତ୍ର ଓ ସାମାଜିକ ଚଳଣି ଉପରେ ଛାଡ଼ି ଦିଆଯାଇଥିଲା । ସେଥିପାଇଁ ବୌଦ୍ଧ ଧର୍ମର ପ୍ରଭାବରୁ ହିନ୍ଦୁ ଦେବାଦେବୀ ବିଚ୍ଛିନ୍ନ କରିବା ଉଦ୍ଦେଶ୍ୟରେ ରାକ୍ଷସକୁ ଅଜ୍ଞାନ–ଅନ୍ଧକାର–କାଳିମା ବୋଲି ମନେ କରାଯାଏ । ମା' ଦୁର୍ଗାଙ୍କୁ ସେହି ଅଜ୍ଞାନ–କାଳିମାକୁ ଧୌତ କରି ଜ୍ଞାନାଲୋକର ଉଜ୍ଜ୍ୱଳ ବିଚ୍ଛୁରଣ କରିବାର ପରିକଳ୍ପନା କରାଗଲା । ତେଣୁ ଦ୍ୱିତୀୟ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତିଠାରୁ ପ୍ରଥମ ଶ୍ରେଣୀୟ ମହିଷା ମର୍ଦ୍ଦିନୀ ମୂର୍ତ୍ତି ବହୁ ପ୍ରାଚୀନ, ପୁନଶ୍ଚ ଯାଜପୁରସ୍ଥ ମହିଷା ମର୍ଦ୍ଦିନୀ ମୂର୍ତ୍ତିରେ ରାକ୍ଷସକୁ କେବଳ ପଶୁ ଭାବରେ ଅବସ୍ଥାପିତ କରାଯାଇଥିବାରୁ ତାହା ପ୍ରାଚୀନତର ବୋଲି ଧରାଯାଇପାରେ ।

ବିରଜାଙ୍କ ପୀଠସ୍ଥଳୀ ଭାବେ ବର୍ତ୍ତମାନ ଯେଉଁ ମନ୍ଦିରଟିର ଅବସ୍ଥିତି ଥିବା ଦେଖାଯାଏ, ତାହା ପୁରାତନ ନୁହେଁ, ଏହାକୁ ଯାଜପୁରସ୍ଥ ଜନୈକ ଜମିଦାର ଶ୍ରୀଯୁକ୍ତ ଚୌଧୁରୀଙ୍କ ସହାୟତାରେ ମରାମତି କରାଯାଇଥିଲା । ମାତ୍ର ପ୍ରକୃତ ଦେବୀଙ୍କ ପୀଠସ୍ଥଳୀ ଭାବେ ଲୋକମାନେ ଯାଜପୁରଠାରୁ ଅନତି ଦୂରରେ ଥିବା କଳସପୁର ଭଗ୍ନ ମନ୍ଦିରଟିକୁ ବିରଜା ଦେବୀଙ୍କ ମନ୍ଦିର ଭାବେ ଦେଖାଇ ଦିଅନ୍ତି । ଏହି ଭଗ୍ନ ମନ୍ଦିରଟି ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀର ମନ୍ଦିର ବୋଲି ଅନୁମାନ କରାଯାଏ । କାରଣ ଏହି ମନ୍ଦିରଟିର ଶିଖର ଗୁପ୍ତ ଯୁଗୀୟ ମନ୍ଦିର ଶୈଳୀ ସହ ସାମଞ୍ଜସ୍ୟ ଅଛି । ଗୁପ୍ତ ଯୁଗୀୟ ମନ୍ଦିରର ଶିଖର ଭଳି ଏହି ମନ୍ଦିରର ଶିଖର ଚଟକା (flat roof) ଅଟେ । ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀ ଯାହା ଗୁପ୍ତ ଯୁଗୀୟ ରାଜାମାନଙ୍କ ଶାସନ କାଳ ପ୍ରକୃତ ପକ୍ଷେ ମନ୍ଦିର ଗଠନର ପ୍ରାଥମିକ ଓ ପ୍ରାରମ୍ଭିକ ସୋପାନ ଥିଲା । ବର୍ତ୍ତମାନର ମନ୍ଦିରଠାରୁ ସେ ସମୟର ମନ୍ଦିରର ଗଠନ ଶୈଳୀ ବହୁ ପାର୍ଥକ୍ୟ ଥିଲା । ସେତେବେଳେ ମନ୍ଦିରର ଶିଖର ଦେଶ ଚଟକା ଥିବାର ପ୍ରମାଣ ଦେଇ ସେ ସମୟର ମନ୍ଦିର ଭାବେ ଝାନସୀସ୍ଥ ଦେଓଗଡ଼ଠାରେ ଥିବା ଦଶାବତାର ମନ୍ଦିରକୁ ଐତିହାସିକ ଆର୍. ଡି. ବାନାର୍ଜୀ ଏହାକୁ ଗୁପ୍ତ ଯୁଗୀୟ ମନ୍ଦିର ଭାବେ ଗ୍ରହଣ କରିଅଛନ୍ତି(୧୮) । ଐତିହାସିକ Percy Brown ଏହି ମନ୍ଦିରର ଶୈଳୀକୁ ଲକ୍ଷ୍ୟ କରି ଏହାକୁ ୬ଷ୍ଠ ଶତାବ୍ଦୀର ମନ୍ଦିର ଭାବେ ପରିକଳ୍ପନା କରି ପ୍ରକାଶ କରିଅଛନ୍ତି 'In this example we see an effort to throw off the rudimentary and rather ineffective convention of the flat roof and to obtain some appearance of height. Accordingly the upper part of the sanctum was carried upward in the form of a pyramidal tower but unfortunately the summit is too runied for its detailed shape.........

ତେଣୁ କଳସପୁରସ୍ଥ ମନ୍ଦିରର ଶୈଳୀ ବିଶେଷତଃ ଶିଖରର ଚଟକା ଆକୃତିକୁ ବିଚାର କଲେ ଏହାକୁ ନିଶ୍ଚିତ ଭାବରେ ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀର କାରୁକାର୍ଯ୍ୟ ବୋଲି ମତ ବ୍ୟକ୍ତ କରିବାରେ କୌଣସି ଦ୍ୱିଧା ବା ଅବକାଶ ନାହିଁ । ବୋଧହୁଏ ଦେବୀଙ୍କ ମନ୍ଦିର ନିର୍ମାଣ ପାଇଁ ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀରେ ଏକ ବଳିଷ୍ଠ ପଦକ୍ଷେପ ନିଆଯାଇଥିଲା । ସେଭଳି ଗୁପ୍ତ ଯୁଗୀୟ ମନ୍ଦିରର ଶୈଳୀ ଓଡ଼ିଶାର କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ପରବର୍ତ୍ତୀ କାଳରେ ଅର୍ଥାତ୍ ଓଡ଼ିଶାରେ ଭୌମକର ରାଜବଂଶ ରାଜୁତି କରିବା ସମୟରେ ତ୍ରିରଥ ମନ୍ଦିର, ସୋମବଂଶୀ ରାଜାମାନଙ୍କ ରାଜୁତି ସମୟରେ ପଞ୍ଚରଥ ମନ୍ଦିର ଓ ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ନରପତିମାନଙ୍କ ରାଜୁତି ସମୟରେ ସପ୍ତରଥ ଓ ନବରଥ ମନ୍ଦିରମାନ ଗଠନ କରାଯାଇଥିବାର ବିଧି ପରିଲକ୍ଷିତ ହୁଏ ।

ଯାହାହେଉ ପରିଶେଷରେ ଆମ୍ଭେ ଏହି ସତ୍ୟରେ ଉପନୀତ ହେଉ ଯେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀଙ୍କ କାଳ ନିଶ୍ଚିତ ଭାବରେ ବ୍ୟାସ ଦେବଙ୍କ କୃତ ମହାଭାରତର ସମସାମୟିକ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ବା ତୃତୀୟ ଶତାବ୍ଦୀର ଓ କଳସପୁରସ୍ଥ ମନ୍ଦିର ଯାହା ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା, ତାହା ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀର ମନ୍ଦିର ଅଟେ ।

**ସହାୟକ ପୁସ୍ତକ :**

(୧) ବାୟୁ ପୁରାଣରେ ଉତ୍କଳର ପ୍ରାଚୀନ ରାଜାଙ୍କ ନାମ 'ଗୁହ' ବା ଗୁହଦେବଙ୍କ ନାମ ବର୍ଣ୍ଣନା ଅଛି ।

(୨) Ep. Ind. Vol. XXIII-Page 203

-୭-

ତାପରେ ବଂଶୀ ଧରି ମୟୂରଚୂଳିଆ କୃଷ୍ଣଗୋପାଳ ରାଧାଙ୍କ ପାଦ୍ମକୁ ଯାଇ ବିରହୀଭାବରେ ମଧୁରଗୀତ ଗାଉଛନ୍ତି । ଶ୍ରୀରାଧା– ମନମୋହନଙ୍କର ଏଭଳି ଛଳ ଦେଖି ଓ ଶୁଣି ମରମେ କନ୍ଦର୍ପ ବାଧାପ୍ରାପ୍ତ ହେଲେ । ଆସନ୍ନା ସଖୀର ଇଙ୍ଗିତ ଦେଖି ଚନ୍ଦ୍ରବଦନୀ ମୃଦୁହାସିନୀ ଗୋପବାଳା ଅତି ଲଜ୍ଜିତା ହୋଇ ସଖୀଙ୍କୁ କହିଲେ–"ଦେଖ ସଖୀ ! ମୁଁ ତାଙ୍କ ବିନା ଆଉ ରହିପାରିବି ନାହିଁ । ତାଙ୍କୁ ଦେଖିଲେ ମୋର ସର୍ବାଙ୍ଗେ କି ଅପୂର୍ବ ଶିହରଣ ଖେଳିଯାଉଛି ଯେ ମୁଁ ନିଜକୁ ଭୁଲିଯାଉଛି । ସତରେ ସେ ଯେ ମୋର ହୃଦୟର ରାମ–ନୟନର ମଣି ।

"କାହିଁଗଲ ତୁମେ ରାମ–
କାହିଁଗଲ ତୁମେ ଶ୍ୟାମ
ତୁମେ ଯେ ମୋ ନୟନ ମଣି ।
ମଧୁର ମୋହନ ବଂଶୀ–
କୁଞ୍ଜ ବିପ ଓଷ୍ଠେ ଭାସି
ନେଉଅଛି ମୋ ମନ କିଣି ॥"

ତୁହି ଗୋବିନ୍ଦ ଯେମିତି ଶ୍ରୀରାଧାର ସରସବପୁ ଦେଖି ତା'ପଛରେ ଗୋଡ଼ାଇଲୁ, ମଦନାନନ୍ଦ ତୋତେ ଘାରିଲା, ତାର ଆଲିଙ୍ଗନ ସୁଖ ପାଇବା ପାଇଁ ଗୀତ ଗାଇ ଗାଇ, ମୋହନ ଫୁଙ୍କି ଓ ନାଚି ନାଚି ହାଲିଆ ହୋଇପଡ଼ିଲୁ, ସେ ବି ସେମିତି ଅନଙ୍ଗଶରରେ ଘାରି ହୋଇ ବ୍ୟଥା ପାଇଲା ।

"ଆକର୍ଷଣର ପ୍ରତି ତ ଗୋଟି ପ୍ରତ୍ୟାକର୍ଷଣ ଥାଏ ।" ତୁହି ନନ୍ଦସୁତ ପିଲାଟିବେଳେ ମା ଯଶୋମତୀଙ୍କୁ ଦେଖିଲେ ଯେମିତି ଲୁଚି ଯାଉଥିଲୁ, ତୋର ଏ ବୟସକୃତ ଦୋଷକୁ ଦେଖି ସେ–ଲାବଣ୍ୟ ମୟୀ ସେମିତି ବି ଲତାକୁଞ୍ଜ ଉହାଡ଼େ ଲୁଚିଗଲା । ତାର ସଙ୍ଗସଙ୍ଗ ନ ପାଇପାରି ନିଜର ସମସ୍ତ ଦୋଷାପରାଧ କ୍ଷମାକରିଦେଇ "ହେ ବିକଚ କମଳମୁଖୀ ! କେବଳ ଦରଶନ ଦିଅ" ବୋଲି କହି ରାଧିକା ନିକଟରେ ଆତ୍ମସମର୍ପଣ କଲୁ ।

"କ୍ଷମ୍ୟତାମପରଂ କଦାପି ତବେଦୃଶଂ ନ କରୋମି ।
ଦେହି ସୁନ୍ଦରୀ ଦର୍ଶନଂ ମମ ମନ୍ମଥେନ ଦୁନୋମି ॥"

ସ୍ମର ଗରଳକୁ ଖଣ୍ଡନକରି ସର୍ବାଙ୍ଗ ଶୀତଳ କରିବା ଉଦ୍ଦେଶ୍ୟରେ ଏକ ଅବ୍ୟର୍ଥ ଔଷଧ ସ୍ୱରୂପେ ଶ୍ରୀଦେବୀଙ୍କର ଉଦାର ପଦପଲ୍ଲବ ନିଜ ମସ୍ତକ ପରେ ଥୋଇ ସାଗରର ଉତ୍ତାଳ ତରଙ୍ଗ ସଦୃଶ ଅଶାନ୍ତ ଚିତ୍ତ–ମନ–ପ୍ରାଣକୁ ଶାନ୍ତ କରିଦେଇଥିଲୁ । ଯଥା :

"ସ୍ମର ଗରଳ ଖଣ୍ଡନଂ–ମମ ଶିରସି ମଣ୍ଡନଂ ।
ଦେହି ପଦପଲ୍ଲବ ମୁଦାରମ୍ ॥"

ଏହିଭଳି ଆତ୍ମସମର୍ପଣଭାବ ଦେଖି ରାଧା ମଧ୍ୟ ନିଜପ୍ରାଣବଲ୍ଲଭଙ୍କରେ ମିଳନପୀୟୁଷ–କୃଷ୍ଣାଲିଙ୍ଗନ ସୁଖରେ ବ୍ୟାକୁଳିତା ହୋଇ ଦର୍ଶନ ଦେଇଛନ୍ତି । ଉଭୟଙ୍କର ମିଳନର ସମୟରେ ଚିରପ୍ରତାପ୍ତି ପାଇବା ସହିତ ଜଗତ୍ ଶାନ୍ତ ହୋଇଛି, ଯମୁନାର ତଟେ ବିରାଜିତ କୁଞ୍ଜଲତା, ଯାହାଙ୍କର ସୁରୁଚିବିରହରେ ବିଷାଦକାତର ହୋଇପଡ଼ିଥିଲେ, ସେମାନେ ରାଧାମାଧବଙ୍କର ଯୁଗଳମୂର୍ତ୍ତି ଶୋଭା ଦେଖି ଆଶ୍ୱସ୍ତି ଲାଭ କରିଛନ୍ତି ।–ନୂତନ ଭାବ ଆଉ ଉଲ୍ଲାସନାରେ ସଜୀବିତ ହୋଇ ଉଠିଛନ୍ତି ।

-୮-

ଦେଖ ମାଧବ ! ମୁଁ ଆଜି ମୋ ହୃଦୟକୁ ମନେ ମନେ ପ୍ରଶ୍ନକରେ–ମୁଁ ଯିନା ଜାଣିଛି ତୋର ଆଉ ରାଧାର କି ପ୍ରେମ । ରାଧା କିଏ ଆଉ ତୁ କିଏ ? ତୋର ରାଧାପ୍ରତି ଥାଉଥାଉ ଦିବ୍ୟପ୍ରେମ ଭାବ– ପ୍ରାକୃତିକ ପ୍ରେମ । କିନ୍ତୁ ଆଜିର ଏ ଲୋକ ତୋର ସେ ବାସ୍ତବ ଦିବ୍ୟପ୍ରେମକୁ ଭୁଲିଯାଇ ଅପ୍ରାକୃତିକ ପ୍ରେମ ସମ୍ବନ୍ଧରେ କେତେ କଟୁ ଭାଷଣ ପ୍ରୟୋଗ କରୁଛି । ଲୋକେ କହୁଛନ୍ତି–'କୃଷ୍ଣ ଯଦି ରାଧାଙ୍କ ସହିତ ନଶକୁଳେ ଏମିତି ପ୍ରେମ କଲା, ସହସ୍ର ଗୋପନାରୀଙ୍କୁ ମନଭୁଲାଣିଆ କଣ୍ଠମନ୍ତ୍ର ଦେଇ ବଶୀଭୂତ କରିପାରିଲା, ତେବେ ଆମେ କାହିଁକି ସେଭଳି ନ କରିପାରିବୁ" ହଁ ମୁଁ ଠିକ୍ ବୁଝିଛି– ତୋ ପାଖରେ ନିହିତ ଶ୍ରେଷ୍ଠଗୁଣ–ଭଲଗୁଣଗୁଡ଼ିକୁ ଲୋକେ ଆଜି ଗ୍ରହଣ କରି ପାରିନାହାନ୍ତି ।

ମୋହ ଯାହାକୁ ଅତିମାତ୍ରାରେ ଆଶ୍ରୟ କରିଥାଏ, ସେ ଚକ୍ଷୁ ନ ଥିବା ଲୋକପରି ଅନ୍ଧକାରକୁ ଭଲପାଏ । କାମପ୍ରବଣତା ଗ୍ରସିତ ଥିବା ବ୍ୟକ୍ତି ସର୍ପକୁ ରଜ୍ଜୁ ବୋଲି ଭାବି ସମ୍ମୁଖୀନ ହେଉଥିବା ବାଧାବିଘ୍ନକୁ ଏଡାଇ ଦେଇ ତା'ର ଲକ୍ଷ୍ୟହୀନ ପାଖକୁ ମଧ ଗ୍ଲାଲିଯାଏ ।

ପରସ୍ପରର ମନ ସମାନ ହେଲେ, ଅର୍ଥାତ୍ ସମ୍ମିଳିତ ମନରେ, ସ୍ତ୍ରୀପୁରୁଷଙ୍କର ଅନାବିଲ, ନିଷ୍କପଟ ଚିତ୍ତ ଓ ମନ ଭିତରେ ପ୍ରେମ ହିଁ ହୁଏ ଆନନ୍ଦମୟ । ସେଥିରୁ ଯେଉଁ ଆନନ୍ଦ ମିଳେ, ତାହାର ଅନ୍ୟନାମ ହେଉଛି ଅମୃତ । ଅତଏବ :

"ଆନନ୍ଦଂ ବ୍ରହ୍ମଣୋଂ ରୂପଂ ତଚ୍ଚ ଦେହେ ବ୍ୟବସ୍ଥିତମ୍ ॥"

ଅର୍ଥାତ୍ ପ୍ରେମ ହିଁ ଶାଶ୍ୱତ । ଏହି ଶାଶ୍ୱତତାର ଅମୃତ–ଆନନ୍ଦାନୁଭୂତି ହେଉଛି ସ୍ୱୟଂ ବ୍ରହ୍ମ, ଯାହାକି ସମସ୍ତ ପ୍ରାଣୀଙ୍କ ଦେହ ମଧ୍ୟରେ ବ୍ୟବସ୍ଥିତ ହୋଇଅଛି ।

ପରନ୍ତୁ ଆଜିକାଲିର ସମାଜରେ ବ୍ୟକ୍ତି ଆନନ୍ଦ କେଉଁଠି ଅଛି, ଖୋଜି ଖୋଜି ମଧ ତା'ର ସନ୍ଧାନ ପାଇପାରୁ ନାହିଁ । "କସ୍ତୁରୀ ମୃଗ ନାଭିରେ କସ୍ତୁରୀ ଥିବାରୁ–ତା'ର ସମଗ୍ର ଶରୀର ସୁବାସିତ ହୋଇପଡ଼ିଥିବା ବେଳେ, ମୃଗ କିନ୍ତୁ କସ୍ତୁରୀର ଅନୁସନ୍ଧାନରେ ସର୍ବତ୍ର ବିଚରଣ କରି କରି ହାଲିଆ ହୋଇପଡ଼େ ।"

-୯-

ହେ ଜଗନ୍ନାଥ ! ତୋତେ କେତୋଟି କଥା ପଚାରିବା ପାଇଁ ଅନେକ ଦିନ ହେଲା ମୋ ମନମଧ୍ୟରେ ତାକୁ ସାଇତି ରଖିଛି । ସେଥିରୁ ସ୍ୱଳ୍ପ କତିପୟ ପ୍ରେମଛଳେ ତୋତେ ହିଁ ମୋର ପ୍ରଶ୍ନ ।

ଏ ପର୍ଯ୍ୟନ୍ତ ଭକ୍ତ ଆଉ ଭକ୍ତିର ସଂଜ୍ଞା ମଧ ମୁଁ ଜାଣିନି । ତୋତେ ଜାଣିଛି–ତ ଭକ୍ତଜନବାନ୍ଧବ । ସେଦିନ ଉତ୍କଳର ଗଜପତି ଙ୍କ ଜଗନ୍ନାଥ ପ୍ରତିମା ଶ୍ରୀପୁରୁଷୋତ୍ତମଙ୍କୁ କାଞ୍ଚିରଣ ପ୍ରାଙ୍ଗଣରେ –ଜିତାପଟ ଦେଲୁ । ଧଳା–କଳା ଘୋଡ଼ାରେ ଦୁଇଭାଇ ବସି କାଞ୍ଚିରାଜାଙ୍କ ସହିତ ଯୁଦ୍ଧ କଲ । ବାଟରେ ଯାଇ ଯାଇ ମାଣିକ ପାଟଣାରେ ଗଉଡୁଣୀ ହାତରୁ ଯୋଇଦହି ପିଇ ତାକୁ ନିଜଦେହର ଅଳଙ୍କାର ପିନ୍ଧାଇଦେଲ ।

ତୋରି ପଦ କମଳ ବେଣୁରେ ପ୍ରାଣ ସମର୍ପଣ କରି ଦେଇଥିବା ଭକ୍ତ ଜୟଦେବଙ୍କ ପାଖେ ପାଖେ ରହି, ତାରି–ହସ୍ତରେ ଦୁଇଦେହ

# ଆମ ଠାକୁର – ଜଗା କାଳିଆ

* ଶ୍ରୀ ନୀଳଗିରି ରବି ସାହୁ

ସିରେ କାଳିଆ–ଯେତେ ଦୁଃଖ, ଦାଉ–ଯନ୍ତ୍ରଣା ଆସିଲେ ମଧ ତୋର ସେ କାଳିଆ ମୁହଁ, ଚକା ଆଖି, ଶ୍ରୀମନ୍ଦିର, ପବନରେ ଫରଫର ଉଡୁଥିବା ପତିତପାବନ ବାନା ସବୁ ମନେ ପଡିଗଲେ–ଥରେ ମାତ୍ର ଦେଖିଦେଲେ ନା,–ଯେମିତି ସବୁ କିଛି ହୃଦୟର ନିଭୃତ ଗହ୍ୱରରୁ ପାଶୋରି ହୋଇଯାଏ । କେବଳ ଆଖିରେ ଭରିଯାଏ ଆନନ୍ଦାଶ୍ରୁ । ଖାଲି କଣ୍ଠସ୍ୱରେ ଭାସିଆସେ :

"କେଉଁଭାବେ ଜଗନ୍ନାଥ– କଲ ମୋତେ ପର
ଭାବରେ ଅଭାବ–
ଯଦିବ ରହିଲା
ନ କଲ କାହିଁକି ନିଜର
ମୁଁ କ'ଣ ନୁହେଁ ତୁମର ॥
ଭାବରେ ରହିଛ ବୋଲି ନାମ ତୁମ ଭାବଗ୍ରାହୀ
କେଉଁଗୁଣ ମୋର ରହିଲା ଅଭାବ
କୁହ ତୁମେ ଗୁଣଗ୍ରାହୀ ॥"

× × × ×

–୨–

ହିଁ–ତୋତେ ମୁଁ ଅତି ଭଲପାଏ ବୋଲି, ଅତି ନିଜର ମନେ କରେ ବୋଲି 'ତୁ' ଡାକି ସମ୍ବୋଧନ କରେ । ଅଦେଖା ସୂତ୍ରରେ ଜଗତ ଖେଳାର ତୋର ସନ୍ତାନ ସନ୍ତତିମାନଙ୍କୁ ଲାଳନପାଳନ କରୁଛୁ ବୋଲି ତୋ ସହିତ ଆମର ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । କିନ୍ତୁ ପ୍ରତ୍ୟକ୍ଷ ସମ୍ପର୍କ ଥିଲେ ଗଡ ଆମର ଜନ୍ମଦାତୀ ପିତାମାତାଙ୍କୁ ଆମେ କେହି ନାଁ ଧରି ଡାକିପାରୁ ନାହିଁ । ଏହି ପରୋକ୍ଷତା ପାଇଁ ତୋର ବିଭିନ୍ନ ନାମଧରି ଆମେ ଡାକିଥାଉ । ହେଲେ ଏଥିପାଇଁ ତୁ କେବେ କ'ଣ ମନରେ ବିଡ଼ମ୍ବନା ଆଣିଛୁ କି ? ଯଦିବା ଆଣିଥାନ୍ତୁ, ତେବେ ଭକ୍ତ ଦାସିଆ ବାଉରୀର 'କାଳିଆ' ଡାକ ଶୁଣି ତାହା ହାତରୁ ଶ୍ରୀଫଳ ସ୍ନେହ୍ୟ ସ୍ନେହ୍ୟ ଉଠାଇନେଇ ନ ଥାନ୍ତୁ ! "ଏ ଦୁଇଗୋଡ଼ିଆ ମଣିଷ ଭାବି ଭାବି କେତେବେଳେ କି ଉପାୟ ଅବଲମ୍ବନ କରୁଛି, ତାହା ତ ସୁଦ୍ଧି ଜାଣିହେଉନି, ଆଉ ଦେବତାଙ୍କର ଅନ୍ତର କଥା କିଏ ଜାଣିହୋଇ ପାରିବ ।" କେତେବେଳେ ଭକ୍ତ ପାଖରେ ତୁହି ପ୍ରେମମୟ ଠାକୁର, ତ ପୁଣି ପ୍ରେମର ମୂର୍ତ୍ତିମନ୍ତ ! ଆଉ ପୁଣି କେତେବେଳେ ରୁଦ୍ରରୂପ ଧାରଣକରି ତୀକ୍ଷ୍ଣ ଅସ୍ତ୍ରଦ୍ୱାରା ସଂହାର ଲୀଳା ଅଭିନୟକରୁଛୁ ।

–୩–

ଗୀତଗୋବିନ୍ଦରେ ଜୟଦେବ ପାଖରେ ହୋଇଛୁ ତୁହି–ଲଲାବତାର ଶ୍ରୀରାଧାମୋହନ । ଶ୍ରୀରାଧାସୁନ୍ଦରୀଙ୍କର ମନକୁ ମୋହିବା ପାଇଁ କଦମ୍ବମୂଳେ ଛପି, ଯମୁନାକୂଳେ ଜଗି, କେତେ ଗୋପୀଙ୍କର ପାଣିମାଠିଆ ଭାଙ୍ଗି, ତା ଶାଢ଼ୀର ପଣତ ଟାଣି ଓ ତାକୁ ପ୍ରତିପଦରେ ହଇରାଣ ହରକତ କରି, ତା ପାଖରେ କେତେ କାକୁତିମିନତି ନ ହୋଇଛୁ ! କେତେ ଭାବଭଙ୍ଗୀରେ ନ ଖେଳିଛୁ, ନବରଂଗ–ନବ ଉନ୍ମାଦରେ–ବଇଁଶୀର ସୁରେ ମନଭୁଲାଣିଆ–ଗୀତ ନ ଗାଇଛୁ ! ତୋର ସେହି ତ୍ରିଭଙ୍ଗଭଙ୍ଗୀଠାଣୀ ଆଉ ଚାତୁରୀ ଦେଖି, ଲାଜେ ଲାଜେ ସେ ତୋରି ଆଡ଼େ ଆନନ୍ଦରେ ଚାହିଁଛି । କେବଳ ଆନନ୍ଦରେ ଚାହିଁଛି ତାହା ନୁହେଁ, ସୁନ୍ଦର, ରୂପବାନ୍ କାନ୍ତିଯୁକ୍ତ ପୁରୁଷଟିଏ ଦେଖିଲେ କେଉଁ ଯୁବତୀର ମନ ନ ହେବ ତାକୁ ଟିକିଏ କଣେଇ କଣେଇ ଚାହିଁବାକୁ, ଏମିତି କଣେଇ ଚାହୁଁ ଚାହୁଁ ତୋର କୃଷ୍ଣ ଜଳଦ ଶରୀରରେ ଏକାକାର ହୋଇଯିବାକୁ ମନ ବଳାଉଛି । ରାଧାଦେବୀଙ୍କର କୋମଳ ତନୁଲତାଙ୍ଗରେ ଏକ ଅପୂର୍ବ ଭାବାତିଶଯ୍ୟ ମଦନସଲୀଳସ୍ରୋତ ବହିଛି ।

"ଦହଇ ସ୍ମର ପ୍ରସୁନେ – ତନୁଲତାଙ୍ଗ କୋମଳେ
ଗଣ୍ଡମଣ୍ଡ କୁଚ ଯୁଗଳେ ।
ଝରଇ ଶର ସଲୀଳ – ମାଧବେ ମନ ଆକୁଳ
ତାର ଭୁଜ ପରଶକୋଳେ ॥"

ତୋର ମାଧବ ମୋହନ ମୂରତିରେ ବ୍ରଜସୁନ୍ଦରୀର ମନ ଆକୁଳ ହୋଇ ଉଠିଛି । ଭୁଜପରଶର ସାନ୍ନିଧ୍ୟ ପାଇଁ ପରାଣ ତା'ର ବ୍ୟାକୁଳିତ ହୋଇଛି । ସେ ମନ ଖୋଲି ତା'ର ଅଭିଳାଷ ତୋତେ କହି ପାରୁନି । ତୋ ପ୍ରତି ତା' ପ୍ରାଣପରାଣ ବିରହିତ ଆଉ ଦୁର୍ବଳିତ । ଏହା ସତ୍ୟ ଯେ କୌଣସି ଯୁବତୀ ଏତେ ସହଜରେ ତା' ଅନ୍ତରର ବିରହ ପ୍ରେମଭାବ ଏକ ଅଜଣା ବ୍ୟକ୍ତିଠାରେ ପ୍ରକାଶ କରିଦିଏ ନାହିଁ । ଯେହେତୁ–"ଆଶାବନ୍ଧଃ କୁସୁମ ସଦୃଶଂ ପ୍ରାୟଶୋ ହ୍ୟଙ୍ଗନାନାମ୍" । ଅର୍ଥାତ୍ ସୁକୁମାର ତନ୍ତୁଯୁକ୍ତ ପୁଷ୍ପପରି କୋମଳ ସ୍ତ୍ରୀମାନଙ୍କର ହୃଦୟ କେବଳ ଆଶାର ତନ୍ତୁକୁ ହିଁ ଧାରଣ କରିଥାଏ ।

× × × ×

ଦୁହିଁଙ୍କର ମନ ପରସ୍ପର ପ୍ରତି ଆକର୍ଷିତ । ଏହି ଆକର୍ଷଣ ଭିତରେ ପରସ୍ପର ଖୋଜି ପାଉଛନ୍ତି ବିରହରେ ଆନ୍ତରିକ ପ୍ରେମଭାବ ଏବଂ ପ୍ରେମଭାବ ଭିତରେ ଫୁଟିଉଠିଛି ଏକରେ ଅନେକ ଓ ଅନେକରେ ଏକତ୍ୱ ଭାବ । ସତେକି କେହି କାହାକୁ କ୍ଷଣେ ନ ଦେଖି ଜୀଇଁ ପାରିବେ ନାହିଁ ।

× × × ×

ଧର୍ମପକ୍ଷର ପାଣ୍ଡବମାନଙ୍କୁ ବନବାସ ପଠାଇ ସର୍ବସ୍ୱାନ୍ତ କରିଛୁ ।ସର୍ବସମକ୍ଷରେ ରାଜବଂଶର ଏକମାତ୍ର ଶ୍ରେଷ୍ଠ କୁଳବଧୂ ଦ୍ରୌପଦୀ–ତୋର ଯେ ଧର୍ମର ଭଉଣୀ– ତାକୁ ମଧ୍ୟ ବିବସନା–କରାଇବାକୁ ଉଦ୍ୟମ କରାଇଛୁ । କିନ୍ତୁ ଦୁଇହାତ ଉପରକୁ ଟେକି ଧରିଥିବା ଦ୍ରୌପଦୀର ଆତ୍ମସମର୍ପଣଭାବ ନିକଟରେ ତୋର ସେ ବୁଦ୍ଧି ପଙ୍ଗୁ ହୋଇଗଲା ଏବଂ ତତ୍‌କ୍ଷଣାତ୍ କୋଟିବସ୍ତ୍ର ଦାନକରି ରାଜସଭାରେ ତା'ର ଇଜ୍ଜତ, ସମ୍ମାନ ରକ୍ଷାକରିଛୁ ।

ଅନ୍ୟାୟ ପକ୍ଷର ସମସ୍ତ କୌରବମାନଙ୍କୁ ଯୁଦ୍ଧରେ ନିହିତ କରାଇ ସର୍ବଶେଷରେ ପାଣ୍ଡବଙ୍କୁ ରାଜସିଂହାସନ ଦେଇଛୁ । ପୁଣି ଯୁଧିଷ୍ଠିର ସ୍ୱର୍ଗରେ ପହଞ୍ଚିବାର ବହୁପୂର୍ବରୁ ପ୍ରଥମେ ଦୁର୍ଯ୍ୟୋଧନକୁ ସ୍ୱର୍ଗାସନ ଦେଇଛୁ । କାରଣ–ତା'ର ସତ୍ୟ ଥିଲା–ବିନା ଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ର–ମେଦିନୀ । ଅତଏବ :

ସତ୍ୟମେବ ଜୟତେ ନାନୃତଂ ।
ସତ୍ୟେନ ପନ୍ଥା ବିତତୋ ଦେବଯାନଃ" ॥

(ମୁଣ୍ଡକଉପ)

ଅର୍ଥାତ୍ ସତ୍ୟ–ଧର୍ମର ବିଜୟ ସୁନିଶ୍ଚିତ ଏବଂ ସତ୍ୟାଶ୍ରୟୀ ବ୍ୟକ୍ତି ଦେବଯାନ ମାର୍ଗ ବା ଉତ୍ତରାୟଣ ଗତି ପ୍ରାପ୍ତ ହୁଏ ।

–୯–

ସେ ସମୟରେ ତୁ ନିଜେ ଅବତାର ଗ୍ରହଣ କରି ଅଧର୍ମୀ ଲୋକଙ୍କୁ ସ୍ୱହସ୍ତରେ ବିନାଶ କରୁଥିଲୁ । କିନ୍ତୁ ବର୍ତ୍ତମାନ ତୋର ଶେଷ ଅବତାର ହେଉଛି କଳ୍କି ଅବତାର । କାଳିଆ ଘୋଡ଼ା ଉପରେ ଚଢ଼ି, ହାତରେ ବଡ଼ ଧାରୁଆ ଖଣ୍ଡା ଧରି ଏବେ ବି ଆସୁରୁ ହତ୍ୟା କରୁ ନାହୁଁ କି ?

ତୁହି କଳାକାଳିଆ ସବୁ ଜାଣିଛୁ ଆଉ ଶୁଣିଛୁ । ସେହି ତୀକ୍ଷ୍ଣ ତରବାରୀର ଯୁଦ୍ଧ ଆଗରୁ ହେଉଥିଲା ଏବେ ବି ଚାଲିଛି । ଏକଦା ଚଣ୍ଡାଶୋକ କଳିଙ୍ଗ ଯୁଦ୍ଧପରେ ତରବାରୀ ପରିତ୍ୟାଗ କରି କହିଥିଲେ, "ତରବାରୀର ଜୟହିଁ ପ୍ରକୃତ ଜୟ ନୁହେଁ । ହୃଦୟର ବିଜୟ–ପ୍ରକୃତ ବିଜୟ ।"

କିନ୍ତୁ ବର୍ତ୍ତମାନ ସମୟରେ ହେ ଜନାର୍ଦ୍ଦନ ! ତୋର ସେ ସୁଦର୍ଶନ ଚକ୍ର, ଶିବଙ୍କର ପାଶୁପତ ଅସ୍ତ୍ର, ବ୍ରହ୍ମାଙ୍କର ବ୍ରହ୍ମାସ୍ତ୍ର ସବୁ ହାରମାନିଯିବ । ତାହାଠାରୁ–ଅଧିକ ଶକ୍ତିଶାଳୀ–ବେଗଗାମୀ ଅସ୍ତ୍ର ଆଜିର ଉନ୍ନତିକାରୀ ଅପରପକ୍ଷେ ଧ୍ୱଂସକାରୀ ବିଜ୍ଞାନୀ ମାନବ ସବୁକିଛି ଆବିଷ୍କାର–ଉଦ୍ଭାବନ କରିସାରିଲାଣି । କମାଣ ଗୁଳି ଗୋଳା ବାରୁଦଠାରୁ ଆରମ୍ଭ କରି ରକେଟ୍ ବମ୍, ରାସାୟନିକ ଅସ୍ତ୍ର, ଆଟମ୍ ବମ୍, ହାଇଡ୍ରୋଜେନ୍ ବମ୍ ପ୍ରଭୃତି ଯଦି କୌଣସିଠାରେ ନିକ୍ଷେପ କରାଯାଉଛି ସୁଦର୍ଶନଚକ୍ରଠାରୁ ମଧ୍ୟ ଅଧିକ କ୍ଷୟକ୍ଷତି କରୁଛି । ସମସ୍ତ ନିଶ୍ଚିହ୍ନ ହୋଇଯାଉଛି ।

–୧୦–

ହେ ଚକ୍ରଧର ନାରାୟଣ ! ସାମ୍ପ୍ରତିକ ସମଗ୍ର ବିଶ୍ୱରେ ତଥା ଆମର ଏହି ଦେବଭୂମି–ପୁଣ୍ୟଭୂମି ଭାରତବର୍ଷରେ ଯେଉଁ ସବୁ ଆତଙ୍କବାଦ କାର୍ଯ୍ୟଦ୍ୱାରା ନିରୀହ ଲୋକ ପ୍ରତ୍ୟହ ସହସ୍ର ସଂଖ୍ୟାରେ ଲୁଣ୍ଠିତ ହେଉଛନ୍ତି, ସେ ସବୁର କିଛି ଠିକଣା ନାହିଁ । ଏସବୁ ଦେଖି ନ ଦେଖିଲାପରି, ଶୁଣି ନ ଶୁଣିଲାପରି କେବଳ ନିଦାଳିଆ ହୋଇ ରହିଛୁ । ତୁ ତ ଏଭଳି କାଠଚୋରି ଭଗବାନ ଯେ ମଣିଷ ଚକ୍ଷୁ ଦେଲେ ଆନନ୍ଦିତ ହେଉ ନାହୁଁ କି ମରିଗଲେ ଦୁଃଖ କରୁ ନାହୁଁ ।

କଳି ଯୁଗର ଏହି କଳ୍କି ଅବତାରରେ–ସମସ୍ତ ମାନବସମା ଏହିଭଳି ଭୀତତ୍ରସ୍ତ ଅବସ୍ଥାରେ ରହି ଜୀବନଯାପନ କରିବେ କେ ଏହା କ'ଣ ତୋର ପୂର୍ବରୁ ସୁଚିନ୍ତିତ ପରିକଳ୍ପନା ଥିଲା । ହିଂସା ଦ୍ୱେଷ, ବଳାତ୍କାର, ଅତ୍ୟାଚାର, ହାପଡ଼ା ନୀତି ମଣିଷ ସମାଜରେ ପ୍ରାଧାନ୍ୟ ଲାଭ କରିବ ବୋଲି କଳିକାଳ ସୃଷ୍ଟିକରିଛ ! ଚଳି ମଞ୍ଜି ମାଟି, ଆଲୋକ, ପବନ ପାଇ ଅଙ୍କୁରିତ ହେବା ସଙ୍ଗେ ସଙ୍ଗେ ପତ୍ର ପଲ୍ଲବରେ ପୁଷ୍ପିତ ହେବା ପୂର୍ବରୁ ଶିଶୁ ଅବସ୍ଥାରେ ଲୋକେ ପରସ୍ପର କଳହ କରି ହଣାକଟା ଲାଗି ନିଜେ ମରୁଛନ୍ତି–ଅନ୍ୟମାନଙ୍କୁ ସେହି ଦଶାରେ ପକାଉଛନ୍ତି ।

ତଥାପି ହେ ମହାପ୍ରଭୁ ! ମୁଁ ଏତିକି ଆକୁଳ ନିବେଦନ କରୁଛି ଯେ ଏ ଯେତେ ପ୍ରାକୃତିକ ଦୁର୍ବିପାକ, ନାରକୀୟ କାଣ୍ଡ ଅଭାବ–ଅନଟନ ଘଟିଯାଉଛି, ସବୁକୁ ଦେଖି ତୁ ନୀରବ ରହୁ ନାହୁଁ ତ ? ଏ ସମସ୍ତ ହିଁ ତୋର ଏବଂ ତୋରି ଭିତରେ ଏ ସମସ୍ତ ଅତିଶୟ ଭୟ ସଂକୁଳତାକୁ ପ୍ରାପ୍ତ ହୋଇ ମଧ୍ୟ ଭାବୁ ଯେ ତୁ ଆମର ଅତି ଆପଣାର । ତୁହିଁ ତ ଆମର ଠାକୁର ସେହି କଳା କାଳିଆ ।

ତୁହି ତ ଆମର ପିତା–ମାତା । "ପିତେବ ପୁତ୍ରାନ୍ ନଃ ପ୍ରତି ଯୁଷସ୍ୱ" (ଋଗ୍) ଅର୍ଥାତ୍ ପିତା ଯେପରି ପୁତ୍ରର ସମସ୍ତ ଦୋଷାପରାଧ କ୍ଷମାକରି ତାକୁ ଲାଳନ ପାଳନ କରେ, ତା'ର ମଙ୍ଗଳ କାମନା କରେ, ତେଣୁ ହେ ଜଗନ୍ନାଥ ! ଆମମାନଙ୍କର ମଙ୍ଗଳ ବିଧାନ କରନ୍ତୁ ଏହି ସଂସାର ହେଉ ମଧୁମୟ ଏବଂ ସର୍ବତ୍ର ହିଁ ମଧୁର ବୃଷ୍ଟି ବର୍ଷଣ ହେଉ । ସାଗର ବକ୍ଷରୁ ମଧୁ ଝରିଆସୁ । ବୃକ୍ଷଲତା ପ୍ରଭୃତି ଔଷଧୀଗୁଣ ଯୁକ୍ତ ହୁଅନ୍ତୁ । ଯଥା :

"ମଧୁ ବାତା ଋତାୟତେ
ମଧୁ କ୍ଷରନ୍ତି ସିନ୍ଧବଃ ।
ମାଧ୍ୱୀ ର୍ନଃ ସନ୍ତୋଷଧୀଃ ।।"

(ଋଗ୍‌ବେଦ)

–୧୧–

ପ୍ରତିବର୍ଷ ତୋର ଏହି ରଥଯାତ୍ରାରେ, ତୋର ସେହି କଳାଶ୍ରୀମୁଖ ସମସ୍ତଙ୍କୁ ଦର୍ଶନ ଦେଇ ଏବଂ କି ଧର୍ମୀ–ଅଧର୍ମୀ ଭକ୍ତ–ପାମର ସମସ୍ତେ ଦର୍ଶନ କରି ସେମାନଙ୍କର ଦୁଃଖାର୍ତ୍ତିତକୁ ଶାନ୍ତ କରନ୍ତୁ ! ତୋର ସେହି–ବଡ଼ ବଡ଼ ଦୟାଳୁ ଚକା ଆଖି ଦୟାମୃତ–ସୁଧାଧାରା ସିଞ୍ଚନ କରି ସମସ୍ତ ଜଗତବାସୀଙ୍କୁ ସୁଖୀ କରନ୍ତୁ । ହେ କୃପାମୟ ! ସବୁ ହିଁ ତ ତୋରି ଇଚ୍ଛା । ଅତଏବ୍ :–

"ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ।
ଓଁ ତତ୍‌ସତ୍ ହରିଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଅଧ୍ୟାପକ, ସଂସ୍କୃତ ବିଭାଗ,
ମାଣିକେଶ୍ୱରୀ କଲେଜ୍,
ଉଜୁଡ଼ିଆ, ସୁନ୍ଦରଗଡ଼–୨୫ ।

ଭକ୍ତ କୋଣାର୍କ-ତାଙ୍କର ସତୀସ୍ତ୍ରୀ ହୃଦ୍‌ଗତ ପ୍ରାଣ ପଦ୍ମାବତୀଙ୍କୁ ସାକ୍ଷାତ୍ ତାର ସ୍ୱାମୀ ଜୟଦେବ ରୂପରେ-ଦର୍ଶନ ଦେଲୁ । ତୋରି ପ୍ରସାଦ ଅନ୍ନକୁ କୈବଲ୍ୟ-ମହାପ୍ରସାଦ ରୂପେ ସେବନ କରି କେତେ ଆନନ୍ଦ ପାଇଲେ । ଭକ୍ତ ସାଲବେଗଙ୍କୁ ବହୁତ ଆଡ଼ି-କେତେ ଆନନ୍ଦ ପାଇଲେ । ଭକ୍ତ ସାଲବେଗଙ୍କୁ ବହୁତ ଦେଲୁ, ତା'ରି ଆକୁଳ ସ୍ତୁତୀ ଶରଣ କରି, ତା'ରି ପାଇଁ ତ ପୁଣି ତୁ ବଡ଼ଦାଣ୍ଡରେ ରଥସହିତ ଅଟକିଗଲୁ । ତା'ରି ହାତ ତୋ ରଥ ଛୁଇଁଲେ ଯାଇକି, ତୁ ପୁଣି ଆଗେଇ ଗ୍ଭଲିଲୁ ।

ଏବେରେ ତୁ ମହାନ୍ ନା ଭକ୍ତ ମହାନ୍ । ଭକ୍ତଙ୍କୁ ବର୍ତ୍ତମାନ ଏମିତି ସାକ୍ଷାତ୍ ଦର୍ଶନ ଦେଉନୁ କାହିଁକି ?

× × × ×

ତୁ ସୂର୍ଯ୍ୟସମ ବଡ ବଡ଼ ଆଖିଧରି ତୁଣ୍ଡ ବସିଛୁ ଚତୁର୍ଦ୍ଧାଶୃଙ୍ଗ ଶୋଭାଯୁକ୍ତ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ । ମନ୍ଦିର-ଭିତରେ ଭକ୍ତଙ୍କ ଅଶ୍ରୁଳ ଗୁହାରୀ ହେଉଛି-କିଏ ନିଜପାଇଁ, କିଏ ପୁତ୍ରଝିଅ, ପରିବାର, ବନ୍ଧୁବାନ୍ଧବ ପାଇଁ ଅବା କିଏ ପୁଣି ଶ୍ରେଣୀ-ନାରୀ ବଳି ଅଧିଆ ପଡ଼ୁଛି । ସମସ୍ତଙ୍କ ମନକଥା ତୁ ଟିକେ ବୁଝିଦେଉନୁ । "ଠାକୁର ପୂଜାକଲେ ସମସ୍ତଙ୍କ ମନ-କାମନା ଯଦି ପୂରଣ ହୋଇ ଯାଉଥାଆନ୍ତା, ତେବେ ସମସ୍ତେ କେଉଁଦିନରୁ ସ୍ୱର୍ଗକୁ ଯାଇସାରନ୍ତେଣି ।" କେବଳ ଶୁଦ୍ଧଚିତ୍ତ-ହୃଦୟପ୍ରତି ତୋ କୃପା ହିଁ ଯଥେଷ୍ଟ ॥

ଶୁଣାଯାଏ-ଯେଉଁ ବ୍ୟକ୍ତି ପୁରୁଷୋତ୍ତମ କ୍ଷେତ୍ରକୁ ମନବଳାଇ ଜଗନ୍ନାଥଙ୍କୁ ଦର୍ଶନ କରି ଆସେ, ଜଗନ୍ନାଥଙ୍କ ମହାପ୍ରସାଦ ଟିକେ ସେବନ କରେ, ସେ ନିଜକୁ ମହାଭାଗ୍ୟବାନ, ପୁଣ୍ୟବାନ ବୋଲି ମନେକରେ । ଜଗନ୍ନାଥ ଦର୍ଶନ ତ ସମସ୍ତଙ୍କ ଭାଗ୍ୟରେ ଆସେ ନାହିଁ । ଯାହା ଭାଗ୍ୟରେ ଆସେ, ତାଁ ଲୋକେ-ତାକୁ ଠାକୁର ବୋଲି ଭାବି ପ୍ରଦକ୍ଷିଣ କରନ୍ତି ।

କିନ୍ତୁ ଆଜି ବି ତୋର ସେହି ଶ୍ରୀମନ୍ଦିର ରହିଛି । ସେହି ଦେବଦାସୀ ନୃତ୍ୟ ଗ୍ଭଲିଛି । ଛାଟିଏ ପଉଟି ଭୋଗ ଲାଗିଛି । ଭକ୍ତଙ୍କ ଭିଡ଼ ଅଛି । ଗୋଟିଏ କଥା ହେଉଛି-ଯେଉଁ ଭକ୍ତ ତୋର ବଡ଼ଦାଣ୍ଡ, ଶ୍ରୀମୁଖ ଦର୍ଶନ କରୁଛି, ବାଇଶି ପାବଚ୍ଛ ଚଢ଼ୁଛି, ମହାପ୍ରସାଦ ଖାଉଛି, ମହୋଦଧିରେ ସ୍ନାନ କରୁଛି-ପୂର୍ବରୁ ଆସୁଥିବା ପବିତ୍ରତା ଭଳି ତା ଅନ୍ତର ଭିତରେ ଆଜି-ସେଭଳି ପବିତ୍ରତା ଆସୁଛି ତ ? ଶରୀରରୁ ପାପକଳରାଶି ଧୌତ ହୋଇଗଲା ବୋଲି ମନରେ ଭାବିପାରୁଛି ତ ?

ମନ୍ଦିରର କାର୍ଯ୍ୟରେ କୌଣସି ବେଳେ ଅଘଟଣ-ଘଟିଲେ, ଓଡ଼ିଶାର ଗଜପତିମାନେ ଜଗନ୍ନାଥଙ୍କ ପାଶରେ ଧ୍ୟାନରେ ବସି ତତ୍ତ୍ୱକଥା ଜାଣିପାରୁଥିଲେ । ବର୍ତ୍ତମାନ ସେହି ଗଜପତି ଅଛନ୍ତି, ବଡ଼ପଣ୍ଡା ଅଛନ୍ତି, ଛେରାପହଁରା ବି ଗ୍ଭଲିଛି,-ବର୍ତ୍ତମାନ କୁହ ଜଗନ୍ନାଥ-ପୂର୍ବକାଳର ଗଜପତିଙ୍କ ପରି ଏକାଳର ଗଜପତି ସେହି ସମ୍ମାନ-ଦାୟିତ୍ୱଜ୍ଞାନ ପାଉଛନ୍ତି ତ ?

-୭-

ପୂର୍ବରୁ ଯାହା ଥିଲା, ବର୍ତ୍ତମାନ ହିଁ ତାହା ଅଛି । "ପ୍ରତିଫଳିତ ହି ମର୍ତ୍ତ୍ୟେ ସ୍ୱର୍ଗବିଭାବସ୍ୟ ଛାୟାଃ" ଅର୍ଥାତ୍ ସ୍ୱର୍ଗରେ ଯାହା କିଛି ରହିଛି, ମର୍ତ୍ତ୍ୟଲୋକରେ ତାହାର ଛାୟା ହିଁ କେବଳ ପଡ଼ିଛି । ସ୍ୱର୍ଗରେ ଯଦି ତୁମର ପୂଜାର୍ଚ୍ଚନା ହେଉ ନଥାନ୍ତା, ମର୍ତ୍ତ୍ୟରେ କ'ଣ ହୋଇଥାନ୍ତା ? ସ୍ୱର୍ଗରେ ନଦୀ, ସାଗର, ପର୍ବତ, କୁଞ୍ଜ, ତରୁଲତାଦି ଯଦି ନ ଥାନ୍ତା, ଭୂଲୋକରେ ତାହାର ସମ୍ଭବ କ'ଣ ହୋଇଥାନ୍ତା ?

କୁହ ପ୍ରଭୁ ବାସୁଦେବ ! ସତ୍ୟ-ତ୍ରେତା-ଦ୍ୱାପର ଯୁଗରେ ଯେଉଁ ବେଦମନ୍ତ୍ରର ସଂପୂର୍ଣ୍ଣ ପ୍ରଭାବ ଥିଲା, ମନ୍ତ୍ରହିଁ ସାକ୍ଷାତ୍ ବ୍ରହ୍ମ ଥିଲା, ମନ୍ତ୍ର ହିଁ କଳ୍ପତରୁ-କାମଧେନୁ ସ୍ୱରୂପିଣୀ ଥିଲା,-ସେହି ମନ୍ତ୍ରଗୁଡ଼ିକ ଏବେ 'କୀଳିତ ବା ନିଷ୍କ୍ରିୟ ହୋଇଛି-କାହିଁକି ? ସେତେବେଳେ ବ୍ରାହ୍ମଣ, ଋଷି ମହର୍ଷିମାନେ- ମନ୍ତ୍ରବଳେ ଜଳଚଳୁକରି ସାଗର ଶୁଖେଇ୍ ଦେଉଥିଲେ, ଜଳ ଉପରେ ଗ୍ଭଲୁଥିଲେ, ଜଳ ଭିତରେ ବସି ତପୋମଗ୍ନ ହେଉଥିଲେ, ପାପୀଲୋକଙ୍କୁ ମଧ୍ୟ ସ୍ୱର୍ଗ ପଠାଇ ତାଙ୍କପାଇଁ ଅର୍ଦ୍ଧସ୍ୱର୍ଗ ନିର୍ମାଣ କରିପାରୁଥିଲେ, ଆଉ ରାଜାମାନେ ସ୍ୱଶରୀରରେ ସ୍ୱର୍ଗଲୋକକୁ ଯାଇ ଦେବରାଜଙ୍କୁ ଯୁଦ୍ଧରେ ସାହାଯ୍ୟ କରୁଥିଲେ, ତଥା ସମୁଦ୍ରବକ୍ଷରେ ପଥର ବନ୍ଧ କରିପାରୁଥିଲେ ।

"ଏକଶବ୍ଦଃ ସମ୍ୟକ୍‌ଜ୍ଞାତଃ ସୁପ୍ରଯୁକ୍ତଃ ସ୍ୱର୍ଗଲୋକେ କାମଧୁକ୍ ଭବତି" ଅର୍ଥାତ୍ ଯେତେବେଳେ ବ୍ରାହ୍ମଣମାନେ ଗୋଟିଏ ମନ୍ତ୍ରକୁ ସମ୍ପୂର୍ଣ୍ଣଭାବରେ ଅବଗତ ହୋଇ, ମନ୍ତ୍ରସିଦ୍ଧି ପ୍ରାପ୍ତହୋଇ ତାହାର ସୁବିନିଯୋଗ ଦ୍ୱାରା ଅସାଧ୍ୟ କାର୍ଯ୍ୟ ସାଧନ କରିପାରୁଥିଲେ, ବ୍ରହ୍ମୋପବିତ କପାଳରେ ଘଷି ଅଗ୍ନିବାହାର କରୁଥିଲେ, ସେତେବେଳେ ରାଜାମାନେ ତାଙ୍କଠାରୁ ଆଦର୍ଶ ଗ୍ରହଣ କରି ଜଳଉପରେ ପଥର ଭସାଇ ପାରୁଥିଲେ, ଦେଶବାସୀ ପ୍ରଜାକୁଳଙ୍କୁ ସୁଶାସନ ଦେଉଥିଲେ ।

× × × ×

ହେ ଚକାଡୋଳା ! ସେତେବେଳେ ତୁହି ଥିଲୁ, ବର୍ତ୍ତମାନ ବି ତୁହି ଅଛୁ । ଯେତେବେଳେ ଋଷିମାନେ ଜଳ ଉପରେ ଗ୍ଭଲୁଥିଲେ ଏବଂ ମନଯାନରେ ଭୂ-ଭୁବ-ସ୍ୱ ଲୋକ ପରିକ୍ରମା କରୁଥିଲେ, ବର୍ତ୍ତମାନର ବୈଜ୍ଞାନିକ ଯୁଗରେ ତାହା କ'ଣ କିୟଦଂଶରେ ସଫଳ ହୋଇ ନାହିଁ କି ? ବର୍ତ୍ତମାନ ବି ସମୁଦ୍ର ଗର୍ଭରେ ରେଳଗାଡ଼ି ଗ୍ଭଲିପାରୁଛି । ଇଂଜିନ୍ ଚାଳିତ ଯନ୍ତ୍ରବଳେ ମାଟିତଳୁ ପାଣି ବାହାରିପାରୁଛି । ବିଜ୍ଞାନର ସୂକ୍ଷ୍ମ ଜ୍ଞାନବଳରେ ଲୋକ ଆକାଶରେ ଉଡ଼ିପାରୁଛି, ଉପଗ୍ରହ-ମାଧ୍ୟମରେ ବିଭିନ୍ନ ଗ୍ରହ-ଗ୍ରହାନ୍ତରକୁ ଗମନ କରୁଛି ।

କିନ୍ତୁ ଏ ଯାବତ ମଣିଷ ଦେବସଭା ନିକଟକୁ ଯାଇପାରିନାହିଁ । ମନେରଖିଥା ତୁ ପତିତପାବନ ! ତୋର ଏ ପତିତଜନ-ମର୍ତ୍ତ୍ୟର ଅମୃତ ସନ୍ତାନ, ସମୟକ୍ରମେ ଦେବସଭାରେ ବସି ଦେବତାଙ୍କ ସହିତ ସାକ୍ଷାତ୍ କଥୋପକଥନ କରି, ଦେବ-ନର ରାଜିନାମାରେ ସ୍ୱାକ୍ଷରକରି ତୋତେ ମଣ୍ଡୁରୀ କରିଆଣିପାରିବ । ସବୁ ରହସ୍ୟ ମଧ୍ୟ ଜାଣିପାରିବ ।

× × × ×

-୮-

ଗୀତାରେ ତୁହି ରାଧାକୃଷ୍ଣ କହିଛୁ-"ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ" । ପ୍ରତିଯୁଗରେ ତୁହି ବିଭିନ୍ନ କଳାରେ ଜନ୍ମ ଗ୍ରହଣକରି ଅଧର୍ମୀ, ପାପୀ ଲୋକଙ୍କୁ ବିନାଶକରି ସଂସାରରେ ସ୍ଥାପନ କରିଛୁ ଧର୍ମ, ନ୍ୟାୟ-ଶାନ୍ତି । ମଧୁ-କୈଟଭଙ୍କୁ ନିଜେ ସୃଷ୍ଟିକରି ସେମାନଙ୍କୁ ପୁଣି ମହାରଣରେ ବିନାଶକରି ସେ ଦୁଇଜଣଙ୍କର ରକ୍ତ ଓ ମେଦରେ ଜଗତବାସୀଙ୍କ ପାଇଁ ତିଆରି କରିଛୁ ସାଗର ଆଉ ମେଦିନୀ ।

ମହାଭାରତ ସମୟରେ, ଦୁଇଭାଇଙ୍କ ମଧ୍ୟରେ କଳହ-ମତାନ୍ତର ସୃଷ୍ଟିକରି, ମାମୁଁ ଶକୁନିଦ୍ୱାରା ପଶା ଖେଳାଇ,

କାଠ ପାଇଁ ପୃଥିବୀରେ ୨୦ ରୁ ୨୫ ନିୟୁତ ହେକ୍ଟର ନୂତନ ଜଙ୍ଗଲର ଆବଶ୍ୟକତା ଅଛି । ଯଦି ବର୍ତ୍ତମାନର ପ୍ରଚଳିତ ଧାରା ଓ ବେଗରେ ବୃକ୍ଷରୋପଣ କରାଯାଏ, ତାହେଲେ ୨୦୦୦ ମସିହା ବେଳକୁ ମାତ୍ର ଦୁଇ ନିୟୁତ ହେକ୍ଟର ଜମିରେ ନୂଆ ଜଙ୍ଗଲ ସୃଷ୍ଟି ହେବ । ତେଣୁ ବେଳହୁଁ ସାବଧାନ ନ ହେଲେ ଆଗାମୀ ବର୍ଷମାନଙ୍କରେ ଜାଳେଣୀ କାଠ ଅଭାବରୁ ଶକ୍ତିର ଚାହିଦା ପୂରଣ ଏକ ସମସ୍ୟାଭାବେ ମୁଣ୍ଡ ଟେକିବ ।

ଖଣିଜ ସମ୍ପଦ ଯଥା କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଇତ୍ୟାଦିର ଏକ ନିର୍ଦ୍ଦିଷ୍ଟ ପରିମାଣ ଅଛି । ଏହା ଯଦି ଅବିଶ୍ୱାସିତଭାବରେ ବହୁଳ ପରିମାଣରେ ବ୍ୟୟ ହୁଏ ତା'ହେଲେ ଖୁବ୍ କମ୍ ବର୍ଷ ମଧ୍ୟରେ ଏଗୁଡ଼ିକ ଶେଷ ହୋଇଯିବ ନତୁବା ଏପରି ଅବସ୍ଥାକୁ ଆସିଯିବ ଯେ ଏହାର ଉତ୍ପାଦନ ଖର୍ଚ୍ଚ ପରିମାଣ ମୂଲ୍ୟଠାରୁ ବଳିଯିବ । ଆମ ଦେଶରେ ବିଭିନ୍ନ ପ୍ରକାରର ଖଣିଜ ଧାତବ ପଥର ଗଚ୍ଛିତ ଅଛି । ଓଡ଼ିଶା, ବିହାର ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଗୁଜୁରାଟ, ରାଜସ୍ଥାନ ଓ ଆନ୍ଧ୍ର ପ୍ରଦେଶ ହେଉଛନ୍ତି ଆମ ଦେଶର ମୁଖ୍ୟ ଖଣିଜ ପଦାର୍ଥ ଉତ୍ପାଦନ କରୁଥିବା ରାଜ୍ୟ । ଆମ ଦେଶରେ ୩୫ ପ୍ରକାରର ନିଜସ୍ୱ ଖଣିଜ ସମ୍ପଦ ଅଛି । ଏହା ବିଭିନ୍ନ କଳକାରଖାନାରେ କଞ୍ଚାମାଲ ଭାବରେ ବ୍ୟବହୃତ ହେଉଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦାକୁ ପୂରଣ କରିବାପାଇଁ ଖଣିଜ ସମ୍ପଦର ଉତ୍ପାଦନ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଖଣିଜ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି କଳକାରଖାନାର ଉତ୍ପାଦିତ ହେଉଥିବା ବସ୍ତୁର ମୂଲ୍ୟ ୧୯୭୬ ମସିହାରେ ୧୩୭୫ କୋଟି ଟଙ୍କା ଥିଲାବେଳେ ୧୯୯୦ ମସିହାରେ ଏହା ୯୭୪୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏଥିରୁ ସହଜରେ ଅନୁମେୟ ଯେ ଆମେ ଖଣିଜ ସମ୍ପଦକୁ କିପରି ଅତ୍ୟଧିକ ଶୋଷଣ କରିବାରେ ଲାଗିଛୁ । ଏହି ଖଣିଜ ସମ୍ପଦଗୁଡ଼ିକ ମଧ୍ୟରୁ କେତେକ ନବୀକରଣ ଯୋଗ୍ୟ ହେଲେ ମଧ୍ୟ ଯଦି ଆମେ ସେଗୁଡ଼ିକୁ ସଠିକ ଭାବରେ ଖର୍ଚ୍ଚ ନକରିବା ତା'ହେଲେ ଏଗୁଡ଼ିକ ମଧ୍ୟ ସରିଯିବ ଓ ଏହାକୁ ନବୀକରଣ କରିବା ଆଉ ସମ୍ଭବ ହେବ ନାହିଁ । ନିମ୍ନଲିଖିତ ସାରଣୀରେ ଆମ ଦେଶର ଗଚ୍ଛିତ ଥିବା କେତେକ ମୁଖ୍ୟ ଖଣିଜ ସମ୍ପଦର ପରିମାଣ ପ୍ରଦତ୍ତ କରାଗଲା ।

| ଖଣିଜସମ୍ପଦର ନାମ | ଗଚ୍ଛିତଥିବା ପରିମାଣ କୋଟି ଟନ୍‌ରେ |
|---|---|
| ବକ୍ସାଇଟ୍ | ୨୬୫-୩୭ |
| ତମ୍ବାପଥର | ୫୭-୬୦ |
| କ୍ରୋମାଇଟ୍ | ୧୩-୫୩ |
| ହୀରା | ୧୦-୦୦ |
| ସୁନା | ୧୪୮-୫୧ |
| ଗ୍ରାଫାଇଟ୍ | ୪୬-୪୧ |
| ଲୁହାପଥର | ୧୯୬୫୭-୦୦ |
| ଚୂନପଥର | ୭-୩୨୦ |
| ମାଙ୍ଗାନିଜ୍ | ୧୩-୫୦ |

ଯଦି ଜନସଂଖ୍ୟା ସ୍ଥିର ରହେ ଯାହା କିଛି ଖଣିଜ ସମ୍ପଦ ବର୍ତ୍ତମାନ ଅଛି ୨୦୦୦ ମସିହା ସୁଦ୍ଧା ସୁନା, ରୂପା, ପ୍ଲାଟିନମ୍, ଦସ୍ତାଭଳି ଧାତୁ ବହୁତ ନିଃଶେଷ ହୋଇଯିବ । ଅନ୍ୟ ଧାତୁଗୁଡ଼ିକର ପରିମାଣ ମଧ୍ୟ ଏତେ କମିଯିବ ଯେ ଏହାର ମୂଲ୍ୟ ତା'ର ଉତ୍ତୋଳନ ମୂଲ୍ୟ ଠାରୁ କମିଯିବ । ଆବଶ୍ୟକତା-ତୁଷ୍ଟିରୁ ଏହି ଶତାବ୍ଦୀ ଶେଷବେଳକୁ ମଧ୍ୟ ଆମକୁ ଅତି ନିମ୍ନମାନର ଖଣିଜ ସମ୍ପଦ ଉତ୍ତୋଳନ କରିବାକୁ ପଡ଼ିବ । ମୁଣ୍ଡପିଛା ଖଣିଜ ପଦାର୍ଥର ଚାହିଦା କ୍ରମେ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁପାତରେ ବଢ଼ିବାରେ ଲାଗିଛି । ଫଳରେ ଆଗାମୀ ଦିନମାନଙ୍କରେ କ୍ରମ ବର୍ଦ୍ଧିଷ୍ଣୁ ଚାହିଦା ପୂରଣପାଇଁ ଖଣିଜ ସମ୍ପଦର ଅଭାବ ପରିଲକ୍ଷିତ ହେବ ।

ବର୍ତ୍ତମାନ ପୃଥିବୀରେ କୋଇଲା, ପେଟ୍ରୋଲିୟମ, ଲୁହା ପଥର, ଆଲୁମିନିୟମ୍ ଓ ଫସ୍‌ଫେଟ୍ ଅତ୍ୟଧିକ ପରିମାଣରେ ଖଣିରୁ ଉତ୍ତୋଳନ କରାଯାଉଛି । ଏହା ମଧ୍ୟରୁ କୋଇଲା ଓ ପେଟ୍ରୋଲିୟମ ନବୀକରଣ ଅଯୋଗ୍ୟ ସମ୍ପଦ ଅଟେ। ଏଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପରିମାଣ ଅଛି । ଏହା ଯଦି ଅବିଶ୍ୱାସିତ ଭାବରେ ବିପୁଳ ପରିମାଣରେ ବ୍ୟୟ ହୁଏ ତାହେଲେ ଖୁବ୍ କମ୍ ବର୍ଷ ମଧ୍ୟରେ ଏହା ଶେଷ ହୋଇଯିବ । ଏହି ସମ୍ପଦଗୁଡ଼ିକ ଥରେ ସରିଗଲେ ଆଉ ଶତ ଚେଷ୍ଟା କଲେ ମଧ୍ୟ ଆମେ ତାକୁ ପୁନର୍ବାର ପୃଥିବୀ ପୃଷ୍ଠରେ ଫେରି ପାଇବା ନାହିଁ । ଭୂତତ୍ତ୍ୱବିତ୍‌ମାନେ ଗଣନା କରି ପ୍ରକାଶ କରିଛନ୍ତି ଯେ ୧୯୮୪ ମସିହା ସୁଦ୍ଧା ଆମ ଦେଶରେ ୧୧୭ ବିଲିୟନ ଟନ୍ କୋଇଲା ଗଚ୍ଛିତ ଥିଲା । ଏହା ମଧ୍ୟରୁ ୫,୪୦୯ ନିୟୁତ ଟନ୍ କୋଇଲାକୁ ପ୍ରଚଳିତ ବୈଷୟିକ ବିଦ୍ୟା ପ୍ରୟୋଗକରି ଉତ୍ତୋଳନ କରାଯାଇ ପାରିବ ନାହିଁ । ଅପର ପକ୍ଷେ କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ଚାହିଦା ପୂରଣ କରିବାପାଇଁ କୋଇଲା ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି । ଏହା ୧୯୬୦-୬୧ ମସିହାରେ ୫୫-୬୭ ନିୟୁତ ଟନ୍ ଥିଲାବେଳେ ୧୯୮୮-୮୯ ରେ ୧୮୦ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା । ୨୦୦୦ ରୁ ୨୦୦୫ ମସିହା ସୁଦ୍ଧା ବର୍ଷକୁ ଏହାର ଉତ୍ପାଦନ ବୃଦ୍ଧି ପାଇ ୪୫୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏଭଳି ବହୁଳ ପରିମାଣରେ କୋଇଲା ଉତ୍ପାଦନ ହେଲେ ସୀମିତ ଭାବରେ ଗଚ୍ଛିତଥିବା କୋଇଲା ସରି ଆସିବ ଓ ଖୁବ କମ୍ ବର୍ଷ ମଧ୍ୟରେ ଶକ୍ତିର ଏକ ସଙ୍କଟ ସୃଷ୍ଟି ହେବ । ଏହା ସହିତ ବାୟୁ ପ୍ରଦୂଷଣ ଜନିତ ପରିବେଶର ବିଭିନ୍ନ ସମସ୍ୟା ଦେଖା ଦେବ । ସେହିଭଳି ପେଟ୍ରୋଲିୟମକୁ ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶରେ ଶକ୍ତିପାଇଁ ଇନ୍ଧନଭାବେ ବ୍ୟବହାର କରାଯାଉଛି । ଆମ ଦେଶରେ ୫୮-୯ କୋଟି ଟନ୍ ପେଟ୍ରୋଲିୟମ ଓ ୫୪୧ ବିଲିୟନ ଘନମିଟର ପ୍ରାକୃତିକ ଗ୍ୟାସ ଗଚ୍ଛିତ ଥିବାର ଆଶା କରାଯାଉଛି । ୧୯୮୭ ମସିହା ସୁଦ୍ଧା ଆମ ଦେଶରେ ବର୍ଷକୁ ୩୨୦ ଲକ୍ଷ ଟନ୍ ଅଶୋଧିତ ତେଲ ଓ ୯୮୧-୨ କୋଟି ଘନ ମିଟର ପ୍ରାକୃତିକ ଗ୍ୟାସ ଉତ୍ପାଦନ କରାଯାଉଥିଲା । ବର୍ତ୍ତମାନ ପେଟ୍ରୋଲିୟମଜାତ ପଦାର୍ଥଗୁଡ଼ିକର ଘରୋଇ କାର୍ଯ୍ୟରେ ବ୍ୟବହାର ଚାହିଦା ଅସମ୍ଭବ ଭାବରେ ବୃଦ୍ଧି ପାଉଥିବାରୁ ନିଅଣ୍ଟିଆ ପରିମାଣକୁ ଭରଣା କରିବାପାଇଁ ବର୍ଷକୁ ୧୦ ରୁ ୧୭ ନିୟୁତ ଟନ୍ ପେଟ୍ରୋଲିୟମ ବିଦେଶରୁ ଆମଦାନୀ କରାଯାଉଛି । ୨୦୦୪ ରୁ ୨୦୦୫ ମସିହା ବେଳକୁ ପେଟ୍ରୋଲିୟମର ଚାହିଦାଯାଇ ୧୧୧ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି । କିନ୍ତୁ ଆମ ଦେଶରେ ଏହାର ଉତ୍ପାଦନ ବୃଦ୍ଧିପାଇଁ କେବଳ ୫୮ ନିୟୁତ ଟନ୍‌ରେ ସେତେବେଳକୁ ପହଞ୍ଚିବ । ତେଣୁ ଆଗାମୀ ଦିନମାନଙ୍କରେ କେବଳ ବିଦେଶରୁ ଆମଦାନୀ କରି ଆମର ପେଟ୍ରୋଲିୟମ ଚାହିଦା ପୂରଣ କରିବାପାଇଁ ନିର୍ଭରକରି ଚଳିବାକୁ ପଡ଼ିବ । ଏଥିରୁ ସହଜରେ ଅନୁମେୟଯେ, ପେଟ୍ରୋଲିୟମର ନିଃଶେଷ ମାନବ ସମାଜପାଇଁ କିପରି କଷ୍ଟଦାୟକ !

କେତେକ ଭାବୁଛନ୍ତି ଯେ କୋଇଲା ଓ ପେଟ୍ରୋଲିୟମ ସରିଗଲେ ମଧ୍ୟ ଜଳ ବିଦ୍ୟୁତଶକ୍ତି ଅପରନ୍ତି ଅଟେ । ଏହି ଶକ୍ତି

# ପ୍ରାକୃତିକ ସମ୍ପଦର ଶୋଷଣ ହିଁ ଆମର କଷଣ

* ଶରତ କୁମାର ବିଶ୍ୱାଳ

କୋଉଁ ଆବହମାନ କାଳରୁ ମଣିଷ ପ୍ରକୃତି ଉପରେ ନିର୍ଭର କରି ଚଳି ଆସୁଛି। ପ୍ରାକୃତିକ ପରିବେଶରୁ ମିଳୁଥିବା ସମ୍ପଦ ଉପରେ ନିର୍ଭର କରି ସେ ତା'ର ସଭ୍ୟତା ଗଢ଼ି ତୋଳିଛି। ଆମର ପୂର୍ବପୁରୁଷମାନେ ପ୍ରକୃତିସହ ସମନ୍ୱୟ ରକ୍ଷା କରି ନିଜ ଜନ୍ମଭୂମିରେ ଏକ ସୁନ୍ଦର ଓ ସରସ ସାଂସ୍କୃତିକ ପଟ୍ଟଭୂମି ସୃଷ୍ଟିପାଇଁ ଅକ୍ଲାନ୍ତ ପ୍ରଯତ୍ନ କରିଯାଇଛନ୍ତି। କିନ୍ତୁ ଆଧୁନିକ ସଭ୍ୟତାର ଉନ୍ନତି ଆଳରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ଓ ବିପୁଳ ଅପଚୟ ଯୋଗୁଁ ପରିବେଶ ତା'ର ଭାରସାମ୍ୟ ହରାଇଛି। ଫଳରେ ଏଥିଯୋଗୁଁ ସୃଷ୍ଟି ହୋଇଥିବା ପରିବେଶୀୟ ସମସ୍ୟା ମଣିଷ ତଥା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସ୍ଥିତିକୁ ଆଜି ବିପର୍ଯ୍ୟସ୍ତ ଓ ଆତଙ୍କିତ କରିସାରିଲାଣି। ଅନ୍ୟ ପକ୍ଷରେ ପୃଥିବୀ ବକ୍ଷରୁ କ୍ରମେ କ୍ରମେ ପ୍ରାକୃତିକ ସମ୍ପଦଗୁଡ଼ିକ ନିଃଶେଷ ହୋଇ ଯାଉଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ହିଁ ପରିବେଶ ଓ ଏହାର ସମ୍ପଦ ଉପରେ ପ୍ରବଳ ଚାପ ସୃଷ୍ଟି କରୁଛି। ଆମେ ଜାଣିଛୁ ଯେ ପୃଥିବୀର ଏକ ନିର୍ଦ୍ଦିଷ୍ଟ ଆୟତନ ଅଛି ଏବଂ ଏହାର ସମ୍ପଦଗୁଡ଼ିକର ପରିମାଣ ମଧ୍ୟ ସସୀମ। ଅତ୍ୟଧିକ ଶୋଷଣ ଓ ଅପଚୟ ଯୋଗୁଁ ମୁଣ୍ଡପିଛା ହାରାହାରି ଯେତିକି ପରିମାଣରେ ପ୍ରାକୃତିକ ସମ୍ପଦ ମିଳିବା କଥା ତାହା କମି କମି ଯାଉଛି। ପରିବେଶ ପ୍ରଦୂଷଣ ଓ ପ୍ରାକୃତିକ ସମ୍ପଦର ଅଭାବ ଗରିବ ଲୋକଙ୍କୁ ଅଧିକ ଆଘାତ ଦେବାରେ ଲାଗିଛି। ଅସହାୟମାନେ ଆଜି ପାଇଁ ଦରକାରରେ ଆସିବା ସମ୍ପଦଗୁଡ଼ିକୁ ବର୍ତ୍ତମାନ ବଞ୍ଚିରହିବା ପାଇଁ ଏମାନେ ନଷ୍ଟ କରି ଦେଉଛନ୍ତି। ଏଥିଯୋଗୁଁ ପରିବେଶର ଯେଉଁ କ୍ଷତି ହେଉଛି ତାହା ତାଙ୍କର ଦାରିଦ୍ର୍ୟତାକୁ ଅଧିକ ଘନୀଭୂତ କରିଦେଉଛି। ଅତ୍ୟଧିକ ଦାରିଦ୍ର୍ୟତା ଯୋଗୁ ଲୋକମାନେ ଜାଳେଣୀକାଠ, ଖାଦ୍ୟ, ପାଣି ଓ ଗୋଖାଦ୍ୟପାଇଁ ଜଙ୍ଗଲକୁ ନଷ୍ଟ କରି ଦେଉଛନ୍ତି। ପରିବେଶ ଓ ମଣିଷ ଭିତରେ ଥିବା ସମ୍ପର୍କ ବିଷୟରେ ସ୍ୱଚ୍ଛ ଜ୍ଞାନ ଓ ନିଜର ସ୍ୱାର୍ଥପାଇଁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ବା ବ୍ୟବହାର ଯୋଗୁଁ ପରିସଂସ୍ଥାରେ ସଙ୍କଟ ଦେଖାଦେଉଛି। ତଦ୍‌ଜନିତ ବିଭିନ୍ନ ପରିବେଶୀୟ ସମସ୍ୟା ଆମର ଅର୍ଥନୈତିକ ପ୍ରଗତିକୁ ରୋକିଦେଉଛି।

ଆମ ଆଖି ଆଗରେ ଥିବା ସମସ୍ତ ପ୍ରାକୃତିକ ସମ୍ପଦ ଯଥା ଜଳ, ବାୟୁ, ମୃତ୍ତିକା, ଉଦ୍ଭିଦ, ଜଙ୍ଗଲ, ପଶୁପକ୍ଷୀ, ଖଣିଜ ଦ୍ରବ୍ୟ, ଖଣିଜ ତୈଳ ଓ କୋଇଲା ଇତ୍ୟାଦି ପ୍ରକୃତିର ଦାନ ଏବଂ ଆମର ଜୀବନଧାରଣ ପାଇଁ ଏଗୁଡ଼ିକର ସୃଷ୍ଟି। ତେଣୁ ବିଜ୍ଞତାର ସହ ଭାବରେ ଏ ସବୁ ସମ୍ପଦର ବ୍ୟବହାର ହେବା ଉଚିତ୍। ଅତ୍ୟଧିକ ବ୍ୟବହାର ଓ ଶୋଷଣ ଯୋଗୁଁ କେତେକ ଉଦ୍ଭିଦ ଓ ପ୍ରାଣୀଙ୍କର ଲୋପ, ମରୁଭୂମିର ସୃଷ୍ଟି, ମୃତ୍ତିକାକ୍ଷୟ ଏବଂ ମାଟି ଲୁଣି ମାଡ଼ିଯିବା ଇତ୍ୟାଦି ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ। ଆମମାନଙ୍କର କାର୍ଯ୍ୟକଳାପ ଯୋଗୁଁ ଜଳ କ୍ରମେ କ୍ରମେ ଦୂଷିତ ହୋଇ ଯାଉଛି। ପୃଥିବୀରେ ଥିବା ଜଳସମ୍ପଦ ମଧ୍ୟରୁ ଶତକଡ଼ା ୯୭ ଭାଗ ହେଉଛି ସମୁଦ୍ର ଜଳ। ଅବଶିଷ୍ଟ ୩ ଭାଗ ମାତ୍ର ମଧୁର ଜଳ। ବିଭିନ୍ନ କଳକାରଖାନାରୁ ନିଷ୍କାସିତ ହେଉଥିବା ଦୂଷିତ ପଦାର୍ଥ ଓ ସହରମାନଙ୍କର ନାଳନର୍ଦ୍ଦମାରୁ ବହି ଆସୁଥିବା ମଇଳାପାଣି ନଦୀଜଳକୁ ଦୂଷିତ କରିବାର ପ୍ରଧାନ କାରଣ। ଆମେ ସାଧାରଣତଃ ଭାବିଥାଉଁଯେ ମାଟିତଳେ ପ୍ରଚୁର ପରିମାଣରେ ଜଳ ସଂରକ୍ଷିତ ଅଛି ଓ ଏହାର କୌଣସି ସୀମା ନାହିଁ। ଏପରି ଭାବିବାର କାରଣ ହେଲା ଏହାର ବ୍ୟବହାର ପାଇଁ ଆମେ ପ୍ରକୃତ ମୂଲ୍ୟ ଦେଉନାହୁଁ। କିଛି ଦିନ ତଳେ ତାମିଲନାଡୁରେ ଯେପରି ଜଳର ଅଭାବ ଘଟିଲା ତାହା ଯେ ଅନ୍ୟାନ୍ୟ ପ୍ରଦେଶରେ ନ ଘଟିବ କିଏ କହିବ ? ଏହା ଆମ ପାଇଁ ଏକ ସତର୍କ ଘଣ୍ଟି ସଦୃଶ। ୨୦୦୦ ମସିହା ସୁଦ୍ଧା କେତେକ ଦେଶରେ ଭୂମି ଅଭ୍ୟନ୍ତର ଜଳ ନିଃଶେଷ ହୋଇଯିବ ଏବଂ ସେ ସ୍ଥାନରେ ଲୋକମାନେ କେବଳ ବର୍ଷାଜଳ ଉପରେ ନିର୍ଭର କରି ରହିବେ। ଯାହାକି ନିଶ୍ଚିତ ଭାବରେ ବିପଦଜନକ ଅଟେ। ତୃତୀୟଦେଶୀୟ ଜଳରାଶିରେ ଶତକଡ଼ା ୭୦ ଭାଗ ଜଳ ପ୍ରଦୂଷିତ ହୋଇଗଲାଣି।

ମୃତ୍ତିକାକ୍ଷୟ ଏପରି ହେଉଛି ଯେ ଗୋଟିଏ ଉଦାହରଣ ମଧ୍ୟ ଏଥିପାଇଁ ଯଥେଷ୍ଟ। ଆମ ଦେଶରେ ପ୍ରବାହିତ ଗଙ୍ଗାନଦୀ କେବଳ ବର୍ଷକୁ ୮-୫ କୋଟି ଟନ ମୃତ୍ତିକା ନେଇ ସାଗର ଗର୍ଭରେ ନିକ୍ଷେପ କରୁଛି। ଆମ ଦେଶର ଛଳ ଭାଗରେ ଅନେକ ଅଂଶ ଦ୍ରୁତ ହାରରେ ମରୁଭୂମିରେ ପରିଣତ ହେଉଛି। ଶତକଡ଼ା ଏକଭାଗ ପ୍ରତିବର୍ଷ ବର୍ଜିତ ଭୂମିରେ ପରିଣତ ହେଉଛି। ସମଗ୍ର ପୃଥିବୀରେ ହାରା ହାରି ବର୍ଷକୁ ୬ ନିୟୁତ ହେକ୍ଟର ଜମି ମରୁଭୂମିରେ ପରିଣତ ହେଉଛି। ଚନ୍ଦ୍ର ପୃଷ୍ଠରୁ ଦେଖା ଯାଉଥିବା ଚୀନର ବୃହତ୍ତମ ପାଚେରୀକୁ ବର୍ତ୍ତମାନ ମରୁଭୂମି ଗ୍ରାସ କରିଯାଉଛି। ଏହି ପ୍ରାଚୀର ନିର୍ମାଣପାଇଁ ମୃତ୍ତିକାର ଅତ୍ୟଧିକ ଶୋଷଣହିଁ ଏହାର କାରଣ। ଏହାକୁ ରୋକିବାପାଇଁ ଚୀନ ସରକାର ସେଠାରେ ବୃକ୍ଷରୋପଣ କରି ଏକ ବୃହତ୍ତମ ସବୁଜ ବଳୟ ସୃଷ୍ଟି କରୁଛନ୍ତି। ଇନ୍ଧନର ଚାହିଦା ପୂରଣ କରିବାପାଇଁ ଜାଳେଣୀ କାଠର ଅଭାବ ପରିଲକ୍ଷିତ ହେଉଛି। ବ୍ୟାପକ ଜଙ୍ଗଲ କ୍ଷୟହିଁ ଏହାର ଏକ କାରଣ। ବର୍ତ୍ତମାନ ଜଙ୍ଗଲ କ୍ଷୟର ପରିମାଣ ଜଙ୍ଗଲ ସୃଷ୍ଟିର ପରିମାଣ ଠାରୁ ଯଥେଷ୍ଟ ଅଧିକ। ଆଧୁନିକ ଚୁଲା, ଜୈବିକ ଗ୍ୟାସ ଓ ସୂର୍ଯ୍ୟ ଚୁଲା ସତ୍ତ୍ୱେ ୨୦୦୦ ମସିହା ସୁଦ୍ଧା ଜାଳେଣୀ

# ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ

* ଗନ୍ଧର୍ବ ସେନ ରଣା

ପୁଣ୍ୟ ଉତ୍କଳ ଭୂଖଣ୍ଡର ଶ୍ରୀକ୍ଷେତ୍ର । ନୀଳ ପାରାବାର କୂଳ ପ୍ରାଚୀ ଦିଗ୍‌ବଧୂ ନୀଳମଣି, ନୀଳ ଶୈଳ । ନୀଳ ନଭସ୍ପର୍ଶୀ ବଡ଼ ଦେଉଳ । ଚୂଳରେ ବିରାଜିତ ଋଜଚକ୍ର । ଶୋଭା ଶ୍ରୀମଣ୍ଡିତ କରେ ଶ୍ୱେତ, ପୀତ, ଆରକ୍ତ ବର୍ଣ୍ଣ କେତ ଉଡ଼େ ଫରଫର । ପଞ୍ଚକ୍ରୋଶ ପୂର୍ବରୁ ଦର୍ଶନ କରେ ଭକ୍ତ, ଅଭକ୍ତ, ବ୍ରାହ୍ମଣ, ଚଣ୍ଡାଳ ସର୍ବ ଧର୍ମାବଲମ୍ବୀ ।

ଆଲୋଚ୍ୟ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶଙ୍ଖ କ୍ଷେତ୍ର, ମଣିର ମାଳିନୀ କ୍ଷେତ୍ର, ଜନକପୁରୀ କ୍ଷେତ୍ର ତଥା ପୁରୀ କ୍ଷେତ୍ର ଇତ୍ୟାଦି ନାମରେ ବିଶ୍ୱ ବିଦିତ ଅଟେ ।

ମାଦଳା ପାଞ୍ଜିର ପୃଷ୍ଠା ଅବଲୋକନ କଲେ ଏହି କ୍ଷେତ୍ରର ବିସ୍ତୃତି ଦଶ ଯୋଜନ ଓ ଆୟତନ ପଞ୍ଚ ଯୋଜନ ଅଟେ । ଉତ୍ତରରେ ରାହାଙ୍ଗ ପ୍ରଗଣା, ପୂର୍ବରେ ବଙ୍ଗୋପ ସାଗର, ଦକ୍ଷିଣରେ ମରାଳ ମାଳିନୀ ଚିଲିକା ହ୍ରଦ ତଥା ପଶ୍ଚିମରେ ଚବିଶ କୁଦ ପ୍ରଗଣା ଏହି କ୍ଷେତ୍ରର ସୀମା ନିର୍ଣ୍ଣୟ କରୁଛନ୍ତି ।

ଅପର ପଟରେ ଦେଖିବାକୁ ଗଲେ ନିଳାଦ୍ରୀ ବୈକୁଣ୍ଠ, ପତିତପାବନ ବୈକୁଣ୍ଠ, ଲକ୍ଷ୍ମୀ ବୈକୁଣ୍ଠ, କୋଇଲି ବୈକୁଣ୍ଠ, ଅନନ୍ତ ବୈକୁଣ୍ଠ, ଲୀଳା ବୈକୁଣ୍ଠ, ପାତାଳ ବୈକୁଣ୍ଠ ପରିମିତ କ୍ଷେତ୍ରକୁ ପୁରୀ କୁହାଯାଏ । ଏହି ନାମକରଣ ବହୁତ ପୁରୁଣା ବୋଲି କଣାଯାଏ । ଗବେଷକମାନଙ୍କ ତଥ୍ୟ ଅନୁସାରେ ବିଦ୍ୟାପତି ଔରସ ତଥା ଲଳିତା ଗର୍ଭ ସମ୍ଭୂତ ପ୍ରଥମ ସନ୍ତାନ ପୁରୀ ଶବରର ନାମାନୁସାରେ ଏହି କ୍ଷେତ୍ରକୁ ପୁରୀ କ୍ଷେତ୍ର ନାମରେ ନାମିତ କରାଯାଇଛି ।

ପରମ ପୁରୁଷ ଜଗନ୍ନାଥ ମହାପ୍ରଭୁ ଶ୍ରୀ ଅର୍ଥ ଲକ୍ଷ୍ମୀଙ୍କ ସହିତ ସ୍ୱୟଂ ନିଜେ ବିରାଜମାନ ଥିବାରୁ ଏହାକୁ ଶ୍ରୀକ୍ଷେତ୍ର କୁହାଯାଏ । ଏଠାରେ ମହାଲକ୍ଷ୍ମୀଙ୍କ ପ୍ରଭାବର ପ୍ରାଧାନ୍ୟ ଥିବାରୁ ଏହାକୁ ଶ୍ରୀକ୍ଷେତ୍ର କୁହାଯାଉଥିଲେ ହେଁ ବିଷ୍ଣୁଙ୍କର ଏହା ଅତି ପ୍ରିୟ କ୍ଷେତ୍ର । ତଥାପି ଶ୍ରୀ ଯେହେତୁ ସୌନ୍ଦର୍ଯ୍ୟ, ଶୋଭନୀୟତା, ସୁଲକ୍ଷଣ, ଶୌର୍ଯ୍ୟ, ସମୃଦ୍ଧି ଓ ଲକ୍ଷ୍ମୀ ଆଦି ଗୁଣାବଳୀର ସମଷ୍ଟି, ତେଣୁ ଏହି ପୁଣ୍ୟ କ୍ଷେତ୍ରକୁ ଶ୍ରୀକ୍ଷେତ୍ର କୁହାଯାଏ ।

ସମୁଦ୍ରର ଉତ୍ତର ଦିଗରେ ଓ ମହାନଦୀର ଦକ୍ଷିଣରେ ତଥା ଏକାମ୍ର କ୍ଷେତ୍ରର ଦକ୍ଷିଣରୁ ସମୁଦ୍ର ତଟ ପର୍ଯ୍ୟନ୍ତ ଲସିଥିବା ଭୂଖଣ୍ଡକୁ ଶ୍ରେଷ୍ଠତମ କ୍ଷେତ୍ର ଶ୍ରୀକ୍ଷେତ୍ର କୁହାଯାଏ ।

ପୁରାଣରେ ବର୍ଣ୍ଣିତ ତଥ୍ୟ ଅନୁସାରେ ଅତୀତର ମହୋଦଧି ନିକଟବର୍ତ୍ତୀ ଏହି କ୍ଷେତ୍ରର ଅନ୍ୟ ପାର୍ଶ୍ୱବର୍ତ୍ତୀ ବାଙ୍କୀ ନଦୀ ପ୍ରବାଣ ମଙ୍ଗିଆଣୀ ନଦୀ ଓ ମଙ୍ଗଳା ନଦୀ ଦ୍ୱାରା ବଳୟିତ ହୋଇ ଏ କ୍ଷେତ୍ରକୁ ଏକ ଶଙ୍ଖ ଆକୃତିର ଦ୍ୱୀପ ସୃଷ୍ଟି କରିଥିବାରୁ ଏହାକୁ କ୍ଷେତ୍ରରାଜ, ଶଙ୍ଖ ନାଭି ମଣ୍ଡଳ, ଶଙ୍ଖ କ୍ଷେତ୍ର ଆଦି ନାମରେ ନାମିତ କରାଯାଏ ।

ପୁରାଣ ଯୁଗରେ ପ୍ରବଳ ପ୍ରତାପୀ ଗୟାସୁରକୁ ବଧ କରି ପରେ ପରମ ବିଷ୍ଣୁ ବିଜୟୋଲ୍ଲାସ ହୋଇ ନାଚି ନାଚି ଗଦା ଆୟୁଧକୁ ନିକ୍ଷେପିଥିଲେ ଏବଂ ତାହା ଖଣ୍ଡଖଣ୍ଡ ହୋଇ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ପଡ଼ିଥିଲା । ପରବର୍ତ୍ତୀ କାଳରେ ସେ ସବୁ ଗୋଟି ଗୋଟିଏ ତୀର୍ଥ ସ୍ଥଳରେ ପରିଗଣିତ ହୋଇଥିଲା । ସେ ଅନୁସାରେ ଏଇ କ୍ଷେତ୍ରକୁ ଗଦା କ୍ଷେତ୍ର ନାମରେ ନାମିତ କରାଯାଇଛି ।

ପ୍ରଳୟ କାଳରେ ଶ୍ରୀକ୍ଷେତ୍ର ଦକ୍ଷିଣ ସମୁଦ୍ର ଉପକୂଳରେ ରାଜର୍ଷି ଜନକଙ୍କର ଯଜ୍ଞ ସ୍ଥଳ ଥିଲା ଓ ଏଠି ମାତା ସୀତା ଆବିର୍ଭୂତା ହୋଇଥିଲେ ବୋଲି ଏହି କ୍ଷେତ୍ରକୁ କେତେକ ଜନକପୁରୀ ନାମରେ ନାମିତ କରିଛନ୍ତି ।

ମହାପ୍ରଳୟ କାଳରେ ମହର୍ଷି ମାର୍କଣ୍ଡେୟଙ୍କୁ ସ୍ୱୟଂ ନାରାୟଣ କହିଥିଲେ, "ଇମଂ ହି ପାବନ କ୍ଷେତ୍ରମ୍" । ତେଣୁ ବ୍ରହ୍ମବାଦୀମାନେ ସ୍ୱର୍ଗ—ମର୍ତ୍ତ୍ୟ—ପାତାଳସ୍ଥ ତ୍ରିକୋଟି ତୀର୍ଥର ଏକତ୍ରୀକରଣ ଏଠାରେ ହୋଇଥିବା କହିଥାନ୍ତି ଏବଂ ଏହା ପରମାତ୍ମା ସୃଷ୍ଟି ତଥା ପ୍ରଳୟ ପ୍ରଭାବ ମୁକ୍ତ ହୋଇଥିବାରୁ ଏହା ପୁଣ୍ୟ କ୍ଷେତ୍ର, ପାବନ କ୍ଷେତ୍ର, ଚିରନ୍ତନ କ୍ଷେତ୍ର, ମୋକ୍ଷ କ୍ଷେତ୍ର ବା ଯମନିକା ତୀର୍ଥ ଆଦି ନାମରେ ନାମିତ କରିଛନ୍ତି ।

ଏହି କ୍ଷେତ୍ରରେ ପ୍ରଭୁ ଶ୍ରୀଜଗନ୍ନାଥ ଦଶାବତାର ମୂର୍ତ୍ତି ପ୍ରକଟ କରୁଥିବାରୁ ଦେବତାମାନେ ଏଇ ପରମ ଦୁର୍ଲ୍ଲଭ ସ୍ଥାନକୁ ଦିବ୍ୟ କ୍ଷେତ୍ର ଓ ଭୌମ କ୍ଷେତ୍ର ବୋଲି ଧରି ନେଇଛନ୍ତି । ତତ୍ ସଙ୍ଗେ ସଙ୍ଗେ ଉପରୋକ୍ତ ବିଗ୍ରହମାନଙ୍କୁ ପର୍ଯ୍ୟାୟକ୍ରମେ ଦର୍ଶନ କଲେ ଯେଉଁ ପୁଣ୍ୟ ଫଳ ମିଳିଥାଏ, କେବଳ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେହି ଫଳ ମିଳିଥାଏ ବୋଲି ଏହାକୁ ଦଶାବତାର କ୍ଷେତ୍ର କୁହାଯାଏ ।

"ଉତ୍କଳେ ନାଭି ଦେଶସ୍ଥ, ବିମଳା ଭୈରବୀ ସାକ୍ଷାତ୍, ବିମଳା ପୁରୁଷୋତ୍ତମେ ଜଗନ୍ନାଥସ୍ତୁ ଭୈରବଃ" — ଶ୍ଳୋକରୁ ଏହି ଅନୁମିତ ହୁଏ ଯେ ଏହି କ୍ଷେତ୍ରରେ ସତୀ ସୀତାଙ୍କର ନାଭିଦେଶ ନିପତିତ ହୋଇଛି । ତେଣୁ ଏହି କ୍ଷେତ୍ରକୁ ନାଭି କ୍ଷେତ୍ର କୁହାଯାଇଛି ।

କରୁଥିଲେ ମିଳିଯିବ ଓ ଏହା କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ଚାହିଦା ପୂରଣ କରିପାରିବ ଭାବି ମଣିଷ ଅଗ୍ରସର ହେଉଛି । କିନ୍ତୁ ଏହା ଜାଣି ରଖିବା ଉଚିତ, ଏସବୁ ଏକ ନିର୍ଦ୍ଦିଷ୍ଟ ପରିସର ଓ ଉତ୍ତମ ସ୍ଥାନ ଉପରେ ନିର୍ଭର କରେ । ମୃତ୍ତିକା କ୍ଷୟ ଓ ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁଁ ନଦୀ ଶଯ୍ୟାମାନ ପଙ୍କ ଓ ବାଲିରେ ପୋତି ହୋଇଯାଉଛି । ଏହି କାରଣରୁ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ନିଶ୍ଚିତ ଭାବରେ ହ୍ରାସ ପାଉଛି । ଅନ୍ୟ ପକ୍ଷରେ ଅଧିକ ଜଳବିଦ୍ୟୁତ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ପରିବେଶ ଉପରେ ଏହାର ବହୁତ କୁପ୍ରଭାବ ପଡୁଛି । ଯେଉଁଠାରେ ଜଳପ୍ରପାତ ସୃଷ୍ଟି କରାଯାଉଛି, ସେଠାକାର ସ୍ଥାନୀୟ ପରିବେଶ ଓ ଜଳ ପ୍ରବାହିତ ହେଉଥିବା ନିମ୍ନ ଅଞ୍ଚଳରେ ଏହାର କୁପ୍ରଭାବ ପଡୁଛି । ଗମନାଗମନ, ଐତିହାସିକ ସ୍ଥାନ, ଜନବସତିର ଉଚ୍ଛେଦ ଏବଂ ସ୍ଥାନୀୟ ପ୍ରାଣୀ ଓ ଉଦ୍ଭିଦମାନଙ୍କ ଉପରେ ଏହାର ପ୍ରଭାବ ଅନୁଭୂତ ହୁଏ । କେରଳର ପାଲଘାଟ ଜିଲ୍ଲାର ସାଇଲେଣ୍ଟଭ୍ୟାଲି ଜଳ ବିଦ୍ୟୁତ୍ ଯୋଜନା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା କୁନ୍ତିପୁଜା ନଦୀ ଉପରେ ନିର୍ମିତ ହେଉଥିଲା । ଏହା ଦ୍ୱାରା ୬୬୦ ହେକ୍ଟର ଅତ୍ୟନ୍ତ ଉର୍ବର ଜଙ୍ଗଲ ଜଳମଗ୍ନ ବୁଡ଼ି ଯାଇଥାନ୍ତା । ଏହା ମଧ୍ୟରେ ବହୁତ ଦୁର୍ଲଭ ଗଛ ଓ ପ୍ରାଣୀମାନେ ଥିଲେ । ଏହି ଜଳବିଦ୍ୟୁତ୍ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ସେମାନେ ଲୋପ ପାଇ ଯାଇଥାନ୍ତେ । ଏହା ଛଡା ନଦୀମାନଙ୍କର ଜଳପ୍ରବାହ ଓ ନୌବାଣିଜ୍ୟରେ ମଧ୍ୟ ଏହା ବାଧା ସୃଷ୍ଟି କରିଥାନ୍ତା । ଲକ୍ଷ ଲକ୍ଷ ବର୍ଷର ବିବର୍ତ୍ତନ ଫଳରେ ସୃଷ୍ଟି ହୋଇଥିବା ଜୀବ ଜନ୍ତୁମାନଙ୍କୁ ରକ୍ଷା କରିବାପାଇଁ ଏ ଯୋଜନାକୁ ବନ୍ଦ ରଖାଗଲା । ତେଣୁ ବହୁଳ ଜଳବିଦ୍ୟୁତ୍ ଯୋଜନା ଜୀବ ଜଗତପାଇଁ କିପରି କଷ୍ଟକର ହେଉଛି, ଏଥିରୁ ସହଜରେ ଅନୁମେୟ ।

ଆଣବିକଶକ୍ତି ବ୍ୟୟ ବହୁଳ ଓ ଏହା ମଧ୍ୟ ଉଭୟ ବିକଶିତ ଓ ବିକାଶଶୀଳ ଦେଶମାନଙ୍କର ଶକ୍ତିର ଚାହିଦା ମେଣ୍ଟାଇବା ଦିଗରେ ସହାୟକ ହୋଇ ପାରିବ ନାହିଁ । ଆଣବିକ ଶକ୍ତିର ତେଜସ୍କ୍ରିୟତା ମଧ୍ୟ ପରିବେଶ ଓ ମାନବ ସମାଜ ପ୍ରତି ଅନ୍ୟ ଏକ ଭୟଙ୍କର ବିପଦ । ଏହି ପ୍ରକ୍ରିୟା ଅତ୍ୟନ୍ତ ମାରାତ୍ମକ ଅଟେ । ଏହା ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତ୍ୟନ୍ତ କ୍ଷତିକାରକ ଅଟେ । ଏହା ବଂଶାନୁକ୍ରମିକ ଗୁଣକୁ ସ୍ଥାୟୀଭାବରେ ପରିବର୍ତ୍ତନ କରି କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗ ସୃଷ୍ଟି କରାଏ । ଯେଉଁମାନେ ଆଣବିକ ଶକ୍ତି କେନ୍ଦ୍ରରେ କାମ କରନ୍ତି ବା ନିକଟରେ ବାସ କରନ୍ତି ସେମାନଙ୍କର ଫୁସଫୁସ, ଚର୍ମ ଓ ଗଳଗ୍ରନ୍ଥି କ୍ୟାନ୍‌ସର ହେଉଥିବାର ଦେଖାଯାଏ । ଏହାଛଡ଼ା ଦୁର୍ଘଟଣା ଜନିତ କ୍ଷୟକ୍ଷତି ସୁଦୂର ପ୍ରସାରୀ । ରୁଷିଆର ଚେର୍ଣ୍ଣୋବିଲ ଆଣବିକ ଶକ୍ତି କେନ୍ଦ୍ରର ଦୁର୍ଘଟଣା ଜନିତ କ୍ଷୟ କ୍ଷତି ଏବେବି ଲୋକଙ୍କୁ ଭୟଭୀତ କରାଉଛି । ୧୯୭୯ ମସିହା ମାର୍ଚ୍ଚ ମାସ ୨୮ ତାରିଖ ଓ ୧୯୮୬ ମସିହା ଏପ୍ରିଲ ମାସ ୨୬ ତାରିଖରେ ଆମେରିକାର ପେନ୍‌ସିଲଭାନିଆର ମିଡ଼ଟାଉନଠାରେ ଘଟିଥିବା ଭୟାବହ ଦୁର୍ଘଟଣା ଶୁଣିଲେ ଏବେବି ଲୋମହର୍ଷ ଟାଙ୍କୁରି ଉଠେ । ଏତଦ୍ ବ୍ୟତୀତ ଏହା ଯୋଗୁଁ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା ସୃଷ୍ଟିହେବାସହ ମଣିଷର ଜୀବନ କାଳର ଆୟୁଷ ମଧ୍ୟ କମି ଯାଏ । ଆଣବିକ ଶକ୍ତି କଳରେ ପ୍ରବଳ ଘନଘଟା ଦେଖାଦେବ ମାନବ ସମାଜ ଓ ପରିବେଶର ପ୍ରଭୂତ କ୍ଷତି ସାଧନ ହୋଇଥାଏ । ଦ୍ୱିତୀୟ ପୃଥିବୀ ମହାଯୁଦ୍ଧରେ ଜାପାନର ଦୁଇଟି ସମୃଦ୍ଧଶାଳୀ ନଗରୀ ହିରୋସିମା ଓ ନାଗାସାକି ଆମେରିକାର ଆଣବିକ ବୋମା ମାଡ଼ରେ ନିମିଷକେ ଛାରଖାର ହୋଇଗଲା ଓ ଏହା ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁର କାରଣ ହୋଇଥିଲା । ଏହାଛଡ଼ା ଅନ୍ୟାନ୍ୟ କ୍ଷୟକ୍ଷତିକୁ ଆଜିଯାଏ ମାନବ ସମାଜ ଭୁଲିପାରୁନାହିଁ । ନିକଟରେ ୧୯୯୧–୯୨ ମସିହା ଆମେରିକା ଓ ଇରାକ ଯୁଦ୍ଧରେ ଆଣବିକ ଶକ୍ତିର ପ୍ରୟୋଗ କିପରି ବାୟୁ ମଣ୍ଡଳକୁ ପ୍ରଦୂଷିତ କରିଛି ଏବଂ ଇରାକର ଶିଶୁମାନେ କିପରି ବର୍ତ୍ତମାନ ଭୟଙ୍କର କ୍ୟାନସରରେ ଆକ୍ରାନ୍ତ ହେଉଛନ୍ତି ଜାଣିଲେ ଏହାର ଭୟାବହତା ହୃଦୟଙ୍ଗମ କରିହୁଏ । ନିମ୍ନରେ ପ୍ରଦତ୍ତ ଗୋଟିଏ ଆଣବିକ ବୋମା ପ୍ରୟୋଗଜନିତ ପରିବେଶ ଓ ମାନବ ସମାଜର କ୍ଷୟକ୍ଷତି କିପରି ଭୟାବହ ତାହା ପାଠକଲେ ଯେ କେହି ସହଜରେ ବୁଝି ପାରିବ ।

"ଗୋଟିଏ ଆଣବିକ ବୋମା ବିସ୍ଫୋରଣ ହେଲେ ଜ୍ୱଳନ୍ତ ଅଗ୍ନିଶିଖା ଆକାଶରେ ବ୍ୟାପିବା ସଙ୍ଗେ ସଙ୍ଗେ ହଜାର ହଜାର ମାଇଲ ବେଗରେ ପବନ ବହିବ । ବାୟୁ ଚାପର ଦ୍ରୁତ ପରିବର୍ତ୍ତନ ଯୋଗୁଁ ଉତ୍ତପ୍ତବାୟୁ ପ୍ରବାହିତ ହୋଇ ସବୁ କୋଠାବାଡ଼ିକୁ ଧ୍ୱଂସ କରିଦେବ । ସମସ୍ତ ବିଦ୍ୟୁତ୍ ସଂଯୋଗ ନଷ୍ଟ ହୋଇଯିବ । ଉତ୍ତାପ ବଢ଼ି ସମସ୍ତ ପ୍ରାଣୀ ବୃକ୍ଷଲତା ଇତ୍ୟାଦି ବାଷ୍ପୀଭୂତ ହୋଇ ଜଳିପୋଡ଼ି ଯିବେ । ଲୁହା, ପଥର, କାଚ, କଂକ୍ରିଟ ରାସ୍ତା ମଧ୍ୟ ତରଳି ଯିବ ଓ ପାଣିପରି ବହିବାକୁ ଲାଗିବ । କାଠ, ପ୍ଲାଷ୍ଟିକ, ଲୁଗାପଟା ଇତ୍ୟାଦି ଆପଣାଛାଏଁ ଜଳି ଉଠିବେ । ଲୋକମାନେ ଜିଅନ୍ତା ପୋଡ଼ିହୋଇ ମୃତ୍ୟୁବରଣ କରିବେ । ଦୂରରେଥିବା ପ୍ରାଣୀମାନଙ୍କ ଦେହରେ ଫୋଟକା ଜନିତ କ୍ଷତ ଏପରି ସୃଷ୍ଟି ହେବ ଯେ ଯାହାକି ଆରୋଗ୍ୟ ହେବନାହିଁ । ବହୁତ ଲୋକ ବିକଳାଙ୍ଗ ଓ ଅକର୍ମଣ୍ୟ ହେବେ ଏବଂ ବିକଳାଙ୍ଗ ଶିଶୁ ଜନ୍ମ କରିବେ । ମୃତ୍ତିକା ଆକାଶକୁ ଉଠି ଘନକଳା ତେଜସ୍କ୍ରିୟ ବାଦଲ ସୃଷ୍ଟି ହେବା ଯୋଗୁଁ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ।" ଏଥିରୁ ସହଜରେ ଅନୁମେୟ ଯେ, ଆଣବିକ ଶକ୍ତି କିପରି ଆମମାନଙ୍କ ପାଇଁ ଭୟଙ୍କର ।

ଏଣୁ ବେଳ ଥାଉଁ ଥାଉଁ ସତର୍କତା ଅବଲମ୍ବନ ନ କଲେ ପ୍ରାକୃତିକ ସମ୍ପଦଗୁଡ଼ିକର ଅଭାବ ଜନିତ ସଙ୍କଟ ମାନବ ସମାଜ ପାଇଁ ଏକ ଅଭିଶାପ ପରି କାର୍ଯ୍ୟ କରିବ । ଆମେମାନେ ପୃଥିବୀର ପ୍ରାକୃତିକ ସମ୍ପଦ ଜୀବମଣ୍ଡଳ ଓ ଜନସଂଖ୍ୟା ବୃଦ୍ଧି ଉପରେ ଉପଯୁକ୍ତ ନିୟନ୍ତ୍ରଣ ରଖି ନପାରିଲେ ପରିବେଶ ତା'ର ଭାରସାମ୍ୟ ହରାଇ ଆମର କ୍ଷତିକୁ ନିକଟ ଭବିଷ୍ୟତରେ ଆହ୍ୱାନ କରିବ– ଏହା ନିଃସନ୍ଦେହ । ଅପର ପକ୍ଷେ ମାନବ ସମାଜ ଯଦି ଆଉ ଏକ ଶତାବ୍ଦୀ ପାଇଁ ତିଷ୍ଠି ରହେ ତାହେଲେ ଏବେଠୁଁ ଶକ୍ତିର ମିତବ୍ୟୟତା ଅବଲମ୍ବନ କରିବା ସଙ୍ଗେ ସଙ୍ଗେ ଶକ୍ତିର ବିଭିନ୍ନ ବିକଳ୍ପ ପନ୍ଥା ଖୋଜିବାକୁ ପଡ଼ିବ ।

ଅଧ୍ୟକ୍ଷ,
ସରକାରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ,
ଗାଙ୍ଗେୟପୁର, କଟକ ।

ଆଜି ଜଗନ୍ନାଥଙ୍କ ଘୋଷଯାତ୍ରା । ଏହାଥିପାଇଁ ତାଙ୍କର ରଥ ବଡ଼ ଦାଣ୍ଡରେ ଛିଡ଼ା ହୋଇଛି, ନନ୍ଦିଘୋଷ ନାମରେ । ଶାସ୍ତ୍ରଙ୍କ ପ୍ରଦତ୍ତ ଏଣ ରଥର ଉଚ୍ଚତା ୩୩ ହାତ ପାଉଥାଉଛି । ମୋଟ ୮୩୨ ଖଣ୍ଡ କାଠରେ ନିର୍ମିତ ଏହି ରଥରେ ୧୬ ଗୋଟି ଚକ ରହିଛି । ରଥ ରକ୍ଷକ—ଗରୁଡ଼, ଧ୍ୱଜାଧିପତି—ହନୁମାନ, ଆୟୁଧ—ଚକ୍ର ଓ ଶଙ୍ଖ, ରଥାବରଣ—ରକ୍ତପୀତ, ରଥମୂର୍ତ୍ତି ଦେବତା—କଲ୍ୟାଣ ସୁନ୍ଦର, ଶକ୍ତି—ବିମଳା ଓ ବିରଜା । ରଥର ପାର୍ଶ୍ୱ ଦେବତାମାନେ ହେଲେ—ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଅଶ୍ୱ—ଶଙ୍ଖ, ବଳାହକ, ଶ୍ୱେତ ହରିଦାଶ୍ୱ । ସାରଥିର ନାମ—ଦାରୁକ । ରଥ ରଜ୍ଜୁ—ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ, ରଥ ମନ୍ତ୍ରୀର ନାମ- ନାନ୍ଦୀମୁଖ, ରଥ ଦେବୀ—ଯୋଗମାୟା, ରଥ ଭୈରବ—ଏକପାଦ ନାଦ ଓ କୁବେର ସୁରଣୀ । ରଥଯକ୍ଷ—ହର୍ଯ୍ୟକ୍ଷ, ରଥଗର୍ଭାଧିଶ୍ୱର—ହିରଣ୍ୟଗର୍ଭ, ରଥଶକ୍ତି—ବିମଳା, ଉହର୍ଷଣୀ—ଡ଼ିମ୍ବା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା, ମେଧା । ରଥିପଟ୍ଟାରେ ନାରଦ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର, ଦେବେନ୍ଦ୍ର । ରଥ କୁବର ନାମ—ହିରଣ୍ୟକୁମ୍ଭ । ଦ୍ୱାରପାଳ—ଜୟ ଓ ବିଜୟ । ନେତ୍ର ନାମ—ତ୍ରୈଲୋକ୍ୟ ମୋହିନୀ ।

ମହା ଆଡ଼ମ୍ବରରେ ରଥଯାତ୍ରା ଶେଷ ହୁଏ । ତଥାପି ବର୍ଷସାରା ଭକ୍ତମାନେ ଏଇ ପଞ୍ଚତୀର୍ଥ (ମାର୍କଣ୍ଡେୟ, ଅକ୍ଷୟ ବଟ, ଶ୍ରୀଜଗନ୍ନାଥ, ସମୁଦ୍ର, ଇନ୍ଦ୍ରଦ୍ୟୁମ୍ନ) କାରୀ ସାଧବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରଣାମ କରିବାରେ ସ୍ତୁତି କରି କହନ୍ତି — "ହେ ଦେବ ଦେବ, ହେ ଜଗନ୍ନାଥ, ହେ ପ୍ରଭୋ, ହେ ସର୍ବରୂପ, ହେ ଅବିନାଶୀ, ହେ ଅନିର୍ଦ୍ଦେଶ୍ୟ, ହେ ଇନ୍ଦ୍ରିୟାଗମ୍ୟ, ହେ ସତ୍ୟ, ହେ ଅଚିନ୍ତ୍ୟ, ହେ ଅକ୍ଷର, ହେ ବ୍ୟାପକ, ହେ ଅବ୍ୟକ୍ତତତ୍ତ୍ୱ, ହେ ଜଗଦ୍ ଭାସକାଧିଶ, ଏକମାତ୍ର ପାପରୂ ଏ ସଂସାର ସାଗରରୁ ନିସ୍ତାରକାରୀ ଏବଂ ଭକ୍ତମାନଙ୍କ ପ୍ରତି ଅନୁଗ୍ରହ ପରାୟଣ ! ଅତଏବ୍ ମୁଁ ଆପଣଙ୍କର ଶ୍ରୀଚରଣାରବିନ୍ଦରେ ପ୍ରଣତି ଜଣାଉଛି, ମୋତେ ରକ୍ଷା କରନ୍ତୁ ।

ଜୟ ଶ୍ରୀକ୍ଷେତ୍ର, ଜୟ ଜଗନ୍ନାଥ ।

---

କ୍ୱାର୍ଟର ନଂ ଇ/୧୧୨, ୟୁନିଟ୍—୮,
ଭୁବନେଶ୍ୱର—୭୫୧୦୧୨ ।




ଟାଙ୍ଗୀ—ଚୌଦ୍ୱାର ପଞ୍ଚାୟତ ସମିତିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସମିତି ସମ୍ମିଳନୀ ଗୃହ ଓ ମହିଳା ବିଶ୍ରାମାଗାରକୁ ଉଦ୍‌ଘାଟନ କରୁଛନ୍ତି ।

ଏଠି ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ସ୍ପୃଶ୍ୟ-ଅସ୍ପୃଶ୍ୟ ଭେଦଭାବ ଏଠି ନାହିଁ । ତେଣୁ ଏହାକୁ ପରମ ପବିତ୍ର କ୍ଷେତ୍ର ବୋଲି କୁହାଯାଏ ।

ଗାଣପତ୍ୟମାନଙ୍କ ଯୁକ୍ତିରେ ଏଠି କଳ୍ପ ଗଣପତି, ନୃତ୍ୟ ଗଣପତି, ଈପ୍ସିତ ଗଣପତି, ପଞ୍ଚବକ୍ତ୍ର ଗଣପତି, ସିଦ୍ଧ ଗଣପତି ଓ କପାଳ ମୋଚନ ଗଣପତି ଥିବାରୁ ଏବଂ ଉପାସିତ ହେଉଥିବାରୁ ଏହାକୁ ଗାଣପତ୍ୟ କ୍ଷେତ୍ର କୁହାଯାଏ ।

ଏହା ଏକ ହନୁମାନ କ୍ଷେତ୍ର ଭାବରେ ମଧ୍ୟ ପରିଚିତ । କାରଣ ଏଠାରେ ବେଢ଼ି ହନୁମାନ, କାନପତା ହନୁମାନ, ଉଡ଼ନ୍ତା ହନୁମାନ, ବାଡଭାଇ ହନୁମାନ, ଦରିଆର ମହାବୀର, ସିଦ୍ଧ ମହାବୀର, ଶିଳୁଲୀ ମହାବୀର ତଥା ମୃଦଙ୍ଗ ମହାବୀର ଆଦି ପୀଠମାନ ଦେଖିବାକୁ ମିଳେ ।

ଏହି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଭୈରବୀ ବିମଳାଙ୍କୁ ପୁନଃ ସମର୍ପିତ ହେବା ପରେ ହିଁ ମହାପ୍ରସାଦ କିମ୍ବା ମା'ପ୍ରସାଦ ନାମରେ ନାମିତ ହୋଇଥାଏ । ସେବା ନୀତିରେ ଏହି ପ୍ରକ୍ରିୟାକୁ ଜିହ୍ୱା ରକ୍ଷଣ ବିଧାନ କୁହାଯାଉଥିବାରୁ ଏହି କ୍ଷେତ୍ରକୁ କେତେକ ଜିହ୍ୱା ପୀଠ ବୋଲି କହିଥାଆନ୍ତି ।

ମନସା ମଙ୍ଗଳରେ ବର୍ଣ୍ଣିତ ତଥ୍ୟାନୁସାରେ ଏଠାରେ ସତୀଙ୍କର ଯୋନିମଣ୍ଡଳ ପତିତ ହୋଇଥିବାରୁ ଏହାକୁ ଯୋନିପୀଠ କୁହାଯାଏ । ଏତଦ୍ ବ୍ୟତୀତ ବିମଳା ସପର୍ଯ୍ୟା ପାଣ୍ଡୁଲିପିରେ ଏହି କ୍ଷେତ୍ରକୁ ପାଦପୀଠ ଓ କୁବ୍ଜିକା ତନ୍ତ୍ରରେ କରପୀଠ ରୂପେ ବର୍ଣ୍ଣନା କରାଯାଇଛି ।

ପବିତ୍ର ତୀର୍ଥ ସ୍ଥାନମାନଙ୍କର ଜଳ ସହିତ ସମ୍ପର୍କ ଅତି ନିବିଡ଼ । ଶ୍ରୀକ୍ଷେତ୍ରରେ ପଞ୍ଚ ପୁଷ୍କରିଣୀ ଯଥା- ଇନ୍ଦ୍ରଦ୍ୟୁମ୍ନ ସରୋବର, ମାର୍କଣ୍ଡେୟ ପୋଖରୀ, ନରେନ୍ଦ୍ର ପୋଖରୀ, ଶ୍ୱେତଗଙ୍ଗା ତଥା ରୋହିଣୀକୁଣ୍ଡର ଜଳର ପବିତ୍ରତା ଯୋଗୁଁ ହିଁ ଏହାକୁ ଜଳତୀର୍ଥ କୁହାଯାଏ ।

ଗଡିଆର ପ୍ରସିଦ୍ଧ ଟୋଟା ଗୋପୀନାଥ ନିକଟସ୍ଥ ବାଲୁକା ପର୍ବତକୁ ପ୍ରଭୁ ଶ୍ରୀଚୈତନ୍ୟ ଗୋବର୍ଦ୍ଧନ ଗିରି ବୋଲି ମନେ କରୁଥିଲେ । ପ୍ରମାଣ ଅଛି, ଏହିଠାରେ ବହୁ ଗୌଡ଼ୀୟ ଭକ୍ତ ଅହରହ ଦଣ୍ଡ ପ୍ରଣାମ କରି ପରିକ୍ରମା କରୁଥିଲେ । ଏବେ ବି ଧର୍ମ ପରାୟଣ ଲୋକମାନେ ଏହାକୁ ପୂଜା କରୁଛନ୍ତି । ତେଣୁ ଏହି କ୍ଷେତ୍ରକୁ ଗିରି ଗୋବର୍ଦ୍ଧନ କ୍ଷେତ୍ର ବୋଲି କୁହାଯାଏ ।

ମୋଟାମୋଟି ଭାବେ, ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରକୁ ଶ୍ରେଷ୍ଠତମ କ୍ଷେତ୍ର ବା ତୀର୍ଥ ବୋଲି ଭକ୍ତମାନେ ଗ୍ରହଣ କରିବାରେ ବହୁ ଯଥାର୍ଥତା ରହିଛି ।

ଗଙ୍ଗାଦି ମୁକ୍ତି ତୀର୍ଥ ପରମବ୍ରହ୍ମ ଜଗନ୍ନାଥଙ୍କ ଚରଣ ବିନ୍ଦୁରୁ ଉଦ୍ଭୂତ ହୋଇଛନ୍ତି ବୋଲି ସକଳ ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବାରୁ ସେହି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସବୁ ତୀର୍ଥଙ୍କର ମୂଳ ତୀର୍ଥ । ବର୍ତ୍ତମାନ ଦେଖିବାକୁ ମିଳୁଛି, ଭକ୍ତଗଣ ଭାରତବର୍ଷର ସବୁ ତୀର୍ଥ ଭ୍ରମଣ କରିସାରିବା ପରେ, ଶେଷରେ ପୁରୁଷୋତ୍ତମ ଧାମକୁ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ତୀର୍ଥାଟନ କାର୍ଯ୍ୟକ୍ରମକୁ ମାର୍ଗ କରନ୍ତି ।

ଓଡ଼ିଶାର ଲୋକ ଚଳଣି ଓ ଲୋକ ଭକ୍ତିରେ ମଧ୍ୟ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ହୋଇ ଉଠିଛନ୍ତି ଜୀବନ୍ତ । ଜଗନ୍ନାଥ ସ୍ୱୟଂ ଏକ ବ୍ୟାପକ ଶବ୍ଦ । ଜଗନ୍ନାଥ କେବଳ ଚକାନୟନ, **କଳାଶ୍ରୀମୁଖ ନୁହନ୍ତି ।** ବଳଭଦ୍ରଙ୍କୁ ଜଗନ୍ନାଥ, ସୁଭଦ୍ରାଙ୍କୁ ଜଗନ୍ନାଥ ଓ ସୁଦର୍ଶନଙ୍କୁ ବି ଜଗନ୍ନାଥ ଭାବରେ ଗ୍ରହଣ କରାଯାଇଛି । ବୃହତ୍ ଅର୍ଥରେ ବ୍ୟବହୃତ ଜଗନ୍ନାଥ ବିଭିନ୍ନ ଭାବରେ ପୂଜିତ । ଏକ ସାଙ୍ଗରେ ତିନି ତିନି ଜଣ ପଣ୍ଡା ତିନି ଠାକୁରଙ୍କୁ ଆରତି କରନ୍ତି ।

ଜଗନ୍ନାଥ ହେଉଛନ୍ତି ଅଚଳ ମହାମେରୁ, ସାକାର ଓ ନିରାକାରର ମଧ୍ୟବର୍ତ୍ତୀ, ଲୀଳାମୟ, ମର୍ଯ୍ୟାଦା ପୁରୁଷୋତ୍ତମ, ରସରାଜ ଜଗତର ନାଥ; ସତ୍ୟ ଯୁଗରେ ସଚ୍ଚିଦାନନ୍ଦ, ତ୍ରେତୟା ଯୁଗରେ ଶ୍ରୀରାମ ଅବତାର, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣାବତାର ତଥା ଅଧୁନା କଳି ଯୁଗରେ ଶ୍ରୀଜଗନ୍ନାଥ । ଏତଦ୍ ବ୍ୟତୀତ ଏଠାରେ ବାରମାସରେ ତେରଯାତ୍ରା, ୬୨ ଉପଯାତ୍ରା ଏବଂ ୧୦୮ ପର୍ବପର୍ବାଣୀ, କେତେକ କ୍ଷେତ୍ରରେ ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ପଠାଯାଇଥାଏ । ମାତ୍ର ଦୋଳବେଦୀକୁ ପଠାଯାନ୍ତି ନାହିଁ । ସେଠି ଦୋଳଗୋବିନ୍ଦ ଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରନ୍ତି ।

ଶ୍ରୀଜଗନ୍ନାଥ ହେଉଛନ୍ତି ସାମ୍ୟ ଓ ମୈତ୍ରୀର ମୂର୍ତ୍ତିମନ୍ତ ସ୍ୱରୂପ । ଶ୍ରୀଜଗବନ୍ଧୁ, ଶ୍ରୀପତିତପାବନ । ମାନବବାଦ ଓ ଆଧ୍ୟାତ୍ମବାଦର ଅପୂର୍ବ ସମନ୍ୱୟ । ବିଶ୍ୱଜିତ୍ କାଳଜିତ୍ ମହାପ୍ରଭୁ । ସର୍ବ ଶକ୍ତିମାନ ଆଦି ମଧ୍ୟାନ୍ତହୀନ, ଅରୂପ, ଅନିର୍ବଚନୀୟ, ଅଚିନ୍ତ୍ୟ, ଅସୀମ, ଅନନ୍ତସୀମ, ଗୁଣାତୀତ ଏବଂ ସର୍ବାତୀତ ।

ଶ୍ରୀଜଗନ୍ନାଥଙ୍କୁ କୁହାଯାଏ – ସେ ବ୍ରହ୍ମା, ସେ ଶିବ, ସେ ହରି, ସେ ଇନ୍ଦ୍ର ଏବଂ ସେ ଅକ୍ଷର, ପରମ ଓ ଅବ୍ୟକ୍ତ । ତେଜର ଅଧିପତି ଭାବେ ସୂର୍ଯ୍ୟ, ପବନର ଅଧିପତି ଭାବେ ମରୁତ୍, ଧର୍ମ ଓ ମୃତ୍ୟୁର ଅଧିପତି ଭାବେ ଯମ, ଗଣର ଅଧିପତି ଭାବେ ଗଣପତି । ଅପ୍ରତିହତ ସେ । କେହି ତାଙ୍କ ପ୍ରତିଯୋଗୀ ନାହିଁ । ତାଙ୍କ ଭାବର ଗାମ୍ଭୀର୍ଯ୍ୟ ପ୍ରବାହରେ ଓଡ଼ିଶାର ସବୁ ଭେଦଭାବ ଭାସି ଯାଇଛି ।

ପୂର୍ବ କାଳର ଶବର ଜାତିର ଠାକୁର ଭାବେ ପୂଜା ପାଉଥିବା ଏହି ଜଗନ୍ନାଥ କାଳାନ୍ତରରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଭକ୍ତମାନଙ୍କ ଦ୍ୱାରା ପୂଜିତ ହୋଇ ଆସୁଛନ୍ତି । ବୈଷ୍ଣବମାନେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀପତି, ଶୈବମାନେ ଭୈରବ, ଶାକ୍ତମାନେ ଶକ୍ତି, ବୌଦ୍ଧମାନେ ବୁଦ୍ଧ, ଜୈନମାନେ ଋଷଭ ରୂପେ ପରିକଳ୍ପନା କରି ପୂଜାକରି ଆସୁଛନ୍ତି ।

କଥିତ ଅଛି, ଜଗନ୍ନାଥ ଏକାକୀ ପୂଜେ । ତାଙ୍କୁ ସୋନପୁରଠାରେ ପାତାଳି କରାଯାଇଥିଲା, ଯଯାତିଙ୍କ ସମୟରେ ପୁନଃ ପ୍ରତିଷ୍ଠା ଓ ପୁନଃ ନିର୍ମାଣ କରାଗଲା । ଅଦ୍ୟାବଧି ଦକ୍ଷିଣ ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କୁ ବହୁଳ ଭାବେ ପୁରୁଷୋତ୍ତମ ନାମରେ ଡାକୁଛନ୍ତି । ଏଥିପାଇଁ ଏହି ପବିତ୍ର ପୀଠ ପୁରୁଷୋତ୍ତମ କ୍ଷେତ୍ର ଭାବରେ ମଧ୍ୟ ପ୍ରସିଦ୍ଧ । କେଉଁ କେଉଁ ଏହି କ୍ଷେତ୍ରକୁ ପୁରୁଷୋତ୍ତମ ଶବ୍ଦର ଅପଭ୍ରଂଶରେ ପୁରୁଷମ କହୁଥିବାର ଶୁଣିବାକୁ ମିଳେ ।

ପୁରୀ ମନ୍ଦିର ବେଢ଼ାରେ ଥିବା ପାତାଳେଶ୍ୱର ମନ୍ଦିରର ଅନଙ୍ଗଭୀମ ଶିଳାଲିପିରେ ଦୁର୍ଗା, ଶିବ ଓ ପୁରୁଷୋତ୍ତମଙ୍କ ମିଳିତ ବିଗ୍ରହକୁ ପୁରୁଷୋତ୍ତମ ଭାବେ ସୂଚନା ଦିଆଯାଇଛି । ପରେ ଜଗନ୍ନାଥଙ୍କ ପ୍ରଭାବରେ ଶିବଙ୍କ ଶିବତ୍ୱ ଓ ସୁଭଦ୍ରାଙ୍କ ଦୁର୍ଗାଭାବ ବିଲୁପ୍ତ ହେବା ଫଳରେ ଏ ସମସ୍ତେ ବିମ୍ବରେ ପରିଣତ ହୋଇଯାଇଛନ୍ତି ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବିଶେଷତ୍ୱ ଏହି ଯେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ନବଦିନ ପାଇଁ ଶ୍ରୀମନ୍ଦିରରୁ ବାହାରି ବଡ଼ଦାଣ୍ଡରେ ସାଧାରଣ ଜନତାକୁ ଦର୍ଶନ ଦେଇ ନିଜର ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ଆବାଳ ବୃଦ୍ଧବନିତା ମହାପ୍ରଭୁଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଏହି ଘୋଷଯାତ୍ରାର ମହିମା ଅବର୍ଣ୍ଣନୀୟ । 'ସ୍କନ୍ଦ ପୁରାଣ'ରେ ଉଲ୍ଲେଖ ଅଛି–

"ଗୁଣ୍ଡିଚାଖ୍ୟଂ ମହାଯାତ୍ରାଂ ଯେ ପଶ୍ୟନ୍ତି ମୁଦାନ୍ୱିତାଃ
ଗୁଣ୍ଡିଚା ମଣ୍ଡପଂ ନାମଯାତ୍ର ଜମଜନଂ ପୁରା
ଅଶ୍ୱମେଧ ସହସ୍ରସ୍ୟ ମହାବେଦୀ ତଦାଭବତ୍
ତସ୍ମାତ୍ ଗୁଣ୍ଡିଚନମଂ ସ୍ଥାନଂ ପୁଣ୍ୟଂ ନେତ ବିଦ୍ୟତେ" ।

ଚତୁର୍ଦ୍ଧାମୂର୍ତ୍ତି ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ବିପୁଳ ଉତ୍ସାହ, ଉଲ୍ଲାଦନା ଏବଂ ଭକ୍ତମାନଙ୍କର ହରିବୋଲ, ହୁଳହୁଳି ଧ୍ୱନିରେ ରଥରେ ଉପବିଷ୍ଟ କରାଯାଏ । ଏହାକୁ 'ପହଣ୍ଡି ବିଜେ' କୁହନ୍ତି । ତା'ପରେ ଗଜପତି ମହାରାଜା ସୁବର୍ଣ୍ଣ ସମାର୍ଜନୀରେ ମାର୍ଗ ପରିଷ୍କାର କରିବାକୁ ଆସନ୍ତି । ଏହା 'ଛେରା ପହଁରା' ନାମରେ ପରିଚିତ । ଏହାପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୁଏ । ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ରଥକୁ ଟାଣି ଟାଣି ନେଇ ଗୁଣ୍ଡିଚା ଘର ନିକଟରେ ପହଞ୍ଚନ୍ତି । ସେଠାରେ ଠାକୁରମାନେ ସାତଦିନ ପର୍ଯ୍ୟନ୍ତ ରହିଥାନ୍ତି । ବଡ଼ ଦେଉଳର ନୀତି ପରି ସେଠାରେ ମଧ୍ୟ ଠାକୁରଙ୍କ ନୀତି ସବୁ ପାଳନ ହୁଏ । କେବଳ ତଫାତ୍ ଏତିକି ଯେ ବଡ଼ ଦେଉଳର ନୀତି ପଣ୍ଡାମାନେ କରିଥିବା ବେଳେ ଏହି ସମୟର ନୀତି ସବୁ ଦଇତାମାନେ ସମ୍ପନ୍ନ କରିଥାନ୍ତି । ଆଷାଢ଼ ଶୁକ୍ଳ ପଞ୍ଚମୀ ଦିନ 'ହେରା ପଞ୍ଚମୀ' ଉତ୍ସବ ଅନୁଷ୍ଠିତ ହୁଏ । ଏତିକିବେଳେ ରଥଗୁଡ଼ିକ ବଡ଼ଦେଉଳ ଅଭିମୁଖୀ କରାଯାଏ । ନବମ ଦିବସରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ ଏବଂ ଲକ୍ଷ୍ମୀ ନାରାୟଣ (ଜଗନ୍ନାଥ) ଭେଟପରେ ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।


ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ରଥଯାତ୍ରା ହେଉଛି ସର୍ବଶ୍ରେଷ୍ଠ ଯାତ୍ରା । ଏହି ଯାତ୍ରା ସନ୍ଦର୍ଶନରେ ମନୁଷ୍ୟର ମୋକ୍ଷପ୍ରାପ୍ତି ହୋଇଥାଏ । 'ନୀଳାଦ୍ରିନାଥ ଶତକ'ରେ ଉଲ୍ଲେଖ ଅଛି–

"ଅଧ୍ୟାସୀନସ୍ୟ ବେଦୀମଖିଳଜନପଦ ନୋତ୍ସୁକୀସ୍ୟ
ମଣ୍ଡପଛାୟା
ତାମର୍କସ୍ୟନ୍ତୋତ୍କ୍ରୁତନିଶ୍ଚିତି ଯଥା ସମ୍ପଦେନା ପଶ୍ୟନ୍ତେ ।
ଅପ୍ୟେକସ୍ୟାଂ ରଜନ୍ୟାଂ ଜଳନିଧିତନୟାନାଥ
ପାଥୋରୁହାକ୍ଷ
ଯେ ପଶ୍ୟନ୍ତି ପ୍ରବୀଣାଃ ରଜନୀ ଦିନସମ୍ଭୋଃ ପାରମେତେ
ପ୍ରଯାନ୍ତି ।"

ଉତ୍କଳୀୟ ଜନଜୀବନର ସବୁଠାରୁ ପ୍ରଧାନ ପର୍ବ ହେଉଛି ରଥଯାତ୍ରା । ରଥଯାତ୍ରା ପରି ଅନ୍ୟକୌଣସି ମହୋତ୍ସବ ଜନମାନସରେ ସେଭଳି ପ୍ରତିକ୍ରିୟା ପ୍ରଭାବ ବା ଆଲୋଡନ ସୃଷ୍ଟି କରିପାରି ନାହିଁ । ଆଜି ଶ୍ରୀଜଗନ୍ନାଥଙ୍କ ଶ୍ରେଷ୍ଠ ଯାତ୍ରା ରଥଯାତ୍ରା ବେଳେ ଯେ ହିଂସାଦ୍ୱେଷ, ଶଠତା ଜର୍ଜରିତ ମାନବ ସମାଜକୁ ସଦ୍‌ବୁଦ୍ଧି ପ୍ରଦାନ କରି ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତି ଏତିକି ମାତ୍ର କାମନା ।

---

ଆଡ଼ିସନାଲ୍ ଟ୍ରେଜେରୀ ଅଫିସର,
ସ୍ପେଶାଲ ଟ୍ରେଜେରୀ ନଂ–୧,
ଭୁବନେଶ୍ୱର–୭୫୧୦୦୧ ।



ଭୁବନେଶ୍ୱରଠାରେ ଦେବ ସଂସ୍କୃତି ଦିଗ୍‌ବିଜୟ ଅଶ୍ୱମେଧ ଯଜ୍ଞ ସମିତି ଆନୁକୂଲ୍ୟରେ ଆୟୋଜିତ କଳସ ଯାତ୍ରା ।

# ଶ୍ରୀଜଗନ୍ନାଥ ଓ ରଥଯାତ୍ରା

✱ ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ

ସ୍ନାନଯାତ୍ରା, ରଥଯାତ୍ରା, ଶୟନଯାତ୍ରା, ଦୋଳଯାତ୍ରା, ପାର୍ଶ୍ୱ ପରିବର୍ତ୍ତନୋତ୍ସବ, ଉତ୍‌ଥାନଯାତ୍ରା, ପ୍ରାବରଣୋତ୍ସବ ଇତ୍ୟାଦି ଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ରଥଯାତ୍ରା ହେଉଛି ପ୍ରଧାନ ଯାତ୍ରା ।ହିନ୍ଦୁ ସମାଜର ଏକ ପବିତ୍ର ତଥା ପ୍ରଧାନ ଉତ୍ସବ ରୂପେ ରଥଯାତ୍ରା ବିବେଚିତ ହୁଏ । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରରେ ଅନୁଷ୍ଠିତ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ ଅଟେ । ଏହି ଉପଲକ୍ଷେ ପୁରୀଠାରେ ଲକ୍ଷାଧିକ ସାଧୁ, ସନ୍ଥ ଓ ଭକ୍ତଙ୍କ ସମାବେଶ ହୁଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ରଥଯାତ୍ରାରେ ଯୋଗଦାନ କରି ମହାପ୍ରଭୁଙ୍କ କରୁଣାଲାଭ କରନ୍ତି । ସ୍କନ୍ଦ ଭାଗବତରେ ଉଲ୍ଲେଖ ଅଛି ଯେ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁଣ୍ୟଲାଭ ହୁଏ ।

"ରଥସ୍ଥଂ ଚ ଜଗନ୍ନାଥ ପ୍ରୟାନ୍ତଂ ଗୁଣ୍ଡିଚା ଗୃହମ୍,
ଯେ ପଶ୍ୟନ୍ତି ନରଶ୍ରେଷ୍ଠାସ୍ତେ ଧନ୍ୟା ଭୁବନତ୍ରୟେ ।"

ଏହି ରଥଯାତ୍ରାର ଆଧ୍ୟାତ୍ମିକ ମୂଲ୍ୟ ପଛରେ ଯେ ଏକ ଗଭୀର ଦାର୍ଶନିକ ମୂଲ୍ୟବୋଧ ରହିଛି । ଏହା ଅସ୍ୱୀକାର କରାଯାଇ ନପାରେ । ଆତ୍ମା ହେଉଛି ରଥୀ ଏବଂ ଶରୀର ହେଉଛି ରଥ ସ୍ୱରୂପ । ପୁନଶ୍ଚ ବୁଦ୍ଧି ହେଉଛି ସାରଥି ଏବଂ ମନ ହେଉଛି ଲଗାମ । ଏଠାରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ମନୁଷ୍ୟର ଇନ୍ଦ୍ରିୟଗୁଡ଼ିକ ଅଶ୍ୱରୂପେ ପରିକଳ୍ପନା କରାଯାଇଛି । ଏହି ରଥଯାତ୍ରାର ନିଗୂଢ଼ ତତ୍ତ୍ୱକୁ ସୂକ୍ଷ୍ମରୂପେ ବିଶ୍ଳେଷଣ କଲେ ଜଣାଯିବ ଯେ, ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ମନୁଷ୍ୟକୁ ଅର୍ଥାତ୍ ଜୀବାତ୍ମାକୁ ଅଜ୍ଞାନ-ଅନ୍ଧକାରରୁ ଆଲୋକ ମାର୍ଗକୁ ଅର୍ଥାତ୍ ଭବସାଗରରୁ ମୁକ୍ତି ଦେବାପାଇଁ ଶରୀରରୂପୀ ରଥରେ ରଥୀର ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏହି ରଥକୁ ଚଳାଇବା ପାଇଁ ବୁଦ୍ଧି ପ୍ରଦାନ କରିଛନ୍ତି, ଯାହା ସାରଥିର କର୍ତ୍ତବ୍ୟ ସମ୍ପାଦନ କରେ । ଲଗାମ ସ୍ୱରୂପ ମନଦ୍ୱାରା ଇନ୍ଦ୍ରିୟଗୁଡ଼ିକୁ ବିଷୟମୁକ୍ତ କରିବା ସମ୍ଭବପର ହୋଇଥାଏ ।

ପୁରାଣ କହେ ଯେ ପ୍ରଥମେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଗୁଣ୍ଡିଚା ମନ୍ଦିରରେ ନିର୍ମାଣ କରାଯାଇଥିଲା । ପରବର୍ତ୍ତୀକାଳରେ ଶ୍ରୀମନ୍ଦିରରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ମୂର୍ତ୍ତିମାନଙ୍କୁ ପ୍ରତିଷ୍ଠା କରାଯାଇଥିଲା । ରାଣୀ ଗୁଣ୍ଡିଚାଙ୍କ ଅନୁରୋଧ କ୍ରମେ ଶ୍ରୀଜଗନ୍ନାଥ ପ୍ରତିବର୍ଷ ନଅଦିନ ପାଇଁ ରଥରେ ବିଜେକରି ମହାବେଦୀକୁ ଯାଆନ୍ତି; ତେଣୁ ଏହାକୁ କେହି କେହି ନବଦିନ ଯାତ୍ରା ବା ମହାବେଦୀ ଯାତ୍ରା ବୋଲି ଅଭିହିତ କରିଛନ୍ତି ।

ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୁଏ । ସେହିଦିନ ମନ୍ଦିର ପୁରୋହିତ ଜନଯୋଗ ବିଧିରେ ରଥ ଅନୁକୂଳ ହୋମ କରନ୍ତି । ବିଘ୍ନରାଜ ଗଣପତିଙ୍କର ମହୋତ୍ସବ ପରେ ରଥକାର୍ଯ୍ୟ ଆରମ୍ଭ ହୁଏ । ଶ୍ରୀଜଗନ୍ନାଥଙ୍କ ରଥର ନାମ ହେଉଛି 'ନନ୍ଦିଘୋଷ' । ଅଗ୍ରଭାଗରେ ଚକ୍ର ଓ ଗରୁଡ଼ ଥିବାରୁ ଏହାକୁ 'ଚକ୍ରଧ୍ୱଜ' ବା 'ଗରୁଡ଼ଧ୍ୱଜ' ବୋଲି କହିଥାନ୍ତି । ଭଗବାନଙ୍କ ଷୋଳକଳାର ପ୍ରତୀକ ରୂପେ ନନ୍ଦିଘୋଷ ରଥରେ ଷୋହଳଟି ଚକ ଥାଏ । ଉକ୍ତ ରଥଟିର ଉଚ୍ଚତା ପ୍ରାୟ ୪୫ ଫୁଟ ଏବଂ ଚକର ପରିଧି ପ୍ରାୟ ୭ ଫୁଟ ଅଟେ । ପୀତ ଓ ରକ୍ତ ବର୍ଣ୍ଣରେ ସଜ୍ଜିତ ଏହି ରଥର ସାରଥୀ ହେଉଛନ୍ତି ମାତଳି । ଉକ୍ତ ରଥରେ ୮୩୨ ଖଣ୍ଡ କାଠ ବ୍ୟବହୃତ ହୁଏ । ଶିବ, ସୂର୍ଯ୍ୟ, ବିଷ୍ଣୁ, ହନୁମାନ, ରାମ ପ୍ରଭୃତି ହେଉଛନ୍ତି ରକ୍ଷକ ଦେବତା । ରଥର ଅଶ୍ୱମାନଙ୍କ ନାମ ହେଉଛି ରୋଚିକା, ମୋଚିକା, ଶୁଭ୍ରା ଓ ଅପ୍ରାତା ।

ବଳଦେବଙ୍କ ରଥର ନାମ 'ତାଳଧ୍ୱଜ' ଅଟେ । ଏହାର ଅଗ୍ରଭାଗରେ ତାଳ ଚିହ୍ନ ଥିବାରୁ ଏହାର ନାମ କରଣ ଏପରି ହୋଇଛି । ଏହି ରଥର ଉଚ୍ଚତା ପ୍ରାୟ ୪୪ ଫୁଟ ଅଟେ । ଚଉଦ ଭୁବନର ପ୍ରତିକ ସ୍ୱରୂପ ଉକ୍ତ ରଥରେ ଚଉଦଟି ଚକ ଲାଗିଥାଏ ଏବଂ ପ୍ରତ୍ୟେକ ଚକର ପରିଧି ପ୍ରାୟ ୬ ଫୁଟ ଅଟେ । ୭୬୩ ଖଣ୍ଡ କାଠରେ ନିର୍ମିତ ଉକ୍ତ ରଥ ଲାଲ୍ ଏବଂ ନୀଳ ରଙ୍ଗରେ ସଜ୍ଜିତ ହୋଇଥାଏ । ତାଳଧ୍ୱଜ ରଥର ସାରଥି ହେଉଛନ୍ତି ସାତ୍ୟକୀ ଏବଂ ରୁଦ୍ର ଓ ନରସିଂହ ଏହାର ପାର୍ଶ୍ୱଦେବତା ଅଟନ୍ତି । ଜଗନ୍ନାଥଙ୍କ ରଥର ଅଶ୍ୱ ଶ୍ୱେତବର୍ଣ୍ଣ ହୋଇଥିବା ସ୍ଥଳେ ବଳଦେବଙ୍କ ରଥର ଅଶ୍ୱ କୃଷ୍ଣବର୍ଣ୍ଣ ଅଟେ । ଏହି ଅଶ୍ୱମାନଙ୍କ ନାମ ହେଉଛି ତ୍ରିବା, ଧ୍ରୁତି, ସ୍ଥିତି ଓ ସିଦ୍ଧା ।

୫୯୩ ଖଣ୍ଡ କାଠରେ ନିର୍ମିତ ଦେବୀ ସୁଭଦ୍ରାଙ୍କ ରଥର ନାମ ହେଉଛି ଦର୍ପଦଳନ । ଏହାର ଉଚ୍ଚତା ପ୍ରାୟ ୪୩ ଫୁଟ ଅଟେ । ରଥରେ ଦ୍ୱାଦଶ ଯୋଗ ବା ଦ୍ୱାଦଶ ଦିବାକରଙ୍କ ପ୍ରତିକଭାବେ ବାରଟି ଚକ ଲାଗିଥାଏ । ପ୍ରତ୍ୟେକ ଚକର ପରିଧି ପ୍ରାୟ ୬ ଫୁଟ ଅଟେ । ଏହି ରଥର ରକ୍ଷକ ବନଦୁର୍ଗା ଏବଂ ସାରଥୀ ଅର୍ଜୁନ ଅଟନ୍ତି ।

ରଥ ନିର୍ମାଣ କାର୍ଯ୍ୟ ସମ୍ପନ୍ନପରେ ଏହି ରଥତ୍ରୟଙ୍କୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇ ପ୍ରତିଷ୍ଠା କରାଯାଏ ।

ମର୍ଯ୍ୟାଦା ଲାଭ କରନ୍ତି ୬ଷ୍ଠ ଶତାବ୍ଦୀର ଶେଷ ଭାଗରେ । ପରବର୍ତ୍ତୀ କାଳରେ କନ୍ଧ ସମାଜର ଶ୍ରେଷ୍ଠ ଦେବତା ପିତାବଳିନ୍ଦୀ ଏହି ବଳଦେବ ଉପାସନାରେ ବିଲୁପ୍ତ ହୁଏ । ତନ୍ତ୍ରାଶ୍ରିତ ତୁଳସୀର ପୂଜା ବୌଦ୍ଧ ତନ୍ତ୍ର ମଧ୍ୟରୁ ଆସି 'ବୈଷ୍ଣବ' ତନ୍ତ୍ର ପରମ୍ପରାରେ ପରେ ବଳଦେବ ଭାବନା ସହିତ ସମ୍ମିଳିତ ହୋଇ ବିଲୟ ପ୍ରାପ୍ତ ହୁଏ । କନ୍ଦରାସୁରର କନ୍ୟା ଏହି ତନ୍ତ୍ର ସ୍ୱାମିନୀ ତୁଳସୀ ବଳଦେବଙ୍କୁ ବିବାହର କାହାଣୀ ଏହି ପରିପ୍ରେକ୍ଷୀରେ ଗତିଶୀଳ । 'କନ୍ଦରାସୁର' ସାରଳା ଦାସଙ୍କ ଦୃଷ୍ଟିରେ କନ୍ଦର ନଗର ରାଜା କନ୍ଦର୍ପ ଭାବେ ଅଭିହିତ ହେତୁ ଶୈବ ପ୍ରଭାବରେ ବାମମାର୍ଗୀ ଚେତନା ତା'ର ନିଜସ୍ୱ ପ୍ରଭାବ ହରାଇ ବସେ । କନ୍ଦରାସୁର ଭଳି ଯଜ୍ଞ ନଷ୍ଟକାରୀ, ଦେବ ପୀଡ଼କ ଶକ୍ତିର ନିଃଶେଷ ହୁଏ । କ୍ଷେତ୍ର ପ୍ରତିଷ୍ଠାର ଗୌରବ ଏହି କନ୍ଦରାସୁର ବିଲୟର ଅବଶେଷ ପରିଣତି । ବଳଦେବ କନ୍ଦରାସୁରର ଶିରଚ୍ଛେଦ କଲେ ମଧ୍ୟ ପାଞ୍ଚ ଥର ଏହା ଉଦ୍‌ଗମ ହେଲା । ଶେଷରେ ବଳଦେବଙ୍କୁ ତା'ର ଶିର ଉତ୍ପାଟନ କରିବାକୁ ପଡ଼ିଛି । ଏହା ବୌଦ୍ଧ ପଞ୍ଚସ୍କନ୍ଧ — ରୂପ, ବେଦନା, ସଂଜ୍ଞା, ସଂସ୍କାର ଓ ବିଜ୍ଞାନର ଉଚ୍ଛେଦ ସାଧନକୁ ଇଙ୍ଗିତ କରେ । ତେବେ ବୌଦ୍ଧ–କନ୍ଧ ସଂସ୍କୃତିର ଅବକ୍ଷୟୀ ଚିହ୍ନ ଉକ୍ତ କାହାଣୀ ଅନ୍ତରାଳରେ ମର୍ମରିତ ।

ଇତି ପୂର୍ବରୁ ସର୍ପ ପୂଜାର ପ୍ରଚଳନ ଥିଲା ଏବଂ ଶିଳାବୃକ୍ଷ ପୂଜାରେ ସମନ୍ୱିତ ହୋଇ ନାଗଧର୍ମ — ବ୍ରାହ୍ମଣ୍ୟ ଧର୍ମରେ ମିଶିଯିବାର ସୂଚନା ପ୍ରଦାନ କରେ । ସେମିତି ବୃକ୍ଷ ପୂଜା ତୁଳସୀ ମଧ୍ୟ ଏହି ଭାବଧାରାରେ ଏକୀଭୂତ ହୋଇଯାଏ । ଫଳତଃ ବଳଦେବ, ବଳଦେବୀ ମଣିଶୃଙ୍ଗ ଆଦି ନାମରେ ଶାସ୍ତ୍ରୀୟ ସ୍ୱୀକୃତି ଲାଭ କରନ୍ତି । ତୁଳସୀ ପ୍ରଥମେ କୃଷ୍ଣ ଧ୍ୱଜ, ଧର୍ମ ଧ୍ୱଜଙ୍କ କନ୍ୟା ବା ବେଦମତୀ କନ୍ୟାଙ୍କ ଭଉଣୀ ଆର୍ଯ୍ୟ କନ୍ୟା ରୂପେ ଜନ୍ମଲାଭ କରି ପରେ ଆର୍ଯ୍ୟେତର ଗୋଷ୍ଠୀରେ ଶଙ୍ଖଚୂଡ଼ ବା ଜଳନ୍ଧର ପତ୍ନୀ ଓ ପରେ କନ୍ଦରାସୁର କନ୍ୟା ଭାବେ ବର୍ଣ୍ଣନା କରାଯିବାର ତାତ୍ପର୍ଯ୍ୟ ଧର୍ମୀୟ ମିଳନ ବୋଲି ବୁଝାଯାଏ । ବଳଦେବ ଓ କନ୍ଦରାସୁରଙ୍କର ଯୁଦ୍ଧ କାହାଣୀ ଧର୍ମୀୟ ସଂଘର୍ଷକୁ ହିଁ ପ୍ରତିପାଦନ କରିଥାଏ । ଏ ସମସ୍ତ ପୂଜାର ଊର୍ଦ୍ଧ୍ୱରେ ମହତ୍ତ୍ୱ ପ୍ରଦର୍ଶନ କରି ଆସିଥିବା ବ୍ରାହ୍ମଣ୍ୟ ସଂସ୍କୃତି ସକଳ ଭାବାଦର୍ଶକୁ ଜୀର୍ଣ୍ଣ କରି ବା ଅଙ୍ଗୀଭୂତ କରି ଆସିଅଛି । ବଳଦେବ ପୂଜାରେ ସମ୍ପ୍ରତି ଯେଉଁ ଭାବ ସମ୍ପଦ ଲକ୍ଷ୍ୟ କରାଯାଏ, ତାହା ଶୈବ, ବୈଷ୍ଣବ ଓ ତନ୍ତ୍ରର ସମନ୍ୱୟ ଚିନ୍ତାର ପ୍ରତିଫଳନ । ମନ୍ଦିର ମଧ୍ୟରେ ତୁଳସୀ, ପାଦୁକ ଓ ବିଲ୍ୱପତ୍ରର ପ୍ରଚଳନ ପ୍ରତ୍ୟେକ ଧର୍ମ ମତର ଭାବନାକୁ ଉଦ୍ରେକ କରେ । ଶୈବ, ଶାକ୍ତ ଓ ବୈଷ୍ଣବ ମତର ଅପୂର୍ବ ମିଳନ ଦେଖିବାକୁ ମିଳେ ।

ସପ୍ତମ ଶତାବ୍ଦୀରେ ବଳଦେବ ବିସ୍ତୀର୍ଣ୍ଣ ଚନ୍ଦ୍ରବେଦୀ ବା ଚବୁତରା ମଣ୍ଡପ — (ଯାହାର ଲମ୍ବ ପ୍ରସ୍ଥ ୩୫ ଧନୁ) ଉପରେ ମାଧବରାଜଙ୍କ ରାଣୀ କଲ୍ୟାଣୀ ଦେବୀଙ୍କ ରାଜତ୍ୱ କାଳରେ ପୂଜା ପାଉଥିଲେ । ନବ ଶତାବ୍ଦୀରେ ଯଯାତି କେଶରୀ (ଯାହାଙ୍କୁ ୨ୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବିଶ୍ୱାସ କରାଯାଏ) ସଂସ୍କାର କରି ଯାଜପୁରରୁ ବ୍ରାହ୍ମଣ ଅଣାଇ ପୂଜା ଉପାସନାର ବିଧି–ବିଧାନରେ ନୂତନତ୍ୱ ସୃଷ୍ଟି କରିଥିଲେ (ତାଙ୍କ ନାମ ଅନୁସାରେ ଇନ୍ଦ୍ରପୁର ବା ଇନ୍ଦୁପୁର ହୋଇଛି) । ବ୍ରାହ୍ମଣ୍ୟ ପୂଜାବିଧି ପଦ୍ଧତି ଏହି ସମୟରେ ହିଁ ଅନୁସୃତ ହୋଇଥିବା ବିଶ୍ୱାସ କରାଯାଏ । ଯଯାତି କେଶରୀଙ୍କ କୃତ 'ମାର୍କଣ୍ଡେ ପୋଖରୀ' ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ତଥା ଅଷ୍ଟଶମ୍ଭୁ ସ୍ଥାପନ ଅଦ୍ୟାପି ପରିଦୃଷ୍ଟ । ଇନ୍ଦ୍ରପୁରର ଇନ୍ଦ୍ରେଶ୍ୱର, କେନ୍ଦ୍ରାପଡ଼ାର ଗୁପ୍ତେଶ୍ୱର ଏହି ସମୟର ପ୍ରଖ୍ୟାତ ଶିବ ଲିଙ୍ଗ ବୋଲି ପରିକୀର୍ତ୍ତିତ । ଗୁପ୍ତେଶ୍ୱର, ସର୍ବେଶ୍ୱର, ଗର୍ତ୍ତେଶ୍ୱରରୁ ଗରିବ ମହାଦେବରେ ପରିଣତ ହୋଇଛି । ବଳଦେବଙ୍କୁ ଗୁପ୍ତପାଦ କୁହାଯାଉଥିବାରୁ ଗୁପ୍ତେଶ୍ୱର ବଳଦେବ ପୂଜାର ଆଦି ଶୈବ ଚେତନାକୁ ଉଜ୍ଜୀବିତ କରେ ।

ଗଙ୍ଗ ବଂଶୀ ସମ୍ରାଟଙ୍କୁ ରାଜତ୍ୱ କାଳରେ ପୁରୀ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ରାଷ୍ଟ୍ର ଦେବତାର ମର୍ଯ୍ୟାଦା ଲାଭ କରନ୍ତି । ଏହି ସମୟରେ ବଳଦେବ ପୂଜାର ମହାର୍ଘଣ ପ୍ରତିପାଦିତ ହୁଏ । ତୃତୀୟ ଅନଙ୍ଗଭୀମ ଦେବ ବଳଦେବଙ୍କର ଷାଠିଏ ହାତ ଉଚ୍ଚ ଦେଉଳ ନିର୍ମାଣ କରି ପୂଜା ବ୍ୟବସ୍ଥା କରାଇଥିଲେ । ଏହି ମନ୍ଦିର ଅଧୁନା କେନ୍ଦ୍ରାପଡ଼ା କଚେରୀ ପୋଷ୍ଟ ଅଫିସ୍ ସନ୍ନିକଟ କ୍ଷେତ୍ରରେ ନିର୍ମିତ ହୋଇଥିଲା । ୧୬୬୦ 'ମସିହା, ଏପ୍ରିଲ୍ ମାସରେ ଖାନ୍ ଦଉରାଣୀ, ଓଡ଼ିଶା ସୁବେଦାରଙ୍କ ନିର୍ଦ୍ଦେଶରେ ସେନାଧ୍ୟକ୍ଷ ମିର୍ଜା ମହମ୍ମଦ ଯାନ ଉକ୍ତ ମନ୍ଦିର ଧ୍ୱଂସ କରିଥିଲେ । କେନ୍ଦ୍ରାପଡ଼ାର ବଳଦେବ ଆଉରଙ୍ଗଜେବଙ୍କୁ ଜିଜିୟା କର ପ୍ରଦାନ କରୁନଥିବାରୁ ମନ୍ଦିର ଧ୍ୱଂସର କାରଣ ବୋଲି ଐତିହାସିକ ପ୍ରଭାତ ମୁଖାର୍ଜୀ ଉଲ୍ଲେଖ କରନ୍ତି । ଆଉରଙ୍ଗଜେବ୍ ଏହି ମନ୍ଦିର ଧ୍ୱଂସରେ ପ୍ରୀତ ହୋଇ ଖାନି ଦଉରାଣୀଙ୍କୁ ସପ୍ରଶଂସା ପତ୍ର ଦେଇଥିଲେ ।

ବଳଦେବଙ୍କ ସହ ରେବତୀ ଶକ୍ତି ରୂପରେ ପୂଜା ପାଉଥିଲେ । ଗର୍ଗ ସଂହିତା ମତରେ ଶ୍ରୀକୃଷ୍ଣଙ୍କ ନାତି ବଜ୍ରନାଭ — 'ବଳଦେବ ପ୍ରତିମା ସ୍ଥାନ୍ୟ ପଞ୍ଚ ବୈ ବ୍ରଜମଣ୍ଡଳେ' ପାଞ୍ଚ ମୂର୍ତ୍ତି ବ୍ରଜ ମଣ୍ଡଳରେ ପୂଜା କରିଥିଲେ । ରେବତୀ ପୂଜା ପାଇବା ଓ ତୁଳସୀ ପୂଜାରିଣୀ ରୂପେ ମିଳିତ ହେବାର ପ୍ରସ୍ତର ମୂର୍ତ୍ତି ନିମାପଡ଼ା ନିକଟସ୍ଥ ଗୁରଣ୍ଡିଆଗଡ଼ରେ ବିଦ୍ୟମାନ । ଗଙ୍ଗରାଣୀ ବାଘଲ ଦେବୀଙ୍କ ଅଭିଳାଷ ହିଁ ଏହି ଧରଣ ପୂଜାକୁ ପ୍ରମାଣିତ କରେ ଏବଂ ମୂର୍ତ୍ତି ବାଘଲ ଦେବୀଙ୍କ ଦ୍ୱାରା ନିର୍ମିତ ଓ ପ୍ରତିଷ୍ଠିତ । ତା'ପରେ କେତେକ କ୍ଷେତ୍ରରେ ତୁଳସୀଙ୍କୁ ଶକ୍ତି ରୂପରେ ଗ୍ରହଣ କରାଯାଇଛି । କେନ୍ଦ୍ରାପଡ଼ା ତୁଳସୀ ପୂଜା ପରମ୍ପରାରେ ଅଗ୍ରଣୀ । ତ୍ରିମ୍+ସମ୍+ଲମ–ଇ ବଢ଼ଉ ତୁଳସୀ ଅର୍ଥାତ୍ ବ୍ରହ୍ମ ବିଦ୍ୟା ସାଧନ କ୍ଷେତ୍ରରେ ଯାହାଙ୍କର ପଟାନ୍ତର ନାହିଁ । କେନ୍ଦ୍ରାପଡ଼ା–ଇଛାପୁର ରାସ୍ତାର ଉତ୍ତର ପାର୍ଶ୍ୱରେ ଗୋଛ ଗ୍ରାମରେ ଏହି ତୁଳସୀ ଦେବୀଙ୍କ ମନ୍ଦିର ଆଜି ଶୋଭା ପାଉଛି । ରେବତୀଙ୍କ ବଦଳରେ ତୁଳସୀ ପୂଜା ପ୍ରଚଳନ ଥିଲା ମାତ୍ର ୧୬ଶ ଶତାବ୍ଦୀଠାରୁ ତୁଳସୀ 'ସୁଭଦ୍ରା' ଆସନ ଅଳଙ୍କୃତ କଲେ ।

ଭାଗବତ ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କର ଓଡ଼ିଶାର ମଠରେ ଅବସ୍ଥାନ କରୁଥିଲେ । ଜଗନ୍ନାଥ ମୂର୍ତ୍ତି ସ୍ଥାପନା କରାଇ ତୁଳସୀଙ୍କ ସ୍ଥାନରେ 'ସୁଭଦ୍ରା' ରହି ଜଗନ୍ନାଥ ସଂସ୍କୃତିର ପୂର୍ଣ୍ଣ ପ୍ରତୀକାତ୍ମକ ହେଲେ । ଏହି ଜଗନ୍ନାଥ ବିଗ୍ରହ ପୁରୀ ନୀଳାଚଳ ଧାମର ଜଗନ୍ନାଥଙ୍କ ସଦୃଶ 'ଚକାଡୋଳା' ନହୋଇ ବଳଦେବଙ୍କ ଅନୁକୃତିରେ ପୁଣ୍ଡରିକାକ୍ଷ ବଙ୍କା ଡୋଳା ହୋଇଛନ୍ତି । ଏହା ପୁଣି ଜ୍ଞାନ ମିଶ୍ରା ଭକ୍ତିର ପରିଚାୟକ ବୋଲି ବିଶ୍ୱାସ କରାଯାଏ । ସୁଭଦ୍ରାଙ୍କର ଗୋଟିଏ ହସ୍ତ ଓ ତନ୍ତ୍ରର ପ୍ରଭାବ ପରିଲକ୍ଷିତ ଏହି ମୂର୍ତ୍ତିରେ ।

ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ଉପରେ ବିଭିନ୍ନ ସମୟରେ ଶାସକମାନଙ୍କର କ୍ରୁର ଦୃଷ୍ଟି ପଡ଼ିବା ଭଳି ତୁଳସୀ କ୍ଷେତ୍ରାଧୀଶ ବଳଦେବଙ୍କ ପ୍ରତି ସେହିଭଳି ବିଦ୍ରେଶୀମାନଙ୍କର ଦୃଷ୍ଟି ପଡ଼ିଛି । କଳାପାହାଡ଼ ଆକ୍ରମଣ କରି ଧନରତ୍ନ ଲୁଟିଛି, ଶ୍ରୀମୂର୍ତ୍ତିଙ୍କୁ ବାରଙ୍ଗ ଝାଡ଼ ଜଙ୍ଗଲରେ ଗୁପ୍ତରେ ରଖାଯାଇଛି । ମିଥାଦ୍ ମହମ୍ମଦ ଯାନଙ୍କ

# ଯୁଗେ ଯୁଗେ ତୁଳସୀ କ୍ଷେତ୍ର

*** ଡଃ ବାସୁଦେବ ଦାସ**

ତୁଳସୀ କ୍ଷେତ୍ର ଆଧୁନିକ କେନ୍ଦ୍ରାପଡ଼ାର ନାମାନ୍ତର । ଧର୍ମୀୟ ଚେତନାର ଅନ୍ତଃସଲୀଳା ଫଲଗୁ ନେଇ ପ୍ରାଚୀନ ତୋଷାଳୀ (ଉତ୍ତର) ରାଷ୍ଟ୍ରର ନାମ ତୁଳସୀ କ୍ଷେତ୍ର ହୋଇ ଆସିଛି । ଗୁପ୍ତ କ୍ଷେତ୍ର, ବୃନ୍ଦ କ୍ଷେତ୍ର, ଉଣ୍ଡରା ପାଡ଼ି, କେନ୍ଦରା ପଡ଼ା, କନ୍ଦର ନଗର ଆଦି ନାମରେ ପରିଚିତ ହୋଇ ଆସିଅଛି ।

ଭୂବେଃ ପୂର୍ବରେ ମହୋଦଧି ବଙ୍ଗୋପ ସାଗରଠାରୁ ପଶ୍ଚିମରେ ଲଳିତଗିରି ଆଦି ଆସିଆ ପାହାଡ଼ମାଳା, ଉତ୍ତରରେ ପୁଣ୍ୟତୋୟା ବୈତରଣୀରୁ ଦକ୍ଷିଣରେ ମହାନଦୀ ଅନ୍ତର୍ବର୍ତ୍ତୀ ଭୂମି ହିଁ ତୁଳସୀ କ୍ଷେତ୍ର, ଯାହାକି ଉତ୍ତର ତୋଷାଳୀ ରାଷ୍ଟ୍ରକୁ ସ୍ୱୀକାର କରେ । ଏହି ସ୍ଥାନ ପୁରାଣର ପାତାଳ ରାଜ୍ୟ ଅଂଶ ବିଶେଷ । କଟକ ସହର ବାଦାମବାଡ଼ି ବସ୍ ଷ୍ଟାଣ୍ଡରୁ ୬୫ କି: ମି: ଏହି କ୍ଷେତ୍ରର ଦୂରତା । ଉତ୍ତର ୨୦° ଅକ୍ଷାଂଶ ଓ ପୂର୍ବ ୮୬° ଦ୍ରାଘିମା ରେଖାରେ ଏହି ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇ ପାରେ ।

କେନ୍ଦ୍ରାପଡ଼ାର ହାରାହାରି ବାର୍ଷିକ ବୃଷ୍ଟିପାତ ୧୫୦ ସେ: ମି: । ଅଜସ୍ର ଜଳଧାର, ସ୍ରୋତସ୍ୱିନୀ, ଅରଣ୍ୟାନୀ ଏହା ଭୌଗୋଳିକ ପରିବେଶକୁ ଆର୍ଥିକ ସ୍ୱଚ୍ଛଳ ଓ ମହିମା ମଣ୍ଡିତ କରିଛି । ଦୁଇ ହଜାର ବର୍ଷ ପୂର୍ବେ ଏହି କ୍ଷେତ୍ରର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ଥିଲା । ମହାନଦୀର ଗତିପଥ ପରିବର୍ତ୍ତିତ ହେବା ଫଳରେ ଅଶ୍ୱ ଖୁରାକୃତି ହ୍ରଦ ସୃଷ୍ଟି ହୋଇ କାଳକ୍ରମେ ଭୂମି ରୂପ ଗଠିତ ହେବାର ବିଶ୍ୱାସ କରାଯାଏ । ବହୁ ନଦୀ ଉପନଦୀକୁ ନେଇ ମହାନଦୀ ଉପତ୍ୟକା ଓ ତ୍ରିକୋଣଭୂମି ଉର୍ବର ଶସ୍ୟ ଶ୍ୟାମଳା ଅଞ୍ଚଳରେ ପରିଣତ ହୋଇଛି ।

ଏହି ପରିବେଶ ପରିପ୍ରେକ୍ଷୀରେ ବଳଦେବଙ୍କର ପୂଜୋପାସନା ପ୍ରଚଳନ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଭୂମି ରୂପ ଗଠନ ପରେ ଅଧିବାସୀମାନଙ୍କର ଗୋଚାରଣ ଓ କୃଷି ହିଁ ମୁଖ୍ୟ ଜୀବିକା ଭାବେ ସ୍ୱୀକୃତ ହେବା ସ୍ୱାଭାବିକ । ସୁତରାଂ ଗୋପାଳ ଓ ଚଷା ସମ୍ପ୍ରଦାୟର ଏକ ମନୋମୟ କୃଷିଭିତ୍ତିକ ସଂସ୍କୃତି ଗଢ଼ି ଉଠିଥିବା ସମ୍ଭାବନାମୟ । କାରଣ ଜୀବିକା ଜାହ୍ନବୀର କଳକଲ୍ଲୋଳ ମଧ୍ୟରୁ ସୃଷ୍ଟି ହୁଏ ପୂଜାପାର୍ବଣର ସୁକୁମାର ଜୀବନବୋଧ ଓ ସାଂସ୍କୃତିକ ପ୍ରେରଣା । ବଳଦେବ ମୁଖ୍ୟତଃ ହଳଧାରୀ କୃଷିର ପ୍ରତୀକ । ଗୋପାଳ ସିଦ୍ଧ ଦାସ କର୍ତ୍ତୃକ ପ୍ରତିଷ୍ଠା ହେବା ମୂଳରେ ଏ ଅଞ୍ଚଳର ଚିତ୍ତପାଳ ଓ ଜନଜୀବନର ଚିତ୍ର ବିମ୍ବିତ ହୋଇଅଛି । ଘନ ବନ ବେଷ୍ଟିତ ଅରଣ୍ୟ ପରିଷ୍କାର କରି ବସବାସ କଲା ପରେ ମଣିଷ ମନରେ ଗୋପାଳନ ଓ କୃଷିର ପ୍ରେରଣା ଉଦ୍‌ଭୂତ ହେବା ସ୍ୱାଭାବିକ ।

କିମ୍ବଦନ୍ତୀର ଅନ୍ତରାଳରେ ଧର୍ମୀୟ ଦର୍ଶନ ଏବଂ ତାହାର ସମନ୍ୱୟର ଚିହ୍ନବାଂମୟ ହୋଇଅଛି । ବଳଦେବ ବୃଷ୍ଣି ବଂଶର ସାତ୍ତ୍ୱତ ଗୋପାଳ – ଲୀଳାମୟ ପୁରୁଷ । କୃଷ୍ଣାଗ୍ରଜ ହେତୁ ବ୍ରାହ୍ମଣ୍ୟ ସଂସ୍କୃତିର ଅନ୍ୟତମ ଶ୍ରେଷ୍ଠ ପ୍ରତୀକ ଓ ପ୍ରଦର୍ଶକ । ଏହି ଭାବ ସମ୍ପଦ ଭିତ୍ତିରେ ବଳଦେବ ଶ୍ରୀ ବିଗ୍ରହ ଆବିଷ୍କାର କରନ୍ତି ବ୍ରାହ୍ମଣ ବିଶ୍ୱେଶ୍ୱର ଷଡ଼ଙ୍ଗୀଙ୍କ ଗୋ–ରକ୍ଷକ ଗୋପାଳ ସିଦ୍ଧ ଦାସ । ଏଠାରେ ସିଦ୍ଧ ଦାସ ବ୍ରାହ୍ମଣ୍ୟ ସଂସ୍କୃତିର ଜଣେ ନିଷ୍ଠାପର ଅନୁଗାମୀ ଭାବରେ ଗ୍ରହଣୀୟ । ବଳଦେବଙ୍କ ଦେହାନ୍ତ ପରେ ତାଙ୍କ ମର କଳେବର ଏକ ପ୍ରସ୍ତର ବିଗ୍ରହରେ ପରିଣତ ହେବାର କିମ୍ବଦନ୍ତୀ ନିହିତ । ଯାହାକୁ ଦେବତାମାନେ ପାତାଳପୁରୀର ଦ୍ୱାର ଦେଶରେ ଅର୍ଥାତ୍ ଲଳିତଗିରିଠାରେ ନେଇ ପୂଜା କରିଥିଲେ । କଳିଯୁଗ ଆରମ୍ଭ ହେବାରୁ ଦେବଗଣ ସେହି ଶ୍ରୀମୂର୍ତ୍ତିକୁ ମଧ୍ୟ ସାଗରରେ ଗୋପନୀୟ କରି ଚାଲିଯାଇଥିଲେ । ପରେ ସିଦ୍ଧ ଦାସ ଏହି ମୂର୍ତ୍ତି ଆବିଷ୍କାର କରିଥିଲେ ସିଦ୍ଧ ସରୋବର ସନ୍ନିକଟ ବନରୁ । ଅଦ୍ୟାପି ସିଦ୍ଧ ସରୋବରର ସଙ୍କେତ ଓ ନାମ ସିଦ୍ଧ ସାଗର ଜନ ଶ୍ରୁତିରେ ଘୋଷିତ । ବୌଦ୍ଧ ପ୍ରଭାବ ପ୍ରବଳ ହେବାରୁ 'କଳିଯୁଗ' ବୋଲି ଗ୍ରହଣ କରାଯାଇଛି । ଏହି କାରଣରୁ ବଳଦେବଙ୍କୁ ଲୁକ୍କାୟିତ କରିବାର ଯଥାର୍ଥତା ଉପଲବ୍ଧ । ବ୍ରାହ୍ମଣ୍ୟ ଧର୍ମର ଅନୁକୂଳ ପରିବେଶ ଲକ୍ଷ୍ୟ କରି ଏହି ପ୍ରକାର ପୁନଃ ପ୍ରବର୍ତ୍ତନ କରାଯାଇଛି – "ଆଜ୍ଞା ରାଜାଙ୍କୁ କହିବ – ନିର୍ଭୟେ ଏହାକୁ ପୂଜିବ' (ତୁଳସୀ କ୍ଷେତ୍ର ମାହାତ୍ମ୍ୟ) ।

ପୁନଶ୍ଚ କଣ୍ଟକାମୁର ଆସ୍ତୋତର ଗୋଷ୍ଠୀର ବୌଦ୍ଧ ଅର୍ହତ ଯାନର ଲୁପ୍ତ ତାନ୍ତ୍ରିକ ବିଶେଷ । ଏହି ଅସୁର ଶ୍ରେଷ୍ଠଙ୍କୁ କନ୍ଧ ସମ୍ପ୍ରଦାୟ ମଧ୍ୟରେ ଚିହ୍ନିତ କଲେ ଭ୍ରମ ହେବ ନାହିଁ । କନ୍ଧରା ପଡ଼ାର ମୂଳ ସଂସ୍କୃତିରେ କନ୍ଧ ଓ ତନ୍ତ୍ରର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ଖ୍ରୀଷ୍ଟୀୟ ୩ୟ/୪ର୍ଥ ଶତକରେ ମଣିନାଗ ବଳଭଦ୍ର ପୂଜା ପ୍ରଚଳିତ ହୁଏ । ଇତି ପୂର୍ବରୁ ଖ୍ରୀ: ପୂ: ୪ର୍ଥ ଶତାବ୍ଦୀରେ ସଙ୍କର୍ଷଣ ବାସୁଦେବ ଏକାନଂଶାଙ୍କ ସହିତ ପୂଜା ପାଉଥିଲେ । ସେତେବେଳେ ଲଳିତଗିରି ସନ୍ନିକଟସ୍ଥ ମଣିନାଗ ପର୍ବତରେ ବଳଦେବ – ମଣିଗୁଙ୍କ ଭାବେ ପୂଜା ପାଇବାର ଇତିହାସ ଅଛି । ବୌଦ୍ଧ ଧର୍ମର ପ୍ରବଳ ପ୍ରସ୍ତର ଓ ପ୍ରସାର ଫଳରେ ବ୍ରାହ୍ମଣ୍ୟ ଦେବତା ଅବହେଳିତ ହୁଅନ୍ତି । ଉତ୍ତର ତୋଷାଳୀର ମହାମହିମ ସମ୍ରାଟ ମୁଦ୍ଗଳ ବଂଶୀ ଶମ୍ଭୁଯଶଙ୍କ ରାଜତ୍ୱ କାଳରେ ଏହି ମଣିନାଗ ବଳଭଦ୍ର ଲୋକପ୍ରିୟ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ର ଦେବତାର

# କୃଷକ ପାଇଁ ବହୁ ବୃତ୍ତି କାର୍ଯ୍ୟକ୍ରମ

* ଡଃ ବିଶ୍ୱନାଥ ଷଡ଼ଙ୍ଗୀ
* ସରୋଜକାନ୍ତ ଦାସ

ଚଳିତ ଶତାବ୍ଦୀରେ ଗ୍ରାମମାନଙ୍କର ପର୍ଯ୍ୟାପ୍ତ ଅର୍ଥନୈତିକ ଉନ୍ନତି ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ ପାଇଁ ଆମ ଦେଶର ଯୋଜନା ଏବଂ ନୀତି ପ୍ରଣୟନକାରୀମାନେ ସ୍ୱାଧୀନତା ପରଠାରୁ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଅହରହ ଚେଷ୍ଟାକରି ଆସୁଥିଲେ । କିନ୍ତୁ ଗାଁ ଗହଳି ଲୋକମାନଙ୍କର ବିଭିନ୍ନ ବୃତ୍ତିରୁ ଉତ୍ପାଦନ, ଆୟ ବା ରୋଜଗାର ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିକୁ ପ୍ରଭାବିତ କରିଥାଏ । ପୁନଶ୍ଚ ସେମାନଙ୍କର ଆୟ, ବୃତ୍ତିର ପ୍ରକାର ଏବଂ ଗୁଣ ଉପରେ ନିର୍ଭର କରେ । ଭାରତ ସମେତ ପୃଥିବୀର ବହୁ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଉନ୍ନୟନ ମନ୍ଥର, କାରଣ ଏହି ଦେଶଗୁଡ଼ିକର ଗ୍ରାମାଞ୍ଚଳ ଲୋକମାନଙ୍କର ଉତ୍ପାଦକତା ଶକ୍ତି କମ୍ । ସେଥିପାଇଁ ଆମ ଗ୍ରାମମାନଙ୍କରେ ଗରିବି ଏବଂ ବେରୋଜଗାରୀ ଖୁବ୍ ବେଶୀ । ଗ୍ରାମାଞ୍ଚଳ ଲୋକମାନଙ୍କର ଉତ୍ପାଦକତା ବଢ଼ାଇବା ପାଇଁ ଯେ କୌଣସି କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ କେତେକ ଜଟିଳ ଏବଂ ପରସ୍ପର ସମ୍ବନ୍ଧୀୟ ବିଷୟମାନଙ୍କ ଉପରେ ବିଚାର କରିବା ବିଧେୟ ।

## (୧) ଜନସଂଖ୍ୟା ବୃଦ୍ଧି :

ପୃଥିବୀର ବିଶିଷ୍ଟ ଜନ ପରିସଂଖ୍ୟାନବିତ୍‌ଙ୍କ ମତରେ ଭାରତର ଜନସଂଖ୍ୟା ଭବିଷ୍ୟତରେ ଅତି ଆଶ୍ଚର୍ଯ୍ୟଭାବରେ ଫୁଲି ଉଠିବ । ୧୯୮୧ ଏବଂ ୧୯୯୧ ଜନଗଣନା ମୋଟା ମୋଟି ଭାବରେ ଉପରୋକ୍ତ ମନ୍ତବ୍ୟର ପ୍ରମାଣ । ୧୯୫୧ ମସିହାରୁ ୧୯୮୧ ମସିହା ମଧ୍ୟରେ ଭାରତର ଲୋକସଂଖ୍ୟା ୩୨୦ ନିୟୁତ ବୃଦ୍ଧି ପାଇଥିଲା ଏବଂ ଏହି ସମୟରେ ବାର୍ଷିକ ବୃଦ୍ଧିର ହାର ହେଉଛି ଶତକଡ଼ା ୨.୧୫ ଭାଗ । ୧୯୯୧ ଜନଗଣନାଅନୁଯାୟୀ ଭାରତର ଲୋକସଂଖ୍ୟା ହେଉଛି ୮୪.୩ କୋଟି । ଯଦିଓ ବାର୍ଷିକ ବୃଦ୍ଧିର ହାର ଶେଷ ଦଶନ୍ଧିରେ ଶତକଡ଼ା ୦.୨୧ ଭାଗକୁ କମିଛି, ତଥାପି ମୁଣ୍ଡ ହିସାବରେ ଲୋକସଂଖ୍ୟା ଶତକଡ଼ା ୨୩.୫୦ ଭାଗ ବୃଦ୍ଧି ପାଇଛି । ଏହି ନିରବଚ୍ଛିନ୍ନ ବୃଦ୍ଧି ସମାଜ ବିଜ୍ଞାନୀମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପରିବାର କଲ୍ୟାଣ କାର୍ଯ୍ୟକ୍ରମମାନଙ୍କର ଉପକାରୀତା ନେଇ ସନ୍ଦେହ ସୃଷ୍ଟି କରିଛି । ଭାରତର ଶତକଡ଼ା ୭୬.୬ ଭାଗ ଲୋକ ଗାଁଗହଳିରେ ରହନ୍ତି । ତେଣୁ ଭବିଷ୍ୟତରେ ଏତେ ସଂଖ୍ୟକ ଲୋକଙ୍କୁ ବିଭିନ୍ନ ବୃତ୍ତିରେ ଥଇଥାନ କରିବା ଏକ ଜଟିଳ ସମସ୍ୟା ରୂପେ ଦେଖାଦେବ ।

## (୨) ଲୋକମାନଙ୍କର ଜମି ପ୍ରାପ୍ୟର ଆଶା :

ଗ୍ରାମମାନଙ୍କରେ ଅନ୍ୟ ବୃତ୍ତିମାନଙ୍କ ତୁଳନାରେ କୃଷିବୃତ୍ତି କରୁଥିବା ଲୋକମାନଙ୍କର ଶତକଡ଼ା ହାର ବଢୁଥିବା ବେଳେ, କୃଷକମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଏହାଦ୍ୱାରା ପ୍ରତ୍ୟେକ ପରିବାରର ଜମି ପରିମାଣ ଦିନକୁ ଦିନ କମିବାରେ ଲାଗିଛି । ବର୍ତ୍ତମାନ ଗ୍ରାମମାନଙ୍କରେ କ୍ଷୁଦ୍ର ନାମକୁ ମାତ୍ର ଚାଷୀ ଏବଂ ଭୂମିହୀନ ଲୋକମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜମିର ପରିମାଣ ସ୍ଥାନେ ସ୍ଥାନେ ଏପରି କମ୍ ହେଉଛି ଯେ ସେଥିରୁ ପାଞ୍ଚଜଣ ବିଶିଷ୍ଟ ପରିବାରକୁ କର୍ମ ଯୋଗାଣ ଏବଂ ଭରଣ ପୋଷଣ ଦେବା ସମ୍ଭବ ହେଉନାହିଁ । ପର୍ଯ୍ୟାଲୋଚକଙ୍କ ମତରେ ସର୍ବ ଭାରତୀୟ ସ୍ତରରେ ମଣିଷ ଓ ଜମିର ଅନୁପାତ ୧୯୫୧ ମସିହାରେ ୦.୪୪ ଥିବାବେଳେ ୧୯୮୧ ମସିହାରେ ଏହା ୦.୨୭କୁ କମି ଆସିଛି । ସେହିପରି ପୃଥିବୀ ବ୍ୟାଙ୍କର ସମୀକ୍ଷାରୁ ଜଣାଯାଏ ଯେ, ଭାରତର ଗ୍ରାମରେ ବାସ କରୁଥିବା ଶତକଡ଼ା ୫୫ ଭାଗ ଲୋକଙ୍କର ଏକ ହେକ୍ଟରରୁ କମ୍ ଜମି ଅଛି । ଯଦିଓ ବିଭିନ୍ନ ଭୂ-ସଂସ୍କାର କାର୍ଯ୍ୟକ୍ରମ ଅନୁଯାୟୀ ଜମି ଜମାର ସମବଣ୍ଟନ କରାଯାଇଛି, ତଥାପି ଏ ତାରତମ୍ୟ ସେପରି ଉଲ୍ଲେଖନୀୟ ଭାବରେ କମିନାହିଁ ।

## (୩) ଜଳ ସେଚନ

ଏହା ସ୍ୱତଃ ସିଦ୍ଧ ଯେ ଜଳସେଚନ ବହୁବିଧ ଶସ୍ୟ ଉତ୍ପାଦନରେ ସାହାଯ୍ୟ କରେ ଏବଂ କର୍ମଯୋଗାଣରେ ସହାୟତା କରିଥାଏ । ୧୯୮୭-୮୮ ଜମି ବ୍ୟବହାରିକ ତଥ୍ୟ ଅନୁଯାୟୀ ଭାରତର ହାରାହାରି ୧୦୦ ନିୟୁତ ହେକ୍ଟର ଜମି ଚାଷ ପାଇଁ ବର୍ଷାଜଳ ଉପରେ ନିର୍ଭର କରେ । ଜଳସେଚନ ଉପରେ ମିଳୁଥିବା ତଥ୍ୟ ଅନୁସାରେ ଭାରତରେ ଥିବା ସବୁ ଜଳସମ୍ପଦ ବିନିଯୋଗ କଲେ ମଧ୍ୟ କେବଳ ଶତକଡ଼ା ୫୦ ଭାଗ ଚାଷଜମିରେ ଜଳସେଚନ କରାଯାଇ ପାରିବ । ପୁନଶ୍ଚ ଜଳସେଚନ ପ୍ରକଳ୍ପଗୁଡ଼ିକ ଖୁବ୍ ସମୟସାପେକ୍ଷ ଓ ବ୍ୟୟସାପେକ୍ଷ ହୋଇ ପଡ଼ିଲାଣି । ଏପରି କ୍ଷେତ୍ରରେ ଭାରତର ଏକ ବିରାଟ ଅଞ୍ଚଳ ବର୍ଷାଜଳ ଉପରେ ନିର୍ଭର କରିବାକୁ ବାଧ୍ୟ ।

## (୪) ବେ-ରୋଜଗାରୀ :


ଭାରତରେ ବେରୋଜଗାରୀ ଏକ ଜଟିଳ ସମସ୍ୟା ସୃଷ୍ଟି କରିଛି । ଅର୍ଥଶାସ୍ତ୍ରୀଙ୍କ ମତରେ କୃଷିକ୍ଷେତ୍ରରେ କର୍ମ ସୃଷ୍ଟିର ହାର ହ୍ରାସ ଘଟୁଥିବାରୁ ଏହା ସମ୍ପ୍ରଦାୟ କର୍ମ ସୃଷ୍ଟିର ହାରକୁ ଅଧିମାତ୍ରାରେ ସଙ୍କୁଚିତ କରୁଛି । ବର୍ତ୍ତମାନ ଶାସ୍ତ୍ରୀ ବିଶେଷଜ୍ଞମାନେ ମୋଟାମୋଟି ଏକମତ ଯେ କୃଷି କ୍ଷେତ୍ରରେ ଆଉ ଅତିରିକ୍ତ କର୍ମସଂସ୍ଥାନ ସୃଷ୍ଟି କରିହେବ ନାହିଁ । ପ୍ରସିଦ୍ଧ ଅର୍ଥନୀତିଜ୍ଞ 'ଡନ୍ଥୱାଲା'ଙ୍କ ମତରେ

...ଶାସନ କାଳରେ ବିଲ ବଳରାମପୁର ନିକଟସ୍ଥ ଲୁଣା ନଦୀର ...ପଠାରେ ଅରଣ୍ୟ ମଧ୍ୟରେ ଲୁଚ୍ଚାୟିତ କରାଯାଇଥିଲା । ସଖୀ ...ହ ସ୍ଥାନ ଏହି ଦୃଷ୍ଟିରୁ ହିନ୍ଦୁମାନଙ୍କର ଏକ ପବିତ୍ର ପୀଠ । ...୬୦ରୁ ପ୍ରାୟ ୧୬୭୦ ପର୍ଯ୍ୟନ୍ତ ଏଠାରେ ବିଗ୍ରହ ପୂଜା ...ଥିଲେ । କାହାରି କାହାରି ମତରେ ୭ ବର୍ଷ ପୂଜା ...ଥିଲେ । ଯାହା ହେଉ ୧୬୭୩ରେ ଇଛାପୁର ମନ୍ଦିର ସମ୍ପୂର୍ଣ୍ଣ ହେବା ପରେ ବଳଦେବ ଇଛାପୁରରେ ବିଜେ କରନ୍ତି । କୁଜଙ୍ଗ ...ଜା ଗୋପାଳୀ ଖଣ୍ଡ ଓ ଛେଦରା ଜମିଦାର ଶ୍ରୀନିବାସ ନରେନ୍ଦ୍ରଙ୍କ ...ବଦାନ ଓ ପୃଷ୍ଠପୋଷକତାରେ ପୁନଃ ପ୍ରତିଷ୍ଠା ଓ ପୂଜାରୀ ନୀତି ...ହବ ହୋଇଥିଲା । ମହନ୍ତ ସନ୍ନ୍ୟାସୀ ସନ୍ଥ ଗୋପୀ ଦାସ ...ଗ ଶାସକଗଣ ସେବକ ଗିରି ଓ ତୁଳସୀପୁର ଧର୍ମ ସଂସ୍କୃତି ପ୍ରତି ...ହୁଙ୍କ ଥିଲେ । ସନ୍ଥ ଗୋପୀ ଦାସ ଜାନୋକୀଙ୍କୁ ପ୍ରବର୍ତ୍ତାଇ ...ତ୍ରୋ, ପୁଣ୍ୟ ଦେଇ, ସୃଷ୍ଟିରୁ ମନ୍ଦିର ନିର୍ମାଣ କରାଇଥିଲେ ଓ ...ଭୂ-ସମ୍ପତ୍ତି ମଧ୍ୟ ସେବା ପାଇଁ ଖଞ୍ଜିଥିଲେ ।

ବିଂଶ ଶତକର ୩ୟ ଦଶକ ପର୍ଯ୍ୟନ୍ତ ମହନ୍ତେଇ ପରିଚାଳନା ଚାଲି ...ସିଥିଲା ଓ ରୀତିନୀତି ମଧ୍ୟ ଜଗନ୍ନାଥଙ୍କର ସେବା ପୂଜାର ପରମ୍ପରା ଅଦ୍ୟାପି ଅନୁସୃତ ହୋଇ ଆସିଅଛି । ସମ୍ପ୍ରତି ଟ୍ରଷ୍ଟ ବୋର୍ଡଙ୍କ ଦ୍ୱାରା ମନ୍ଦିର ପରିଚାଳନା ସାଧିତ ହୋଇଛି ।

୧୫୦୬ରେ ଶ୍ରୀଚୈତନ୍ୟ ମହାପ୍ରଭୁ ତୁଳସୀ କ୍ଷେତ୍ରରେ ପହଞ୍ଚି ଛେଦରା ରାଜାଙ୍କ ଉଆସରେ ପାଞ୍ଚ ଦିନ ଅବସ୍ଥାନ କରି ନବାନ୍ନ ଭକ୍ଷଣ କରିଥିଲେ । ତାଙ୍କ ସହ ଗୋସ୍ୱାମୀଗଣ ଓ ୧୦୦ ଜଣ ଭକ୍ତ ମଧ୍ୟ ଆସିଥିଲେ । ୧୫୧୦ରୁ ପ୍ରତି ବର୍ଷ ଏଠାକୁ ସଂକୀର୍ତ୍ତନ ରସ ପ୍ରଚାରଣ କରିବାକୁ ଆସୁଥିଲେ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନକୁ ଶ୍ରୀକ୍ଷେତ୍ର ବାହୁଡୁଥିଲେ । ଅଚ୍ୟୁତାନନ୍ଦ ମହାପୁରୁଷ, ଜଗନ୍ନାଥ ଦାସ, ବିପ୍ର ମାଧୁରୀଙ୍କଠାରୁ ଆରମ୍ଭ କରି ଅରକ୍ଷିତ ଦାସ, ମଧୁ ଦାସ, ଫଗୁ ଦାସ, ମହାଶିବ ଦାସ, ରାଧାରମଣ, ରାମ ଦାସ, ଭକ୍ତି ବିନୋଦ ଠାକୁର, ପର୍ଶୁରାମ ଦାସ, ଚନ୍ଦ୍ରଧର ଦାସଙ୍କଠାରୁ ବାସ୍ୟାବାବା ଓ ବୈକୁଣ୍ଠ ବ୍ରହ୍ମଚାରୀଙ୍କ ପର୍ଯ୍ୟନ୍ତ ବହୁ ସନ୍ଥଙ୍କର ସମ୍ମିଳନୀରେ ତୁଳସୀ କ୍ଷେତ୍ର ପବିତ୍ର ଓ ଗରିମାମୟୀ ହୋଇଛି ।

ଗ୍ରାମ-ଖଡ଼ିଆଙ୍ଗ,
ପୋଷ୍ଟ/ଜିଲ୍ଲା-କେନ୍ଦ୍ରାପଡ଼ା ।




ପୂର୍ବାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଯୌନ ରୋଗ ସଂକ୍ରମିତ ସମ୍ପର୍କିତ ଏକ କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ କମଳା ଦାସ ଅଭିଭାଷଣ ଦେଉଛନ୍ତି ।

(୧) କୃଷି ଉତ୍ପାଦକତା ବଢ଼ାଇବା ନିମିତ୍ତ କେଉଁ କେଉଁ ଜିନିଷ ପ୍ରତିବନ୍ଧକ ସୃଷ୍ଟି କରୁଛି ।

(୨) ଗୋଟିଏ ନିର୍ଦ୍ଦିଷ୍ଟ ସମ୍ବଳ ଆଧାର ପାଇଁ କେଉଁ କେଉଁ ବୈଜ୍ଞାନିକ ହସ୍ତକ୍ଷେପ ଦ୍ୱାରା ଉତ୍ପାଦକତା ବୃଦ୍ଧି କରାଯାଇ ପାରିବ ।

(୩) ଆଞ୍ଚଳିକ ଭିତ୍ତିରେ ବୈଜ୍ଞାନିକ ତଥ୍ୟଗୁଡ଼ିକ ବିଶୁଦ୍ଧ କରି ସୃଷ୍ଟି କରିବା ଯାହାକୁ ଉପଯୋଗ କରି କୃଷକ ଆମଦାନୀରେ ସ୍ଥାୟିତ୍ୱ, ବର୍ଷସାରା କାମ, ପର୍ଯ୍ୟାପ୍ତକ୍ରମେ ଆହାର ଓ ଉନ୍ନତ ଫାର୍ମ ପରିଚାଳନା କୌଶଳ ହାସଲ କରିପାରିବ ।

(୪) ବହୁ ବୃତ୍ତି ଆଦର୍ଶଗୁଡ଼ିକରୁ ଦୀର୍ଘ ମିଆଦି ସୂତ୍ରରେ ଆହାର ।

ବିଭିନ୍ନ ବୃତ୍ତି ମିଶ୍ରଣ ହିସାବରେ କୃଷି ସହିତ ପଶୁପାଳନ, କୃଷି ସହିତ ଉଦ୍ୟାନ, କୃଷି ସହିତ ରେଶମ ଚାଷ, କୃଷି ସହିତ କୃଷି ଭିତ୍ତିକ ଜଙ୍ଗଲ, କୃଷି ସହିତ ମତ୍ସ୍ୟ ଓ ଛତୁ ଚାଷ ଏବଂ କୁକୁଡ଼ା ଚାଷ ଉପରେ ଗବେଷଣା କାର୍ଯ୍ୟ କରାଯାଇ ପାରିବ । ଗବେଷଣା ଲବ୍ଧ ତଥ୍ୟଗୁଡ଼ିକୁ ଯେଉଁଗୁଡ଼ିକ ଗ୍ରହଣୀୟ ବିଭିନ୍ନ ସରକାରୀ ବିଭାଗ ଏବଂ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗରେ ଉତ୍ସାହିତ କରି ଉପଯୁକ୍ତ ପ୍ରକାରରେ ବିନିଯୋଗ କରାଯାଇ ପାରିବ । ଏଥିରୁ ସମ୍ପୂର୍ଣ୍ଣ ତଥ୍ୟ ମିଳିଲେ ଏହା ଭବିଷ୍ୟତ କୃଷିନୀତି ନିର୍ଦ୍ଧାରଣରେ ଉପଯୋଗ କରାଯାଇ ପାରିବ ।

ଗ୍ରାମାଞ୍ଚଳର ଗରିବୀ, ବେରୋଜଗାରୀ ଓ ଅସମାନତା ଦୂରୀକରଣ ପାଇଁ ଉଦ୍ୟୋଗଭିତ୍ତିକ ବହୁବୃତ୍ତି କାର୍ଯ୍ୟକ୍ରମ ଏକ ଅତି ଜରୁରୀ ପଦକ୍ଷେପ, କିନ୍ତୁ ଯେଉଁମାନେ ଭୂମିହୀନ କିମ୍ବା ଅଣ କୃଷି ବୃତ୍ତି କରି ଜୀବିକା ନିର୍ବାହ କରନ୍ତି, ସେମାନଙ୍କୁ ବିଭିନ୍ନ ପ୍ରକାର ଗ୍ରାମ ଶିଳ୍ପ, ବ୍ୟବସାୟ ଓ ସେବାମୂଳକ ଉଦ୍ୟୋଗମାନଙ୍କରେ ନିୟୋଜିତ କରାଯାଇ ପାରିବ । ସେହିପରି ମଧ୍ୟ କୃଷକମାନଙ୍କୁ କୃଷିଭିତ୍ତିକ ଶିଳ୍ପ, ବ୍ୟବସାୟ ଓ ସେବାରେ ଉତ୍ସାହିତ କରାଯାଇ ପାରିବ । ଗ୍ରାମାଞ୍ଚଳରେ ଉଦ୍ୟୋଗଭିତ୍ତିକ ବହୁବୃତ୍ତି କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇ ପାରିଲେ ଚାଷ ଜମି ଉପରେ ଚାପ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ପାଇଁ ଗ୍ରାମାଞ୍ଚଳ କର୍ମଯୋଗାଣର ଦ୍ୱାର ଉନ୍ମୁକ୍ତ ରଖା ଯାଇ ପାରିବ ।

---

ପ୍ରାଧ୍ୟାପକ,
କୃଷି ସମ୍ପ୍ରସାରଣ ବିଭାଗ,
କୃଷି କଲେଜ, ଭୁବନେଶ୍ୱର ।

କୃଷି ଅଧିକାରୀ,
କ୍ଷୁଦ୍ର ଜଳସେଚନ ଓ ଜଳ ବିନିଯୋଗ
ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର ।



ଭୁବନେଶ୍ୱରଠାରେ ଆୟୋଜିତ ଅଶ୍ୱମେଧ ଯଜ୍ଞ ପରିସର ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଯୁଗ ନିର୍ମାଣ ଯୋଜନାର ମୁଖ୍ୟ ଶ୍ରୀମା ଭଗବତୀ ଦେବୀଙ୍କ ସହିତ ଆଲୋଚନା କରୁଛନ୍ତି (୪/୨) ।

୨୦୦୯ ମସିହା ବେଳକୁ ଭାରତର ଲୋକସଂଖ୍ୟା ୧୦୦ କୋଟିକୁ ଟପିଯିବ ଏବଂ ଶ୍ରମ ଦେବାପାଇଁ ସମ୍ଭାବ୍ୟ ୪୩-୫ କୋଟି ଲୋକଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ଲୋକମାନଙ୍କ ସଂଖ୍ୟାହେବ ୩୦-୩ କୋଟି । ୧୯୮୨ରୁ ୨୦୦୨ ମସିହା ମଧ୍ୟରେ ଅତିରିକ୍ତ ୭୩ ନିୟୁତ ଲୋକ ଶ୍ରମ ଦେବାପାଇଁ ପ୍ରସ୍ତୁତ ହେବେ । ତେଣୁ କୃଷି ସଙ୍ଗେ ସଙ୍ଗେ ନୂତନ କର୍ମଯୋଗାଣ ପ୍ରସ୍ତୁତ କରିବାକୁ ପଡ଼ିବ ।

## (୫) ବୃତ୍ତିର ଗୁଣ :

ଗ୍ରାମାଞ୍ଚଳ ଲୋକମାନଙ୍କର ଏକ ଉଚ୍ଚ ସ୍ତରର ଜୀବନଯାପନ ପାଇଁ କେବଳ ବୃତ୍ତି ନୁହେଁ, ବରଂ ବୃତ୍ତିର ଗୁଣ ବା ଧର୍ମ ଅନିର୍ବାର୍ଯ୍ୟ । ବର୍ତ୍ତମାନ ଗାଁ ଗଣ୍ଡାରୁ ଯୁବକମାନେ ସହରକୁ ଚାଲିଯାଉଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ କଳ କାରଖାନାମାନଙ୍କରେ ଶ୍ରମିକ ଭାବରେ ଯୋଗ ଦେଉଛନ୍ତି, ଏବଂ ସହର ଉପକଣ୍ଠସ୍ଥ ଦରିଦ୍ର ବସ୍ତିରେ କାଳାତିପାତ କରୁଛନ୍ତି । ପୁନଶ୍ଚ ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ମଧ୍ୟ ବହୁଳ ଭାବରେ ସମ୍ଭବ ନୁହେଁ । ଗୋଟିଏ ହିସାବରୁ ଜଣାଯାଏ ଯେ ଓଡ଼ିଶାରେ ୨୩-୬ ନିୟୁତ ଲୋକ ଗ୍ରାମାଞ୍ଚଳରେ ରହନ୍ତି ଏବଂ ସେମାନଙ୍କ ମଧ୍ୟରୁ ଶତକଡ଼ା ୩୭-୩ ଭାଗ ଦିନ ମଜୁରିଆ ଅଟନ୍ତି । ପୂର୍ବ ଭାରତରେ ଗାଁ ଗଣ୍ଡାରେ ଖୁବ୍ କମ୍ ମଜୁରୀ ମିଳୁଥିବାରୁ ମଜୁରିଆମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ସମ୍ଭବ ନୁହେଁ । ଏହାଛଡ଼ା ଯେଉଁମାନେ ଗ୍ରାମରେ ମଜୁରୀ ଲାଗୁଛନ୍ତି କିମ୍ବା କୌଳିକ ବୃତ୍ତିରେ ଆପନିଯୁକ୍ତି ପାଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସବୁଦିନିଆ ରୋଜଗାରର ପନ୍ଥା ନାହିଁ । ଚାଷ କାର୍ଯ୍ୟରୁ କେବଳ ଋତୁକାଳୀନ ଆୟ ମିଳୁଥିବାରୁ, ବର୍ଷର ଅନ୍ୟ ସମୟମାନଙ୍କରେ ଅନ୍ୟାନ୍ୟ ନୂଆ ରୋଜଗାର ପନ୍ଥାରେ ଲୋକମାନଙ୍କର ନିଯୁକ୍ତି ନିତ୍ୟାନ୍ତ ଆବଶ୍ୟକ । କେବଳ ସେତିକି ନୁହେଁ, ଯେଉଁମାନେ କେବଳ ଚାଷକାମ କରୁଛନ୍ତି, ସେମାନେ ବିଭିନ୍ନ ପ୍ରକାର ପ୍ରତିକୂଳ ପାଗ, ରୋଗ ପୋକ ଆକ୍ରମଣ ଇତ୍ୟାଦି ଯୋଗୁଁ ସଙ୍କଟ ଏବଂ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି । ଏପରି ସ୍ଥଳେ କେବଳ ଚାଷକାର୍ଯ୍ୟ ଦ୍ୱାରା ମଧ୍ୟ କୃଷକମାନଙ୍କର ଉତ୍ପାଦକତା ବଢ଼ାଇବା କଷ୍ଟକର ହୋଇ ପଡ଼ିଲାଣି ।

## (୬) ଅସମାନତା ଓ ଗରିବି

ସ୍ୱାଧୀନତା ପରଠାରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଞ୍ଚବାର୍ଷିକ ଯୋଜନାର ସଫଳତା ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ମଫସଲ ଅଞ୍ଚଳର ଉନ୍ନତି ବିନିମୟରେ ସହର ଗୁଡ଼ିକର ଦ୍ରୁତ ଅଗ୍ରଗତି ଘଟୁଛି ଏବଂ ମଫସଲରେ ମୋଟ ଉପରେ ଥିବାବାଲା ଓ ନଥିବାବାଲା, ଏହିପରି ଦୁଇ ଶ୍ରେଣୀ ସୃଷ୍ଟି ହୋଇଛି । କାରଣ ସମ୍ପତ୍ତି ଧନୀଠାରୁ ଗରିବମାନଙ୍କ ପାଖକୁ ଗଡ଼ିବା ମତବାଦ ସମ୍ପୂର୍ଣ୍ଣ ଭୁଲ୍‌ବୋଲି ପ୍ରମାଣିତ ହେଲାଣି । ଗ୍ରାମ୍ୟ ପରିବାର ଏକ ପର୍ଯ୍ୟବେକ୍ଷଣରୁ ଜଣାଯାଇଛି ଯେ, ଭାରତର ୨୮୨ ନିୟୁତ ଗରିବ ଲୋକମାନଙ୍କ ମଧ୍ୟରୁ ୨୪୨ ନିୟୁତ ହେଉଛନ୍ତି ଗ୍ରାମବାସୀ । ଏ ଗ୍ରାମବାସୀମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ ଗ୍ରାମ୍ୟ ଶିଳ୍ପୀ । ଗରିବୀ ରେଖାତଳେ ରହିଥିବା ଏହି ଗ୍ରାମବାସୀମାନେ ଗାଁର ସମ୍ଭାବ୍ୟ କର୍ମଜୀବୀମାନଙ୍କର ଏକ ତୃତୀୟାଂଶ । ଏତେ ସଂଖ୍ୟକ ଲୋକଙ୍କୁ ଗରିବୀ-ରେଖା ଉପରକୁ ଆଣିବା ବର୍ତ୍ତମାନ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ।

## (୭) ବଜାର ଚାହିଦା :

କୌଣସି ବୃତ୍ତିରୁ ଅଧିକ ଲାଭ ପାଇଁ ସେଥିରୁ ମିଳୁଥିବା ଉତ୍ପାଦନ କିମ୍ବା ସେବାର ବଜାର ଚାହିଦା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ବିଗତ ଦଶନ୍ଧିରେ ଖାଉଟିମାନଙ୍କର ଆବଶ୍ୟକତା ଏବଂ ରୁଚିରେ ଦ୍ରୁତ ପରିବର୍ତ୍ତନ ଘଟିଥିବାରୁ ବିଭିନ୍ନ ବୃତ୍ତିରେ ନିୟୋଜିତ ଥିବାଲୋକମାନେ ଏ ସବୁକୁ ବିଚାରକୁ ନେବା ଉଚିତ୍ । ଅର୍ଥାତ୍ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକ ବଜାରର ଚାହିଦା ମୁତାବକ ହେବା ଉଚିତ୍ । ଏହି ନୂତନ ଦ୍ରବ୍ୟ କିମ୍ବା ସେବାଗୁଡ଼ିକ ଯୋଗାଇବା ପାଇଁ ବୈଜ୍ଞାନିକ କୌଶଳ କିମ୍ବା ସରଞ୍ଜାମ ଇତ୍ୟାଦି ଦରକାର ପଡ଼ିଥାଏ ।

ବୃତ୍ତିଗୁଡ଼ିକ ଉଦ୍ୟୋଗ ଭିତ୍ତିକ ହେବା ଉଚିତ । ଉଦାହରଣ ସ୍ୱରୂପ ବିଭିନ୍ନ ଋତୁକାଳୀନ ଫସଲଗୁଡ଼ିକ ପ୍ରକ୍ରିୟାକରଣ କରାଯାଇପାରିଲେ ଏହା ବିଶେଷ ଲାଭଜନକ ହୋଇ ପାରିବ । ଆଜିକାଲି ଧାନବସ୍ତାରୁ ମଧ୍ୟ ୧୦୦ଟି ବିଭିନ୍ନ ପ୍ରକାର ଉପଯୋଗ୍ୟ କରାଯାଇ ପାରୁଛି । ସେହିପରି ଗ୍ରାମ୍ୟଶିଳ୍ପର ମଧ୍ୟ ବୈପ୍ଲବିକ ପରିବର୍ତ୍ତନ ଅଣାଯାଇ ପାରିଲେ, ଉତ୍ପନ୍ନ ଦ୍ରବ୍ୟଗୁଡ଼ିକ ଗ୍ରାହକମାନଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ ହୋଇ ପାରିବ ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଇ ଜାତୀୟ ସ୍ତରରେ ପଦକ୍ଷେପମାନ ଗ୍ରହଣ କରାଗଲାଣି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ବହୁବୃତ୍ତି ଧାରଣ ବିଶେଷ ଭାବେ ଆଦୃତ ହେଲାଣି । ଭାରତରେ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ଯୋଜନା ମାଧ୍ୟମରେ ଉଭୟ କୃଷି ଓ ଅଣକୃଷି ଉଦ୍ୟୋଗମାନ ଗାଁ ଗହଳରେ ପ୍ରତିଷ୍ଠା କରାଯାଇଛି । କିନ୍ତୁ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଜଣେ ନିଅଣ୍ଟ ସମ୍ବଳ ବ୍ୟକ୍ତି କି କି ବୃତ୍ତି କେତେ ଅନୁପାତରେ ଗ୍ରହଣ କରିବ ତାହା ଠିକ୍ ଭାବରେ ନିରୂପଣ କରାଯାଇ ପାରୁନାହିଁ । ସୁତରାଂ ତାର ସମ୍ବଳ ଏବଂ ସାମର୍ଥ୍ୟ ସଙ୍ଗରେ ବୃତ୍ତିଗୁଡ଼ିକର ଏବଂ ବୃତ୍ତି ବୃତ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରୁନାହିଁ । ଏଥିପାଇଁ ଉପଯୁକ୍ତ ଗବେଷଣାର ଆବଶ୍ୟକତା ଅନୁଭବ କରାଯାଉଛି । ଗବେଷଣା ମାଧ୍ୟମରେ ବିଭିନ୍ନ ପରିସ୍ଥିତିରେ କୃଷକମାନଙ୍କ ପାଇଁ କୃଷି ସଙ୍ଗେ କି କି ବୃତ୍ତି ଲାଭଜନକ ଭାବରେ ନିଆଯାଇ ପାରିବ, ତାର ସଠିକ୍ ନିର୍ଦ୍ଧାରଣ କରାଯାଇ ପାରିବ । ଗବେଷଣା ଦ୍ୱାରା ବିଭିନ୍ନ ଅଞ୍ଚଳ ପାଇଁ ବୃତ୍ତି ଆଦର୍ଶମାନ ତିଆରି କରାଯାଇ ପାରିଲେ ଏହା କୃଷକର ସମ୍ବଳକୁ ସୁପରିଚାଳନା କରିବା ସଙ୍ଗେ ସଙ୍ଗେ ତା'ର ଉତ୍ପାଦକତା ବୃଦ୍ଧି ଓ ପରିବେଶ ସଂରକ୍ଷଣ କରିପାରିବ । ଏଥିରେ ଫାର୍ମକୁ ଏକ ଏକକ ଏବଂ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ପାରିବ ।

## ମୂଳ ନୀତି :

ବିଭିନ୍ନ ଫସଲର ଚାଷ ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଅନୁପୂରକ ବୃତ୍ତି ନିର୍ବାଚନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟନୀତି ହେବା ଉଚିତ । ବୃତ୍ତିମାନଙ୍କର ନିର୍ବାଚନ ଏପରି ହେବା ଉଚିତ ଯେ ସେଗୁଡ଼ିକ ପ୍ରତିଯୋଗିତା ମୂଳକ ନ ହୋଇ ବରଂ ସର୍ବାଧିକ ଅନୁରୂପକ ହୋଇ ପାରିବ ।

କୌଣସି କୃଷକ ପାଇଁ ଉଦ୍ୟୋଗ ଭିତ୍ତିକ ବହୁ ବୃତ୍ତି କାର୍ଯ୍ୟକ୍ରମ ଲାଗୁ କରିବା ପୂର୍ବରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନିଆଯାଏ ।

# କୁହ ମହାବାହୁ

* ବିଦ୍ୟୁତ୍ କୁମାର ଦାଶ

କୁହ ମହାବାହୁ !
ତୁମକୁ ଛାଡ଼ି
ଏ କଣ୍ଟକିତ ଦେହ ମନ ନେଇ
ମୁଁ କେଉଁଆଡ଼େ ଯିବି ?
ବିଚଳିତ ନଈ କ'ଣ କେବେ ଛାଡ଼ିପାରେ କୂଳ,
ନା' ଅନ୍ଧାରରେ ଓଜନିଆ ରାତି କେବେ ଛୁଇଁପାରେ
ଶାନ୍ତ, ସ୍ନିଗ୍ଧ, ନରମ ସକାଳ ?

କିନ୍ତୁ ତୁମକୁ କ'ଣ ସହଜରେ ପାଇହୁଏ ?
ତୁମକୁ ଖୋଜିଲା ମାତ୍ରେ ତ
ତୁମେ ଜାଣି ଜାଣି ଦୂରେଇଯାଇ, ଲୁଚି ଲୁଚି ହସ,
ଅସ୍ୱନକ୍ ଦୁଃଖର ବତାସ ଭିତରେ
ବଢୁଥାଏ ତୁମକୁ ପାଇବାର ଶୋଷ ।
ଜାଣିଛି,
ତୁମକୁ ଏକାନ୍ତରେ ଆପଣାର କରିହୁଏ
କେବଳ ଦୁଃଖରେ, ଅସହାୟ ମୁହୂର୍ତ୍ତ ଭିତରେ,
ସମ୍ପଦର ପ୍ରାଚୁର୍ଯ୍ୟ ଭିତରେ
ମଣିଷ ତୁମକୁ ଭୁଲି
ହଜିଯାଏ ସଂସାରର ବୀଭତ୍ସ ମୋହରେ ।

ତୁମକୁ ଦେଖୁଲେ ଥରେ ଭବ ମଣ୍ଡପରେ
କେଉଁଆଡ଼େ ଉଡ଼ିଯାଏ ଜୀବନରେ ଯେତେ କ୍ଲାନ୍ତି, ଅବସାଦ,
ଇଚ୍ଛା ହୁଏ ତୁମକୁ କୁଣ୍ଢାଇ ଧରି
ନୀରବରେ କାନ୍ଦୁଥାନ୍ତି ଅନନ୍ତ ସମୟ ପାଇଁ
ମୋ ହୃଦରେ ଭିଜୁଥାନ୍ତା
ତୁମ ଅଂଶ ପୁନାରଙ୍ଗୀ ପାଟ ।

କାନ ନ ଥାଇ ବି ତୁମେ ଶୁଣିପାର
କୋଟି କୋଟି ଅନ୍ତରର ଆକୁଳ ମିନତି,
ପାଦ ନ ଥାଇ ବି ଆଖିର ପଲକ ମାତ୍ରେ
ତୁମେ ସବୁଠି ପହଁଞ୍ଚି ଯାଅ,
ତୁମର ତ ପବନର ଗତି,
ତୁମରି ଅପୂର୍ବ ହାତରେ ଥାଏ
ସମସ୍ତଙ୍କୁ କୋଳେଇ ନେବାର
ପୂର୍ଣ୍ଣ ପ୍ରତିଶ୍ରୁତି ।

ତୁମେ ତ ଜୀବନ, ମୃତ୍ୟୁ, ମାୟା, ମୋହ,
ସୃଷ୍ଟି, ସ୍ଥିତି, ସବୁ ଆଦି ଅନ୍ତର କାରଣ,
ଖାଲି ତୁମକୁ ତ ଜଣା,
ଏ ଜୀବନ–ଯନ୍ତ୍ରଣାରୁ
କେବେ ହିଁ ମିଳିବ ମୋତେ ଶାଶ୍ୱତ ନିର୍ବାଣ ।

କୁହ ମହାବାହୁ !
ତୁମକୁଛାଡ଼ି
ମୁଁ ଏ କଣ୍ଟକିତ ଦେହ ମନ ନେଇ
କେଉଁଆଡ଼େ ଯିବି ?
ବିଚଳିତ ନଈ କ'ଣ କେବେ...........
......................

ଅଧ୍ୟାପକ, ଅର୍ଥନୀତି ବିଭାଗ,
ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ,
ସୁନ୍ଦରପୁର, କଟକ–୭୫୪୦୧୭ ।

# ଦ୍ୱିତୀୟ ଈଶ୍ୱର

* ଅଧ୍ୟାପକ ଧ୍ରୁବ ଖୁଣ୍ଟିଆ

ହଠାତ୍ ମୋ ନିଦ ଭାଙ୍ଗି ଗଲା
ନିଛାଟିଆ ଅନ୍ଧାର ରାତିରେ,
କିଏ ଜଣେ ଆଘାତ କରୁଛି
ମୃଦୁ ମୃଦୁ ମୋ ରୁଦ୍ଧ ଛାତିରେ !!

ମୋତେ ଲାଗେ ମୋତେ ଆବୋରିଛି
ଅଲୌକିକ ଦୁଇଟି ବଳୟ
ପ୍ରେମ ଏବଂ ଜ୍ଞାନର ଆଳୟ
ମୋର କେତେ ଆପଣାର
ଦୁଇ ବଳୟାଗ୍ନି;

ମୋ ହୃଦୟେ ଗୈରିକ ଉଷାର ଭାଷା
ମୋ ଆଖିରେ କେତେ ଯେ ଦିନାନ୍ତ ତୃଷା
କି ଦେବୁଷ୍ଟ ରାଗିଣୀରେ
ମୋ ମନର ବିମୁକ୍ତ ଅୟନେ
ଶାନ୍ତି ଓ କାନ୍ତିରେ
ଗୀତ ଗାଏ ହିରଣ୍ମୟ ପକ୍ଷୀ ।

ଆଉ କାହିଁ ଉଦ୍ଦାମ ଝଡ଼ରେ
ଭାଙ୍ଗୁନାହିଁ ଗଛ କୁଳ ନୀଡ଼ ଏବଂ
ମରୁଡ଼ିରେ ଶୁଖୁନାହିଁ ନଈ,
ପରାକ୍ରାନ୍ତ ବନ୍ୟାରେ ବି
ସପ୍ତଦ୍ୱୀପ ଯାଉନାହିଁ ଧୋଇ ।

ରକ୍ତାଧର ବୋଇତେ ଭାସୁଭାସୁ
ପାରାବାରେ ଫୁଲେ ଆଉ ଜନ୍ମେ,
କି ଅପୂର୍ବ ମୂର୍ଚ୍ଛନା ଏ
ସ୍ନାୟୁ ଏବଂ ଶୋଣିତ ସ୍ପନ୍ଦନେ !!

ମୁଁ ଯେମିତି କେଉଁ ଏକ
ଅସ୍ମାଅସ୍ମି ବନସ୍ତର ଫୁଲ ଗଛଟିଏ
ତେଜି ସବୁ ମାନ ଅଭିମାନ
ଆପଣାଇ ନେଉଛି ଏ
ଦିବ୍ୟ ମୁହୂର୍ତ୍ତରେ
ଆଲୋକିତ ଚୈତନ୍ୟର ଅପୂର୍ବ ଗୁଞ୍ଜନ ।

ବହୁଦୂର ଯମୁନାର ଉର୍ମିଗୀତ
ମୋଛାତିରେ ପଡ଼ିଅଛି ଧରା,
କଦମ୍ବ ମୂଳର ବଂଶୀ ସୁରେ ସୁରେ
ପୁରିଅଛି ମୋ ଶୂନ୍ୟ ବଖରା ।

ପୂର୍ଣ୍ଣରୁ ଶୂନ୍ୟତା ଯାଏ
ଶୂନ୍ୟରୁ ପୂର୍ଣ୍ଣତା ଯାଏ
ମୋ ସାଥେ ଭେଟିଛି କାଳିଆ ଏବଂ
ମୁଁ ଯେମିତି ଗୋଟାପଣେ
ସମଗ୍ର ବିଶ୍ୱର
ମିଛ ଯେତେ ନାହିଁ ଓ ନଶ୍ୱର;

ମୋତେ କିଏ କରିଦେଲା
ଏ ଅନନ୍ୟ ଉତ୍ତରଣେ
ଏ ଧରାରେ ଦ୍ୱିତୀୟ ଈଶ୍ୱର.....??

---

"ବିଜ୍ଞୋଜି"
ଏନ୍-୩/୩୮୬, ନୟାପଲ୍ଲୀ
ଭୁବନେଶ୍ୱର-୧୫ ।

# ପ୍ରାର୍ଥନା ପ୍ରଭୁଙ୍କୁ......

* ପ୍ରଫୁଲ୍ଲ ପଟ୍ଟନାୟକ

ପ୍ରଭୁ ! ଜଗନ୍ନାଥ,
ଅନାଥର ନାଥ
ଶ୍ରୀମନ୍ଦିର ରତ୍ନସିଂହାସନେ ବସି
ଜଗତର ହିତ ଲାଗି
ବିଞ୍ଚାରିଛ ତୁମ ଦୁଇହାତ ।।
ପ୍ରଭୁ ! ଚକାଆଖି,
ଜଗତର ସୁଖ, ଦୁଃଖ ଦେଖୁଅଛ ଚାହିଁ
ଚନ୍ଦ୍ର, ସୂର୍ଯ୍ୟ ଆଭା ଉକୁଟାଇ
ଚକାଡୋଳା, ଅପଲକ ନେତ୍ର
ଦୁଃଖୀଜନ ଦୁଃଖ ପାଇଁ
ତୁମେ ବନ୍ଧୁ ମିତ୍ର ।।
ପ୍ରଭୁ ! ଭକତ ବତ୍ସଳ !
ଜଗତର ଦୁଃଖ ଦେଖି
ନେତ୍ର ତୁମ ହୁଏ ଛଳ ଛଳ
ଭକତ ଜନର ବନ୍ଧୁ
ଭକତ ଭାବରେ ବନ୍ଧା
ତୁମ ସେନେହର ଡୋର ।।
ପ୍ରଭୁ ! ଶ୍ରୀ କଳାବଦନ !
ହେ ବିଶ୍ୱ ଜୀବନ
ତୁମରି ଶ୍ରୀମୁଖ ଚାହିଁ
ପୁଲକିତ ଦେହ ଆଉ ମନ
ହସିଉଠେ ବେଦନାରେ
ବିଳପିତ କୋଟି କୋଟି ପ୍ରାଣ ।।
ପ୍ରଭୁ ! ଜଗନ୍ନାଥ !
ପତିତ ଉଦ୍ଧାର ପାଇଁ
ନୀଳ ଚକ୍ରେ ଉଡ଼େ ତୁମ ନେତ
ମୁଁ ଜଣେ ପତିତ
ଏତିକି ପ୍ରାର୍ଥନା ମୋର
ମୋ ମନର ବଡ଼ଦାଣ୍ଡେ
ଗଡ଼ିଯାଉ ନନ୍ଦିଘୋଷ ରଥ ।।
ପ୍ରଭୁ ! ଦାରୁବ୍ରହ୍ମ,
ମୋ ମନର ଆକାଶରେ
ତୁମେ ସଦା ପୂର୍ଣ୍ଣିମାର ଜହ୍ନ
ପ୍ରଭୁ ! ଏତିକି ମାଗୁଣି ମୋର
ଅନ୍ଧାରରୁ ଆଲୋକକୁ ନିଅ
ଏ ବନ୍ଧନୁ ଖାଲି ମୁକ୍ତି ଦିଅ ।।

ଭାରତୀ ମଠ ଲେନ୍,
ପୁରୀ ।

# ମୁଖପଦ୍ମ ବିମୁଗ୍ଧ ଭ୍ରମର

* ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସେ ଦିନର, ମୁଖପଦ୍ମ ବିମୁଗ୍ଧ ଭ୍ରମର !
ତୁମେ କି କେବଳ ମଧୁ ଉଦାସିତ ସୁର,
ଭୁବନ ଭୁବନ ବ୍ୟାପୀ ଆଣ ରୂପାନ୍ତର;
କ୍ଷୟ ହେଉଥିବା ସବୁ ସତ୍ୟତା ଗୋପନେ ସାଇତି
ଅଦ୍ଭୁତ ଭବିଷ୍ୟ ପାଇଁ ଗଢିବ କ୍ୟାମିତି,
ତୃଷ୍ଣା ଲକ୍ଷ ମଣିଷ ଜାତିର
ତୁମରି ଆଖିରେ ଟିକେ ସ୍ପଷ୍ଟ ହୁଏ,
ସୃଷ୍ଟି ଯେତେ ଥର ॥

କେଉଁରେ କାହିଁକି ରହ, ବୁଲୁ ବୁଲୁ କାଳିନ୍ଦୀ ତଟରେ
(ସେ କାଳିନ୍ଦୀ ଧାର କେଉଁଠାରେ ?)
ଦିଗ୍ଭ୍ରମ ବାହାରେ କିଛି ବାଉଳା ପବନ
ତୁମ ସାନ୍ନିଧ୍ୟରେ ହୁଏ ପୁଣି ଆତ୍ମସ୍ନାନ,
ପ୍ରେମବନ୍ଧ ଶ୍ୱାସ ପଞ୍ଜୁରୀରେ
ଅନାଦି ଅନନ୍ତ ଯାତ୍ରା ଲୁଚି ରହେ ବିହଙ୍ଗ ଡେଣାରେ ॥

ଅବିମୃଷ୍ଟ ତାଡନା ମରେ ଗିଡ଼ିମୋଡ଼ି ସରୀସୃପ ପରି,
ତୁମେ ଠିଆହେଲେ ବଡ଼ଦାଣ୍ଡେ......ତାହିଁଆରୁ
ପଛୁ ଟାଣିନିଏ କିଏ,
ଚଳିବାରେ ରହେନା ଓଜନ,
ଓଜନିଆ ଦିନ/ନିଜକୁ ନିଶ୍ଚିହ୍ନ କରେ ଅତି ନିଃଶବ୍ଦରେ,
ସମସ୍ତ କି ନିର୍ବିବାଦେ ତୁମ ଆଶ୍ରା କରେ !!

ଗୋପାଳୁଣୀ ମୁଖପଦ୍ମ, ହେ ମୁଗ୍ଧ ଭ୍ରମର !
ମଧୁହୀନ ଶତାବ୍ଦୀର ମୋହାଣି ଉଠିବା
ଆମ ପାଇଁ କି ଯେ ଭୟଙ୍କର;
ଖଣ୍ଡଖଣ୍ଡ ଶବ ହୁଏ ଲାସ୍‌ଘରେ
ବିସ୍ଫୋରଣେ ଅନେକ କଙ୍କାଳ
ଏକାଠି ଛିଡ଼ିକି ପଡ଼େ,
ଦୁର୍ଘଟଣା ଆସେ ବାରସାର;
ପ୍ରତି ଅଛିଦ୍ରର ଆସେ ନାମାନ୍ତର
ସହର ସୀମାନ୍ତେ;
କ୍ଲାନ୍ତି ଆସେ ନିଷ୍ପ୍ରେମ କର୍ମରେ,
ଅଙ୍କ କଷୁଥିବା ବେଳେ ଚଟାଣରେ
କାଞ୍ଚ ଧଉଳିବା ଆକାଙ୍କ୍ଷାରେ;
କେତେ ଅମାନିଆ ତୁମେ
ମାନ ନାହିଁ ପ୍ରେମ ହୃଦୟର,
ଅଧିବାସ କର ବାରସାର;
କ୍ଷୟିଷ୍ଣୁ ଆମର ଦେହେ
ବ୍ୟାଧି ଗ୍ଲାନି ବଞ୍ଚନାର ବ୍ୟୂହେ
ରଖିବାକୁ ଜୀବନର ଭାର,
ଗୋପାଳୁଣୀ ମୁଖପଦ୍ମ ବିମୁଗ୍ଧ ଭ୍ରମର ॥

ସହକାରୀ ସମ୍ପାଦକ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।

# ଅନ୍ୱେଷଣ

* ସତ୍ୟନାରାୟଣ ମିଶ୍ର

ସୃଷ୍ଟିରେ ଯେବେ ଥାପିଲି ମୋ ପାଦ
ଲାଗିଲା ପ୍ରଭୁହେ ନୂଆ ନୂଆ
ତବ ପରିଚୟ, ତବ ଦରଶନ
ଖୋଜିଲି ମୁଁ କରି କୁଆଁ କୁଆଁ ।

ଆଥ ମଳୟରେ, ଅବା ମହକରେ
କେମିତି ଦେଖିବି ତୁମରଙ୍ଗ
ଆପ ଆଲୋକରେ ଅବା ତମସାରେ
ଛୁଇଁ ତ ପାରେନା ତୁମ ଅଙ୍ଗ
କେବଳ ସିନା ଏ' ଅଧୀର ଆତ୍ମା ମୋ'
ଅନୁଭବି ପାରେ·ତୁମ ଛୁଆଁ
ସୃଷ୍ଟିରେ ଯେବେ...... ।(୧)

ସେ ତୁମ ସ୍ୱରୂପ ଯେ ଅରୂପ ରୂପ
ସେ କେମିତି ଯେବେ ମୁଁ ଅନୁଭବେ
ବାସନାର ଶୂନ୍ୟେ ପ୍ରଭୁ ସିନା ତୁମେ
ଫୁଲିଉଠେ ଛାତି ଗଉରବେ
ତୁମ'ସଙ୍ଗ ଲୋଡ଼ି ଆସିଛି ସେଲାଗି
ହୃଦେ ଭକତିର ମୂଳଦୁଆ
ସୃଷ୍ଟିରେ ଯେବେ...... (୨)

---

ଅମଲାପଡ଼ା,
ଫୁଲବାଣୀ-୭୬୨୦୦୧ ।

# ଲକ୍ଷେ ଯୋଜନରେ

* କୃଷ୍ଣ ମିଶ୍ର

ବିଶ୍ୱାସ ହୁଏନି
ଅବିଶ୍ୱାସର ପାଉଁଶ ଗଦା ଭିତରେ
ବିଶ୍ୱାସର ଟିପେ ନିଆଁ ଝୁଲ ଥାଏ ଯେ
ମୁହୂର୍ତ୍ତକରେ ଧ୍ୱଂସ ହୋଇଯାଏ ସାରା ପୃଥିବୀ ।
ବିଶ୍ୱାସ ହୁଏନି
ଅସାମର୍ଥ୍ୟ ପଣିଆର ମହାସାଗର ଭିତରେ
ସାମର୍ଥ୍ୟର ଦଦରା, ଜୁଲିଡଙ୍ଗା ଖଣ୍ଡେ ହିଁ ଧରିରଖେ
ଲହରୀଙ୍କର ଦୃଢ଼ ତାଳ ଲୟ ।

ଅପାରଗତା ଭିତରେ
ବୁଢ଼ୀ ଅସୁରୁଣୀର ଜୀବନ ନାଟିକା ଭଳି
ପାରଙ୍ଗମତା ବେଶ୍ ନିଶ୍ଚିତରେ ସଂଗୁପ୍ତ ଥାଏ
ଯେଉଁ ପର୍ଯ୍ୟନ୍ତ ନିଜ ଉପରେ ବିଶ୍ୱାସ ରଖେ
ସମନ୍ତର ରାଜପୁତ୍ର;
ଯେଉଁ ମୁହୂର୍ତ୍ତରେ ସମର୍ପଣ ଭାବ
ଉର୍ଣ୍ଣରୀ ଜାଲରେ ମାଛ ଭଳି
ସବୁ ବିଶ୍ୱାସକୁ ଅକ୍ତିଆର କରିନିଏ
ତେଣିକି ଦ୍ରୌପଦୀର ଲଜ୍ୟା ପାଲଟି ଯାଏ
ଶାଢ଼ୀ ଊର୍ଦ୍ଧ୍ୱର ବିସ୍ତାର ।

ମୁଗୁଣୀର ଅସହାୟତା
ସାମର୍ଥ୍ୟ ଊର୍ଦ୍ଧ୍ୱର ଆକାଶ,
ଏବଂ ବିଚରା ଗଜରାଜ
ଶକ୍ତି ଊର୍ଦ୍ଧ୍ୱର ସତ୍ତା ।

ସାମର୍ଥ୍ୟ ପଣିଆର କେହି ପ୍ରତିଦ୍ୱନ୍ଦ୍ୱୀ ନଥାଏ
ତୋ' ଛଡ଼ାରେ ଜଗନ୍ନାଥ,
ଶକ୍ତି ପଣିଆର କେହି ପ୍ରତିଦ୍ୱନ୍ଦ୍ୱୀ ନଥାଏ
ତୋ' ଛଡ଼ା
ଏବଂ ଦ୍ରୌପଦୀର ଲଜ୍ୟା ଢାଙ୍କିବାକୁ ଯେତେ ଯେତେ ଶାଢ଼ୀ
ତା' ସବୁ ମହସୁଦ୍ ଥାଏ ଲକ୍ଷେ ଯୋଜନରେ, ଆଖି ପାଏନି ।
ନିଜ ଉପରେ ଅଗାଧ ବିଶ୍ୱାସ
ଈଶ୍ୱରୀୟ ନୁହେଁରେ ଜଗନ୍ନାଥ,
କେବଳ ଯାହା ସମର୍ପଣ ଭାବ ଈଶ୍ୱରୋତ୍ତର ॥

P.H.C. Biridi,
Biridi Road-754111,
Jagtsinghpur.

# ସମର୍ପଣ

* ହୃଷିକେଶ ତ୍ରିପାଠୀ

ବିଶ୍ୱ ବନ୍ଧୁ ତୁମେ ବିଶ୍ୱ ଜୀବନ
ଭକ୍ତ ପ୍ରାଣ ବନ୍ଧୁ ରଙ୍କ ରତନ ॥୧॥
ପତିତ ପାବନ ନାମ ତୁମ୍ଭର
ପତିତ ଜନଙ୍କୁ କର ଉଦ୍ଧାର ॥୨॥
ମନ ମୋହନ ହେ ମନ୍ଦ ଅଧର
ଭକ୍ତ ମନ ମୋହି ପାଳ ସଂସାର ॥୩॥
ଅଗତିର ଗତି ନୀଳ ମାଧବ
ଶାନ୍ତି ମୁକ୍ତି ଦାତା ପ୍ରାଣ ବଲ୍ଲଭ ॥୪॥
ଭାବ ବିନୋଦିଆ ଭାବରେ ବଶ
ଭକ୍ତର ଦୁର୍ଗତି କର ବିନାଶ ॥୫॥
ଦୁଃଖୀ ପ୍ରାଣ ଧନ ହୃଦ ଚନ୍ଦନ
ସଂସାରର ଦୁଃଖ କର ମୋଚନ ॥୬॥
କୃପା ସାଗରହେ କରୁଣା ନିଧି
କରୁଣାରୁ ମିଳେ ସମସ୍ତ ସିଦ୍ଧି ॥୭॥
ଅନିତ୍ୟ ସଂସାରେ ସବୁ ଅସାର
ଭଗବତ ପ୍ରେମ ଅଟଇ ସାର ॥୮॥
ଇଚ୍ଛାମୟ ତୁମେ କଳା ଠାକୁର
ତୁମେ ଦୂର କର ଅମା ଅନ୍ଧାର ॥୯॥
ନିର୍ବିକାର ତୁମେ ପ୍ରଶାନ୍ତ ଚିତ୍ତ
ଜଗତ ଜନଙ୍କୁ କର ମୋହିତ ॥୧୦॥
ସମ୍ପଦ ବିପଦ ଯେ ଅପମାନ
ଦିବ୍ୟ ଚେତନାରେ ସର୍ବେ ସମାନ ॥୧୧॥
ଆତ୍ମ ସମର୍ପଣ କରେ ଯେ ଭକ୍ତ
ସଂସାର ବନ୍ଧନୁ ହୁଏ ସେ ମୁକ୍ତ ॥୧୨॥
ମାୟା, ମୋହ, କାମ ତା' ଦୂର ହୁଏ
ବିଭୁ କୃପାବଳେ ସେ ଶାନ୍ତି ପାଏ ॥୧୩॥
ଭକତି ରସ ସଞ୍ଜୀବନୀ ସୁଧା
ପାନ କଲେ ଦୂର ହୁଅଇ ବାଧା ॥୧୪॥
ସତ୍ୟ ସନାତନ ଆଦି ପରମ ବ୍ରହ୍ମ
ସଦା ଲୟ ରହୁ ତୁମ ପାଦପଦ୍ମ ॥୧୫॥

---

ଗ୍ରା-ଭିକ୍ଷାପାଳ,
ଆଠଗଡ଼, କଟକ-୭୫୪୦୨୯।

# କାଳିଆଠୁ କିଏ କାହିଁ ?

* ଭାସ୍କର ଚନ୍ଦ୍ର ଦାସ

ସୁନ୍ଦର ଦିଶଇ ତୋ ବଡ଼ ଦେଉଳ
ସୁନ୍ଦର ଶରଧା ବାଲି,
ଆହୁରି ସୁନ୍ଦର ତୋ ନୀଳକନ୍ଦର
ସୁନ୍ଦର ତୋ ନେତ ନାଲି ॥

ସୁନ୍ଦର ଦିଶଇ ତୋ ଚକ୍ରତୀର୍ଥ
ସୁନ୍ଦର ରୋହିଣୀ କୁଣ୍ଡ
ସୁନ୍ଦର ଦିଶଇ ତୋ ନରେନ୍ଦ୍ର ଜଳ
ସୁନ୍ଦର ତୋ ବଡ଼ଦାଣ୍ଡ ॥

ସୁନ୍ଦର ଦିଶଇ ତୋ ମଣି କର୍ଣ୍ଣିକା
ସୁନ୍ଦର ତୋ ଛେଚଶଙ୍ଖ
ସୁନ୍ଦରୁ ସୁନ୍ଦର ତୋ'ର ଚକାଆଖି
ସୁନ୍ଦର ଅଧର ରଙ୍ଗ ॥

ସୁନ୍ଦର ଦିଶଇ ତୋ ରହସ୍ୟଭୂଆ
ସୁନ୍ଦର ଦଅଣା ମାଳି,
ସୁନ୍ଦର ଦିଶଇ ତୋ ରଥଯାତରା
ସୁନ୍ଦର ପହଣ୍ଡି ଶୁଳି ॥

ସୁନ୍ଦର ଦିଶଇ ତୋ ମୁକ୍ତି ମଣ୍ଡପ
ସୁନ୍ଦର ରତନ ବେଦୀ
ସୁନ୍ଦର ଦିଶଇ ସୁଭଦ୍ରା ଭଗିନୀ
ସୁନ୍ଦର ତୋ ମହୋଦଧି ॥

ଆହୁରି ସୁନ୍ଦର ତୋ ନୀଳଚକ୍ର
ଉପମା ଦେବାକୁ ନାହିଁ
ସବୁ ସୁନ୍ଦରର ଯହିଁ ସମାହାର
କାଳିଆଠୁ କିଏ କାହିଁ ? ॥

---

ଧର୍ମାଇ କଲୋନୀ, ବାଲେଶ୍ୱର ।

ବାଦ୍ୟ ବାଜେ । ରୋମାଣ୍ଟ ସମୟରେ ସନ୍ଧ୍ୟା ଧାରଣି ହୁଏ । ଗୀତ ଗୋବିନ୍ଦ ଗାନ ଓ ପୁରାଣ ପାଠ ହୁଏ । ଶଯ୍ୟା ତ୍ୟାଗ ମାପେ ଉପରବେଳା ଶ୍ରୀଜାଉଙ୍କଠାରେ 'ପଲଙ୍କ ଚୂଡ଼ା ମଣୋହି' ହୋଇଥାଏ । ରାତି ସାଢ଼େ ସାତଟାରୁ ସାଢ଼େ ଆଠଟା ମଧ୍ୟରେ 'କ୍ଷିରୀ ଧୂପ' ହୋଇଥାଏ । ଏହି ଧୂପରେ ଗୁଡ଼ କ୍ଷିରୀ, କନ୍ଦ କ୍ଷିରୀ, ଟାଟ ମନୋହର, କପୁର କେଳି ଓ ରସାବଳୀ ଆଦି ଭୋଗ କରାଯାଏ । ଠାକୁରଙ୍କ ପହଡ଼ ପାଇଁ ବାଦ୍ୟ ବାଜେ । ଏହାକୁ ପହଡ଼ କୁହାଯାଏ । ରାତି ପାଞ୍ଚ ଘଡ଼ି (ପ୍ରାୟ ରାତି ଦଶଟା) ବେଳେ କବାଟ ପଡ଼ି ବାଟୁଳା (ଦେହି ପଖାଳ), ମୁଗ ଘୁଘୁରୀ (ଗୋଟା ମୁଗ ଡାଲି) ତରକାରୀ, ଭଜା, କ୍ଷିରି, ଚକୁଳି, କନ୍ଦ ପଣା, ଦୁଧ ନବାତ ମଣୋହି ପରେ ଦେଉଳ ଶୋଧ କରାଯାଇ ପହଡ଼ ପଡ଼େ । ଶ୍ରୀଜୀଉ ବଡ଼ ସିଂହାର ବେଶ ହୁଅନ୍ତି । ଶେଷ ବାଦ୍ୟ ବଡ଼ କାହାଳୀ ବାଜେ । ଶ୍ରୀଜୀଉଙ୍କ ସେବା ପୂଜା ନିଳାଦ୍ରୀ ମହୋଦୟ ଅନୁସାରେ ହାଦଶ ଯାତ୍ରା ଅନୁଷ୍ଠିତ ହୁଏ ।

କେନ୍ଦୁଝର ଗଡ଼ରେ ବଳଭଦ୍ର ଜୀଉଙ୍କ ମନ୍ଦିର ନିର୍ମାଣ ପୂର୍ବରୁ ଏଠାରେ ଶ୍ରୀବଳଦେବ, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ବିଗ୍ରହ ପୂଜିତ ହେଉଥିଲେ । ସେହି ତ୍ରିମୂର୍ତ୍ତି ଦଧିବାମନ ଜୀଉ ରୂପେ ରାଜନଗରରେ ପୂଜିତ ହେଉଛନ୍ତି । କେନ୍ଦୁଝର ଇତିହାସର ପ୍ରଣେତା ସ୍ୱର୍ଗତ କ୍ଷେତ୍ରମୋହନ ମିଶ୍ର ତାଙ୍କ କେନ୍ଦୁଝର ଇତିହାସରେ କେନ୍ଦୁଝରର ପ୍ରାଚୀନ ନରପତି ଗୋବିନ୍ଦ ଭଞ୍ଜ ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରାଙ୍କ ବିଗ୍ରହ କାଞ୍ଚିକାବେରୀ ଯୁଦ୍ଧ ପରେ ଆଣି କେନ୍ଦୁଝର ଗଡ଼ରେ ସ୍ଥାପନ କରିବା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ତାଙ୍କ ମତକୁ ସମର୍ଥନ ଜଣାଇ ଇଂରେଜ ଗବେଷକ କବ୍‌ଡନ୍ ରାମ୍‌ସେ ପ୍ରକାଶ କରିଛନ୍ତି — 'of the 37 chiefs who have held the good the following chiefs deserve recognition Jyoti Bhanj the former Raja Govinda Bhanj the warrier and the victor of Kamchi Kaberi' କିନ୍ତୁ କ୍ଷେତ୍ରମୋହନଙ୍କ ଇତିହାସ ରଚନା ପୂର୍ବରୁ ୧୮୯୮ ମସିହାରେ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ ୧୮୯୭ ମସିହାରେ ତତ୍କାଳୀନ Political Agentଙ୍କୁ କେନ୍ଦୁଝରର ରାଜବଂଶ ବିଷୟରେ ଯେଉଁ ସଂକ୍ଷିପ୍ତ ବିବରଣୀ ପଠାଇଥିଲେ ସେଥିରେ ଗୋବିନ୍ଦ ଭଞ୍ଜଙ୍କ ପିତା ତ୍ରିଲୋଚନ ଭଞ୍ଜଙ୍କ ତିରୋଧାନ ୧୦୮୦ ସାଲ ସିଂହ ମାସରେ ଓ ଗୋବିନ୍ଦଙ୍କ ରାଜ୍ୟାଭିଷେକ ୧୦୮୧ ସାଲ କନ୍ୟା ମାସରେ ଅନୁଷ୍ଠିତ ହୋଇଥିବା କଥା ସୂଚେଇ ଥିଲେ । ଏହି ତଥ୍ୟକୁ ଗ୍ରହଣ କରି କେନ୍ଦୁଝର ସେଟେଲ୍‌ମେଣ୍ଟ ରିପୋର୍ଟରେ ଅଭୟ ଚନ୍ଦ୍ର ଦାସ ଗୋବିନ୍ଦ ଭଞ୍ଜଙ୍କ ସିଂହାସନ ଆରୋହଣ କାଳକୁ ୧୬୦୪ ଖ୍ରୀ: ବୋଲି ଦର୍ଶାଇଛନ୍ତି ।

ମହାରାଜା ଗୋବିନ୍ଦ ଭଞ୍ଜ କେବଳ ଜଣେ ରାଜା ନଥିଲେ ସେ ମଧ୍ୟ ଥିଲେ ଜଣେ ସୁକବି । ତାଙ୍କର ରଚନା ରଚିତ ରାମଗାଥା, ଭକ୍ତି ବିନୋଦ, ଶ୍ରୀଚରଣ ସୁଧାନିଧି ଆଦି ଓଡ଼ିଆ ସାହିତ୍ୟର ଅମୂଲ୍ୟ ରତ୍ନ । ଯଦି କବି କାଞ୍ଚି କାବେରୀ ଯୁଦ୍ଧରେ ସଂପୃକ୍ତ ଥାଆନ୍ତେ ତେବେ ତାହାର ପ୍ରତିଫଳନ ତାଙ୍କ ସାହିତ୍ୟ ମଧ୍ୟରେ ନିଶ୍ଚିତ ରୂପେ ଘଟିଥାନ୍ତି । କିନ୍ତୁ ସପ୍ତଦଶ ଶତକରେ ମୁସଲମାନ ଆକ୍ରମଣରେ ଖୋର୍ଦ୍ଧାର ଗଜପତି ପୁରୁଷୋତ୍ତମ ଦେବ (୧୬୦୦ରୁ ୧୬୨୧ ଖ୍ରୀ:) ବହୁବାର ଆକ୍ରାନ୍ତ ହୋଇଥିଲେ । କଟକର ସୁବେଦାର ମଖ୍‌ରାମ୍ ଖାଁ ୧୬୧୭ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଆକ୍ରମଣ କରି ତାଙ୍କୁ ରାଜ୍ୟରୁ ବିତାଡ଼ିତ କରିଥିଲେ । ଏହି ସମୟରେ ସେ ଗଡ଼ ମାଣିକୀପାଠାରେ ଆଶ୍ରୟ ନେଇଥିଲେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଗଡ଼ପଦରଠାରେ ଲୁଚ୍ଛାୟିତ ଭାବେ ରଖାଯାଇଥିଲା । ଗୋବିନ୍ଦ ଭଞ୍ଜ ଏହି ସମୟରେ ସମ୍ଭବତଃ ଗଜପତି ପୁରୁଷୋତ୍ତମଙ୍କୁ ସାହାଯ୍ୟ କରିଥିଲେ । ତେଣୁ ତାଙ୍କ ଶ୍ରୀଚରଣ ସୁଧାନିଧିରେ 'ଗଡ଼ମାଣିକୀ ବା ମାଣିକୋଉର ଉଲ୍ଲେଖ ଅଛି ।

ଭଞ୍ଜ ଗୋବିନ୍ଦକୁ ବାରେକ ଉଦ୍ଧର, ମାଣିକୋଟଠାରୁ ଉଦ୍ଧରି ଧର,
ମହାଉଦୟ ଛାଡ଼ି ଡାକୁଚି ତୁମକୁ, ମାଣିଠାରେ ଡରେ ଜୀବନ ଯିବାକୁ ।

ଏତଦ୍ ଭିନ୍ନ ଭକ୍ତ ଗୋବିନ୍ଦ ଶ୍ରୀଜଗନ୍ନାଥ ପ୍ରାଣଦାର ପରିଚୟ ଦେଇ କହିଛନ୍ତି :

'ନାରାୟଣ ଜଗନ୍ନାଥ ଦଇତାରୀ, ମାଣିକୋଟ କଷ୍ଟ କ୍ଷଣକେ ନିବାରି,
ଦର୍ଶନ ଦେଇଣ ଜ୍ଞାନ ଦେଲେ ମୋତେ, ମନ୍ତ୍ର ଯନ୍ତ୍ର ଭୁକ୍ତି କହିଲେ ସତେ ।

କେତେକ ଗବେଷକ 'ମାଣି' ଶବ୍ଦକୁ ଅହଂକାର ଓ 'କୋଟ' ଶବ୍ଦକୁ ଦୁର୍ଗ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଇତିହାସ ଓ କିମ୍ବଦନ୍ତୀକୁ ମିଳାଇ ଦେଇଥିଲେ ଏହି ମାଣିକୋଟ ଶବ୍ଦ ଇତିହାସ ସମର୍ଥିତ ଗଡ଼ ମାଣକୀର ଅଧିକ ନିକଟବର୍ତ୍ତୀ ମନେହୁଏ । ସପ୍ତଦଶ ଶତକରେ ବହୁ ଦେବ ମନ୍ଦିର ବିନଷ୍ଟ ହୋଇଥିଲା । ଗୋବିନ୍ଦ ସେତେବେଳେ କୌଣସି ଦେବ ମନ୍ଦିରରୁ କ୍ଷତିଗ୍ରସ୍ତ ହୋଇନଥିବା ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରାଙ୍କ ବିଗ୍ରହ କେନ୍ଦୁଝରକୁ ଆଣିଥାଇ ପାରନ୍ତି । ମହାରାଜ ଲକ୍ଷ୍ମୀନାରାୟଣ ଭଞ୍ଜ 'ବଉଁସ'ଠାରୁ ବଳଦେବ ଜୀଉଙ୍କ ବିଗ୍ରହ ଆଣି କେନ୍ଦୁଝର ଗଡ଼ ସେ ସ୍ଥାପନ କରିଥିଲେ ।

କେନ୍ଦୁଝରରେ ଗୋବିନ୍ଦ ଭଞ୍ଜଙ୍କ ପୂର୍ବରୁ ମଧ୍ୟ ଜଗନ୍ନାଥ ଉପାସନାର ପରମ୍ପରା ପ୍ରଚଳିତ ଥିଲା । ରାଜ ନଗରରେ ଦଧିବାମନ ଜୀଉ କେନ୍ଦୁଝରଠାରେ ପୂଜିତ ହେଉଥିଲେ । ଏତଦ୍ ଭିନ୍ନ ସିଦ୍ଧ ଜଗନ୍ନାଥଙ୍କ ପୂଜକ ଏହାର ଏକ ନିଦର୍ଶନ । କେନ୍ଦୁଝର ଗଡ଼ର ବଳଦେବ ଜୀଉ ମନ୍ଦିରର ଅନତି ଦୂରରେ ସିଦ୍ଧ ମଠଠାରେ ସିଦ୍ଧ ଜଗନ୍ନାଥ, ସିଦ୍ଧ କାଳୀ ଓ ସିଦ୍ଧ ହନୁମାନ ପୂଜିତ ହେଉଛନ୍ତି । ବଳଦେବ ଜୀଉ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ନାରାୟଣ ହୋଇଥିବା ବେଳେ ସିଦ୍ଧ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ହେଉଛନ୍ତି ଶ୍ରୀକୃଷ୍ଣ । ପ୍ରତ୍ୟେକ ବିଷ୍ଣୁ ମନ୍ଦିରରେ ଗରୁଡ଼ ସ୍ତମ୍ଭ ଥିବାବେଳେ ଏଠାରେ ହନୁମାନ ବିରାଜିତ । ପୂର୍ବେ ଏ ସ୍ଥାନରେ ଅନେକ ସିଦ୍ଧ ସାଧକ ଅବସ୍ଥାନ କରୁଥିବାରୁ ଏହାକୁ ସିଦ୍ଧ ମଠ କୁହାଯାଉଥିବା ଜନଶ୍ରୁତିରୁ ଜଣାଯାଏ । ମାତ୍ର କେନ୍ଦୁଝର ଏକ ପ୍ରାଚୀନ ଶୈବପୀଠ । ଖ୍ରୀଷ୍ଟୀୟ ସପ୍ତମ ଶତକରୁ ଏଠାରେ ଶୈବ ଧର୍ମର ପ୍ରବାହ ନିରବଚ୍ଛିନ୍ନ ଭାବରେ ଚାଲିଥିଲା । ସେତେବେଳେ ଏଠାରେ ନାଗବଂଶୀ ରାଜାମାନେ ଶାସନ କରୁଥିଲେ ଓ କେନ୍ଦୁଝରର ନାମ ଥିଲା 'ବିନ୍ଧ୍ୟାଟବୀ', ତେଣୁ ଏ ସବୁ କଥା ବିଚାରକୁ ନେଲେ ଜଗନ୍ନାଥ, କାଳୀ ଓ ହନୁମାନ ଆଦି ଦେବଦେବୀଙ୍କ ନାମ ପୂର୍ବରୁ ସିଦ୍ଧ ଶବ୍ଦର ବିକାଶକୁ ଦେଖିଲେ ଏ ଅଞ୍ଚଳରେ ବୌଦ୍ଧ ଓ ଶୈବ ସମ୍ପ୍ରଦ ପୁଷ୍ଟ 'ସିଦ୍ଧ' ସମ୍ପ୍ରଦାୟର ଆରାଧନା ପୀଠ ରୂପେ ପରିଚିତ ହୋଇଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

ଶ୍ରୀବଳଦେବ ଜୀଉ ମନ୍ଦିର ନିର୍ମାଣ ଲକ୍ଷ୍ମୀନାରାୟଣ ଭଞ୍ଜ ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ଏକ କ୍ରୋଶ ଅନ୍ତରରେ ଶିବ ଲିଙ୍ଗମାନ ସ୍ଥାପନ କରି ନିଜର ଶୈବାନୁରକ୍ତିର ପରିଚୟ ଦେଇଛନ୍ତି । ଏହାଛଡ଼ା ସେ ବୈତରଣୀର ଉତ୍ପତ୍ତି ସ୍ଥଳଠାରେ

# କେନ୍ଦୁଝରର
# ବଡ଼ ଦେଉଳ ଓ ବଡ଼ ଠାକୁର

* ଦେବାଶିଷ ଚକ୍ରବର୍ତ୍ତୀ

ଶ୍ରୀଜଗନ୍ନାଥ ସମଗ୍ର ଉତ୍କଳର ଆରାଧ୍ୟ ଦେବତା ରୂପେ ପୂଜିତ ହେଉଥିବା ବେଳେ କେନ୍ଦୁଝରର ଶ୍ରୀବଳଦେବ ଜୀଉଙ୍କୁ ରାଷ୍ଟ୍ର ଦେବତାର ସମ୍ମାନ ଦେଇ ନିଜ ସ୍ୱାତନ୍ତ୍ର୍ୟର ଉଦ୍‌ଘୋଷଣା କରୁଛି । ନବେ ହାତ ଉଚ୍ଚତା ବିଶିଷ୍ଟ ଓଡ଼ିଶାର ଦ୍ୱିତୀୟ ସୁବିଶାଳ ବିଷ୍ଣୁ ମନ୍ଦିର କେନ୍ଦୁଝରର ଶ୍ରୀବଳଦେବ ଜୀଉ ମନ୍ଦିର କେନ୍ଦୁଝରର ପ୍ରାଚୀନ ସ୍ଥାପତ୍ୟର ଜୟଗାନ କରୁଛି । କେନ୍ଦୁଝରର ପ୍ରାଚୀନ ସ୍ଥାପତ୍ୟର ଜୟଗାନ କରୁଛି । କେନ୍ଦୁଝରର ପ୍ରାକ୍ତନ ନରପତି ସ୍ୱର୍ଗତ ଲକ୍ଷ୍ମୀନାରାୟଣ ଭଞ୍ଜ ଦେବଙ୍କ ଦ୍ୱାରା ଏହା ୧୭୬୧ ମସିହାରେ ନିର୍ମିତ ହୋଇଥିଲା ।

ତିନି ଶହରୁ ଊର୍ଦ୍ଧ୍ୱ ବର୍ଷର ପ୍ରାଚୀନ ଏହି ମନ୍ଦିରର ସ୍ଥାପତ୍ୟ କଳା ଓଡ଼ିଶୀ ରୀତିରେ । ଜଗମୋହନଟି ଏକ ରେଖ ମନ୍ଦିର ଓ ମୁଖଶାଳା ଏକ ପୀଢ଼ ମନ୍ଦିର । ମନ୍ଦିର ଗାତ୍ରରେ ଗଜସିଂହ, କୋଣସିଂହ, ବିବିଧ ପୁଷ୍ପଲତା ତଥା ରାମକୃଷ୍ଣଙ୍କ ଲୀଳା ଗାଥା ଖଚିତ । ଏହି ସୁବିଶାଳ ବିଷ୍ଣୁ ମନ୍ଦିରର ନିର୍ମାଣ ଶୈଳୀ ପୁରୀର ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିରର ନିର୍ମାଣ ଶୈଳୀଠାରୁ କିଞ୍ଚିତ ଭିନ୍ନ । ଏହା କେନ୍ଦୁଝର ସ୍ଥାପତ୍ୟର ମୌଳିକତା ସୂଚିତ କରୁଛି ।

ଶ୍ରୀମନ୍ଦିରର ବେଢ଼ା ଭଳି ଏହି ମନ୍ଦିର ବେଢ଼ାରେ ମହାଲକ୍ଷ୍ମୀ, ବିମଳା, ସରସ୍ୱତୀ, ଗଣେଶ, ପତିତପାବନ, ଲକ୍ଷ୍ମୀ ନୃସିଂହ, ମଙ୍ଗଳା, ଭୈରବ, ରଘୁନାଥ, ବାଣେଶ୍ୱର, ଚର୍ଚ୍ଚିକା, ହନୁମାନ ଆଦି ବହୁ ଦେବଦେବୀ ପୂଜିତ ହୁଅନ୍ତି । ଏହାଛଡ଼ା ମନ୍ଦିର ପରିସର ମଧ୍ୟରେ ଗୋବର୍ଦ୍ଧନ ମଧ୍ୟ ରହିଛି । ଯଜ୍ଞ ଗୃହ, ସ୍ନାନ ମଣ୍ଡପ, ଭଣ୍ଡାରଘର, ସର ଘରର ତିନିପାର୍ଶ୍ୱରେ ବରାହ, ନୃସିଂହ ଓ ବାମନଙ୍କ ବିଗ୍ରହ ଅବସ୍ଥାନ କରୁଛନ୍ତି ।

ଏହି ମନ୍ଦିର ପୀଠ ଗର୍ଭରେ ବେଙ୍ଗ ବାହାନ-ଥାଇ ଏକ ଦେବୀ ମୂର୍ତ୍ତି ଏକ ଛୋଟ ମନ୍ଦିର ମଧ୍ୟରେ ରହିଛନ୍ତି । ଏହାଙ୍କୁ 'ପୁତୁକି ନାନୀ' କହିଥାନ୍ତି । ମନ୍ଦିର ନିର୍ମାଣ ସମୟରେ 'ପୁତୁକୀ ନାନୀ' ନାମ୍ନୀ ଜନୈକା ମହିଳା ଶ୍ରମିକାଙ୍କ ସ୍ମାରକୀ ସ୍ୱରୂପ ବେଙ୍ଗ ବାହନ ଥିବା ଏହି ଦେବୀ ମୂର୍ତ୍ତିର ପରିକଳ୍ପନା ଶ୍ରମଜୀବୀ ଜନତାର ତ୍ୟାଗ ଓ ନିଷ୍ଠା ପ୍ରତି ଏ ଜାତିର କୃତଜ୍ଞତାର ଏକ ନିଦର୍ଶନ ମାତ୍ର । ମନ୍ଦିର ପରିକ୍ରମା ପରେ ଭକ୍ତମାନେ ଶ୍ରଦ୍ଧାରେ ଏହାଙ୍କୁ ସ୍ପର୍ଶ କରିଥାନ୍ତି । ବର୍ଷା ନହେଲେ ପୁତୁକୀ ନାନୀଙ୍କ ପାଖରେ ମାଗଣା କଲେ ବର୍ଷା ହୁଏ ବୋଲି ସାଧାରଣ ଜନତାଙ୍କ ବିଶ୍ୱାସ ରହିଛି ।

କେନ୍ଦୁଝରର ରାଜା ଏହି ମନ୍ଦିରର ପ୍ରଧାନ ସେବକ । ରଥ ଯାତ୍ରା ବେଳେ ସେ ଛେରା ପହଁରା କରନ୍ତି । ତାଙ୍କ ଅନୁପସ୍ଥିତିରେ ରାଜ ପୁରୋହିତଙ୍କ ଦ୍ୱାରା ଏହା ସମ୍ପନ୍ନ ହୋଇଥାଏ । ରାଜାଙ୍କ ତିରୋଧାନ ହେଲେ ଶ୍ରୀବଳଦେବ ଜୀଉଙ୍କ ଶୁକ୍ଳ ଛତ୍ର ଓ ପତନି, ଘଣ୍ଟ, ଶଙ୍ଖ, କାହାଳୀ, ବଡ଼ କାଠ, ରଣଭେରୀ, ତେଲିଙ୍ଗୀ ବାଜା, ମହୁରୀ, ଆଡ଼ ମହୁରୀ ଆଦି ବାଜା ରାଜବାଟୀକୁ ପଟୁଆରରେ ଅଣାଯାଏ । ଏହି ପଟୁଆରକୁ ନୂତନ ରାଜ ପ୍ରାସାଦରେ ଅଭ୍ୟର୍ଥନା ଜଣାନ୍ତି । ଶ୍ରୀଜୀଉଙ୍କ ଛତ୍ର ରାଜଛତ୍ର ହୁଏ ଓ ପତନି ହୁଏ ଶିରୋପା । ମୃତ ରାଜାଙ୍କୁ ରାଜ ଶ୍ମଶାନ ପର୍ଯ୍ୟନ୍ତ ବୋହିବା ପାଇଁ ଶ୍ରୀଜୀଉଙ୍କ ଶୟନ ପଲ୍ୟଙ୍କ ଦିଆଯାଏ । ମୃତ ରାଜାଙ୍କ ପରିଧାନ ପାଇଁ ପାଟ ବସ୍ତ୍ର ମଧ୍ୟ ଶ୍ରୀଜୀଉଙ୍କ ଭଣ୍ଡାରରୁ ଦିଆଯାଏ । ଶବ ଦାହ ପାଇଁ ତାଙ୍କର ନନ୍ଦିଘୋଷ ରଥରୁ କାଠ ଦିଆଯାଏ । ନୂତନ ରାଜା ଅଭିଷେକ ସମୟରେ ଆସି ଶ୍ରୀଜୀଉଙ୍କୁ ପଟ୍ଟ ବସ୍ତ୍ର, ସ୍ୱର୍ଣ୍ଣ ଆଭରଣ ଓ ଗୋଟିଏ ଗ୍ରାମ ଦାନ କରୁଥିଲେ । ପରେ ବ୍ରିଟିଶ୍ ସରକାରଙ୍କ ହସ୍ତକ୍ଷେପ ଫଳରେ ଏହା କେବଳ ଭୂମି ଦାନରେ ସୀମିତ ହୋଇଥିଲା ।

ନୀଳାଦ୍ରୀ ମହୋଦୟରେ ନିର୍ଦ୍ଦିଷ୍ଟ ନୀତି ଅନୁସାରେ ଶ୍ରୀଜୀଉଙ୍କ ପୂଜା ରୀତି ପ୍ରଚଳିତ । ପ୍ରାୟ ସକାଳ ସାଢ଼େ ଛଅଟାରୁ ରାତି ଦଶଟା ମଧ୍ୟରେ ବିଭିନ୍ନ ସେବା ପୂଜା ପାଳିତ ହୋଇଥାଏ । ଆଗେ ବିଭିନ୍ନ ସେବା ପୂଜା ମଧ୍ୟରେ ବିବିଧ ବାଦ୍ୟ ବାଜୁଥିଲା । ପ୍ରାତଃ ଛଅଟାରୁ ରାତି ଦଶଟା ମଧ୍ୟରେ ବିଭିନ୍ନ ସମୟର ସେବା ପୂଜା ବେଳେ ବିବିଧ ବାଦ୍ୟ ବାଜୁଥିଲା । ପ୍ରାତଃ ଛଅଟାରେ 'କଣ୍ଠାଶ୍ରମ' ନାମକ ସ୍ଥାନରେ ଥିବା ବାଦ୍ୟକାର ଗୃହରୁ ପ୍ରାୟ ଅଧଘଣ୍ଟା ବ୍ୟାପୀ ଯୋଡ଼ିନାଗରା ଓ ଯୋଡ଼ି ମହୁରୀର ମଧୁର ଅର୍କେଷ୍ଟ୍ରା ଭାସି ଆସି ସହରବାସୀଙ୍କୁ କର୍ମ ଚଞ୍ଚଳ ଦିନ ପାଇଁ ଜାଗ୍ରତ କରାଉଥିଲା । ଏହିପରି ଶ୍ରୀଜୀଉଙ୍କଠାରେ ବିଭିନ୍ନ ସମୟରେ ହେଉଥିବା ସେବା ପୂଜା କାଳରେ ବିବିଧ ବାଦ୍ୟର ଝଙ୍କାର ପରିବେଶକୁ ସଙ୍ଗୀତମୟ କରି ତୋଳୁଥିଲା । ସକାଳ ପ୍ରାୟ ନଅଟା ବେଳେ ଶ୍ରୀଜୀଉଙ୍କୁ 'ଖେଚୁଡ଼ି ଧୂପ' ଲାଗି କରାଯାଏ । ଏହି ଧୂପ ପାଇଁ ଭଜା ଖେଚୁଡ଼ି, ଦଳା ଖେଚୁଡ଼ି, ନାଦା, ଡିମା, ଘୃତ ଭାତ, ଡାଲି, ଶାକର, ରାମ ରୋଚକ, ଘାଣ୍ଟ ତରକାରୀ, କଦଳୀ ବାଇଗଣ, ବୋଇତାଳୁ ଭଜା, ଦହି ଓ ଘିଅ ଆଦି ଲାଗିଥାଏ । ଏହା ପ୍ରାୟ ସାଢ଼େ ନଅଟାରୁ ଆରମ୍ଭ ହୋଇ ଏଗାରଟା ବେଳେ ଶେଷ ହୋଇଥାଏ । ମଝିରେ ଅଧ ଘଣ୍ଟା ବିଶ୍ରାମ ପରେ 'ଅରୁଆ ଧୂପ' ବା 'ଭରିଆ ଧୂପ' ଲାଗିଥାଏ । ଏଥିରେ ଅରୁଆନ୍ନ, ଘିଅ, ଦହି, ଭଜା, ତରକାରୀ ଓ ଡାଲି ଭୋଗ ହୁଏ । ଏଥିରେ ଦୋପଟି, ନଦା, ଡିମା ଆଦି ମଧ୍ୟ ଭୋଗ ହୋଇଥାଏ । ଅରୁଆ ଭୋଗ ପରେ ଅପରାହ୍ନ ସାଢ଼େ ଛଅଟା ପର୍ଯ୍ୟନ୍ତ ମନ୍ଦିର ବନ୍ଦ ହୁଏ । ମନ୍ଦିର ଖୋଲିବା ବେଳେ ପୁଣି

# ଶ୍ରୀଜଗନ୍ନାଥ ଓ ରଥଯାତ୍ରା

* ଯୋଗାଶ୍ଚର୍ଯ୍ୟ ପଣ୍ଡିତ ରମାକାନ୍ତ କର

ଶ୍ରୀଜଗନ୍ନାଥ ଉତ୍କଳୀୟ ସାହିତ୍ୟ, ସଂସ୍କୃତି, ଜୀବନ, ଦର୍ଶନ, ଭାବ ଓ ଧର୍ମର କେବଳ ପ୍ରାଣ କେନ୍ଦ୍ର ନୁହନ୍ତି, ସର୍ବ ଧର୍ମ ସମନ୍ୱୟର ପ୍ରତୀକ ସେ । ରୁଦ୍ରଯାମଳ ଓ ତନ୍ତ୍ର ଯାମଳରେ କୁହାଯାଇଛି :

"ଦାରୁ ରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦମ୍,
ଭାରତେ ଚୋତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ।"

ଦାରୁରୂପୀ ଜଗନ୍ନାଥ କେବଳ ଓଡ଼ିଶାର ନୁହନ୍ତି, ତାଙ୍କର ଆଦର୍ଶ ଧର୍ମ ଧାରାରେ ପ୍ରଭାବିତ ହୋଇ ସାରା ବିଶ୍ୱରେ କାଳିଆ ଠାକୁର ଚକାନୟନ ନାଥ ଭାବରେ ଆରାଧ୍ୟ ହୋଇ ଜଗତର ନାଥ ଜଗନ୍ନାଥ ନାମକୁ ସାର୍ଥକ କରିପାରିଛନ୍ତି । ଜଗନ୍ନାଥ ସଂସ୍କୃତି ହିଁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସଂସ୍କୃତି ଭାବରେ ସୁବିଦିତ । ଶ୍ରୀଜଗନ୍ନାଥ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦୃଷ୍ଟିଭଙ୍ଗୀରେ ସ୍ୱାଭିଳକ୍ଷିତ ଭାବେ ବିଦ୍ୟମାନ । ତେଣୁ ପ୍ରତ୍ୟେକ ଧର୍ମ ସହିତ ସମ୍ପୃକ୍ତ ହୋଇ ଉଠିଛି ଶ୍ରୀକ୍ଷେତ୍ରରେ ବାର ମାସରେ ତେର ଯାତ୍ରା । ଶ୍ରୀମନ୍ଦିରର ଗର୍ଭଗୃହ ମଧ୍ୟରେ ଶ୍ରୀଜଗନ୍ନାଥଙ୍କର ଅବିକ୍ଷିତ ପ୍ରତିମା ବିଦ୍ୟମାନ ହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭକ୍ତଙ୍କୁ ଦର୍ଶନ ଦେବା ଓ ପତିତମାନଙ୍କୁ ପବିତ୍ର କରିବା ଲକ୍ଷ୍ୟରେ ଶ୍ରୀପତିତପାବନ ନାମ ଧାରଣ କରି ବିଦ୍ୟମାନ ଅଛନ୍ତି । ବହୁ ପତିତ, ବହୁ ଭକ୍ତ, ବହୁ ଭାବଧାରାର ବ୍ୟକ୍ତି ପ୍ରତ୍ୟହ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ ନକରି ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କରିଥାନ୍ତି ।

ଶ୍ରୀକ୍ଷେତ୍ରରେ ପ୍ରଚଳିତ ପାରମ୍ପରିକ ତେର ଯାତ୍ରା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସ୍ୱାତନ୍ତ୍ର୍ୟ ଭିତ୍ତିରେ ରଥଯାତ୍ରା ଅନ୍ୟତମ । ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ରଥଯାତ୍ରାର ବିଶେଷତ୍ୱ ଅପରିହାର୍ଯ୍ୟ । ଏହି ରଥଯାତ୍ରାକୁ ଦକ୍ଷିଣାୟନ ଯାତ୍ରା, ପତିତପାବନ ଯାତ୍ରା, ଘୋଷ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା ଇତ୍ୟାଦି ଭାବରେ ନାମିତ କରାଯାଉଥିଲେ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା ନାମଟି ସାରା ବିଶ୍ୱରେ ସୁବିଦିତ ହୋଇଛି । ଉକ୍ତ ଯାତ୍ରା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଶୁଭ ତିଥିରେ ଶ୍ରୀକ୍ଷେତ୍ରରେ ମହା ସମାରୋହରେ ପାଳିତ ହୋଇଥାଏ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା'ସୁଭଦ୍ରାଙ୍କୁ ନେଇ ରଥ ଓ ବଡ଼ ପ୍ରତିଯୋଗିତା ଭିତ୍ତିରେ ଧାଇଁ ଯାଆନ୍ତି ଶ୍ରୀଲକ୍ଷ୍ମୀଙ୍କଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ । ଏଣୁ ଏହି ଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବୋଲି କୁହାଯାଇଛି । "ରଥ କହେ ମୁଁ ବଡ଼, ପଥ କହେ ମୁଁ ବଡ଼" ନ୍ୟାୟରେ ରଥ ଓ ପଥ ଉଭୟେ ପ୍ରଭୁଙ୍କୁ ବହନ କରୁଥିବାରୁ ନିଜକୁ ଗର୍ବିତ ମନେ କରିବା ସଙ୍ଗେ ସଙ୍ଗେ ଅଗଣିତ ଭକ୍ତ ମଧ୍ୟ ରଥରେ ବିଦ୍ୟମାନ ବାମନ ରୂପୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ପୁନର୍ଜନ୍ମରୁ ବଞ୍ଚିତ ହୋଇଥାନ୍ତି ଯଥା–"ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ" । ଆହୁରି ମଧ୍ୟ ଓଡ଼ିଆ ସାହିତ୍ୟରେ ରଥ ପଥ ଉଭୟର ଗର୍ବ ଭାବ ବର୍ଣ୍ଣନା କରାଯାଇଛି :

"ରଥ ବୋଲେ ବଡ଼ ମୁହିଁ ପଥ ବୋଲେ ମୁହିଁ
ଅଲକ୍ଷ୍ୟେ ହସନ୍ତି ବସି ବ୍ରହ୍ମାଣ୍ଡ ଗୋସାଇଁ ।"

"ଯାତ୍ରାକଦମ୍ବ" ଏକ ପ୍ରାମାଣିକ ଗ୍ରନ୍ଥରେ କବି ବର୍ଣ୍ଣନା କରିଛନ୍ତି :

"ମଦନ ଗୋପାଳ ବିଜେ ପ୍ରଭୁ ପାଖରେ
ବଳଦେବ ପାଶେ ରାମକୃଷ୍ଣ ବିଜେ ସେ
ଧନ୍ୟ ସେ ରଥ, ହରେ ନୟନ ପଥ
ଶୋଭାଭରେ ଦରଶନେ ଜନ ଭୁଲାଏ ।"

ଲକ୍ଷାଧିକ ଭକ୍ତଙ୍କର ସମାବେଶ, ସମବେତ ଜନ ସମୁଦ୍ରର ଭାବୋଚ୍ଛ୍ୱାସ ଓ ତଜ୍ଜନିତ ମେଦିନୀ ଥରା ଜୟ ଧ୍ୱନି, ରଥ ଆଗରେ କୀର୍ତ୍ତନ ଦଳର ଉଦ୍ଦଣ୍ଡ କୀର୍ତ୍ତନ ନୃତ୍ୟ, ସଙ୍ଗୀତ ମୁଖର ବିଶାଳ ଶୋଭାଯାତ୍ରା, ରଥ ସାରଥି ଦୃଶ୍ୟ, ଡାହୁକର ଅଶ୍ଳୀଳ ବୋଲି ଓ ଭାବଭଙ୍ଗୀ, ପଣ୍ଡା ପଢ଼ୀଆରୀ ଇତ୍ୟାଦି ସେବକମାନଙ୍କର ନାରିକେଳ ଆଘାତରୁ ଆତ୍ମରକ୍ଷା ଓ ବୁଦ୍ଧିମୂଳକ କୌଶଳ, ରଥ ଚକ ତଳେ ବିଶ୍ୱାସଭାବାପନ୍ନ ଭକ୍ତମାନଙ୍କର ଆତ୍ମୋତ୍ସର୍ଗ, ଗୋଟିପୁଅମାନଙ୍କର ଭାବବିହ୍ୱଳ ନୃତ୍ୟ ଓ ନାମ ସଂକୀର୍ତ୍ତନ ଇତ୍ୟାଦି ବେଶ୍ ଉପଭୋଗ୍ୟ । ଏହି ଶ୍ରୀଗୁଣ୍ଡିଚା ଯାତ୍ରାର ଅବ୍ୟବହିତ ପୂର୍ବରୁ ଶ୍ରୀମନ୍ଦିର ମଧ୍ୟରେ ସ୍ନାନ ପୂର୍ଣ୍ଣମୀ, ନେତ୍ରୋତ୍ସବ, ନବ ଯୌବନ ଦର୍ଶନାଦି ଉତ୍ସବ ମହା ସମାରୋହରେ ସମାହିତ ହୋଇଥାଏ । ରଥଯାତ୍ରା ଦିନ ପ୍ରାତଃ କାଳରୁ ଜୀଉଙ୍କର ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ରବି ପୂଜା, ଦ୍ୱାରପାଳ ପୂଜା, ଫୁଲ ବେଶ, ସକାଳ ବଲ୍ଲଭ, ସକାଳ ଧୂପ ପରେ ରଥ ପ୍ରତିଷ୍ଠା ହୁଏ । ରଥଯାତ୍ରାର ପୂର୍ବ ଦିନ ଶ୍ରୀମନ୍ଦିରରୁ ଆଜ୍ଞାମାଳ ପାଇ ରଥ ନବକଳେବରରୁ ତିନି ରଥ ଟଣାଯାଇ ଶ୍ରୀମନ୍ଦିରର ସିଂହଦ୍ୱାରଠାରେ ଅବସ୍ଥାନ କରିଥାନ୍ତି । ସିଂହଦ୍ୱାରଠାରେ ତିନି ରଥର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୁଏ । ମଙ୍ଗଳାର୍ପଣ ପରେ ଚାରି ଠାକୁର ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା'ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ସମେତ ପାର୍ଶ୍ୱ ଦେବଦେବୀ ପହଣ୍ଡି ବିଜେ କରନ୍ତି । ଏହି ପହଣ୍ଡି ବିଜେ ସମୟରେ ସମ୍ମିଳିତ ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ବହୁ ଘଣ୍ଟର ...

ଅନ୍ୟ ବୈତରଣୀ ଶ୍ରୀଲକ୍ଷ୍ମୀନାରାୟଣ ଭଞ୍ଜ ବୋଲି ଉଲ୍ଲେଖ କରି ଶିଳାଲେଖ ସ୍ଥାପନ କରିଛନ୍ତି । ତେଣୁ ସେ ବଳଦେବ ଜୀଉଙ୍କୁ କେନ୍ଦୁଝରର ରାଷ୍ଟ୍ର ଦେବତା ବୋଲି ପ୍ରକାଶ କରି ଦୃଢ଼ତାର ସହିତ ରାଜ୍ୟର ଶିବାନୁରକ୍ତିକୁ ପ୍ରତିଫଳିତ କରିଛନ୍ତି । କାରଣ ଉତ୍କଳୀୟ ସଂସ୍କୃତିରେ ବଳଦେବ ବା ବଳରାମଙ୍କୁ ଶିବଙ୍କ ଅବତାର ଭାବେ ଗ୍ରହଣ କରାଯାଇଥାଏ । ତେଣୁ ବଳଦେବଙ୍କୁ ରାଷ୍ଟ୍ର ଦେବତା ବୋଲି ପ୍ରକାଶ କରି ସେ ପ୍ରକାରାନ୍ତରେ ଶିବଙ୍କ ମହତ୍ତ୍ୱ ପ୍ରଖ୍ୟାପିତ କରିଛନ୍ତି ।

ଶୈବ ପୀଠ କେନ୍ଦୁଝରରେ ବଳଦେବଙ୍କ ପ୍ରାଧାନ୍ୟ ବାସ୍ତବରେ କେନ୍ଦୁଝରବାସୀଙ୍କ ଧର୍ମୀୟ ଚେତନାକୁ ମହିମାନ୍ୱିତ କରିଚି । ଶୈବ ଓ ବୈଷ୍ଣବ ଉଭୟ ଧର୍ମର ସୁଷମ ବିକାଶ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ଏ ମାଟିର ଧର୍ମୀୟ ସହିଷ୍ଣୁତା ଓ ଗରିମା ପ୍ରଖ୍ୟାପନ କରି ଆସୁଚି ।

ସହାୟତା :

(୧) ଶ୍ରୀ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ–କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀଶ୍ରୀଶ୍ରୀବଳଦେବ ଜୀଉ (ସ୍ୱର୍ଣ୍ଣ ଜୟନ୍ତୀ ସ୍ମରଣିକା, ଡି. ଏନ୍. ହାଇସ୍କୁଲ, କେନ୍ଦୁଝରଗଡ଼ ।
(୨) ଶ୍ରୀ ନିରଞ୍ଜନ ବାରିକ–କେନ୍ଦୁଝରର ବଳଦେବ ଉପାସନା ଏକ ସଂକ୍ଷିପ୍ତ ଅଧ୍ୟୟନ ।
(୩) ଓଡ଼ିଶାର ଇତିହାସ–ଡଃ ହରେକୃଷ୍ଣ ମହତାବ ।
(୪) କେନ୍ଦୁଝର ଇତିହାସ–ସ୍ୱର୍ଗତ୍ ଖେତ୍ରମୋହନ ମିଶ୍ର ।
(୫) Keonjhar Settlement Report—ସ୍ୱର୍ଗତ୍ ଅଭୟ ଦାସ ।
(୬) Keonjhar Gazettee—କବ୍‌ଡନ୍ ରାମ୍‌ସେ ।

ମଣ୍ଡୁଆ, କେନ୍ଦୁଝରଗଡ଼ ।



ଜଗନ୍ନାଥ ପାଣି ଜୟନ୍ତୀ ଉପଲକ୍ଷେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି ।

# କାଳିଆରେ କାଳିଆ

* ଶ୍ରୀ ବନବିହାରୀ ପଟ୍ଟନାୟକ

କାଳିଆରେ କାଳିଆ, କାଳିଆରେ କାଳିଆ,
ସଙ୍ଗେ ଛନ୍ତି ଭଦ୍ରା ବଳିଆ
କାଳିଆରେ କାଳିଆ । (ଘୋଷା) ।

କୋଟି ବ୍ରହ୍ମାଣ୍ଡର ମଣ୍ଡଳମଣି ତୁ
ବିଶ୍ୱରାଜ ନୀଳାଚଳିଆ
ଇନ୍ଦ୍ର-ଦର୍ପହାରୀ ଗୋଲକ-ବିହାରୀ
ସୁର-ବନ୍ଦିତ ଗୋପାଳିଆ ।
କାଳିଆରେ କାଳିଆ........

ଜଳଧି-ନନ୍ଦିନୀ ଗଳାହାର ତୋର
ଆରେ ମହୋଦଧି-କୂଳିଆ
ନିତ୍ୟ ରାସ ଭୂମି ନୀଳାଚଳେ ବସି
ଦିଶୁଅଛୁ କେତେ ବଢ଼ିଆ ।
କାଳିଆରେ କାଳିଆ........

ଆରେ ନନ୍ଦବଳା ଯଶୋଦାର ତୋଳା
ରାଧା ପ୍ରାଣ ବନମାଳିଆ
ବିଶ୍ୱ-ମନ-ଲୋଭା ତ୍ରିଭୁବନ ଶୋଭା
ଗୋପାଳ ମୟୂର ଚୂଳିଆ ।
କାଳିଆରେ କାଳିଆ........

ଭକ୍ତ-ହୃଦ-ହାରୀ ଶ୍ରୀକ୍ଷେତ୍ର-ବିହାରୀ
ବିଶ୍ୱଜନ-ବନ୍ଦ୍ୟ ପୁରିଆ
ବନ ଦୁଃଖ ହରି କର ତାକୁ ପାରି
ଭିକ୍ଷ ମାଗେ ବନମାଳିଆ ।
କାଳିଆରେ କାଳିଆ........

---

କ୍ୱାର୍ଟର ନଂ-୭/୨, ଟାଇପ୍ ୪ ଆର୍,
ୟୁନିଟ୍-୧, ଭୁବନେଶ୍ୱର-୯
ଜିଲ୍ଲା-ଖୋର୍ଦ୍ଧା-୭୫୧୦୦୯ ।

ଶଙ୍ଖଯୁକ୍ତ ଘଣ୍ଟ ଧ୍ୱନି, ମର୍ଦ୍ଦଳ ବାଦ୍ୟ ଇତ୍ୟାଦି ଅତ୍ୟନ୍ତ ... । ପ୍ରଥମେ ସୁଦର୍ଶନଙ୍କୁ ଟେକିଟେକି ସେବକ ତଥା ... ମାନେ ତିନି ରଥର ଗୁରି ପାଖେ ବୁଲାଇ ବୁଲାଇ ନେଇ ... ଙ୍କ ରଥରେ ସ୍ଥାପନ କରନ୍ତି । ପରେ ପରେ କ୍ରମଶଃ ... ସୁଭଦ୍ରା ଓ ସର୍ବ ଶେଷରେ ଶ୍ରୀଜଗନ୍ନାଥ ହଳିହଳି, ପହଣ୍ଡି ... ବାଇଶି ପାବଚ୍ଛରେ ବିଶ୍ରାମ ନେଇ ନେଇ ବହୁ କଷ୍ଟରେ ... ରଥକୁ ଆରୋହଣ କରନ୍ତି । ସବୁ ଦେବଦେବୀ ରଥ ... ଅବସ୍ଥାନ କରିବା ପରେ ଚିତା ଲାଗି ଓ ଛେରା ପହଁରା ... ହୁଏ । ଗଜପତି ମହାରାଜା ବିମାନରେ ବସି ବହୁ ... ସହକାରେ ଛେରା ପହଁରା କାର୍ଯ୍ୟ କରିଥାନ୍ତି । ପ୍ରଥମେ ... ସୁନା ଖଡ଼ିକା ମୁଠାକୁ ଅଭିମନ୍ତ୍ରିତ କରି ବଳଭଦ୍ରଙ୍କ ରଥରେ ... ବଢ଼ାନ୍ତି । ରଥରେ ଚୂନପାଣି ଛିଞ୍ଚାଯାଏ । ତୁରୀ ... ପରେ ରାଜା ଛେରା ପହଁରା କରି ରଥ ଗୁରିପାଖେ ଉପରେ ... ବୁଲି ଆସିଲେ ଥରେ ଥରେ ତୁରୀ ବାଜେ, ରାଜା ଚନ୍ଦନ ମିଶ୍ରିତ ... ଜଳ ରଥ ଗୁରିପଟେ ପ୍ରଦକ୍ଷିଣ କରିବା ସଙ୍ଗେ ସଙ୍ଗେ ... । ସର୍ବମୋଟ୍ ... ଥର କାହାଳୀ ବାଜେ ଓ ରାଜା ଛଅଥର ... କାର୍ଯ୍ୟ କରନ୍ତି । ଏହିପରି ପରେ ସୁଭଦ୍ରା ଓ ସର୍ବ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥରେ ଛେରା ପହଁରା ସେବା ସମାପନ କରିବା ପରେ ରାଜା ରାଜପ୍ରାସାଦକୁ ଫେରିଯାଇ ପ୍ରାସାଦ ଉପରେ ଶ୍ରୀଜଗନ୍ନାଥଙ୍କ ... ଦର୍ଶନ କରନ୍ତି ।

ଛେରା ପହଁରା କାର୍ଯ୍ୟ ପରେ ସବୁଜ ପୋଷାକ ପରିଧାନ କରିଥିବା ସାରଥୀ ବଳଭଦ୍ରଙ୍କ ରଥରେ, କଳା ବର୍ଣ୍ଣର ପୋଷାକଯୁକ୍ତ ସାରଥୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଓ ହରିଦ୍ରା ବର୍ଣ୍ଣ ପୋଷାକ ପରିଧାନ କରିଥିବା ସାରଥୀ ଶ୍ରୀଜଗନ୍ନାଥଙ୍କ ରଥକୁ ଆରୋହଣ କରନ୍ତି । ପହଣ୍ଡି ପୂର୍ବରୁ ରଥରେ ବନ୍ଧା ଯାଇଥିବା ଗୁରମାଳ ଖୋଲାଯାଏ । ମଠରୁ ଆସିଥିବା ତିନୋଟି ଫୁଲ ଚୂଳ ତିନି ରଥରେ ତିନି ଜୀଉଙ୍କୁ ଲାଗି କରାଯାଏ । ଘୋଡ଼ା କାଠ ବନ୍ଧାଯିବା ପରେ ଗୁରୋଟି କଳା ଘୋଡ଼ା ବଳଭଦ୍ରଙ୍କ ରଥରେ, ଗୁରୋଟି ନାଲି ଘୋଡ଼ା ସୁଭଦ୍ରାଙ୍କ ରଥରେ ଓ ଗୁରୋଟି ଧଳା ଘୋଡ଼ା ଜଗନ୍ନାଥଙ୍କ ରଥରେ ବନ୍ଧାଯିବା ପରେ ପ୍ରତ୍ୟେକ ରଥରେ ଗୁରୋଟି ଲେଖାଏଁ ଦଉଡ଼ି ବନ୍ଧାଯାଏ । ତା'ପରେ ତୁରୀ, କାହାଳି ଓ ସମବେତ ଘଣ୍ଟ ଧ୍ୱନି ଆରମ୍ଭ ହେବା ପରେ ଘୋଡ଼ା ଉପରେ ବିଦ୍ୟମାନ ଥିବା ଚାହୁକର ନିର୍ଦ୍ଦେଶରେ ରଥଟଣା ଆରମ୍ଭ କରାଯାଏ ।

ଏହି ନବଦିନ ବ୍ୟାପି ଗୁଣ୍ଡିଚା ଯାତ୍ରାର ଅନୁକରଣରେ ସାରା ବିଶ୍ୱରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହେଉଅଛି । ବଡ଼ ଦୁଃଖର ବିଷୟ ପଶ୍ଚିମ ଜର୍ମାନୀ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ରଥଯାତ୍ରା ଦିନଟିକୁ ଜାତୀୟ ଛୁଟି ଦିବସ ଭାବରେ ସରକାର ପାଳନ କରୁଥିବା ସ୍ଥଳେ ଭାରତରେ ଏ ପର୍ଯ୍ୟନ୍ତ ସୁଦ୍ଧା ଏହାକୁ ଜାତୀୟ ଛୁଟି ଦିବସ ଭାବରେ ଘୋଷଣା କରାଯାଇ ନାହିଁ । ରଥଯାତ୍ରାର ଐତିହ୍ୟ, ପରମ୍ପରାକୁ ବଜାୟ ରଖି ରଥଯାତ୍ରାର ପବିତ୍ର ଦିବସରେ ଜୀବାତ୍ମା ଓ ପରମାତ୍ମାର ମିଳନରେ ମାନସିକ ଶାନ୍ତି, ପ୍ରଭୁଙ୍କ ଆଶୀର୍ବାଦ ତଥା ଜୀବନର ମୁକ୍ତି ଲାଳସାରେ ପ୍ରତ୍ୟେକ ଜଗନ୍ନାଥ ଭକ୍ତ ରଥ ଦର୍ଶନପୂର୍ବକ ଜୀବନକୁ କୃତାର୍ଥ ମଣିବା ଶ୍ରେୟସ୍କର ।

ଯୋଗ ନିକେତନ, ଓଡ଼ିଶା,
ଗୁଣ୍ଡିଚା ସାହି, ପୋ: ଅ:/ଜିଲ୍ଲା-ପୁରୀ-୭୫୨୦୦୨ ।



ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଅଭିଭାଷଣ ଦେଉଛନ୍ତି । ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଓ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗଙ୍ଗାଧର ପାଇକରାୟ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି (୨୪/୫) ।



କଟକଠାରେ ଉତ୍କଳ ମହିଳା ସମିତିର କର୍ମଜୀବୀ ମହିଳା ଅନ୍ତେବାସୀଙ୍କ
୧୦ମ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ
ଉଦ୍‌ବୋଧନ । ସ୍ୱାସ୍ଥ୍ୟ ମନ୍ତ୍ରୀ ସଇଦ୍ ମୁସ୍ତାଫିଜ୍ ଅହମଦ୍ ଉକ୍ତ ଉତ୍ସବରେ
ଉପସ୍ଥିତ ଥିଲେ ।




ଉଦଳାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଚିନାବାଦାମ ବିହନ
ପ୍ରସେସିଂ ୟୁନିଟ୍ ଖୋଲି ଦେଉଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଶ୍ରମ ପ୍ରଦୂଷଣର
ଉଦ୍ଘାଟନ କରୁଛନ୍ତି (୧/୫) ।



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଦୃଢ଼ୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଓଡ଼ିଶା-ନରୱେଜିଆନ୍
ଉନ୍ନୟନ ନିଗମର ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ।



ପରିବାଳନଠାରେ ଅନୁଷ୍ଠିତ ଏକ ସମାଜର ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକ (ଡା/ପ୍ର)।



ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା–'୯୩ରେ ଓଡ଼ିଶାର ଯୋଗଦାନ
ବିଷୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ
ଆହୁତ ଏକ ବୈଠକରେ ଆଲୋଚନା।



[illegible] ପାକ୍ଷିକୀ ଅନୁସନ୍ଧାନ ର ୯ମ ବାର୍ଷିକ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।



ଡିପ୍ଲୋମା ଇଞ୍ଜିନିୟର ସେବା ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ରକ୍ତ ଦାନ
କ୍ୟାମ୍ପରେ ପୂର୍ବ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି (୯୮/୭) ।

ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ହେଉଥିବା ଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା କହନ୍ତି । 'ଶ୍ରୀ' ଅର୍ଥାତ୍ ଲକ୍ଷ୍ମୀ ଓ 'ଗୁଣ୍ଡିଚା' ଅର୍ଥାତ୍ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ସହଧର୍ମିଣୀ । ଜଗନ୍ନାଥ ପୁରାଣରେ ସ୍ୱୟଂ ପ୍ରଭୁ ଜଗନ୍ନାଥ ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି–

"ଗୁଣ୍ଡିଚା ନାମେ ମୋ ଯାତ୍ରା ପରମପାବନୀ,
ରଥଯାତ୍ରା ନାମେ ଖ୍ୟାତ ହେବ ଯେ ଅବନୀ ।।"

(ଜଗନ୍ନାଥ ପୁରାଣ)

ଇନ୍ଦ୍ରଦ୍ୟୁମ୍ନ ସରୋବର କୂଳରେ ଗୁଣ୍ଡିଚା ଦେବୀଙ୍କ ପ୍ରତିମୂର୍ତ୍ତି ଥିବାରୁ ଓ ରଥଯାତ୍ରା ସମୟରେ ତାଙ୍କୁ ଦର୍ଶନ କରିବାର ବିଧି ପ୍ରଚଳିତ ଥିବାରୁ ଏହି ଯାତ୍ରାର ପ୍ରଧାନ ହେତୁ ଗୁଣ୍ଡିଚା ଦେବୀ ବୋଲି ଉତ୍କଳୀୟମାନେ ବିଶ୍ୱାସ କରନ୍ତି ।

ଏହି ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ମାଘ ଶ୍ରୀପଞ୍ଚମୀଠାରୁ । ସେହି ଦିନଠାରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଏ ଓ ତାହା ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ବୈଶାଖ ମାସ ଅକ୍ଷୟ ତୃତୀୟାଠାରୁ ଶୁଭ ଅନୁକୂଳ ଆରମ୍ଭ ହୋଇ ତିନିଗୋଟି ରଥ ତିଆରି ହୁଏ । ସେ ତିନୋଟି ରଥ ହେଲା–ପ୍ରଥମରେ ବଳଭଦ୍ରଙ୍କ "ତାଳଧ୍ୱଜ" । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି । ଏଥିରେ ୬ ଫୁଟ ପରିଧି ବିଶିଷ୍ଟ ୧୪ଟି ଚକ ଲାଗିଥାଏ । ଏହି ରଥ ଲାଲ ଓ ନୀଳ ରଙ୍ଗରେ ସଜ୍ଜିତ ହୋଇଥାଏ ଓ ସାତ୍ୱକୀ ହେଉଛନ୍ତି ଏହାର ସାରଥୀ । ରକ୍ଷା ଦେବତା ହେଉଛନ୍ତି ରୁଦ୍ର ଓ ନୃସିଂହ । ଦ୍ୱିତୀୟଟି, ସୁଭଦ୍ରା ଦେବୀଙ୍କ "ଦେବ ଦଳନ" । ଏହାର ଉଚ୍ଚତା ୩୧ ହାତ । ଏଥିରେ ପାଞ୍ଚ ଫୁଟ ପରିଧି ବିଶିଷ୍ଟ ୧୨ଟି ଚକ ଲାଗିଥାଏ । ଏହି ରଥ ଲାଲ ଓ କଳା ରଙ୍ଗରେ ସଜ୍ଜିତ ହୋଇଥାଏ ଓ ଅର୍ଜୁନ ହେଉଛନ୍ତି ଏହାର ସାରଥୀ । ତୃତୀୟଟି, ଶ୍ରୀଜଗନ୍ନାଥଙ୍କ "ନନ୍ଦିଘୋଷ" । ଏହାର ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳି । ଏଥିରେ ୭ ଫୁଟ ପରିଧି ବିଶିଷ୍ଟ ୧୬ଟି ବିଶାଳ ଚକ ଲାଗିଥାଏ । ଏହି ରଥ ପୀତ ଓ ରକ୍ତ ବର୍ଣ୍ଣରେ ସଜ୍ଜିତ ହୋଇଥାଏ ଓ ମାତଳୀ ହେଉଛନ୍ତି ଏହାର ସାରଥୀ । ଏହି ସବୁ ରଥ ଶାସ୍ତ୍ରୀୟ ପଦ୍ଧତି ଅନୁସାରେ ନିର୍ମିତ ହୋଇଥାଅନ୍ତି ଓ ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ଅପରିବର୍ତ୍ତିତ ହୋଇ ଆସୁଅଛି ।

ଗୁଣ୍ଡିଚା ଯାତ୍ରାର ଅବ୍ୟବହିତ ପୂର୍ବରୁ 'ଅଣସର ଘରେ' ଶ୍ରୀଜୀଉଙ୍କର ନେତ୍ରୋତ୍ସବ ଅନୁଷ୍ଠିତ ହେବା ପରେ ଦର୍ଶନାର୍ଥୀମାନେ 'ନବ ଯୌବନ ଦର୍ଶନ' କରନ୍ତି । ନବ ଯୌବନ ଦର୍ଶନର କିଛି ସମୟ ପରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ବିଧିବିଧାନ ଆରମ୍ଭ କରାଯାଏ । ଶ୍ରୀଗୁଣ୍ଡିଚା ଦିନ ପ୍ରଭାତରୁ ମଙ୍ଗଳ ଆଳତି, ମଇଲମ, ତଡ଼ପ, ଅବକାଶ, ରବି ପୂଜା, ଦ୍ୱାରପାଳ ପୂଜା, ବେଶ ଓ ସକାଳ ଧୂପ ପରେ ରଥ ପ୍ରତିଷ୍ଠା କରାଯାଏ । ଶ୍ରୀ ଅଙ୍ଗରେ ଖଣ୍ଡୁଆ ପରିଧେୟ, କାହୁଟି, ଛେନାପଟି ଲାଗି କରାଯାଏ । ତା'ପରେ ମଙ୍ଗଳାର୍ପଣ କାର୍ଯ୍ୟ ସମାପନ ପରେ ମହାପ୍ରଭୁଙ୍କର ପହଣ୍ଡି କର୍ମ ଆରମ୍ଭ ହୁଏ ।

ମହାପ୍ରଭୁଙ୍କୁ ଦୁଲେଇ ଦୁଲେଇ ଅଣସର ମଣ୍ଡପରୁ ରଥ ଉପରକୁ ଓ ରଥ ଉପରୁ ସିଂହାସନକୁ ଆଣିବାକୁ 'ପହଣ୍ଡି' କୁହାଯାଏ । ଗବେଷକମାନେ ଏହାକୁ 'ପାଣ୍ଡୁ ବିଜୟ' ବୋଲି ମଧ୍ୟ କହିଥାନ୍ତି । ଏହାର ମୂଳ ଉତ୍ସ ରୂପେ ସଂସ୍କୃତ 'ପାଦହୁଞ୍ଜନ'କୁ ମଧ୍ୟ ଗ୍ରହଣ କରାଯାଏ । ପାଦହୁଞ୍ଜନ ଅର୍ଥ ହେଉଛି ଧୀରେ ଧୀରେ ପଦବିନ୍ୟାସ । ଘଣ୍ଟ, କାହାଳୀ ଓ ତେଲିଙ୍ଗି ବାଇଦର ନିନାଦନ ତଥା ଛତିଆର ଆଲଟ ଚାମରର ପରୁଆର ମଧ୍ୟରେ ମହାପ୍ରଭୁ ରତ୍ନ ସିଂହାସନ ଛାଡ଼ି ରଥ ଅଭିମୁଖେ ଯାତ୍ରା କରନ୍ତି । ଲକ୍ଷ ଲକ୍ଷ ଯାତ୍ରୀ ଏହି ପ୍ରେରଣାମୟ ଦୃଶ୍ୟ ଅବଲୋକନ କରି ଭକ୍ତି ଓ ଆବେଗରେ ଅଭିଭୂତ ହୋଇଯାଆନ୍ତି । ଖୁଣ୍ଟିଆଙ୍କ ମଣିମା ଡାକ ମଧ୍ୟରେ ପ୍ରଥମେ ସୁଦର୍ଶନ, ତା'ପରେ ଯଥାକ୍ରମେ ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥକୁ ବିଜେ କରନ୍ତି । ଠାକୁର ପହଣ୍ଡି ହେବା ସମୟରେ ବାହାର ଲୋକମାନେ ତାଙ୍କୁ ଛୁଇଁଲେ ଛୁଆଁ ଛୁଇଁ ନାହିଁ ।

ଦୟିତା ଶ୍ରେଣୀର ପୂଜକମାନେ ଠାକୁରମାନଙ୍କର ପହଣ୍ଡି ବିଜେ କରାଇବା ସ୍ୱରୂପ ପ୍ରଥମେ ସୁଭଦ୍ରାଙ୍କୁ କୋଳରେ ଧାରଣ କରି ଏବଂ ପରେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରଜ୍ଜୁ ଦ୍ୱାରା ଆକର୍ଷଣ କରି ରଥକୁ ବିଜେ କରାନ୍ତି । ବିଗ୍ରହମାନଙ୍କର ପହଣ୍ଡି ବିଜେ ଜଗମୋହନ ଓ ସାତ ପାହାଚ ଦେଇ ଆନନ୍ଦ ବଜାରର ସିଂହଦ୍ୱାରଠାରେ ପହଞ୍ଚିବା ସମୟରେ ଘଣ୍ଟୁଆମାନଙ୍କର ଘଣ୍ଟ ଓ ସେବକମାନଙ୍କର ଭକ୍ତି ଆବେଦନର ସମନାଦରେ ଜଗମୋହନ ମୁଖରିତ ହୋଇଉଠେ । ସାତ ପାହାଚ ଉପରେ ଠାକୁରମାନଙ୍କୁ ଟାହିଆ ଲାଗି କରାଯାଏ । ସିଂହଦ୍ୱାରଠାରେ ପହଞ୍ଚିବା ପରେ ବିଗ୍ରହମାନଙ୍କର ଦକ୍ଷିଣାମୁଖୀ ବନ୍ଦାପନା କରାଯାଏ । କାରଣ ଏହି ସମୟରେ ବିଗ୍ରହମାନଙ୍କର ମୁଖ ଦକ୍ଷିଣାଭିମୁଖୀ ହୋଇଥିବାରୁ ଏହାର ପ୍ରଶସ୍ତି ପୁରାଣ ଓ କିମ୍ବଦନ୍ତୀମାନଙ୍କର ବହୁ ପ୍ରଶଂସିତ ଥିବାର ଜଣାଯାଏ । ଏଥି ନିମିତ୍ତ ସାରଳା ଦାସଙ୍କର ମହାଭାରତର ନିମ୍ନୋକ୍ତ ପଦ ପ୍ରଣିଧାନଯୋଗ୍ୟ ।

ମିଥୁନ ମାସ ଶୁକ୍ଳପକ୍ଷ ଦ୍ୱିତୀୟାର ତିଥି
ପୁନର୍ବସୁ ନକ୍ଷତ୍ର ସେ ଦିନର ପାହାନ୍ତି । ୭୩ ।
ସେ ଦିନରେ ରଥଯାତ୍ରା କରିବୁଂ ଆମ୍ଭେ ଖେଡ଼ି
ଦକ୍ଷିଣ ମୂରତି ବିଜେ କରିବୁଂ ବଳଗଣ୍ଡି । ୭୪ ।

(ସାରଳା ମହାଭାରତ, ସଭାପର୍ବ, ଦ୍ୱିତୀୟଖଣ୍ଡ, ପୃ: ୩୬୮)

ବନ୍ଦାପନା ପର୍ବ ଲାଗି ହେବା ପରେ ଠାକୁରମାନେ ଆନନ୍ଦ ବଜାର ମଧ୍ୟ ଦେଇ ସିଂହଦ୍ୱାର ବାଟେ ରଥ ଅଭିମୁଖେ ଯାତ୍ରା କରନ୍ତି । ଏହା ପୂର୍ବରୁ ରଥର ମୁଣ୍ଡୀଆମାନେ ରଥ ଉପରକୁ ଚରମାଳ ଭାରମାନ ବାନ୍ଧି ଦେଇଥାନ୍ତି । ଲକ୍ଷ ଲକ୍ଷ ଜନତା ଏହି ପହଣ୍ଡିର ଅପୂର୍ବ ମନୋରମ ଦୃଶ୍ୟ ଦେଖିବା ପାଇଁ ବହୁ କଷ୍ଟ ସ୍ୱୀକାର କରି ସ୍ତବକ ପରି ଗୁନ୍ଥି ରହିଥାନ୍ତି । ଆଗରେ ଛାମୁ ଖୁଣ୍ଟିଆ ମଣିମା ଡାକ ଦେବା ସଙ୍ଗେ ସଙ୍ଗେ ଘଣ୍ଟୁଆମାନଙ୍କର ଘଣ୍ଟ ନାଦ, ମାଦଳିଆଙ୍କ ମର୍ଦ୍ଦଳ ନାଦରେ ଗଗନ ପବନ ମୁଖରିତ ହୋଇଉଠେ । ଏଥି ସଙ୍ଗେ ଭକ୍ତ ନରନାରୀଙ୍କର ହରିବୋଲ ହୁଳହୁଳି ନାଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠେ । କେବଳ ସେତିକି ନୁହେଁ ଅନେକ ଧର୍ମାନୁଷ୍ଠାନମାନଙ୍କରୁ ଆସିଥିବା କୀର୍ତ୍ତନିଆ ଦଳଙ୍କର ଜୟ ଜୟକାର ଧ୍ୱନୀର ସମାବେଶ ଏହି ଉତ୍ସବକୁ ଅତ୍ୟନ୍ତ ମାଧୁରୀ ମଣ୍ଡିତ କରେ । କିଏ ଗୀତ ବୋଲି ନାଚି ନାଚି ଆତ୍ମହରା ହୋଇପଡ଼ନ୍ତି ତ କିଏ ବଡ଼ଦାଣ୍ଡର ପବିତ୍ର ଧୂଳି ଦେହରେ ବୋଳିହୋଇ ଗର୍ବ ଅନୁଭବ କରେ । ମନେହୁଏ ସତେ ଯେପରି ନୀଳାଦ୍ରୀବିହାରୀ ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ଶ୍ରୀଜଗନ୍ନାଥ–ନୀଳକନ୍ଦର ଛାଡ଼ି ପାପୀଠାରୁ ଆରମ୍ଭ କରି ପୁଣ୍ୟାତ୍ମା ପର୍ଯ୍ୟନ୍ତ ଆବାଳ ବୃଦ୍ଧବନିତା, ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତ ଜନତାଙ୍କୁ ଦର୍ଶନ ଦେବା ସଙ୍ଗେ ସଙ୍ଗେ ଆଲିଙ୍ଗନ କରିବା ପାଇଁ ସୁଯୋଗ ଦେଇ ନିଜର ପତିତପାବନ ନାମର ମହତ୍ତ୍ୱ ପ୍ରତିପାଦନ କରୁଛନ୍ତି । ଏହିପରି ଏକ ମନୋରମ ପରିବେଶରେ ଠାକୁରମାନେ ରଥ ଉପରକୁ ବିଜେ କରନ୍ତି ।

# ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ଯାତ୍ରା

* ଶ୍ରୀ ଚିତ୍ତରଞ୍ଜନ ଦାଶ

ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସମାଜ, ସଂସ୍କୃତି ତଥା ଆଧ୍ୟାତ୍ମିକ ଜୀବନର ପ୍ରାଣ କେନ୍ଦ୍ର। ଏହାଙ୍କର ଯାତ୍ରା ଉତ୍ସବ ଅବସରରେ ଓଡ଼ିଶାବାସୀଙ୍କର ଧର୍ମ, ସଂସ୍କୃତି, ଆଚାର, ବିଚାର ପ୍ରଭୃତିର ସ୍ପଷ୍ଟ ପରିଚୟ ମିଳିବା ସଙ୍ଗେ ଓଡ଼ିଆ ଜାତିର ରୀତିନୀତି, ଚରିତ୍ର ଓ ଦର୍ଶନ ପ୍ରକାଶ ପାଏ। କାଳର କରାଳ ଗତିକୁ ଲଙ୍ଘନ କରି ଅନାଦି କାଳରୁ ଶ୍ରୀକ୍ଷେତ୍ର ନୀଳାଚଳରେ ପବିତ୍ରତାର, ପ୍ରତୀକ ସ୍ୱରୂପ ପତିତପାବନ ବାନା ଉଡ୍ଡୀୟମାନ। ଭାରତରେ ଥିବା ପୁଣ୍ୟ କ୍ଷେତ୍ରମାନଙ୍କ ମଧ୍ୟରେ ଚାରୋଟି ଧାମ ଦ୍ୱାରକାନାଥ, ବଦ୍ରୀନାଥ, ରାମନାଥ ଓ ଜଗନ୍ନାଥ ଧାମ ପ୍ରାଧାନ୍ୟ ଲାଭ କରିଛି। ଏହି ଚାରି ଧାମ ମଧ୍ୟରେ ଜଗନ୍ନାଥ ଧାମ ପ୍ରଥମ ଓ ପ୍ରଧାନ। ସେହିପରି କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀକ୍ଷେତ୍ର ଶ୍ରେଷ୍ଠତମ। ଏହି କ୍ଷେତ୍ରର ଅଧିଷ୍ଠିତ ଦେବତା ଶ୍ରୀଜଗନ୍ନାଥ କେବଳ ଉତ୍କଳ ବା ଭାରତର ନାଥ ନୁହନ୍ତି ସେ ସମଗ୍ର ଜଗତର ନାଥ ଜଗନ୍ନାଥ।

ଶ୍ରୀମନ୍ଦିରରେ 'ବାର ମାସରେ ତେର ଯାତ୍ରା' ଅନୁଷ୍ଠିତ ହେଉଥିଲେ ହେଁ 'ରଥଯାତ୍ରା' ହିଁ ଜଗନ୍ନାଥଙ୍କର ଶ୍ରେଷ୍ଠ ଯାତ୍ରା ଭାବରେ ପ୍ରସିଦ୍ଧ। ପୁରୁଷୋତ୍ତମ କ୍ଷେତ୍ରରେ ରଥଯାତ୍ରା ଶ୍ରୀଗୁଣ୍ଡିଚା ଯାତ୍ରା ନାମରେ ଖ୍ୟାତ। ପରମ କଲ୍ୟାଣମୟ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ଯାତ୍ରା ଅନ୍ୟତମ। ଏହି ଯାତ୍ରା ରଥ ଯାତ୍ରା, ଘୋଷ ଯାତ୍ରା, ନବ ଦିନ ଯାତ୍ରା, ଗୁଣ୍ଡିଚା ଯାତ୍ରା, ଘୋଷୋତ୍ସବ ଓ ମହାବେଦୀ ମହୋତ୍ସବ ନାମରେ ବିଭିନ୍ନ ନାମରେ ବିଭିନ୍ନ ପୁରାଣ ସାହିତ୍ୟରେ ଉଲ୍ଲେଖ ଥିବାର ମିଳେ। ଏହି ଯାତ୍ରାର ବିଶିଷ୍ଟ ଦିଗ ହେଉଛି ଏହା ଶ୍ରୀମନ୍ଦିର ଭିତରେ ନହୋଇ ବଡଦାଣ୍ଡରେ ଅନୁଷ୍ଠିତ ହୋଇଥାଏ। ମାନବ ଜାତିକୁ ମୃତ୍ୟୁରୁ ଅମୃତକୁ ଓ ତମସାରୁ ଆଲୋକକୁ ନେଇଯିବା ହିଁ ରଥଯାତ୍ରାର ସ୍ଥାରକୀ।

ଶ୍ରୀଗୁଣ୍ଡିଚା ଯାତ୍ରାର ପ୍ରସଙ୍ଗ ବହୁ ପ୍ରାଚୀନ। ଅନେକ ଗବେଷକ ଏହି ରଥଯାତ୍ରା ଉପରେ ଶହ ଶହ ବର୍ଷ ଧରି ଗବେଷଣା କରି ନିଜ ନିଜର ମତ ବ୍ୟକ୍ତ କରି ଆସୁଛନ୍ତି। ତଥାପି ଏହାର ନିର୍ଦ୍ଦିଷ୍ଟ କାଳ ନିରୂପଣ କରିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଏହି ଯାତ୍ରା କେବେ କେଉଁଠୁ ଆରମ୍ଭ ହେଲା ତା'ର କଳ୍ପନା ନେଇ ଗବେଷକମାନେ ନିଶ୍ଚିତ ନହୋଇଥିଲେ ମଧ୍ୟ ଏହା ଯେ ଶ୍ରୀଜଗନ୍ନାଥଙ୍କର ଏକ ପ୍ରାଚୀନ ଯାତ୍ରା ଉତ୍ସବ, ଏଥିରେ ସନ୍ଦେହ ନାହିଁ।

'ଋକ୍ ବେଦ' ଓ 'ଅଥର୍ବ ବେଦ' ଆଦି ବୈଦିକ ସାହିତ୍ୟରେ 'ରଥ' ଶବ୍ଦର ଉଲ୍ଲେଖ ଦେଖାଗଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରଥ ସହିତ ଏହାର ସମ୍ପର୍କ ଥିବାପରି ମନେ ହୁଏ ନାହିଁ। କିନ୍ତୁ ଏହାର ପରବର୍ତ୍ତୀ ସାହିତ୍ୟ 'ଶତପଥ ବ୍ରାହ୍ମଣ' ଗ୍ରନ୍ଥରେ ରଥର ଉତ୍ପତ୍ତି ସମ୍ବନ୍ଧରେ ସଂକ୍ଷିପ୍ତ ଆଭାସ ମିଳେ। ସେଥିରୁ ଜଣାଯାଏ ଯେ ଇନ୍ଦ୍ର ବୃତ୍ରାସୁରକୁ ବଜ୍ର ଦ୍ୱାରା ଆଘାତ କରିବାରୁ ତାଙ୍କ ବଜ୍ରୀଗରୁ ରଥର ସୃଷ୍ଟି ହୋଇଥିଲା। ପୁରାଣ ଯୁଗରେ 'ବ୍ରହ୍ମ ପୁରାଣ'ରେ ଉଲ୍ଲେଖ ଅଛି ଶ୍ରୀପୁରୁଷୋତ୍ତମଙ୍କର ଗୁଣ୍ଡିଚା ଯାତ୍ରା ହେଉଛି ଶତ ମୁକ୍ତି ଫଳପ୍ରଦା। କିମ୍ବଦନ୍ତୀରେ ପ୍ରଚଳିତ ଅଛି ଯେ, ଇନ୍ଦ୍ରଦ୍ୟୁମ୍ନଙ୍କର ମହାରାଣୀ ଗୁଣ୍ଡିଚା ଦେବୀଙ୍କ ଅନୁରୋଧ କ୍ରମେ ଏ ଯାତ୍ରା ପ୍ରଚଳିତ ହୋଇଥିଲା। କେତେକଙ୍କ ମତରେ ଶ୍ରୀଜଗନ୍ନାଥଙ୍କର ଏହି ରଥଯାତ୍ରା ବୌଦ୍ଧ ଧର୍ମଧାରା ଓ ଅନ୍ୟ କେତେକଙ୍କ ମତରେ ଜୈନ ଭାବଧାରାରୁ ଜନ୍ମ ନେଇଛି। ଗବେଷକ ରାଜେନ୍ଦ୍ର ଲାଲ ମିତ୍ରଙ୍କ ମତରେ ବୁଦ୍ଧଦେବଙ୍କର ଜନ୍ମୋତ୍ସବ ଉପଲକ୍ଷେ ପ୍ରଥମେ ରଥଯାତ୍ରାର ସୃଷ୍ଟି ହୋଇଥିଲା। ସୂର୍ଯ୍ୟ ଉପାସନାର ସଙ୍କେତ ପ୍ରାକ୍ ବୈଦିକ ଯୁଗରୁ ଭାରତରେ ଥିବା ଏବଂ ଖ୍ରୀ:ପୂ: ୨ୟ ଶତାବ୍ଦୀଠାରୁ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେଗୁଡ଼ିଏ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଦେବଙ୍କର ରଥଯାତ୍ରାର ନିଦର୍ଶନ ଦେଖିବାକୁ ମିଳେ। ତେଣୁ ସୂର୍ଯ୍ୟ ଉପାସନା ଓ ସୌର ରଥଯାତ୍ରାର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଉଦ୍ଭବ ହୋଇଥିବା କଥା ଅନୁମାନ କରାଯାଇପାରେ।

ଦ୍ୱାଦଶ ଯାତ୍ରା ମଧ୍ୟରେ ଗୁଣ୍ଡିଚା ଯାତ୍ରାର ଶ୍ରେଷ୍ଠତ୍ୱ ଓ ଜନପ୍ରିୟତା ପୃଥିବୀର ବିଭିନ୍ନ ଦେଶରୁ ଯାତ୍ରୀମାନଙ୍କୁ ଆକୃଷ୍ଟ କରେ। ସେଥି ପାଇଁ ଶ୍ରୀକ୍ଷେତ୍ରରେ ଏହି ଯାତ୍ରା ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ମୁଖରିତ ହୋଇ ଉଠିଥାଏ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ହେଉଛି ରଥଯାତ୍ରା ଦିବସ। ଏ ସମ୍ପର୍କରେ 'ନୀଳାଦ୍ରୀ ମହୋଦୟ'ର ଷଷ୍ଠ ଅଧ୍ୟାୟରେ କୁହାଯାଇଅଛି–

"ଆଷାଢସ୍ୟ ଚ ମାସସ୍ୟ ସିତେ ପକ୍ଷେ ଶୁଭୋଦିନେ।
ପକ୍ଷ୍ୟକ୍ଷେଚ ଦ୍ୱିତୀୟାୟାଂ ତତ୍ର କୁର୍ଯ୍ୟାଦ୍ରଥୋତ୍ସବମ୍ ॥
ରକ୍ଷାଭାବେ ତିଥୌ କାର୍ଯ୍ୟ ସର୍ବଭାବେନ ଭୂପତେ।
ଗୁଣ୍ଡିଚାଖ୍ୟୋତ୍ସବଂ କୁର୍ଯ୍ୟାଦତି ପ୍ରୀତିକର ମମ୍ ॥"

(ନୀଳାଦ୍ରୀ ମହୋଦୟ)

ଏହି ଯାତ୍ରା ଦ୍ୱିତୀୟାଠାରୁ ଦଶମୀ ପର୍ଯ୍ୟନ୍ତ ନଅ ଦିନ ଧରି ହେଉଥିବାରୁ ଏହାକୁ ନବଦିନାତ୍ମିକା ଯାତ୍ରା ବା ଘୋଷଯାତ୍ରା କୁହାଯାଏ। ଏହି ନବଦିନ ଯାତ୍ରା ମଧ୍ୟରୁ ସାତ ଦିନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରା ସୁଦର୍ଶନଙ୍କ ସହିତ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ଅବସ୍ଥାନ କରନ୍ତି। ତେଣୁ କେହି କେହି ଏହି ଯାତ୍ରାକୁ ଆଡପ ଯାତ୍ରା ବୋଲି କହିଥାନ୍ତି। ଲକ୍ଷ୍ମୀଙ୍କ ମନ୍ଦିରରୁ ବା

# ଶ୍ରୀସୁଦର୍ଶନ

* ପଣ୍ଡିତ ସ୍ମରଣ ରାମ ଦାସ

"ଉଗ୍ରଂ ସୌମ୍ୟଂ ପ୍ରଶାନ୍ତଂ ମଣିମୟ ମୁକୁଟଂ
କୋଟି ବାଳାର୍କ କାନ୍ତି ସମଂ
ଯୋଗୀନାଂ ଅନ୍ତ୍ରକ୍ରମାଧୀ ପୁରୁଷବରମହତ୍
ଆଦ୍ୟା ଚଣ୍ଡାଦି ନାଥମ୍
ଭକ୍ତାନାଂ ବଜ୍ରବର୍ମଂ ଅରିକୁଳ ଦଳନେ
ପ୍ରାଣ ସଂହାର ଚଣ୍ଡଂ
ବନ୍ଦେ ଧର୍ମ ନିଦର୍ଶନଂ ହରିମୁଖୋ
ବହ୍ନ୍ୟାସ୍ୟା ଭୀତପ୍ରଦମ୍" ।

ବିଶାଳ ସମୁଦ୍ରର ଯେପରି କ୍ଷୟ ନାହିଁ କି ବୃଦ୍ଧି ନାହିଁ । ଅନନ୍ତ ଆକାଶର ଯେପରି ଆଦି ନାହିଁ କି ଅନ୍ତ ନାହିଁ, ବାୟୁ ପ୍ରବାହର ଯେପରି ଦିଗ୍ ନାହିଁ କି ବିଦିଗ ନାହିଁ, ଶ୍ରୀଶ୍ରୀଜଗନ୍ନାଥଙ୍କ କଥାର ସେପରି ଆରମ୍ଭ ନାହିଁ କି ଶେଷ ନାହିଁ, କି ଉପକ୍ରମ ନାହିଁ କି ଉପସଂହାର ନାହିଁ । ତାହା ଅବ୍ୟକ୍ତ–ଅନିର୍ବଚନୀୟ । ସେ ସର୍ବତନ୍ତ୍ର ସ୍ୱତନ୍ତ୍ର । ସମସ୍ତ ନିୟମ ଓ କ୍ରମକୁ ଅତିକ୍ରମ କରି ସେ ଏକ ବିଚିତ୍ର ବ୍ୟତିକ୍ରମ ।

ଶ୍ରୀଶ୍ରୀଜଗନ୍ନାଥ ସଂସ୍କୃତି ଏକ ବ୍ୟତିକ୍ରମର ସଂସ୍କୃତି – ଏ କଥା ଶାସ୍ତ୍ରରେ ପ୍ରତିପାଦିତ ନ ହେଲେ ମଧ୍ୟ କୁହାଯାଇଥାଏ ଏକ ରହସ୍ୟମୟ ସଂସ୍କୃତି । ଯେପରି ଜଗନ୍ନାଥଙ୍କୁ ମାଳ ପିନ୍ଧାଯାଏ ଗଣ୍ଠି ପଡ଼େ ନାହିଁ, ଆରତିରେ ବନ୍ଦାପନା କରାଯାଏ ଘଣ୍ଟି ଶଙ୍ଖ ବାଜେ ନାହିଁ, ସ୍ନାନ କରାଯାଏ ଗଙ୍ଗାଜଳ ବ୍ୟବହୃତ ହୁଏ ନାହିଁ, ଠିକ୍ ସେମିତି ସୁଦର୍ଶନ – ଯେ କି ପ୍ରଭୁଙ୍କ ଦକ୍ଷିଣ ହସ୍ତରେ ରହିବା କଥା ବାମ ହସ୍ତରେ ରହିଥାଏ । ପୁଣି ଚକ୍ରାକାରରେ ରହିବା କଥା ସ୍ତମ୍ଭାକାରରେ ରହିଥାଏ । ଯଦିବା ସ୍ୱର୍ଗ–ଆୟୁଧ ଭିତରୁ ଗଦା, ପଦ୍ମ, ଶଙ୍ଖ ଅପୂଜା ହେଲେ, ସୁଦର୍ଶନ ଚକ୍ର କାହିଁକି ପୂଜା ପାଇଥାଏ ?

ଏ ସମସ୍ତ ପ୍ରଶ୍ନର ପୁଙ୍ଖାନୁପୁଙ୍ଖ ତଥା ତାତ୍ତ୍ୱିକ ଆଲୋଚନା କରିବାପାଇଁ ଅଧମ ପ୍ରାବନ୍ଧିକ ଉକ୍ତ କ୍ଷୁଦ୍ର ପ୍ରବନ୍ଧରେ ଯତ୍ପରୋନାସ୍ତି ଚେଷ୍ଟା କରିଛି, ତଥାପି ବିଦଗ୍ଧ ପାଠକମଣ୍ଡଳୀ ସୁଚିନ୍ତିତ ଚିତ୍ତରେ ଏହାକୁ ଗ୍ରହଣ କରିବା ନିମନ୍ତେ ନିବେଦନ ।

ପୁରୁଷୋତ୍ତମ ବାଦରେ ଯଦିବା ଶ୍ରୀଜଗନ୍ନାଥ ମୂର୍ତ୍ତି ସର୍ବମାନ୍ୟ ମୂର୍ତ୍ତି, ତଥାପି ଚତୁର୍ଦ୍ଧା ମୂର୍ତ୍ତି ହିସାବରେ ଆମେ ଶ୍ରୀଜଗନ୍ନାଥାଦି ସ୍ୱରି ବିଗ୍ରହଙ୍କୁ ମାନିଥାଉ । ଯଥା–ଶ୍ରୀବଳଭଦ୍ର ଶେଷାବତାର, ଶ୍ରୀଜଗନ୍ନାଥ– ବିଷ୍ଣୁ, ସୁଭଦ୍ରା–ଶକ୍ତି ଓ ସୁଦର୍ଶନ ଆୟୁଧ– ଦେବତା ରୂପରେ ଗୃହୀତ । କେବଳ ଯେ ସୁଦର୍ଶନ ବିଷ୍ଣୁ–ଆୟୁଧ ରୂପରେ ପରିଗୃହୀତ ହୋଇଛନ୍ତି ତାହା ନୁହେଁ, ଏହା ଏକ ଅମୂଲ୍ୟ ତତ୍ତ୍ୱ, ଏକ ଅତୁଳନୀୟ ଆଦର୍ଶ, ତଥା ଏକ ଉଚ୍ଚକୋଟୀର ଦର୍ଶନଶାସ୍ତ୍ର ସମ୍ଭୂତ ଏକ ଅଭିନବ ଘନିଭୂତ–ବିଗ୍ରହ ।

ତେବେ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱରେ କିଏ, କିପରି ବା କେଉଁଭାବରେ ସୁଦର୍ଶନଙ୍କୁ ଗ୍ରହଣ କରିଛନ୍ତି – ଆସନ୍ତୁ ଏହା ଆଲୋଚନା କରିବା ।

## ବେଦ ମତରେ :

କୃପାସିନ୍ଧୁ ବଳରାମଦାସ ଗୁପ୍ତଗୀତା ଗ୍ରନ୍ଥରେ ପ୍ରକାଶ କରିଛନ୍ତି ଯେ ଶ୍ରୀବଳଭଦ୍ର–ସାମବେଦ, ଶ୍ରୀଜଗନ୍ନାଥ–ଯଜୁର୍ବେଦ, ଶ୍ରୀସୁଭଦ୍ରା–ଋକ୍‌ବେଦ, ଓ ସୁଦର୍ଶନ–ଅଥର୍ବବେଦ ଅଟେ। ଯଥା :

"ବଳଭଦ୍ର ଯେ ସାମ ହୋଇ
ଋକ୍ ଯେ ସୁଭଦ୍ରା ବୋଲାଇ
ଯଜୁଃ ବେଦ ଶ୍ରୀ ଜଗନ୍ନାଥ
ଅଥର୍ବ ସୁଦର୍ଶନ–ପାର୍ଥ ।"

(ଗୁପ୍ତଗୀତା)

## ଶରୀର ତତ୍ତ୍ୱରେ :

ପୁନଶ୍ଚ ପ୍ରବାଦ ପୁରୁଷ କବି ବଳରାମ ଦାସ ଗୁପ୍ତ ଗୀତାରେ ଶରୀରଭେଦ ବଖାଣ କରି ଉଲ୍ଲେଖ କଲେ :

ଶ୍ରବଣ ବଳରାମ
ନୟନ ଜଗନ୍ନାଥ
ଅଧର ସୁଭଦ୍ରା
ଓ ନାସିକା ସୁଦର୍ଶନ ।

ଅର୍ଥାତ୍ :–

ଶ୍ରବଣ ପୁଟେ ବଳରାମ
ଶ୍ରୀଜଗନ୍ନାଥ ଯେ ନୟନ
ଅଧର/ସୁଭଦ୍ରା ବହେଣ
ନାସିକା ରୂପୀ ସୁଦର୍ଶନ(ଗୁ:ଗୀ)

## ଅକ୍ଷର ଭେଦରେ :

ଅକ୍ଷର ଭେଦ ଦୃଷ୍ଟିରୁ "ଜଗନ୍ନାଥ"–ଏ ଶବ୍ଦ ଅକ୍ଷର ଚାରି ଦେବତାଙ୍କୁ ସୂଚିତ କରିଥାଏ । ଅର୍ଥାତ୍ :–

ଜକାରଶ୍ଚ ଜଗନ୍ନାଥ ଗକାର ବଳଦେବଙ୍କ
ଭଦ୍ରା ନ କାର ଭାବେନ ଥକାରଶ୍ଚ ସୁଦର୍ଶନଂ ।

ଚତୁର୍ଦ୍ଧା ମୂର୍ତ୍ତି ରଥ ଉପରକୁ ବିଜେ କରିବା ପରେ ଶ୍ରୀମନ୍ଦିରରୁ ମଦନମୋହନ ଓ ରାମକୃଷ୍ଣଙ୍କୁ ହାତରେ ଆଣି ମଦନମୋହନଙ୍କୁ ଶ୍ରୀଜଗନ୍ନାଥଙ୍କ ରଥ ପାଖରେ ଓ ରାମକୃଷ୍ଣଙ୍କୁ ବଳରାମଙ୍କ ରଥ ପାଖରେ ରଖନ୍ତି । ଏଥି ପୂର୍ବରୁ ସୁଦର୍ଶନ ପହଣ୍ଡି ବିଜେ ହୋଇ ସୁଭଦ୍ରାଙ୍କ ରଥରେ ବିଜେ କରିଥାନ୍ତି ।

ଶ୍ରୀମନ୍ଦିରର ପ୍ରଧାନ ସେବକ ହେଉଛନ୍ତି ଗଜପତି ମହାରାଜା । ଶ୍ରୀମନ୍ଦିରର ଛେରାପହଁରା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ରାଜାଙ୍କ ଦାୟିତ୍ୱ । ଏଥି ଛେରାପହଁରା ସାମ୍ୟ ଭାବର ଶ୍ରେଷ୍ଠ ନିଦର୍ଶନ । ଗଜପତି ରାଜା ନିଜ ହାତରେ ସୁବର୍ଣ୍ଣ ପହଁରା ଧରି ପ୍ରଭୁଙ୍କ ରଥର ଯାତ୍ରା ପଥକୁ ପରିଷ୍କାର କରନ୍ତି । ଏହାର ତାତ୍ପର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ । ଜଗନ୍ନାଥଙ୍କ ନିକଟରେ ରାଜା ପ୍ରଜା ସମସ୍ତେ ସମାନ । ରାଜାଙ୍କର ଅନୁପସ୍ଥିତିରେ ମୁଦିରସ୍ତ କେବଳ ଏହି କାର୍ଯ୍ୟ କରିପାରନ୍ତି । ଛେରାପହଁରା କାର୍ଯ୍ୟ ତୁଲାଇବା ପାଇଁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ପାଇ ରାଜା ବୀର ଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ପ୍ରତାପ ଶ୍ରୀଶ୍ରୀଶ୍ରୀଦିବ୍ୟସିଂହ ଦେବ ନିଜର ହାତୀ; ଛତା, ବାଦ୍ୟ, ପଟୁଆର ସହିତ ରାଜଗୁରୁ ଓ ପରିସ୍ତରବର୍ଗଙ୍କ ଗହଣରେ ମହାଡମ୍ବରରେ ତିନି ରଥରେ ଛେରାପହଁରା କାର୍ଯ୍ୟ କରନ୍ତି । ପ୍ରଥମେ ରାଜା ଆସି ଦଣ୍ଡ ପ୍ରଣାମ ହୋଇ ସୁନା ଝାମର ଆଲଟ ପରେ ସିଂହାସନ ତଳକୁ ଓହ୍ଲାଇ ଆସି ସୁନା ଝାଡ଼ିକାରେ ଝାଡ଼ିପଟ ପହଁରନ୍ତି । ଚନ୍ଦନ ପାଣି ଛିଞ୍ଚିବା ଏବଂ ଶୁକ୍ଳ ଫୁଲ ବିଞ୍ଚିବା କାର୍ଯ୍ୟଗୁଡ଼ିକ ସମାପନ ପରେ ଛେରାପହଁରା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥାଏ । ଏହି ଦୃଶ୍ୟ ଅତୀବ ଚିତ୍ତାକର୍ଷକ । ଏହା ମୂଳରେ କେତେ ଯେ ମହନୀୟତା ରହିଛି ତାହା ଏଥିରୁ ଜଣାପଡ଼େ । ଏହାଦ୍ୱାରା ପ୍ରମାଣିତ ହେଉଛି ଯେ ରାଜାଠାରୁ ଆରମ୍ଭ କରି ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଶକ୍ତି ପାଖରେ ସମାନ । ସମସ୍ତେ ହେଉଛନ୍ତି ତାଙ୍କର ସେବାକାରୀ । ପୁରୀର ଗଜପତି ମହାରାଜା ଯେ କି 'ଚଳନ୍ତି ବିଷ୍ଣୁ' ନାମରେ ପରିଚିତ ସେ ହିଁ ଏହାର ଉପଯୁକ୍ତ ନିଦର୍ଶନ ।

ଛେରାପହଁରା କାର୍ଯ୍ୟ ଶେଷ ହେବା ପରେ ରଥ ଉପରକୁ ସାରଥୀଙ୍କୁ ନିଆଯାଏ ଓ ସ୍ୱରମାଳ ଫିଟାଯାଇ ବଳଭଦ୍ରଙ୍କ ରଥରେ ଚାରୋଟି କଳା ଘୋଡ଼ା ତୀବ୍ର, ଘୋର, ଦୀର୍ଘ, ସ୍ୱର୍ଣ୍ଣନାଭା, ସୁଭଦ୍ରାଙ୍କ ରଥରେ ଚାରୋଟି ନେଳି ଘୋଡ଼ା ରୋଚିକା, ମୋଚିକା, ଜିତୀ, ଅପରାଜିତା ଓ ଶ୍ରୀଜଗନ୍ନାଥଙ୍କ ରଥରେ ଚାରୋଟି ଧଳା ଘୋଡ଼ା ଶଙ୍ଖ, ବଳାହକ, ଶ୍ୱେତ, ହରିଦଶ୍ୱା ବନ୍ଧାଯାଇଥାନ୍ତି । ତା'ପରେ ରଶି ବନ୍ଧାଯାଇ ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିରକୁ ଯାତ୍ରା ଆରମ୍ଭ ହୁଏ । ବାଟରେ ବିଭିନ୍ନ ମଠବାଡ଼ି ଆଦିରେ ପନ୍ତି ଭୋଗ ହୁଏ । ରଥ ଗୁଣ୍ଡିଚା ଦାଣ୍ଡରେ ପହଞ୍ଚିବା କ୍ଷଣି ଠାକୁରମାନଙ୍କର ମହାସ୍ନାନ ହୁଏ । ପୂର୍ବପରି ଅନ୍ୟାନ୍ୟ ଦୈନନ୍ଦିନ ନୀତି ପରେ ଗୁଣ୍ଡିଚା ଘରକୁ ଗୋଟି ପହଣ୍ଡିରେ ବିଜେ ହୁଅନ୍ତି ଓ ବିଗ୍ରହମାନଙ୍କୁ 'ପହଣ୍ଡି'ରେ ମନ୍ଦିର ଭିତରକୁ ନିଆଯାଏ ।

ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ଯାଏ ଠାକୁରମାନେ ପ୍ରତ୍ୟହ ମହାସ୍ନାନ ହୋଇ ନବବସ୍ତ୍ର ପରିଧାନ କରନ୍ତି । ରଥଯାତ୍ରାର ପଞ୍ଚମ ଦିବସ ଅର୍ଥାତ୍ ଷଷ୍ଠୀ ତିଥିରେ ହେରାପଞ୍ଚମୀ ଅନୁଷ୍ଠିତ ହୋଇଥାଏ । ସପ୍ତମ ଦିବସରେ ହୁଏ 'ସନ୍ଧ୍ୟା ଦର୍ଶନ' । ଏହି ଦିନ ସହସ୍ର ଭକ୍ତ ଗୁଣ୍ଡିଚା ମନ୍ଦିରରେ ସମବେତ ହୁଅନ୍ତି । ଅଷ୍ଟମ ଦିବସରେ ରଥମାନଙ୍କୁ 'ଦକ୍ଷିଣ ମୋଡ଼' କରାଯାଇ ଶରଧାବାଲିରେ ସୁସଜ୍ଜିତ କରି ରଖାଯାଏ । ନବମୀ ଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦଶମୀ ଦିନ ହୁଏ ଶ୍ରୀଜଗନ୍ନାଥଙ୍କର 'ବାହୁଡ଼ା ଯାତ୍ରା' । ଏହି ଯାତ୍ରା ମଧ୍ୟରେ 'ଲକ୍ଷ୍ମୀ–ନାରାୟଣ' ଭେଟ ମଧ୍ୟ ଅନୁଷ୍ଠିତ ହୁଏ । ଏକାଦଶୀ ଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୁଏ ଓ ଦ୍ୱାଦଶୀ ଦିନ ବିଗ୍ରହମାନଙ୍କୁ ପହଣ୍ଡିରେ ନିଆଯାଇ ରତ୍ନ ସିଂହାସନରେ ସମାସୀନ କରାଯାଏ । ରଥଯାତ୍ରାର ଏହା ହିଁ ମୁଖ୍ୟ ବିଧାନ ହେଲେ ହେଁ କେତେକ ସ୍ଥଳରେ ସାମାଜିକ ଜୀବନର ପ୍ରତିଛବି ଦେଖିବାକୁ ମିଳେ ।

ଶ୍ରୀଜଗନ୍ନାଥଙ୍କର ଉତ୍ସବ ମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ବିଶ୍ୱର ଏକ ମହନୀୟ ତଥା ଆଦର୍ଶ ସ୍ଥାନୀୟ ଯାତ୍ରା । ଏହା ଅବର୍ଣ୍ଣନୀୟ । ଗଙ୍ଗାରେ ସ୍ନାନ, ଗୟାରେ ପିଣ୍ଡ ଦାନ ଓ ନୀଳାଚଳରେ ନୀଳାଦ୍ରୀନାଥଙ୍କୁ ଦର୍ଶନ କଲେ ମନୁଷ୍ୟ ମୁକ୍ତି ଲାଭ କରେ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏଠାରେ ଦର୍ଶନ କଲେ ସ୍ୱର୍ଗ ପ୍ରାପ୍ତି ହୁଏ । ତେଣୁ କୁହାଯାଇଛି– "ଦର୍ଶନାଦ ସଦ୍ୟ ମୁକ୍ତିଦଃ" । କେବଳ ସେତିକି ନୁହେଁ ଶ୍ରୀମନ୍ଦିରରେ ଦଶ ବର୍ଷ ଦର୍ଶନ କଲେ ଯାହା ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନରେ ସେତିକି ଫଳ ଲାଭ ହୁଏ । ଯଥା–

ନୀଳାଦ୍ରୌ ଦଶ ବର୍ଷାଣି, ଗୁଣ୍ଡିଚା ମଣ୍ଡପେ ଦିନେ ।
ଦିବା ତଦ୍ଦର୍ଶନଂ ପୁଣ୍ୟଃ , ରାତ୍ରୌ ଦଶଗୁଣ ଭବେତ୍ ।

ସେଥିପାଇଁ ସାଧାରଣରେ କଥିତ ଅଛି–

"ଦୋଳେ ତ ଦୋଳ ଗୋବିନ୍ଦଂ
ଚାପେସ୍ତୁ ମଧୁସୂଦନମ୍
ରଥେତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ ।"

ସୁତରାଂ ଏହି ଗୁଣ୍ଡିଚା ଯାତ୍ରା ହେଉଛି ପତିତପାବନ ଯାତ୍ରା । ଏହିଭଳି ଏକ ଆଦର୍ଶ ତଥା ମହନୀୟ ପରମ୍ପରା ଅବସରରେ ଠାକୁରମାନେ ଭକ୍ତଗଣଙ୍କର ଆକୁଳ ପ୍ରାର୍ଥନାରେ ଦୟାର୍ଦ୍ର ଚିତ୍ତ ହୋଇ, ପତିତ ଜନଙ୍କୁ ଉଦ୍ଧାର କରିବା ନିମନ୍ତେ ଧୂଳି ଧୂସରିତ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଏହାର ଅନ୍ତରାଳରେ ବିଶ୍ୱ ମୈତ୍ରୀ ଭାବ, ଦାର୍ଶନିକ ଚିନ୍ତାଧାରା ଓ ସାମାଜିକ ଜୀବନର ପ୍ରତିଛବି ପ୍ରବାହିତ । ଏହି ପରମ ପୁରୁଷଙ୍କୁ ରଥ ଉପରେ ଦର୍ଶନ କରି ନିଜର ଦୁର୍ଲଭ ଜୀବନକୁ ସାର୍ଥକ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ପରମ ପବିତ୍ର ନୀଳାଚଳ ଧାମକୁ ଆଗମନ କରନ୍ତି । ଯୁଗ ଯୁଗର ପ୍ରଚଳିତ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ଗୁଣ୍ଡିଚା ଯାତ୍ରା ବିଶ୍ୱ ବକ୍ଷରେ ଜାତି, ଧର୍ମର ବିଭେଦ ସୃଷ୍ଟି ନ କରି, ସତ୍ୟ, ଶାନ୍ତି, ନ୍ୟାୟର ବାଣୀ ପ୍ରସାର କରୁ ଏହା ହିଁ ଆଜିର ପ୍ରାର୍ଥନା ।

ଗବେଷକ, ଓଡ଼ିଆ ବିଭାଗ,
କ୍ୱାର୍ଟର ନମ୍ବର ୨ ଆର୍‌.ବି.(ଫ୍ଲାଟ୍) ୬୭/୧୧,
ୟୁନିଟ୍–୯, ଭୁବନେଶ୍ୱର ।

ମାତ୍ର ଏତିକି ଅନୁମାନ କରିହେଉଛି ଯେ, ଯୂପାକାର ବିଷ୍ଣୁ ଆୟୁଧ ସୁଦର୍ଶନଙ୍କ ଅପେକ୍ଷା ଆହୁରି ଅନେକ ସୁଦର୍ଶନ, ଅନେକ ରୂପରେ ରହିଛନ୍ତି–ରହସ୍ୟାବୃତ ହୋଇ ।

"ଅପରାଜିତାପୃଚ୍ଛା" ୨୧୭ ଅଧ୍ୟାୟରେ କୁହାଗଲା–

ଅର୍ଥାପାଂ ସର୍ବ ମୂର୍ତ୍ତିନାଂ ଶସ୍ତ୍ରଭେଦାଃ କରଣିମାତ୍
ନାପସବ୍ୟେନ କୁର୍ବୀତ ମୂର୍ତ୍ତୀର୍ବିବିଷ୍ଣୁ ରୂପିକାଃ ।

(୨୫ ଶ୍ଳୋକ)

ଉକ୍ତ ଲକ୍ଷଣର ପୂର୍ବ ଓ ପର ସମ୍ପର୍କକୁ ସଂଯୋଗକଲେ ସ୍ପଷ୍ଟ ପ୍ରମାଣ ମିଳିବ ଯେ ସର୍ବମୂର୍ତ୍ତିମୟ ଜଗନ୍ନାଥଙ୍କର ବାମପାର୍ଶ୍ୱରେ ସୁଦର୍ଶନଙ୍କର ସ୍ଥିତି ଶାସ୍ତ୍ର ସମ୍ମତ ଓ ଯୁକ୍ତିଯୁକ୍ତ ।

ଏତଦ୍ ବ୍ୟତୀତ ସୂତ–ସଂହିତୋକ୍ତ ବୈକୁଣ୍ଠ ଚତୁର୍ଦ୍ଦଶୀ ବ୍ରତ କଥା ନାମକ ଅଧ୍ୟାୟରେ ଅନୁଷ୍ଟୁପ୍ ଛନ୍ଦରେ ଚକ୍ରରାଜ ସୁଦର୍ଶନଙ୍କର ସାତ୍ତ୍ୱିକ ସ୍ଥିତି ଓ ଉତ୍ପତ୍ତି ସମ୍ପର୍କରେ ଯେଉଁ ଅଦ୍ଭୁତ ତଥା ଅପୂର୍ବ ବର୍ଣ୍ଣନାମାନ ପଢ଼ିବାକୁ ମିଳେ ତାହାର ମାର୍ମିକ ପ୍ରସଙ୍ଗ ଲେଖକ, ମାନନୀୟ ବିଜ୍ଞ ପାଠକମଣ୍ଡଳୀଙ୍କ ଅବଗତି ନିମନ୍ତେ ଉପସ୍ଥାପିତ କରୁଛି ।

ଏକଦା ଚକ୍ର ସୁଦର୍ଶନଙ୍କ ମନରେ ଅହଂକାର ଜାତ ହେଲା । ଦୁଇଗୋଟି କାରଣ ପାଇଁ ତାଙ୍କର ଅହଂକାର ଦ୍ୱିଗୁଣିତ ହେବାକୁ ଲାଗିଲା । ପ୍ରଥମ କାରଣ ହେଲା– ସେ ଭାବିଲେ, 'ଢୋଲ ଖାଇବ ମାଡ଼ ଆଉ ଢାଡ଼ି ନେବ ପଇସା । ଅର୍ଥାତ୍– କାମ କରିବ ସୁଦର୍ଶନ ନାମ ନେବେ ପ୍ରଭୁ । ଦ୍ୱିତୀୟ କାରଣ ହେଲା କଳି ଯୁଗରେ ପୁରୁଷୋତ୍ତମ ଯେତେବେଳେ ଆବିର୍ଭୂତ ହେଲେ ସେତେବେଳେ ସେ ହସ୍ତପାଦାଦି ଲକ୍ଷଣଦ୍ୱାରା ଲାଞ୍ଛିତ ନ ହୋଇ ଚକ୍ର ଆଦି ଆୟୁଧମାନଙ୍କୁ ତ୍ୟାଗକଲେ । ଯଦ୍ୱାରାକି ଚକ୍ରର ମୋହ ଓ ଗର୍ବ ବଢ଼ିବାକୁ ଆରମ୍ଭ କଲା । କର କମଳଗତ ଚକ୍ରର ଏତାଦୃଶ ଭାବକୁ ଦେଖି ଅନ୍ତର୍ଯ୍ୟାମୀ ଜଗନ୍ନାଥ ପ୍ରିୟଭକ୍ତ ହନୁମାନଙ୍କୁ ଡାକିବା ପାଇଁ ଚକ୍ରଙ୍କୁ ନିର୍ଦ୍ଦେଶ ଦେଲେ । ଚକ୍ର ଡାକିବାକୁ ଗଲେ ସତ କିନ୍ତୁ ମନରେ କ୍ରୋଧ ଦ୍ୱିଗୁଣିତ ହେଲା । ପରିଶେଷରେ ହନୁମାନଙ୍କ ସହିତ ତାଙ୍କର ପ୍ରଭୁଙ୍କର ଦ୍ୱାର ଦେଶରେ ତୀବ୍ର କଳହ ଆରମ୍ଭ ହେଲା । ହନୁମାନ ପ୍ରଭୁଭକ୍ତ । ପ୍ରଥମେ ସୁଦର୍ଶନଙ୍କୁ କ୍ଷମା ଯାଚନା କଲେ । ତଥାପି ଚକ୍ର ନ ଶୁଣି ସଂଘର୍ଷ ଓ ସଂଗ୍ରାମ କରିବା ପାଇଁ ଆଗେଇ ଆସିଲେ । ଶେଷଥର ପାଇଁ ହନୁମାନ ମଧ୍ୟ କହିଲେ–

"ପ୍ରଣମ୍ୟ ଦେବ ବହୁଳଂ ବିଷ୍ଣୁଚକ୍ର ସୁଦର୍ଶନଃ
ନାବରୋଧସ୍ୱ ମେ ନାଥ ଆୟୁଧ ବରତେନମଃ" ।

ମାତ୍ର ଅହଂକାର କମ୍ପିତ ଚକ୍ରରାଜ ଆହୁରି ନବଜ୍ୱାଳା ପ୍ରଦର୍ଶନ କରନ୍ତେ ହନୁମାନ ପ୍ରଣିପାତ ପୂର୍ବକ ବଦ୍ଧାଞ୍ଜଳି ହୋଇ ଚକ୍ର ଚକ୍ରାଙ୍ଗକୁ ହସ୍ତରେ ଧାରଣ କରି ପୁରୁଷୋତ୍ତମଙ୍କ ନିକଟରେ ପ୍ରବେଶ ହେଲେ । କପି ହାତରେ ଗୋଟିଏ ଚକ୍ର ଦେଖି ପୁରୁଷୋତ୍ତମ ଭଗବାନ ପଚାରିଲେ– ହେ କପି – ଶ୍ରେଷ୍ଠ ! ଏକି ଆଶ୍ଚର୍ଯ୍ୟ ! ତୁମ ଚାରିହାତରେ ଗୋଟିଏ ଚକ୍ର ଯେ ! ହନୁମାନ ସବୁକଥା ସେଠୁ କହିଲେ– ହନୁମାନ ଉବାଚ –

ଅହଙ୍କ ସାଧୁନାଂ ପକ୍ଷେ ସଦାବର୍ତ୍ତନୀୟଦରିଃ ତଦ୍ ଯୋଗେନ ମହାଚକ୍ର ଚତୁର୍ଦ୍ଧାଭବ ଲକ୍ଷପେ ବିଶେଷତଃ କଳିଯୁଗେ ଚକ୍ରତେଜ ଭୟଙ୍କରଂ ପ୍ରଣମ୍ୟ ଦେବ ଦେବେଶ ପୁରାଣ ପୁରୁଷୋତ୍ତମ !

ଭଗବାନ କହିଲେ–ବାସ୍ତବିକ୍ ! ମୋର ଭକ୍ତମାନେ କଳି ଯୁଗରେ ତୁମର ପ୍ରଚଣ୍ଡ ତେଜ ଦେଖି ଆଉ ଆସିବେ ନାହିଁ । ତେଣୁ ତୁମେ ଯୂପାକାର ହୋଇଯାଅ ଓ ମୋର ବାମ ପାର୍ଶ୍ୱରେ ଅବସ୍ଥିତ ହୁଅ । ଚକ୍ର କାନ୍ଦି କାନ୍ଦି କହିଲେ ପ୍ରଭୁ ! ମୋର କି ଅପରାଧ । ମୋତେ ଏପରି ଦଣ୍ଡଦେଲେ ! ଭକ୍ତବତ୍ସଳ ଭଗବାନ କହିଲେ, ହେ ସୁଦର୍ଶନ ! ମୁଁ ରହିବି ତଳେ ଓ ତୁମେ ରହିବ ଉପରେ । ନାମ ତୁମର ନୀଳଚକ୍ର ହେବ ଏବଂ ସେ କପିଶ୍ରେଷ୍ଠ ହନୁମାନ ହେବେ କୈବଲ୍ୟ ବୈକୁଣ୍ଠର ରକ୍ଷକ ତପସ୍ୱୀ ହନୁମାନ ।

ମତ୍ସ୍ୟ ପୁରାଣରେ : ମହର୍ଷି ବେଦବ୍ୟାସ ସୁଦର୍ଶନଙ୍କ ଉତ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ– ଏକଦା ସୂର୍ଯ୍ୟନାରାୟଣ ନିଜର ତେଜୋପୁଞ୍ଜକୁ ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ପରମକାରୁଣିକ ଭଗବାନ ବିଷ୍ଣୁ ସୂର୍ଯ୍ୟଙ୍କର ପୂର୍ଣ୍ଣାବୟବ ତେଜୋପୁଞ୍ଜକୁ ତତ୍କ୍ଷଣାତ୍ ତିନି ଭାଗରେ ବିଭକ୍ତ କଲେ । ପ୍ରଥମ ଭାଗର ନାମ ଦେଲେ ସୁଦର୍ଶନ, ଦ୍ୱିତୀୟ ଭାଗର ନାମ ଦେଲେ ତ୍ରିଶୂଳ ଓ ତୃତୀୟ ଭାଗର ନାମ ଦେଲେ ବଜ୍ର (ଇନ୍ଦ୍ରାୟୁଧ) ।

ବାମନ ପୁରାଣ ମତରେ : କୁହାଗଲା ଯେ– ଭଗବାନ ବିଷ୍ଣୁ ଏକଦା ଦେବତାମାନେ ଅସୁରଙ୍କ କବଳରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ପ୍ରାର୍ଥନା କଲେ । ଭଗବାନ ବିଷ୍ଣୁ କହିଲେ ହେ ଦେବଗଣ ! ମୁଁ ଅସୁର ଶକ୍ତିକୁ ବିନାଶ କରିବି । କିନ୍ତୁ ମୋ ହାତରେ ତ ଅସ୍ତ୍ର ନାହିଁ । ମୁଁ ଆସୁରୀ ଶକ୍ତିର ମୁକାବିଲା କରିବି କିପରି ? ତହୁଁ ଦେବତାମାନେ ମିଳିତ ହୋଇ ସ୍ୱ ସ୍ୱ ଶକ୍ତି ପ୍ରଦାନ କରି ଗୋଟିଏ ଅସ୍ତ୍ର ନିର୍ମାଣ କଲେ । ଯାହାର ନାମ ହେଲା ସୁଦର୍ଶନ – ଯାହାଙ୍କର ଆଦିସ୍ୱରୂପ ଶିଖାମୟ, ଉଦ୍ଧ୍ୱରେ ସ୍ତମ୍ଭ ସଦୃଶ, ପ୍ରଜ୍ୱଳିତ ବହ୍ନିଶିଖା ବା ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ଏ ତିନିଙ୍କର ସମାହାର ସେ ସ୍ତମ୍ଭ ଦେବତା ବା ଯୂପ ପୁରୁଷ ।

ଅଥର୍ବବେଦ ଦଶମକାଣ୍ଡ ଚତୁର୍ଥ ଅନୁବାକ୍‌ରେ ସୁଦର୍ଶନଙ୍କ ସ୍ୱରୂପ ସମ୍ପର୍କରେ କୁହାଗଲା ଯେ–

ଦିବଂ ଯଶ୍ଚକ୍ର ମୂର୍ଦ୍ଧାନଂ ତସ୍ମୈ ଜ୍ୟେଷ୍ଠାୟ ବ୍ରହ୍ମଣେନମଃ
ଯସ୍ୟ ସୂର୍ଯ୍ୟାଶ୍ଚକ୍ଷୁଶ୍ଚନ୍ଦ୍ର ମାଶ୍ଚ ପୁନର୍ଣ୍ଣବଃ
ଅଗ୍ନି ଯଶ୍ଚକ୍ର ଆସ୍ୟଂ ତସ୍ମୈ ଜ୍ୟେଷ୍ଠାୟ ବ୍ରହ୍ମଣେନମଃ
ଯସ୍ୟ ବାତଃ ପ୍ରାଣାପନୌ ଚକ୍ଷୁରଙ୍ଗିରସୋଽଭବନ୍
ଦିଶୋ ଯଶ୍ଚକ୍ରେ ପ୍ରଜ୍ଞାନୀ ସ୍ତସ୍ମୈଜ୍ୟେଷ୍ଠାୟ ବ୍ରହ୍ମଣେନମଃ
ସ୍କମ୍ଭୋଦାଧାର ଦ୍ୟାବା ପୃଥିବୀଉଭେ
ଇମେସ୍କମ୍ଭୋଦାଧାରର୍ବନ୍ତରିକ୍ଷମ୍ ସ୍କମ୍ଭୋଦାଧାର
ପ୍ରଦିଶଃଷଡୁର୍ବୀଃ

ସ୍କମ୍ଭ ଇଦଂ ବିଶ୍ୱଂଭୁବନମା ବିବେଶ ।

ଅନ୍ୟଏକ ପୌରାଣିକ ଆଖ୍ୟାନରୁ ଯାହା ୧୯୯୮ ଶ୍ରୀମନ୍ଦିର ପତ୍ରିକାର ୪୫ ପୃଷ୍ଠାରେ ବର୍ଣ୍ଣିତ ହୋଇଛି –

ସୁଦର୍ଶନଙ୍କ ଉତ୍ପତ୍ତି ସମ୍ପର୍କରେ ତାହାକୁ ଅଧମ ଲେଖକ ଏଠାରେ ଉପସ୍ଥାପିତ କରୁଅଛି । ଏକଦା ରାଧାକୃଷ୍ଣଙ୍କର ଅପ୍ରାପ୍ତ ବୟସର ଅପ୍ରାକୃତ ପ୍ରେମଲୀଳା ସମ୍ପର୍କରେ ଜାଣିବା ପାଇଁ ଶ୍ରୀ ପାଟବଂଶୀମାନେ ଅଭିଜ୍ଞା ରୁକ୍ମିଣୀଙ୍କୁ ଦ୍ୱାରକାପୁରରେ ରାଣୀହଂସପୁରରେ ପ୍ରଶ୍ନକରନ୍ତେ, ସତୀ ରୁକ୍ମିଣୀ ଭଗବାନଙ୍କ ଲୀଳାମାଧୁରୀ ଗାନ କଲେ । ମହାଭାବମୟ, ଅପ୍ରାକୃତ ମିଳନ ତତ୍ତ୍ୱକୁ ଶ୍ରବଣ କରି ପାଟବଂଶୀମାନେ ବିଦଗ୍ଧ ଓ ବିମୁଗ୍ଧ ହୋଇପଡୁଥାନ୍ତି । ସୁଭଦ୍ରାଙ୍କୁ ଦୁଆର ମୁହଁରେ ଜଗାଇ ଦେଇଥିଲେ

କ୍ଲୀଂ ଅକ୍ଷର ଜଗନ୍ନାଥ । ଶ୍ରୀ ବଳଦେବ ସମ୍ଭୂତ ନଅଟି ସୁଭଦ୍ରା ମୂର୍ତ୍ତି ଓ ସୁଦର୍ଶନ ଅଟନ୍ତି ।

ଅର୍ଥାତ୍ :—

"ଐଁ" ହେଉଛନ୍ତି ସୁଦର୍ଶନ ।

(ଦିବାକର ଦାସ)

### ବର୍ଣ୍ଣ ଭେଦରେ :

ଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତି ଶୁକ୍ଳ, କୃଷ୍ଣ, ହରିତ ଓ ଲୋହିତ ଏ ଚାରି ବର୍ଣ୍ଣଠାରୁ ମଧ୍ୟ ଅଭିନ୍ନ ।

ଶୁକ୍ଳ–ବଳଭଦ୍ର, ହରିତ–ସୁଭଦ୍ରା କୃଷ୍ଣ–ଜଗନ୍ନାଥ, ଲୋହିତ–ସୁଦର୍ଶନ ।

ଅର୍ଥାତ୍ :—

ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କର ଚତୁର୍ବର୍ଣ୍ଣ ହିଁ ବିଶ୍ୱମାନବ ବର୍ଣ୍ଣ ଯଥା–ଶୁକ୍ଳବର୍ଣ୍ଣ–ଆମେରିକାଦି ଦେଶବାସୀ, କୃଷ୍ଣବର୍ଣ୍ଣ–ଭାରତୀୟ ଓ ଆଫ୍ରିକୀୟ । ହରିଦ୍ରାବର୍ଣ୍ଣ ଚୀନ ଓ ମଙ୍ଗୋଲ ତଥା ଲୋହିତବର୍ଣ୍ଣ–ଲୋହିତ ଭାରତୀୟ (Anglo Indian).

### ମନ୍ତ୍ରରାଜ ଭେଦାଣ ମତରେ :

ଜଗନ୍ନାଥ ଚରିତାମୃତ ଗ୍ରନ୍ଥରେ, ଦିବାକର ଦାସ ଚତୁର୍ଦ୍ଧାମୂର୍ତ୍ତିଙ୍କର ମନ୍ତ୍ରରାଜ ଭେଦାଇ ତା'ର ବିବରଣ ବର୍ଣ୍ଣନା କରିଅଛନ୍ତି । ତାଙ୍କ ମତରେ :—

ଓଁକାର ସୁଦର୍ଶନ ଦେବ
ଶ୍ରୀବୀଜ ବଳଭଦ୍ର ମେବ
ହ୍ରୀଂ ବୀଜ ସୁଭଦ୍ରା ସୁମତି
କ୍ଲୀଂ ବୀଜ ଜଗନ୍ନାଥମୂର୍ତ୍ତି ।

ଏଠି ସୁଦର୍ଶନ ହିଁ 'ଓଁ' କାର ର ପ୍ରତୀକ ।

### ମନ୍ତ୍ରଭେଦରେ :

ପଞ୍ଚସଖା ଯୁଗର ଅନ୍ୟତମ ପଞ୍ଚପୁରୋଧା ସିଦ୍ଧକବି ଯଶୋବନ୍ତ ଦାସ ପ୍ରେମଭକ୍ତି ବ୍ରହ୍ମ ଗୀତାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ହ୍ରୀଂ, କ୍ଲୀଂ ଶ୍ରୀଂ ଓ ଶ୍ରୀଂ ବୋଲି ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ସୁଦର୍ଶନଙ୍କୁ ବ୍ରହ୍ମଜ୍ୟୋତି ସମ୍ପନ୍ନ ଯତିବୋଲି ପ୍ରମାଣ କରିଛନ୍ତି :—

ଯଥା :

ପାଞ୍ଚୁଏ ସୁଦର୍ଶନ ଯତି । ସେ ମହାଶୂନ୍ୟ ବ୍ରହ୍ମ ଜ୍ୟୋତି
ନାହିଁ ଯାହାର ପାଦପାଣି । ଶିର ନାଶିକା କର୍ଣ୍ଣପୁଣି
ଘନନ ମନ ଭିନ୍ନ ନାହିଁ । ସେ ସଦାନନ୍ଦ ରୂପ ଏହି ।

### ମହାମନ୍ତ୍ର ଭେଦରେ :

ପ୍ରିନ୍ତ ଭକ୍ତ ସନ୍ଥକବି ଯଶୋବନ୍ତ ଦାସ ହରେକୃଷ୍ଣ ମନ୍ତ୍ରକୁ ଚତୁର୍ଦ୍ଧାମୂର୍ତ୍ତିରେ ପ୍ରୟୋଗ କରି 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ଉଲ୍ଲେଖ କରିଛନ୍ତି ଯେ–'କ୍ଷ'–ଏହି ଅକ୍ଷର ହିଁ ସୁଦର୍ଶନ ।

ଯଥା :

ହ:–ହ ଅକ୍ଷର ଭଦ୍ରଶାଖା
ରୂପଚନ୍ଦ୍ରପ ଏ ରାଧିକା
ରେ: ରେ ଅକ୍ଷର ବଳଦେବ
ରେବତୀପତି ଅନୁଭାବ ॥
କୃ: କୃଷ୍ଣ ଅକ୍ଷର କୃଷ୍ଣଦେହୀ
ଶ୍ରୀଜଗନ୍ନାଥ ଯାହା କହି ॥
ଷ୍ଣ: ଷ୍ଣଅଯେ ସୁଦର୍ଶନ ପୁଣ
ଯେମନ୍ତେ ଚତୁର୍ଥ ପ୍ରମାଣ ॥

### ବିଭିନ୍ନ ପୁରାଣ ଓ ସୁଦର୍ଶନ :

ମତ୍ସ୍ୟ ପୁରାଣ, ଅଗ୍ନି ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ବାମନ ପୁରାଣ, ନାରଦୀୟ ପଞ୍ଚରାତ୍ର, ଇନ୍ଦ୍ରନୀଳମଣି ପୁରାଣ, ପୁରୁଷୋତ୍ତମ ଚନ୍ଦ୍ରିକା, ନୀଳାଦ୍ରୀ ଅର୍ଚ୍ଚନ ପଦ୍ଧତି, ସୂତ ସଂହିତା, ଗୋପାଳାର୍ଚ୍ଚନ ପଦ୍ଧତି, ଶିଳ୍ପରତ୍ନ କୋଷ, ମାର୍କଣ୍ଡ ପୁରାଣ, ଦେବୀଭାଗବତ, ଶ୍ରୀଜଗନ୍ନାଥ ଚରିତାମୃତ, ପୂଜା କଳ୍ପ ତଥା ହରି ଭକ୍ତି ବିଳାସାଦି ଗ୍ରନ୍ଥ ଇତ୍ୟାଦିମାନଙ୍କରେ ବିଷ୍ଣୁ ଆୟୁଧ ସୁଦର୍ଶନଙ୍କ ବର୍ଣ୍ଣନା ବ୍ୟାପକ ତଥା କିଂଚିତ୍ ବ୍ୟାପକ ଭାବରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ଖୁବ୍ କ୍ୱଚିତ୍ ଶାସ୍ତ୍ର (ପୁରାଣ)ରେ ଆୟୁଧରାଜ ସୁଦର୍ଶନଙ୍କର ସ୍ଥିତି ଦକ୍ଷିଣ ଭୁଜରେ ନ ହୋଇ ବାମ ପାର୍ଶ୍ୱ ମଣ୍ଡନ କରୁଛି କାହିଁକି ?

ଏ ସମ୍ପର୍କରେ ବିଭିନ୍ନ ପୁରାଣରେ ବିଭିନ୍ନ ମତ ପ୍ରତିପାଦିତ ହୋଇଥିଲେ ମଧ୍ୟ ପ୍ରତିମା ଲକ୍ଷଣ ଅନୁସାରେ ମତ୍ସ୍ୟ ପୁରାଣ ୨୬୭ ଅଧ୍ୟାୟରେ ଭଗବାନ କୃଷ୍ଣ ଦ୍ୱୈପାୟନ ବ୍ୟାସ କହନ୍ତି ଯେ :

ଦକ୍ଷିଣେନ ଗଦାପଦ୍ମଂ ବାସୁଦେବସ୍ୟ କାରୟେତ୍
ବାମତଃ ଶଙ୍ଖ ଚକ୍ରେଚ କର୍ତ୍ତବ୍ୟେ ଭୂତିମିଚ୍ଛତା ।

ଏଣୁ ଚକ୍ର ବିଷ୍ଣୁଙ୍କର ବାମଭାଗରେ ପୂଜିତହେବା ଅଶାସ୍ତ୍ରୀୟ ନୁହେଁ । ବିଷ୍ଣୁଧର୍ମୋତ୍ତର ପୁରାଣର ୫୭ ଅଧ୍ୟାୟ ୧୪ ଶ୍ଳୋକରେ ମଧ୍ୟ ଚକ୍ର ଶ୍ରୀ ବିଷ୍ଣୁଙ୍କର ବାମପାର୍ଶ୍ୱ ମଣ୍ଡନ କରିବାର ବିଧି ରହିଥିବାର ଅନୁରୂପ ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ ।

ନାରଦୀୟ ପଞ୍ଚରାତ୍ର ଗ୍ରନ୍ଥରେ ଏକ ସ୍ଥାନରେ ଶ୍ରୀ ବିଷ୍ଣୁଙ୍କର ବାମ ଉର୍ଦ୍ଧ୍ୱକରରେ ଶଙ୍ଖ, ବାମ ନିମ୍ନକରରେ ଚକ୍ରଥିବାର ପ୍ରମାଣ ମିଳୁଥିଲେ ମଧ୍ୟ ଚକ୍ର ସୁଦର୍ଶନ ଯେ ଏକ ରହସ୍ୟମୟ ବିଗ୍ରହ ବା ତାଙ୍କ ଧ୍ୟାନରୁ ତାହାଙ୍କର ବର୍ଣ୍ଣରଙ୍ଗ ଓ ସେ ଅଷ୍ଟଭୁଜ ସମ୍ପନ୍ନ ମୂର୍ତ୍ତିବୋଲି କିଛି କିଛି ପ୍ରମାଣ ମିଳେ । ଯଥା :—

ଶଙ୍ଖ ଚକ୍ରଂ ଚପାଶଂ ପରଶୁମସିମିଷ୍ଟୁଂଶୂଳ ପାଶାଙ୍କୁଶାଗ୍ନି
ବିଭ୍ରାଣଂ ବଜ୍ର ଖେଟଂ ହଳମୁଷଳ ଗଦା କୁନ୍ତ ମତ୍ୟୁଗ୍ର ଦଂଷ୍ଟ୍ରମ୍
ଜ୍ୱାଳାକେଶଂ ତ୍ରିଣେତ୍ରଂ ଜ୍ୱଳଦନଳ ନିଭଂ ହାରକେୟୁର ଭୂଷଂ
ଧ୍ୟାୟେତ୍ ଷଟ୍‌କୋଣସଂସ୍ଥଂ ସକଳ ରିପୁଜନ
ପ୍ରାଣସଂହାରଚକ୍ରଂ ।

ଅନ୍ୟଟି

ଦୀର୍ଘ୍ୟଗ୍ର ଜ୍ୱାଳାଗ୍ନିରୂପଂ ଜ୍ୱଳିତ ଶିଖିଶିଖୋତ୍ତୁଙ୍ଗ କେୟୁର ବାହୁଂ
ପିଙ୍ଗାକ୍ଷଂ ଦୀପ୍ତଜିହ୍ୱାଂ ଦଶଶତ ବିଳସତ୍ ତୀକ୍ଷ୍ଣଧାରାତିରୌଦ୍ରମ୍
ଶାର୍ଙ୍ଗଂ ଚକ୍ରାବ୍ଜ ଶଙ୍ଖାନ୍ ଶରମୁଷଳଧରଂ ସର୍ବଶତ୍ରୂନ୍ ଦହନ୍ତଂ
ଷଟ୍‌କୋଣାଦ୍ୟନ୍ତରସ୍ଥଂ ରବିନିୟୁତନିଭଂ ଚକ୍ରରାଜଂ ପ୍ରପଦ୍ୟେ ।

ତଥାପି ଉପରୋକ୍ତ ସୁଦର୍ଶନ ପ୍ରଭୁଙ୍କର ସୁଗୁପ୍ତ ଧ୍ୟାନ ମନ୍ତ୍ର ସହ ସଂପ୍ରତି ପ୍ରପୂଜିତ ହେଉଥିବା ସୁଦର୍ଶନ ବିଗ୍ରହଙ୍କର ଲକ୍ଷଣ ସହ କିଛିହେଲେ ସାମଞ୍ଜସ୍ୟ ମିଳୁ ନାହିଁ

ସଂଯୁତଂ । ହରେଃ ସୁଦର୍ଶନ ଚକ୍ରଂ ଧାରୟେତ୍‌ତଦ୍ ବିଚକ୍ଷଣଃ ।
ଇତି ମନ୍ତ୍ରେଣ ଶୀତଳେ ଶଙ୍ଖ ଚକ୍ରଂ ବାହୁମୂଳେ ଲଗେତ୍ ।

## ସୁଦର୍ଶନ ବିଜେ :

ଜଗନ୍ନାଥ ବଳଭଦ୍ର, ସୁଭଦ୍ରା ସୁଦର୍ଶନ– ଏ ଚତୁର୍ଦ୍ଧାମୂର୍ତ୍ତିଙ୍କର ବିଜୟପହଣ୍ଡି ଯଦିବା କରାଯାଇଥାଏ, ତଥାପି ସୁଦର୍ଶନଙ୍କର ବିଜୟ ପହଣ୍ଡି ବର୍ଷକରେ ସବୁଠାରୁ ଅଧିକଥର ହୋଇଥାଏ । ଯଥା– ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ବିଜୟ ପହଣ୍ଡି ଛଅଥର ଲେ–ଖାଏଁ ହୁଏ ମାତ୍ର ସୁଦର୍ଶନଙ୍କର ସମୁଦାୟ ନଅଥର ହୁଏ । ଗମ୍ଭା ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଓ ରାଧାଷ୍ଟମୀ । ଏହି ତିନି ତିଥିରେ ତିନିଥର ଓ ରଥଯାତ୍ରାରେ ଛଅଥର । ଏହିପରି ନଅଥର ପହଣ୍ଡି ହୁଏ । ଗମ୍ଭା ପୂର୍ଣ୍ଣିମାରେ ମାର୍କଣ୍ଡେୟଙ୍କ ପାଖରେ । କୁମାର ପୂର୍ଣ୍ଣିମାରେ ଅଶ୍ୱିନୀ ଛତାସମୀପରେ ଓ ରାଧାଷ୍ଟମୀ ଦିନ ଜଗେଶ୍ୱରଙ୍କ ନିକଟରେ ସୁଦର୍ଶନଆୟୁଧ ରାଜିଙ୍କର ଓଁ ସୁଦର୍ଶନାୟ ଅସ୍ତ୍ରାୟ ହୁଁ ଫଟ୍ ମନ୍ତ୍ରରେ ପୂଜା କରାଯାଏ । ଗମ୍ଭାପୂର୍ଣ୍ଣିମାରେ ଗମ୍ଭାବେଦୀ ଉପରେ ତାହାଙ୍କୁ ଦିବ୍ୟତେଜୋମୟ ଦିବ୍ୟଜ୍ୟୋତି ରୂପରେ କଳନା କରାଯାଏ । ରାଧାଷ୍ଟମୀଦିନ ନିକୁଞ୍ଜିଲା ବଟତଳେ ସୁଦର୍ଶନଙ୍କୁ ଜ୍ୟୋତିର୍ମୟ ମହା–ମାୟାରୂପରେ ପ୍ରାର୍ଥନା କରାଯାଏ । ଅଶ୍ୱିନୀ ବେଦୀରେ ତାହାଙ୍କୁ ଜ୍ୟୋତିଷ୍ମସ୍ୱରୂପରେ କଳ୍ପନା କରାଯାଏ । ଏହି ପୂଜା ସମୟରେ କୌଣସିଠାରେ ଅଷ୍ଟଭୂଜାଯକ ସୁଦର୍ଶନ ଉପାସିତ ହୋଇ ନଥାନ୍ତି । ସୁଦର୍ଶନ ବିଜେର ଏକ ବିଶେଷ ବୈଚିତ୍ର ହେଲା ରତ୍ନ ସିଂହାସନରେ ସେ ବିଷ୍ଣୁଙ୍କ ବାମପାର୍ଶ୍ୱରେ ଥାଆନ୍ତି ମାତ୍ର ବିଜେବେଳେ (ରଥଯାତ୍ରା) ତାଙ୍କୁ ଶୂନ୍ୟ ପହଣ୍ଡି କରି ଆଣାଯାଇ ଦେବୀରଥ ବା ଦର୍ପଦଳନ ରଥରେ ଅଧିଷ୍ଠିତ କରାଯାଇ ଥାଏ । ସୁଭଦ୍ରା ଶକ୍ତି ସୁଦର୍ଶନ ମଧ୍ୟ ଶକ୍ତି । ଏ ଯୂପାକୃତି, ସେ ବି ମଧ୍ୟ ଯୂପାକୃତି । ସୁଭଦ୍ରା ମହାମାୟା, ସୁଦର୍ଶନ ମଧ୍ୟ ଜ୍ୟୋତି ସ୍ୱରୂପୀ ମହାମାୟା । ତେଣୁ ଉଭୟଙ୍କ ମଧ୍ୟରେ ଏକ ବିଚିତ୍ର ସାଦୃଶ୍ୟଥିବା ହେତୁ ଉଭୟଙ୍କୁ ଶୂନ୍ୟ ପହଣ୍ଡି କରି ଅଣାଯାଇ ଗୋଟିଏ ରଥରେ ସୁପ୍ରତିଷ୍ଠିତ କରାଯାଇଥାଏ ।

ସୁଦର୍ଶନ ଆଦିଶକ୍ତି ହୋଇଥିବା ହେତୁ ପ୍ରତ୍ୟେକ ପହଣ୍ଡିର ପ୍ରଥମରୁ ବିଦ୍ୟୁତବନ୍ତ ଆୟୁଧରାଜ ଅଗ୍ରେ ବିଜେକଲେ ତା'ପରେ ବଳଭଦ୍ରାଦି ଦେବବିଗ୍ରହମାନେ ବିଜେ କରିଥାନ୍ତି ।

"ସୁଦର୍ଶନଃ ପୁରସ୍ତାତ୍ୟ ବଳଭଦ୍ରଃ ତତଃପରଃ
ସୁଭଦ୍ରାଚ ତତୋନିତ୍ୟା ଜଗଦୀଶସ୍ତୁତୋଶ୍ୱରଃ ।"

ଘୋର ଅନ୍ଧକାର ବୈରୀ ମହାକାଳ ସୁଦର୍ଶନ ଯାତ୍ରାକାଳରେ ଅଗ୍ରେଧାବିତ ହେବାର ପ୍ରଧାନ ଉଦ୍ଦେଶ୍ୟ ହେଲା– ଆପଣାର ତୀବ୍ର ଜ୍ୟୋତି ପ୍ରୟୋଗରେ ସକଳ ଅରାତି ବିଘ୍ନ ନାଶନ କରି ମୁଁ ତାଙ୍କୁହି (ସୁଦର୍ଶନ) ହେପରନାଥା ! ରଥାରୂଢ଼ ହୁଅନ୍ତୁ ।

## ଉତ୍କଳର ବିଭିନ୍ନ ଦେବାଦେବୀଙ୍କସହ ସୁଦର୍ଶନ :

ସୁଦର୍ଶନ ସର୍ବବ୍ୟାପକ । ସେ ତତ୍ତ୍ୱ ଅତ୍ର ତତ୍ର ସର୍ବତ୍ର ବିରାଜିତ । ସୁଦର୍ଶନ ମୂର୍ତ୍ତିସହ ଉତ୍କଳର ଅନେକ ଦେବାଦେବୀ ମୂର୍ତ୍ତି ଅଛନ୍ତି, ଯାହାଙ୍କ ସହ କିଛି ସାମ୍ୟତା ଅଛି । ପର୍ଶୁରାମେଶ୍ୱର ମନ୍ଦିରରେ ଥିବା ବୈଦିକ ଯନ୍ତ୍ରର ଜ୍ୟୋତିଷ୍ଚକ୍ର, ମାର୍କଣ୍ଡେଶ୍ୱର ମନ୍ଦିରର ଦକ୍ଷିଣରେଖିବା ଅଘୋର ଯନ୍ତ୍ରଚକ୍ର, ସମ୍ବଲେଶ୍ୱରୀ, ଛତେଶ୍ୱରୀ, ବାଙ୍କୀର ଜିନାପନ୍ନୀ, ବାଣପୁର ଭଗବତୀ, ଶବରମାନଙ୍କର କାଠଖୁଣ୍ଟ ଦେବତା, ଦଣ୍ଡଯାତ୍ରାର ଦଣ୍ଡ ଦିଅଁ, ବେଲୁପଡାର ଗଣ୍ଡିଚ୍ଛ ଇତ୍ୟାଦି ଦେବା ଦେବୀଙ୍କସହ ସୁଦର୍ଶନଙ୍କର ସାଦୃଶ ରହୁଥିବାହେତୁ ସୁଦର୍ଶନ ଏକ ଦେବତା ବା ଦେବୀ, ଏ ତତ୍ତ୍ୱର ଊର୍ଦ୍ଧ୍ୱରେ । ସେ ସବୁ ସେ ପୁଣି କିଛି ନୁହେଁ । ସେ ଏକ ଦର୍ଶନ ପୁନଶ୍ଚ ସେ ଏକ ଆଦର୍ଶର ସ୍ତମ୍ଭ । ସେ କେବଳ ଚକ୍ର ନୁହେଁ, ସେ ନାରାୟଣ ଅର୍ଥାତ୍– ଚକ୍ର ନାରାୟଣ । ଭକ୍ତ ଓ ଭଗବାନ ପୂଜ୍ୟ ଓ ପୂଜକ, ସେବା ଓ ସେବକ ଏ ତତ୍ତ୍ୱ ଯେଉଁଠି ଏକାଠି ହୋଇଯାଏ ସେହି ପୀଠ ହେଉଛି ଚକ୍ର ନାରାୟଣଙ୍କ ପୀଠ– ଜଗନ୍ନାଥଙ୍କ ପୀଠ ।

ଏହିପରି ଏକ ମୂର୍ତ୍ତି ଚକ୍ର ନାରାୟଣମୂର୍ତ୍ତି ଜଗନ୍ନାଥ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ବିରାଜମାନ । ଯାହାଙ୍କର ଧ୍ୟାନ ନିମ୍ନରେ ପ୍ରଦ ହେଲା–

ନୀଳୋତ୍ପଳଦଳଶ୍ୟାମଂ ରତ୍ନାତ୍ୟଭୂଷଣାନ୍ୱିତଂ ।
ମହାର୍ହ ମୁକୁଟହାର ଗ୍ରୈବେୟ ବର ମଣ୍ଡିତମ୍ ।
ଶଂଖ ଚକ୍ର ଗଦାପଦ୍ମ ଧାରିଣଂ ବିଦ୍ୟୁଦପ୍ରଭଂ ।
ଧନୁର୍ବାଣ ଧରଂଦେବଂ ଦଧାନଂଶକ୍ତି ଖଡ୍‌ଗକମ୍ ।
ମହାତେଜୋ ମୟଂ ଚକ୍ରଂ ନେମିମଧ୍ୟସ୍ଥିତଂ ବିଭୁଂ ।
ସର୍ବପାପହରଂ ସାକ୍ଷାତ୍ ଚକ୍ରନାରାୟଣଂ ଭଜେ ।

ପୁରାଣମାନଙ୍କରେ କୁହାଗଲା– ଶୋଭନଂ ଦର୍ଶନଂ ଯସେତି- ସୁଦର୍ଶନ ଦେଖିବାକୁ ଯିଏ ଅତ୍ୟନ୍ତ ଶୋଭନସୁନ୍ଦର ସେ ହିଁ ବିଷ୍ଣୁ ସୁଦର୍ଶନ, ସେହି ଅଥର୍ବ ବେଦର ସ୍କମ୍ଭପୁରୁଷ ଓ ସେ ହିଁ ଯଜ୍ଞବେଦୀର ଅଗ୍ରପୂଜ୍ୟ ଯୂପନାରାୟଣ । ଯାହାଙ୍କୁ ପ୍ରାର୍ଥନାରେ କୁହାଯାଏ–

ନମସ୍ତେ ନିତ୍ୟବିଳସତ୍ ବୈଷ୍ଣବାସ୍ତ୍ର ନିକେତନମ୍
ଅବାର୍ଯ୍ୟ ବୀର୍ଯ୍ୟ ଯନ୍ତ୍ରୁପଂ ବିଷ୍ଣୋଶ୍ଚକ୍ରଦ୍ ପ୍ରଣମାମ୍ୟହମ୍ ।

ଚରାଚର ବିଶ୍ୱର ଜନ୍ମ ମୃତ୍ୟୁ, ସୁଖ ଦୁଃଖ, ଦିବାରାତି ପାପପୁଣ୍ୟ, ହାନିଲାଭ, ଭଲମନ୍ଦ–ଏ ଚକ୍ର ପରିବର୍ତ୍ତନର ପ୍ର ହେଉଛନ୍ତି ପ୍ରତୀକ । ସେ କାଳଚକ୍ର ପରି ଦ୍ରୁତ ଓ ଦୁର୍ନିବାର ଦଶାଙ୍ଗୁଳି ତର୍ଜନୀପରି ଅଙ୍ଗୁଳି ରୂପ ହେଲେ ମଧ୍ୟ ଅବହେଳାରେ ସେ ଆୟୁଧରାଜ ବହୁଦାନବ ସଂହାର କରିଛି । ଗଜ ଉଦ୍ଧାର କରିଛି । ମଧୁ କୈଟଭ ନିଧନ କରିଛି । ଶିଶୁପାଳକୁ ହତ୍ୟା କରିଛି ଓ ବିଦ୍ୟୁତବନ୍ତ ଆୟୁଧରାଜ ହୋଇ ମତ୍ତମାତଙ୍ଗ ପାଖରେ ଯାଇ ଭୀମକାନ୍ତ ରୂପ ଧାରଣ କରି କୃଷ୍ଣ ପୁତ୍ର ପ୍ରଦ୍ୟୁମ୍ନଙ୍କ ଶିରଚ୍ଛେଦନ କରି ନୀଳଘନ ସମୁଦ୍ରଆଡକୁ ଛଣାକାରରେ ପ୍ରକ୍ଷେପ କରିଥିଲେ । ଫୁଟନ୍ତା ଛତାପରି ଆକାଶରେ ଉଡ଼ିଯାଇ ବୁଡ଼ିଲା ଛତାପରି ସମୁଦ୍ରରେ ପଡ଼ିଗଲେ । ପୃଥିବୀର ଅଦ୍ୱିତୀୟ ପୁରୁ ପୁରୁଷ ପ୍ରଦ୍ୟୁମ୍ନର ହତ୍ୟା ଅପରାଧରେ ସେ ଆଉ ସପ୍ତଦ୍ୱୀପ ହସ୍ତକୁ ନ ଫେରି ବୁଡ଼ିଲାଛତା ରୂପ ଧାରଣକରି ଦାରୁ ବିଗ୍ର ହୋଇଗଲେ । ଦାରୁବ୍ରହ୍ମ ଜଗନ୍ନାଥ ଓ ଦାରୁ ବିଗ୍ରହ ସୁଦର୍ଶନ ଏକାକାର ହେଲେ । ଶ୍ରୀବିଷ୍ଣୁ ଓ ଚକ୍ର ଏକ ଭାବବୋଧରେ ଏକୀଭୂତ ହେଲେ । ଚକ୍ର ବିଷ୍ଣୁମୟ ହେଲା ଓ ବିଷ୍ଣୁ ଚକ୍ରମୟ ହେଲେ ଏହି ମିଳନାତ୍ମକ ଭାବକୁ ଦେଖି ପଞ୍ଚସଖା ଯୁଗୀୟ କବି କବି ଲେଖିଲେ–

ଭାଇ ବୋଲିକରି ଯାହାକୁ ବୋଲି ସେ
ସାକ୍ଷାତ୍ ତୋହର ପ୍ର
ଭଗ୍ନୀବୋଲି ଯାହା ସଙ୍ଗତେ ସେନିକ
ଚିହ୍ନିଲେ ସେ ଅଙ୍ଗ ଦେ

କୃଷ୍ଣରସ ଆସ୍ୱାଦନ କରୁଥାନ୍ତି । ଏ ପଟେ ଭାବ ପ୍ରବଣରେ କୃଷ୍ଣରସ ଆସ୍ୱାଦନ କରୁଥାନ୍ତି । ସେପଟେ ଏକଥା ଶୁଣିଲା ବେଳେ ସେପଟେ ଭଗବାନ ସ୍ୱୟଂ ଦ୍ୱାର ବନ୍ଦ କରି ଜ୍ୟେଷ୍ଠଭ୍ରାତା ବଳଭଦ୍ରଙ୍କ ସହ ଗୃହାଭିମୁଖେ ଯାଣି କରନ୍ତେ ସୁଭଦ୍ରା ଅନ୍ତଃପୁରକୁ ଯିବା ପାଇଁ ମନାକରି ଦେଲେ ଏବଂ କହିଲେ ଭାଉଜମାନଙ୍କ ଆଦେଶ ଛାଡ଼ିବି ନାହିଁ । ବଳରାମ, କୃଷ୍ଣ ସୁଭଦ୍ରା ସହିତ କଳହ ନ କରି ତାଙ୍କର ଡାହାଣ ବାମ ପାର୍ଶ୍ୱରେ ରହି ରାଧାକୃଷ୍ଣଙ୍କର ଅପ୍ରାକୃତ ରସ ଆସ୍ୱାଦନ କରୁ କରୁ କିଂଭୂତ କିମାକାର ରୂପ ଧାରଣ କଲେ । ଜଗନ୍ନାଥ ହସ୍ତପଦ ବିହୀନ ହୋଇ କଳା କାଠ ପଡ଼ିଗଲେ । ବଳଭଦ୍ର ଲୋହିତ ଧବଳ ରୂପ ଧାରଣ କଲେ ଓ ସୁଭଦ୍ରା ହସ୍ତପଦ ସଂକୁଚିତ କରି ଏକ ବିସର୍ଗ ରୂପ ଧାରଣକରି ବସି ପଡ଼ିଲେ । ତାଙ୍କ ପାର୍ଶ୍ୱରେ ଥିବା ଦିବ୍ୟାୟୁଧମାନଙ୍କ ଭିତରେ ସୁଦର୍ଶନ ଚକ୍ର ମଧ୍ୟ ସ୍ତମ୍ଭାକୃତ ରୂପ ଧାରଣ କଲେ । ଏହି ସମୟରେ ନାରଦ ଆସି ପ୍ରଭୁଙ୍କର ଏପରି ଅଦ୍ଭୁତ ରୂପ ଦର୍ଶନ କରି ପ୍ରାର୍ଥନା କଲେ ହେ- ଅଖିଳ ବ୍ରହ୍ମାଣ୍ଡପତି, ଦ୍ୱାପରାନ୍ତେ କଳିଯୁଗେ ଆପଣ କଳିହତ ମାନବମାନଙ୍କୁ ଏହିପରି ଅତ୍ୟନ୍ତ ଗୋପନୀୟ ରୂପରେ ଚତୁର୍ଦ୍ଧା ମୂର୍ତ୍ତିରେ ଦର୍ଶନ ଦେଉଥିବ । ତେଣୁ ସୁଦର୍ଶନଙ୍କ ଉତ୍ପତ୍ତିସ୍ଥିତି ସମ୍ପର୍କରେ ଏହା ମଧ୍ୟ ଏକ ପ୍ରମାଣଯୋଗ୍ୟ ପୌରାଣିକ ତଥ୍ୟ ।

ଦେବୀ ଭାଗବତ ଓ ମାର୍କଣ୍ଡ ପୁରାଣରେ–ଯଥାକ୍ରମେ ବିଷ୍ଣୁଶକ୍ତି ଯୋଗମାୟା, ଧର୍ମମାତାସିକା ଓ ଅର୍ଦ୍ଧମାତ୍ରା ସ୍ୱରୂପନାଦ ବୋଲି ସ୍ତବନ କରାଯାଇଅଛି ।

ପ୍ରସିଦ୍ଧ ପୂଜାକଳ୍ପରେ ସୁଦର୍ଶନଙ୍କୁ ପୁଷ୍ପାଞ୍ଜଳୀ ପ୍ରଦାନ କଲାବେଳେ କୁହାଯାଏ–ଧର୍ମଯୂପ ।

ଯଥା :

> ବ୍ରହ୍ମ ତେଜୋମୟ ଶୁଭ୍ର
>
> ବ୍ରହ୍ମବାଦ ସ୍ୱରୂପିଣେ
>
> ନମୋ ଯୂପାୟ ଧର୍ମାୟ
>
> ନମସ୍ତେ ଜ୍ୟୋତି ରୂପିଣେ ।

ତାନ୍ତ୍ରିକ ସ୍ମାର୍ତ୍ତମାନେ ପଞ୍ଚଦେବତା ଉପାସନାରେ କହନ୍ତି–

> "ଜଗନ୍ନାଥ ସ୍ୱୟଂ ବିଷ୍ଣୁଃ
>
> ବଳଭଦ୍ର ତ୍ରିଲୋଚନଃ
>
> ଭଦ୍ରାଦେବୀ ସଦା ସାକ୍ଷାତ୍
>
> ମାଧବ ଗଣ ଦୈବତଃ
>
> ଚକ୍ର ତେଜୋମୟ ସୂର୍ଯ୍ୟଃ
>
> ପଞ୍ଚଦେବ ସ୍ମରାମ୍ୟହମ୍ ।"

ଅର୍ଥାତ୍– ଜଗନ୍ନାଥ ବିଷ୍ଣୁ, ବଳଭଦ୍ର ଶିବ, ସୁଭଦ୍ରା ଦୁର୍ଗା, ମାଧବ ଗଣେଶ ଓ ଚକ୍ର ସୂର୍ଯ୍ୟ ସ୍ୱରୂପୀ ଦୈବଗଣ ତତ୍ତ୍ୱ ଅଟନ୍ତି । ନୀଳାଦ୍ରୀ ମହୋଦୟ ଗ୍ରନ୍ଥରେ ଗ୍ରନ୍ଥାକାର ମଧ୍ୟ ସୁଦର୍ଶନଙ୍କ ସ୍ୱରୂପ ବର୍ଣ୍ଣନା କରିବାକୁ ନଭୁଲି ଉଲ୍ଲେଖ କରିଛନ୍ତି ଯେ–ସୁଦର୍ଶନ ହିଁ ସର୍ବେନ୍ଦ୍ରିୟ ଗୁଣାଭାସ ସର୍ବେନ୍ଦ୍ରିୟ ବିବର୍ଜିତର ପ୍ରତୀକ ।

ପୁରୁଷୋତ୍ତମ ଚନ୍ଦ୍ରିକାର ଦାରୁମୂର୍ତ୍ତି ତତ୍ତ୍ୱରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ– ସୁଦର୍ଶନ ହେଉଛନ୍ତି ଆଦି ମୂର୍ତ୍ତି ବା ଅଙ୍ଗୁଷ୍ଠମାତ୍ର ପୁରୁଷାନ୍ତରାତ୍ମା । ସେହି ଯୂପାକାର ମୂର୍ତ୍ତି ଚକ୍ରରାଜ ସୁଦର୍ଶନ କେବଳ ନୁହଁନ୍ତି ଗ୍ରହରାଜ ସୁଦର୍ଶନ ଅଟନ୍ତି । ସେହି ଯୂପାକାର ମୂର୍ତ୍ତିର ଅଙ୍ଗ ପରିବର୍ତ୍ତନରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥାଦି ମୂର୍ତ୍ତିଙ୍କର ପ୍ରକାଶ ଘଟିଥାଏ ।

ଶ୍ଳୋକ :

> ସୁଦର୍ଶନ ମାଦିମୂର୍ତ୍ତେ
>
> ସର୍ବେଷାଂ ମୋକ୍ଷଦାୟକ
>
> ସର୍ବରୋଗହରା ! ଶାନ୍ତ !
>
> ଚକ୍ରରାଜାୟ ତେ ନମଃ ।

ସୁଦର୍ଶନ ଓ ଶିବାୟୁଧ ତ୍ରିଶୁଳ "ଜଗନ୍ନାଥଚେତନାର ଉଦ୍ଭବ ଓ ବିକାଶ" ଗ୍ରନ୍ଥର ଗ୍ରନ୍ଥାକାର ଗବେଷକ ଶ୍ରୀଯୁକ୍ତ ବାସୁଦେବ ସାହୁ ସୁଦର୍ଶନତତ୍ତ୍ୱର ପ୍ରସ୍ଥାପନ କରିବାକୁ ଯାଇ ସୂଚନା ଦେଇଛନ୍ତି ଯେ – ସୁଦର୍ଶନ ହିଁ ଲିଙ୍ଗତତ୍ତ୍ୱର ପ୍ରତୀକ । ଲଗୁଡ଼ (ବାଡ଼ି ବା ସ୍ତମ୍ଭ) ଲିଙ୍ଗଙ୍କ ପ୍ରତୀକରୂପରେ ପୂଜା ପାଉଥିବାର ବିଧାନ ଥିବା ଦୃଷ୍ଟିରୁ ବୋଧହୁଏ ସ୍ତମ୍ଭରୂପୀ ସୁଦର୍ଶନ ହେଉଛନ୍ତି ବଳଦେବ ରୂପୀ ଶିବଙ୍କର ଆୟୁଧ ।

## ସୁଦର୍ଶନ ଓ ଯୋଗତତ୍ତ୍ୱ :

ସୁଦର୍ଶନଙ୍କୁ ଯୋଗବାଦୀମାନେ କହନ୍ତି– ଅଙ୍ଗୁଷ୍ଠ ମାତ୍ର ପୁରୁଷାନ୍ତରାତ୍ମା । ସେ ମହା ଜ୍ୟୋତି ସେ ସ୍ତମ୍ଭ ନୁହେଁ । ଏକ ଜ୍ୟୋତି ସ୍ତମ୍ଭ । "ନୀଳାଦ୍ରୀ ଅର୍ଚ୍ଚନ ଚନ୍ଦ୍ରିକା" ମତରେ ସୁଦର୍ଶନଙ୍କୁ ବାହାରକୁ ବିଜେ କରାଇଲା ବେଳେ ଆଜ୍ଞାମାଳ ପ୍ରଦାନକରି ଆଚାର୍ଯ୍ୟଗଣ କହନ୍ତି–

> ନମସ୍ତୁତ ! ମହାଚକ୍ର !
>
> ଜ୍ୟୋତି ଶୁଭ୍ର ! ନମୋସ୍ତୁତେ ।

ବୈଦିକଯୁଗର ଆଦିମ ଚିନ୍ତନର ଦୈଶସାପକ ଦେବତାରୂପରେ ଅଜ୍ଞାନ ତିମିରଧ୍ୱଂସି ଅବ୍ୟର୍ଥ ମହାଜ୍ୟୋତି ରୂପରେ ଅନାହତପୁର କପରେ ଯୋଗୀନ୍ଦ୍ର, ମୁନିନ୍ଦ୍ରମାନେ ଯେଉଁ ପୁରୁଷର କଳ୍ପନାକରନ୍ତି ଧ୍ୟାନ କରନ୍ତି ତାହା ସୁଦର୍ଶନ ଧ୍ୟାନ ସହ ସମ୍ପୂର୍ଣ୍ଣ ମିଳିତ ହୋଇଥିବା ହେତୁ କୁହାଯାଏ– ସୁଦର୍ଶନ ହିଁ ଯୋଗୀନାଂ ଧ୍ୟାନରୂପଂ । ଯଥା

> ଓଁ ସୁଦର୍ଶନ ମହାଜ୍ୱାଳ ! କୋଟି ସୂର୍ଯ୍ୟ ସମପ୍ରଭ ।
>
> ଅଜ୍ଞାନତିମିରାନ୍ଧସ୍ୟାଜ୍ଞାନିନାଂ ମୋକ୍ଷ ଦାୟକ ॥
>
> ଆଗଚ୍ଛନ୍ତୁ ମହାଚକ୍ର ଦିବ୍ୟଜ୍ୟୋତିଃ ସ୍ୱରୂପିଣେ ।
>
> ଅନାହତ ପୁରୁଷ୍ଣେଷେ ବିଶନ୍ତୁ ଅଙ୍ଗପ୍ରଦେଶମ୍ ॥

## ଅସ୍ତ୍ରରୂପୀ ସୁଦର୍ଶନ :

ଗୋପାଳାର୍ଚ୍ଚନପଦ୍ଧତି ଦ୍ୱାଦଶଯାତ୍ରା ପଦ୍ଧତି ତଥା ପୁରୁଷୋତ୍ତମ ଚନ୍ଦ୍ରିକା ଆଦି ଗ୍ରନ୍ଥମାନଙ୍କରେ ସୁଦର୍ଶନଙ୍କୁ ଏକ ଅସ୍ତ୍ରରୂପେ ସ୍ୱୀକାର କରା ଯାଇଛି । ବେଳେ ବେଳେ ଦିବ୍ୟ ଅସ୍ତ୍ର କୁହାଯାଇଛି ଓ ବେଳେବେଳେ ମହା ଅସ୍ତ୍ର କୁହାଯାଇଛି । ସେଇଥିପାଇଁ ପୂଜାବେଳେ ପୂଜାପଣ୍ଡା ସାମନ୍ତ ବର୍ଗ ସନ୍ତୋଷ୍ମରଣ କରନ୍ତି ଯେ–

> ଓଁ ସୁଦର୍ଶନାୟ ଅସ୍ତ୍ରାୟ ହୁଁ ଫଟ୍ ।

ପୁନଶ୍ଚ ପୂଜାକଳ୍ପରେ ପୂଜାପଣ୍ଡା ସାମନ୍ତମାନେ ସୁଦର୍ଶନ ଅର୍ଚ୍ଚନ କଲାବେଳେ ସୁଦର୍ଶନଙ୍କୁ ଯେଉଁ ମନ୍ତ୍ରରେ ଆହ୍ୱାନ କରନ୍ତି, ତାହା ନିମ୍ନରେ ପ୍ରଦତ୍ତ ହେଲା–

ଓଁ ସୁଦର୍ଶନାୟ ମହାସ୍ତ୍ରାୟ ସ୍ତମ୍ଭରୂପାୟ ଯୂପ ରୂପାୟନେ ! ଇହତିଷ୍ଠ ! ତତଃ ଦ୍ୱାଦଶାର ଷଟ୍ କୋଣଂ ବଳୟସ୍ତସ୍ୟ

# ଶ୍ରୀମଦ୍ ଭାଗବତରେ ଅବତାର ପ୍ରସଙ୍ଗ

* ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ମିଶ୍ର

ଶ୍ରୀମଦ୍‌ଭାଗବତ ଏକ ମହାପୁରାଣ । ମହାପୁରାଣର ଦଶ ଲକ୍ଷଣ ଭିତରୁ 'ଈଶାନୁ କଥା' ଅନ୍ୟତମ । ଏହି ଈଶାନୁ କଥା ବୁଝାଇ ଥାଏ ଭକ୍ତ ଓ ଭଗବାନଙ୍କର ଆଖ୍ୟାନଯୁକ୍ତ ଚରିତାବଳୀକୁ । ଭକ୍ତ ପାଇଁ ଭଗବାନ ଅନେକ ରୂପ ଧାରଣ କରି ମର୍ତ୍ତ୍ୟରେ ଅବତାର ଭାବେ ଜନ୍ମ ଗ୍ରହଣ କରିଥାନ୍ତି । ଅବତାର ମଧ୍ୟ ଅନେକ ପ୍ରକାର, ଯଥା–ପୂର୍ଣ୍ଣାବତାର, ଅଂଶାବତାର, ଅଂଶାଂଶ ଅବତାର, କଳାବତାର ଇତ୍ୟାଦି । କୃଷ୍ଣ କଥା ବର୍ଣ୍ଣନା ଭାଗବତର ମୁଖ୍ୟ ପ୍ରସଙ୍ଗ ହେଲେ ହେଁ 'ଈଶାନୁ କଥା' କ୍ରମରେ ଏଥିରେ ଭଗବାନ ବିଷ୍ଣୁଙ୍କ ବିବିଧ ଅବତାର ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ବିଷ୍ଣୁଙ୍କର ମୁଖ୍ୟତଃ ଦଶାବତାର ଓ ଗୌଣତଃ ଚଉଦ ଅବତାର ଏହିପରି ଚବିଶ ଅବତାର କଥା ଭାଗବତରେ ବର୍ଣ୍ଣିତ ହୋଇଛି । ନିମ୍ନରେ ଏହି ଚବିଶ ଅବତାର ବିଷୟରେ ସଂକ୍ଷିପ୍ତ ରୂପରେ ଆଲୋଚନା କରାଗଲା ।

## ସନତ୍ କୁମାରବୃନ୍ଦ :

ଭଗବାନ ବିଷ୍ଣୁ ବ୍ରହ୍ମାଙ୍କର ପୁତ୍ର ରୂପରେ ସନକ, ସନନ୍ଦନ, ସନାତନ ଓ ସନତ୍ କୁମାର ନାମରେ ଚାରିଜଣ ନିବୃତ୍ତି ପରାୟଣ ମୁନି ରୂପରେ ଜନ୍ମ ଗ୍ରହଣ କରିଥିଲେ । ସେମାନେ ଥିଲେ ଆଜନ୍ମ ମୋକ୍ଷମାର୍ଗ ପରାୟଣ, ଧ୍ୟାନରେ ତଲ୍ଲୀନ, ନିତ୍ୟସିଦ୍ଧ ଓ ନିତ୍ୟ ବୈରାଗୀ । ଏହି ଋଷିଗଣ 'ହରି ସ୍ମରଣ' ମନ୍ତ୍ର ପ୍ରଭାବରେ ସର୍ବଦା ପଞ୍ଚ ବର୍ଷୀୟ ବାଳକ ରୂପରେ ରହିଥାଆନ୍ତି । ମହାରାଜା ପୃଥୁଙ୍କୁ ଏହି ଋଷିଗଣ ଉପଦେଶ ଦେଇଥିଲେ, "ଧନ ଓ ଇନ୍ଦ୍ରିୟମାନଙ୍କର ଚିନ୍ତନରେ ମନୁଷ୍ୟର ସମସ୍ତ ପୁରୁଷାର୍ଥ ନଷ୍ଟ ହୋଇଥାଏ । ସେ ଜ୍ଞାନ ଓ ବିଜ୍ଞାନରୁ ଭ୍ରଷ୍ଟ ହୋଇ ବୃକ୍ଷାଦି ସ୍ଥାବର ଯୋନି ପ୍ରାପ୍ତ ହୋଇଥାଏ । ଏହି ଅଜ୍ଞାନ ଅନ୍ଧକାରରୁ ମୁକ୍ତି ପାଇବା ପାଇଁ ମନୁଷ୍ୟ ଆସକ୍ତିକୁ ପରିତ୍ୟାଗ କରିବା ଉଚିତ । ଈଶ୍ୱରଙ୍କର ପାଦ ପଦ୍ମକୁ ଆଶ୍ରୟ କଲେ ମନୁଷ୍ୟ ଅଚିରେ ସଂସାର–ସାଗରରୁ ପାର ହୋଇଥାଏ ।"

## ଭଗବାନ୍ ବରାହ :

ଅଗାଧ ଜଳରେ ଜଳମଗ୍ନ ଥିବା ପୃଥିବୀକୁ ଉଦ୍ଧାର କରିବା ପାଇଁ ଭଗବାନଙ୍କ ବରାହ ଅବତାର ସୃଷ୍ଟି ହୋଇଥିଲା । ବ୍ରହ୍ମାଙ୍କର ନାସିକାରୁ ଏକ ଅଙ୍ଗୁଳି ବିଶିଷ୍ଟ ଶ୍ୱେତ ବରାହ ରୂପେ ପ୍ରଥମେ ଆବିର୍ଭୂତ ହୋଇ ପରେ ପର୍ବତାକାର ଧାରଣ କରିଥିଲେ । ଏହି ଅଦ୍ଭୁତ ଓ ଦିବ୍ୟ ରୂପରେ ଭଗବାନ ପୃଥିବୀକୁ ପ୍ରଳୟ ଜଳରୁ ଉଦ୍ଧାର କରିଥିଲେ । ଏହି ରୂପରେ ଗଦା ଧାରଣ କରି ସେ ହିରଣାକ୍ଷ୍ୟ ସହିତ ଭୟଙ୍କର ଯୁଦ୍ଧରେ ପ୍ରବୃତ୍ତ ହୋଇ ତାହାକୁ ବଧ କରିଥିଲେ ।

## ଦେବର୍ଷି ନାରଦ :

ମଙ୍ଗଳ ମୂର୍ତ୍ତି ଦେବର୍ଷି ନାରଦ ଭଗବାନଙ୍କ ମନର ଅବତାର । ସର୍ବଜ୍ଞ ଓ ସର୍ବଦର୍ଶୀ ନାରଦଙ୍କ ଦ୍ୱାରା ଭଗବାନଙ୍କ ଇଚ୍ଛା କାର୍ଯ୍ୟରେ ବହୁ ସମୟରେ ପରିଣତ ହୋଇଥାଏ । ନାରଦଙ୍କର ପଞ୍ଚରାତ୍ର ଆଗମ ବା ସାତ୍ୱତ ତନ୍ତ୍ର ଭାଗବତ–ମାର୍ଗର ଶ୍ରେଷ୍ଠ ଗ୍ରନ୍ଥ । ନାରଦ ଯୋଗ, ବେଦାନ୍ତ, ଜ୍ୟୋତିଷ, ଆୟୁର୍ବେଦ ଓ ସଙ୍ଗୀତ ପ୍ରଭୃତି ବିବିଧ ଶାସ୍ତ୍ରର ଆଚାର୍ଯ୍ୟ । ନାରଦ ଭଗବାନଙ୍କ ଗୁଣ ଗାନ କରି ତ୍ରିଲୋକ ଭ୍ରମଣ କରନ୍ତି ଓ ମୁକ୍ତିକାମୀ ପ୍ରାଣୀଙ୍କ ପରମ ହିତକାରୀ । ଧ୍ରୁବଙ୍କ ବନ ଗମନ ସମୟରେ ନାରଦ ତାହାଙ୍କୁ ଭଗବଦ୍ ପ୍ରାପ୍ତିର ଉପାୟ ନିର୍ଦ୍ଦେଶ କରିଥିଲେ । ମାତୃ ଗର୍ଭରେ ଥିବାବେଳେ ପ୍ରହ୍ଲାଦଙ୍କୁ ଜ୍ଞାନ ଓ ଭକ୍ତିର ଉପଦେଶ ପ୍ରଦାନ କରି ତାହାଙ୍କୁ ଶ୍ରେଷ୍ଠ ଭକ୍ତ ରୂପେ ଗଢ଼ି ତୋଳିଥିଲେ । ସେ ବ୍ୟାସଦେବଙ୍କୁ ଭାଗବତ ରଚନା କରିବାକୁ ଓ ବାଲ୍ମୀକିଙ୍କୁ ରାମାୟଣ ରଚନା କରିବାକୁ ପ୍ରେରଣା ଦେଇଥିଲେ ।

## ଭଗବାନ୍ ନର–ନାରାୟଣ :

ଭଗବାନ ଧର୍ମଙ୍କ ପତ୍ନୀ ଗର୍ଭରୁ ନର ଓ ନାରାୟଣ ଦୁଇ ଋଷି ରୂପରେ ଜନ୍ମ ଗ୍ରହଣ କରିଥିଲେ । ଏହି ରୂପରେ ସେ ତପସ୍ୟାର ଶ୍ରେଷ୍ଠ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସେହି ଋଷି ଦ୍ୱୟ ଆଜନ୍ମ ବ୍ରହ୍ମଚାରୀ ଓ ତପନିଷ୍ଠ ଥିଲେ । ତାଙ୍କର ତପସ୍ୟାକୁ ଭଙ୍ଗ କରିବା ପାଇଁ ଇନ୍ଦ୍ର ଅନେକ ଥର ତାଙ୍କୁ ବର ମାଗିବାକୁ କହିଥିଲେ । ମାତ୍ର ସେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ପରିଶେଷରେ ତାହାଙ୍କ ତପସ୍ୟାକୁ ଭଙ୍ଗ କରିବା ପାଇଁ ଇନ୍ଦ୍ର କାମଦେବ ଓ ଅପ୍ସରାମାନଙ୍କୁ ପ୍ରେରଣ କରିଥିଲେ । ମାତ୍ର ସେମାନେ ବିଫଳ ହୋଇଥିଲେ । ଶେଷରେ ନର–ନାରାୟଣ ନିଜ ଉରୁରୁ ଉର୍ବଶୀ ନାମକ ଏକ ଅପ୍‌ସରା ସୃଷ୍ଟି କରି ଇନ୍ଦ୍ରଙ୍କୁ ଉପହାର ସ୍ୱରୂପ ଦେଇଥିଲେ ।

## ଭଗବାନ୍ କପିଳ :

ମହର୍ଷି କର୍ଦ୍ଦମ ଓ ତାଙ୍କର ପତ୍ନୀ ଦେବହୂତିଙ୍କର ପୁତ୍ର ରୂପରେ ଭଗବାନ କପିଳ ଅବତାର ଧାରଣ କରିଥିଲେ । ପିତା କର୍ଦ୍ଦମଙ୍କ ପ୍ରଶ୍ନର ଉତ୍ତରରେ କପିଳ କହିଥିଲେ, "ମୁନିଗଣ ସମସ୍ତ କର୍ମ ଈଶ୍ୱରଙ୍କୁ ଅର୍ପଣ କରି ମୋକ୍ଷ ପାଇବା ପାଇଁ ଈଶ୍ୱରଙ୍କୁ ଉପାସନା କରିବା ଉଚିତ୍ । ଭଗବାନ ସ୍ୱୟଂ ପ୍ରକାଶ ଓ କାଳାତୀତ

ନିନିଟ ଏବା ଯଳଖୋ ବସିଲା
ପ୍ରାସ୍ଥ ଦେଖୁଥାନ୍ତି ଜନ

ସେହି ଜଗତେ ଏକ ଗାଢ଼ୀ ପନ୍ଥୁତ
ନାମ ତାର ସୁଦର୍ଶନ ।

ଅର୍ଥାତ୍- ଏହି ଚତୁର୍ଦ୍ଧାମୂର୍ତ୍ତିର ସୁଦର୍ଶନ ତତ୍ତ୍ୱହିଁ ସାରତତ୍ତ୍ୱ- ଯାହା ଜଗନ୍ନାଥାଦି ତିନିତତ୍ତ୍ୱକୁ ଏକ ଭାବରନ୍ଧ୍ର (ଆବରଣ)ରେ ବାନ୍ଧି ରଖିଛି ।

ଅତଏବ ହେ ସୁଦର୍ଶନ ଆପଣ ସର୍ବତନ୍ତ୍ର, ସ୍ୱତନ୍ତ୍ର ଆପଣ ସୌମ୍ୟ, ପ୍ରଶାନ୍ତ । ଆପଣ ହିଁ ସର୍ବ ପ୍ରଥମେ ଏମାନଙ୍କ ଜୀବନ ଯାତ୍ରାର ବିଘ୍ନନାଶକାରୀ । ଆପଣଙ୍କ ଅକୈତବ କୃପାରେ ଶିଶୁପାଳ ପରି ଜୀବନର ସମସ୍ତ କୁ ଦୃଷ୍ଟିଶକ୍ତି ଲୋପ ପାଇଯିବ । ଅଜ୍ଞାନର ଶିର ଛେଦ ହେବ । ଦାରିଦ୍ର୍ୟ, କାର୍ପଣ୍ୟ ଆତ୍ମଗୋପନ କରିବେ । ଅନ୍ଧକାର ଲୁଚିଯିବ । ଯେଉଁମାନେ ଡାକୁଥାନ୍ତି ମଣିମାଦଙ୍କ ନାହିଁଟି କରେ, ବଡ଼ ବଡ଼ ହେଲା ମୋହ କର୍ମରେ- ସେମାନେ ଅପ୍ରମାଣିତ ହେବେ ।

ତେଣୁ ହେ ଭୀମକାନ୍ତ । ଆପଣ ଅଦ୍ଭୁତ ଦୃଷ୍ଟିରେ ଚରାଚର ବିଶ୍ୱର ଆବ୍ରହ୍ମ-କୀଟ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ମଣ୍ଡଳକୁ ଅବଲୋକନ କରିଥାନ୍ତୁ ।

---

ଶ୍ରୀ ସଦ୍‌ଗୁରୁ ନିକେତନ,
ଶ୍ରୀମନ୍ଦିର, ପୁରୀ ।




କଟକ ମଧୁପାଟଣାଠାରେ ଅନୁଷ୍ଠିତ ଏକ ଉତ୍ସବରେ ନୂତନ ଭାବେ ଗଠନ କରାଯାଇଥିବା "ଇଷ୍ଟର୍ଣ୍ଣ କଟକ କଞ୍ଜ୍ୟୁମର୍ସ ୱେଲଫେୟାର ଆସୋସିଏସନ୍"କୁ ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ତଥା ରାଜ୍ୟ ଖାଉଟୀ କମିଶନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର ପ୍ରଦୀପ ଜାଳି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି । ମାନ୍ୟବର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀଯୁକ୍ତ ଭାଗବତ ବେହେରା ଓ କଟକ ସଦର ବିଧାୟକ ଶ୍ରୀଯୁକ୍ତ ରାଜେନ୍ଦ୍ର ସିଂହ ଉପସ୍ଥିତ ଥିଲେ(୨୪/୭) ।

କରିବା ପାଇଁ । ତାଙ୍କର ବିଶାଳ ଶରୀର ସ୍ୱର୍ଗକୁ ସ୍ପର୍ଶ କରିଥିଲା, ବକ୍ଷ ଦେଶ ବିସ୍ତାରିତ, କଟି ଦେଶ ସଙ୍କୁଚିତ, ଚନ୍ଦ୍ର ଜ୍ୟୋତ୍ସ୍ନା ପରି ଶୁଭ୍ର ଶରୀର ଉଜ୍ଜ୍ୱଳ ଥିଲା । ନଖ ପଂକ୍ତିର ଆୟୁଧ ସାହାଯ୍ୟରେ ହିରଣ୍ୟକଶିପୁକୁ ବିଦାରଣ କରିଥିଲେ । ହିରଣ୍ୟକୁ ବିଦାରଣ କରିବା ପରେ ମଧ୍ୟ ତାଙ୍କର ଉଗ୍ର ମୂର୍ତ୍ତି ଶାନ୍ତ ହେଲା ନାହିଁ । ତାଙ୍କୁ ଶାନ୍ତ କରିବା ପାଇଁ ଶିବ, ସ୍ୱରଣ, ବିଦ୍ୟାଧର, ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ର ପ୍ରଭୃତି ଦେବଗଣ ବହୁ ସ୍ତୁତି କରିଥିଲେ । ତଦ୍ୱାରା ମଧ୍ୟ ତାଙ୍କର କ୍ରୋଧ ଶାନ୍ତ ହୋଇନଥିଲା । ପରିଶେଷରେ, ଭକ୍ତରାଜ ପ୍ରହ୍ଲାଦ ତାଙ୍କ ପାଖକୁ ଯିବା ପରେ ତାଙ୍କର ଭୟଙ୍କର ମୂର୍ତ୍ତି ଶାନ୍ତ ହୋଇଥିଲା । ସେ ସ୍ନେହରେ ପ୍ରହ୍ଲାଦକୁ କୋଳାଗ୍ରତ କଲେ ଓ ବିବିଧ ବର ପ୍ରଦାନ କଲେ ।

## ଭଗବାନ୍ ବାମନ :

କଶ୍ୟପ ଓ ଅଦିତିଙ୍କର ସନ୍ତାନ ରୂପେ ଜନ୍ମ ଗ୍ରହଣ କଲା ପରେ ଭଗବାନ ବାମନଙ୍କୁ ପୁଲହ ଯଜ୍ଞୋପବୀତ, ପୁଲସ୍ତ୍ୟ ଶ୍ୱେତବସ୍ତ୍ର, ଭରଦ୍ୱାଜ ଚମଖଣ୍ଡ, ମରୀଚି ପଳାସଦଣ୍ଡ, ବଶିଷ୍ଠ ଅକ୍ଷସୂତ୍ର, ଅଙ୍ଗିରା କୁଶ ନିର୍ମିତ ବସ୍ତ୍ର, ସୂର୍ଯ୍ୟଦେବ ଛତ୍ର, ଭୃଗୁ ବଠାଉ, ବୃହସ୍ପତି କମଣ୍ଡଳୁ ପ୍ରଦାନ କରିଥିଲେ । ଭଗବାନ ବାମନ ବେଦାଦିରେ ନିପୁଣତା ଲାଭ କରିଥିଲେ । ଦୈତ୍ୟରାଜ ବଳି ବାମନଙ୍କୁ ଦାନ ଦେବା ପାଇଁ ସତ୍ୟ କରନ୍ତେ ସେ ତିନି ପାଦ ଭୂମି ମାଗିଥିଲେ । ଏହି ତିନି ପାଦ ଭୂମି ଛଳରେ ଭଗବାନ ବାମନ ବଳିଠାରୁ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ହରଣ କରିଥିଲେ । ବଳିର ଅତୁଳ ଦାନରେ ସନ୍ତୁଷ୍ଟ ହୋଇ ଭଗବାନ ବଳିକୁ ପାତାଳ ପୁରୀରେ ଅତୁଳନୀୟ ଐଶ୍ୱର୍ଯ୍ୟ ପ୍ରଦାନ କଲେ । ସେ ଗଦାଧର ରୂପରେ ସେ ପୁରୀର ସୁରକ୍ଷା ଦାୟିତ୍ୱ ବହନ କଲେ ।

## ଭଗବାନ୍ ହୟଗ୍ରୀବ :

ମଧୁ କୈଟଭ ରାକ୍ଷସ ଦ୍ୱାରା ବେଦ ଚୋରି ହୋଇଥିବାରୁ ଭଗବାନ ବେଦର ଉଦ୍ଧାର ପାଇଁ ହୟଗ୍ରୀବ ରୂପ ଧାରଣ କରିଥିଲେ । ତାଙ୍କର ଗ୍ରୀବା ଓ ମୁଖ ଘୋଟକ ସଦୃଶ ଥିଲା ଓ ମୁଖରୁ ନିରନ୍ତର ବେଦ ଧ୍ୱନି ହେଉଥିଲା । ଏହି ବେଦ ଧ୍ୱନି ଶୁଣିବା ପାଇଁ ମଧୁ ଓ କୈଟଭ ବେଦକୁ ରସାତଳକୁ ଫିଙ୍ଗିଦେଲେ ଓ ସମୁଦ୍ର ତଟକୁ ଆସିଲେ । ଏହି ସମୟରେ ହୟଗ୍ରୀବ ବେଦକୁ ଉଦ୍ଧାର କଲେ ଏବଂ ବ୍ରହ୍ମାଙ୍କୁ ଫେରାଇ ଦେଲେ । ମଧୁ ଓ କୈଟଭ ହୟଗ୍ରୀବ ବେଦ ନେଇଯାଇଥିବାର ଅନୁମାନ କରି ତାଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । ନାରାୟଣ ସୁଦର୍ଶନ ଚକ୍ର ସାହାଯ୍ୟରେ ତାହାଙ୍କୁ ବଧ କଲେ ।

## ଭଗବାନ୍ ଶ୍ରୀହରି :

ଭଗବାନ ଶ୍ରୀହରିଙ୍କର ଦ୍ୱିବିଧ ରୂପ ଦେଖାଦେଇଥିଲା । ପ୍ରଥମେ ଧ୍ରୁବ ତାରକ ଶ୍ରୀହରି ରୂପେ ଓ ଦ୍ୱିତୀୟରେ ଗଜେନ୍ଦ୍ର ତାରକ ଶ୍ରୀହରି ରୂପେ । ଧ୍ରୁବ ଭଗବାନଙ୍କୁ ବର ପ୍ରାର୍ଥନା କରିଥିଲେ, "ଭଗବାନ ତାଙ୍କୁ ବିଶୁଦ୍ଧ ହୃଦୟରେ ଭକ୍ତମାନଙ୍କର ସଙ୍ଗ ପ୍ରଦାନ କରନ୍ତୁ ।" ଧ୍ରୁବ ଏହି ମହାତ୍ମାମାନଙ୍କର ସଙ୍ଗ ଲାଭ କରି ଏହି ଦୁଃଖପୂର୍ଣ୍ଣ ସଂସାରକୁ କିପରି ମୁକ୍ତି ପାଇବେ ସେଥିପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ । ଭଗବାନ ଶ୍ରୀହରି ତାହାଙ୍କୁ ପୂରଣ କରିଥିଲେ । ସେହିପରି ଗଜେନ୍ଦ୍ର ଭଗବାନଙ୍କୁ ସ୍ତୁତି କରିଥିଲା, "ଭଗବାନ ଜଗତର ମୂଳ କାରଣ, ସକଳ ହୃଦୟରେ ସ୍ଥିତ, ଜଗତର ଏକମାତ୍ର ସ୍ୱାମୀ, ସେ ସର୍ବ ଶକ୍ତିମାନ, ସର୍ବୈଶ୍ୱର୍ଯ୍ୟମୟ ଓ ସର୍ବ ସମର୍ଥ ।" ଏହି ଭଗବାନ ଶ୍ରୀହରି ଗଜର ସ୍ତୁତିରେ ମୁଗ୍ଧ ହୋଇ କହିଥିଲେ, ଏହି ସ୍ତୁତି ଯେ ବ୍ରାହ୍ମ ମୁହୂର୍ତ୍ତରେ ପାଠ କରିବ ସେ ମୃତ୍ୟୁ ସମୟରେ ନିର୍ମଳ ବୁଦ୍ଧି ପ୍ରାପ୍ତ ହେବ । ଭଗବାନ ଗଜକୁ ଗ୍ରାହ କବଳରୁ ରକ୍ଷା କରିଥିଲେ ।

## ଭଗବାନ୍ ପରଶୁରାମ :

ଭଗବାନ ପରଶୁରାମ ବାଲ୍ୟ କାଳରୁ ଅତ୍ୟନ୍ତ ବୀର, ପରାକ୍ରମୀ, ଅସ୍ତ୍ର ବିଦ୍ୟା ନିପୁଣ, ତ୍ୟାଗୀ ଓ ତପସ୍ୱୀ ଥିଲେ । ସହସ୍ରାର୍ଜ୍ଜୁନଙ୍କର ପୁତ୍ରଗଣ ଯମଦଗ୍ନିଙ୍କୁ ହତ୍ୟା କରିଥିବାରୁ ପରଶୁରାମ କ୍ରୁଦ୍ଧ ହୋଇ ସହସ୍ରାର୍ଜ୍ଜୁନଙ୍କର ପୁତ୍ରଗଣଙ୍କ ସମେତ ସମସ୍ତ ପୃଥିବୀରୁ କ୍ଷତ୍ରିୟମାନଙ୍କୁ ନିଧନ କରିଥିଲେ । କ୍ଷତ୍ରିୟ ରକ୍ତରେ ପିତୃ ପୁରୁଷଙ୍କୁ ତର୍ପଣ କରିଥିଲେ ।

## ଭଗବାନ୍ ବ୍ୟାସ :

ବିଷ୍ଣୁଙ୍କର କଳାବତାର ଭଗବାନ ବ୍ୟାସ ଅଙ୍ଗ, ଇତିହାସ ସହିତ ସମସ୍ତ ବେଦ ଓ ପରମାତ୍ମାଙ୍କର ଜ୍ଞାନ ପ୍ରାପ୍ତ ହୋଇଥିଲେ, ଯାହାକି ବହୁ ତପ, ଯଜ୍ଞ ଓ ବେଦାଧ୍ୟୟନ ଦ୍ୱାରା ପ୍ରାପ୍ତ ହୋଇନଥାଏ । ସେ ବେଦର ବିଭାଜନ ଓ ସଙ୍କଳନ କରିଥିଲେ । ସେ ବିସ୍ମୃତି ଗର୍ଭରେ ବିଲୀନ ହୋଇଯାଉଥିବା ସମସ୍ତ ପୁରାଣ ଓ ଉପପୁରାଣମାନଙ୍କ ପ୍ରଣୟନ କରିଥିଲେ ।

## ଭଗବାନ୍ ହଂସ :

ପ୍ରପଞ୍ଚ ବ୍ୟକ୍ତିର ଚିତ୍ତ କିପରି ବିଷୟ ବାସନା ମୁକ୍ତ ହୁଏ ଓ ସେ କିପରି ନିର୍ଗୁଣ ହୋଇଯାଏ, ଏ ବିଷୟରେ ସନତ୍ କୁମାରଗଣ ଏକଦା ବ୍ରହ୍ମାଙ୍କୁ ପ୍ରଶ୍ନ କରିଥିଲେ । ବ୍ରହ୍ମା ତାହାର ଯଥାଯଥ ଉତ୍ତର ଦେବାକୁ ଅସମର୍ଥ ହୋଇ ପରମାତ୍ମାଙ୍କୁ ଧ୍ୟାନ କଲେ । ଭଗବାନ 'ହଂସ' ରୂପରେ ଆବିର୍ଭାବ ହୋଇ ଏହି ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ, "ସ୍ୱପ୍ନର ଦ୍ରଷ୍ଟା ଦେଖୁଥିବାର କ୍ରିୟା ଓ ଦୃଶ୍ୟ ଏ ସବୁ ପରସ୍ପରଠାରୁ ପୃଥକ୍ ନୁହେଁ । ମନରେ, ବାଣୀରେ, ଇନ୍ଦ୍ରିୟରେ ଯାହା ସବୁ ଗ୍ରହଣ କରାଯାଏ, ସେ ସବୁ ଈଶ୍ୱର ଅଟନ୍ତି । ଏହା ଚିନ୍ତା କଲେ ମନୁଷ୍ୟ ବିଷୟାସକ୍ତ ହୋଇଥାଏ । ମାତ୍ର ବିଷୟ ଓ ଚିତ୍ତ ଦେହର ଉପାଧି । ଆତ୍ମାର ଏହା ସହିତ କୌଣସି ସମ୍ପର୍କ ନାହିଁ । ଈଶ୍ୱରଙ୍କ ପାଦପଦ୍ମକୁ ଆଶ୍ରୟ କଲେ ମନୁଷ୍ୟ ବିଷୟ ବାସନାରୁ ମୁକ୍ତ ହୋଇଥାଏ ।" ଭଗବାନ ହଂସଙ୍କର ଏହି ଉତ୍ତରରେ ପିତାମହ ବ୍ରହ୍ମା ଓ ସନକାଦିଙ୍କର ସନ୍ଦେହ ମୋଚନ ହୋଇଥିଲା ।

## ଭଗବାନ୍ ଶ୍ରୀରାମ :

ସର୍ବ ଶକ୍ତିମାନ, ସର୍ବ ବ୍ୟାପକ, ସମସ୍ତ ଭୂତଗଣଙ୍କ ସୁହୃଦ କରୁଣାମୟ ଭଗବାନ ନିଜକୁ ଚତୁର୍ଭାଗରେ ବିଭକ୍ତ କରି ତ୍ରେତୟା ଯୁଗରେ ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ରୂପରେ ଜନ୍ମ ହୋଇଥିଲେ । ମର୍ତ୍ତ୍ୟରୁ ରାବଣ, କୁମ୍ଭକର୍ଣ୍ଣ, ସୁବାହୁ ମାରୀଚାଦି ରାକ୍ଷସଙ୍କୁ ନିଧନ କରି ସେ ପାପ ଭାରାରୁ ପୃଥିବୀକୁ ରକ୍ଷା କରିଥିଲେ । ଆଦର୍ଶ ପିତୃ ଭକ୍ତି, ଭ୍ରାତୃ ସ୍ନେହ, ବନ୍ଧୁ ପ୍ରୀତି, ମାତୃ ଭକ୍ତି ଓ ପ୍ରଜାବାତ୍ସଲ୍ୟ ପ୍ରଭୃତି ମର୍ଯ୍ୟାଦାକୁ ସୁନ୍ଦର ରୂପେ ପ୍ରଦର୍ଶନ କରିଥିବାରୁ ତାହାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଇଥାଏ । ମୁନିଋଷିମାନଙ୍କର ଯଜ୍ଞ ରକ୍ଷା ଓ ଅତ୍ୟାଚାରୀ ରାବଣ କବଳରୁ ପୃଥିବୀକୁ ରକ୍ଷା ହେଉଛି ରାମାବତାରର ଶ୍ରେଷ୍ଠ କୀର୍ତ୍ତି ।

ଅନ୍ତଃକରଣରେ ବାସ କରୁଥିବା ପରମାତ୍ମା । ତାଙ୍କୁ ବିଶୁଦ୍ଧ ବୁଦ୍ଧିରେ ଭଜନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ।" . ମାତା ଦେବହୂତିଙ୍କ ପ୍ରଶ୍ନର ଉତ୍ତରରେ କପିଳ ଦେବ କହିଛନ୍ତି, " ଆଧ୍ୟାତ୍ମ ଯୋଗ ଦ୍ୱାରା ମନୁଷ୍ୟର ପରମ କଲ୍ୟାଣ ସାଧିତ ହୁଏ । ଫଳରେ ତା' ହୃଦୟରୁ ଆପ ଓ ପର, ରାଗ ଓ ଦ୍ୱେଷ ଏବଂ ସୁଖ ଓ ଦୁଃଖ ଦୂର ହୋଇଥାଏ । ପ୍ରାଣୀ ଅହଂଭାବ ଓ ମମତାରୁ ଉତ୍ପନ୍ନ ହେଉଥିବା କାମ ଓ କ୍ରୋଧରୁ ମୁକ୍ତ ହେଲେ ସୁଖ ଓ ଦୁଃଖରୁ ମୁକ୍ତ ହୋଇଥାଏ । ସେ ଆପାକୁ ଭେଦ ରହିତ, ସ୍ୱୟଂ ପ୍ରକାଶ, ସୂକ୍ଷ୍ମ, ଭେଦହୀନ ଦେଖି ପ୍ରକୃତିକୁ ସାରହୀନ ବୋଲି ବୁଝିଥାଏ ।" ମହର୍ଷି କପିଳ ମହତାଦି ତତ୍ତ୍ୱର ଉତ୍ପତ୍ତି, କ୍ରମବିକାଶ ଓ ପ୍ରକୃତି ପୁରୁଷ ବିବେକ ପ୍ରାପ୍ତି ପରେ ମୋକ୍ଷ ବିଷୟରେ ବୁଝାଇଛନ୍ତି ।

## ଭଗବାନ୍ ଦତ୍ତାତ୍ରେୟ :

ଭଗବାନ୍ ଦତ୍ତାତ୍ରେୟ କୃତ ଯୁଗରେ କାର୍ତ୍ତିକ ସ୍ୱାମୀ, ଶ୍ରୀଗଣେଶ ଓ ଭକ୍ତ ପ୍ରହ୍ଲାଦଙ୍କୁ ଉପଦେଶ ଦେଇଥିଲେ । ତ୍ରେତାରେ ରାଜା ଅଳର୍କ ପ୍ରଭୃତିଙ୍କୁ ଯୋଗବିଦ୍ୟା ଓ ଆଧ୍ୟାତ୍ମ ବିଦ୍ୟାର ଉପଦେଶ ଦେଇଥିଲେ । ଦ୍ୱାପରରେ ପରଶୁରାମ ଓ କାର୍ତ୍ତବୀର୍ଯ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ଶ୍ରୀମଦ୍ ଭାଗବତରେ ଦତ୍ତାତ୍ରେୟ ଉପଦେଶ ଦେଇଛନ୍ତି, "ମନୁଷ୍ୟ ଶରୀର ଅନିତ୍ୟ ଓ ମୃତ୍ୟୁ ସର୍ବଦା ତା' ପଛରେ ଲାଗିଛି । ତଥାପି ଏହାଦ୍ୱାରା ପରମ ପୁରୁଷାର୍ଥ ଲାଭ କରାଯାଇ ପାରେ । ଭୋଗ ସମସ୍ତ ଜନ୍ମରେ ମିଳିଥାଏ । ତେଣୁ ବୁଦ୍ଧିମାନ୍ ବ୍ୟକ୍ତି ମନୁଷ୍ୟ ଜନ୍ମ ପାଇବା ପରେ ଭୋଗରୁ ନିବୃତ୍ତ ହୋଇ ମୋକ୍ଷ ସାଧନାରେ ନିଜକୁ ନିୟୋଜିତ କରିଥାଏ ।

## ଭଗବାନ୍ ଯଜ୍ଞ :

ସ୍ୱାୟମ୍ଭୁବ ମନୁଙ୍କର କନ୍ୟା ଆକୁତିଙ୍କ ଗର୍ଭରୁ ଭଗବାନ ଯଜ୍ଞ ଜନ୍ମ ଗ୍ରହଣ କରିଥିଲେ । ଏହି ଅବତାରରେ ସେ ପୃଥିବୀରେ ପ୍ରଥମ କରି ଯଜ୍ଞର ପ୍ରବର୍ତ୍ତନ କରିଥିଲେ । ତଦ୍ୱାରା ଦେବତାମାନଙ୍କର ଓ ସମସ୍ତ ସୃଷ୍ଟିର ଶକ୍ତି ବୃଦ୍ଧି ହୋଇଥିଲା ।

## ଭଗବାନ୍ ଋଷଭ ଦେବ :

ଯେଉଁ ଲୋକମାନଙ୍କର ଜୀବନ ବିଷୟ ଭୋଗ ଲାଳସାରେ ନିରନ୍ତର ସନ୍ତପ୍ତ ଓ ଦୂଷିତ, ଋଷଭ ଦେବ ସେମାଙ୍କୁ ଆତ୍ମ ଜ୍ଞାନ ପ୍ରଦାନ କରିଥିଲେ । ଋଷଭ ଦେବ ତାଙ୍କର ପୁତ୍ର ବ୍ରହ୍ମାବର୍ତ୍ତଙ୍କୁ ଉପଦେଶ ଦେବା ଛଳରେ କହିଛନ୍ତି, "ଏହି ମନୁଷ୍ୟ ଶରୀର ବିଷୟ ଭୋଗ ପାଇଁ ନିର୍ମିତ ହୋଇ ନାହିଁ । ବିଷୟ ଭୋଗ ଶୂକର ଓ କୁକୁରଙ୍କୁ ମଧ୍ୟ ମିଳିଥାଏ । ମାତ୍ର ମନୁଷ୍ୟ ଶରୀର ଦିବ୍ୟ ତପସ୍ୟା, ଅନ୍ତଃକରଣ ଶୁଦ୍ଧି ଓ ଅନନ୍ତ ବ୍ରହ୍ମାନନ୍ଦ ଉପଲବ୍ଧି ପାଇଁ ଉଦ୍ଦିଷ୍ଟ । ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ଶ୍ରୀହରି ଚରଣରେ ଆଶ୍ରୟ ନେଇ ନଥାଏ ସେ ଜନ୍ମ-ମରଣ ବନ୍ଧନରୁ ମୁକ୍ତ ନୁହେଁ । ତେଣୁ ଗୁରୁ ଓ ପିତା ମାତାଙ୍କର ପ୍ରଧାନ କର୍ତ୍ତବ୍ୟ ସନ୍ତାନମାନଙ୍କୁ ବିଷୟ ଭୋଗରୁ ମୁକ୍ତ କରି ଭକ୍ତି ଉପଦେଶ ଦେବା ।"

## ଆଦିରାଜ ପୃଥୁ :

ଆଦିରାଜ ପୃଥୁ ନିଜ ପ୍ରଜାଗଣଙ୍କୁ ପ୍ରୟାଗ ତୀର୍ଥରେ ଉପଦେଶ ପ୍ରଦାନ କରିଥିଲେ । ସେ ଭଗବାନଙ୍କର ମହିମା ନିରୂପଣ କରିବା ସଙ୍ଗେ ସଙ୍ଗେ ସମସ୍ତ କ୍ଲେଶରୁ ମୁକ୍ତି ଓ ମୋକ୍ଷ ପ୍ରାପ୍ତି ପାଇଁ ଉପଦେଶ ଦେଇଥିଲେ । ସେ ଯଜ୍ଞ କରିବା ସମୟରେ ତହିଁରୁ ଆବିର୍ଭୂତ ଭଗବାନ ତାଙ୍କୁ ବର ପ୍ରଦାନ କରିଥିଲେ । ପୃଥୁ ଭଗବାନଙ୍କର କୀର୍ତ୍ତି ଓ ଗୁଣାନୁକୀର୍ତ୍ତନ ଶ୍ରବଣ କରିବା ପାଇଁ ଈଶ୍ୱରଙ୍କୁ ସହସ୍ର କର୍ଣ୍ଣ ମାଗିଥିଲେ । ସେ କହିଥିଲେ, ବୁଦ୍ଧିମାନ୍ ପ୍ରାଣୀ ଈଶ୍ୱରଙ୍କୁ ଦେହାଭିମାନ ଭୋଗର ପ୍ରାର୍ଥନା କରେ ନାହିଁ । କାରଣ ଏଭଳି ଭୋଗ ଇତର ପ୍ରାଣୀଙ୍କୁ ମଧ୍ୟ ମିଳିଥାଏ ।

## ଭଗବାନ୍ ମୀନ :

ବ୍ରହ୍ମାଙ୍କର ମୁଖ ନିଃସୃତ ବେଦକୁ ହୟଗ୍ରୀବ ନାମକ ଜଣେ ରାକ୍ଷସ ପାତାଳପୁରୀକୁ ନେଇଯାଇଥିଲେ । ଭଗବାନ ମୀନ ଅବତାର ହୋଇ ଏହି ରାକ୍ଷସକୁ ମାରି ବେଦକୁ ଉଦ୍ଧାର କରିଥିଲେ । ଭଗବାନଙ୍କ ନିର୍ଦ୍ଦେଶକ୍ରମେ ରାଜା ସତ୍ୟବ୍ରତ ପ୍ରଳୟ କାଳକୁ ଅପେକ୍ଷା କରିଥିଲେ । ପ୍ରଳୟ ସମୟରେ ସମୁଦ୍ର କୂଳ ଲଙ୍ଘନ କଲା । ଭୟଙ୍କର ବର୍ଷା ହେଲା । ସେହି ସମୟରେ ଏକ ନାବରେ ରାଜା ସତ୍ୟବ୍ରତ, ସମସ୍ତ ଔଷଧି, ବୀଜ ଓ ସପ୍ତର୍ଷିଙ୍କୁ ନେଇ ବସିଥିଲେ । ଭଗବାନଙ୍କ ମତ୍ସ୍ୟାବତାରରେ ଏହି ନାବକୁ ରକ୍ଷା କଲେ ଭବିଷ୍ୟତ ଯୁଗରେ ସୃଷ୍ଟି ପ୍ରକ୍ରିୟା ପାଇଁ ।

## ଭଗବାନ୍ କୂର୍ମ :

ସମୁଦ୍ରରୁ ଦିବ୍ୟ ବସ୍ତୁର ଉତ୍ପତ୍ତି ପାଇଁ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନର ଆୟୋଜନ କରିଥିଲେ । ଦେବତା ଓ ଦାନବଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହୋଇ ମନ୍ଦର ପର୍ବତକୁ ଖୁଆଦଣ୍ଡ କରି ସମୁଦ୍ରରେ ସ୍ଥାପନ କରିବା ସମୟରେ ତାହାର ଘୂର୍ଣ୍ଣନ ସମୟରେ ଅନେକ ମୃତାହତ ହୋଇଥିଲେ । ବିଷ୍ଣୁ ଅମୃତ ଦୃଷ୍ଟିରେ ସେମାନଙ୍କୁ ପ୍ରାଣ ଦାନ କରିଥିଲେ । ସ୍ୱୟଂ କଚ୍ଛପ ଅବତାର ଧାରଣ କରି ମନ୍ଦର ପର୍ବତର ଆଧାର ରୂପେ କାର୍ଯ୍ୟ କରିଥିଲେ । ଫଳରେ ସମୁଦ୍ର ମନ୍ଥନ ସମ୍ଭବ ହୋଇଥିଲା ।

## ଭଗବାନ୍ ଧନ୍ୱନ୍ତରୀ :

ସମୁଦ୍ର ମନ୍ଥନ ସମୟରେ ଶ୍ୟାମ ସୁନ୍ଦର, ଅରୁଣ ଲୋଚନ, କମ୍ବୁଗ୍ରୀବ, ରତ୍ନଭୂଷଣ, ବନମାଳା ଶୋଭିତ, ପୀତାମ୍ବର ଧାରୀ ଭଗବାନ ଧନ୍ୱନ୍ତରୀ ରୂପ ଧାରଣ କରି ଅମୃତ କୁମ୍ଭ ସହିତ ଆବିର୍ଭୂତ ହୋଇଥିଲେ । ଯେଉଁ ଦେବବୃନ୍ଦ ସର୍ବଦା ଅସୁରମାନଙ୍କ ଦ୍ୱାରା ପୀଡ଼ିତ ହେଉଥିଲେ ସେମାନଙ୍କୁ ସୁସ୍ଥ ସବଳ ଓ ଅମର କରିବା ପାଇଁ ଏହି ଧନ୍ୱନ୍ତରୀଙ୍କର ଆବିର୍ଭାବ ହୋଇଥିଲା । ସେହି ଦିନଠାରୁ ସେ ଦେବ ବୈଦ୍ୟ ନାମରେ ପରିଚିତ ହେଲେ ।

## ମୋହିନୀ :

ସମୁଦ୍ର ମନ୍ଥନରୁ ଉତ୍ପନ୍ନ ଅମୃତ ଲାଭ କରିବା ପାଇଁ ଉଭୟ ଦେବ ଓ ଦାନବଙ୍କ ମଧ୍ୟରେ କଳହର ସୂତ୍ରପାତ ହେଲା । ବିଷ୍ଣୁ ଦେଖିଲେ ଦାନବବୃନ୍ଦ ଅମୃତର ଅଧିକାରୀ ନୁହନ୍ତି । ସେମାନେ ଅମୃତ ପାନ କଲେ ପୃଥିବୀକୁ କେବଳ ଧ୍ୱଂସ କରିବେ । ତେଣୁ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରି ନିଜର ରୂପ ଓ ନୃତ୍ୟ ଦ୍ୱାରା ରାକ୍ଷସମାନଙ୍କୁ ବଶୀଭୂତ କଲେ ଓ ଦେବଗଣଙ୍କୁ ଅମୃତ ପାନ କରାଇ ସେମାନଙ୍କୁ ଅମର କରିଥିଲେ ।

## ଭଗବାନ୍ ନୃସିଂହ :

ଭଗବାନ ନୃସିଂହଙ୍କର ଆବିର୍ଭାବ ଘଟିଥିଲା ହିରଣ୍ୟକଶିପୁକୁ ବଧ କରିବା ପାଇଁ ଏବଂ ପ୍ରହ୍ଲାଦଙ୍କ ଭକ୍ତିର ଉତ୍କର୍ଷତା ପ୍ରତିପାଦନ

# ପଥର ଖସାନ୍ତି ବଡ଼ ଠାକୁର !

* ଶ୍ରୀ ରାଧାନାଥ ଦାସ

ସେ ଦିନ ବଡ଼ ଦେଉଳରୁ ପଥର ଖଣ୍ଡିଏ ଖସିଲା ନାହିଁ ଯେ, ଦନେଇ ଦାସର ଛାତି ଭିତର କଲିଜାରୁ ଖଣ୍ଡେ ଖସିପଡ଼ିଲା । ଖବରଟା ଶୁଣି ଦନେଇର ମଥା ଘୂରିଗଲା । ହେ "ମହାପ୍ରଭୁ ! ରକ୍ଷାକର", କହି ଅକାଟା ହୋଇ ବସି ପଡ଼ିଲା ଦନେଇ । ସହସା ମନ ଇଲାକାରେ ତା'ର ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟା ମାଡ଼ି ଆସିଲା । ସନ୍ଦେହର ଅମ୍ବମାରୀ ବାଦଲ ଛାଇରେ ଢାଙ୍କି ହୋଇଗଲା ମନର ଆକାଶ । ପ୍ରଶ୍ନବାଚୀ ! ଅନେକ ଦ୍ୱନ୍ଦ୍ୱ ! ସତରେ କ'ଣ ମାଳିକା କଥାଟା ସତ ହବାକୁ ଯାଉଛି ? ମାହାପ୍ରଭୁମାନେ ଶ୍ରୀମନ୍ଦିର ରତ୍ନସିଂହାସନ ଛେଡ଼ି ସତରେ କ'ଣ ଛତିଆ ବଟ ପଳେଇ ଯିବେ ? ପୁରୁଷୋତ୍ତମ କ'ଣ ଜନଶୂନ୍ୟ ହୋଇ ପଡ଼ିବ ? ମହାପ୍ରଳୟ କ'ଣ ଏ ପୃଥିବୀ କି ଘୋଟି ଆସିବ ? କିନ୍ତୁ ସେ ବା ଏଥିପାଇଁ କରିବ କ'ଣ ? ବିଧିର ବିଧାନ ଯାହା, ସେ କ'ଣ ତାହାକୁ ବଦଳେଇ ଦେଇ ପାରିବ ? ସେ ଶକ୍ତି ତା'ର କାହିଁ । ଦନେଇ ମନେ ମନେ ସ୍ଥିର କରି ସାରିଲାଣି ଯେ, କଳିଯୁଗ ଶେଷ କରିବା ପାଇଁ ମହାପ୍ରଭୁମାନଙ୍କର ବୋଧେ ଏହା ସୂଚିତ ଆଦ୍ୟ ପ୍ରସ୍ତୁତି । ବଡ଼ ଦେଉଳରୁ ପଥର ଖସିଲା ନାହିଁ ଯେ, ଗୋଟିଏ ଯୁଗର ଶେଷ ହେବାର ସୂଚନା ମିଳିଲା । ବିଦେଶୀମାନେ ଆସ୍ଥାନ ଛେଡ଼ି ଅନ୍ୟତ୍ର ଚାଲିଯିବେ । ମହାପ୍ରସାଦରୁ ଆଉ କଣିକାଏ ମୁଖରେ ଭରିବାକୁ ମିଳିବ ନାହିଁ । ରଥ, ପଥ ସବୁ ବନ୍ଦ ହୋଇଯିବ । ଯାତ୍ରୀମାନେ ତ ଆଉ ପୁରୁଷୋତ୍ତମକୁ ଆସିବେ ନାହିଁ । ତେବେ ମାହାପ୍ରଭୁଙ୍କର ସେବକମାନେ ଚଳିବେ କିପରି ? ସିଂହଦୁଆରଠି ଆଉ କୋଉ ଗୋସେଇଁ ମାହାପୁରୁ ଥିବେ ଯେ, ଅରୁଣ ଖମ୍ବଠି ପଡ଼ନ୍ତୁ ପଡ଼ନ୍ତୁ ଯାତ୍ରୀମାନଙ୍କର ହାତ ଧରି, ବଡ଼ ଦେଉଳ ଭିତରକୁ ସଞ୍ଚୋଳି ନେବେ ଜଗା, ବଳିଆଙ୍କର ଦର୍ଶନ କରାଇ ଦେବା ପାଇଁ ? ସରିଗଲା, ସବୁ ସୁଖ ସରିଗଲା । କାହାକୁ ନେଇ ଏ ଓଡ଼ିଆ ଜାତିଟା ଆଉ ଗର୍ବ କରିବ ? ପ୍ରଳୟ ପୟୋଧି ଜଳରେ ମାହାପ୍ରଭୁମାନେ ଭାସି ଯାଉଥିବାବେଳେ, ଏ ଜାତିଟା ମଧ ତାଙ୍କ ସହିତ ଭାସିଯିବ ! ହଉ ଭାସିଯାଉ । ବିଶ୍ୱ ତ ରହିବେ ନାହିଁ, ଜାତିଟା କିଆଁ ରହିବ ! ଆହା–ହା–ହା କି ଅସୁନ୍ଦର କଥାଟା ହେଲାରେ ବାଏ । କିଏ ଆଉ କ'ଣ ଏ ଓଡ଼ିଆ ଜାତିଟା ପାଇଁ ଚିର ସ୍ମରଣୀୟ କିରର ମାହାନ୍ତି ସାଜି ପାରିବ ?? ତା ହାତରେ ମୃଦଙ୍ଗ ନାହିଁ କି ସେ ମୃଦଙ୍ଗ ବଜେଇ ଜାଣେନା । ଯାହା ଘଟିବା କଥା ତାହା ନିଶ୍ଚୟ ଘଟିଯିବ । ସେଥିକି ବାଦ ବତା ଦବ କିଏ । ଯୁଗ ବଦଳୁ ନ ଥିଲେ, ଏ ରକୁ ତଣ୍ଡରେ ଏମିତି କିଆଁ ଅନିୟମତା ଦେଖାଯାଆନ୍ତା ? ନା, ଏ କଳିଯୁଗ ନିଶ୍ଚୟ ଏଥର ବିଲୟ ହେଉଛି । ଧାନ ବିଲରୁ ବାଲୁଙ୍ଗା ବାଛିଲା ପରି, ପାପୀ ବଛା ବଛି ବେଳ ଆସିଗଲା । କେତେଥର ସେ ତା ପିଲାପିଲିଙ୍କି ହରି ସଂକୀର୍ତ୍ତନ କରିବା ପାଇଁ ପ୍ରବର୍ତ୍ତାଇଛି । ହେଲେ ସେମାନେ ତା କଥାକୁ ସବୁ ହସରେ ଉଡ଼େଇ ଦିଅନ୍ତି । ସେମାନେ ମଧ ଏ ପାପୀମାନଙ୍କ ଭିତରେ ନିଶ୍ଚୟ ଗଣା ହେବେ । ତା' ଗାଆଁରୁ ଟି ଗୁରିଜଣ ଧର୍ମକିଆ ପୁରୁଷ ମିଳିଲେ ମିଳିବେ, ନ ହେଲେ ନାହିଁ । ସବୁଗୁଡ଼ା ପତିତ କିସମର ହୋ ! ମାହାପ୍ରଭୁଙ୍କର ମୁଣ୍ଡ ଖାଇବେ ନୂଆକରି ଗଢ଼ାହୋଇଥିବା ବାରହାତିଆ ଖଣ୍ଡା, ଏ ପାପୀମାନଙ୍କୁ ବସୁ ଦେବୀଙ୍କ ଆଗରେ ଗଣି ଗଣି ଛେଦି ପକେଇବ । ଭଉଣୀ ... ଛାଡ଼ିବ । ସେ ଗଢ଼ି ତା ପରିବାରର ଲୋକେ ସମାଳି ପାରିବେ ତ ? ମହାପୁରୁଷଙ୍କ ଭବିଷ୍ୟ ମାଳିକାର ପୃଷ୍ଠାଗୁଡ଼ିକ ଦନେଇ ମନରେ ଘନ ଘନ ଉଙ୍କି ମାରିଲା । ଦନେଇକି ଲାଗିଲା ଏତେ ବଡ଼ ପୃଥିବୀଟା ସତେ ଯେମିତି କ୍ରମେ କ୍ରମେ ସଙ୍କୁଚିତ ହୋଇ ଯାଉଛି ଏବଂ ସେହି ସଙ୍କୋଚନ ଭିତରେ ହିଁ ସତେ ଯେମିତି ସେ ନିଜେ ଚାପି ହୋଇ ଯାଉଛି । ଠିକ୍ ଭଗବାନ ବଳୀକୁ ପାତାଳକୁ ଚାପିଲା ପରି ।

ଏଇମିତି ବାଉଳଙ୍କ ପରି କେତେ କ'ଣ ଭାବି ଗୁଣିଥାଏ ଦନେଇ । ଭାବନାର ଅସରନ୍ତି ଜୁଆର ଦନେଇ ଦାସର ମନ ବେଳାଭୂମିକୁ ବାରମ୍ବାର ଉଦ୍‌ବେଳିତ କରାଉଥାଏ । କୌଣସି ଏକ ଅଖ୍ୟାତ ପଲ୍ଲୀରେ ଦନେଇ ଦାସର ଜନ୍ମ । ସରଳ, ନିଷ୍କପଟ, ନିରାଡ଼ମ୍ବର ମଣିଷଟିଏ । ଛନ୍ଦ, କପଟର ଧାର ଧାରେନି ସିଏ । ଭାରି ସାଦାସିଧା ଲୋକ । ପଢ଼ାପଢ଼ି ସେମିତି ବିଶେଷ କିଛି ନାହିଁ । କିନ୍ତୁ ଭାଗବତ ଟୁଙ୍ଗୀରୁ ଗୋସେଇଁମାନଙ୍କଠାରୁ ପୋଥି ପୁରାଣ ଶୁଣି ଶୁଣି ସେ ଅନେକ କିଛି ମନେରଖି ପାରିଛି । ସମ୍ପତ୍ତି କହିଲେ କେବଳ ଜମି ମାଣେ, ତା'ର ଏକମାତ୍ର ଆଶା ଓ ଭରସା । ବର୍ଷକୁ ଦୁଇଥର ଚାଷକରି, ସେଇଥିରୁ ତା'ର ତେଲ ଲୁଣର ସଂସାର ଚଳେଇ ନେଉଥାଏ । ପିଲାପିଲି କହିଲେ କେବଳ ପୁଅଟିଏ, ଝିଅଟିଏ । ପୁଅଟି ଅବଶ୍ୟ ପାରିବାର ହୋଇ ଗଲାଣି । କିନ୍ତୁ କ'ଣ ହବ, ଚାଷବାସରେ ପୁଅର ମନ ନଥାଏ । ପୁଅର ପାଇଁ ରାଜନୀତିରେ ଭାଗ ନବା ଜାଣି ଦନେଇ ବି ଅନେକ ଥର ତାକୁ ବାରଣ କଲାଣି । ଦନେଇର ବଡ଼ ଚିନ୍ତା ତା' ଅନ୍ତେ ଏ ସଂସାର ଦାୟିତ୍ୱ କିଏ ବହନ କରିବ । ଘରର ଭେଣ୍ଡା ପୁଅଟ ରାଜନୀତିରେ ପଶିଲା । ଏ ଜଞ୍ଜାଳ ସମ୍ଭାଳିବ କିଏ ? କିନ୍ତୁ ସେଥିପ୍ରତି ତା'ର ଖାତିର ନଥାଏ । ଦିହରେ ବଳ, ବୟସ ଥିବା ପର୍ଯ୍ୟନ୍ତ ସେ ପୁଣି ଖାଲ ହୁଙ୍କରେ ମାରି ମାଟି ସାଥିରେ ଗଡ଼ି ଚାଲିଥିବ । ଆଉ ଯେଉଁ ଦିନ ତା'ର ଗୁରି ବାହା ଅଚଳ ହୋଇଯିବ, ସେହି ଦିନଠାରୁ ଏ ସଂସାର ଦାୟିତ୍ୱ କାଳିଆ ହାତରେ ସଁପି ଦବ ବୋଲି ସିଏ

### ଭଗବାନ୍ ଶ୍ରୀକୃଷ୍ଣ :

ଶ୍ରୀକୃଷ୍ଣଙ୍କର ଲୀଳାର ବର୍ଣ୍ଣନା କରିବା ଶ୍ରୀମଦ୍ ଭାଗବତର ପ୍ରଧାନ ଉଦ୍ଦେଶ୍ୟ । "ଏତେ ଚାଂଶ କଳା ପୁଂସ କୃଷ୍ଣସ୍ତୁ ଭଗବାନ ସ୍ୱୟଂ" ଉକ୍ତି ମାଧ୍ୟମରେ ଭାଗବତକାର କହିଥାନ୍ତି କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ ଓ ଅବତାରୀ ପୁରୁଷ । ଅନ୍ୟ ସବୁ ଅବତାର ତାଙ୍କର କେତେକ କଳାରୁ ଉତ୍ପନ୍ନ । କଂସ, ଜରାସନ୍ଧ, ଶିଶୁପାଳାଦି ରାକ୍ଷସମାନଙ୍କ କବଳରୁ ପୃଥିବୀକୁ ଉଦ୍ଧାର କରିବା, ମହାଭାରତ ଯୁଦ୍ଧରେ ପାଣ୍ଡବମାନଙ୍କୁ ବିଜୟ କରି ପୃଥିବୀରୁ ପାପୀ ରାଜାମାନଙ୍କର ଧ୍ୱଂସ ସାଧନ ଶ୍ରୀକୃଷ୍ଣାବତାରର ମୁଖ୍ୟ ସାଧନ । ଭାଗବତର ପ୍ରଥମ ସ୍କନ୍ଧରୁ ଆରମ୍ଭ କରି ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥଳରେ କୃଷ୍ଣଙ୍କର ଚରିତ ବର୍ଣ୍ଣିତ ହୋଇଛି । ବିଭିନ୍ନ ରାକ୍ଷସ ନିଧନ, ଭକ୍ତଗଣଙ୍କୁ ଉଦ୍ଧାର, ଭକ୍ତଗଣଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କର ସ୍ତୁତି ଓ ମହିମା ବର୍ଣ୍ଣିତ ହୋଇଛି । ଗୀତାରେ ଶ୍ରୀକୃଷ୍ଣଙ୍କର ଅର୍ଜ୍ଜୁନଙ୍କୁ ତତ୍ତ୍ୱ ଉପଦେଶ ପରି ଭାଗବତର ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ବିଭିନ୍ନ ଦର୍ଶନ ତତ୍ତ୍ୱର ଉପଦେଶ ଦେଇଛନ୍ତି ।

### ଭଗବାନ୍ ବୁଦ୍ଧ :

ଭାଗବତାନୁଯାୟୀ ରାକ୍ଷସମାନେ ଯଜ୍ଞାନୁଷ୍ଠାନ କରି ବିଶେଷ ଶକ୍ତିଶାଳୀ ଓ ଦୀର୍ଘଜୀବୀ ହୋଇପଡ଼ିଲେ ଏବଂ ଦେବତାମାନଙ୍କୁ ପରାସ୍ତ ପରି ସ୍ୱର୍ଗ ରାଜ୍ୟ ଅଧିକାର କରିଥିଲେ । ସେହି ରାକ୍ଷସମାନଙ୍କୁ ଭ୍ରଷ୍ଟ କରିବା ପାଇଁ ବୁଦ୍ଧାବତାରର ସୃଷ୍ଟି ହୋଇଥିଲା । ସେ ଯଜ୍ଞ ବିରୁଦ୍ଧରେ ଉପଦେଶ ଦେବାରୁ ରାକ୍ଷସମାନେ ଯଜ୍ଞ ନକରି ଭ୍ରଷ୍ଟ ହେଲେ । ଦେବଗଣ ପୁନର୍ବାର ସ୍ୱର୍ଗ ରାଜ୍ୟ ଅଧିକାର କଲେ ।

### ଭଗବାନ୍ କଳ୍କୀ :

ପୃଥିବୀରୁ ମ୍ଳେଛ, ଦସ୍ୟୁ ଓ ପାପୀମାନଙ୍କୁ ସଂହାର କରିବା ପାଇଁ ଏବଂ ପୃଥିବୀରେ ପୁନର୍ବାର ଯଜ୍ଞ ଓ ଦାନର ପ୍ରବର୍ତ୍ତନ କରି ପୃଥିବୀବାସୀଙ୍କୁ ହୃଷ୍ଟପୁଷ୍ଟ, ଦୀର୍ଘାୟୁ ଓ ଧାର୍ମିକ କରିବା ପାଇଁ ଭଗବାନଙ୍କର କଳ୍କୀ ଅବତାର ମର୍ତ୍ତ୍ୟରେ ସମ୍ଭବ ହେବ ।

---

ଅଧ୍ୟାପକ, ଓଡ଼ିଆ ବିଭାଗ,
କୁଞ୍ଜବିହାରୀ କଲେଜ, ବାରଙ୍ଗ ।



ରବୀନ୍ଦ୍ର ମଣ୍ଡପଠାରେ 'ପ୍ରଗତି' ଦ୍ୱାରା ବେଙ୍ଗଲୀ ନୂତନ ବର୍ଷ ଉପଲକ୍ଷେ ଆୟୋଜିତ ବୈଶାଖୀ ସନ୍ଧ୍ୟାକୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଉଦ୍‌ଘାଟନ କରୁଛନ୍ତି ।

ବାଟରେ ଯାଉ ଯାଉ ଯୋଉ ଦୁର୍ଘଟଣା ଘଟିବାର ଦେଖିଲା ସେଥିରେ ତୁଣ୍ଡରୁ ତା'ର ଭାଷା ବାହାରି ପାରିଲା ନାହିଁ । ଦେହ, ମୁଣ୍ଡରୁ ଝାଳ ବାହାରି ଲୁଗାପଟା ତା'ର ତିନ୍ତିଗଲା । ନଗଦ ଦୁର୍ଘଟଣାଟିଏ ସେ ରାସ୍ତାରେ ଘଟି ଯାଇଥିଲା । ସ୍କୁଟରରେ ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଥିବା ଗୋଟିଏ ଛୋଟ ପରିବାର, ବିପରିତ ଦିଗରୁ ଆସୁଥିବା ଟ୍ରକ୍ ଚକାରେ ସମ୍ପୂର୍ଣ୍ଣ ରୂପେ ଚକଟି ହୋଇ ଯାଇଥିଲେ । ରାଜ ରାସ୍ତା ଉପରେ ରକ୍ତ ମୁଣ୍ଡରୁ ଝୁରିଗୋଟି ସନ ମୁଦିର ଦେଖି ଦନେଇର ପାଟି ଖନି ମାରିଗଲା । ମନେ ମନେ ଭାବିଲା ହେ ଜଗନ୍ନାଥ–କ'ଣ ଏ ସବୁ ତା ଆଖି ଆଗରେ ଘଟି ଯାଉଚି । ହୃଦୟ ବିଦାରକ ଦୃଶ୍ୟଗୁଡ଼ାକ ଦେଖିବା ପାଇଁ ମତେ କାହିଁକି ଆପଣେ ବସିଲା ଆଜନ୍ମୁ ଉଠେଇ ଆଣିଲେ ? ଦନେଇ ଗାଡ଼ି ତା' ବାଟରେ ଗ୍ଲି ଯାଉଥାଏ, କିନ୍ତୁ ଦନେଇ ବସି ଭାବୁଥାଏ ସତରେ କ'ଣ ଏ କଳି ଯୁଗଟା ଶେଷ ହୋଇ ହୋଇ ଯାଉଚି । କେବଳ ସେତିକି ନୁହେଁ– ବାଟଯାକ ଦନେଇ ଦେଖୁଥାଏ, ରାସ୍ତା ପାର୍ଶ୍ୱରେ ପୂର୍ବ ରାତିରୁ ଘଟି ଯାଇଥିବା ଗୋଟିକ ପରେ ଗୋଟିଏ ଦୁର୍ଘଟଣାର ମର୍ମନ୍ତୁଦ ଦୃଶ୍ୟ । କୋଉଠି ଗାଡ଼ି ରାସ୍ତା ଉପରୁ ଓଲଟି ପଡ଼ି ଗୁଡ଼ିକାତ ମେଲେଇ ପଡ଼ିଚି ତ, ଆଉ କୋଉଠି ମୁହାଁ ମୁହିଁ ଧକ୍କା ଲାଗି ଚୁରମାର୍ ହୋଇ ପଡ଼ିଚି ।

ଗ୍ଲୁ ଗ୍ଲୁ ଗାଡ଼ି ବଦନପୁର ଟପି ଯେତେବେଳେ ପୁରୁଷୋତ୍ତମ ପାଖାପାଖି ହୋଇଗଲା, ଦନେଇ ଠିକ୍ ଦେଖି ପାରିଲା, ସେହି ବଡ଼ଦେଉଳର ଅଗ୍ର ଭାଗରେ ଥିବା ନୀଳଚକ୍ରର ନେତକୁ । ପତିତପାବନ ନେତଟି ସତେ ଯେମିତି ହାତଠାରି ବହୁଥିଲା "ଆରେ ଦନେଇ ଆ–ଦେଉଳକୁ ମୋର ଖସିଚି ପଥର–ଦେଖିଦେଇ ଥରେ ଯାଆ" । କୋହ ଆଉ ସମ୍ଭାଳି ପାରିଲା ନାହିଁ ଦନେଇ । କାନ୍ଦିଲା ପିଲାଙ୍କ ପରି କାନ୍ଦି ଉଠିଲା । ଗାଡ଼ିରୁ ଓହ୍ଲାଇ ବଡ଼ଦାଣ୍ଡ ଧୂଳିରୁ ଟିକିଏ ମଥାରେ ମାରି, ଶ୍ରୀମନ୍ଦିର ଆଡ଼କୁ ଟାଉ ଟାଉ କରି ପାଦୁଡ଼ା ପକେଇ ଆଗେଇ ଗ୍ଲିଲା । ଅରୁଣ ସ୍ତମ୍ଭ ପଛରେ ଠିଆ ହୋଇ ପତିତପାବନଙ୍କୁ ମୁଣ୍ଡିଆଟେ ମାରିଲା । ଯେତେବେଳେ ବାଇଶି ପାହାଚ ଆଡ଼େ ଉଠି ଯିବାକୁ ଆଗୁସାର ହୋଇଚି, ପହିଲେ ପଡ଼ିଚି ଗୋସେଇଁ ମାହାପ୍ରୁଙ୍କ ଆଖିରେ । ଗୋସେଇଁ ମାହାପ୍ରୁଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ ହେଲା ଦନେଇ । ଦନେଇର ନିଷ୍କପଟ ଭକ୍ତିରେ ଖୁସି ହୋଇ ଗୋସେଇଁ ଆପଣେ, ତା'ର ହାତ ଧରି ବାଇଶି ପାହାଚ ବାଟେ ଉଠି ଗଲେ ମୁକ୍ତିର ବାଟ ଦେଖେଇ ଦବା ପାଇଁ । ...

ଦେଉଳରେ ବାରହାତେ ଦିଅଁ ଦେଖେଇ ଦବାଠାରୁ ଆରମ୍ଭ କରି ... କୋଇଲି ବୈକୁଣ୍ଠ ପର୍ଯ୍ୟନ୍ତ ମନବୋଧ କରି ସବୁ ବୁଲି ... ଦନେଇ । ଦନେଇ ସିନା ସବୁ ବୁଲି ଦେଖୁଥାଏ, କିନ୍ତୁ ମନ ... ତା'ର ମହାପ୍ରୁଙ୍କଠାରେ । ଏ ପର୍ଯ୍ୟନ୍ତ ସିଏ ରତ୍ନସିଂହାସନ ... ଯାଇନାହିଁ । ଆବେଗ ସମ୍ଭାଳି ନପାରି କହି ଉଠିଲା, "ଗୋସେଇଁ ଆପଣେ ମାହାପ୍ରୁଙ୍କ ପାଖକୁ ମତେ ଝଅଟ ନେଇ ... ଦେଖେଇ ଦିଅନ୍ତୁ, ପଥର ଖସିକି ଦେଉଳ ଉପରୁ କୋଉଠୁ ... କୋଉଠି ପଡ଼ିଚି" । ହସି ଦେଇ କହିଲେ ଗୋସେଇଁ "ସେଥିପାଇଁ ଏମିତି ବ୍ୟସ୍ତ ହେଲେ ହବ ! କିଏସେ ବେଢ଼ା ବୁଲି ସାରିଲେ ... ଦେଖା, ଦିଅଁ ଦେଖା ସଇଲେ ଅବଢ଼ା ଖିଆ" । ଦନେଇର ... ଖୋରିଆ କଥାରେ ଗୋସେଇଁ ଆଉ ଧୈର୍ଯ୍ୟ ଧରି ରହି ନ ... ଶ୍ରୀମନ୍ଦିର ଭିତରକୁ ନେଇଗଲେ ଏବଂ ଏଇଠି ପୁଞ୍ଜିଆ ମାନ୍ ... ହାତ ବଢ଼େଇ ଦକ୍ଷିଣା ମାଗିବାରୁ, ଦନେଇ ନିଜକୁ ଭାଗ୍ୟବାନ ମନେକରି ଗୋସେଇଁ ମାହାପ୍ରୁଙ୍କୁ ଶାନ୍ତି କଲା ପର୍ଯ୍ୟନ୍ତ ଦକ୍ଷିଣା ... ଶ୍ରୀମନ୍ଦିରର ଗମ୍ଭୀରୀ ଘର ଭିତରକୁ ନିରେଖି ଗ୍ୱହିଲା । କିନ୍ତୁ ... କ'ଣ ସେ ଦେଖିବାକୁ ପାଉଚି !! ରତ୍ନବେଦୀ ପରିବର୍ତ୍ତେ ... ଠାକୁର କ'ଣ କାଠ ବେଦୀରେ ଆସୀନ !! ଠାକୁର ... ରତ୍ନସିଂହାସନ ତେଜି ସାରିଲେଣି !!! ଏହାର କାରଣ ବୁଝିବାକୁ ଦନେଇକି ଆଉ ବେଶୀ ସମୟ ଲାଗିଲା ନାହିଁ । ସିଧ ... ଗରୁଡ଼ ପାଦ ପ୍ରାନ୍ତରେ ଥୋଇ ନେତ୍ର ଯୁଗଳକୁ ଅବିଶ୍ରାନ୍ତ ଲୁହ ... ମହାପ୍ରୁମାନଙ୍କ ଶ୍ରୀଚରଣରେ ସାଷ୍ଟାଙ୍ଗେ ପ୍ରଣିପାତ କରି, ... ପାଟିଟାଏ କରି କହି ଉଠିଲା "ହେ ମାହାପ୍ରୁ ! ବଡ଼ ଦେଉଳୁ ପଥର ଆପେ ଆପେ ଖସୁଚି ନାଁ କାଣି ଗାଣି ... ଖସାଉଛନ୍ତି ??" ସେତିକି । ଦିନ ଯାକର ଅକ୍ଲାନ୍ତ ପରିଶ୍ରମରେ ଦନେଇ ଯେ କେତେବେଳେ ନିଦ୍ରାଦେବୀଙ୍କ କୋଳରେ ଆଉଜି ପଡ଼ିଲାଣି, ସେ କଥା ମଧ ସେ ଜାଣେ ନାହିଁ । ... ଯେତେବେଳେ ତା'ର ବଡ଼ ପୁଅ ଡାକରେ ଦନେଇର ନିଦ ଭାଙ୍ଗିଲା ... ପାଖରେ ଦେଖିଲା ତା' ବଡ଼ ପୁଅ କନେଇ ନଗଦ ନିଦରୁ ଉଠି ... ମଳି ମଳି କହୁଚି "ବାପା ! ଆଜି ପରୀ ଧାନ ... ହବ !"

ପତ୍ନସାହି, ଆଠଗଡ଼ ପାଟନ୍,
କଟକ–୭୫୪୦୨୯ ।



ଜଣେଟି ସିଏ । ଭଗବାନ ଯେତେବେଳେ ଯାହା ଯେମିତି ଦେଲେ ସେଥିରେ ସନ୍ତୁଷ୍ଟ ରହେ ଦନେଇ । ନିଜର କର୍ମ ସଂସ୍ଥାନରେ ଧ୍ୟାନ ଦେବା ସହିତ ସେ ଦିନ ରାତି ଧ୍ୟାନ ଦେଇଥାଏ ସେହି ଶ୍ରୀକ୍ଷେତ୍ର ନିବାସୀ ଶ୍ରୀଚକାଡୋଳାଙ୍କ ଶ୍ରୀଚରଣରେ । ଶ୍ରୀଜଗନ୍ନାଥଙ୍କ ବିନା ଦୁନିଆରେ ଅନ୍ୟ କିଛି ଜାଣେ ନାହିଁ । ଆପଣାର ହୃଦୟର ସ୍ପନ୍ଦନ ସହିତ ଶ୍ରୀଜଗନ୍ନାଥଙ୍କ ନାମକୁ ଏକ ରକମ୍ ସାମିଲ କରି ଦେଇଥାଏ ସିଏ । ଦନେଇ କି ଯେତେବେଳେ ମାତ୍ର ତିନି ବରଷ, ସେତେବେଳେ ସେ ତା ବାପା ସାଙ୍ଗରେ ଶ୍ରୀକ୍ଷେତ୍ର ଯାଇଥିଲା ପ୍ରଭୁଙ୍କ ଦର୍ଶନ ପାଇଁ । ବାସ୍ ସେତିକି । ସେ ଆସି ବୁଢ଼ା ହେଲାଣି ଏବେ. ସେହି ଦିନଠାରୁ ଏ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ଦର୍ଶନରେ ଡୋରୀ ଲଗା ହୋଇ ଯାଇଚି । ଗରିବ ଲୋକଟିଏ ସିଏ । ଧନ କାହୁଁ ପାଇବ ଯେ ସେଥିରେ ପୁଣି ପୁରୁଷୋତ୍ତମ ଯାଇ ଜଗନ୍ନାଥ ଦର୍ଶନ କରିବ ? ଏ ପର୍ଯ୍ୟନ୍ତ ସୁଦ୍ଧା ଜଗନ୍ନାଥଙ୍କୁ ଭଲଭାବେ ଆଖି ପୂରେଇ ଦେଖିନି । ସେତିକି ତା ଜୀବନରେ ରହି ଯାଇଛି ଅବଶୋଷ । କିନ୍ତୁ ଏବେ ତାକୁତ ନିଶ୍ଚୟ ପୁରୁଷୋତ୍ତମ ଯିବାକୁ ହିଁ ପଡ଼ିବ । ନ ଯିବାର ଗତି କାହିଁ ? ଏ ପରିଣତ ବୟସରେ ଚକାଆଖିରେ ଆଖି ମିଶେଇବାକୁ ପଡ଼ିବ । ମନଖୋଲା କଥା ଦି'ପଦ ମଣିମାଙ୍କୁ କହିବାକୁ ପଡ଼ିବ । ଆନନ୍ଦ ବଜାରରେ ଅବଢ଼ା ଟିକିଏ ତୁଣ୍ଡରେ ଦେଇ ଏ ମଣିଷ ଜନ୍ମରୁ ମୁକ୍ତି ପାଇବା ପାଇଁ, ଆଗରୁ ବାଟ କାଟିବାକୁ ପଡ଼ିବ । ସବୁଠାରୁ ବଡ଼ କଥା ହେଲା, ଦନେଇ ଦେଖିବ ପଥର କୋଉଠି ପଡ଼ିଚି । ସେଇ ପବିତ୍ର ପଥର ଖଣ୍ଡିକ ଉପରେ ମଥା ଟିକିଏ ସେ ରଖିବ । ନରେନ୍ଦ୍ର ଜଳରେ ସ୍ନାନ କରିବାଠାରୁ ଆରମ୍ଭ କରି, ସମୁଦ୍ରରେ ବୁଡ଼ ପକେଇବା ପର୍ଯ୍ୟନ୍ତ ଏମିତି ଅନେକ କାମ ପୁରୁଷୋତ୍ତମରେ ତା'ର କରିବାକୁ ଅଛି । ମନେ ମନେ ଦନେଇ ସମୟ ଓ ତାରିଖ ଧାର୍ଯ୍ୟ କରିଦେଲା ପୁରୁଷୋତ୍ତମ ଯିବା ପାଇଁ । ସାଇ ପଡ଼ିଶାଠାରୁ ଟଙ୍କା ପଇସା ଧାର ଉଧାର କରି, ନିଜ ଘରୁ ଟିନାପିଲିଙ୍କଠାରୁ ମେଲାଣି ନେଇ, ସର୍ବ ମଙ୍ଗଳ ଜଗନ୍ନାଥ କହି ଶୁଭ ବେଳା ଦେଖି ବାହାରି ପଡ଼ିଲା ଦନେଇ ତା'ର ଚିର ଆକାଙ୍କ୍ଷିତ ପୁରୁଷୋତ୍ତମ କ୍ଷେତ୍ରକୁ । ଜୀବନର ଆରାଧ୍ୟ ଦେବତାଙ୍କୁ ଦର୍ଶନ କରିବାକୁ ସେ ଯାଉଚି । ଏହାଠାରୁ ବଳି ଭାଗ୍ୟ ଆଉ କ'ଣ ଥାଇପାରେ ! ଦନେଇ ଦିହରେ କାହିଁ ବଳ ମାଡ଼ି ଆସିଲା । କଥା ଘର ପିଲା ସିଏ । ଏମିତି କ'ଣ ଦୁର୍ବଳିଆ ହେଇଚି ଯେ ତାଠାରୁ ଟଙ୍କା ପଇସା ବଳ କଷେଇ କିଏ ଛଡ଼େଇ ନବ ? ଶ୍ରୀକ୍ଷେତ୍ର ଦନେଇ ଗାଁଠାରୁ ବହୁତ ଦୂର । କଣ୍ଡକ୍ଟର ବାବୁଙ୍କଠାରୁ ଟିକଟଟିଏ କିଣି ବସ୍‌ରେ ବସି ପଡ଼ିଲା ଦନେଇ । ଗାଡ଼ି ଛୁଟିଲା ଶ୍ରୀକ୍ଷେତ୍ର ଅଭିମୁଖେ । କୋଥଳିରୁ ମାଳି ଟିଏ ବାହାର କରି, ଗାଡ଼ି ଭିତରେ ମହାମନ୍ତ୍ର ଜପିଲା । ଏହି ସମୟରେ ଗାଡ଼ି ଭିତରୁ ଗର୍ଜି ଉଠିଲା ଆଧୁନିକ ସଙ୍ଗୀତ । ଦନେଇର ଭଜନରେ ବାଧା ସୃଷ୍ଟି ହେଲା । ଇଚ୍ଛା ହଉଥିଲା ତା'ର କଣ୍ଡକ୍ଟର ବାବୁଙ୍କୁ କହିବ, ଗୀତ ନ ବଜେଇବା ପାଇଁ । କିନ୍ତୁ ସିଏ ତ ଏ ବସ୍‌ରେ ଏକା ବସିନି, ତାଭଳି ଅନେକ ଯାତ୍ରୀ ଅଛନ୍ତି । କାଳେ ତା କଥାକୁ କିଏ ପରିହାସରେ ଉଡ଼େଇ ଦେବ । ପରିସ୍ଥିତିକୁ ଆଖି ଆଗରେ ରଖି ତା'ର ଆଉ ସାହାସ ପାଇଲା ନାହିଁ । ଜଗନ୍ନାଥଙ୍କୁ ମନେ ମନେ ଗୁହାରୀ କରେଇ ଚୁପ୍ ଚାପ୍ ବସି ରହିଲା । ଏଣେ ସିଗାରେଟ୍ ଧୂଆଁ ଗନ୍ଧକୁ ଟପେଇ ଆଧୁନିକ ଧୁମ୍‌ଧମାଡ଼ିଆ ସଙ୍ଗୀତ । ଦନେଇକୁ ବଡ଼ ବ୍ୟତିବ୍ୟସ୍ତ କରି ପକେଇଲା । ଠାକୁରଙ୍କ କୃପା ହେଲା ଦନେଇ ଉପରେ । ଅନ୍ତର୍ଯ୍ୟାମୀ ପ୍ରଭୁ ଦନେଇର ମନ କଥା ଜାଣି ପାରି ବସ୍ ଡ୍ରାଇଭରର ମୁହଁ ଚେଷ୍ଟା କରିଦେଲେ । ଠାକୁରେ ଇଚ୍ଛାରେ ସେ ଗାଡ଼ି ଯୁବକକୁ, ଆଧୁନିକ ଗୀତ ପରିବର୍ତ୍ତେ ଭକ୍ତି ସଙ୍ଗୀତ ଶୁଣାଇବାକୁ ଇଙ୍ଗିତ ଦେଲେ । ରାଗ ହେଲା ପରି ଗାଡ଼ି ଚାଳକଟି ଆଧୁନିକ ଗୀତ ଆଡ଼କୁ ମନ ନବଳାଇ, ଆଧୁନିକ ଭକ୍ତି ସଙ୍ଗୀତ ବଜେଇବା ଆରମ୍ଭ କରିଦେଲା । ଭକ୍ତି ସଙ୍ଗୀତ ଶୁଣି ଦନେଇ ଏମିତି ବିଛୁଡ଼ି ମାରିଲା ପରି ହେଲା କାହିଁକି ? ମନେମନେ ଭାବିନେଲା, ମାହାପ୍ରଭୁଙ୍କ ଭଜନ, ଜଣାଣ ପୁଣି ଏ ଅବସ୍ଥାକୁ ଆସିଲାଣି ! ମାହାପ୍ରଭୁ କ'ଣ ଏ ପ୍ରକାର ଭକ୍ତି ଗୀତ ଶୁଣି ଶାନ୍ତି ପାଇପାରୁଥିବେ ? କବିସୂର୍ଯ୍ୟ ବଳଦେବ ରଥଙ୍କଠାରୁ ଆରମ୍ଭକରି ଗଣକବି ବୈଷ୍ଣବ ପାଣିଙ୍କ ପର୍ଯ୍ୟନ୍ତ କିଏ ତାଙ୍କୁ ଗାଳି ନ ଦେଇଛି କହିଲ ? ହେଲେ ସେ ଗାଳିରେ ଭାବ, ଭକ୍ତି ସବୁ କିଛି ଅଛି । ସେ କ'ଣ ସାଧାରଣ ଦିଅଁ ହେଇଚନ୍ତି ଯେ, ତାଙ୍କୁ ଯାହି ତାହି କଥା କହି, ମନ ଭୁଲେଇ କରୁଣା ଟିକିଏ ପାଇହେବ । ହୃଦୟ ତାଙ୍କର ପାଷାଣଠାରୁ ଆହୁରି ଟାଣ । ଭକ୍ତର କଥାରେ ବେଳେ ବେଳେ ସେ ନିଜର ଅତି ଆପଣାର ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ବି ପର କରି ଦେଇ ପାରନ୍ତି । ଦୁନିଆରେ ସେ କାହାର ନୁହଁନ୍ତି । ଏକମାତ୍ର ଭକ୍ତର । ମଫସଲ ଗାଁର କଣ୍ଟାବାଡ଼ ଘେରା ମାଟି କାନ୍ଥ ଭିତରେ ଦନେଇ ସମ୍ପୂର୍ଣ୍ଣ ପାଶୋରି ଦେଇଥିଲା ଯୁଗ ବହୁତ ଆଗେଇ ଯାଇଚି । ସବୁଥିରେ ପରିବର୍ତ୍ତନ ଘଟିଛି । ଆଧୁନିକ ଭକ୍ତି ସଙ୍ଗୀତ ଶୁଣିଲାବେଳେ ଦନେଇର ମନେ ପଡ଼ି ଯାଉଥିଲା ଭକ୍ତ ମୀରାବାଈ ଏବଂ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ କଥା । ମାନ୍ଧାତା ଅମଳର ଦନେଇ କାନରେ ଆଧୁନିକ ଯୁଗର ଭକ୍ତି ଗୀତ ବେଶ୍ କିଛି ପ୍ରଭାବ ପକେଇ ପାରୁ ନଥିଲା ବୋଧେ ।

ଭାବନାର ବୁଢ଼ିଆଣି ଜାଲ ଭିତରେ ଛନ୍ଦି ହେଇ ଦନେଇ ପୁଣି ଚିନ୍ତା କରୁଥିଲା ପୁରୁଷୋତ୍ତମ ଆଉ କେତେ ବାଟ ରହିଲା । କାରଣ, ପରିସ୍ଥିତି ଦୃଷ୍ଟିରୁ ଗାଡ଼ିରେ ବେଶି ସମୟ ବସି ରହିବା ପାଇଁ ତା'ର ଆଉ ଧୈର୍ଯ୍ୟ ନଥିଲା । ଭାବନାର ଅସରନ୍ତି ଜୁଆର ଭିତରେ ତା'ର ସହସା ଭଙ୍ଗା ପଡ଼ିଗଲା । ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଥିବା ବସ୍‌ଟି ହଠାତ୍ ରହିଗଲା । ବସ୍‌ର ଝରକା ବାଟେ ବାହାରକୁ ଚାହିଁ ଦନେଇ ବୁଝି ପାରିଲା ଯେ ବସ୍‌ଟି ଆଗକୁ ଆଉ ଯାଇପାରିବ ନାହିଁ । କାରଣ, ସ୍ଥାନୀୟ ସମସ୍ୟାକୁ ନେଇ ସେଠାରେ ଚାଲିଛି ଯୁବକମାନଙ୍କର ଆନ୍ଦୋଳନ । ସ୍ଥାନୀୟ ବାସିନ୍ଦାମାନଙ୍କର ଦାବୀ ପୂରଣ ନ ହେଲାଯାଏଁ ଏ ଲାଇନ୍‌ର ସମସ୍ତ ଗାଡ଼ି ଏହିଠାରେ ଅଟକି ରହିବ । ବିଚରା ସରଳିଆ ନିରୀହ ଲୋକ ଦନେଇ । କେବଳ ଜଗନ୍ନାଥଙ୍କୁ ଛାଡ଼ିଦେଲେ, ଏ ବସ୍‌ରେ ତା'ର ଆପଣାର ଆଉ କିଏ ଅଛି । ଆନ୍ଦୋଳନକାରୀମାନେ ଯଦି ଏ ବସ୍‌ଟିରେ ନିଆଁ ଲଗେଇ ଦିଅନ୍ତି ତେବେ ସେ ସିଧା ସେଠି ଜଳି ପୋଡ଼ି ମରିଯିବ । ଦନେଇ ବର୍ତ୍ତମାନ ସମ୍ପୂର୍ଣ୍ଣ ନିରୁପାୟ । ପୁରୁଷୋତ୍ତମ ଆସି ବଡ଼ ଭୁଲଟାଏ କରି ବସିଚି । ଦନେଇର ମନେ ପଡ଼ିଗଲା ତା' ବାପାଙ୍କଠାରୁ ଶୁଣିଥିବା ପିଲାଦିନର କଥା । ଫାଳିକିଆ ହସଟିଏ ହସି ଦେଲା । ମନେ ମନେ ଭାବି ନେଲା ସେ–ଆଗ କାଳର ଲୋକମାନେ କେତେ ଦୁଃଖକଷ୍ଟ ସହି ପୁରୁଷୋତ୍ତମ ଯାଉଥିଲେ ସତେ । ଏଇ ସାମାନ୍ୟ କଥାରେ ଏମିତି ଭାଙ୍ଗି ପଡ଼ିଲେ ହବ । ମାହାପ୍ରଭୁଙ୍କ ପାଖକୁ ଯେତେବେଳେ ସେ ଯାଉଛି, ଯାହା ହବାର ଥିବ ହେଇ ଯାଉ । ସେଥିକି ତା'ର ନିସା ନାହିଁ । ଅଳପ ଧନ ବିକଳ ମନ, ନ୍ୟାୟରେ ବାଟରେ ଖାଲି ପେଟରେ କେବଳ ପାଣି ମୁନ୍ଦେ ନେଇ ରହିଯିବ ବୋଲି ସିଦ୍ଧାନ୍ତ ନେଇଗଲା । ଠିକ୍ ଏଇ ସମୟରେ ଦନେଇ ଉପରେ କାଳିଆ ସାଆନ୍ତଙ୍କ ଦୟା ହେଲା ନା କ'ଣ । ଆନ୍ଦୋଳନକାରୀମାନେ ଦୟା ପରବଶ ହୋଇ ଦନେଇ ବସିଥିବା ବସ୍‌ଟିକୁ ଛାଡ଼ିଦେଲେ । ଆଗକୁ ଆଗକୁ ଗଡ଼ି ଚାଲିଲା ଗାଡ଼ି ।

ଏଠାରେ କହିବା ଆବଶ୍ୟକ ଯେ, ସେହି ମହାନଦୀ ତଟରେ 'ଯଯାତି ନଗର' ନାମରେ ସୋମ ବଂଶୀୟ ରାଜାମାନଙ୍କର ଏକ ରାଜଧାନୀ ଥିଲା । ପ୍ରାଚୀନ ପଦ୍ଧତି ଅନୁସାରେ ସୋମ ବଂଶୀୟ ରାଜାମାନଙ୍କ ସଭାରେ ଉତ୍କଳର ବହୁ ବିଶିଷ୍ଟ ପଣ୍ଡିତ ରହି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସେମାନଙ୍କୁ ତାଙ୍କ ପଦବୀରୁ ହଟାଇ ନଦେଇ ଚୋଡ଼ଗଙ୍ଗ କଳିଙ୍ଗ ନଗରରେ ଅବସ୍ଥିତ ସ୍ୱୀୟ ରାଜ ବଂଶର ପ୍ରତିଷ୍ଠିତ ପାରମ୍ପରିକ ପଣ୍ଡିତମାନଙ୍କୁ ଆଣାଇ ତାଙ୍କ ନବ ରାଜଧାନୀ ବାରାଣସୀ କଟକର ସଭା ପଣ୍ଡିତ ପଦରେ ନିଯୁକ୍ତ କରି ତାଙ୍କ ରାଜ ସଭାର ପରିସର ବିସ୍ତାରିତ କରିଥିଲେ । କିନ୍ତୁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ, ଅର୍ଥାତ୍ କଳିଙ୍ଗୋତ୍କଳ–ସାମ୍ରାଜ୍ୟକୁ ଭାରତରେ ସର୍ବଶ୍ରେଷ୍ଠ ସାମ୍ରାଜ୍ୟରେ ପରିଣତ କରିବା ସମ୍ଭବ ହେଲା ନାହିଁ । କାରଣ ଉତ୍କଳର ପଣ୍ଡିତ ବ୍ରାହ୍ମଣମାନେ ଅଧିକାଂଶ ଶୈବ ଓ ଶାକ୍ତ ଧର୍ମାବଲମ୍ବୀ ତଥା 'ସ୍ମାର୍ତ୍ତ' ଦୀକ୍ଷା ବହନ କରିଥିବାରୁ କଳିଙ୍ଗ ନଗରରୁ ଉଠି ଆସିଥିବା ବୈଷ୍ଣବ ଧର୍ମାବଲମ୍ବୀ ଶ୍ରୀବୈଷ୍ଣବ ପନ୍ଥୀ ବ୍ରାହ୍ମଣମାନଙ୍କୁ ଆଦୌ ସହଯୋଗ କଲେ ନାହିଁ । ବେଦାନ୍ତ ଓ ଧର୍ମ ଶାସ୍ତ୍ରର ମୌଳିକ ତତ୍ତ୍ୱ ଆଲୋଚନା କରିବାକୁ ଯାଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଦ୍ୱନ୍ଦ୍ୱ ଲାଗି ରହିଲା । ଯେଉଁ ସଭା ପଣ୍ଡିତଙ୍କ ସାହାଯ୍ୟରେ ରାଜ୍ୟର ଅଧିକାଂଶ ନୀତି ନିୟମ ଶୃଙ୍ଖଳିତ ହୁଏ, ସେହି ପଣ୍ଡିତଙ୍କ ମଧ୍ୟରେ ଧର୍ମ ଭିତ୍ତିକ ବିଦ୍ୱେଷ ଲାଗି ରହିବା ଦେଶ ପକ୍ଷରେ ଘୋର ଅଶୁଭ ଲକ୍ଷଣ । ତେଣୁ ସୁଚତୁର ପଣ୍ଡିତ ଓ ଶାସକ ମହାରାଜା ଚୋଡ଼ଗଙ୍ଗ ସେଥିର ଆଶୁ ନିରାକରଣ ସକାଶେ ଉପାୟ ଚିନ୍ତା କଲେ । ବେଦାନ୍ତର 'ବ୍ରହ୍ମ ସୂତ୍ର'କୁ ଭିତ୍ତି କରି ଖ୍ରୀ: ୮ମ ଶତାବ୍ଦୀ କିମ୍ବା ତତ୍ ପୂର୍ବରୁ ଖ୍ରୀ: ୧୨ଶ ଶତାବ୍ଦୀ ଯାଏ ଯେଉଁ ମତବାଦଗୁଡ଼ିକ ମହାତ୍ମା ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ମଧ୍ୱାଚାର୍ଯ୍ୟ, ନିମ୍ବାର୍କ ପ୍ରଭୃତି ଦାର୍ଶନିକମାନେ ଉପସ୍ଥାପନ କରି ସ୍ୱ ସ୍ୱ ମତ ପ୍ରଚାର କରିଥିଲେ, ସେ ସମସ୍ତର ମୌଳିକ ଆଧାର 'ଶିକ୍ଷ ମୀମାଂସା' । ତେଣୁ ସେଥିର ଏକ ସମ୍ମିଳିତ ଦର୍ଶନ ଉତ୍କଳରେ ସୁପ୍ରତିଷ୍ଠିତ କରିବା ଏବଂ ବିଭିନ୍ନ ଧର୍ମକୁ ଏକତ୍ରିତ କରି ଆରାଧନାର ଏକ ନୂତନ ବ୍ୟବସ୍ଥା ଲକ୍ଷ୍ୟରେ ସେ ନିଜେ ସଭା ପଣ୍ଡିତମାନଙ୍କ ସଙ୍ଗେ ଯୁକ୍ତି ତର୍କରେ ପ୍ରବୃତ୍ତ ହେଲେ । ତାଙ୍କର ଅକାଟ୍ୟ ଯୁକ୍ତି ସମ୍ମୁଖରେ କେହି ତିଷ୍ଠି ପାରିଲେ ନାହିଁ । ଏଥିର ନିଦର୍ଶନ ପୁରୀ ନୃସିଂହ ମନ୍ଦିରରେ ଖୋଦିତ ତାଙ୍କ ପ୍ରଶସ୍ତି ସମ୍ବଳିତ ଏକ ଶିଳା ଲିପିରୁ ଉଦ୍ଧୃତ ନିମ୍ନୋକ୍ତ ଅଂଶରୁ ଆମେ ଜାଣିପାରିବୁ ।

'....ପରମ ମାହେଶ୍ୱର..... ବିପକ୍ଷ ପ୍ରତିବାଦୀ ବାରଣ କେଶରୀ, ଶିକ୍ଷ ମୀମାଂସା – କଳା କଳାପ ବିବରଣୋଚିନବ କପଟ କାଳି ଦାସ, ରାଜନୀତି–ନବ ନିରୂପଣ – କଳିକାଳାବତାର, ବର୍ଣ୍ଣା ଶ୍ରମୋତ୍ତର କୋପାଧି ବିଦିତ ଶ୍ରୌତ–ସ୍ମାର୍ତ୍ତ କର୍ମାନୁଷ୍ଠ ଦିକ୍ପାଳ ତନୟାବତାର....'

(Vide No. 14 insc in IPT&OPJ)

ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ସେ ନିଜେ ମୁଖ୍ୟତଃ ଶୈବ ଧର୍ମାବଲମ୍ବୀ ଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ସେ 'ପରମ ବୈଷ୍ଣବ' ଓ 'ପରମ ବ୍ରାହ୍ମଣ୍ୟ' ଉପାଧି ମଧ୍ୟ ଲାଭ କରିଥିଲେ । ତାଙ୍କର ଯୁକ୍ତି ଏପରି ଅକାଟ୍ୟ ଥିଲା ଯେ ସେ ତାଙ୍କ ପ୍ରତିବାଦୀ ପଣ୍ଡିତମାନଙ୍କୁ ଯେପରି ଆକ୍ରମଣ କରୁଥିଲେ ତାହା ହସ୍ତୀକୁ ସିଂହର ଆକ୍ରମଣ ସଙ୍ଗେ ତୁଳନୀୟ । ସଂସ୍କୃତରେ ତାଙ୍କର ସୁମଧୁର ଆଳାପ ହେତୁ ତାଙ୍କୁ 'ଦ୍ୱିତୀୟ କାଳି ଦାସ' ଆଖ୍ୟା ଦିଆଯାଇଥିଲା । ଉତ୍କଳରେ ସେ ନୂତନ 'ରାଜନୀତି' ପ୍ରବର୍ତ୍ତନ କରିଥିଲେ ।

ଚୋଡ଼ଗଙ୍ଗଙ୍କ ବ୍ୟକ୍ତିତ୍ୱ ଓ ସୁଦୃଢ଼ ଯୁକ୍ତି ହେତୁ ସଭା ସଦସ୍ୟ ତଥା ବ୍ରାହ୍ମଣ ପଣ୍ଡିତମାନେ ବିଭିନ୍ନ ଧର୍ମର ଆଶ୍ରୟ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ପ୍ରବର୍ତ୍ତିତ ସର୍ବ ସମନ୍ୱୟ ଧର୍ମକୁ ଆଶ୍ରୟ କରି ରାଜ ସଭାର ଶୃଙ୍ଖଳା ରକ୍ଷା କରିଥିଲେ । ଏଣୁ ମହାରାଜା ଚୋଡ଼ଗଙ୍ଗ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରାଚୀନ ନୃସିଂହ ମନ୍ଦିରରୁ ମାଧବ (ପୁରୁଷୋତ୍ତମ)ଙ୍କ ପ୍ରତିମା ସ୍ଥାନରେ ରୁଦ୍ର (ଶିବ) ରୂପୀ ସଙ୍କର୍ଷଣ, ଶକ୍ତି ରୂପିଣୀ ସୁଭଦ୍ରା ଓ ମାଧବ ରୂପୀ ପୁରୁଷୋତ୍ତମଙ୍କ ମୂର୍ତ୍ତି ଏକତ୍ର କରି ସିଂହାସନରେ ସ୍ଥାପନ କଲେ । ଅତଏବ, ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମାବଲମ୍ବୀଙ୍କ ମଧ୍ୟରେ ସଖ୍ୟ ପ୍ରତିଷ୍ଠିତ ହେଲା । ଏହାପରେ ସମ୍ଭବତଃ ସେହି ସଭା ପଣ୍ଡିତମାନଙ୍କ ଅନୁରୋଧକ୍ରମେ ଚୋଡ଼ଗଙ୍ଗ ଦେବ ସେହି ନୀଳାଚଳ ଧାମରେ ଏକ ବିରାଟ ମନ୍ଦିର ନିର୍ମାଣ କରିବାକୁ ଉପଦେଶ ଅନୁସାରେ ଏକ ବିରାଟ ଆକାରରେ ପଞ୍ଚ ରଥ ବିଶିଷ୍ଟ ରେଖ ଦେଉଳ ନିର୍ମାଣ କରିବାକୁ ଲାଗିଲେ ।

ସେହି ମନ୍ଦିରଟି ଗୁରୁଙ୍କ ତତ୍ତ୍ୱାବଧାନରେ ଗଠିତ ହୋଇଥିଲେ ମଧ୍ୟ ନିଜେ ସେଥିର ଶିଳ୍ପ ଚାତୁରୀରେ ପାଣ୍ଡିତ୍ୟ ଲାଭ କରିଥିବାରୁ ଶ୍ରୀଧାମରେ ରହି ତାଙ୍କ ଶେଷ ଜୀବନ କଟାଇବା ଲକ୍ଷ୍ୟରେ ଜ୍ୟେଷ୍ଠ ପୁତ୍ର କମାର୍ଣ୍ଣବଙ୍କର 'ଯୌବରାଜ୍ୟାଭିଷେକ' ସେହି ପବିତ୍ର ଧାମରେ ଖ୍ରୀ: ୧୧୪୨ରେ ସମ୍ପାଦିତ କରି ପୁତ୍ର ହସ୍ତରେ ଶାସନ ଭାର ଅର୍ପଣ କରି ନିଜେ ଅବସର ଗ୍ରହଣ କଲେ । ସେତେବେଳେ ତାଙ୍କ ବୟସ ହୋଇଥିଲା ୭୦ ବର୍ଷ । ଶ୍ରୀମନ୍ଦିର ଗଠନ କାର୍ଯ୍ୟରେ ଅର୍ଥାତ୍ ଅନ୍ୟାନ୍ୟ ଶାସ୍ତ୍ରରେ ପଣ୍ଡିତ ପରି ଶିଳ୍ପ ଶାସ୍ତ୍ରରେ ମଧ୍ୟ ସେ ପାଣ୍ଡିତ୍ୟ ଲାଭ କରିଥିବା ପ୍ରସଙ୍ଗ ତାମ୍ର ଶାସନମାନଙ୍କରେ ବର୍ଣ୍ଣିତ ନିମ୍ନୋକ୍ତ ପ୍ରଶସ୍ତି ଶ୍ଳୋକରେ ପ୍ରମାଣିତ ହୁଏ :

'ଧାତ୍ରୀ ତସ୍ୟ ସରସ୍ୱତୀ ସମ ଭବନ୍ନୂନଂ ନଚେତ୍ ପୀତବାନ୍
ତଦ୍ଧାର ସ୍ତନ ମାର୍ଯ୍ୟ ବାଳକତୟା ଶ୍ରୀଚୋଡ଼ଗଙ୍ଗ ପୟଃ,
ତାଦୃଗ୍ ବେଦମତିଃ କଥଂ ନିପୁଣତାଂ ଶାସ୍ତ୍ରେଷୁ ପଡୁକ୍ତଥଃ
ତାଦୃକ୍ କାବ୍ୟମତିଃ କଥଂ ପରିଣତିଃ ଶିଳ୍ପେଷୁ ତାଦୃକ୍ କଥମ୍ ।'

(Vide O.H.R. & Vol. V. No.1. P.P. 9-10. Verse No.20)

ଚୋଡ଼ଗଙ୍ଗଙ୍କ ଜୀବିତ କାଳରେ ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ତାଙ୍କ ପୁତ୍ରଙ୍କ ରାଜତ୍ୱ କାଳରେ ପଶ୍ଚିମ ଓ ଦକ୍ଷିଣକୁ ଯଥାକ୍ରମେ ତ୍ରିପୁରୀର ଚେଦୀ ବଂଶୀୟ ରାଜାମାନେ ଏବଂ ବେଙ୍ଗୀର ଚାଲୁକ୍ୟମାନେ କଳିଙ୍ଗର ଦକ୍ଷିଣ ଭାଗରେ ବିଦ୍ରୋହ ସୃଷ୍ଟି କରିବାରୁ ବୋଧହୁଏ ବହୁ କାଳ ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନାହିଁ । ଚୋଡ଼ଗଙ୍ଗଙ୍କ ମୃତ୍ୟୁର ପ୍ରାୟ ୮୦ ବର୍ଷ ପରେ ଉତ୍କଳରେ ବିଷ୍ଣୁ ନାମକ ଜଣେ ବରିଷ୍ଠ ସେନାଧ୍ୟକ୍ଷଙ୍କ ଅଧୀନରେ ଯେତେବେଳେ ଚେଦିମାନଙ୍କ ସଙ୍ଗେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଚେଦିରାଜ ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇଥିଲେ । ଯୁଦ୍ଧରେ ଜୟଲାଭ କରି ବିଷ୍ଣୁ ସେନାପତି ସ୍ୱପ୍ନେଶ୍ୱରଙ୍କ ଶିବ ମନ୍ଦିର ଭୁବନେଶ୍ୱରଠାରେ ନିର୍ମାଣ କରି ସେଥିରେ ଏକ ଶିଳା ଲିପି ଖୋଦିତ କରାଇ, ଚେଦି ରାଜଙ୍କ ଶୋଚନୀୟ ପରାଜୟ ଏବଂ ବଙ୍ଗର ମୁସଲମାନଙ୍କୁ ନିକ୍ଷେପିତ କରିଥିବା ପ୍ରସଙ୍ଗ ଉଲ୍ଲେଖ ଅଛି । ସେହି ବିଜୟ ଲାଭ ବେଳେ ଉତ୍କଳରେ ମହାରାଜା

# ଚୋଡ଼ଗଙ୍ଗ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଏବଂ ନବକଳେବର

* ଡଃ ସତ୍ୟନାରାୟଣ ରାଜଗୁରୁ

ଚୋଡ଼ଗଙ୍ଗଙ୍କ ପିତା ରାଜରାଜ ଦେବ ଆଠ ବର୍ଷ ମାତ୍ର ଶାସନରେ ରାଜତ୍ୱ କରି ଅଳ୍ପ ବୟସରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ରାଜତ୍ୱ କାଳ ଖ୍ରୀ: ୧୦୭୦ରୁ ୧୦୭୭ରେ ଶେଷ ହୋଇଥିଲା। ତାଙ୍କ ରାଜତ୍ୱର ପ୍ରାରମ୍ଭ କାଳରେ ଚୋଳର ମହାରାଜା ରାଜେନ୍ଦ୍ର ଚୋଳ — କୁଲୋତ୍ତୁଙ୍ଗ (ପ୍ରଥମ)ଙ୍କ ସଙ୍ଗେ ଯୁଦ୍ଧ ହୋଇଥିଲା। ସେଥିରେ କୁଲୋତ୍ତୁଙ୍ଗ ପରାଜିତ ହୋଇ ରାଜରାଜ ଦେବଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ। ସେହି ସନ୍ଧି ସର୍ତ୍ତ ଅନୁସାରେ ଚୋଳ ସମ୍ରାଟଙ୍କ କନ୍ୟା ରାଜ ସୁନ୍ଦରୀଙ୍କୁ ରାଜରାଜଙ୍କ ହସ୍ତରେ ସମର୍ପଣ କରାଗଲା। ରାଜ ସୁନ୍ଦରୀଙ୍କ ଗର୍ଭରୁ ୧୦୭୨ ଖ୍ରୀଷ୍ଟାବ୍ଦରୁ ୧୦୭୭ ସାଲରେ ତାଙ୍କ ପତି କଳିଙ୍ଗର ମହାରାଜା ରାଜରାଜଙ୍କ ମୃତ୍ୟୁ ବେଳକୁ ଦୁଇଟି ପୁତ୍ର ସନ୍ତାନ ଜନ୍ମି ଥିଲେ। ପ୍ରଥମ ଓ ଦ୍ୱିତୀୟ ପୁତ୍ରଙ୍କ ନାମ, ଯଥାକ୍ରମେ ଥିଲା, ଚୋଡ଼ଗଙ୍ଗ ଓ ପରମାର୍ଦ୍ଦି ଦେବ (ପରମର୍ଦ୍ଦି ଦେବ)। ସେହି ସମୟରେ କଳିଙ୍ଗର ବିଭିନ୍ନ ଶତ୍ରୁ ରାଜମାନେ ସେହି ଅରାଜକ କିନ୍ତୁ ବିଭବଶାଳୀ ସାମ୍ରାଜ୍ୟ ଅଧିକାର କରିବାକୁ ଚେଷ୍ଟିତ ହୋଇଥିଲେ। ତେଣୁ ଅନାଥିନୀ ବିଧବା ରାଣୀ ରାଜ ସୁନ୍ଦରୀ ଶିଶୁ ପୁତ୍ରଙ୍କ ପ୍ରାଣ ରକ୍ଷା ସକାଶେ ନିଜ ଭ୍ରାତା ବୀର ଚୋଡ଼ଙ୍କ ସାହାଯ୍ୟ ଭିକ୍ଷା କରିଥିବା ଜଣାଯାଏ। ଚୋଳ ସାମ୍ରାଜ୍ୟର ବୃଦ୍ଧ ରାଜା କୁଲୋତ୍ତୁଙ୍ଗଙ୍କ ପୁତ୍ରମାନଙ୍କ ମଧ୍ୟରେ ବୀର ଚୋଡ଼ ଥିଲେ ଜଣେ ପରାକ୍ରମଶାଳୀ, ପଣ୍ଡିତ ଓ ରାଜନୀତିଜ୍ଞ। ତେଣୁ କୁଲୋତ୍ତୁଙ୍ଗ ତାଙ୍କଠାରେ ବେଙ୍ଗୀ ରାଜ୍ୟର ଶାସନ ଭାର ସମର୍ପଣ କରିଥିଲେ। ବେଙ୍ଗୀ ରାଜ୍ୟର ରାଜଧାନୀ କଳିଙ୍ଗ ନଗରର ନିକଟରେ ଥିବାରୁ ଭଗ୍ନୀ ରାଜ ସୁନ୍ଦରୀଙ୍କ ଅନୁରୋଧ ଅନୁସାରେ ସେ ତାଙ୍କ ଶିଶୁ ଭାଣଜା ତନୟଙ୍କୁ ସୁରକ୍ଷିତ କରି କଳିଙ୍ଗ ସାମ୍ରାଜ୍ୟର ଅରାଜକତା ଦୂର କରିବାକୁ ପ୍ରଥମେ ଚେଷ୍ଟା କଲେ। କଳିଙ୍ଗ ରାଜ୍ୟ 'ଅରାଜକ' ନୁହେଁ, ଏହା ପ୍ରଥମେ ପ୍ରଚାରିତ ହେବା ଆବଶ୍ୟକ। ତା'ହେଲେ, କଳିଙ୍ଗର ସାମନ୍ତ ରାଜାମାନେ ବିଭ୍ରତ ନହୋଇ ରାଜ୍ୟ ସୁରକ୍ଷାରେ ବ୍ରତୀ ହେବେ। ସୁତରାଂ ଶିଶୁ ଚୋଡ଼ଗଙ୍ଗଙ୍କୁ ରାଜ ସିଂହାସନରେ ପ୍ରତିଷ୍ଠିତ କରାଇବା ଆବଶ୍ୟକ। କିନ୍ତୁ ଧର୍ମଶାସ୍ତ୍ରାନୁସାରେ ରାଜାଙ୍କ ଅଭିଷେକ ପାଇଁ ତାଙ୍କ ପାର୍ଶ୍ୱରେ ରାଣୀ ମଧ୍ୟ ଅଭିଷିକ୍ତ ହେବା ଆବଶ୍ୟକ। ତେଣୁ ରାଜନୀତିଜ୍ଞ ପଣ୍ଡିତ ବୀର ଚୋଡ଼ ନିଜର ଶିଶୁ କନ୍ୟା 'ଗୁଣ୍ଡି ଚୋଡ଼ି' ଚିକି କନ୍ୟାଙ୍କୁ ଚୋଡ଼ଗଙ୍ଗଙ୍କ ରାଣୀ ରୂପେ ସିଂହାସନରେ ବସାଇ ବିରାଟ ଉତ୍ସବ କରି ଅଭିଷେକ ସମ୍ପନ୍ନ କଲେ। ସେହି ଅଭୂତପୂର୍ବ ଉତ୍ସବରେ ଶୈଶବ ରାଜା ଓ ରାଣୀଙ୍କ ଅଭିଷେକରେ ଯୋଗ ଦେବାକୁ କଳିଙ୍ଗର ସାମନ୍ତ ରାଜାମାନେ ଉପଢୌକନମାନ ଆଣି କଳିଙ୍ଗ ନଗରରେ ଉପସ୍ଥିତ ହୋଇଥିଲେ। ତାମ୍ର ଶାସନମାନଙ୍କରେ ସେହି ଅଭିଷେକ ସମ୍ପର୍କରେ ଲେଖା ଅଛି :

"ଶାକାବ୍ଦେ ନନ୍ଦ–ରନ୍ଧ୍ର–ଗ୍ରହଗଣ ଗଣିତେ କୁମ୍ଭସଂସ୍ଥେ ଦିନେଶେ
ଶୁକ୍ଳେ ପକ୍ଷେ ତୃତୀୟା ଯୁଜି ରବିଜ ଦିନେ ରେବତୀ
ଭେନ୍ତ୍ୟୁକ୍ତେ
ଲଗ୍ନେ ଗଣାନ୍ବବାୟା ମୁଜବନ ଦିନ କୃଦ୍ଧିଶ୍ୱ ବିଶ୍ୱସଗାୟା–
ଶ୍ଚକ୍ର ସଂରକ୍ଷିତୁଂ ସଦ୍ଗୁଣନିଧିରଧିପଶ୍ଚୋଡ଼ ଗଙ୍ଗୋଽଭିଷିକ୍ତଃ ।"

ଅର୍ଥାତ୍—ଚୋଡ଼ଗଙ୍ଗଙ୍କ ଅଭିଷେକ କାଳ ହେଉଛି, ଶକାବ୍ଦ ୯୯୯, କୁମ୍ଭ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥି ଓ ଶନିବାର, ରେବତୀ ନକ୍ଷତ୍ର ଏବଂ ମିଥୁନ ଲଗ୍ନ। ଏହା ଇଂରାଜୀ ତାରିଖ ୧୭–୨–୧୦୭୮ ସଙ୍ଗେ ସମାନ। ସେତେବେଳକୁ ସମ୍ଭବତଃ ତାଙ୍କ ବୟସ ପାଞ୍ଚ ବର୍ଷ ହୋଇଥିବ, ଅର୍ଥାତ୍ ସେ ୧୦୭୩ ଖ୍ରୀଷ୍ଟାବ୍ଦରେ ଜନ୍ମ ଲାଭ କରିଥିବେ।

ଏତେ ଅଳ୍ପ ବୟସରେ ସାମ୍ରାଜ୍ୟ ଭାର ବହନ କରିବା ଆଦୌ ସମ୍ଭବ ନୁହେଁ। ତେଣୁ ତାଙ୍କ ମାମୁଁ ଓ ଶ୍ୱଶୁର ବୀର ଚୋଡ଼ କଳିଙ୍ଗର ଶାସନ ଭାର ଗ୍ରହଣ କରିଥିବା ସୁନିଶ୍ଚିତ। ସୁତରାଂ ଚୋଳ ସାମ୍ରାଜ୍ୟରେ ଖ୍ରୀ: ୧୦୭୬ ପରେ ତାଙ୍କ ଉପସ୍ଥିତି କୁଆପି ଦେଖାଯାଏ ନାହିଁ।

ପ୍ରଥମେ କୁହାଯାଇଛି ଯେ, ବୀର ଚୋଡ଼ ଜଣେ ମହା ପରାକ୍ରମଶାଳୀ ରାଜନୀତିଜ୍ଞ ଓ ପଣ୍ଡିତ। ସୁତରାଂ ସେ କେତେକ ବିଶିଷ୍ଟ ପଣ୍ଡିତଙ୍କୁ ନିଯୁକ୍ତ କରି ଚୋଡ଼ଗଙ୍ଗଙ୍କର ବିଦ୍ୟା ଶିକ୍ଷାର ବ୍ୟବସ୍ଥା କରିଥିଲେ। ତେଣୁ ବାଲ୍ୟକାଳରୁ ସଂସ୍କୃତ ଭାଷା ସଙ୍ଗେ ବିଭିନ୍ନ ଦର୍ଶନ ଶାସ୍ତ୍ର ତଥା ରାଜନୀତି ଓ ଶିଳ୍ପ କଳାର ସେ ଉପଯୁକ୍ତ ଶିକ୍ଷା ଲାଭ କରିପାରିଥିଲେ।

ଚୋଡ଼ଗଙ୍ଗ ଦେବଙ୍କ ବୟସ ଯେତେବେଳେ ପ୍ରାୟ ୪୦ ବର୍ଷ ହୋଇଥିଲା, ସେତେବେଳେ ସେ ତାଙ୍କ ପିତୃ ଶତ୍ରୁ ବଙ୍ଗ ଦେଶର ରାମପାଳଙ୍କୁ ଓ ତାଙ୍କ ସାମନ୍ତ ବନ୍ଧରେ ଥିବା ଉତ୍କଳର ସୋମବଂଶୀ ମହାରାଜା କର୍ଣ୍ଣ ଦେବଙ୍କୁ ପରାସ୍ତ କରି ତାଙ୍କ ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଖ୍ରୀ: ୧୧୧୨–୩ରେ ବିସ୍ତାର କରିପାରିଲେ। ସେହି ସୁବିଶାଳ ସାମ୍ରାଜ୍ୟର ଶାସନ ଶୃଙ୍ଖଳା ସୁରକ୍ଷା ସକାଶେ ତାଙ୍କ ରାଜ ବଂଶର ପ୍ରାଚୀନ ରାଜଧାନୀ କଳିଙ୍ଗ ନଗର ବଂଶଧାରା ନଦୀ ତଟରୁ ଉଠାଇ ଆଣି ଉତ୍କଳର ମହାନଦୀ ତଟବର୍ତ୍ତୀ 'ବାରାଣସୀ' ନାମକ ସ୍ଥାନରେ ସ୍ଥାପନ କଲେ। ସେଠାରେ ଗୋଟିଏ ଦୁର୍ଗ ମଧ୍ୟ ସ୍ଥାପିତ ହୋଇଥିଲା ଯାହାକି 'ବାରବାଟୀ ଦୁର୍ଗ' ନାମରେ ଅଭିହିତ ହେଉଛି।

କରିବାକୁ ଲାଗିଲେ । ଖ୍ରୀ: ୧୨୭୮ରେ ଗୋଟିଏ ଶିଳାଲେଖ ଖୋଦିତ କରାଇ ସେହି ମନ୍ଦିର-ବେଢ଼ାରେ ସଂଲଗ୍ନ କରିଥିଲେ । ସେଥିରେ ଶେଷ ଶ୍ଳୋକରେ ଲେଖା ଅଛି :

"ମୁକୁଟା ଦୈବଗଲଙ୍କୀର୍ଣ୍ଣେ ଶାନ୍ତ୍ୟା ଭକ୍ତ୍ୟା ମୁଦାନ୍ୱିତା ।
ବଳ-କୃଷ୍ଣ-ସୁଭଦ୍ରାଣାଂ ଶ୍ରେୟସେ ସାବଭୂଷଯତ୍ ॥"

ପିଲାଦିନୁ ତାଙ୍କ ସୌନ୍ଦର୍ଯ୍ୟ ଦେଖି ପିତା ନାମ ରଖିଥିଲେ "ଚନ୍ଦ୍ରିକା" । ସଙ୍ଗୀତରେ ତାଙ୍କୁ ଯଥେଷ୍ଟ ଶିକ୍ଷା ଦିଆଯାଇଥିଲା । ତେଣୁ ସେ ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିରରେ 'ଦେବଦାସୀ' ରୂପେ ରହି ନୃତ୍ୟ-ଗୀତ ପ୍ରଭୃତି ସେବାରେ କାଳ ଯାପନ କରୁଥିଲେ । ଉକ୍ତ ଶିଳାଲେଖରେ ଏ ସମ୍ବନ୍ଧରେ ଲେଖା ଅଛି :

"ଗୀତଙ୍କ ଲୟତାଳ ନର୍ତ୍ତନ କଳା କୌଶଲ୍ୟ ଲୀଳାମୟୀ
ବାଲ୍ୟା ଦଚ୍ୟୁତ ଭକ୍ତି ଭାବିତମତିର୍ଦୈତ୍ୟାନୁରୂପଶ୍ରିୟେ ।
ପିତା ହୈହୟବଂଶଜାୟ ଶୁଚୟେ ଚନ୍ଦ୍ରାପହ ଚନ୍ଦ୍ରିକା
ପ୍ରଥ୍ୱୀସଂ ପରମର୍ଦ୍ଦି ନାମ ଉଯତେ କ୍ଷତ୍ରାୟ ରତ୍ନାନ୍ୱିତା।

ଚନ୍ଦ୍ରିକା ଦେବୀ ବାଲ୍ୟ କାଳରୁ ଅଚ୍ୟୁତ (ଶ୍ରୀପୁରୁଷୋତ୍ତମ)ଙ୍କଠାରେ ଭକ୍ତି ଭାବରେ ମଣ୍ଡିତ ହେଉଥିଲେ । ପିତାଙ୍କଠାରୁ ସେ ବୈଷ୍ଣବ ଧର୍ମରେ ଦୀକ୍ଷା ଲାଭ କରିଥିବାରୁ ବୈଧବ୍ୟ ଦଶାରେ ମଧ୍ୟ ଗୀତ ଓ ନୃତ୍ୟରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରୀତି ବର୍ଦ୍ଧନ କରୁଥିଲେ । ଏଠାରେ କହିବା ଆବଶ୍ୟକ ଯେ, ସେତେବେଳେ ଜୟଦେବଙ୍କ 'ଗୀତ ଗୋବିନ୍ଦ' ଉତ୍କଳରେ ଯଥେଷ୍ଟ ପ୍ରଚାର ଲାଭ କରିଥିଲା । ତେଣୁ ଶ୍ରୀମନ୍ଦିରରେ ମଧ୍ୟ ଗୀତ-ନୃତ୍ୟ ନିଶ୍ଚିତ ଭାବେ ଅନୁଷ୍ଠିତ ହେଉଥିଲା । ଶ୍ରୀକୂର୍ମ ଅଞ୍ଚଳରୁ ଦେବଦାସୀମାନଙ୍କୁ ଆଣି ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ଦେବତାଙ୍କ ସମ୍ମୁଖରେ ନୃତ୍ୟ-ଗୀତ ପ୍ରବର୍ତ୍ତିତ ହୋଇଥିଲା ।

ଚନ୍ଦ୍ରିକା ଦେବୀ ଯେଉଁ 'ଅନନ୍ତ ବାସୁଦେବ' ମନ୍ଦିରରେ ବଳଦେବ କୃଷ୍ଣ ଓ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ ତାହା ହସ୍ତ-ପଦଯୁକ୍ତ ଶିଳା ବିଗ୍ରହ ଯାହାକି ଅଦ୍ୟାବଧି ସେହି ମନ୍ଦିରରେ ପୂଜିତ ହେଉଛନ୍ତି । ତେଣୁ ଆମେ ନିଶ୍ଚିତ ଭାବେ କହିପାରୁ ଯେ ଅନଙ୍ଗଭୀମ ଯେଉଁ ମୂର୍ତ୍ତିଙ୍କୁ ପୁରୀର ବଡ଼ ଦେଉଳରେ ସ୍ଥାପନ କରିଥିଲେ ଠିକ୍ ସେପରି ହସ୍ତ ପଦ ଯୁକ୍ତ ଶିଳା ବିଗ୍ରହ ହିଁ ତାଙ୍କ କନ୍ୟା ସ୍ୱୀୟ ମନ୍ଦିରରେ ପ୍ରତିଷ୍ଠା କରିଥିଲେ । ସୁତରାଂ ଖ୍ରୀ: ୧୨୭୮ ସାଲ ପର୍ଯ୍ୟନ୍ତ ପୁରୀଠାରେ ମଧ୍ୟ ସେପରି ବିଗ୍ରହ ପୂଜିତ ହେଉଥିବେ । ସେମାନଙ୍କ ମତରେ, ଋଗ୍ ବେଦର ଦଶମ ମଣ୍ଡଳସ୍ଥ ଏକ ସୂକ୍ତରେ ନିମ୍ନୋକ୍ତ ବାକ୍ୟକୁ ଆଧାର କରି ସିନ୍ଧୁ ଗର୍ଭରେ ଭାସି ଆସିବା ଦାରୁ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ବୋଲି କହିଛନ୍ତି :

"ଅଦୋ ଯଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷଂ ।
ତଦାଲଭସ୍ୱ ଦୁର୍ହଣୋ ତେନ ଯାହି ପରଂ ସ୍ଥଳମ୍ ॥

ଏଥିର ଭାଷ୍ୟ ଲେଖିବାକୁ ଯାଇ ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀରେ ସାୟଣାଚାର୍ଯ୍ୟ ନିଜେ ସନ୍ଦେହଜନକ ଭାବେ ସେହି ସିନ୍ଧୁ ଗର୍ଭରେ ଭାସମାନ ଅପୌରୁଷେୟ ଦାରୁ ବୃକ୍ଷକୁ ପୁରୁଷୋତ୍ତମଙ୍କ ମୂର୍ତ୍ତି ଗଠନ ପାଇଁ ତାହା ଚିହ୍ନିତ କରିଥିଲେ । ତାଙ୍କର ସେହି ଭୁଲ୍ ଅର୍ଥ ସେ ନିଜେ ମଧ୍ୟ ମାର୍ଜନ କରି ସେଥିର ଦ୍ୱିତୀୟ ଅର୍ଥ ପ୍ରକାଶ କରିଥିଲେ । ଋଗ୍ ବେଦର ଯେଉଁ ସୂକ୍ତରେ ଅନ୍ୟ ପ୍ରସଙ୍ଗର ଅବତାରଣା କରାଯାଇଛି ସେଥିରେ ଶ୍ରୀପୁରୁଷୋତ୍ତମଙ୍କ ଦାରୁବ୍ରହ୍ମଙ୍କ କଳ୍ପନା ନିତାନ୍ତ ଅସଙ୍ଗତ । ଏହା ନିଜେ ସାୟଣାଚାର୍ଯ୍ୟ ଉପଲବ୍ଧି କରିଥିବା ସମ୍ଭବ । ତଥାପି ତାଙ୍କ ଜୀବିତ କାଳ ଖ୍ରୀଷ୍ଟ ୧୪ଶ ଶତାବ୍ଦୀ ହୋଇଥିବାରୁ ସେ ନିଶ୍ଚିତ ରୂପେ ଶ୍ରୀଧାମରେ ଅନୁଷ୍ଠିତ ନବକଳେବର ପ୍ରଥା ଏବଂ ସମୁଦ୍ର ପଥରେ ସେତେବେଳେ ଦାରୁବ୍ରହ୍ମଙ୍କୁ ଅଣାଯାଉଥିବା ବିଷୟ ନିଶ୍ଚିତ ଭାବେ ଜାଣିଥିଲେ । ତେଣୁ ସାୟଣଙ୍କ ଲେଖାରୁ ଆମେ ଏ ସମ୍ବନ୍ଧରେ ଦୁଇଟି ଦୋ ଉପଲବ୍ଧି କରିପାରୁ, ଯଥା–

(୧) ଖ୍ରୀ: ୧୪ଶ ଶତାବ୍ଦୀ (ଅର୍ଥାତ୍ ଖ୍ରୀ: ୧୩୭୦) ପୂର୍ବରୁ ଶ୍ରୀଜଗନ୍ନାଥଙ୍କ 'ନବକଳେବର' ଉତ୍ସବ ହେଉଥିଲା ଏବଂ

(୨) ଶ୍ରୀଜଗନ୍ନାଥଙ୍କ ସେହି ଉତ୍ସବ ନିମନ୍ତେ ଦାରୁ ସମୁଦ୍ର ପଥରେ ପୁରୀକୁ ଅଣାଯାଉଥିଲା ।

ବର୍ତ୍ତମାନ ପ୍ରଶ୍ନ ହେଉଛି, କେଉଁ ଅଞ୍ଚଳରୁ ଦାରୁବ୍ରହ୍ମ ସମୁଦ୍ରରେ ଭସାଇ ଆଣିବା ସମ୍ଭବ ହୋଇପାରେ, ଯେଉଁ ଅଞ୍ଚଳରେ ଆଦିବାସୀ ଶବରମାନେ ଏଥିପାଇଁ ନିଯୁକ୍ତ ହୋଇଥିବେ ? ଆମ ମତରେ ମହେନ୍ଦ୍ରାଞ୍ଚଳ, ଯାହାକି ଅତି ପ୍ରାଚୀନ ଯୁଗରୁ ଶବରମାନଙ୍କ ମୁଖ୍ୟ ମାତୃଭୂମି ରୂପେ ପରିଚିତ ହୁଏ, ସେହି ପର୍ବତର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ନିଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ହୋଇଥିଲା । ସେହି ପର୍ବତର ଶିଖର ଦେଶରେ ଗୋକର୍ଣ୍ଣେଶ୍ୱର ଶିବଙ୍କୁ ପ୍ରତିଷ୍ଠା କରି କଳିଙ୍ଗର ପ୍ରାଚୀନ ଗଙ୍ଗ ବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ସେତେବେଳେ ଶବର ଆଦିବାସୀମାନେ ବହୁ ଯୁଦ୍ଧରେ ଯୋଗଦେଇ କଳିଙ୍ଗ ସାମ୍ରାଜ୍ୟ ସୁରକ୍ଷିତ କରିଥିଲେ । ତେଣୁ ସେହି ଶବର ଆଦିବାସୀଙ୍କୁ ଲଗାଇ ମହେନ୍ଦ୍ରାଞ୍ଚଳ ଜଙ୍ଗଲରୁ ନିମ୍ବ-ଦ୍ରୁମ କଟାଇ ସେହି ପର୍ବତ ଶିଖରରୁ ତଳ ପର୍ଯ୍ୟନ୍ତ ଲମ୍ବି ଯାଇଥିବା 'ଦାରୁଖଣ୍ଡି' ନାମକ ଏକ ସଂକୀର୍ଣ୍ଣ ପଥରେ ସେହି ପବିତ୍ର ଦାରୁ ତଳକୁ ଗଡ଼ାଇ ଆଣି, ସେଠାରୁ ନିକଟବର୍ତ୍ତୀ ବାରୁଣା ବନ୍ଦର ବାଟେ ସମୁଦ୍ର ପଥରେ ପୁରୁଷୋତ୍ତମ କ୍ଷେତ୍ରକୁ ନିଆଯାଉଥିଲା । ପ୍ରାଚୀନ ଯୁଗରୁ କଳିଙ୍ଗର ବାରୁଣା ବନ୍ଦର ଏକ ବାଣିଜ୍ୟ କେନ୍ଦ୍ର ଥିଲା । ସେହି ବନ୍ଦର ଦେଇ ନୌକାରେ ଦକ୍ଷିଣର ଯାତ୍ରୀମାନେ ପୁରୀକୁ ଯାତ୍ରା କରୁଥିଲେ । ଏ ପ୍ରସଙ୍ଗ ବାସୁଦେବ ରଥଙ୍କ 'ଗଙ୍ଗବଂଶାନୁ ଚରିତ' ନାମକ ଚମ୍ପୂ କାବ୍ୟରେ ବର୍ଣ୍ଣିତ ହୋଇଅଛି । ଅତଏବ୍ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବାରୁଣୀ ବନ୍ଦର ଜଳ ଯାତ୍ରୀ ପାଇଁ ପ୍ରସିଦ୍ଧ ଲାଭ କରିଥିଲା । ସେହି ବନ୍ଦର ଦେଇ ପୁଣ୍ୟ ତୀର୍ଥ ଗୋକର୍ଣ୍ଣେଶ୍ୱର ନିବାସ ସ୍ଥଳୀରୁ ଦାରୁବ୍ରହ୍ମ ସଂଗ୍ରହ କରି ଶ୍ରୀଧାମକୁ ଶବରମାନଙ୍କ ସାହାଯ୍ୟରେ ନିଆଯାଉଥିଲା ।

ଇତିହାସରୁ ଜଣାଯାଇଛି ଯେ, ନରସିଂହ ଦେବ (୧ମ)ଙ୍କ ପରେ ତାଙ୍କ ପୁତ୍ର ଭାନୁ ଦେବ (୧ମ) ଖ୍ରୀ: ୧୨୬୪ରୁ ୧୨୭୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱର ପ୍ରାୟ ଶେଷ ବେଳକୁ ଭୁବନେଶ୍ୱରସ୍ଥ ଅନନ୍ତ ବାସୁଦେବ ମନ୍ଦିର ସଂଲଗ୍ନ ଶିଳାଲେଖଟି ୧୨୦୦ ଶକାବ୍ଦ (ଖ୍ରୀ: ୧୨୭୮)ରେ ଖୋଦିତ ହୋଇଥିଲା । ସମ୍ଭବତଃ ସେତେବେଳେ ସେହି ମନ୍ଦିରସ୍ଥିତ ହସ୍ତ-ପଦ ଯୁକ୍ତ ବଳଦେବ, ସୁଭଦ୍ରା ଓ କୃଷ୍ଣଙ୍କ ପ୍ରସ୍ତର ମୂର୍ତ୍ତି ସଦୃଶ ପ୍ରତିମା ପୁରୀ ମନ୍ଦିରରେ ମଧ୍ୟ ପୂଜିତ ହେଉଥିଲେ । ସୁତରାଂ ଦାରୁମୂର୍ତ୍ତିଙ୍କ ନବ କଳେବର କ୍ରିୟା ସମ୍ଭବତଃ ନରସିଂହ ଦେବ (୨ୟ)ଙ୍କ ରାଜତ୍ୱ କାଳରେ ସମ୍ପନ୍ନ ହୋଇଥିବ । ଏଠାରେ କହିବା ଆବଶ୍ୟକ ଯେ ମହାରାଜା ଅନଙ୍ଗ ଭୀମ (୩ୟ) ଯେଉଁ ସମୟରୁ ତାଙ୍କ ସାମ୍ରାଜ୍ୟ ଶ୍ରୀପୁରୁଷୋତ୍ତମଙ୍କ ନାମରେ ଉତ୍ସର୍ଗ କରିଥିଲେ, ତେବେଠାରୁ ଶ୍ରୀମନ୍ଦିରରେ ପ୍ରଚଳିତ ସମସ୍ତ ରୀତି ନୀତି ରାଜ ଦେଉଳୀଙ୍କ ଦ୍ୱାରାରେ ପାଳିତ ହେଉଥିଲା । କିନ୍ତୁ ଶ୍ରୀବିଗ୍ରହମାନେ ପ୍ରସ୍ତର

ଅନଙ୍ଗଭୀମ (୩ୟ) ରାଜତ୍ୱ କରୁଥିଲେ । ସେ ଥିଲେ ଶ୍ରୀପୁରୁଷୋତ୍ତମଙ୍କ ପରମ ଭକ୍ତ । ତେଣୁ ତାଙ୍କ ନାମରେ ସେ ସ୍ୱୀୟ ସାମ୍ରାଜ୍ୟ ଉତ୍ସର୍ଗ କରିଦେଇ ନିଜେ ତାଙ୍କ ଶ୍ରୀଚରଣରେ ଦାସ (ରାଉତ) ରୂପେ ଆଶ୍ରୟ ନେଇଥିବା ପ୍ରସଙ୍ଗ ତାଙ୍କ ଅଭିଲେଖମାନଙ୍କରୁ ପ୍ରମାଣିତ ହୁଏ ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ବିରାଟ ଆକାରର ଶ୍ରୀମନ୍ଦିର ପ୍ରସ୍ତୁତ ହୋଇଥିଲା, ସେଥିରେ ପ୍ରତିଷ୍ଠା ସମ୍ପାଦନ କରି ବହୁ ବ୍ରାହ୍ମଣଙ୍କୁ ଭୂଦାନ ଦେଇଥିବା ପ୍ରସଙ୍ଗ ଅନଙ୍ଗଭୀମଙ୍କ ନଗରୀ ତାମ୍ର ଶାସନରେ ଉଲ୍ଲେଖ ହୋଇଛି । ଖ୍ରୀ: ୧୨୩୦ରେ ସେ ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀପୁରୁଷୋତ୍ତମଙ୍କ ହସ୍ତପଦ ଯୁକ୍ତ ପ୍ରସ୍ତର ବିଗ୍ରହମାନ ପ୍ରତିଷ୍ଠା କରିଥିବା ଜଣାଯାଏ । ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରିକା ଦେବୀ ଅକାଳରେ ବିଧବା ହୋଇ ଭୁବନେଶ୍ୱରଠାରେ ବିନ୍ଦୁ ସରୋବର କୂଳରେ ଗୋଟିଏ ବିଷ୍ଣୁ ମନ୍ଦିର ନିର୍ମାଣ କରାଇ ସେଥିରେ ବଳଭଦ୍ର, ସୁଭଦ୍ରା ଓ କୃଷ୍ଣଙ୍କର ହସ୍ତପଦ ଯୁକ୍ତ ପ୍ରସ୍ତର ବିଗ୍ରହ ସ୍ଥାପନ କରିଥିବା ସେହି ମନ୍ଦିର ସଂଲଗ୍ନ ଖ୍ରୀ: ୧୨୭୮ରେ ଖୋଦିତ ଏକ ଶିଳାଲେଖରୁ ପ୍ରମାଣିତ ହୁଏ । ଚନ୍ଦ୍ରିକା ଦେବୀ ଯେଉଁ ତ୍ରିମୂର୍ତ୍ତି ଅନନ୍ତ ବାସୁଦେବ ମନ୍ଦିରରେ ସ୍ଥାପନ କରିଥିଲେ, ସେହି ଦେବ ବିଗ୍ରହମାନ ତାଙ୍କ ପିତା ଶ୍ରୀମନ୍ଦିରରେ ପ୍ରତିଷ୍ଠା କରିଥିବା ମୂର୍ତ୍ତିମାନଙ୍କ ପ୍ରତୀକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁତରାଂ ହସ୍ତପଦ ଯୁକ୍ତ ପ୍ରସ୍ତର ବିଗ୍ରହ ହିଁ ପୁରୀର ଶ୍ରୀମନ୍ଦିରରେ ଅନଙ୍ଗଭୀମ ଦେବ (୩ୟ) ପ୍ରତିଷ୍ଠା କରିଥିବା ସ୍ପଷ୍ଟ ପ୍ରତିପାଦିତ ହେଉଛି । ତାଙ୍କର ନଗରୀ ତାମ୍ର ଶାସନରେ ଲେଖା ଅଛି :

"ଶ୍ରୀପୁରୁଷୋତ୍ତମ ଦେବସ୍ୟ ପ୍ରତିଷ୍ଠା ସମୟେ କାଶ୍ୟପସ୍
ଗୋବୀଶୂର୍ଯ୍ୟ
ସ୍ନୁହର ଶର୍ମଣେ ବ୍ରାହ୍ମଣାୟେତ ଦ୍ୱିବାଟୀ ପରିମିତା ଭୂମି
ଭଗବତଃ
ଶ୍ରୀପୁରୁଷୋତ୍ତମସ୍ୟ ପ୍ରୀତୟେ ଧାରାପୂର୍ବ କମାଚନ୍ଦ୍ରାର୍କସ୍ଥପ
ଭୋଗସ୍ୱାକରୀ କୃତ୍ୟ ପ୍ରାଦାତ୍..."

ଏଥିରୁ ଜଣାଯାଉଛି ଯେ, ଅନଙ୍ଗଭୀମ ଦେବ ତାଙ୍କ ବାସ ସ୍ଥାନ ମହାନଦୀ ତଟସ୍ଥ ବାରାଣସୀ କଟକରେ ଏକ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରି ସେଥିରେ ମଧ୍ୟ ତାଙ୍କ ନିତ୍ୟ ଆରାଧନା ପାଇଁ ଶ୍ରୀପୁରୁଷୋତ୍ତମଙ୍କୁ ପ୍ରତିଷ୍ଠିତ କରିଥିଲେ । ଆଉ ମଧ୍ୟ ପୁରୀରେ ଶ୍ରୀମନ୍ଦିର ନିର୍ମିତ ହୋଇ ପ୍ରତିଷ୍ଠା ନହୋଇ ରହି ଥିବାରୁ ତାହା ତିନି ବିଗ୍ରହଙ୍କ ସହ ବିରାଟ ଆଡ଼ମ୍ବର ସହକାରେ ପ୍ରତିଷ୍ଠା କରିଥିଲେ । ଅନଙ୍ଗଭୀମ ନଗରୀ ତାମ୍ର ଶାସନରେ ଲେଖାଅଛି, ସେ ନିଜକୁ "ରାଉତ ଦେବ" ସଂଜ୍ଞାରେ ଅଭିହିତ କରି ଅଛନ୍ତି । ତେଣୁ ବଡ଼ ଦେଉଳ ପ୍ରତିଷ୍ଠା ସଙ୍ଗେ ଖ୍ରୀ: ୧୨୩୦ରେ ସେ ନିଜର ସାମ୍ରାଜ୍ୟକୁ ଶ୍ରୀପୁରୁଷୋତ୍ତମଙ୍କ ନାମରେ ଉତ୍ସର୍ଗ କରିଥିବା ସମ୍ଭବ । ସେହି ମନ୍ଦିର ପ୍ରତିଷ୍ଠା ୧୧୫୧ ଶକାବ୍ଦ (ଖ୍ରୀ: ୧୨୨୯)ରେ ସମ୍ପନ୍ନ ହୋଇଥିଲା । ଅନଙ୍ଗଭୀମ ବ୍ରାହ୍ମଣମାନଙ୍କୁ ଯେଉଁ ସବୁ ଦାନ ଦେଇଥିଲେ ତାହା ବାମନ ପୁରାଣ, ଆଦିତ୍ୟ ପୁରାଣ, ବିଷ୍ଣୁ ଧର୍ମ (ବିଷ୍ଣୁ ଧର୍ମୋତ୍ତର) ପ୍ରଭୃତି ଶାସ୍ତ୍ରାନୁମୋଦିତ ହୋଇଥିବା ପ୍ରସଙ୍ଗ ସେହି ତାମ୍ର ଶାସନରେ ଉଲ୍ଲେଖ ଅଛି । ତେଣୁ ସେ ଧର୍ମ ଶାସ୍ତ୍ରାନୁମୋଦିତ ଭାବେ "ସର୍ବ ସ୍ୱଦାନ" କରି ଶ୍ରୀପୁରୁଷୋତ୍ତମଙ୍କ ନାମରେ ଉତ୍ସର୍ଗ କରିଥିବାରୁ ଶ୍ରୀଧାମର ପଞ୍ଚକୋଶ ପରିମିତ ଭୂମିକୁ ସ୍ୱୟଂ ପୁରୁଷୋତ୍ତମଙ୍କ ପବିତ୍ର ବିହାର ସ୍ଥଳୀ ରୂପେ ପରିକଳ୍ପିତ କରାଯାଇଥିବା ସମ୍ଭବ । ଖ୍ରୀ: ୧୨୩୯ରେ ଅନଙ୍ଗଭୀମଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ନରସିଂହ ଦେବ ଖ୍ରୀ: ୧୨୩୯ରୁ ୧୨୬୪ ପର୍ଯ୍ୟନ୍ତ ରାଜ୍ୟ ଭାର ଗ୍ରହଣ କରିଥିଲେ । ସେତେବେଳେ ବଙ୍ଗର ସୁଲତାନଙ୍କ ସଙ୍ଗେ ତାଙ୍କର ଭୀଷଣ ଯୁଦ୍ଧ ହୋଇଥିଲା ଏବଂ ସେଥିରେ ନରସିଂହ ଦେବ ବିଜୟ ଲାଭ କରି ତତ୍ସ୍ଥ ରାଢ଼ ଓ ବରେନ୍ଦ୍ରର ବହୁ ସଂଖ୍ୟାରେ ମୁସଲମାନ ସୈନ୍ୟଙ୍କୁ ନିହତ କରିଥିବା ପ୍ରସଙ୍ଗ ନିମ୍ନୋକ୍ତ ପ୍ରଶସ୍ତି ଶ୍ଲୋକରୁ ଜଣାଯାଏ ।

"ରାଢ଼ା–ବରେନ୍ଦ୍ର–ଯବନୀ–ନୟନାଞ୍ଜନାଶ୍ରୁ–
ପୂରେଣ ଦୂର ବିନିବେଶିତ କାଳିମଶ୍ରୀଃ ।
ତଦ୍‌ବିପ୍ରଲମ୍ଭକରଣୀ କୃତ ନିମ୍ନଗଙ୍ଗା–
ଗଙ୍ଗାପି ନୂନମଧୁନା ଯମୁନା ଧୁନା କୃତ ।।"

ଅର୍ଥାତ୍ ରାଢ଼ ଓ ବରେନ୍ଦ୍ରର ଯବନମାନେ ଏତେ ସଂଖ୍ୟାରେ ଯୁଦ୍ଧ କ୍ଷେତ୍ରରେ ନିହତ ହୋଇଥିଲେ ତାଙ୍କ ଶୋକାର୍ତ୍ତ ବିଧବାମାନଙ୍କ ଅଶ୍ରୁପୂରିତ ଚକ୍ଷୁମାନଙ୍କରୁ କଜ୍ଜ୍ୱଳ ଧୌତ ହୋଇ ଧବଳାଙ୍ଗୀ ଗଙ୍ଗା ଶ୍ୟାମାଙ୍ଗୀ ଯମୁନା ପରି ଦେଖାଗଲା ।

ମୁସଲମାନ ଐତିହାସିକମାନେ ମଧ୍ୟ ଉତ୍କଳର ସେହି ବିଜୟ ପ୍ରସଙ୍ଗ ଉଲ୍ଲେଖ କରି ଅଛନ୍ତି । ଏ ଯୁଦ୍ଧ ବଙ୍ଗର ସୁଲତାନ ମାଲିକ୍ ଇଜୁଦ୍ଦୀନ୍–ତୁଗ୍ରିଲ୍–ତୁଘାନ୍ ଖାଁନ୍ (Malik Izz-ud-din Tughil-Tughan-Khan)ଙ୍କ ବିରୁଦ୍ଧରେ ହିଜ୍ରି ୬୪୨ ବା ୧୨୪୪ ଖ୍ରୀଷ୍ଟାବ୍ଦରେ ସମ୍ପନ୍ନ ହୋଇଥିଲା । ନରସିଂହ ଦେବଙ୍କ ଭିଣୋଇ ହୈହୟ ବଂଶୀୟ ମହାବୀର ପରମର୍ଦ୍ଦି ଦେବ ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରିକା ଦେବୀଙ୍କୁ ବିବାହ କରି ସେତେବେଳେ ଭୁବନେଶ୍ୱରସ୍ଥ ରାଜ ପ୍ରାସାଦରେ ରହୁଥିବା ଅନୁମିତ ହୁଏ । ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାର୍ଶ୍ୱରେ ଏକ ରାଜ ପ୍ରାସାଦ ଥିଲା । ଅନଙ୍ଗଭୀମଙ୍କ ମୃତ୍ୟୁର ପ୍ରାୟ ଅଳ୍ପ କାଳ ପରେ ବଙ୍ଗର ସୁଲତାନ ଯାଜନଗର (ଉତ୍କଳ) ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ତେଣୁ ମୁସଲମାନ ସୈନ୍ୟଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ମହାରାଜା ନରସିଂହ ଦେବ ଓ ତାଙ୍କ ଭିଣୋଇ ପରମର୍ଦ୍ଦି ଦେବ ଉଭୟେ ମିଶି ଉତ୍କଳର ସୈନ୍ୟମାନଙ୍କ ସଙ୍ଗେ ଆଦିବାସୀ ଶବରମାନଙ୍କୁ ମିଶାଇ ଏକ ବିରାଟ ଚତୁରଙ୍ଗ ବାହିନୀ ଗଠନ କରିଥିବା ସମ୍ଭବ । ଯୁଦ୍ଧରେ ମୁସଲମାନ ସୈନ୍ୟଙ୍କୁ ଲକ୍ଷ୍ମଣାବତୀ ଦୁର୍ଗର ଦ୍ୱାରଦେଶ ପର୍ଯ୍ୟନ୍ତ ଉତ୍କଳ ରାଜାଙ୍କ ଜାମାତା ତଡ଼ି ନେଇଥିବା ପ୍ରସଙ୍ଗ 'Jabaqat-Di-Nasin' ନାମକ ପାରସ୍ୟ ଇତିହାସରେ ନିମ୍ନ ପ୍ରକାରେ ଉଲ୍ଲେଖ ଅଛି :

''The leader of the forces of Jajanagar (Utkal) was a person, by name, 'Sabautar' (Samanta-raja), the son-in-law of the Rai (Aniyaukabhima), who during the time of Malik Izzud-din Tughuril-Tughan Khan had advanced to the bank of river of Lakhanawati and, having shown the greatest audacity, had driven the Musalman forces as far as the gate (of the city) of Lakhanawati '' ସଂଗିତ ଯୁଦ୍ଧରେ ଉତ୍କଳର ବିପୁଳ ଜୟ ଲାଭ ହୋଇଥିଲେ ସୁଦ୍ଧା ସେହି ଯୁଦ୍ଧରେ କିମ୍ବା ପରବର୍ତ୍ତୀ ଅନ୍ୟ କେଉଁ ଯୁଦ୍ଧରେ ପରମର୍ଦ୍ଦି ଦେବ ପ୍ରାଣ ହରାଇଥିଲେ । ତେଣୁ ତାଙ୍କ ସ୍ତ୍ରୀ ଚନ୍ଦ୍ରିକା ଦେବୀ ବୈଧବ୍ୟ ଦଶା ଅନୁଭବ କରି ଶ୍ରୀପୁରୁଷୋତ୍ତମଙ୍କ ଶ୍ରୀଚରଣ ଆଶ୍ରୟରେ 'ଦେବଦାସୀ' – ବ୍ରତ ଅବଲମ୍ବନ ପୂର୍ବକ ପବିତ୍ର ବିନ୍ଦୁ ସରୋବର ତଟରେ ଅନନ୍ତ ବାସୁଦେବ ନାମରେ ଏକ ମନ୍ଦିର ନିର୍ମାଣ କରି ସେଥିରେ ଜୀବନର ଶେଷ କାଳ ପର୍ଯ୍ୟନ୍ତ ଦେବତାଙ୍କ ଆରାଧନା ସଙ୍ଗେ ନୃତ୍ୟ ଗୀତରେ କାଳଯାପନ

# ବିଶ୍ୱାସେ ମିଳଇ ହରି

* ସାନ୍ତ୍ୱନା ମିଶ୍ର

ପ୍ରଭୁଙ୍କର କୃପାଲାଭ କରିଥିବା ଅନେକ ଭକ୍ତଙ୍କର କାହାଣୀ ଆମେ ଶୁଣି ଆସୁଛୁ । ବେଳେ ବେଳେ ମନେହୁଏ ସତରେ କ'ଣ ଭାବଗ୍ରାହୀ ଭକ୍ତର ଦୁଃଖ ବୁଝନ୍ତି । ତା'ର ନିକଟରେ ନିଜକୁ ପରି ପ୍ରକାଶ କରନ୍ତି ଯେଉଁ ରୂପରେ ହେଉପଛେ । ଏତ କଳିଯୁଗ । ଏ ଯୁଗରେତ ବଳିଆର ଭୁଜ ପାଷାଣ, ନିରବ, ନିର୍ବିକାର । ସେ ପୁଣି ଭକ୍ତର ମନକଥା ଜାଣିବ କିପରି ?

କିନ୍ତୁ ଗୋଟିଏ ଗୋଟିଏ ଘଟଣା ଆମର ଏ ବିଶ୍ୱାସକୁ ଦୋହଲାଇ ଦିଏ । ଯେଉଁ ଯୁଗ ହେଉ ପଛେ ନିଷ୍ଠା ଓ ବିଶ୍ୱାସର ଡୋରିରେ ଜଗବନ୍ଧୁ ବନ୍ଧା । ସେ ପୁଣି ଭକ୍ତର ଡାକ ନଶୁଣିବେ କିପରି ?

ଛୋଟ କଥାଟିଏ । ସାତ ଜଣ ସାଙ୍ଗ ଯାଇଥିଲୁ ପୁରୀ, କାର୍ତ୍ତିକ ବଡ ଏକାଦଶୀ ଦିନ । ଜଗନ୍ନାଥ ଦର୍ଶନ ଲକ୍ଷ୍ୟ ଥିଲା । ଜାଣିଥିଲୁ ଆମ ଭିତରୁ ଆଉ ଜଣେ ସାଙ୍ଗଙ୍କର ପରିଚିତ ଜଣେ ନରେନ୍ଦ୍ର ପୋଖରୀ ପାଖରେ ରୁହନ୍ତି । ତାଙ୍କର ସ୍ୱାମୀଙ୍କର ନାମ ମାତ୍ର ଜଣାଥିଲା । ବାଟରେ ବସ୍ ବିଳମ୍ବ କଲା । ପୁରୀରେ ପହଁଞ୍ଚିଲୁ ରାତି ଦଶଟା ପରେ । ବସରୁ ଓହ୍ଲାଇ ଦେଖିଲୁ ବଡ ଦାଣ୍ଡରେ ଲୋକଗହଳି ନାହିଁ । ଦୂରରୁ ଦେଖି ମନ୍ଦିର ଉପରେ ମହାଦୀପକୁ ପ୍ରଣାମ କଲୁ । ରାତି ବାରଟା ପରେ କୁଆଡେ଼ଯିବୁ ? କାହାକୁ ପଚାରିବୁ ? ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲୁ । ଶେଷକୁ ମହାପ୍ରଭୁଙ୍କ ଉପରେ ସବୁ କିଛି ଛାଡ଼ିଦେଇ ସେଇ ବଡଦାଣ୍ଡର ଧୂଳି ଉପରେ ବସି ପଡ଼ିଲୁ । କିଛି ନହେଲେ ବଡ ଦେଉଳକୁ ଚାହିଁ ଚାହିଁ ରାତି ବିତାଇ ଦେବୁ । ଦଶ ମିନିଟ୍ ପରେ ଦୁଇଟି ପିଲା ଆସି ପାଖରେ ଛିଡ଼ା ହେଲେ । ଗୋଟିଏ କଳା ଗୋଟିଏ ଗୋରା । ପାଖରେ ଆସି ଛିଡା ହୋଇ ପଚାରିଲେ କୁଆଁଡେ ଯିବ । କହିଲୁ ଆମର ଜଣେ ସାଙ୍ଗ ନରେନ୍ଦ୍ର ପୋଖରୀ ପାଖରେ ରହନ୍ତି । ତାଙ୍କ ସ୍ୱାମୀଙ୍କ ନାମ ମଧ୍ୟ କହିଲୁ ।

ସେମାନେ କହିଲେ ଓ ! ଏଇ କଥା । ଆମେତ ତାଙ୍କ ଘର ଦେଖିଛୁ । ଆସନ୍ତୁ ନେଇ ଯିବୁ । ସିଧା ସଳଖ ନେଇ ଆମର ଅଜଣା ସାଙ୍ଗଙ୍କ ଘରେ ଆମକୁ ପହଞ୍ଚାଇ ଦେଲେ । ଆମେ ସବୁ ଏତେ ଖୁସି ହୋଇଗଲୁ ଯେ ସଦ୍ୟ ନିଦରୁ ଉଠି ଆସିଥିବା ସାଙ୍ଗଙ୍କ ଘର ଭିତରକୁ ପଶିଯାଇ ନିଶ୍ୱାସ ମାରିଲୁ । ହଠାତ୍ ଆମ ଭିତରୁ ଜଣେ କହିଲା । ଆରେ ପିଲା ଦୁଇଟି ଗଲେ କୁଆଡେ ? ସତରେ ତ ଅନ୍ଧାର ଭିତରେ ସେମାନେ ମିଳାଇ ଯାଇଥିଲେ । ଆମେ ବା ତାଙ୍କ ନାମ ପଚାରି ପାରିଲୁ କେଉଁଠି ? ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲୁ । ସବୁ ତାଙ୍କରି ଲୀଳା ।

ଆଉ ଗୋଟିଏ ଘଟଣା । ଜଣେ ବନ୍ଧୁଙ୍କଠୁ ଶୁଣିଛି । ସେ ଜଣେ ବିଦ୍ୟାବତୀ, ଜ୍ଞାନବତୀ ମହିଳା । ଅଧ୍ୟାପିକା, କୃଷ୍ଣ ଉପରେ ପିଃଏଚ୍ଃଡିଃ କରିଛନ୍ତି । ତାଙ୍କୁ ଦେଖିଲେ ମନରେ ଭକ୍ତି ଆସେ, ଶ୍ରଦ୍ଧା ଆସେ । ସତେକି ଏ ଯୁଗର ମୀରା ବାଇ । ସେ କହୁଥିଲେ ଯୌବନର ପ୍ରାରମ୍ଭରେ ସେ ହୋଇଥିଲେ ପତିହରା । ସେତେବେଳେ ଅନ୍ୟ କିଛି ଉପାୟ ନଥିଲା । ପାଠପଢ଼ା ଜାରି ରଖିଲେ । ହିନ୍ଦି ଶାସ୍ତ୍ରରେ ଏମ୍ଃଏଃ ପାଶ୍ କଲେ । ପିଏଚ୍ଃଡ଼ିଃ କରିବା ନିମନ୍ତେ ବିଷୟ ନିର୍ବାଚନ କଲେ କୃଷ୍ଣଙ୍କ ସମ୍ବନ୍ଧରେ । ସ୍ଥାନ ନିର୍ବାଚନ କଲେ ମଥୁରା, କୃଷ୍ଣ ଜନ୍ମସ୍ଥାନ । ପବିତ୍ର ସ୍ଥାନ, ସାତ୍ତ୍ୱିକ ପରିବେଶ, ଓ ଖାଦ୍ୟ ମଧ୍ୟରେ କୃଷ୍ଣତତ୍ତ୍ୱ ସମ୍ବନ୍ଧୀୟ ପୁସ୍ତକ ମଧ୍ୟରେ ନିଜକୁ ହଜାଇ ଦେଲେ ।

ତାଙ୍କ ମନରେ ଚିନ୍ତା ହେଲା ଦ୍ୱାରାକା ଯିବେ । କୃଷ୍ଣ ଦର୍ଶନ କରିବେ । ଘରେ ସାଙ୍ଗରେ ଯିବାକୁ କେହି ନାହିଁ । ମାମୁଁଙ୍କ ଘର ବାଙ୍ଗାଲୋରକୁ ଗଲେ । ସେଠାରୁ କେହି ହେଲେ ମିଳିଲେ ନାହିଁ । ସେ କହିଲେ ଏକୁଟିଆ ଯିବି । ସମସ୍ତେ ବାରଣ କଲେ । ସୁନ୍ଦରୀ ଯୁବତୀ ଶିକ୍ଷିତା ହେଲେ କ'ଣ ହେବ ? ଆଜିକାଲି ଯୁଗ ଯାହା । ଏକୁଟିଆ ଦ୍ୱାରାକା ଯିବା କ'ଣ ସମ୍ଭବ ?

ତାଙ୍କର ମନ ଦୃଢ଼ । ଏକୁଟିଆ ହେଉ ପଛେ । ନିଶ୍ଚୟ ଦ୍ୱାରକା ଯିବେ । ଗଲେ ମଧ୍ୟ ବାଟରେ ବସ୍‌ରେ ଜଣେ ଭଦ୍ର ବ୍ୟକ୍ତିଙ୍କ ସଙ୍ଗରେ ଆଳାପ ହେଲା । ସେ କହିଲେ କୁଆଡେ ଯାଉଛ ? ତାଙ୍କଠାରୁ ଦ୍ୱାରକା ଯିବା କଥା ଶୁଣି ହସିଲେ, କହିଲେ ମା' ଯାହା ପାଇବାକୁ ଆଶା କରି ଯାଉଛ ସତରେ କ'ଣ ପାଇବ ।

ଦୃଢତାର ସହିତ ସେ ଉତ୍ତର ଦେଲେ ନିଶ୍ଚୟ ପାଇବି । ଭଦ୍ର ବ୍ୟକ୍ତି ଖୁସି ହେଲେ । ଗୋଟିଏ ଲେଖା ଦେଇ କହିଲେ ତୁମେ ସେଠାକୁ ଯାଇ ଏଇ ଭଦ୍ର ବ୍ୟକ୍ତିଙ୍କୁ ଦେଖା କରିବ । ସେ ଗୋଟିଏ ଟେମ୍ପୋରେ ବସି ଗଲେ । ଟେମ୍ପୋବାଲା ପଚାରିଲା ମା' କୁଆଡେ ଯିବ ? ତାଙ୍କଠାରୁ ଭଦ୍ର ବ୍ୟକ୍ତି କହିଥିବା ସ୍ଥାନ ଓ ବ୍ୟକ୍ତିଙ୍କ ନାମ ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲା । ଠିକ୍ ଯାଗାରେ ନେଇ ପହଁଞ୍ଚାଇ ଦେଲା । ଟେମ୍ପୋରୁ ଓହ୍ଲାଇ ଘରର ଫାଟକ ନିକଟକୁ ଯାଉ ଯାଉ ଗେଟ୍ ପାଖରେ ଜଣେ ଭଦ୍ର ବ୍ୟକ୍ତିଙ୍କୁ ଦେଖିଲେ । ଭଦ୍ର ବ୍ୟକ୍ତିଙ୍କର ଜିଜ୍ଞାସାର ଉତ୍ତର ଦେଇ କହିଲେ ଏଇ କାଗଜରେ ଲେଖାଥିବା ଭଦ୍ର ବ୍ୟକ୍ତିଙ୍କୁ ମୁଁ ଦେଖା କରିବାକୁ ଆସିଛି । ତାଙ୍କୁ ଲେଖାଟି ଦେଇଥିବା ଭଦ୍ର ବ୍ୟକ୍ତିଙ୍କର ନାମ ମଧ୍ୟ

ମିତ ହେଲେ ମଧ୍ୟ ରତ୍ନ ସିଂହାସନରେ ପ୍ରତିଷ୍ଠା ଲାଭ କରିଥିବାରୁ ଶ୍ରେଣୀ ପର୍ବ ପର୍ବାଣୀରେ ତାଙ୍କୁ ସେହି ଆସନରୁ ଉଠାଇ ନେବା ଧର୍ମ ବିରୋଧ କର୍ମ ରୂପେ ପରିଗଣିତ ହେଉଥିଲା । ତେଣୁ ହରେ ଦେବତାମାନଙ୍କୁ ବିମାନରେ ବୋହି ନେଇ ଯାତ୍ରା ଉତ୍ସବମାନ ସମାପନ କରିବା ବିଧି ପ୍ରଚଳିତ ହେଉଥିଲା ।

ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ପ୍ରସ୍ତର ପ୍ରତିମାଙ୍କ ସ୍ଥାନରେ ଯେତେବେଳେ ଦାରୁ ବିଗ୍ରହଙ୍କ 'ନବ କଳେବର' ଉତ୍ସବ ଅନୁଷ୍ଠିତ ହେଲା, ସମ୍ଭବତଃ ରାଜକୀୟ ପଦ୍ଧତିରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ 'ଅଙ୍କ' ଉତ୍ସବ ସୁନିଆଁ ଅର୍ଥାତ୍ ଭାଦ୍ରପଦ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ 'ବାମନ ଜନ୍ମ' ସଙ୍ଗେ ଅନୁଷ୍ଠିତ ହୋଇ ଉତ୍କଳର କୋଳୀନ ପଞ୍ଜିକାରେ ତାହା ବ୍ୟବହୃତ ହେଉଥିଲା ।

ଶ୍ରୀଜଗନ୍ନାଥଙ୍କ ଅଙ୍କ କେତେକ ଅଭିଲେଖରେ ଖୋଦିତ ହୋଇଛି, ଯଥା–

(୧) ଶ୍ରୀକୂର୍ମ ମନ୍ଦିର ଶିଳାଲେଖ (E. I. Vol. V, P.P. 35-36, I. O. Vol. V, Pt. ii, P.369)—ସ୍ୱସ୍ତି ଶ୍ରୀଶକ ବର୍ଷଂ ଛୁ ୧୨୩୧ ଗୁନେଂଟିଂ ଶ୍ରୀଜଗନ୍ନାଥ ଦେବର ବିଜୟ ରାଜ୍ୟ ସମ୍ବତ୍ସରଂ ଛୁ (୩) ଗୁଣ୍ଡାହି କନ୍ୟା ଶୁକ୍ଳ ଷଷ୍ଠୁ ଗୁରୁବାର ଶ୍ରୀନରସିଂହ ଭାନୁ ଦେବ ଜିୟନ ଗାରି ବେହରଣ ମୁନାଂହୁ.....

(ଏଥିରେ ସଠିକ୍ ଖ୍ରୀଷ୍ଟାବ୍ଦ ୫–୨–୧୩୧୦) ।

(୨) ପଞ୍ଜାବୀ ମଠ ତାମ୍ର ଶାସନ (O. H. R. J. Vol. IX, No. 142, P.P. 19—27; Vol V, Pt. ii, P.P. 375)—.....ଶକ ନୃପତେଃ ଚତୁସ୍ତ୍ରିଂ ଶଦଧିକେ ଦ୍ୱାଦଶ ଶତ ପରିମିତେ ବତ୍ସରେ–ପ୍ରତିବାହିତେଷ୍ଟୁ ବିଶ୍ୱଂ–ଭରାଭାର ବହନ ମହନୀୟଦ୍ୟୋତି ପ୍ରଶସ୍ତି ସ୍ତୋମ ବିରାଜମାନ ଶ୍ରୀପୁରୁଷୋତ୍ତମ ଦେବସ୍ୟ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟେ ସପ୍ତମେଙ୍କେ ଅଭିଲିଖ୍ୟମାନେ ଧନୁଃ କୃଷ୍ଣ ନବମ୍ୟାଂ ଶୌରୀବାରେ ଶ୍ରୀପୁରୁଷୋତ୍ତମ କଟକେ କ୍ଷୀର-ମହୋଦଧି ତୀରେ ବୀର ଶ୍ରୀମଦ୍ ଭାନୁଦେବ ରାଉତ ବର୍ମ ସାମ୍ରାଜ୍ୟଭୋଗ୍ୟ ଐଶ୍ୱର୍ଯ୍ୟସ୍ୟ ବୁଦ୍ଧସ୍ତେ.....'

(ଏଥିରେ ସଠିକ୍ ଖ୍ରୀଷ୍ଟାବ୍ଦ ୨୩–୧୨–୧୩୧୨)

(୩) ସିଂହାଚଳର ନୃସିଂହ ମନ୍ଦିର ଅଭିଲେଖ (S. I. I., Vol. VI, No.714; IO. Vol. V, Pt.ii, P.390—"ସ୍ୱସ୍ତି ଶ୍ରୀଶକ ବର୍ଷଂ ଛୁ ୧୨୪୧ ଗୁନେଟିଂ ଶ୍ରୀଦେବାଦିଦେବ ଶ୍ରୀଜଗନ୍ନାଥ ଦେବର ବିଜୟ ରାଜ୍ୟ ସମ୍ବତ୍ସରଂ ଛୁ ୧୩ ଶ୍ରାହି ଋଷଭ କୃଷ୍ଣ ୧୧ସୁ ପଣ୍ଡିତ ବାର ମୁନାଂହୁ....."

(ଏଥିରେ ସଠିକ କାଳ ଖ୍ରୀ: ୧୬–୫–୧୩୧୯)

ଉପରୋକ୍ତ ଅଭିଲେଖମାନଙ୍କରୁ ସ୍ପଷ୍ଟ ପ୍ରତିପାଦିତ ହେଉଛି ଯେ, ଉତ୍କଳରେ ଗଙ୍ଗ ବଂଶୀୟ ରାଜାମାନଙ୍କ 'ଅଙ୍କ' ଯେଉଁ ପଦ୍ଧତିରେ ପୂର୍ବେ ଗଣାଯାଉଥିଲା ଠିକ୍ ସେହି ପଦ୍ଧତିରେ ପ୍ରଥମ ଓ ଷଷ୍ଠ ଅଙ୍କକୁ ବାଦ ଦେଇ ଅନ୍ୟ ସବୁ 'ଅଙ୍କ' ଗଣାଯାଉଥିଲା । ତେଣୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ସର୍ବ ପ୍ରଥମେ ଖ୍ରୀ: ୧୩୦୯ ରେ ଦ୍ୱିତୀୟ ଅଙ୍କଠାରୁ ଗଣାଯାଇ ଖ୍ରୀ: ୧୩୧୯ରେ ୧୩ ଅଙ୍କ ଗଣାଯାଉଥିଲା । ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଉଛି ଯେ, ଶ୍ରୀପୁରୁଷୋତ୍ତମ – ଜଗନ୍ନାଥଙ୍କ ପ୍ରଥମ କିମ୍ବା ଦ୍ୱିତୀୟ 'ନବ କଳେବର' ନିଶ୍ଚିତ ଭାବେ ୧୩୦୯ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ହୋଇଥିଲା । ସେ ବର୍ଷଟି ହେଉଛି ନରସିଂହ ଦେବ (୨ୟ)ଙ୍କ ରାଜତ୍ୱର ଶେଷ ବର୍ଷ ଏବଂ ତାଙ୍କ ପୁତ୍ର ଭାନୁ ଦେବଙ୍କ ରାଜତ୍ୱର ଆରମ୍ଭ ।

ଦ୍ୱିତୀୟ ନରସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଭାନୁ ଦେବଙ୍କ ରାଜତ୍ୱ କାଳ ଘୋର ଅଶାନ୍ତିରେ କଟିଥିଲା ; କାରଣ ବଙ୍ଗର ସୁଲତାନ ଘିଆସୁଦ୍ଦିନ୍ ବାହାଦୂର ଉତ୍କଳ ଜୟ କରିବାକୁ ଅଭିଯାନ ଚଳାଇଥିଲେ ତେଣୁ ଭାନୁ ଦେବଙ୍କ ଶ୍ରାହି (ଅଙ୍କ) ଉତ୍ସବ ରାଜ ପ୍ରାସାଦରେ ନହୋଇ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ନାମରେ ସ୍ୱର୍ଣ୍ଣ ମୁଦ୍ରାରେ ଅଙ୍କ ଅଙ୍କିତ ହେଉଥିଲା । ଘିଆସୁଦ୍ଦିନଙ୍କ ସଙ୍ଗେ ତାଙ୍କର ଶେଷ ଯୁଦ୍ଧ ବୋଧହୁଏ ଭାନୁ ଦେବଙ୍କୁ ବିଜୟଶ୍ରୀ ଆଣି ଦେଇଥିଲା । ତେଣୁ ପରବର୍ତ୍ତୀ କେନ୍ଦୁଲି ତାମ୍ର ଶାସନରେ ତାଙ୍କ ପ୍ରଶସ୍ତି ମଧ୍ୟରେ ନିମ୍ନୋକ୍ତ ଶ୍ଲୋକଟି ଯୋଗ କରାଗଲା :

"ଶାଙ୍କଃ ଯସ୍ୟ ଗୟାସଦୀନ ସମର ପ୍ରାରମ୍ଭ ଶୌର୍ଯ୍ୟ କ୍ଷତ,
ପ୍ରୌଢ଼ାନେକ ନରେନ୍ଦ୍ର କନ୍ଧର ଗଳଦ୍ କୀଲାଳ ପୂର୍ଣ୍ଣାବନୀ ।
ତତ୍କାଳ କ୍ଷତବକ୍ଷସାଂ କରିକୁଳା ସ୍ଫାଲୋହିତ ଶୋଣିତା,
ସାରୋଦ୍ୟାପି ଦିଗନ୍ତରେଷ୍ଟି ବିଜସଦ୍ ସନ୍ଧ୍ୟାନୁରାଗଚ୍ଛଳାତ ॥"

ଜିୟାବାର୍ଣ୍ଣି (Zia Barni) ନାମକ ଜଣେ ପାରସ୍ୟ ଐତିହାସିକଙ୍କ ବିବରଣୀରେ ଲେଖା ଅଛି ଯେ, ଭାନୁ ଦେବଙ୍କ ରାଜତ୍ୱ କାଳରେ, ଅର୍ଥାତ୍ ୧୩୨୨ ଖ୍ରୀଷ୍ଟାବ୍ଦରେ ଘିଆସୁଦ୍ଦିନ୍ ତାଙ୍କ ପୁତ୍ର ଉଲୁଗଖାନ୍ (Ulugh Khan)ଙ୍କୁ ଦାକ୍ଷିଣାତ୍ୟର ୱାରାଙ୍ଗଲ୍ ଓ ତେଲେଙ୍ଗାନା ଜୟ କରିବାକୁ ପଠାଇଥିଲେ । ଠିକ୍ ସେହି ବର୍ଷ ତାଙ୍କରି କୁଟନୈତିକ ମନ୍ତ୍ରଣା ହେତୁ କଳିଙ୍ଗର ଦକ୍ଷିଣ ସୀମାରେ କେତେକ ବନ୍ଧ ଆଦିବାସୀ ଖଣ୍ଡପାଳ ବିଦ୍ରୋହ ସୃଷ୍ଟି କରିଥିଲେ । ତେଣୁ ଭାନୁ ଦେବ (୨ୟ) ସେ ଅଞ୍ଚଳରେ ଶାନ୍ତି ରକ୍ଷା ପାଇଁ କଳିଙ୍ଗର ରକ୍ଷାପାଳ ରୂପେ ନିଯୁକ୍ତ ହୋଇଥିବା ଶ୍ରୀରାମ ସେନାପତିଙ୍କୁ ପଠାଇ ସେ ଅଞ୍ଚଳର ବିଦ୍ରୋହ ଅବିଳମ୍ବେ ଦମନ କରାଯାଇଥିଲା* । ଭାନୁ ଦେବଙ୍କ ରାଜତ୍ୱ କାଳରେ ତାଙ୍କ ସାମ୍ରାଜ୍ୟରେ ଏପରି ଉପଦ୍ରବମାନ ବିଭିନ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିଲା । ତେଣୁ ୧୩୦୮ ଖ୍ରୀଷ୍ଟାବ୍ଦରେ ତାଙ୍କ ପିତା ନରସିଂହ ଦେବ (୨ୟ)ଙ୍କ ମୃତ୍ୟୁ ହେତୁ ସେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଦେବତାଙ୍କ ନାମରେ 'ସୁନିଆଁ' ପ୍ରଚଳନ କରିଥିବା ଜଣାଯାଏ ।

'ସୁନିଆଁ' ବିଧି ଅନୁସାରେ ଗଙ୍ଗ ରାଜାମାନଙ୍କର ସେ ବର୍ଷର 'ଅଙ୍କ' ମୁଦ୍ରିତ ହୋଇ ସ୍ୱର୍ଣ୍ଣ ମୁଦ୍ରା ନିର୍ମିତ ହେଉଥିଲା । ଐତିହାସିକମାନେ ସେହି ମୁଦ୍ରାକୁ 'ଗଙ୍ଗ ଫେନମ୍' (Ganga-Phenam) ନାମକରଣ କରିଛନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସେହି ମୁଦ୍ରା ମିଳିଛି; କଟକ, ଅନୁଗୁଳ, ବଲାଙ୍ଗୀର ପ୍ରଭୃତି ଜିଲ୍ଲାମାନଙ୍କରୁ ଓ ସମ୍ପର୍କରେ ସବିଶେଷ ବିବରଣୀ ଏ ଲେଖକର "Inscriptions of Orissa", Vol. III, Pt. ii, P.P. 361-364 ଦ୍ରଷ୍ଟବ୍ୟ । ଏହି ମୁଦ୍ରାମାନଙ୍କ ଏକ ପାର୍ଶ୍ୱରେ ରାଜାଙ୍କର କିମ୍ବା ଦେବତାଙ୍କ ଅଙ୍କ ଏବଂ ଅନ୍ୟ ପାର୍ଶ୍ୱରେ ଓଡ଼ିଆ 'ସ' ଅକ୍ଷର ପରି ଏକ ଚିହ୍ନ କିମ୍ବା ବୃଷଭ ଓ ଖଣ୍ଡ ଚନ୍ଦ୍ର ପ୍ରତୀକ ଲାଞ୍ଛନ ମୁଦ୍ରିତ ହୋଇଥିବା ଦେଖାଯାଏ । ସ୍ଥୂଳରେ କହିବାକୁ ଗଲେ ଭାନୁ ଦେବ (୨ୟ)ଙ୍କ ରାଜତ୍ୱ କାଳରେ ଖ୍ରୀ: ୧୩୧୦ରୁ ଆରମ୍ଭ କରି ଦେବାଦିଦେବ ଶ୍ରୀଜଗନ୍ନାଥଙ୍କ ୩ ଅଙ୍କଠାରୁ ୧୩ ଅଙ୍କ ପର୍ଯ୍ୟନ୍ତ ଯେଉଁ 'ଅଙ୍କ'–ଉତ୍ସବ ଶ୍ରୀମନ୍ଦିରରେ ହୋଇଥିଲା, ତାହା ସମ୍ଭବତଃ ପ୍ରଥମ ବା ଦ୍ୱିତୀୟ 'ନବ କଳେବର' ପରେ ହୋଇଥିବା ସମ୍ଭବ ।

# ଶ୍ରୀକ୍ଷେତ୍ର, ରତ୍ନ ସିଂହାସନ ଓ ଚୈତନ୍ୟ

* ବୈକୁଣ୍ଠ ମହାପାତ୍ର

ଆଜକୁ ୫୦୦ତମ ଖ୍ରୀଷ୍ଟାବ୍ଦ ଅର୍ଥାତ ୧୪୮୬ ଫେବ୍ରୁଆରୀ ୧୪ ତାରିଖ ଶୁକ୍ରବାର ପୂର୍ଣ୍ଣଚନ୍ଦ୍ରଙ୍କ ଗ୍ରହଣ ସମୟ ପୂର୍ଣ୍ଣମୀ ତିଥିରେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିଥିଲେ "ମା" ଶଚୀ ଦେବୀ ଓ ପିତା ଜଗନ୍ନାଥ ମିଶ୍ରଙ୍କ ସନ୍ତାନରୂପେ । ତାଙ୍କ ମାତା ତାଙ୍କୁ ତାଙ୍କ ବାରି ପଛପାଖ ଏକ ନିମ୍ବ ଗଛ ମୂଳେ ଜନ୍ମ ଦେଇଥିବାରୁ ତାଙ୍କ ନାମ ଶ୍ରଦ୍ଧାରେ ରଖିଥିଲେ ନିମାଇ । ପରବର୍ତ୍ତୀ କାଳରେ ଚୈତନ୍ୟ ଦେବ ନାମରେ ନାମିତ ହୋଇଥିଲେ । ଶ୍ରୀଚୈତନ୍ୟ ଦେବ ଲକ୍ଷ୍ମୀପ୍ରିୟା ଦେବୀଙ୍କୁ ବିବାହ କରିଥିଲେ ମାତ୍ର ଶ୍ରୀଚୈତନ୍ୟ ଦେବ ପୂର୍ବ ବଙ୍ଗ ଯିବା ପରେ ତାଙ୍କ ବିଚ୍ଛେଦରେ ତାଙ୍କର ପ୍ରାଣପ୍ରିୟା ଲକ୍ଷ୍ମୀଦେବୀ ପ୍ରାଣ ବିସର୍ଜନ କରିଥିଲେ । ତା'ପରେ ଚୈତନ୍ୟ ଦେବ ମାତାଙ୍କ ଆଦେଶ ମତେ ଦ୍ୱିତୀୟ ବିବାହ କଲେ ଶ୍ରୀମତୀ ବିଷ୍ଣୁପ୍ରିୟା ଦେବୀଙ୍କୁ । ପିତାଙ୍କ ଶ୍ରାଦ୍ଧ ଦେବା ପାଇଁ ଶ୍ରୀଚୈତନ୍ୟ ଦେବ ଗୟା ଯାଇଥିଲେ । ଗୟାରେ ସେ ଶ୍ରୀପାଦ ଈଶ୍ୱର ପୁରୀଙ୍କୁ ଭେଟିଥିଲେ । ଶ୍ରୀପୁରୀ ଚୈତନ୍ୟଙ୍କୁ ଦେଖି କହିଥିଲେ ମୁଁ ତୁମ ଘର ମାୟା ପୁରରେ ଅତିଥି ହୋଇଥିଲି ତୁମେ ମୋର ରକ୍ଷା ଦ୍ରବ୍ୟ ଭକ୍ଷଣ କରିଥିଲ, ତୁମ ପିତା ପୁନରାୟ ରକ୍ଷା ଦ୍ରବ୍ୟ ଦେଇଥିଲେ ମନେ ଅଛି । ଉଭୟେ ଉଭୟଙ୍କୁ ଚିହ୍ନିଲେ ଓ ଶ୍ରୀଚୈତନ୍ୟ ଈଶ୍ୱର ପୁରୀଙ୍କଠାରୁ ଦୀକ୍ଷା ଗ୍ରହଣ କରି ନବ ଦ୍ୱୀପ ଶ୍ରୀବାସ ଠାକୁରଙ୍କ ଅଗଣରେ ତାଙ୍କର ସଂକୀର୍ତ୍ତନ ଆରମ୍ଭ କଲେ । ଶ୍ରୀଚୈତନ୍ୟଙ୍କ ନବ ଦ୍ୱୀପରେ ସଂକୀର୍ତ୍ତନ ଦଳକୁ ଘୃଣ୍ୟ ମନେକରି ଦଳେ ବ୍ରାହ୍ମଣ ମୁସଲମାନ ଶାସକ ସୁଲତାନୀଙ୍କ ଦୃଷ୍ଟି ଆକର୍ଷଣ କଲେ ଯେ, ନିମାଇଁ ପଣ୍ଡିତ (ଚୈତନ୍ୟ) ପ୍ରଜାଙ୍କୁ ଧର୍ମ ମାଧ୍ୟମରେ ବିଭ୍ରାନ୍ତ କରୁଛି । ଏମାନଙ୍କ ଅଭିଯୋଗ ଶୁଣି ଅନ୍ୟଦଳ ସଂକୀର୍ତ୍ତନକୁ ପ୍ରବର୍ତ୍ତାଇ ତାଙ୍କୁ ବାଧା ଦେବାକୁ କହିଲେ ଓ ଖୋଳ ମୃଦଙ୍ଗ ଭାଙ୍ଗି ଦେଇ ଯଦି ଏପରି ଆଉ କରିବେ ତାଙ୍କୁ ମୁସଲମାନ କରି ଦିଆଯିବ ବୋଲି ଧମକ ଦିଆଗଲା । ଶ୍ରୀଚୈତନ୍ୟ (ନିମାଇଁ) ଏ ଖବର ପାଇ ପୁନରାୟ ଏକ ସଂକୀର୍ତ୍ତନ ଦଳଧରି କାଜିଙ୍କ ଦ୍ୱାର ଦେଶକୁ ଗଲେ । କାଜି ଏ କଥା ଜାଣି ପ୍ରଥମେ ଭୟ କଲେ ମାତ୍ର ପରେ ଦୁହିଁଙ୍କ ମଧ୍ୟରେ କଥା ହୋଇ ଚୈତନ୍ୟଙ୍କ ସଂକୀର୍ତ୍ତନ ଦଳକୁ ରକ୍ଷା କରିବା ପାଇଁ ଶୁଣାଇଲେ । ଏହାର କିଛି ଦିନ ପରେ ଅର୍ଥାତ ଶ୍ରୀଚୈତନ୍ୟଙ୍କୁ ୨୪/୨୫ ବର୍ଷ ବେଳେ ଶ୍ରୀକେଶବ ଭାରତୀଙ୍କ ସନ୍ୟାସ ଧର୍ମ ଗ୍ରହଣ କରି ତାହା ୬/୭ ବର୍ଷ ମଧ୍ୟରେ ଭାରତର ପ୍ରତ୍ୟେକ ତୀର୍ଥସ୍ଥାନମାନଙ୍କୁ ଯାଇ ପ୍ରଥମେ ଶ୍ରୀକ୍ଷେତ୍ର ପୁରୀକୁ ଆସିଥିଲେ । ଆସିବା ବେଳେ ସେ ଯାଜପୁର କଟକ ଜିଲ୍ଲାଠାରେ ତାଙ୍କର ଆସୀଙ୍କ ଘରେ ରାତ୍ର ରହଣୀ କରିଥିଲେ ବୋଲି ଜଣା ଯାଏ ।

ଶ୍ରୀକ୍ଷେତ୍ର ପୁରୀ ଧାମରେ ଶ୍ରୀଚୈତନ୍ୟ ଦେବ ପ୍ରିୟ ଶ୍ରୀଜଗନ୍ନାଥଙ୍କ ସିଂହାସନ ନିକଟକୁ ଯାଇ ରତ୍ନ ସିଂହାସନ ଉପରେ ଉଠି ଜଗନ୍ନାଥଙ୍କୁ ସ୍ପର୍ଶ କରିଥିବା ବେଳେ ଶ୍ରୀମନ୍ଦିରର ସେବକମାନଙ୍କ ମଧ୍ୟରେ ପ୍ରଶ୍ନ ଏ ଲୋକଟି କିଏ ? ଭକ୍ତ କିମ୍ବା ଠାକୁରଙ୍କ ବଡ଼ପାଖକୁ ଅନ୍ୟ କେହି ଯିବାର ବିରଳ ତେବେ ଏ ବ୍ୟକ୍ତି କିଏ ? ଯଦି ଅନ୍ୟ କେହି ଠାକୁରଙ୍କୁ ସ୍ପର୍ଶକରେ ଠାକୁରଙ୍କ ମହାସ୍ନାନ କରାଯାଇ ନୀତି ହୁଏ । ଏବେ କଣ କରାଯିବ । ଏହା କହି ଠାକୁରଙ୍କ ସେବକ ବେତଧାରୀ ଚୌକିଦାର ତାଙ୍କ ପାଖକୁ ଧରିବା ପାଇଁ ଅଗ୍ରସର ହେଲେ ମାତ୍ର ଲୋକଟିର ବାହ୍ୟଜ୍ଞାନ ନଥାଏ । ଏହି ସମୟରେ ଠାକୁର ରାଜାଙ୍କ ପଣ୍ଡିତ ଠାକୁରଙ୍କ ନୀତି କରିବା ପାଇଁ ମନ୍ଦିର ମଧ୍ୟରେ ଉପସ୍ଥିତ ପରମଜ୍ଞାନୀ ବାସୁଦେବ ସାର୍ବଭୌମ ସେ ବେତଧାରୀ ଚୌକିଦାରଙ୍କୁ ବାରଣ କରି କହିଲେ ଲୋକଟିକୁ ମାର ନାହିଁ । ଲୋକଟି ଭକ୍ତ ଦେଖ ତାଙ୍କ ଦେହରେ ଅଷ୍ଟ ସାତ୍ତ୍ୱିକ ଲକ୍ଷଣର ସୂଚନା ମିଳୁଛି । ବେତଧାରୀ ଏଥିରୁ ନିବୃତ୍ତ ରହିଲେ ବାସୁଦେବ ସାର୍ବଭୌମ ଲୋକଟିକୁ ଉଠାଇ ନେଇ ନିଜ ଘରକୁ ନେଲେ । ଘରେ ପହଞ୍ଚିବାର କିଛି ସମୟ ପରେ ତାଙ୍କର ଚେତନା ଫେରିଲା । ଦେଖନ୍ତି ତ ପାଖରେ ଜଣେ ପଣ୍ଡିତ ବିଦ୍ୱାନ ଚିନ୍ତା କରୁଥାନ୍ତି । ରାଧାକୃଷ୍ଣ ତତ୍ତ୍ୱ ସମ୍ପୂର୍ଣ୍ଣ ଭାବରେ ଅବଗତ ନହୋଇ ଭକ୍ତି ସାଧନାରେ ଅଗ୍ରସର ହେବା ସମ୍ଭବପର ନୁହେଁ । କ'ଣ ଏହି ସେହି ବ୍ୟକ୍ତି ଭକ୍ତ ଶିରୋମଣୀ ସନ୍ୟାସୀ ଶେଖର ଶ୍ରୀଶ୍ରୀ ଚୈତନ୍ୟ ଦେବ । ଏହା କହି ତାଙ୍କୁ ଆଲିଙ୍ଗନ କରି ଆଶ୍ଚର୍ଯ୍ୟରେ ସ୍ତମ୍ଭିଭୂତ ହୋଇ କହି ଉଠିଲେ ଆପଣ ଠାକୁରଙ୍କ ପୃଷ୍ଟପୋଷକ ଭକ୍ତ ଶିରୋମଣୀ ଶ୍ରୀଶ୍ରୀ ଚୈତନ୍ୟ ଦେବ । ଶ୍ରୀଚୈତନ୍ୟ ଦେବ ଏହା ଶୁଣି ସ୍ତମ୍ଭିଭୂତ ହୋଇ ପଚାରିଲେ ଆପଣ କ'ଣ ଠାକୁର ରାଜାଙ୍କ ସଭାପଣ୍ଡିତ ପରମଜ୍ଞାନୀ ବାସୁଦେବ ସାର୍ବଭୌମ । ପଣ୍ଡିତ ନିଜର ସନମତ ପ୍ରଦାନ କଲେ ଓ ଉଭୟେ ଉଭୟଙ୍କୁ ଚିହ୍ନି ପାରିଥିଲେ ଓ ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ ।

ତା'ପର ଦିନଠାରୁ ସେ ପ୍ରତ୍ୟେହ ଶ୍ରୀମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରନ୍ତି । କିନ୍ତୁ ତାଙ୍କର ଇଚ୍ଛା ଠାକୁରଙ୍କ ରତ୍ନ ସିଂହାସନ ପାଖକୁ ଯାଇ ଠାକୁରଙ୍କୁ ସ୍ପର୍ଶ କରନ୍ତେ । ବାସୁଦେବ ପଣ୍ଡିତ ତାଙ୍କୁ ବୁଝାଇଲେ ଆପଣ ରତ୍ନ ସିଂହାସନ ପାଖକୁ ଗଲେ ତାହା [illegible] ଶୂନ୍ୟ ହେଉଛନ୍ତି । ତେଣୁ ଆପଣ ଗରୁଡସ୍ତମ୍ଭ ପାଖ [illegible] ମନ୍ଦିରରେ ରହି ଦୂରରୁ ଜଗନ୍ନାଥଙ୍କୁ ଦର୍ଶନ କରିବେ ।

ଶ୍ରୀକ୍ଷେତ୍ରରେ ରହଣୀ ସମୟରେ ତାଙ୍କ ପାଇଁ ଥିଲା ବୃନ୍ଦାବନ ଭଳି । ସମୁଦ୍ର ଥିଲା ତାଙ୍କ ପାଇଁ ଯମୁନା ଆଉ ସମୁଦ୍ରର [illegible]

କହିଲେ । ଏତିକି ଶୁଣି ସେ ଭଦ୍ର ବ୍ୟକ୍ତି ତାଙ୍କୁ ଆଦରରେ ଭିତରକୁ ଡାକିଲେ । ତାଙ୍କୁ ସମୁଦ୍ର କୂଳରେ ଥିବା ଡାକ ବଙ୍ଗଳାରେ ରହିବାର ସୁବିଧା କରିଦେଲେ ।

ସମୁଦ୍ର କୂଳ । ଶାନ୍ତ ପରିବେଶ । ମନରେ ଶାନ୍ତି ଓ ଆନନ୍ଦ । ସେ ଅପେକ୍ଷା କରୁଥିଲେ, କେଉଁଦିନ ସେ ଦ୍ୱାରକାଧୀଶଙ୍କର ଦର୍ଶନ ଲାଭ କରିବେ । ହଠାତ୍ ଦିନେ ଗୋଟିଏ ପରିବାର ସେହି ବଙ୍ଗଳାରେ ରହିବାକୁ ଆସିଲେ । ସେମାନେ କାରରେ ଆସିଥିଲେ, ତାଙ୍କ ସହିତ ପରିଚୟ ହେଲା । ଭଦ୍ର ବ୍ୟକ୍ତି କହିଲେ ଆମେତ ଅଞ୍ଚଳୋକ । ଦ୍ୱାରକାଧୀଶ ଏବଂ ସୋମନାଥ ଦର୍ଶନରେ ଯିବୁ । ଆପଣ ଚାଲନ୍ତୁ । ସେ ସେମାନଙ୍କ ସାଙ୍ଗରେ ଗଲେ । ସୋମନାଥ ଦର୍ଶନ କଲେ । ଦ୍ୱାରକାଧୀଶଙ୍କୁ ମନ ପୁରାଇ ଦର୍ଶନ କଲେ କାରଣ ତରତର ହେବାର ନଥିଲା । କାରଣ ସାଙ୍ଗରେ ଥିଲା ।

ସେହି ପରିବାର ସାଙ୍ଗରେ ବାଙ୍ଗାଲୋର ଆସିଲେ । ବାଙ୍ଗାଲୋରରୁ ମାମୁଁ ଓ ମାଇଁଙ୍କ ସାଙ୍ଗରେ ଘରକୁ ଫେରିଲେ ।


ବନ୍ଧୁ କହୁଥିଲେ ସେଥର ଯାତ୍ରାରେ ତାଙ୍କର ମୋଟ୍ ଖର୍ଚ୍ଚ ହୋଇଥିଲା ୫୦ ଟଙ୍କା । କାରଣ ବିଭୁ କୃପାରୁ ତାଙ୍କର ରହିବା ଓ ଖାଇବାର ବ୍ୟବସ୍ଥା ତ ସୁବିଧାରେ ହୋଇ ପାରିଥିଲା ।

ବନ୍ଧୁ ତାଙ୍କର ଯାତ୍ରା ବିବରଣୀ ବର୍ଣ୍ଣନା କରିବା ବେଳେ ତାଙ୍କର ସ୍ୱପ୍ନାବିଷ୍ଟ ଚକ୍ଷୁ ଓ ମୁହଁର ସାତ୍ତ୍ୱିକ ଭାବ ଦେଖି ମୁଁ ମଧ୍ୟ ଅଭିଭୂତ ହୋଇ ପଡ଼ିଥିଲି । ବିଶ୍ୱାସ କରି ପାରୁନଥିଲି । ଏ ଯୁଗରେ ମଧ୍ୟ ଏପରି କୃଷ୍ଣ ଚରଣାର ବିନ୍ଦରେ ନିଜକୁ ହଜାଇଦେବା ମୀରା ଅଛନ୍ତି । ଦ୍ୱାରକା ଧୀଶଙ୍କ ମନ୍ଦିରରେ ତାଙ୍କର ଭାବବିହ୍ୱଳ ମୂର୍ତ୍ତି ଦେଖି ମୁଁ ମୁଗ୍ଧ ହୋଇଛି ।

ସତରେ "ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର" ଏ କଥା ସବୁ ଯୁଗରେ ସମସ୍ତଙ୍କ ପାଇଁ କେତେ ସତ ନହୋଇଛି ।

---

ସାନ୍ତ୍ୱନା ମିଶ୍ର,
କୁଞ୍ଜକାନ୍ତ, ଢେଙ୍କାନାଳ-୭୫୯୦୦୧ ।



# ବାରମାସେ ତେର ଯାତ

✱ ଶ୍ରୀ ଘନଶ୍ୟାମ ଦାଶ

ଆହେ ଚକାଡୋଳା କଳା ସୁନ୍ଦର, ବିଜେ କରିଅଛ ନୀଳ କନ୍ଦର
କରୁଅଛ ଲୀଳା ସେ ନୀଳ କନ୍ଦରେ, ଭାଇ ଭଉଣୀଙ୍କି ଘେନି ସଙ୍ଗର ।(୧)

ଶ୍ରୀମନ୍ଦିରେ ରହି ପାଉଛ ପୂଜା, ନୀଳ ଚକ୍ରେ ପ୍ରଭୁ ଉଡ଼ାଇ ଧ୍ୱଜା
ସେ ଧ୍ୱଜା ଡାକୁଛି ଜଗତ ଜନଙ୍କୁ, ଆସ, ଆସ ମୁକ୍ତ କର ଶରୀର ।(୨)

କେତେ ଯୋଗୀ, କେତେ ସନ୍ଥ ମହନ୍ତ, ହୋଇଛନ୍ତି ପ୍ରଭୁ ତୁମ୍ଭ ଆଶ୍ରିତ
ମୁକତ କରନ୍ତି ଜୀବନ ତାଙ୍କର, ନୟନେ ଦେଖିଣ ରୂପ ତୁମ୍ଭର ।(୩)

କେତେ ଭଳି ବେଶ ହୁଅଟି ତୁମ୍ଭେ, ନ ଜାଣନ୍ତି କେହି ମାନବ ଦେବେ
ବରଷକ ସାରା ଲଗାଇଛ ଯାତ୍ରା, କେ ବୁଝିବ ପ୍ରଭୁ ତୁମ୍ଭ ଅନ୍ତର ।(୪)

ମେଷ ଶୁକ୍ଳପକ୍ଷ ତୃତୀୟା ଦିନ, ଅକ୍ଷୟ ତୃତୀୟା ପୂଜା ବିଧାନ
ଶେଷ କରି ତାଙ୍କୁ ଚନ୍ଦନ ଯାତ୍ରାକୁ, ବିଜେ କର ପ୍ରଭୁ ଦୋଳା ଉପର ।(୫)

ମଦନ ମୋହନ ରୂପକୁ ଧରି, ନରେନ୍ଦ୍ରକୁ ଯାଅ ହେ ବନମାଳୀ
କର୍ପୂର ଚନ୍ଦନ ଦେହେ ହୋଇ ବୋଳି, ମହକାଇ ଦିଅ କୂଳ ତାହାର ।(୬)

ଅଷ୍ଟମୀ ତିଥିରେ ପଡ଼ଇ ଯାତ, ନିଳାଦ୍ରୀ ମହୋଦୟ ବୃତାନ୍ତ
ପୂର୍ଣ୍ଣମୀରେ ହୁଏ ପୁଷ୍ପ ଦୋଳୋତ୍ସବ, କହି ନୁହେ ପ୍ରଭୁ ତା ପଚାନ୍ତର ।(୭)

ଏକାଦଶୀ ଠାରୁ ପୂର୍ଣ୍ଣମୀ ଯାଏ, ନରେନ୍ଦ୍ରରେ ନାବ ଭଉଁରୀ ହୁଏ
ଯେ ଦେଖୁଛି ସେହି ଭଉଁରୀ ଯାତରା, ନ ଭୁଲିବ କେବେ ମନୁ ତାହାର ।(୮)

ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥି, କି କହିବି ପ୍ରଭୁ ତୁମ ଭାରତୀ
ସ୍ନାନ ମଣ୍ଡପକୁ ଆସିବା ବାଟରେ, ଦେଖିବ କେ ପ୍ରଭୁ ନାଚ ତୁମ୍ଭର ।(୯)

ସିଂହାସନଠାରୁ ମଣ୍ଡପ ଯାଏ, ବାଟ ଯାକ ପ୍ରଭୁ ପହଣ୍ଡି ହୁଏ
ସ୍ୱର୍ଣ୍ଣ କଳସୀରେ ସ୍ନାହାନ ସାରିଣ, ଗଜାନନ ବେଶ ଧାରଣ କର ।(୧୦)
ବଡ଼ଦାଣ୍ଡେ ଥାଇ ଭକତ ଗଣ, ଦେଖୁଥାନ୍ତି ତୁମ୍ଭ ଗଜ ବଦନ
ଆହେ ଚକା ଡୋଳା, ଆହେ ଜଗନ୍ନାଥ, ଉଚ୍ଚେ ଡାକୁ ଥାନ୍ତି ହୋଇ କାତର ।(୧୧)
ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ, ଭକତମାନଙ୍କ ମନ ଉଛନ
ଅଛୁଆଁ ଛୁଆଁର ବିଶ୍ୱରତ ନାହିଁ, ଦେଖିବେ ତୁମକୁ ରଥ ଉପର ।(୧୨)

ଭେଦ ଭାବ ନାହିଁ କାହାରି ମନେ, ମନଥାଏ ପ୍ରଭୁ ତୁମ୍ଭ ଦର୍ଶନେ
ଏକ ପଦେ ବସି ପ୍ରସାଦ ଖାଆନ୍ତି, ନାହିଁ ଘୃଣାଭାବ ମନେ କାହାର ।(୧୩)

ତୁମ୍ଭେ ଯାଅ ପ୍ରଭୁ ମାଉସୀ ଘର, ସାଙ୍ଗରେ ଯାଆନ୍ତି ବଡ଼ ଠାକୁର
ସାନ ଭଉଣୀଙ୍କୁ ସଙ୍ଗତରେ ନିଅ, ଏଥି ପାଇଁ ଘୋଷା ଶ୍ରୀ ମାଆଙ୍କର ।(୧୪)

ବଡ଼ଦାଣ୍ଡେ ତିନି ରଥ ସଜ୍ଜିତ, ରକ୍ତ, ପୀତ, ନୀଳ, କୃଷ୍ଣ ଲୋହିତ
ତାଳଧ୍ୱଜ ରଥେ ବଳଦେବ ଯାନ୍ତି, ଦେବ ଦଳନଟି ସୁଭଦ୍ରାଙ୍କର ।(୧୫)

ନନ୍ଦିଘୋଷ ରଥେ ହେ ଜଗନ୍ନାଥ, ବିଜେକର ତୁମ୍ଭେ କମଳାକାନ୍ତ
ଜଗତ ଜନଙ୍କ ଦରଶନପାଇଁ, ଆସି ଥାଅ ପ୍ରଭୁ ରଥ ଉପର ।(୧୬)

ପଶ୍ଚିମ କୋଣରେ ଥିବା ଛୋଟ ପର୍ବତକୁ ଭାବୁଥିଲେ ସେ ଗୋବର୍ଦ୍ଧନ ପର୍ବତ ବୋଲି । ସେ ସେଦିନଙ୍କ ସମୁଦ୍ରରେ ସ୍ନାନ ସାରି ଫେରିଲେ । ଭକ୍ତମାନଙ୍କ ସହ ରାତ୍ର ଯାପନ ବେଳେ ଅନ୍ୟମାନଙ୍କ ଅଜ୍ଞାତରେ ସେ ଉଠି ଠାକୁରଙ୍କ ନାମ ନେଇ ଠାକୁରଙ୍କ ସିଂହଦ୍ୱାର ପାଖକୁ ପଳାଇ ଥିଲେ । କିଛି ସମୟ ପରେ ତାଙ୍କ ପାଖରେ ଶୟନ କରିଥିବା ସ୍ୱରୂପଙ୍କର ନିଦ୍ରାଭଙ୍ଗ ପରେ ଦେଖିଲେ ଚୈତନ୍ୟ ନାହାନ୍ତି । ଖୋଜା ଖୋଜି କରି ମନ୍ଦିର ପାଖକୁ ଗଲେ । ଦେଖିଲେ ଚୈତନ୍ୟ ଦେବ ଜ୍ଞାନଶୂନ୍ୟ ହୋଇ ପଡ଼ିଛନ୍ତି । ତାଙ୍କର ଚାରି ପାଖରେ ସମସ୍ତେ ଘେରି କୃଷ୍ଣ ନାମ ଶୁଣାଇବାରୁ ତାଙ୍କର ଜ୍ଞାନ ଫେରିଲା ଓ ସେ ପଚାରିଲେ ମୁଁ ଏଠାରେ କିପରି । ତାଙ୍କୁ ତାଙ୍କର ଶିଷ୍ୟମାନେ କହି ଆଣିଲେ । ଠାକୁରଙ୍କ ରଥ ଯାତ୍ରା ବେଳେ ଚୈତନ୍ୟ ଦେବ ଓ ସହପାଠିମାନେ ରଥ ଆଗରେ ଭକ୍ତି ସଙ୍ଗୀତ ଗାନ କରି ଆନନ୍ଦ ବିଭୋର ହେଉଥିଲେ ।।

ଶ୍ରୀଚୈତନ୍ୟ ଦେବ ପୁରୀରେ କିଛିଦିନ ରହି ପୁଣି ଥରେ ଦକ୍ଷିଣ ଭାରତକୁ ଯିବାକୁ ମନସ୍ଥ କଲେ । ସେ ଭାରତର ରାମେଶ୍ୱରଠାରୁ କନ୍ୟାକୁମାରୀ ଯାଏ ଭ୍ରମଣ କରିଥିଲେ । ସେ ଯେଉଁଠିକୁ ଯାଉଛନ୍ତି ସେଠାକାର ଜନସାଧାରଣମାନଙ୍କୁ ବୈଷ୍ଣବ ଧର୍ମରେ ପ୍ରବର୍ତ୍ତାଉଥାନ୍ତି । ତା'ର କିଛି ଦିନ ପରେ ପୁଣି ପୁରୀକୁ ଆସି ବୃନ୍ଦାବନ ଗଲେ ସେଠାରେ କିଛି ଦିନ ରହି ଶ୍ରୀକୃଷ୍ଣ ପ୍ରେମର ଉଚ୍ଛଳ ତରଙ୍ଗରେ ନିଜକୁ ଭସାଇ ଥିଲେ । ଏହା ପରେ ସେ ମାତାଙ୍କ ଅନୁରୋଧ କ୍ରମେ ମୁକ୍ତି ଧାମ ଶ୍ରୀକ୍ଷେତ୍ରକୁ ନିଜର ମୁକ୍ତ ଧାମ ବୃନ୍ଦାବନ ମନେ କଲେ ଓ ରହିଥିଲେ ବୋଲି ଜଣାଯାଏ ।

ଜଗତର ନାଥ ଜଗନ୍ନାଥ କୌଣସି ଗୋଟିଏ ସମ୍ପ୍ରଦାୟର ନୁହଁନ୍ତି କିମ୍ବା କୌଣସି ବ୍ୟକ୍ତି ଦ୍ୱାରା ଆବଦ୍ଧ ନୁହନ୍ତି ତେଣୁ ସେ ଶ୍ରୀଚୈତନ୍ୟଙ୍କୁ ଶ୍ରୀକୃଷ୍ଣ ରୂପରେ ଦର୍ଶନ ଦେଇଥିଲେ ।

---

ନୟାଗଡ଼ ।



ମାଘ ଶୁକ୍ଳପକ୍ଷ ପୂର୍ଣ୍ଣମୀ ଦିନ, ଗଜ ଉଦ୍ଧାରଣ ବେଶ ଧାରଣ
ମହା ଜଳଧିରୁ ଗଜକୁ ରକ୍ଷିଲ, ଚକ୍ରେ ଛେଦି ଦେଇ ଗ୍ରାହର ଶିର ।(୩୯)

ଫାଲଗୁନ ଶୁକ୍ଳ ଦଶମୀ ଠାରୁ, ପୂର୍ଣ୍ଣମୀ ପର୍ଯ୍ୟନ୍ତ ହେ କଳ୍ପତରୁ
ରାଧା କୃଷ୍ଣ ବେଶକୁ ଧରି ମହାପ୍ରଭୁ, ଖୁଚେରୀ ଭୋଗରେ ମନ ତୁମ୍ଭର ।(୪୦)

ଫାଲଗୁନ ମାସରେ ଦୋଳ ଉତ୍ସବ, ଝୁଲଣି ମଣ୍ଡପେ ହେ ରାଧା ଧବ
ଗୋପୀନାଥ ବେଶ ଧରି ଜଗନ୍ନାଥ, ବୋଳି ହୁଅ ଅଙ୍ଗେ ରଙ୍ଗ ଅବିର ।(୪୧)

ବାରମାସେ ପ୍ରଭୁଙ୍କର ଯାତରା, ଲଗାଇ ଦେଇଛି ବରଷ ସାରା
ଆନନ୍ଦ ବଜାରେ କି ଆନନ୍ଦ ଦେଖ, ମହାପ୍ରସାଦର ଲାଗେ ବେପାର ।(୪୨)

ମୁହିଁ ଅଟେ ଅବା କି ଛାର ଜନ, ବେଶ ବର୍ଣ୍ଣିବାକୁ ହେବି ଭାଜନ
ମୁଣି ପଣେ ନାଥ କରିଛି ବର୍ଣ୍ଣନ, କ୍ଷମାକର ଦୋଷ କ୍ଷମା ସାଗର ।(୪୩)

ଦ୍ୱିଜ କୁଳେ ମୁହିଁ ଜନମ ଲଭି, ନ ପାରିଲି ତୁମ୍ଭ ଚରଣ ସେବି
ଜୀବନଟି ଗଲା ବୃଥା କଥା ଭାବି, ଘନକୁ ପ୍ରଭୁ ହେ କର ଉଦ୍ଧାର ।(୪୪)

---

ନୂଆପଡ଼ା, ବାଲିସାହି,
ପୋ: ନୂଆବଜାର, ଜି: କଟକ-୧୦ ।



"ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ" ଶୀର୍ଷକ ଏକ ଆଲୋଚନା ଚକ୍ରକୁ ସ୍ୱରାଜ୍ୟର ସମ୍ପାଦକ ଶ୍ରୀ ପ୍ରଭାତ କୁମାର ଦାସ ଉଦ୍‌ଘାଟନ କରୁଛନ୍ତି । ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଓ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

ବାଇଶି ପାବଛ ଆସିବା ବେଳେ, ଘଣ୍ଟା ମରଦଳ ତାଳ ଉଛଳେ
ହରିବୋଲ ହୁଳ ହୁଳି ଶବଦରେ, କମ୍ପିଯାଏ ପ୍ରଭୁ ଶ୍ରୀକ୍ଷେତ୍ର ।(୧୭)

ସେ ଦିନ ଉତ୍କଳ ଠାକୁରରାଜା, ଆସନ୍ତି ନବରୁ ବାଜାଇ ବାଜା
ସୁନା ପହଁରାରେ ପହଁରିଲେ ରଥ, ତେବେ ରଥ ଯିବ ମାଉଷୀ ଘର ।(୧୮)

ହୋଇ ସେ ଉତ୍କଳ ମଉଡ଼ମଣି, ନ ଆଣନ୍ତି ଗର୍ବ ହୃଦରେ ପୁଣି
ତୁମ୍ଭ ସମ୍ମୁଖରେ ସମସ୍ତେ ସମାନ, ରାଜା ପରଜାର ନାହିଁ ବିଚାର ।(୧୯)

ରଥେ ଦେଖି ପ୍ରଭୁ ତୁମ ଶ୍ରୀମୁଖ, ଭୁଲି ଯାନ୍ତି ସର୍ବେ ସଂସାର ଦୁଃଖ
ଶତ ଜନମର ପାପୁ ମୁକ୍ତ ହୋଇ, ଲଭନ୍ତି କି ସତେ ବୈକୁଣ୍ଠ ପୁର ।(୨୦)

ସର୍ବେ ରଥ ରଜ୍ଜୁ ଟାଣିବା ପାଇଁ, ଦାରୁଜକୁ ରହି ଥାନ୍ତି ଅନାଇଁ
ଲଗାମ ଧରିଣ ସାରଥି ଡାକିଲେ, ରଥ ଗଡ଼ି ଚାଲେ ଘର୍ରର ଘର ।(୨୧)

ବଡ଼ଦାଣ୍ଡେ ପ୍ରଭୁ ନ ମିଳେ ବାଟ, ଲଗାଇଣ ଥାଅ ପ୍ରଭୁ କି ହାଟ
ଲାଗିଯାଏ ଯାତ୍ରୀ, ବେପାର ବଣିକ, ଶ୍ରୀମନ୍ଦିର ଠାରୁ ଗୁଣ୍ଡିଚା ଘର ।(୨୨)

ସାତ ଦିନ ରହି ହେ ରଙ୍ଗାଧର, ଦଶମୀ ତିଥିରେ ବାହୁଡ଼ା ଘର
ମନ୍ଦିରକୁ ଯାଇ ନ ପାରି ସେ ଦିନ, ରହି ଯାଅ ପ୍ରଭୁ ସିଂହ ଦୁଆର ।(୨୩)

ଆଷାଢ଼ ଶୁକଳ ଏକାଦଶୀରେ, ସାଜି ହୁଅ ପ୍ରଭୁ ସୁନା ବେଶରେ
ସେ ରୂପକୁ ଦେଖି ମନ ରହେ ଲାଖି, କି ବର୍ଣ୍ଣିବି ଶୋଭା ହେ ଚକ୍ରଧର ।(୨୪)

ଶ୍ରୀହରି ଶୟନୋତ୍ସବ ପାଳନ, ରଥପରେ ହୁଏ କମଳାନନ
ସେ ଉତ୍ସବ ସାରି ମନ୍ଦିରେ ପ୍ରବେଶ, ହେବାକୁ ବାହାର ହେ ନୀଳାସର (୨୫)

ସିଂହ ଦ୍ୱାର ପାଖେ ହୋଇଣ ଠିଆ, ଡାକି ଡାକି ପ୍ରଭୁ ହୁଅ ହାଲିଆ
ଅଭିମାନେ ଥାଇ ଲକ୍ଷ୍ମୀ ଠାକୁରାଣୀ, ଦ୍ୱାର ନ ଫିଟାନ୍ତି ହେ ପୀତାସର (୨୬)

କେତେ ପ୍ରକାରର ଝିଙ୍ଗାସ ବାଣୀ, କହିଯାନ୍ତି ମାଆ ଶ୍ରୀଠାକୁରାଣୀ
ତୁମ ଭାଇଯାକ ବିନୟ ହୋଇଲେ, ଫିଟାଇ ଦିଅନ୍ତି ମା' ଦୁଆର ।(୨୭)

ଭାଦ୍ର କୃଷ୍ଣପକ୍ଷ ଦଶମୀ ଦିନ, ବନଭୋଜି ବେଶ ଧର ଆପଣ
ଗୋପାଳଙ୍କ ସଙ୍ଗେ ଖେଳାଲୀଳା କରି, ଖୁସିକରି ଥାଅ ମନ ତାଙ୍କର (୨୮)

କାଳିନ୍ଦିରେ ଥିଲା କାଳୀୟ ସର୍ପ, କଦି ନୁହେଁ ପ୍ରଭୁ ତାହାର ଦର୍ପ
ଲକ୍ଷେଭାର ପଦ୍ମ କଂସକୁ ଭେଟିଲେ, ଦଳି ଦେଇ ପ୍ରଭୁ କାଳୀୟ ଶିର ।(୨୯)

ଥିଲା ଏକ ଦୁଷ୍ଟ ପ୍ରଳମ୍ବାସୁର, ଦେବତାମାନଙ୍କୁ କରେ ଅସ୍ଥିର
ଦେବଙ୍କ ଦୁଃଖକୁ ସହି ନ ପାରିଣ, ପ୍ରଳମ୍ବାକୁ ବଧ କଲା ସତ୍ୱର ।(୩୦)

ଭାଦ୍ର କୃଷ୍ଣ ପକ୍ଷ ତ୍ରୟୋଦଶୀରେ, କୃଷ୍ଣଚନ୍ଦ୍ର ବଳରାମ ବେଶରେ
ଦ୍ୱାପର ଯୁଗର କଥା ମନେ ହେଜି, ସଜାଇଣ ହୁଅ ନିଜ ଶରୀର ।(୩୧)

ପ୍ରହଲାଦ ନାତି ବଳି ରାଜାର, ଦାନ ମାଗିବାକୁ ହୋଇ ବାହାର
ବାମନ ମୂରତି ଧରି ମହାପ୍ରଭୁ, ଚପି ଦେଲ ତାକୁ ପାତାଳପୁର ।(୩୨)

ଆଶ୍ୱିନ ଶୁକଳ ଦଶମୀ ଦିନ, ରାଜା ବେଶ ହୁଅ ହେ ନାରାୟଣ
ଏକାଦଶୀ ଠାରୁ କାର୍ତ୍ତିକ ପର୍ଯ୍ୟନ୍ତ, ରାଧା ଦମୋଦର ବେଶକୁ ଧର ।(୩୩)

କାର୍ତ୍ତିକ ଶୁକଳ ଏକାଦଶୀରେ, ସାଜି ଲକ୍ଷ୍ମୀ ନାରାୟଣ ବେଶରେ
ଦ୍ୱାଦଶୀରେ ବାଙ୍କଚୂଡ଼ ବେଶହୁଅ, ତ୍ରିବିକ୍ରମ ବେଶ ଦ୍ୱାଦଶୀ ପର (୩୪)

ନୃସିଂହ ରୂପକୁ ଚତୁର୍ଦ୍ଦଶୀରେ, ପୂର୍ଣ୍ଣମୀରେ ରାଜେଶ୍ୱର ବେଶରେ
ନାଗାର୍ଜ୍ଜୁନ ବେଶ ହୋଇଥାଅ ପ୍ରଭୁ, ତ୍ରୟୋଦଶୀ, ଚତୁର୍ଦ୍ଦଶୀ ତିଥିରେ ।(୩୫)

ପଉଷ ଶୁକଳ ପୂର୍ଣ୍ଣମୀ ତିଥି, ରାବଣ ବଧିବା ପାଇଁକି ମତି
ରାମଚନ୍ଦ୍ର ବେଶ ହୋଇ ଶିରିପତି, ବଧକର ପ୍ରଭୁ ରାବଣ ଶିର ।(୩୬)

ରାଜ ଅଭିଷେକ ହୁଅ ସେ ଦିନ, ଚାମର ଢାଳନ୍ତି ବୀର ଲକ୍ଷ୍ମଣ
ହନୁ ଘସୁ ଥାନ୍ତି ତୁମ୍ଭ ଶ୍ରୀଚରଣ, କି ଆନନ୍ଦ ଦେଖି ପରଜାଙ୍କର ।(୩୭)

ମାଘ ଅମାବାସ୍ୟା ଦିବସ ଠାରୁ, ବସନ୍ତ ପଞ୍ଚମୀ ଦିନ ମଧ୍ୟରୁ
ଶନିବାର, ବୁଧବାର ପଡ଼ିଥିଲେ, ପଦ୍ମ ବେଶ ହୁଅ ହେ ଚକ୍ରଧର ।(୩୮)

ଦାସଙ୍କର ଏ ପ୍ରକାର ଯୁକ୍ତିରେ ରାଜା କହିଲେ, "ତୁମେ ଯାହା କହୁଛ ତାହା କାର୍ଯ୍ୟରେ ନଦେଖାଇବା ପର୍ଯ୍ୟନ୍ତ ତୁମେ ବନ୍ଦୀଶାଳାରେ ରହିବ ।"

ସଙ୍ଗେ ସଙ୍ଗେ ରାଜା ପାର୍ଶ୍ୱଚରମାନଙ୍କୁ ନିର୍ଦ୍ଦେଶ ଦେଲେ, "ଜଗନ୍ନାଥ ଦାସଙ୍କୁ ବନ୍ଦୀ କରି ନିଅ" ।

ବନ୍ଦୀଶାଳାରେ ରହି ଜଗନ୍ନାଥ ଦାସ ତାଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ପ୍ରାର୍ଥନା କଲେ– "ହେ ମହାବାହୁ ! ତୁମେ ମୋତେ ଏ ମହା ପରୀକ୍ଷାରୁ ଉତ୍ତୀର୍ଣ୍ଣ କର, ମୁଁ ମୋର ମୃତ୍ୟୁ ପାଇଁ ଚିନ୍ତିତ ନୁହେଁ, ଚିନ୍ତିତ ଏଇଥି ପାଇଁ ଯେ, ଆପଣଙ୍କ ମହିମାରେ କଳଙ୍କ ନଲାଗୁ; ଆପଣଙ୍କ ଉପରେ ଏ ଅଧମର ଜୋର ଥିବାରୁ ରାଜାଙ୍କ ସମ୍ମୁଖରେ ଯେଉଁ ପ୍ରତିଶ୍ରୁତି ଦେଇଛି ତିନି ଦିନ ମଧ୍ୟରେ ସେ ପ୍ରତିଜ୍ଞା ପୂରଣ ନହେଲେ ମୃତ୍ୟୁଦଣ୍ଡ ନିଶ୍ଚିତ ।"

ଭକ୍ତର ଆକୁଳ ନିବେଦନ ଶୁଣି କଲା ଶ୍ରୀଜଗନ୍ନାଥଙ୍କ କର୍ଣ୍ଣ ଗହ୍ୱରରେ । ସେ ତତ୍‌କ୍ଷଣାତ୍ ରତ୍ନ ସିଂହାସନ ତ୍ୟାଗ କରି ଧାଇଁ ଆସିଲେ ବନ୍ଦୀଶାଳା ଭିତରକୁ । ଶଙ୍ଖ, ଚକ୍ର ଗଦା, ପଦ୍ମଧାରୀ ନାରାୟଣ ରୂପୀ ଜଗନ୍ନାଥ ନିଜର ଗୋଟିଏ ପାଦ ରଖିଲେ ବୃଦ୍ଧଗୁରୀଙ୍କ ଉପରେ ଏବଂ କହିଲେ – "ଏବେ ଦେଖ ଜଗନ୍ନାଥ ଦାସ, ତୁମର ଗୋଟିଏ ଅଙ୍ଗ ପୁରୁଷ ଏବଂ ଅନ୍ୟ ଅଙ୍ଗଟି ନାରୀ ହୋଇ ଯାଇଛି । ଆଉ ରାଜା ପ୍ରତାପରୁଦ୍ର ତୁମକୁ ଦଣ୍ଡଦେଇ ପାରିବ ନାହିଁ । ଏବେ ତୁମେ ତୁମ ପ୍ରତିଶ୍ରୁତି ପାଳନ ପାଇଁ ରାଜାଙ୍କ ପାଖରେ ଉପସ୍ଥିତ ହୁଅ ।"

ବୋଇଲେ ବାଞ୍ଛା ସିଦ୍ଧ ହେଉ
ପୁରୁଷ ତନୁ ତୋର ଯାଉ ।।
ହେଉ କାମିନୀ ତନୁ ପ୍ରାୟ ।
ରାଜା ଛାରକୁ କିମ୍ପା ଭୟ ।?
ଆମ୍ଭ ଭରସା ଥାଉ ଥାଉ ।
ଚିତ୍ତେ କାହାକୁ ଭୟ ଆଉ ?

ଜଗନ୍ନାଥ ଦାସ ନିଦ୍ରାରୁ ଉଠି ଦେଖିଲେ ଯେ ବାସ୍ତବରେ ସେ ନାରୀ ହୋଇ ଯାଇଛନ୍ତି । ତତ୍‌କ୍ଷଣାତ୍ ସେ କଣ୍ଟୁଆଳୀମାନଙ୍କୁ ଡାକି କହିଲେ ମତେ ରାଜାଙ୍କ ନିକଟରେ ଉପସ୍ଥିତ କରାଅ, ମୁଁ ମୋ ପରୀକ୍ଷାର ପ୍ରମାଣ ଦେବି ।

ରାଜାଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ରାଜା ଏହା ଦେଖି ନିଜକୁ ନିଜେ ବିଶ୍ୱାସ କରିପାରିଲେ ନାହିଁ ।

ଦେଖି ନୃପତି ଆଚମ୍ବିତ ।
ବୋଲିଲେ ଏ କି ବିପରିତ ?
ଛନ ବଦନ ଅଙ୍ଗେ ଶୋଭା ।
କି ଅବା ପଦ୍ମାକର ଦେବୀ ?
ସୁନ୍ଦରୀ ପଣେ ଏହି ନାରୀ ।
ମୋହି ପାରଇ ବ୍ରହ୍ମଚାରୀ ।
କେମନ୍ତେ ଏ ରୂପ ହୋଇଲା ।
ପୁରୁଷ ତନୁ କେଉଁଣେ ଗଲା ?

କେବଳ ଏତିକି ନୁହେଁ ରାଜାଙ୍କ ଅନୁରୋଧ କ୍ରମେ ଏବଂ ଶ୍ରୀଚୈତନ୍ୟଙ୍କ ପରାମର୍ଶରେ ରାଣୀ ଗୌରୀ ଦେବୀଙ୍କୁ ସେ ଦୀକ୍ଷା ଦାନ କରିଥିଲେ । ଜଗନ୍ନାଥ ନିଜ ଭକ୍ତର ଦୁଃଖରେ ଅନୁତପ୍ତ ହୋଇ ଅନାବିଳ ସ୍ନେହର ଚରମ ପରାକାଷ୍ଠା ଦେଖାଇବାରେ କିଞ୍ଚିତ ବି କୁଣ୍ଠିତ ହୋଇ ନାହାନ୍ତି । "ଗୀତା ପଣ୍ଡା" ଦାର୍ଢ୍ୟତା ଭକ୍ତିର ଅନ୍ୟ ଏକ ରସୋତ୍ତୀର୍ଣ୍ଣ ଅଧ୍ୟାୟ ।

ଶ୍ରୀକ୍ଷେତ୍ରରେ ପଣ୍ଡାଙ୍କର ପାଞ୍ଚପ୍ରାଣୀ କୁଟୁମ୍ବ । ପ୍ରତ୍ୟହ ସ୍ନାନ ସାରି ଶ୍ରୀମଦ୍‌ଭାଗବତ୍ ଗୀତାର ଅଠରଟି ଅଧ୍ୟାୟ ଆମୂଳ ଚୂଳ ପାଠ ସାରି ସମସ୍ତ ଯେତିକି ମିଳେ ସେତିକିରେ ସେ ଆଖପାଖ ଗ୍ରାମକୁ ଯାଇ ଯେତିକି ଭିକ୍ଷା ମିଳେ ସେତିକିରେ ସେ ପରିବାର ପ୍ରତିପୋଷଣ କରୁଥାଆନ୍ତି । ଏହି ଗୀତା ଓ ଜଗନ୍ନାଥ ତାଙ୍କର ସର୍ବସ୍ୱ । ପ୍ରତ୍ୟହ ଗୀତା ପାଠରୁ ହିଁ ଆଖପାଖ ଅଞ୍ଚଳରେ ସେ 'ଗୀତା ପଣ୍ଡା' ନାମରେ ଖ୍ୟାତ ।

ଦିନେ ଗୀତା ପାଠ ସାରି ସେ ଭିକ୍ଷାକୁ ଗଲେ, କିନ୍ତୁ କେଉଁଠାରୁ କିଛି ଭିକ୍ଷା ମିଳିଲା ନାହିଁ । ଶୂନ୍ୟ ହସ୍ତରେ ଘରକୁ ଫେରିଲେ । ସେ ଦିନଟି ଉପବାସରେ କଟିଲା । ପର ଦିନ ପଣ୍ଡାଏ ତାଙ୍କର ନିତ୍ୟ ନୈମିତିକ ଗୀତା ପାଠରେ ବ୍ୟସ୍ତ ରହିଲେ । ପୂର୍ବ ଦିନରୁ ଘରେ ସମସ୍ତେ ଉପବାସ । ଖାଇବାକୁ କିଛି ବି ନାହିଁ । ଛୋଟ ତିନିଟା ପିଲା, କେତେ ଯେ ଭୋକ ସମ୍ଭାଳିବେ; ପିଲାମାନଙ୍କର ବିକଳ ମା' ବା କିପରି ସହି ପାରିବ । ତେଣୁ ସ୍ତ୍ରୀ ରାଗ ତମତମରେ ଆସି ପହଞ୍ଚିଲା ଏବଂ ପଣ୍ଡାଙ୍କୁ ଗାଳିଗୁଲଜ ଆରମ୍ଭ କରିଦେଲା, "ତୁମେ ଏଠାରେ ସେ ଗ୍ରନ୍ଥଖଣ୍ଡ ବହିକୁ ଧରି ହୋ ହୋ ହେଉଥାଅ, ସେଆଡେ ତିନି ତିନିଟା ପିଲା ଭୋକ ଉପାସରେ ମରୁ ଆଥାନ୍ତୁ । ଏ ଗ୍ରନ୍ଥଖଣ୍ଡ ପାଠରୁ ତମକୁ କ'ଣ ମିଳୁଛି ?" ପଣ୍ଡା ଧୀରସ୍ଥିର ଭାବରେ ସ୍ତ୍ରୀକୁ ବୁଝାଇବାକୁ ଚେଷ୍ଟାକଲେ – "ତୁମେ କାହିଁକି ବ୍ୟସ୍ତ ହେଉଛ, ପ୍ରଭୁଙ୍କ ଉପରେ ଯିଏ ପୂର୍ଣ୍ଣଭରସା କରି କାର୍ଯ୍ୟ କରି ଯାଆନ୍ତି, ସେ ତା'ର ଲାଳନ ପାଳନ ଭାର ନିଜେ ବହନ କରିଥାଆନ୍ତି । ଏହାପରା ଭଗବାନ ନିଜେ କହିଛନ୍ତି, ଏହା କେବେ ଅନ୍ୟଥା ହେବ ?" ତୁମେ ଦେଖୁନ ପ୍ରଭୁ କିପରି କହିଛନ୍ତି–

ସମସ୍ତ କର୍ମ ପରିହରି ।
ଯେ ମୋର ପାଦେ ଆଶ୍ରେ କରି ।।
ତାହାର ନିର୍ବାହର ଭାର ।
କାନ୍ଧରେ ବହିଛି ମୋହର ।।

ଏହା କିପରି ଅନ୍ୟଥା ହୋଇପାରେ ? କ୍ଷୁଧାର ତାଡନାରେ ଦ୍ୱିଗୁଣିତ ହୋଇ ପଣ୍ଡିଆଣୀ ଯାହା ନାହିଁ ତାହା ପଣ୍ଡାଙ୍କୁ କହିବାକୁ ଲାଗିଲେ, କହିଲେ "ସେ କେଉଁ ଯୁଗର କଥା ଏ ଯୁଗରେ ତାହା ସମ୍ଭବ ନୁହେଁ । କାହିଁ କେଉଁଠି ତାହା ଲେଖାହୋଇଛି ।" ଏହା କହି ସେ ବାଗାରେ ଏକ ଧାରୁଆ ଛୁରୀରେ ଗାର କାଟି ପକାଇଲେ ଏବଂ ରାଗରେ ତମତମ ହୋଇ ଯାଇ କବାଟ କିଳି ଶୋଇଲେ । ପଣ୍ଡାଏ ଏଭଳି କାର୍ଯ୍ୟରେ ଘୋର ମର୍ମାହତ ହୋଇ କାନ୍ଦି ପକାଇଲେ ଏବଂ ଅନନ୍ୟୋପାୟ ହୋଇ ନୀରବରେ ଯାଇ ଘରେ ଶୋଇ ପଡ଼ିଲେ ।

କିଛି ସମୟ ପରେ ଗୋଟିଏ ପିଲା ଦୁଇଟି ଭାର ବହନ କରି ପଣ୍ଡିଆଣୀ ଯେଉଁ ଘରେ ଶୋଇଥିଲେ ସେହି କବାଟକୁ ଠକ୍ ଠକ୍ କରିବାକୁ ଲାଗିଲା । ଭୋକ ଉପାସରେ ତ ପଣ୍ଡିଆଣୀଙ୍କୁ ନିଦ ନଆସେ । ସେ ଆବାଜ ଶୁଣି କବାଟ ଖୋଲି ଦେଖିଲେ ଗୋଟିଏ କଳା ମିଚ୍‌ମିଚ୍ ପିଲା ଦୁଇଟି ଭାର ଥୋଇ ପଣ୍ଡିଆଣୀଙ୍କୁ କହୁଛି, "ପଣ୍ଡାଙ୍କର ଗୋଟିଏ ସାଙ୍ଗ ଏ ଭାର ଦେଇ ମୋତେ ପଠାଇଛନ୍ତି । ମୁଁ ମଧ୍ୟ ପଣ୍ଡାଙ୍କର ଭାରି ବିଶ୍ୱାସୀ । ଏ ଭାରଟିକ ରଖ ପଣ୍ଡାଏ ଉଠିଲେ ତାଙ୍କୁ ଜଣାଇଦେବ । ମୁଁ ଏତେ ଦିନ ପରେ ପଣ୍ଡାଙ୍କ

# ଦାର୍ଢ୍ୟତା ଭକ୍ତି

* ବସନ୍ତ କୁମାର ଦାସ

ଶ୍ରୀନୀଳାଚଳ ଧାମରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ବିଶ୍ୱର ଏକ ଚରମ ଅସମାହିତ ରହସ୍ୟ । କେତେ ସାଧୁ, ସନ୍ଥ, ସନ୍ନ୍ୟାସୀ, ସାହିତ୍ୟିକ ଏବଂ ଐତିହାସିକ ସେହି ଠାକୁରଙ୍କ ରହସ୍ୟକୁ ଉନ୍ମୋଚିତ କରିବା ପାଇଁ ଗଳଦ୍‌ଘର୍ମ ଉଦ୍ୟମରେ ବ୍ରତୀ ହୋଇଛନ୍ତି ସତ, କିନ୍ତୁ ଏ ପର୍ଯ୍ୟନ୍ତ ନିଷ୍ପତ୍ତିମୂଳକ ଭାବରେ ତାଙ୍କର ପରିଚୟ ପ୍ରତିପାଦିତ ହେବା ସମ୍ଭବ ହୋଇପାରି ନାହିଁ । ଓଲଟି ସେମାନେ ସେହି ରହସ୍ୟର ଜାଲରେ ଛନ୍ଦି ହୋଇ ଯାଇଛନ୍ତି ।

ଚାରି ଯୁଗର ଉପାସ୍ୟ ଦେବତା ଯଥା—ସତ୍ୟରେ ନରସିଂହ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳି ଯୁଗରେ ବୁଦ୍ଧଙ୍କର ସ୍ୱାକ୍ଷର ଓ ସମାବେଶ ଶ୍ରୀଜଗନ୍ନାଥଙ୍କଠାରେ ଅନ୍ତର୍ନିହିତ ରହିଛି, କିନ୍ତୁ ଏହା ହିଁ ଜଗନ୍ନାଥଙ୍କ ପରିଚୟର ଚରମ ସୋପାନ ନୁହେଁ । ଅନ୍ଧଙ୍କର ହାତୀ ଦେଖିବା ନ୍ୟାୟରେ ଏହା ହିଁ ହେଉଛି ସ୍ୱ ସ୍ୱ ଚିନ୍ତାଧାରାର ଏକ ଏକ ନିର୍ଯ୍ୟାସ । ଏଣୁ ଯଥାର୍ଥରେ ଗୋଟିଏ କଥାରେ କହିଲେ—ସେ ହେଉଛନ୍ତି 'ପୀଡିତ ପ୍ରାଣର ପ୍ରାଣ ବାନ୍ଧୁ' 'ହୀନ ଦରିଦ୍ରର କୋଟି ନିଧି ଠାକୁର, ଗରିବ ଦଳିତମାନଙ୍କର ଭଗବାନ — ସେ ଦର୍ପ ଦଳନକାରୀ, ଗାଳିଦେଲେ କାଳିଆ ଠାକୁର ଠୋ ଠୋ କରି ହସୁଥାଏ, କିନ୍ତୁ ଦର୍ପକୁ ସହ୍ୟ କରେ ନାହିଁ । ଏହି ନ୍ୟାୟରେ ତାଙ୍କୁ ଯୁକ୍ତି ବଳରେ ପ୍ରତିଷ୍ଠିତ କରିବାକୁ ଚାହିଁଲେ ହତାଶ ହେବାକୁ ପଡେ, କିନ୍ତୁ ଭକ୍ତି ବଳରେ ସହଜରେ ଧରା ଦିଏ । ସବୁବେଳେ ଭକ୍ତି ନିକଟରେ ଯୁକ୍ତି ହାର ମାନିଛି ।

ଶ୍ରୀଜଗନ୍ନାଥ ଓଡିଆ ଜାତିର ସ୍ପନ୍ଦନ, ଚଳଣୀ ଓ ଚିନ୍ତା ସହିତ ଓତଃପ୍ରୋତ ଭାବେ ଜଡ଼ିତ । ତେଣୁ ଶ୍ରୀଜଗନ୍ନାଥ ଯେପରି ଏ ଦେଶରେ ରାଜାଙ୍କ ସହିତ ଦିଗ୍‌ବିଜୟରେ ଯାଇଛନ୍ତି ସେହିପରି ଦ୍ରୁଷ୍ଟ ଅଛବ ନିରକ୍ଷର ଦାସିଆର ପ୍ରେରିତ ଭକ୍ତିପୂତ ନାରୀକେଳକୁ ହସ୍ତ ପ୍ରସାରଣ କରି ଗ୍ରହଣ କରିଛନ୍ତି । ଦାସିଆର ଭକ୍ତିପୂତ ଦାବୀ ଥିଲା ଚଳିଷ୍ଣୁ । ନିଜ ବାଡିର ପ୍ରଥମ ନାରୀକେଳ ଫଳଟିକୁ ଗ୍ରାମ ଗୋସାଇଁମାନଙ୍କ ହସ୍ତରେ ଅର୍ପଣ କରି ନିବେଦନ କରିଥିଲା—

"ଏ ମୋ ଶ୍ରୀଫଳ କରେ ଧରି ।
ଗରୁଡ ପଛେ ରହିକରି ।
ବୋଲିବ ବାଲିଗ୍ରାମ ଦାସ ।
ଦେଇଛି ନିଅ ପୀତବାସ ।
ସେ ଯେବେ ଶ୍ରୀହସ୍ତ ବଢ଼ାଇ ।
ନେବେ ହସ୍ତରୁ ଛଡାଇ ।
ସେନିବେ ଦେବେ ତାଙ୍କୁ ଦେବ ।
ନୋହିଲେ ମୋତେ ଫେରାଇବ ।"

ପୁଣି ସେହି ଜଗନ୍ନାଥ ବରପୁତ୍ର କବି ଜୟଦେବଙ୍କର ରଚିତ— ଗୀତଗୋବିନ୍ଦର ସରସ ସୁନ୍ଦର ପଦାବଳୀ ମାଲ୍ୟାଣୀ କଣ୍ଠରୁ ଶୁଣିବାକୁ ବାଇଗଣ ବାଡିରେ ବୁଲିବୁଲି ନିଜର ଅମୂଲ୍ୟ ପରିଧାନକୁ କଣ୍ଟକିତ କରିଛନ୍ତି ।

କେବଳ ସେତିକି ନୁହେଁ ନିଜର ପ୍ରାଣପ୍ରିୟ ପତ୍ନୀଙ୍କଠାରୁ ଭର୍ତ୍ସନା ଶୁଣିବାକୁ କୁଣ୍ଠିତ ବି ହୋଇନାହାନ୍ତି । ଏହା ମଧ ପାରିବାରିକ ଜୀବନର ଏକ ରସୋତ୍ତୀର୍ଣ୍ଣ ଅଧ୍ୟାୟ ।

ନିଜ ଭକ୍ତର ମାନକୁ ଟେକି ରଖିବାକୁ ସେହି ରହସ୍ୟମୟ ଠାକୁରର ଅନବଦ୍ୟ ଅବଦାନ ଚିର ଜାଗ୍ରତ ।

ଓଡ଼ିଶାର ଘରେ ଘରେ ପରିଚିତ ପଞ୍ଚସଖା ପରିବାରର ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ଜଗନ୍ନାଥଙ୍କର ଏକନିଷ୍ଠ ଭକ୍ତ ଭାଗବତ୍‌କାର 'ଜଗନ୍ନାଥ ଦାସ' ମହାପ୍ରଭୁଙ୍କର ଅପାର କରୁଣାରୁ ଯେଉଁ ଅପରିସୀମ ମହିମା ଓ ଭକ୍ତି ପାଇଁ ବିଶେଷ ଖ୍ୟାତ ଓ ଲୋକପ୍ରିୟ ହୋଇପାରିଥିଲେ — ସେଥିରେ ଅତିଷ୍ଠ ହୋଇ କେତେକ ଈର୍ଷାପରାୟଣ ବ୍ୟକ୍ତି ତାଙ୍କ ନାମରେ ଗୁରୁତର ଅପରାଧମାନ ତତ୍‌କାଳୀନ ଗଜପତି ପ୍ରତାପରୁଦ୍ର ଦେବଙ୍କ ନିକଟରେ ଅଭିଯୋଗ କରିବାକୁ ଲାଗିଲେ । ସେମାନେ କହିଲେ, ମଣିମା "ବ୍ରାହ୍ମଣ ଜଗନ୍ନାଥ ଦାସ ବ୍ରହ୍ମଚାରୀ ନାମ ବହି କପଟ ଖୋଳ ମଧ୍ୟରେ ଜଗତର ସବୁ ଅପକର୍ମ କରିବାକୁ ଲାଗିଛି । ଭାଗବତ ରୂପକ ଏକ ମିଛ ପୋଥି ରଚନା କରି ତାହା କେବଳ ନାରୀମାନଙ୍କ ନିକଟରେ ପାଠକରି ଦିନ ବିତାଉଛି । ନାରୀମାନେ ପରିବାର ତଥା ସ୍ୱାମୀମାନଙ୍କ ପ୍ରତି ବିତସ୍ପୃହ ହୋଇ ଅତି ମାତ୍ରାରେ ଆସକ୍ତ ହୋଇ ପଡ଼ିଛନ୍ତି ଜଗନ୍ନାଥ ଦାସଙ୍କ ପ୍ରତି । ତେଣୁ ଆପଣ ଏହି ଅପକର୍ମର ବିଚାର ନକଲେ, ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ତଥା ଆପଣଙ୍କ ରାଜ୍ୟର ଅପକୀର୍ତ୍ତି ହିଁ ସାର ହେବ" ।

ଏହା ଶୁଣି ରାଜା ବ୍ୟସ୍ତ ହୋଇ ପଡ଼ିବା ସ୍ୱାଭାବିକ, ଏଣୁ ଜଗନ୍ନାଥ ଦାସଙ୍କୁ ନିଜ ଦରବାରକୁ ଡାକି କହିଲେ, 'ତୁମେ, ନାରୀ ହରଣ ରୂପକ ଜଘନ୍ୟ ଅପରାଧରେ ବ୍ୟସ୍ତ ରହିଛ' ଏଣୁ ତୁମକୁ ଏ ପ୍ରକାର ଅପରାଧ ପାଇଁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ ।'

ଜଗନ୍ନାଥ ଦାସ ଅତି ନମ୍ର ସ୍ୱରରେ ଏ ପ୍ରକାର ଅଭିଯୋଗ ପାଇଁ ପ୍ରତିବାଦ କରି କହିଲେ, "ମହାରାଜ, ମୁଁ ବ୍ରହ୍ମଚାରୀ, ସ୍ତ୍ରୀ ପୁରୁଷଙ୍କ ସହିତ ନିର୍ବିକାର ଚିତ୍ତରେ ମିଶିଥାଏ । ଅବସ୍ଥା ଚକ୍ରରେ ମୁଁ ପୁରୁଷ, ମୁଁ ମଧ ନାରୀ ।"

# ଜଗନ୍ନାଥ

* ପ୍ରସନ୍ନ ପାଟ୍ଟଶାଣୀ

ଯେତେ ସବୁ ବୃକ୍ଷ ନିବିଡ଼ ରାତିରେ
ଜଗନ୍ନାଥ ହୋଇଯାନ୍ତି ।

ତମର ସିନା ହାତ ପାଦ ନାହିଁ
ଗଛର ପାଦ ପାତାଳକୁ ଧରିଛି
ଗଛର ବାହୁ ଆକାଶକୁ କୁଣ୍ଢେଇଛି ।

ତୁମର ଯେପରି ଦୁଇ ପାଦରେ ପାତାଳ
ତୋଳାରେ ସମୁଦ୍ର
ଅସଂଖ୍ୟ ନଦନଦୀର ପଲଙ୍କରେ
ତୁମେ ଘୁମାଅ ଜଗନ୍ନାଥ ।

ତୁମର ଅସଂଖ୍ୟ ଭକ୍ତ ।
ଗଛର ଭକ୍ତମାନେ ହେଲେ ପକ୍ଷୀ
ସେମାନେ ଉଡ଼ିଆସନ୍ତି ବିହ୍ୱଳ ହୋଇ
ବସା ବାନ୍ଧନ୍ତି ଗଛର କୋରଡ଼ରେ
ନିବିଡ଼ ଅନ୍ଧାରର ମଶାଣୀରେ ଜନ୍ତୁ ଭୁକନ୍ତି
ଦାହ ହୁଅନ୍ତି
ଠିକ୍ ତୁମର ସ୍ୱର୍ଗ ଦ୍ୱାର ପରି ।

ଢେଉଆସେ ଫେରିଯାଏ
ଝଡ଼ ଆସେ ହଜିଯାଏ
ଗଛ ଦିନରେ ହୁଏ ଆତ୍ମା
ରାତିରେ ଯୀଶୁ
ପଥସବୁ ଜୀବନ ଓ ମରଣର ବେଦପଢ଼ି
ମାଟିରେ ମିଶୁ ।

ସେଇ ଗଛରେ କୁରାଢ଼ି ଚୋଟ ବାଜିଲେ
ଶୁଭୁଥାଏ ଯେମିତି "ହେ ଈଶ୍ୱର ଏମାନଙ୍କୁ କ୍ଷମାକର"
ତଥାପି ଏ ନିଷ୍ଠୁର ମଣିଷ ନିଜକୁ ହାଣେ
କାଟି ଦିଏ ହାତ ଓ ପାଦକୁ
ବଡ଼ ଦାଣ୍ଡର ଗହଳିରେ
ତୁମକୁ କଷ୍ଡ଼ି କଷ୍ଡ଼ି ନେଲାପରି
ଝଡ଼ କଷ୍ଡ଼ି କଷ୍ଡ଼ି ନିଏ ଗଛକୁ ।

ତୁମେ ଦୂରରୁ ଶିବ ଲିଙ୍ଗପରି ଦିଶ
ସମୁଦ୍ରର ସବୁ ପାଣି ଆଣି ଢାଳି ଦେଲେ ବି
ହୁଏ ନାହିଁ ଶେଷ ।

ତୁମେ ହିଁ ଶୋଷ
ଶେଷ ସମୁଦ୍ରର,
ତୁମେ ହିଁ ଭୋକ
ଅସଂଖ୍ୟ ମାଟି କୋଡ଼ୁଆର ।

ତମରି ବଟ ବୃକ୍ଷରେ
ବିନ୍ଧ ଏ ଶରୀର
ଶୂନ୍ୟ ଆକାଶକୁ ଛୁଇଁ
ଶିବର ଜଟାରେ ଜହ୍ନଟିଏ ବାନ୍ଧି ହୋଇଯାଏ ।

ପ୍ରତ୍ୟେକ ରାତିରେ ମୋତେ ଲାଗେ
ତମେ ସୃଷ୍ଟି, ତମେ ଶିବ, ତମେ ହିଁ ସଂହାର
ତଥାପି ତମ ସହ ମୋର
ଜନ୍ମଜନ୍ମାନ୍ତରର ନିବିଡ଼ ଅନୁଭବ ।

୨-ନୂଆପଲ୍ଲୀ,
ଭୁବନେଶ୍ୱର-୧୨ ।

ପଦକୁ ଆସିଥିଲି ତାହିଏ ଶାଗ ପଖାଳ ଖାଇ ଯାଇଥାଆନ୍ତି, କିନ୍ତୁ ମୋ ଜିଭ ତିନି ଧାର ହୋଇ କଟି ଯାଇଥିବାରୁ ବଡ ବ୍ୟଥା ହେଉଛି, ଏସୁ କିଛି ଖାଇ ପାରୁନାହିଁ ।" ଏହା କହି ପିଲାଟି ସେଠାରୁ ଲୁଚିଗଲେ । ପରେ ପଣ୍ଡାଙ୍କ ସ୍ତ୍ରୀ ଏ ସବୁ ଜିନିଷ ଚନ୍ଦ୍ରଭାଗେକୁ କାନ୍ଦି କାନ୍ଦି ସେ ଘର ସବୁ ପୁରି ଉଠିଲା । ପଣ୍ଡିତାଣୀ ମହା ଆନନ୍ଦରେ ରୋଷେଇ କାମ ସାରି ସକାଳରେ ଆସି ପଣ୍ଡାଙ୍କୁ ଉଠାଇଲେ ଏବଂ ଅତି ସ୍ନେହବୋଳା କଣ୍ଠରେ କହିଲେ, "ମୁଁ ବଡ ଭୁଲ୍ କରି ଦେଇଛି । ତୁମେ ଯାହା କହୁଥିଲ ସବୁ ଠିକ୍ । କିଛି ସମୟ ପୂର୍ବରୁ ଗୋଟିଏ କାଳିଆ ମିଚ୍ ମିଚ୍ ପିଲା ଦୁଇଟି ଭାର ଆଣି ମୋତେ ଡାକି କହିଲା, ପଣ୍ଡାଙ୍କର ଜଣେ ସାଙ୍ଗ ଏ ଭାର ପଣ୍ଡାଙ୍କ ପାଇଁ ପଠାଇଛନ୍ତି, ଭାର ଦୁଇଟି ରଖ । ପଣ୍ଡାଏ ଉଠିଲେ ତାଙ୍କୁ ଜଣାଇଦେବ । ମୁଁ ତାଙ୍କୁ ଖାଇବାକୁ କହିବାରୁ ସେ କହିଲେ, ଖାଇ ଥାଆନ୍ତି ଯେ, ମୋର ଜିଭ ତିନି ଧାର ହୋଇ କାଟି ହୋଇ ଯାଇଥିବାରୁ ମତେ ବଡ ଯନ୍ତ୍ରଣା ଦେଉଛି କିଛି ଖାଇ ପାରିବି ନାହିଁ ।

ପଣ୍ଡାଏ ଏହା ଶୁଣି ମୂର୍ଚ୍ଛା ପ୍ରାୟ ହୋଇଗଲେ, ସ୍ତ୍ରୀକୁ କୋପକରି କହିଲେ, ତୁ' କଣ କଲୁ ଚଣ୍ଡାଳୁଣୀ, ମତେ ଟିକିଏ ସେତିକିବେଳେ ଡାକିପାରିଲୁ ନାହିଁ ? ମୁଁ ମୋର ପ୍ରାଣପ୍ରିୟ ପ୍ରଭୁଙ୍କୁ ଟିକିଏ ଚର୍ମ ନେତ୍ରରେ ଦେଖିଥାଆନ୍ତି, ସବୁ ସାରିଲୁ ମୋର ପ୍ରଭୁଙ୍କୁ ତୁ କେତେ କଷ୍ଟ ନଦେଲୁ "ଗୀତାକୁ କାଟିଲୁ ନାହିଁ ଯେ ପ୍ରଭୁଙ୍କ ଜିଭକୁ କାଟିଲୁ" । ଏହା କହି ସ୍ୱାମୀ ସ୍ତ୍ରୀ ଦୁଇଜଣ ଅଥୟ ହୋଇ ଶ୍ରୀମନ୍ଦିରକୁ ଦୌଡ଼ିଲେ । ରତ୍ନ ସିଂହାସନରେ ସତେ ଯେପରି ଶ୍ରୀକୃଷ୍ଣ ରୂପୀ ଭଗବାନ ତାଙ୍କ ଅପେକ୍ଷାରେ ବସି ରହିଛନ୍ତି ଏବଂ ତାଙ୍କ ରଙ୍ଗା ଅଧରରୁ ତିନି ଧାର ହୋଇ ରକ୍ତ ବୋହି ଆସୁଛି । ପ୍ରଭୁଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କାନ୍ଦି କାନ୍ଦି ଭକ୍ତି ନିବେଦନ ପୂର୍ବକ ପଣ୍ଡାଏ କହୁଛନ୍ତି ପ୍ରଭୁ, "ମାଇପି ବୁଦ୍ଧିରେ ସ୍ତ୍ରୀ କରିଥିବା ଅପରାଧ ପାଇଁ କ୍ଷମା ଦିଅନ୍ତୁ, ପ୍ରଭୁ କ୍ଷମା ଦିଅନ୍ତୁ ।" ସେହି ଦିନୁ ଆଉ କେବେ ପଣ୍ଡାଙ୍କର ଅଭାବ ରହିନାହିଁ । ଆଜି ଆଧ୍ୟାତ୍ମିକତାର ଅବକ୍ଷୟତାରୁ ଭୌତିକତାର ବିକାଶ ପରିପ୍ରେକ୍ଷୀରେ ଏହା ଅସମ୍ଭବ ପରି ମନେ ହୋଇପାରେ, କିନ୍ତୁ ଯେଉଁଠାରେ ଐକାନ୍ତିକ ଭକ୍ତି, ନିଷ୍ଠା, ଏକାଗ୍ରତା ତଥା ସ୍ଥିତି ପ୍ରଜ୍ଞତାର ପରିପ୍ରକାଶ ଘଟିଛି । ସେଭଳି କ୍ଷେତ୍ରରେ ଏ ବିଭୂତି ସମୂହର ବିଚ୍ୟୁତି ଘଟିନାହିଁ ।

ଶ୍ରୀଜଗନ୍ନାଥଙ୍କ ବିଭୂତି ସମୂହର ଅନ୍ତ ନାହିଁ । ତାହା ସୁଦୂର ପ୍ରସାରୀ । ନୀଳ ସାଗରର ଉର୍ମିମାଳା ପରି ।

---

ସିଦ୍ଧ ବାରଙ୍ଗ ପୀଠ,
ଜଗତସିଂହପୁର ।



ତିହିଡ଼ି ବ୍ଲକ୍‌ର ବିଲଣାଠାରେ ନୂତନ ଭାବେ ନିର୍ମିତ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଉଦ୍‌ଘାଟନ କରୁଛନ୍ତି । ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଓ ମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦ ଉପସ୍ଥିତ ଅଛନ୍ତି ।

# ଯାହାର ସାହା ଜଗନ୍ନାଥ

* ଶ୍ରୀ ଗଣେଶ ପ୍ରସାଦ ପରିଡ଼ା

ମହାପ୍ରଭୁ! ମୁଁ ତୁମରି ଭକ୍ତ ନୁହେଁ । କିନ୍ତୁ ତୁମକୁ ଆଶ୍ରୟ କରି ଶ୍ରୀକ୍ଷେତ୍ରରେ ପଡ଼ି ରହିଛି । କେତେ ଅଳିଅଳରେ ବଢ଼ିଥିଲି– ହେଲେ ଆଜି କିଛି ନାହିଁ । କେବଳ ଅକ୍ଷତ ଟିଏ ହୋଇ ବଞ୍ଚି ରହିଛି ଯାହା । ରାଜ୍ୟ ଯାଇଛି, ଧନ, ସମ୍ପତ୍ତି ସବୁ ଯାଇଛି – ଅକାଳରେ ବାପ ମା ବି ଚାଲି ଯାଇଛନ୍ତି । ସବୁ ଚାଲିଗଲେ ମଧ୍ୟ ଓଡ଼ିଆ ଜାତି ତୁମକୁ ଭରସା କଲାଭଳି ମୁଁ ତୁମରି ଆଶ୍ରୟରେ ଦିନ କାଟି ନେଉଛି । ତୁମେ ହେଉଛ ମୋର ସର୍ବସ୍ୱ – ଭଲ ମନ୍ଦରେ ଏକମାତ୍ର ସାହା ଭରସା । ଡାହାଳର ସାମନ୍ତ ରାଜା କୃଷ୍ଣ ମହାପାତ୍ରର ପୁଅ ପେଟ ପାଇଁ ବଡ଼ ଦାଣ୍ଡରେ ହାତ ପାତେ, ଏ କଥା କେହି ବିଶ୍ୱାସ କରିପାରେ ନ କରି ବି ପାରେ । ହେଲେ, ମହାପ୍ରଭୁ ତୁମେ ତ ସବୁ ଦେଖୁଛ, ଜାଣିଛ । ଏହି ଅବସ୍ଥାରେ ମୋ ମୁଣ୍ଡ ଉପରେ ଗୋଟାଏ ବିରାଟ ବୋଝ ନଦି ଦେଲ କାହିଁକି ? ମୁଁ କ'ଣ ଭାଜନ ମହାପ୍ରଭୁ ସେହି ବୋଝ ମୁଣ୍ଡାଇବାକୁ ? କରଣ ଶ୍ରେଷ୍ଠ ଗଙ୍ଗାଧରଙ୍କ କନ୍ୟା ଅନ୍ନପୂର୍ଣ୍ଣା ଚିଠି ଲେଖିଛି, ତାକୁ ଯାଇ ନେଇ ଆସିବା ପାଇଁ । ତା ନ ହେଲେ ତା'ର ପିତା ମାତା ଭାଇମାନେ ତାକୁ ଅନ୍ୟକୁ ବିଭା କରି ଦେବେ । ସେ ମୋର ଧର୍ମପତ୍ନୀ । ଯେତେବେଳେ ବାପ ମୋର ସାମନ୍ତ ରାଜା ଥିଲେ, ତାଙ୍କର ଯଶ ଖ୍ୟାତି ଚାରିପାଖେ ବ୍ୟାପ୍ତ ହୋଇଥିଲା । ସେତେବେଳେ ଶ୍ୱଶୁର ମୋର ତାଙ୍କର ଏକମାତ୍ର କନ୍ୟା ଅନ୍ନପୂର୍ଣ୍ଣାକୁ ମୋ ହାତରେ ଟେକି ଦେଇଥିଲେ । କେତୋଟି ମାସ ପାଇଁ ସେ ତା' ଶାଶୂ ଘରକୁ ଆସିଥିଲା । ହେଲେ ସବୁଦିନ ପାଇଁ ସେ ତା'ର ଶାଶୁଘରେ ରହି ପାରି ନାହିଁ । ସାତ ପୁଅରେ ଗୋଟିଏ ଝିଅ ବୋଲି ତା'ର ବାପ ପ୍ରୀତି ନେଇ ଯାଇଥିଲେ ତାଙ୍କ ଘରକୁ । ତା'ପରେ – ସବୁ ଶେଷ ହୋଇ ଯାଇଛି । ସାମନ୍ତ ରାଜା କୃଷ୍ଣ ମହାପାତ୍ରଙ୍କର ।

କେତେକ ଖଳୁଆଙ୍କ କଥାରେ ପ୍ରଭାବିତ ହୋଇ କଳିଙ୍ଗର ଗଜପତି ମହାରାଜା ସାମନ୍ତ ଭାବେ ଗ୍ରହଣ କଲେ ନାହିଁ । ସେହି ଦୁଃଖରେ ପିତା କୃଷ୍ଣଚନ୍ଦ୍ର ମହାପାତ୍ର ଇହଧାମ ତ୍ୟାଗ କଲେ । ସ୍ୱାମୀଙ୍କୁ ଝୁରି ଝୁରି ମା' ଚାଲିଗଲେ ପରପାରିକୁ । ଯାହା କିଛି ଭୂ-ସମ୍ପତ୍ତି ଥିଲା ତାକୁ ଖଳ ଲୋକମାନେ ଦଖଲ କରିଗଲେ । ଏହା ପରେ ମହାପ୍ରଭୁ ତୁମଦ୍ୱାର କୋଳ, ଦୁଃଖର ବୋଝ ଧରି ତୁମ ପାଖକୁ ଆସିଥିଲି ଜଣାଇବା ପାଇଁ । ଧାରଣା କରିଥିଲି ତୁମେ ଆଦେଶ ଦେଲେ ସବୁ କିଛି ହୋଇଯିବ । କିନ୍ତୁ ଏ ପର୍ଯ୍ୟନ୍ତ କିଛି ହେଲା ନାହିଁ । ଯେଉଁ ଧନ ଧରି ଆସିଥିଲି ତାହା ସରିଗଲା । ଦଶାଟି ଫେରିଲି ନାହିଁ । ଧନ ନ ଥିବାରୁ ବିଭିନ୍ନ ମଠରେ ଖଣ୍ଡା ଯାଉଥିବା ଦାନ ଖଇରାତରୁ ଦିନରେ ଗୋଟିଏ ବେଳା ଅଭଡ଼ା ଖାଇ ବଞ୍ଚିଛି । ଧୀରେ ଧୀରେ ଅନ୍ୟ ପାଖରେ ହାତ ପାତିଲି ବାଧ୍ୟ ହୋଇ । ତଥାପି ବିପତ୍ତି ଗଲା ନାହିଁ ମହାପ୍ରଭୁ । ମୋ ଧର୍ମପତ୍ନୀକୁ ମୋ ଭଳି ଗୋଟାଏ ଅକ୍ଷତ ପାଗଳକୁ ପଠାଇବା ଅପେକ୍ଷା ଅନ୍ୟ ଜଣେ ଧନୀ ଘରେ ବିବାହ ଦେବାକୁ ତା'ର ବାପ, ଭାଇ ସ୍ଥିର କରିଛନ୍ତି । ନିଜର ପେଟ ଚାଖଣ୍ଡକ ପୂରାଇବା ପାଇଁ ଯେ ଅନ୍ୟ ବାଗରେ ହାତ ପାତେ ତାର ଧର୍ମପତ୍ନୀ କଥା ମନେ ପଡ଼ିବା ତା ପାଇଁ କେବଳ ଅନ୍ୟାୟ ନୁହେଁ ଅବିବେକିତା । କିନ୍ତୁ ସେ ଚିଠି ଲେଖିଛି ନାରୀ ହୋଇ ଜୀବନରେ ସେ ଜଣକୁ ମାତ୍ର ବିବାହ କରିବାର ଅଧିକାର ଅଛି । ଆଉ ଜଣକୁ ବିବାହ କଲେ ସେ ଅସତୀ ହୋଇଯିବ । ସେ କେବଳ ଚାହେଁ ମୁଁ ସେଠାରେ ପହଞ୍ଚିବାକୁ । ସେଠାରେ ପହଞ୍ଚିଲା ପରେ ସବୁ କିଛି ଠିକ୍ ହୋଇଯିବ ।

ମହାପ୍ରଭୁ! ଏଠାରୁ ମୋ ଶ୍ୱଶୁର ଘର କଳାବତୀପୁରରେ ପହଞ୍ଚିବାକୁ ମାସଟିଏ ସମୟ ଲାଗିବ । ଅନ୍ନପୂର୍ଣ୍ଣା ଚିଠି ଲେଖିଛି ତାର ବାପା ଯେଉଁ ତିଥିକୁ ବାହାଘର ସ୍ଥିର କରିଛନ୍ତି ତାହା ଆଉ ଦଶ ଦିନ ରହିଲା । ମାସକର ବାଟକୁ ଦଶ ଦିନରେ ଯିବା ମୋ ପକ୍ଷରେ ପୁରାପୁରି ଅସମ୍ଭବ । ମୋତେ ସେହି ତିଥି ପୂର୍ବରୁ ନ ଦେଖିଲେ ସେ ବିଷ ଖାଇ ଜୀବନ ହାରି ଦେବ । ସେଥିପାଇଁ ତୁମକୁ ଜଣାଉଛି – ମୋର ତୁମ ଛଡ଼ା ତ ଆଉ କେହି ନାହାନ୍ତି । ତୁମ ଉପରେ ଆଶ୍ରା କରି ପଡ଼ିଥିବା ମଣିଷଟାର କଥା ତୁମେ ନ ବୁଝିଲେ ଆଉ କିଏ ବୁଝିବ ? ତୁମେ ବଳିଆର ଭୁଜ – ସେହି ଭୁଜକୁ ଆଶ୍ରୟ କରି ସାରା ବିଶ୍ୱ ପଡ଼ି ରହିଛି । ଶୁଣି ଆସିଛି ଇନ୍ଦ୍ରାଦି ଦେବଗଣ ତୁମରି କିଙ୍କର । ସବୁଦିନେ ମଣିଷମାନେ ତୁମ ଦର୍ଶନ କରିବା ପୂର୍ବରୁ ସେମାନେ ଆସନ୍ତି । କେଉଁଠି କେଉଁ କାର୍ଯ୍ୟ କରିବାକୁ ହେବ ତୁମେ ତାଙ୍କୁ ବରାଦ କରିଥାଅ । ହରିହର ଏକ ଆତ୍ମା ହେଲେ ମଧ୍ୟ ଏଠାରେ ତୁମେ ଭିନ୍ନ ଭିନ୍ନ ହୋଇ ବସିଛ । ତୁମ ମଧ୍ୟ ଭାଗରେ ମହାଶକ୍ତି ବସିଛନ୍ତି । ମୋର ଏତିକି ପ୍ରାର୍ଥନା କ'ଣ ଶୁଣାଣି ହେବ ନାହିଁ ? ମୋ ପତ୍ନୀ ମୋତେ ନ ଦେଖି ଜୀବନ ହାରି ଦେବ ଏହା ଦ୍ୱାରା ତୁମ ମହିମାରେ କଳଙ୍କ ଲାଗିବ ନାହିଁ ? ନିନ୍ଦୁକମାନେ କହିବେ ନାହିଁ, ତୁମ ଉପରେ ନିର୍ଭର କରି ପଡ଼ି ରହିଥିବା ଅରକ୍ଷିତଟାର କଥା ବୁଝି ପାରିଲ ନାହିଁ, ସେ କ'ଣ ଅନ୍ୟଙ୍କ ଦୁଃଖ ମୋଚନ କରିବ ?

ଦୀର୍ଘ ସମୟ ଜୟ ବିଜୟ ଦ୍ୱାର ପାଖରେ ଛିଡ଼ା ହୋଇ ଥିବାରୁ ପ୍ରତିହାରୀ ବେତରେ କେତେ ପାହାର ପିଟି କହିଲେ ଚାଲି ଯିବାକୁ । ଦେଖୁ ବାଧ୍ୟ ହୋଇ ସେ ସେଠାରୁ ଚାଲିଗଲେ । ମନର କଥା ମହାପ୍ରଭୁଙ୍କୁ କହି ଦେବାରୁ ଅନେକଟା ବୋଝ ତାଙ୍କ ମୁଣ୍ଡରୁ ଓହ୍ଲାଇ ଯାଇଥାଏ । ସେ ସରଳ ଭାବରେ ଚାଲିଥାନ୍ତି ଶ୍ରୀମନ୍ଦିର ମଧ୍ୟରୁ ସିଂହଦ୍ୱାର ଆଡ଼େ ।

# ଜଗନ୍ନାଥ ସ୍ତୁତି ସପ୍ତକ

* ଶ୍ରୀ ସତୀଶ୍ ପାଢ଼ୀ

ଜୟ ଜୟ ଜଗନ୍ନାଥ ଭକ୍ତ ଜୀବ ଜୀବନ
ଜୟ ଜୟ ଚକାଡୋଳା ଜୟ ଚକା ନୟନ । (୧)

ଜାତି ଜାତି ଭେଦନୀତି ଉଠାଇଛ ଆପଣ
ଯୁଗେ ଯୁଗେ ତୁମେ ପ୍ରଭୁ ଭକତର ଅଧୀନ । (୨)

ଜଳ ଜଳ ନେତ୍ର ତୁମ ଦେଖେ ତିନି ଭୁବନ
ଯୋଜନ ଯୋଜନ ଯାଏ ତୁମ ରଙ୍ଗୀ ଚରଣ । (୩)

ଯାଚି ଯାଚି ବେନି ବାହୁ ଭକତଙ୍କୁ ଦେଇଣ
ଯୁଗେ ଯୁଗେ ପୂଜା ପାଅ ମହାବାହୁ ରୂପେଣ । (୪)


ଜାଣିଛି ଜିଣିଛ କରି ମୁକ୍ତୁଣୀ ଉଦ୍ଧାରଣ
ଜଳଧି ଜଳରୁ ଗଜ ଉଦ୍ଧରିଛ ଆପଣ । (୫)

ଜଳି ଜଳି ଯାଏ ମୋର ଜଞ୍ଜାଳର ଜୀବନ
ଜାଣି ଜାଣି ଚକ୍ରପାଣୀ ଗଦ କିଆଁ ମଉନ । (୬)

ଜପି ଜପି ତୁମ୍ଭ ନାମ କରୁଥିବି ଜଣାଣ
ଜନମେ ଜନମେ ରଖ ସତୀଶର ଶରଣ । (୭)

---

ଭି: ଆର୍/୬୩,
ୟୁନିଟ୍-୬, ଭୁବନେଶ୍ୱର ।



ମହାପାତ୍ରଙ୍କ ପୁଅ ରଘୁନାଥ ମହାପାତ୍ର ଆସିଛି ତା ଶଶୁର ଘରକୁ । ପିଲାଙ୍କ ହାତରେ ଦେବା ପାଇଁ କଣିକାଏ ମହାପ୍ରସାଦ ଆଣି ନାହିଁ । ହେ ମହାପ୍ରଭୁ ଏ କ'ଣ କମ୍ ଲଜ୍ଜାର କଥା ? ଯଦି ମାସକ ବାଟକୁ ମାସ କେଇ ଘଡ଼ିରେ ତୁମେ ଆଣି ପାରିଲ, କଣିକାଏ କଣିକାଏ ଦାଣ୍ଡରେ ବିକ୍ରି ହେଉଥିବା ପତ୍ରରେ ବନ୍ଧା କୋରା ଦିଟା ପାଉଁରେ ଦେଇ ପାରିଲେ ନାହିଁ ?

ଯୋଡ଼ି ହୋଇଥିବା ସେହି ଛିଣ୍ଡା କନ୍ଥାଟିକୁ ଟିକିଏ ଢାଙ୍କି ଆଣିଲେ ରଘୁନାଥ । ମନ ଆଖିରେ ତାଙ୍କର ଭାସି ଯାଉଥାନ୍ତି ନୀଳାଚଳର ଜଗନ୍ନାଥ । ଜଗନ୍ନାଥ ଆଉ ବଡ଼ ଠାକୁରେ ବାହୁ ବିସ୍ତାର କରି ବସିଥାନ୍ତି । ତାଙ୍କ ମଝିରେ ବସିଛନ୍ତି ସୁନା ରଙ୍ଗର ଦେବୀ ସୁଭଦ୍ରା । ମହାପ୍ରଭୁ ଜଗନ୍ନାଥଙ୍କ ବାଙ୍କୁଲି ଅଧରରୁ ଝରି ପଡୁଥାଏ କେତେ କେତେ ହୋଇ ହସ । ସତେ ଯେପରି ସେ ହସି ହସି କହୁଛନ୍ତି, ଆରେ ରଘୁ ! ତୁ କ'ଣ ମୋତେ ମହାପ୍ରସାଦ କଥା କହିଥିଲୁ ? ଖାଲି ତ କହିଥିଲୁ ମାସକର ବାଟ କିଭଳି ଦଶ ଦିନରେ ଯିବି ।

ହାତରେ କ'ଣ ଗୋଟାଏ ଟାଣ ହୋଇ ଲାଗିଲା । କ'ଣ ହୋଇପାରେ – ସେ ହାତମାରି ଦେଖିଲେ ବରଡ଼ା ଡାଲା ଭଳି କ'ଣ ଗୋଟିଏ ଲାଗୁଛି । ସେ ହାତରେ ଉଣ୍ଡାଳି ଆଣିଲେ । ତାହା ଦାଣ୍ଡରେ ବିକି ହେଉଥିବା କୋରା । ବରଡ଼ା ଡାଲାରେ ହାତ ପୁରାଇ ମୁଠାଏ କୋରା ଆଣିଲେ । ଗାଁର ପିଲାମାନଙ୍କ ହାତରେ ଧରାଇ ଦେଲେ ଗୋଟିଏ ଗୋଟିଏ । ମହାଖୁସି ହୋଇଗଲେ ସେମାନେ କୋରା ପାଇ । ସେ ବସିଥାନ୍ତି ତାଙ୍କ ଶଶୁର ଘର ଆଗରେ । ଗାଁର ସମସ୍ତଙ୍କଠାରୁ ଧନୀ ହେଉଛନ୍ତି ତାଙ୍କ ଶଶୁର । କିଛି ସମୟପରେ ତାଙ୍କ ଘରର କବାଟ ଫିଟିଲା । ଗାଁ ଗୋଟାକର ଲୋକ ତାଙ୍କ ଘର ଆଗରେ ଦେଖି କ'ଣ ହୋଇଛି ବୋଲି ଘରର ଲୋକେ ଦେଖିବାକୁ ଆସିଲେ । ରଘୁନାଥଙ୍କୁ ଦେଖି ସେମାନେ ଚିହ୍ନି ପାରିଲେ ନାହିଁ । ତଥାପି ଗାଁର ଅନ୍ୟ ଲୋକଙ୍କ ଭଳି ହାତ ପାତିଲେ ମହାପ୍ରସାଦ କଣିକାଏ ପାଇଁ । ନିର୍ବିକାର ଚିତ୍ତରେ ରଘୁନାଥ ବଢ଼ାଇ ଦେଲେ ମହାପ୍ରସାଦ ମୁଠାଟାଏ । ମହାପ୍ରସାଦ ପ୍ରାପ୍ତ ମାତ୍ରେଣ ଭୁକ୍ତବ୍ୟ । ହାତରେ ପଡ଼ିଲା ମାତ୍ରେ ସେ ତୁଣ୍ଡରେ ଦେଲେ । ଆଃ –କି ସୁନ୍ଦର ଅମୃତ ଭଳି ଦ୍ରବ୍ୟ । ଇଚ୍ଛା ହେଉଥାଏ ଆଉ କଣିକାଏ ହାତ ପତାଇ ମାଗିବାକୁ । କିନ୍ତୁ ନିଜର ସମ୍ମାନ ତୁଚ୍ଛିରୁ ସେ ହାତ ପାତିଲେ ନାହିଁ ।

କଥାଟି ସଙ୍ଗେ ସଙ୍ଗେ ଗଙ୍ଗାଧର ବାବୁଙ୍କ କାନକୁ ଗଲା । କଏ କେହି ତାଙ୍କ ଘର ଆଗରେ ବସି ମହାପ୍ରସାଦ ବାଣ୍ଟୁଛି ସେ ଶୁଣିଲେ । ମନରେ ତାଙ୍କର କୁତୂହଳ ଆସିଲା । ସେ ଖୁସିଲା ଖୁସିଲା ହୋଇ ଦାଣ୍ଡକୁ ଗଲେ । ରଘୁନାଥଙ୍କୁ ଘେରି ପିଲା, ବୁଢ଼ା, ଯୁବକ ବହୁ ଲୋକ ଛିଡ଼ା ହୋଇଥାନ୍ତି । ବୁଢ଼ା ଗଙ୍ଗାଧରଙ୍କୁ ଦେଖିଲା ମାତ୍ରେ ସେମାନେ ଆଡ଼େଇ ହୋଇ ଗଲେ । ଲୋକଟି ପାଖରେ ପହଞ୍ଚିଲା ମାତ୍ରେ ନମସ୍କାର କଲେ ରଘୁନାଥ ତାଙ୍କୁ । ଗଙ୍ଗାଧର ରଘୁନାଥଙ୍କ ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ଅନାଇ ଚିହ୍ନିବାକୁ ଚେଷ୍ଟା କଲେ । ତାଙ୍କର ମନେହେଲା ଚିହ୍ନିଲା ଚିହ୍ନିଲା ଭଳି । ମାତ୍ର ଠିକ୍ ତାଙ୍କର ମନେ ପଡ଼ିଲା ନାହିଁ । ସେ ଟିକିଏ ନମ୍ର ସ୍ୱରରେ ପଚାରିଲେ ତୁମେ କିଏ – କେଉଁଠୁ ଆସିଛ ? ଉତ୍ତରରେ ରଘୁନାଥ କହିଲେ, ମୁଁ ଅକ୍ଷିତଟାଏ – ଶ୍ରୀକ୍ଷେତ୍ର ବଡ଼ ଦାଣ୍ଡରୁ ଆସିଛି । ଗଙ୍ଗାଧର ମନେ ମନେ ଭାବିଲେ ଅକ୍ଷିତଟାଏ ଆସିଛି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରୁ ପୁଣି ଏଠିକି କାହିଁକି ? ଲୋକଟି ଚିହ୍ନିଲା ଚିହ୍ନିଲା ଭଳି ଲାଗୁଛି । ପ୍ରକୃତରେ ଅକ୍ଷିତଙ୍କ ଭଳି ଛିଣ୍ଡା କନ୍ଥାଟିଏ ଯୋଡ଼ି ହୋଇଛି – ମୁଣ୍ଡରେ ନୁଖୁରା ବାଳ କେରାକ ମୁହଁ ଭରି ହୋଇ ଉଡୁଛି – ମୁହଁରେ କଳା ଦାଢ଼ି ।

ବାଉଁଶ ବଙ୍କୁ ବାଡ଼ିଟି ଉପରେ ଭରାଦେଇ ଗାଁର ବୁଢ଼ା ବାବୁ ପଧାନେ ଛିଡ଼ା ହୋଇଥିଲେ । ସେ ବଡ଼ ପାଟିରେ କହିଲେ, ବୁଢ଼ା ବାବୁଙ୍କୁ ମାହାପ୍ରସାଦ କଣିକାଏ ଦେଉନା ?

ରଘୁନାଥ ଥତମତ ହୋଇ ସେହି ବରଡ଼ା ଡାଲାରୁ ମହାପ୍ରସାଦ ବାହାର କରି ଗଙ୍ଗାଧର ଦାସଙ୍କ ହାତକୁ ଦେଲେ । ସେତେବେଳକୁ ଗଙ୍ଗାଧର ଦାସ ଭାବୁଥିଲେ, ଏ କ'ଣ କୃଷ୍ଣ ମହାପାତ୍ରଙ୍କ ପୁଅ ରଘୁନାଥ ହେବ କି ? ସେ ଶୁଣିଛନ୍ତି ତାଙ୍କ ଜୁଆଁଇ ଶ୍ରୀକ୍ଷେତ୍ରରେ ମାଗି ଖାଉଛି । ସେଠାରେ ସେ ରଘୁ ଅକ୍ଷିତ ନାମରେ ପରିଚିତ । ବାପ, ମା, ଧନ ସମ୍ପତ୍ତି ହରାଇ ରଘୁନାଥ ପୁରୀକୁ ଗ୍ଲାନି ଯାଇଥିଲା । ସେହିଠାରେ କେତେଦିନ ରହୁ ରହୁ ସେ ରହି ଯାଇଛି ।

ଅରକ୍ଷିତ ଦେଇଥିବା ମହାପ୍ରସାଦ ଗଙ୍ଗାଧର ଧରିଥାନ୍ତି ତାହାଣ ହାତରେ । ତାଙ୍କ ନାକରେ ତାର ସୁଗନ୍ଧ ବାଜୁଥାଏ । ଓଡ଼ିଆ ଜାତିର ଇଷ୍ଟ ଶ୍ରୀଜଗନ୍ନାଥଙ୍କ ପାଖରେ ନିବେଦିତ ପ୍ରସାଦ । ସେହି ପ୍ରସାଦ ନିବେଦିତ ହୋଇଛି ଭୈରବୀ ତତ୍ତ୍ୱ ଉପରେ । ମହା ଭୈରବୀ ବିମଳା ତାହାକୁ ଅନୁମୋଦନ କରିଛନ୍ତି, ଏହା ମହାପ୍ରସାଦ ବୋଲି ।

ଗଙ୍ଗାଧର ମୁହଁକୁ ଉଚ୍ଚକୁ କରି ମହାପ୍ରସାଦ ତୁଣ୍ଡରେ ଦେଲେ । ଅନୁଭବ କଲେ ଏହାକୁ ମହାପ୍ରଭୁ ଗ୍ରହଣ କରିଛନ୍ତି । ତା' ନ ହେଲେ ଏତେ ଚମତ୍କାର ଲାଗନ୍ତା ନାହିଁ ।

ଇଚ୍ଛା ହେଉଥାଏ ତାଙ୍କର ସବୁ କଥା ପଚାରି ଦେଇ ଏହି ଅକ୍ଷିତଟାର ପ୍ରକୃତ ପରିଚୟ ନେବାକୁ । ଯଦି ପ୍ରକୃତରେ ସେ ତାଙ୍କ ଜୁଆଁଇ ରଘୁନାଥ ହୋଇଥାଏ ? ଗାଁ ଗୋଟାକ ଲୋକଙ୍କ ଆଗରେ ତାଙ୍କର ପରିଚୟ ପଚାରିବା କ'ଣ ଉଚିତ ହେବ ?

ମୁହଁରେ ହସ ଫୁଟାଇ ଗଙ୍ଗାଧର କହିଲେ, ହେଉ ବାବା ତୁମେ ଅକ୍ଷିତ ହୁଅ ବା ଯେ କେହି ହୁଅ, ମାହାପ୍ରସାଦ ଯେତେବେଳେ ହାତକୁ ଦେଇଛ ମୋ ଘରକୁ ଆସ । ଆଜି ଦିନଟା ରହି କାଲିକି ତୁମେ ବାଟରେ ତୁମେ ଚାଲିଯିବ । ତୁମକୁ ଦେଖିଲେ ମନେ ହେଉଛି ତୁମେ ଜଣେ ସମ୍ଭ୍ରାନ୍ତ ଘରର ପୁଅ । ଅବସ୍ଥା ଚକ୍ରରେ ପଡ଼ି ଅକ୍ଷିତ ହୋଇଛ ।

ରଘୁନାଥ ତାଙ୍କ ଶଶୁରଙ୍କୁ ଠିକ୍ ଚିହ୍ନି ପାରିଥିଲେ । ସେ କେତେ ଅପେକ୍ଷା କରୁଥିଲେ ଜାଣିବାକୁ ସେ ତାଙ୍କୁ ଗ୍ରହଣ କରୁଛନ୍ତି କି ନାହିଁ । ଯେତେବେଳେ ଶଶୁର ତାଙ୍କ ଘରକୁ ନିମନ୍ତ୍ରଣ କରୁଛନ୍ତି ସେତେବେଳେ ତାଙ୍କର ଆପତ୍ତି କରିବାର କିଛି ନାହିଁ । ଛିଣ୍ଡା କନ୍ଥାଟିକୁ ଦେହରେ ପକାଇ ସେ ଉଠୁ ଉଠୁ ଦେଖିଲେ ମୁଣ୍ଡ ତଳେ ଗୋଟିଏ ପେଡ଼ି ଅଛି । ତା ଉପରେ ପୁରୁଣା ଗୀତଗୋବିନ୍ଦ ଖଣ୍ଡିଏ ଖୋଲା ହୋଇ ପଡ଼ିଛି । ତାଙ୍କର ମନେ ହେଲା ଛିଣ୍ଡା ଗାମୁଛାଟିଏ ସେ ମୁଣ୍ଡତଳେ ଦେଇ ଶୋଇଥିଲେ । କିନ୍ତୁ ଗୀତଗୋବିନ୍ଦ ଖଣ୍ଡଟି କେଉଁଠୁ ଆସିଲା ? ପୁଣି ପେଡ଼ିଟିକୁ ଦେଖିଲେ ତାହା ଖାଲି ବଲଭ ଆଦିରେ ଭରି ରହିଥିବା ମହାପ୍ରସାଦ ପେଡ଼ି ।

କୂର୍ମବେଢ଼ା ପାରି ହୋଇ ସେ ଆଗେଇ ଗଲିଲେ ଭିତର ସିଂହଦ୍ୱାର ଆଡ଼କୁ । କୂର୍ମ ଜାତିମାନେ କୂର୍ମବେଢ଼ା କରିଛନ୍ତି ବୋଲି ଲୋକେ କହନ୍ତି । ଭିତର ସିଂହଦ୍ୱାର ସେହି ସମୟରେ ଶ୍ରୀମନ୍ଦିରର ସିଂହଦ୍ୱାର ଥିଲା । କୂର୍ମମାନେ ନାଗଧର୍ମୀ । ତେଣୁ ସେମାନଙ୍କର ଆରାଧ୍ୟ ଦେବତା ସଦାଶିବ । ଶିବଙ୍କ ମୁଣ୍ଡରେ ଯେଉଁଭଳି ନାଗ ଫଣାଟେକି ରହିଥାଏ ସେହିଭଳି ବଳଭଦ୍ରଙ୍କ ମସ୍ତକରେ ଫଣାର ଚିହ୍ନ ରହିଛି । ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟରେ କୌଣସି ବିଭେଦ ନାହିଁ । ତେଣୁ ମହାପ୍ରଭୁ ନାଗ ବେଶ ହୁଅନ୍ତି ।

ଭିତର ସିଂହଦ୍ୱାର ପାରି ହୋଇ ବାଉଶି ପାହାଚର ପାହାଚଗୁଡ଼ିକୁ ସେ ପାରି ହୋଇଗଲେ । ଶ୍ରୀଜଗନ୍ନାଥ ଭରସା । ସେ ଇଚ୍ଛା କଲେ ସବୁ କିଛି ଆପେ ଆପେ ହୋଇଯିବ । ସେ ଇଚ୍ଛା ନ କଲେ କିଛି ହୋଇ ପାରିବ ନାହିଁ । ମୋ ପତ୍ନୀ ଅନ୍ନପୂର୍ଣ୍ଣାର ବାହାଘର ଆଉ ଦଶ ଦିନ ରହିଲା । କଳାବତୀପୁର ଶ୍ରୀକ୍ଷେତ୍ରରୁ ବହୁତ ଦୂର । ଘୋଡ଼ାଟିଏ ମିଳିଗଲେ ସେ ହୁଏତ ଯାଇ ପହଞ୍ଚି ପାରନ୍ତେ । ଚାଲିକରି ଗଲେ ମାସେ ନ ହେଲେ ପଚିଶ ଦିନ ଲାଗି ଯାଇପାରେ ।

ଅନ୍ନପୂର୍ଣ୍ଣା ଚିଠି ଦେଲା ବେଳକୁ ଅନେକ ଦିନ ବାକୀ ଥିଲା । କଳାବତୀପୁରଠାରୁ ଶ୍ରୀକ୍ଷେତ୍ର କେତେକ ଲୋକ ଆସୁଥିଲେ । ତାଙ୍କରି ହାତରେ ସେ ଚିଠିଟି ଦେଇଛି । ସେମାନେ ବୁଲି ବୁଲି ପୁରୀରେ ଆସିଲେ । ତାପରେ ଚିଠିଟି ଦେବାକୁ ଖୋଜିଲେ ସେମାନେ । ଅନ୍ନପୂର୍ଣ୍ଣାର ଭାଇମାନେ ସବୁବେଳେ କୁହନ୍ତି ଶ୍ରୀକ୍ଷେତ୍ରରେ ରଘୁ ଅକ୍ଷିତ ନାମରେ ସେ ପରିଚିତ । ତେଣୁ ଅନ୍ନପୂର୍ଣ୍ଣା କହିଥିଲା ସେମାନଙ୍କୁ ରଘୁ ଅକ୍ଷିତ କହିଲେ ଲୋକେ ତାଙ୍କୁ ଚିହ୍ନନ୍ତି । ସେମାନେ ଖୋଜି ଖୋଜି ଶେଷରେ ତାଙ୍କୁ ଚିଠି ଦେଲେ ।

ଫଗୁଣ ଶୁକ୍ଳ ପଞ୍ଚମୀ ତିଥିରେ ଅନ୍ନପୂର୍ଣ୍ଣାର ବାହାଘର ସ୍ଥିର ହୋଇଛି । ସେ ଦିନ ଥାଏ ଫଗୁଣ କୃଷ୍ଣ ଦଶମୀ । ମଝିରେ ଆଉ କେତୋଟା ଦିନ ବା ରହିଲା । ଠିକ୍ ସମୟରେ ନ ପହଞ୍ଚିଲେ ସେ ପ୍ରାଣ ହାରି ଦେବ । ଯାହା ମହାପ୍ରଭୁ କରିବେ । ତାଙ୍କ ଛଡ଼ା ଏ ବିପତ୍ତିରୁ ଆଉ କେହି ଉଦ୍ଧାର କରି ପାରିବେ ନାହିଁ । ଲୋକେ କହନ୍ତି କେଉଁ ଠାକୁରଙ୍କୁ ଆଶ୍ରା କରି କିଏ କିଛି ଫଳ ପାଇପାରେ ନ ପାରେ । କିନ୍ତୁ ଜଗନ୍ନାଥଙ୍କୁ ଭରସା କରି କେହି ନିରାଶ ହୋଇ ନାହିଁ । ତାହାହେଲେ ମାସକ ବାଟକୁ ସେ କ'ଣ ସାତଦିନ ମଧ୍ୟରେ ଅତିକ୍ରମ କରି ପାରିବେ ? କାହିଁକି ନୁହେଁ – ସାତ ଦିନ କାହିଁକି ଗୋଟିଏ ଦିନରେ – କିଏ ନାହିଁ କରିବ ମାତ୍ର କେତୋଟି ମୁହୂର୍ତ୍ତରେ ସେ କ'ଣ ପହଞ୍ଚାଇ ଦେବେ ନାହିଁ ? ଯେ ସଚରାଚର ବିଶ୍ୱର ମାଲିକ; ତାଙ୍କ ପାଖରେ ଏହି ଛୋଟିଆ କଥାଟା କରିବାକୁ ତାଙ୍କୁ କେତେ ସମୟ ବା ଲାଗିବ ?

ଅନ୍ନପୂର୍ଣ୍ଣାକୁ ବିବାହ କଲା ବେଳକୁ ତାଙ୍କୁ ସତର ବର୍ଷ ହୋଇଥିଲା । ଅନ୍ନପୂର୍ଣ୍ଣାକୁ ହୋଇଥିଲା ବାର ତେର ବର୍ଷ । କେତୋଟି ମାସ ସେ ତାଙ୍କ ଘରେ ରହି ପୁଣି ଫେରି ଯାଇଥିଲା ତା ବାପଘରକୁ ସେ । ସେତେବେଳେ ସେ ଥିଲା ବାଳିକା । ଆଜି ସେ ସମ୍ପୂର୍ଣ୍ଣ ଯୁବତୀ । କିନ୍ତୁ ସେ ? ସେ କ'ଣ ଯୁବକ ? ଦାରିଦ୍ର୍ୟ ନିପୀଡ଼ିତ ଯୁବକ କ'ଣ ଯୁବକ ହୋଇ ରହିଥାଏ ?

ସିଂହଦ୍ୱାର ଆଗରେ ବଡ଼ଦାଣ୍ଡ ଉପରେ ସେ ଶୋଇ ପଡ଼ିଲେ । ମାଘ ମାସର ଶୀତ ଯେତେହେଲେ ମଧ୍ୟ ପୁରୀରେ କମ୍ । ଛିଣ୍ଡା କନ୍ଥାଟିକୁ ଦେହରେ ପକାଇ ଛିଣ୍ଡା ମଶିଣାଟି ଉପରେ ପଡୁ ପଡୁ ନିଦ ଆସିଗଲା । ଚିନ୍ତା, ଭାବନା ସବୁ ମହାପ୍ରଭୁଙ୍କୁ ଦେଇଦେଲା ପରେ ନିଶ୍ଚିନ୍ତ ହୋଇଗଲେ ସେ ।

ହଠାତ୍ କାହା ଡାକରେ ନିଦ ଭାଙ୍ଗିଗଲା ତାଙ୍କର । ସକାଳ ହୋଇ ଯାଇଥାଏ – ସେ ଆଖି ମଳି ଅନାଇଲେ । ତାଙ୍କ ଆଗରେ ଛିଡ଼ା ହୋଇଥିବା ଲୋକଙ୍କୁ ସେ ଚିହ୍ନି ପାରିଲେ ନାହିଁ । ସ୍ଥାନଟି ମଧ୍ୟ ତାଙ୍କୁ ଅଚିହ୍ନା ଲାଗିଲା । ସେ ଉଠି ଚାରି ଆଡ଼କୁ ଅନାଇ ଚେଷ୍ଟାକଲେ ଚିହ୍ନିବା ପାଇଁ । ମାତ୍ର ସେ ଜାଣି ପାରିଲେ ନାହିଁ ସେ ପ୍ରକୃତରେ କେଉଁଠାରେ ଅଛନ୍ତି ।

ତାଙ୍କର ମନେ ପଡ଼ିଲା ସେ ରାତିରେ ଶୋଇଥିଲେ ପୁରୁଷୋତ୍ତମ କ୍ଷେତ୍ରର ବଡ଼ ଦାଣ୍ଡରେ । କିନ୍ତୁ ଏହା ତ ବଡ଼ ଦାଣ୍ଡ ନୁହେଁ । ଶ୍ରୀମନ୍ଦିରର ଚିହ୍ନବର୍ଣ୍ଣ ସେ ଦେଖି ନାହାନ୍ତି । ଶେଷରେ ସେ ବାଧ୍ୟ ହୋଇ ପଚାରିଲେ ଏ କେଉଁ ସ୍ଥାନ ? ଉତ୍ତରରେ ଶୁଣିଲେ ଏହା ପରା କଳାବତୀପୁର । ବିଶ୍ୱାସ କରି ପାରିଲେ ନାହିଁ ଲୋକଙ୍କ କଥାକୁ । ରାତି ଅଧରେ ସେ ମହାପ୍ରଭୁଙ୍କ ଦର୍ଶନ କରି ସିଂହଦ୍ୱାର ଆଗରେ ଶୋଇଥିଲେ । ମାତ୍ର ଆଖି ଖୋଲିଲା ବେଳକୁ ସେ ଶୋଇଛନ୍ତି ତାଙ୍କ ଶ୍ୱଶୁର ଘର ଆଗରେ ? ସେ ତାଙ୍କ ଆଖି କାନକୁ ବିଶ୍ୱାସ କରିବେ କିପରି ?

କଳାବତୀପୁର ଲୋକମାନେ ତାଙ୍କୁ ଚିହ୍ନି ପାରିଲେ ନାହିଁ । ସେ କେତେ ବର୍ଷ ତଳେ ବର ବେଶରେ ଆସିଥିଲେ ଏ ଗ୍ରାମକୁ । ସେତେବେଳକାର ଚେହେରା ଆଜି ନାହିଁ । ନିଶ ଦାଢ଼ିରେ ସୁନ୍ଦର ଗୋରା ମୁହଁ ତାଙ୍କର ଢାଙ୍କି ହୋଇ ଯାଇଛି । କହରା କହରା ହୋଇ ଯାଇଛି କଳା ମୁଣ୍ଡ ମୁଣ୍ଡ ବାଳ ତାଙ୍କର ତେଲ ଅଭାବରେ । ଗୋଟିଏ ଓଳା ମଠର ଅଭ୍ୟାଗତି ଅନ୍ନଖାଇ ଅବଶିଷ୍ଟ ସମୟ ଉପାସ ରହି ଶୀର୍ଣ୍ଣକାୟ ହୋଇ ଯାଇଛି କଳିଲା କଳିଲା ଦେହ ତାଙ୍କର ।

ନୂଆ ଲୋକଟିକୁ ଦେଖି ଗାଁ ବାଲାଙ୍କ ମନରେ କୌତୁହଳ ଆସି ଯାଇଥାଏ । କିଏ ତୁମେ, କେଉଁଠୁ ଆସିଛ ଇତ୍ୟାଦି ଏକ ସମୟରେ ବହୁ ପ୍ରଶ୍ନ ଲୋକଙ୍କ ମୁହଁରୁ ବାହାରି ଆସୁଥାଏ । ଏକାବେଳକେ ବହୁ ପ୍ରଶ୍ନ ପଚରା ଯିବାରୁ ସେ କୌଣସି ପ୍ରଶ୍ନର ଉତ୍ତର ନ ଦେଇ ନୀରବ ହୋଇ ବସିଥାନ୍ତି । ଶେଷରେ ସେ କ'ଣ ଭାବି ଅନେକ ଦିନରୁ ଅବଢ଼ା ଅନ୍ନକୁ ଶୁଖାଇ ରଖିଥିବା ବଡ଼ ମୁଣିଟିଏ ବାହାର କଲେ । ସେଥିରୁ କିଛି କିଛି ଉପସ୍ଥିତ ଲୋକଙ୍କ ହାତରେ ଦେଇ କହିଲେ ଏହା ହେଉଛି ମହାପ୍ରଭୁଙ୍କ ନିର୍ମାଲ୍ୟ ।

ନିର୍ମାଲ୍ୟ ନାମ ଶୁଣିଲା ମାତ୍ରେ ଲୋକେ ଆଉ ଟିକିଏ ମାଗିଲେ । କୃପଣ ନ ହୋଇ ସେ ଲୋକମାନଙ୍କ ହାତରେ ଆଉ କିଛି କିଛି ଦେଲେ । ବୁଲି ପଡ଼ିଗଲା ଗ୍ରାମରେ କେଉଁଠୁ ଲୋକଟିଏ ଆସି ନିର୍ମାଲ୍ୟ ବାଣ୍ଟୁଛି । ତା' ପାଖରେ ଅଛି ବଡ଼ ମୁଣିଟାରେ ମୁଣିଏ ନିର୍ମାଲ୍ୟ । ଯେତେଦେଲେ ବି ମୁଣିରେ ସେହିଭଳି ମୁଣିଏ ରହିଛି । ଲୋକଟା କିଛି କହୁ ନାହିଁ ସିନା; ମନେ ହେଉଛି ତା ହାତରେ ଲକ୍ଷ୍ମୀ ଅଛନ୍ତି । ଲୋକଙ୍କୁ ଦେଖି ମୁରୁକି ମୁରୁକି ହସୁଛି ଖାଲି । ସତେ ଯେପରି ସେ ସମସ୍ତଙ୍କ ଚିହ୍ନା । ଗାଁର ପିଲାମାନେ ଆସି ଘେରି ଗଲେ ତାଙ୍କୁ । ମନେ ମନେ ସେ ଭାବିଲେ । ଏ ହେଉଛି ତାଙ୍କ ଶ୍ୱଶୁର ଘର ଗାଁ । ବୁଝିଲା ଆସିଛି – ଓଡ଼ିଶାର ଗଜପତି ମହାରାଜାଙ୍କ ସାମନ୍ତ ରଜା କୃଷ୍ଣଚନ୍ଦ୍ର

ଅନ୍ନପୂର୍ଣ୍ଣାଙ୍କ ଆଖିକୁ କିନ୍ତୁ ନିଦ ନାହିଁ । ସେ ଜଗନ୍ନାଥଙ୍କ ବିଗ୍ରହଙ୍କୁ ଆଗରେ ରଖି ଆଖିରୁ ଝରାଉଥିଲେ ଲୁହ । କାନ୍ଦି କାନ୍ଦି କହୁଥିଲେ ହେ ମହାପ୍ରଭୁ! ଏ କ'ଣ କଲ? ତୁମେ କ'ଣ କାଠରେ ଗଢ଼ାବୋଲି ତୁମ ହୃଦୟ କାଠ ହୋଇଗଲା ? ଲୋକେ କ'ଣ କହିବେ ତୁମକୁ – କାଲି ସକାଳେ ତୁମ ଭକ୍ତର ଦେହ ଯେତେବେଳେ ପୋଡ଼ାହେବ, ସେହି ଚିତାକୁ ଡେଇଁପଡ଼ି ମୁଁ ମଧ୍ୟ ପୋଡ଼ି ହୋଇ ମରିବି । ଯଦି ପ୍ରକୃତରେ ତୁମେ ଅଛ ତୁମର ମହିମା କାଲି ସକାଳେ ଦେଖାଇଦିଅ । ତୁମର ଭକ୍ତ – ମୋର ସ୍ୱାମୀ ଜୀବନ ପାଇ ଉଠନ୍ତୁ ।

ଲୋକେ କହନ୍ତି ତୁମେ ଏ ଦେଶ ଜାତିର ଚିର ରକ୍ଷାକର୍ତ୍ତା । ସେଥିପାଇଁ ଓଡ଼ିଆ ଜାତି ଯେତେବେଳେ ଦେଶ ପାଇଁ ଲଢ଼େଇକରେ ତୁମେ ଦୁଇ ଭାଇ କଳା ଧଳା ଘୋଡ଼ାରେ ବସି ଶତ୍ରୁ ସଂହାର କର । ତୁମ ବିଷୟରେ କବି କିଛି ଲେଖୁଲାବେଳେ ଯଦି ତା' କଲମ ରହିଯାଏ, ତେବେ ତୁମେ ସେହି କବି ବେଶରେ ଯାଇ ଅସମ୍ପୂର୍ଣ୍ଣ କଥାକୁ ସମ୍ପୂର୍ଣ୍ଣ କରି ଆସ । ତୁମ ଗାଥା ବୋଲା ହେଉଥିବା ବେଳେ, ରତ୍ନସିଂହାସନରୁ ତୁମେ ଯାଇ ତାହା ଶୁଣିଥାଅ । ବିପଦବେଳେ କେହି ଡାକିଲେ ବଡ଼ ଧରି ତୁମେ ତାହା ପାଖରେ ଉଭା ହୁଅ । ହେ ମହାପ୍ରଭୁ! ତୁମ ଭଳି ଏଡ଼େ ବଡ଼ ଠାକୁର ଥାଇଁ ଥାଇଁ ଭକ୍ତକୁ ଖଳମାନେ ମାରିଦେବେ, ଏହା କିପରି ତୁମେ ସହି ପାରୁଛ ?

ସାରା ରାତି ଅତି କାତର ହୋଇ ଡାକୁଥାଏ ମହାପ୍ରଭୁଙ୍କୁ ଅନ୍ନପୂର୍ଣ୍ଣା । ନିଃଶବ୍ଦ ରାତି । ସମସ୍ତେ ଶୋଇ ଯାଇଥାନ୍ତି । ଏକମାତ୍ର ଅନ୍ନପୂର୍ଣ୍ଣା ବସି କାନ୍ଦୁଥାଏ । ହଠାତ୍ ଶୂନ୍ୟରୁ ଭାସି ଆସିଲା ଏକ ଗମ୍ଭୀର କଣ୍ଠ ସ୍ୱର – ଅନ୍ନପୂର୍ଣ୍ଣା ! ଥାଏ ରଘୁର ପାଖେ ପାଖେ ରହିଛୁ । ମୋର ଭକ୍ତ ରଘୁ ଅରକ୍ଷିତ ଆଉ ମୃତ ନୁହେଁ । ସେ ଜୀବନ ପାଇ ସାରିଲାଣି । ଯାହା ଘଟିଗଲା ତାହା ଲୀଳାର କଥା । ବର୍ତ୍ତମାନ ତୁ ଯାଇ ଦେଖ୍, ତୋର ସ୍ୱାମୀ ପଦ୍ମାସନରେ ବସି ମୋତେ ଧ୍ୟାନ କରୁଛି । ମୁଁ ତାକୁ ବସାଇଛି ମୋ କୋଳରେ । ତୁ ଶ୍ରୀକ୍ଷେତ୍ର ଆସିବୁ – ମୋ ସେବାରେ ନିଜକୁ ଲଗାଇ ସୁଖୀ ହେବୁ । ମୁଁ ତୁମ ଦୁହିଁଙ୍କର ଭାର ଗ୍ରହଣ କରିବି ।

ଚମକି ପଡ଼ିଲା ଅନ୍ନପୂର୍ଣ୍ଣା । ସେହି ଗମ୍ଭୀର ଶୂନ୍ୟ ବାଣୀ ଶୁଣି ସେ ପାଗଳୀଙ୍କ ଭଳି ଧାଇଁଯାଇ ଦେଖିଲା ତା'ର ସ୍ୱାମୀ ରଘୁନାଥ ନିଶ୍ଚଳ ହୋଇ ବସି ରହିଛନ୍ତି । ସେ ଘର ମହକି ଉଠୁଛି କର୍ପୂର, କସ୍ତୁରୀ ବାସରେ । ଶୂନ୍ୟରୁ ଝରି ପଡୁଛି ତାଙ୍କ ମୁଣ୍ଡ ଉପରେ ଶ୍ୱେତ–ରକ୍ତ ରଙ୍ଗର ପଦ୍ମ ପାଖୁଡ଼ା । ଶୂନ୍ୟରୁ ଭାସି ଆସୁଛି ବୀଣାର ଝଙ୍କାର ସ୍ୱର ।

ଭୁଲିଗଲା ଅନ୍ନପୂର୍ଣ୍ଣା ନିଜକୁ । ବଡ଼ ପାଟିରେ କହି ଉଠିଲା ମହାପ୍ରଭୁ! ତୁମ ମହିମା ହର ହର ବ୍ରହ୍ମାଙ୍କୁ ଅଗୋଚର । ସେଥିପାଇଁ ତୁମେ ପରଂବ୍ରହ୍ମ ନାମରେ ବିଦିତ । ତୁମେ ସେହି ଶୂନ୍ୟବ୍ରହ୍ମ – ଯେ କି ଶାସ୍ତ୍ରରେ ହାଣି ହୁଏ ନାହିଁ – ଅଗ୍ନିରେ ପୋଡ଼ି ହୁଏ ନାହିଁ – ଜଳ ମଧ୍ୟ ତାକୁ ବୁଡ଼ାଇ ଦେଇ ପାରେ ନାହିଁ ।

ସେତେବେଳକୁ ରାତି ପାହି ନ ଥାଏ । ତଥାପି ତାଙ୍କ ଜନନୀଙ୍କ ନିଦ ଭାଙ୍ଗି ଯାଇଥାଏ । ବାହାରେ ଝିଅର କଣ୍ଠ ସ୍ୱର ଶୁଣି ସେ କବାଟ ଫିଟାଇ ପଦାକୁ ଖୁଲି ଆସିଲେ । ଦେଖିଲେ ମରି ପଡ଼ିଥିବା ତାଙ୍କ ଜ୍ୱାଁଇଁ ରଘୁନାଥ ପଦ୍ମାସନରେ ନିଶ୍ଚଳ ହୋଇ ବସି ଧ୍ୟାନମଗ୍ନ । ସେ ଡାକ ପକାଇଲେ ତାଙ୍କ ସ୍ୱାମୀ ଓ ପୁଅମାନଙ୍କୁ ।


ସମସ୍ତେ ଆସି ଯାହା ଦେଖିଲେ ସେଥିରେ ନିଜ ଆଖିକୁ ସେମାନେ ବିଶ୍ୱାସ କରି ପାରିଲେ ନାହିଁ । ଶେଷରେ ସେମାନେ ବିଶ୍ୱାସ କଲେ ରଘୁନାଥ ଅକ୍ଷିତ ନୁହେଁ । ସେ ମହାପ୍ରଭୁଙ୍କର ପରମ ଭକ୍ତ । ଆପେ ଆପେ ସମସ୍ତଙ୍କ ମୁଣ୍ଡ ନଇଁଗଲା ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ – ତାଙ୍କର ଭକ୍ତ ରଘୁନାଥଙ୍କ ପାଖରେ ।

ସେତେବେଳକୁ ରାତିର ଅନ୍ଧକାର ସରି ଆସୁଥିଲା । ପୂର୍ବାକାଶ ଧୀରେ ଧୀରେ ଲାଲ୍ ରଙ୍ଗରେ ରଞ୍ଜିତ ହୋଇ ଆସୁଥିଲା । ବିଶ୍ୱ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରି ସେମାନେ ଗାଇ ଉଠିଲେ ତାଙ୍କର ସ୍ତବ ।

ବୃଦ୍ଧ ଗଙ୍ଗାଧର ଭକ୍ତି ବିହ୍ୱଳ ହୋଇ ଶ୍ରୀଜଗନ୍ନାଥଙ୍କର ଜୟ ହେଉ ବୋଲି ଉଚ୍ଚ କଣ୍ଠରେ କହି ଉଠିଲେ । ତା'ପରେ ତାଙ୍କ ପୁଅମାନେ ମହାପ୍ରଭୁ ଜଗନ୍ନାଥଙ୍କର ଜୟ ଜୟକାର ଧ୍ୱନି ଦେଇ ମୁଖର କଲେ । ଘରର ସ୍ତ୍ରୀ ଲୋକମାନେ ହୁଳହୁଳି ଦେଇ ମହାପ୍ରଭୁଙ୍କ ମଙ୍ଗଳ ସୂଚକ ଜୟ ଧ୍ୱନି ଦେଲେ ।

*(କେତେକ ଧାରଣା କରନ୍ତି ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ଆଗରେ ଦୁଇ ରାସ୍ତା ଛକ ଉପରେ ରହିଛି ରଘୁ ଅରକ୍ଷିତଙ୍କ ମଠ । ରଘୁ ଅରକ୍ଷିତ ଶେଷ ଜୀବନରେ ଏହିଠାରେ ସେବା କରି ସେ ମଠ କରି ଶ୍ରୀକ୍ଷେତ୍ରରେ ରହୁ ନଥିଲେ । ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଧାମରେ ଯେ କି ବାସ କରୁଥିଲେ ପୁରୀରେ । ରାଘବ ଦାସ ମଠ ପଛିମରୁ ଅଛିଲା ଖାଲି ଜମି । ରଘୁଦାସଙ୍କ ରଘୁ ଠାକୁରଙ୍କ ବୋଲି ଜଣାଯାଏ ।)*

ଘର ନଂ ୭୭, ଟାଇପ–୪,
ଡେଲ୍ଟା କଲୋନୀ, ଭୁବନେଶ୍ୱର–୧୨।



ଶଶୁର ଘରର ଲୋକମାନେ ରଘୁନାଥଙ୍କର ଜିନିଷତକ ଗୋଟାଇ ନେଇ ଗ୍ଭଲିଲେ । ରଘୁନାଥ ଗ୍ଭଲିଲେ ତାଙ୍କ ପଛେ ପଛେ । ଯେତେହେଲେ ସେ ହେଉଛନ୍ତି ଏ ଘରର ଜ୍ୱାଇଁ । ତେଣୁ ଧୀର ପଦକ୍ଷେପରେ ଲାଜ ଲାଜ ହୋଇ ଗ୍ଭଲିଥାନ୍ତି ସେ । ଘର ଖଞ୍ଜାରେ ପହଞ୍ଚିଲା ପରେ ତାଙ୍କର ନିତ୍ୟକର୍ମ ସାରିବାକୁ ବ୍ୟବସ୍ଥା କରାଗଲା । ଭଣ୍ଡାରୀ ଡାକି ଦାଢ଼ୀ ବାଳ କାଟି ଦିଆଗଲା । ଏଥର ତାଙ୍କୁ ଚିହ୍ନିବାରେ ଅସୁବିଧା ହେଲା ନାହିଁ ।

ଗଙ୍ଗାଧରଙ୍କ ପୁଅମାନେ ଏଥିରେ ବିରକ୍ତି ପ୍ରକାଶ କଲେ । ତାଙ୍କ ଭଉଣୀ ଅନ୍ନପୂର୍ଣ୍ଣାର ବିଭାଘର ଯେତେବେଳେ ଅନ୍ୟତ୍ର ସ୍ଥିର ହୋଇ ସାରିଛି, ସେତେବେଳେ ଅକ୍ଷିଟଟାକୁ ଘର ଭିତରକୁ ଡାକିବା କଣ ଦରକାର ? ଏ ଘରର ଜ୍ୱାଇଁ ଛିଣ୍ଡା କନ୍ଥା ଘୋଡ଼ିହୋଇ ଶୋଇବା କେଡେ ଲାଜର କଥା ? ତାକୁ ଯଦି ବାପା ଚିହ୍ନି ପାରିଲେ, ତେବେ ଘରେ ଆସି କହିଥିଲେ ସେ ଗୋଟାଏ ଚୋର ବୋଲି ଲୋକ ଲଗାଇ ମାଡ଼ ଦେଇ ଘଉଡ଼ାଇ ଦିଆହୋଇ ଥାଆନ୍ତା । ବର୍ତ୍ତମାନ ଘରକୁ ଡାକି ଆଣିବା ପରେ କ'ଣ କରାଯିବ ?

ଗଙ୍ଗାଧର କହିଲେ, ତା' ହାତରୁ ମହାପ୍ରସାଦ ପାଇଲା ପରେ ମୋର କାହିଁକି ତା ପ୍ରତି ଗୋଟାଏ ମାୟା ଆସିଗଲା । ହେଲା, ତୁମେ ସବୁ ଯଦି ଭାବୁଛ ଏଭଳି କରିବା ଅନ୍ୟାୟ, ତେବେ ତା' ପ୍ରତି ତୁମେ ଯେଉଁ ବ୍ୟବସ୍ଥା କରିବାର କଥା କର । ଦେଖ, ଲୋକ ଲଜ୍ଜା ଯେପରି ନ ହୁଏ । ଗ୍ରାମର ସମସ୍ତେ ମାହାନ୍ତି କଣିକାଏ ତା' ହାତରୁ ପାଇ ତା ସପକ୍ଷରେ ରହିଛନ୍ତି । ରାଜାଙ୍କ କୋପ ନେତ୍ରରୁ ରକ୍ଷା ପାଇବା ପାଇଁ କେହି ଅନ୍ୟ ଦେଶକୁ ଗ୍ଭଲିଯାଇ ବଞ୍ଚି ଯାଇପାରେ, ମାତ୍ର ମହାପ୍ରସାଦ ଦ୍ରୋହୀ ହୋଇ ଇନ୍ଦ୍ର, ଚନ୍ଦ୍ର ବି ରହି ପାରିବେ ନାହିଁ ।

ଭାଇମାନେ କଥାବାର୍ତ୍ତା କରି ସ୍ଥିର କଲେ ଖାଦ୍ୟରେ ତାକୁ ବିଷ ଦେଇଦେବେ । ମରିଗଲା ପରେ କହିବେ ଗୋଟାଏ ହଳଦୀ କଟ ସାପ ନାଗ ତାକୁ କାମୁଡ଼ି ଦେବାରୁ ସେ ମରିଗଲା । ଏ ବି ଭଲ ହେଲା, ସବୁ ଦିନ ପାଇଁ ଅରୁଆଟା ଦୂର ହୋଇଯିବ । ଅକ୍ଷିଟଟାଏ ତ କିଏ କାହିଁକି ବ୍ୟସ୍ତ ହେବ ତା' ପାଇଁ ? ମଲାପରେ ତାକୁ ନେଇ ପୋଡ଼ିଦେବେ ।

ଅନ୍ନପୂର୍ଣ୍ଣା ଆଢୁଆଳରେ ରହି ଭାଇମାନଙ୍କ ବିଗ୍ଭର ଶୁଣୁଥିଲେ । ସେ ଭାବିଲେ, ତାଙ୍କୁ ଏଠାକୁ ଚିଠି ଦେଇ ସେ ଡକାଇଛି । ଭାଇମାନେ ଯଦି ବିଷ ଦେଇ ମାରି ଦିଅନ୍ତି ତେବେ ପ୍ରଥମେ ତ ସେ ବିଧବା ହେବ – ତା ପରେ ସେ ଦୋଷ ଲାଗିବ ତାକୁ । ଏଥିପାଇଁ କଣ ଉପାୟ କରାଯିବ ? ଭାବି ଭାବି ସେ ସ୍ଥିର କଲେ ତାଙ୍କୁ ଏ କଥା ଜଣାଇ ଦେବା ଉଚିତ । ତେଣୁ ସେ ଶୁଖିଲା କଦଳୀ ପତ୍ରରେ ଲେଖିଲେ, ଏ ଖାଦ୍ୟରେ ବିଷ ଦିଆଯାଇଛି – ସାବଧାନ !

ବଡ଼ ଭାଉଜ ପିଠାକରି ବଢ଼ାଇ ଦେଲେ ଅନ୍ନପୂର୍ଣ୍ଣା ହାତକୁ । ସେହି ସୁଯୋଗରେ ଲେଖା ପତ୍ରଟି ଉପର ପିଠା ତଳେ ସେ ରଖିଦେଇ ପୂଜାରୀକୁ ଦେଲେ ତାଙ୍କ ସ୍ୱାମୀଙ୍କୁ ଖାଇବାକୁ ଦେବା ପାଇଁ । ପୂଜାରୀ ତାହାକୁ ନେଇ ରଘୁଙ୍କ ଆଗରେ ଥୋଇଦେଇ ଆସିଲେ । ରଘୁ ଜଗନ୍ନାଥଙ୍କୁ ପାଣି ଛଡ଼ାଇ ପିଠାରୁ ଖଣ୍ଡେ ଭାଙ୍ଗି ଦେବାରୁ ଲେଖାଟି ତାଙ୍କ ନଜରରେ ପଡ଼ିଲା । ଅକ୍ଷର ଯେ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣାଙ୍କର ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ । କିନ୍ତୁ ବର୍ତ୍ତମାନ ସେ କରିବେ କ'ଣ ? ସେହି ବିଷ ପିଠାକୁ ସେ ନିବେଦିତ କରିଦେଇ ସାରିଛନ୍ତି ମହାପ୍ରଭୁଙ୍କୁ । ମହାପ୍ରଭୁଙ୍କୁ ବିଷଦେଇ ନିଜେ ନ ଖାଇବା ଅପରାଧ । ଯାହା ହେବାର ହେଉ । ସେ ନିଜେ ତାହା ଖାଇବେ । ତେଣିକି ମହାପ୍ରଭୁଙ୍କ ଇଚ୍ଛା ଯାହା ଥିବ ତାହା ହେବ । ମହାପ୍ରଭୁଙ୍କୁ ସ୍ମରଣ କରି ରଘୁନାଥ ସେହି ପିଠାକୁ ଖାଇଲେ । ମନେ ମନେ ଜଗନ୍ନାଥଙ୍କୁ ଜଣାଇଲେ, ହେ ମହାପ୍ରଭୁ ! ତୁମେ ଯେତେବେଳେ ମୋତେ ଏଠାକୁ ଆଣିଛ, ସେତେବେଳେ ତୁମର ଦାୟିତ୍ୱ ମୋତେ ରକ୍ଷା କରିବା । ଯଦି ତୁମର ଉଦ୍ଦେଶ୍ୟ ଥିବ ରଘୁ ଅରକ୍ଷିତକୁ ଏହିଠାରେ ମାରି ଦେବା ପାଇଁ, ତେବେ ତାହାକୁ ମୁଁ ଆନନ୍ଦରେ ଗ୍ରହଣ କରୁଛି । ତୁମର ଇଚ୍ଛା ପୂର୍ଣ୍ଣ ହେଉ ମହାପ୍ରଭୁ, ଏତିକି କାମନା ।

ରଘୁନାଥ ନିବେଦିତ ସମସ୍ତ ସାମଗ୍ରୀକୁ ଗ୍ରହଣ କରିନେଲେ । ରଖିଲେ ସେ ରଖିବେ, ମାରିଲେ ସେ ମାରିବେ । ବଞ୍ଚିବା ପାଇଁ ସେ କେବେ ମହାପ୍ରଭୁଙ୍କ ଦ୍ରୋହୀ ହେବେ ନାହିଁ ।

ତାଙ୍କ ଶଳାମାନେ ଯେତେବେଳେ ଜାଣିଲେ ବିଷ ଦିଆ ହୋଇଥିବା ପିଠାତକ ସେ ଖାଇ ଦେଇଛନ୍ତି, ସେତେବେଳେ ସେମାନେ ଅପେକ୍ଷା କଲେ କ'ଣ ହେଉଛି ଜାଣିବାକୁ । ଯାହାହେଉ ଅକ୍ଷିଟଟା ମରିଗଲେ କାମ ସରିଲା । ଗୋଟାଏ ବାଉଳୁଲା ମାଗିଖିଆ ହେବ ଆମର ଭିଣୋଇ !

ଅନ୍ନପୂର୍ଣ୍ଣା ପ୍ରମାଦ ଗଣିଲେ । ସବୁ ପିଠା ଯେତେବେଳେ ସେ ଖାଇ ଦେଇଛନ୍ତି ରକ୍ଷା ପାଇବାର ଆଉ କୌଣସି ବାଟ ନାହିଁ । ହେ ମହାପ୍ରଭୁ ଜଗନ୍ନାଥ ! ତୁମେ ଏକମାତ୍ର ରକ୍ଷକ । ତୁମକୁ ଆଶ୍ରେକରି ସେ ପଡ଼ିଥିଲେ, ମୁଁ ଗୁହାଳୀ ତାଙ୍କୁ ଡକାଇ ଆଣି ମରାଇ ଦେଲି । ମୋତେ କ୍ଷମାକର ମହାପ୍ରଭୁ । ଏତିକି ମାଗୁଣି ତୁମେ ତାଙ୍କୁ ଭଲ କରିଦିଅ । ସେ ଖାଇଥିବା ବିଷ ମୋତେ ଦେଇ ଦିଅ । ମୁଁ ଆନନ୍ଦରେ ତାହା ଗ୍ରହଣ କରିବି ।

ରଘୁନାଥ ପିଠା ଖାଇସାରି ଖଟ ଉପରେ ବସିଲେ । ମନ ତାଙ୍କର ନୀଳଗିରିର ସେହି ପଥର ଦେଉଳ ମଧ୍ୟରେ ଥାଏ । ମନ ଆଖି ଆଗରେ ଛିଡ଼ା ହୋଇଥାନ୍ତି ମହାପ୍ରଭୁ ବାହୁ ବିସ୍ତାର କରି, ସେ ମନେ ମନେ କହୁଥାନ୍ତି, ବିଷ ପିଠା ଖାଇ ମୁଁ ମରି ଯିବାକୁ ପ୍ରସ୍ତୁତ ମହାପ୍ରଭୁ । କିନ୍ତୁ ତୁମର କିଛି ନ ହେଉ । ତୁମେ ସୁସ୍ଥ ରୁହ । ଏତିକି ମୋର ମିନତି ।

ପିଠା କଲାବେଳେ ବିଷ ପୁଡ଼ିଆରୁ ମାତ୍ର ଅଳ୍ପ ବିଷ ପିଠାରେ ମିଶାଇ ଦିଆଯାଇଥିଲା । ତେଣୁ ରଘୁନାଥଙ୍କ ବିଷ ଜ୍ୱାଳା ଟିକିଏ ଡେରିରେ ଘାରିଲା । ସେ ଆଉ ଦ୍ୱିପହରରେ କିଛି ଖାଇଲେ ନାହିଁ । ବିଷ ଜ୍ୱାଳାରେ ସେ ଅତିଷ୍ଠ ହୋଇ ପଡ଼ିଲେ ମଧ୍ୟ ବାହାରକୁ ତା'ର ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ ସେହିଭଳି । କିନ୍ତୁ ସଞ୍ଜ ହେଉ ନହେଉଣୁ ସେ ନିଜକୁ ଆଉ ସମ୍ଭାଳି ରଖି ପାରିଲେ ନାହିଁ । ସେ ବାନ୍ତେଇ ପିଚ୍ଚି ହୋଇ କିଛି ସମୟ ଗତ କଲା ପରେ ତାଙ୍କ ଅସ୍ଥିର ଦେହଟି ନିଥର ହୋଇ ପଡ଼ିଲା । ସଙ୍ଗେ ସଙ୍ଗେ ସମସ୍ତେ ଜାଣିଗଲେ ସେ ମରି ଗଲେଣି ବୋଲି । ସେହି ରାତିରେ ତାଙ୍କୁ ସଂସ୍କାର କରି ଦେବା ପାଇଁ ରଘୁନାଥଙ୍କର ଦୁଇ ଶଳା କହିଲାବେଳେ ଅନ୍ୟ ଭାଇମାନେ କହିଲେ ନା କାଲି ସକାଳୁ ମଶାଣିରେ ନେଇ ପୋଡ଼ି ଦେବା । ଶେଷରେ ସ୍ଥିର ହେଲା ସକାଳୁ ତାଙ୍କ ମୃତ ଦେହକୁ ଶ୍ମଶାନ ନେବା ପାଇଁ । ତେଣୁ ସେ ଘରେ ଦୀପଟିଏ ଜାଳି ଦେଇ ନିଶ୍ଚିନ୍ତରେ ଶୋଇଗଲେ ।

ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ଏହାକୁ ସାର୍ଥକ ରୂପରେଖ ପ୍ରଦାନ କରିଛି । ସନାତନ ଭାଗବତ ଧର୍ମର ମୂଳ ଦେବତା ଭଗବାନ । ଭଗବାନଙ୍କ ପ୍ରତିକଳ୍ପ ଅର୍ଥାତ୍ ଅମୂର୍ତ୍ତ ବ୍ରହ୍ମର ପ୍ରମୂର୍ତ୍ତ ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ଅନାଦି, ସେ ସମସ୍ତଙ୍କର ଆଦି । ଶ୍ରୀନୀଳମାଧବ ଓ ଶ୍ରୀଜଗନ୍ନାଥଙ୍କୁ ଦେବତାମାନେ ସ୍ୱର୍ଗରୁ ଅବତରଣ କରି ନୀଳଶୈଳୋପରି ଉପାସନା କରୁଥିବାର ବିବରଣୀ ପୁରାଣରୁ ମିଳିଥାଏ । ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ଯେ ପ୍ରତିଷ୍ଠିତ ହୋଇ ଅଛନ୍ତି ଏଥିରେ ଦ୍ୱିଧା ନାହିଁ । ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ପ୍ରାଚୀନତମ ସଂସ୍କୃତି ହେବା ସମୀଚୀନ ।

ମହାରାଜ ଇନ୍ଦ୍ରଦ୍ୟୁମ୍ନ, ଭୁଷଣ୍ଡକାକ, ନାଡ଼ିଜଙ୍ଘବକ ଓ ଅକୁପାର କଚ୍ଛପ ପ୍ରତ୍ୟେକେ ଶ୍ରୀଜଗନ୍ନାଥଙ୍କ ଉନ୍ମେଷ ଓ କ୍ରମ–ବିବର୍ତ୍ତନର ମୂକ ସାକ୍ଷୀ । କିମ୍ବଦନ୍ତୀର ଏହି ଚରିତ୍ରମାନଙ୍କ ସମୟ ନିରୂପଣ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ କାଳ ନିର୍ଣ୍ଣୟ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ପାଶ୍ଚାତ୍ୟ ବିଶେଷଜ୍ଞ ହରମ୍ୟାନ୍ କୁଲ୍କେ ଶ୍ରୀଜଗନ୍ନାଥଙ୍କୁ ଦ୍ୱାଦଶ ଶତାବ୍ଦୀର ଦେବତା ବୋଲି ପ୍ରମାଣ କରିଥିବା ସ୍ଥଳେ ସମ୍ବଳର ବୌଦ୍ଧରାଜା ଇନ୍ଦ୍ରଭୂତି ପ୍ରଣୀତ 'ଜ୍ଞାନ ସିଦ୍ଧି' ଗ୍ରନ୍ଥରେ ଶ୍ରୀଜଗନ୍ନାଥ ଶବ୍ଦ ସର୍ବ ପ୍ରଥମେ ବ୍ୟବହୃତ ହୋଇଥିବାର ଯୁକ୍ତି ବାଢ଼ି ଲୋକମାନେ ଶ୍ରୀଜୀଉଙ୍କୁ ଅଷ୍ଟମ ଶତାବ୍ଦୀ ପୂର୍ବର ଦେବତା ବୋଲି ମତବ୍ୟକ୍ତ କରିଥାନ୍ତି । କରାଚି ସଂଗ୍ରହାଳୟରେ ସଂରକ୍ଷିତ ଏକ ଫଳକରେ ଉତ୍କୀର୍ଣ୍ଣ ଶ୍ରୀବିଗ୍ରହତ୍ରୟ କୁଶାଣ ଯୁଗୀୟ ଅର୍ଥାତ୍ ଏହା ପ୍ରଥମ ଶତାବ୍ଦୀର ଭାସ୍କର୍ଯ୍ୟ ବୋଲି ଐତିହାସିକମାନଙ୍କର ଅଭିମତ । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମୟକୁ ଶ୍ରୀଜଗନ୍ନାଥଙ୍କ ସମଗ୍ର ଏସିଆ ମହାଦେଶରେ ପରିବ୍ୟାପ୍ତ ହୋଇଥିଲା ବୋଲି ଫରାସୀ ଐତିହାସିକ ସିଲ୍‌ଭାନ୍ ଲେଭି ଓ ଋଷିଆର ବିଶିଷ୍ଟ ଲେଖକ ନିକୋଲାସ୍ ନତୋଭିଚ୍ ସେମାନଙ୍କ ଗ୍ରନ୍ଥରେ ସୂଚନା ପ୍ରଦାନ କରିଛନ୍ତି । ଋକ୍‌ବେଦ ସଂହିତୋକ୍ତ ଦାରୁ ଦେବତା ମନ୍ତ୍ରଟି ଖ୍ରୀ:ପୂ: ୭୦୦୦ ମସିହା ପୂର୍ବର ବୋଲି ଡଃ ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁ ଦେବତା'ରେ ଉଲ୍ଲେଖ କରିଛନ୍ତି । ପ୍ରଥମ ଶ୍ରୀମନ୍ଦିର ଆଜକୁ ପ୍ରାୟ ୫,୦୦୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା ବୋଲି କତିପୟ ଐତିହାସିକ ପ୍ରମାଣିତ କରିଛନ୍ତି । ତତ୍ପରେ ଯଥାକ୍ରମେ ଶ୍ୱେତଗଙ୍ଗ ଦେବ ଓ ଯଯାତି କେଶରୀଙ୍କ କର୍ତ୍ତୃକ ପରବର୍ତ୍ତୀ ମନ୍ଦିର ନିର୍ମିତ ହୋଇ ଶ୍ରୀଜଗନ୍ନାଥ ଉପାସନା ଅବ୍ୟାହତ ରହିଛି । ସମ୍ପ୍ରତି ଯେଉଁ ଶ୍ରୀମନ୍ଦିର ଆମର ଦୃଷ୍ଟିଗୋଚର ହେଉଛି, ତାହା ଅନଙ୍ଗଭୀମ ଦେବଙ୍କ ଦ୍ୱାରା ୧୧୧୨ ଖ୍ରୀଷ୍ଟାବ୍ଦରେ ନିର୍ମିତ । ଖ୍ରୀ: ପୂ: ୪ର୍ଥ ଶତାବ୍ଦୀରେ ରଚିତ 'ମହାଭାରତ'ର ବନପର୍ବ ଅନ୍ତର୍ଗତ ୧୧୪ ଅଧ୍ୟାୟରେ ସମୁଦ୍ର ତଟୋଚ୍ଛିତ ମହାବେଦୀ ହିଁ ଶ୍ରୀଜଗନ୍ନାଥଙ୍କ ସିଂହାସନ ରତ୍ନବେଦୀ ବୋଲି ଏମ୍: ଏମ୍: ଗାଙ୍ଗୁଲି ମତବ୍ୟକ୍ତ କରିଛନ୍ତି । ତତ୍କାଳରେ ପ୍ରୋକ୍ତ ମହାବେଦୀ ଆଧ୍ୟାତ୍ମିକ ପ୍ରାଧାନ୍ୟ ତଥା ମହତ୍ତ୍ୱ ପରିପ୍ରେକ୍ଷୀରେ ବିଶ୍ୱ ପ୍ରସିଦ୍ଧି ଅର୍ଜନ କରିଥିଲା । ତେଣୁ ଖ୍ରୀଷ୍ଟପୂର୍ବ ୪ର୍ଥ ଶତକରୁ ଶ୍ରୀଜଗନ୍ନାଥ ଚେତନା ବିଧିବଦ୍ଧ ଭାବରେ ପ୍ରତିଷ୍ଠା ଲାଭ କରିଥିଲା ବୋଲି ଐତିହାସିକ ବିବରଣୀରୁ ଜଣାଯାଇଥାଏ । 'ମହାଭାରତ'ର ପୂର୍ବବର୍ତ୍ତୀ ରଚନା ବାଲ୍ମୀକି ରାମାୟଣ ଉତ୍ତରା କାଣ୍ଡର ୧୦୮ ତମ ସର୍ଗ ୨୯ ଶ୍ଲୋକ ଯଥା– "ଆରାଧୟ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍"ରେ ଇକ୍ଷ୍ୱାକୁ ବଂଶର କୁଳଦେବତା ଶ୍ରୀଜଗନ୍ନାଥଙ୍କୁ ସେବା କରିବା ନିମିତ୍ତ ରଘୁକୁଳ ତିଳକ ରାମଚନ୍ଦ୍ର ଭକ୍ତଶ୍ରେଷ୍ଠ ବିଭୀଷଣଙ୍କୁ ପରାମର୍ଶ ଦେଇଛନ୍ତି । ଅର୍ଥାତ ରାମଚନ୍ଦ୍ର ଅବତାର ଲୀଳା ସମୟକୁ ଶ୍ରୀଜଗନ୍ନାଥ ପ୍ରସିଦ୍ଧି ଲାଭ କରି ସାରିଥିଲେ । କପିଳେଶ୍ୱର ଗଜପତିଙ୍କ ତମ୍ବାପଟ୍ଟା ସନନ୍ଦରେ ଶ୍ରୀଜଗନ୍ନାଥଙ୍କୁ ବେଦ ତଥା ଶ୍ରୁତ୍ୟନ୍ତ ବୋଲି ବର୍ଣ୍ଣିତ ଅଛି । ଖ୍ରୀଷ୍ଟ ଜନ୍ମର ପ୍ରାୟ ୩୦୦୦ ବର୍ଷ ପୂର୍ବେ ଲିଖିତ ପୃଥିବୀର ସର୍ବ ପ୍ରାଚୀନ ଧର୍ମଗ୍ରନ୍ଥ ଋକ୍‌ବେଦର ୧୦ମ ମଣ୍ଡଳ ୧୫୫ ତମ ସୂକ୍ତ ୩ୟ ମନ୍ତ୍ର ଯଥା–

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋପାରେ ଅପୁରୁଷମ୍
ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।"

ଉପର୍ଯ୍ୟୁକ୍ତ ମନ୍ତ୍ରରେ ଶ୍ରୀଜଗନ୍ନାଥ ଦାରୁ ମୂର୍ତ୍ତି ଉପାସନା ସମ୍ପର୍କ ଅବତାରଣା କରାଯାଇଛି । ଋକ୍‌ବେଦରେ ଶ୍ରୀଜଗନ୍ନାଥଙ୍କ ନାମ ପ୍ରତ୍ୟକ୍ଷଭାବେ ସନ୍ନିବିଷ୍ଟ ହୋଇ ନଥିବାରୁ ଅନେକେ ଶ୍ରୀଜଗନ୍ନାଥଙ୍କୁ ପ୍ରାକ୍‌ବୈଦିକ ଦେବତା ରୂପେ ସ୍ୱୀକାର କରିବାକୁ ଅସମ୍ମତି ପ୍ରକାଶ କରିଥାନ୍ତି । ବେଦରେ ମୂର୍ତ୍ତି ପୂଜାର ବ୍ୟବସ୍ଥା ନାହିଁ । ମାତ୍ର ସଙ୍କେତ ପୂଜାର ଆଭାସ ବେଦରୁ ମିଳିଥାଏ । ତାହାରୁ ଶ୍ରୀଜଗନ୍ନାଥଙ୍କ ସଙ୍କେତଧର୍ମୀ ଦାରୁମୂର୍ତ୍ତି ନିଶ୍ଚିତ ରୂପେ ସେତେବେଳେ ସ୍ୱୀକୃତ ଲାଭ କରିଥିଲା । ସୁଦୂର ଅତୀତରେ ଯେତେବେଳେ ଆର୍ଯ୍ୟମାନେ ବସତି ସ୍ଥାପନ ନିମନ୍ତେ କାଶ୍ପିୟାନ ହ୍ରଦ କୂଳରୁ ଆସି ଗିରିବର୍ତ୍ମ ଦେଇ ଏ ଦେଶରେ ପ୍ରବେଶ କରି ହିନ୍ଦୁ ସଂସ୍କୃତିର ଭିତ୍ତି ସ୍ଥାପନ କଲେ, ବେଦ ରଚନା କଲେ ତାହାର ଯଥେଷ୍ଟ ପୂର୍ବରୁ ଓଡ଼ିଶାର ସରଳ, ନିରକ୍ଷର ଆଦିମ ଅଧିବାସୀ ଶବରମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ବେଶ୍ ଆଦୃତ ହୋଇ ସାରିଥିଲେ । ବେଦର ମନ୍ତ୍ରାବଳୀ ଯେତେବେଳେ ଅଶ୍ରୁତ କିମ୍ବା ଅକଥିତ ଥିଲା ଆର୍ଯ୍ୟେତରମାନଙ୍କ ନିମିତ୍ତ ବେଦ ଶୁଣିବା କିମ୍ବା ବେଦ କହିବା ନିଷିଦ୍ଧ ଥିଲା, ଏପରି କଲେ ଯଥାକ୍ରମେ ସେମାନଙ୍କ କାନରେ ତପ୍ତ ସୀସା ଢାଳି ଦିଆଯାଉଥିଲା କିମ୍ବା ଜିଭ କାଟି ଦିଆଯାଉଥିଲା । ସେପରି ସ୍ଥଳେ ଅନାର୍ଯ୍ୟ ସେବିତ ସଙ୍କେତଧର୍ମୀ ଶ୍ରୀଜଗନ୍ନାଥଙ୍କ ନାମ ବେଦରେ ସ୍ଥାନିତ ହୋଇଥାନ୍ତା କିପରି ? ସେହିପରି ମହେଞ୍ଜୋଦାରୋ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖନନରୁ ଆବିଷ୍କୃତ ଷୋଡ଼ଶ ଫଳକର ୧୮ ଓ ୧୯ କ୍ରମାଙ୍କ ବିଶିଷ୍ଟ ଚିତ୍ର ଶ୍ରୀଜଗନ୍ନାଥଙ୍କ ସାଦୃଶ୍ୟ ବହନ କରିଥିବାରୁ ପ୍ରାକ୍‌ବୈଦିକ ଯୁଗରେ ଭାରତୀୟ ଜନମାନସରେ ଶ୍ରୀଜଗନ୍ନାଥ ଉପାସନା ନିଶ୍ଚିତ ରୂପେ ସ୍ୱୀକୃତ ତଥା ବିସ୍ତୃତି ଲାଭ କରି ସାରିଥିଲା । ସେତେବେଳେ ଯୁଗରେ ଯଦି ଶ୍ରୀଜଗନ୍ନାଥ ମୂର୍ତ୍ତି ପରିକଳ୍ପନାର ସୃଷ୍ଟି ହୋଇଥାନ୍ତା, ଶ୍ରୀଜଗନ୍ନାଥ ପ୍ରତୀକଧର୍ମୀ ନହୋଇ ନିଶ୍ଚିତ ରାମ କୃଷ୍ଣ କିମ୍ବା ଶିବଙ୍କ ସଦୃଶ କମନୀୟ କଳେବର ଧାରଣ କରିଥାନ୍ତେ । ସମସାମୟିକ ୟୁରୋପୀୟ ବେବିଲୋନ୍ ସଭ୍ୟତାର ଆଦିମ ମୂର୍ତ୍ତିମାନଙ୍କରେ ଆକୃତିଗତ ବିଲକ୍ଷଣ ସାମଞ୍ଜସ୍ୟ ଲକ୍ଷ୍ୟ ହୋଇଥାଏ । ଏହି ମୂର୍ତ୍ତିମାନଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରୁଥିବା ଶ୍ରୀଜଗନ୍ନାଥ ମୂର୍ତ୍ତି ପରିକଳ୍ପନାରୁ ସ୍ପଷ୍ଟ ସୂଚନା ମିଳେ ଯେ ଉପାସନା ପରମ୍ପରାରେ ପୂର୍ଣ୍ଣାବୟବ ବିଶିଷ୍ଟ ମୂର୍ତ୍ତି ପ୍ରଚଳନ ପୂର୍ବ କାଳରେ ଶ୍ରୀଜଗନ୍ନାଥ ଉପାସନା ପ୍ରଚଳିତ ହୋଇ ସାରିଥିଲା । ଅତଏବ ଶ୍ରୀଜଗନ୍ନାଥ ସଂସ୍କୃତି ଇତିହାସ, ପୁରାଣ ପର୍ଯ୍ୟନ୍ତ ବେଦର ଯେ ଅଗ୍ରଜ ଏହା କେହି ଅସ୍ୱୀକାର କରିବେ ନାହିଁ ।

ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟୂନ ୫୦୦୦ ବର୍ଷ ବ୍ୟାପୀ ନିରବଚ୍ଛିନ୍ନ ଇତିହାସ ଅନ୍ୟ କୌଣସି ଉପାସନା ପରମ୍ପରାର ରହିଛି ବୋଲି ମନେ ହୁଏ ନାହିଁ । ମିଶର, ୟୁନାନୀ, ରୋମ ପ୍ରଭୃତି ପ୍ରାଚୀନ ସଂସ୍କୃତି ଆଜି ଅବଲୁପ୍ତ ହୋଇଥିବା ସ୍ଥଳେ ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ନାନା ପ୍ରତିଘାତ ଅତିକ୍ରମ କରି ଆଜି ଶ୍ରୀଜଗନ୍ନାଥ ସଂସ୍କୃତି ତିଷ୍ଠି ରହିଛି ।

ଗବେଷକ (ଶ୍ରୀଜଗନ୍ନାଥ ସଂସ୍କୃତି),
ନୂଆସାହି, ଭଟିପୁର, ଭୁବନେଶ୍ୱର–୨ ।

OGP-MP-PTS (I&PR) 5-10,000-8-6-1993

# ଜଗନ୍ନାଥ ଉପାସନାର ପ୍ରାଚୀନତା

* ପଙ୍କଜ ସାହୁ

ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ପ୍ରାଚୀନତମ ସଂସ୍କୃତି ହେଲେ ହେଁ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତ୍ୱ ଅଦ୍ୟାବଧି ନିର୍ଣ୍ଣିତ ହୋଇପାରି ନାହିଁ। ଶ୍ରୀଜଗନ୍ନାଥ ଉପାସନାର ଉନ୍ମେଷ ସମ୍ପର୍କରେ ଅନେକ ବିବଦମାନ ମତ ବିଭିନ୍ନ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି । ସେହି ସବୁ ତଥ୍ୟାନୁଶୀଳନ ପୂର୍ବକ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାଚୀନତା ସମ୍ପର୍କରେ ନିମ୍ନରେ ଆଲୋକପାତ କରାଗଲା ।

'ସ୍କନ୍ଦ ପୁରାଣ' ଉତ୍କଳ ଖଣ୍ଡରେ ବ୍ରହ୍ମା ଦେବତାମାନଙ୍କୁ ସୂଚନା ଦେଇ କହିଛନ୍ତି– "ହେ ଦେବବୃନ୍ଦ! ଶ୍ରୀଜଗନ୍ନାଥ ନୀଳକାନ୍ତ ମଣିମୟ ଶରୀରରେ ଆବିର୍ଭୂତ ହୋଇ ମୋର ପୂର୍ବ ପରାର୍ଦ୍ଧ କାଳରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥାନ କରୁଛନ୍ତି । ଆଜି ମୋର ଜୀବନ ପର୍ଯ୍ୟାୟର ଦ୍ୱିତୀୟ ପରାର୍ଦ୍ଧ କାଳର ପ୍ରଥମ ଦିବସ । ଅଦ୍ୟ ପ୍ରତ୍ୟୁଷରୁ ଶ୍ୱେତ ବରାହ କଳ୍ପରେ ସ୍ୱାୟମ୍ଭୁବ ମନୁ ପ୍ରବର୍ତ୍ତିତ ହୋଇଛନ୍ତି । ଏତାଦୃଶ ପୁଣ୍ୟ ତିଥିରେ ଶ୍ରୀଜଗନ୍ନାଥ ଦାରବ ମୂର୍ତ୍ତି ରୂପେ ଅଧିଷ୍ଠିତ ହୋଇ ମୋର ପରମାୟୁ ଶେଷ ପର୍ଯ୍ୟନ୍ତ ଏହି ପୁଣ୍ୟ ପୀଠରେ ଅବସ୍ଥାନ କରିବେ ।" ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପରମାୟୁ ଅବଧାରଣା ନିମିତ୍ତ ନିମ୍ନ ଉକ୍ତିଟିକୁ ପ୍ରାମାଣିକ ତଥ୍ୟ ରୂପେ ଅନୁଶୀଳନ କରାଯାଇପାରେ ।

"ଚତୁର୍ଯୁଗଂ ମହାଯୁଗଂ ଯୁଗମେକଷ୍ଟରି ମନୁଃ ।
ମନୁସହସ୍ରଂ ଚତୁର୍ଦ୍ଦଶା କଳ୍ପେ କଲ୍ପ ଚତୁର୍ଦ୍ଦଶା ବୃଣେ ।
ବୃଣମେକାଦଶାନନ୍ଦେ ଶତଚନ୍ଦ୍ର ମହେଶ୍ୱରଃ ।
ମହେଶ୍ୱର ଶତବର୍ଷାଣି ବ୍ରହ୍ମଣା ଦିନମୁଚ୍ୟତେ ।"

ଗଣନା ଦ୍ୱାରା ସ୍ଥିର କରାଯାଇଛି ଯେ, ବ୍ରହ୍ମାଙ୍କର ଏକ ଦିବସର ପରିମାଣ ୪,୩୨,୦୦,୦୦,୦୦୦ ମାନବ ବର୍ଷ । ଏହିପରି ୩୬୦ ବ୍ରାହ୍ମ ଦିବସରେ ଏକ ବ୍ରାହ୍ମ ବର୍ଷ ହୋଇଥାଏ । ଏତାଦୃଶ ୫୦ ବର୍ଷ ସମୟକୁ ବ୍ରହ୍ମାଙ୍କ ପୂର୍ବ ପରାର୍ଦ୍ଧ ଓ ତତ୍ ପରବର୍ତ୍ତୀ ୫୦ ବର୍ଷ ସମୟକୁ ତାଙ୍କ ଦ୍ୱିତୀୟ ପରାର୍ଦ୍ଧ କୁହାଯାଇଥାଏ । ତେଣୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ କେତେ ଯୁଗ ଧରି ଅବସ୍ଥାନ କରୁଛନ୍ତି, ତାହାର ଗାଣିତିକ ସମାଧାନ ନିର୍ଣ୍ଣୟ କରିବା ନିଶ୍ଚିତ ଭାବେ ଅସମ୍ଭବ । ପୁନଶ୍ଚ–

"ବୈଶାଖସ୍ୟାମଳେ ପକ୍ଷେ ତ୍ୱଷ୍ଟମ୍ୟା ପୁଷ୍ୟା ଯୋଗତଃ
ଗୁରୁ ପ୍ରତିଷ୍ଠା ତୋ ବିପ୍ରାଃ ଶୋଭନେ ଗୁରୁବାସରେ
ଦିନଂ ସୁ ମହତ୍ପୁଣ୍ୟଂ ସର୍ବପାପ ପ୍ରଣାଶନମ୍ ।"

ଶ୍ୱେତ ବରାହ କଳ୍ପର ଦ୍ୱିତୀୟ ମନୁ ସ୍ୱାରୋଚିଷଙ୍କ ପ୍ରଥମ ସତ୍ୟ ଯୁଗର ଦ୍ୱିତୀୟ ପରାର୍ଦ୍ଧରେ ପୁଷ୍ୟା ନକ୍ଷତ୍ର ଯୁକ୍ତ ବୈଶାଖ ଶୁକ୍ଳାଷ୍ଟମୀ ଗୁରୁବାର ଦିନ ବେଦପତି ବ୍ରହ୍ମା ଶ୍ରୀଜଗନ୍ନାଥଙ୍କ ଦାରବ ମୂର୍ତ୍ତି ନୀଳଶୈଳୋ ପରି ଶ୍ରୀମନ୍ଦିରରେ ପ୍ରତିଷ୍ଠା କରିଥିଲେ । ତତ୍ ପୂର୍ବରୁ ଶବରରାଜ ବିଶ୍ୱାବସୁ ନୀଳକନ୍ଦରରେ ଶ୍ରୀନୀଳମାଧବଙ୍କୁ ଓ ଜରାଶବର କାଳେବର ଅରଣ୍ୟରେ ଶ୍ରୀଶବରୀ ନାରାୟଣଙ୍କୁ ଉପାସନା କରୁଥିବା ବିବରଣୀ ପୁରାଣ ପୃଷ୍ଠାରେ ଲିପିବଦ୍ଧ ହୋଇଛି । ଶ୍ରୀଶବରୀ ନାରାୟଣ, ଶ୍ରୀନୀଳମାଧବ ଓ ଶ୍ରୀଜଗନ୍ନାଥ ସମସ୍ତେ ଏକ ଓ ଗୋଟିଏ ଦେବତାର ସମୟାନୁକ୍ରମିକ ପରିବର୍ତ୍ତିତ ସଂସ୍କରଣ ମାତ୍ର । ଏହି ପରିପ୍ରେକ୍ଷୀରେ 'ନିଗମାନ୍ତ ଦର୍ପଣ'ରେ ବର୍ଣ୍ଣିତ ଅଛି ଯେ–

"ଯଃ ପୂର୍ବଂ ପରାର୍ଦ୍ଧକେସ୍ମିବସତି ଶ୍ରୀମାଧବାଖ୍ୟାଂ ଦଧତ୍ ।
ଗୁପ୍ତଃ କୁପଃ ମହେନ୍ଦ୍ରନୀଳ ତନୁରୁଢଂ ନୀଳାଚଳାଗ୍ର ସ୍ଥଳେ ॥
ଦ୍ୱିତୀୟେକ ପରାର୍ଦ୍ଧକେ ଇଦଂ ଜନାନୁଗ୍ରହକାମଃ ସ୍ମୃତମ୍ ।
ଧତେ ଦାରବଧାମ୍ ମାଧବ ତୁ ମାକାନ୍ତ ସଃ ସନ୍ତାପତଃ ॥"
୧/୫୫

ଅର୍ଥାତ୍ ସୃଷ୍ଟିର ପ୍ରଥମ ପାଦ୍ମ ପରାର୍ଦ୍ଧରେ ଶ୍ରୀଜଗନ୍ନାଥ ନୀଳାଚଳର ନୀଳ କନ୍ଦରରେ ନୀଳମାଧବ ନାମରେ ଗୁପ୍ତରେ ଅବସ୍ଥାନ କରୁଥିଲେ । ସୃଷ୍ଟିର ଦ୍ୱିତୀୟ ବରାହ ପରାର୍ଦ୍ଧରୁ ପତିତ ଉଦ୍ଧାର ନିମିତ୍ତ ଶ୍ରୀଜୀଉ ଦାରୁବ୍ରହ୍ମ ରୂପ ପରିଗ୍ରହ କରି ନୀଳଚକ୍ର ଶୋଭିତ ଶ୍ରୀମନ୍ଦିରରେ ଯୁଗ ଯୁଗ ଧରି ବିରାଜମାନ କରି ଆସୁଛନ୍ତି । ଏତାଦୃଶ ବିଭିନ୍ନ ପୌରାଣିକ ଆଖ୍ୟାୟିକା ଉପରେ ଭିତ୍ତି କରି ପଣ୍ଡିତ ସଦାଶିବ ରଥଶର୍ମା ୧୯୭୯ ମସିହା ଫେବ୍ରୁଆରୀ ମାସ ୨୦ ତାରିଖ ଦୈନିକ ସମାଜରେ ମତବ୍ୟକ୍ତ କରିଛନ୍ତି ଯେ, ଆଜକୁ ପ୍ରାୟ ୨୬୬ କୋଟି ବର୍ଷ ପୂର୍ବରୁ ଶ୍ରୀଜଗନ୍ନାଥ ଚେତନାର ଉଦ୍ଭବ ହୋଇଛି । ମାତ୍ର ୨୦ ଲକ୍ଷ ବର୍ଷ ପୂର୍ବେ ମାନବ ଜାତିର ସୃଷ୍ଟି ବୋଲି ବୈଜ୍ଞାନିକମାନଙ୍କ ମତ । ତେବେ ଶ୍ରୀଜଗନ୍ନାଥ ସଂସ୍କୃତିର ଅଭ୍ୟୁଦୟ କ'ଣ ମାନବ ସଭ୍ୟତାର ଉନ୍ମେଷ ପୂର୍ବରୁ ? ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱର ପ୍ରାଚୀନତମ ସଂସ୍କୃତି ରୂପେ ପ୍ରତିପାଦନ କରିବା ନିମିତ୍ତ ପୁରାଣମାନଙ୍କରେ ଅତିରଞ୍ଜନର ପ୍ରଭାବ ଉପଲବ୍ଧ ହୋଇଥାଏ ।

ଅନ୍ୟ କେତେକଙ୍କ ମତରେ ସନାତନ ହିନ୍ଦୁ ସଂସ୍କୃତି ହେଉଛି ବେଦମୂଳା । ବେଦ ସଦୃଶ ହିନ୍ଦୁ ସଂସ୍କୃତି ଅପୌରୁଷେୟ ଅର୍ଥାତ୍ ମାନବର ସହଜାତ । ଶ୍ରୀଜଗନ୍ନାଥ ଅଜ ଓ ସ୍ୱୟଂ ସୃଷ୍ଟ ହେତୁ ତାଙ୍କୁ ଉପଜୀବ୍ୟ କରି ଯେଉଁ ସଂସ୍କୃତି ପରିପୁଷ୍ଟ ହୋଇଛି ତାହା ହିଁ ହିନ୍ଦୁ ସଂସ୍କୃତି । ହିନ୍ଦୁ ଧର୍ମ ନାମରେ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ନଥିଲା । ଶାଶ୍ୱତ, ସନାତନ, ବିଶ୍ୱଜନୀନ ଓ ମାନବିକ ଧର୍ମ

Vol. XLIX No. 11 UTKAL PRASANGA Regd. No. O-BN-05/90
Licence No. C.R.N.P. 5—Licensed to post without Pre-Payment



ସୂଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୪୮ତମ ବାର୍ଷିକ ଅଧିବେଶନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଚରଣ ଜେନା ଓ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ (ବାଁ/ଡା) ।


PRINTED AT ORISSA GOVERNMENT PRESS, CUTTACK-10




ନୂତନ ଭାବେ ନିର୍ମିତ ହୋଇଥିବା ଚୌଦ୍ୱାର ନଗର ପାଳିକା ଭବନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୨୩/୭)।



ସୂଚନା ଭବନଠାରେ ଅନୁଷ୍ଠିତ ଶାସ୍ତ୍ରୀୟ ନୃତ୍ୟୋତ୍ସବକୁ ସଂସ୍କୃତି ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଉଦ୍‌ଘାଟନ କରୁଛନ୍ତି (୨୪/୭)।




# ଉତ୍କଳ ପ୍ରସଙ୍ଗ